ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ଅନୁମୋଦିତ
ନୂତନ ପାଠ୍ୟକ୍ରମ ୨୦୧୬-୧୮ ଅନୁଯାୟୀ ଲିଖିତ

# ସାହିତ୍ୟ ଜ୍ୟୋତି

## ଦ୍ୱାଦଶ ଶ୍ରେଣୀ

ପତ୍ର ବିନିମୟ ପାଠ୍ୟକ୍ରମ
ଆଧୁନିକ ଭାରତୀୟ ଭାଷା (ବାଧ୍ୟତା ମୂଳକ) ଓଡ଼ିଆ
କଳା ଓ ବାଣିଜ୍ୟ ସ୍ରୋତ ନିମନ୍ତେ

ପ୍ରକାଶକ
ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର
COUNCIL OF HIGHER SECONDARY EDUCATION ODISHA,
BHUBANESWAR
2017

# ସାହିତ୍ୟ ଜ୍ୟୋତି

## ଦ୍ୱାଦଶ ଶ୍ରେଣୀ

ପତ୍ର ବିନିମୟ ପାଠ୍ୟକ୍ରମ

ଆଧୁନିକ ଭାରତୀୟ ଭାଷା (ବାଧ୍ୟତା ମୂଳକ) ଓଡ଼ିଆ

କଳା ଓ ବାଣିଜ୍ୟ ସ୍ରୋତ ନିମନ୍ତେ

ଆଲୋଚକ

ଡଃ ଗଙ୍ଗାଧର ସାମନ୍ତରାୟ

ପ୍ରାଧ୍ୟାପକ ଓଡ଼ିଆ, ଅଧ୍ୟକ୍ଷ ବିଜୟଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ

ସମାଗୋଳ ଶାସନ, କୁଜଙ୍ଗ

ଡଃ ରଞ୍ଜିତ କୁମାର ପରିଡ଼ା

ସହକାରୀ ପ୍ରଫେସର ଓଡ଼ିଆ

ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ

ସମୀକ୍ଷକ

ଡଃ ପ୍ରଦୀପ୍ତ କୁମାର ପଣ୍ଡା

ସହଯୋଗୀ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଓଡ଼ିଆ,

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ପ୍ରକାଶକ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର

ପୁସ୍ତକ ଭବନ, ଭୁବନେଶ୍ୱର

# ମୁଖବନ୍ଧ

୨୦୧୬-୧୮ ଶିକ୍ଷାବର୍ଷ ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆଧୁନିକ ଭାରତୀୟ ଭାଷା (ବାଧ୍ୟତା ମୂଳକ ଓଡ଼ିଆ) ପାଠ୍ୟକ୍ରମର ପୁନର୍ଗଠନ କରିଛନ୍ତି । ଏହା ଉଭୟ ନିୟମିତ ଓ ପତ୍ର ମାଧ୍ୟମରେ ଶିକ୍ଷା ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଯୁଜ୍ୟ । ଏହି ପରିପ୍ରେକ୍ଷୀରେ ପତ୍ର ମାଧ୍ୟମରେ ଶିକ୍ଷା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପରିଷଦ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରକାଶନର ବ୍ୟବସ୍ଥା କରିଛନ୍ତି । ଯେହେତୁ ଏହି ଛାତ୍ରଛାତ୍ରୀମାନେ ନିୟମିତ ଶିକ୍ଷାଦାନ ବ୍ୟବସ୍ଥାରେ ଅଂଶଗ୍ରହଣ କରି ପାରୁନାହାନ୍ତି, ତେଣୁ ସେମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଅତି ସହଜ ଓ ବୋଧଗମ୍ୟ ଭାଷାରେ ଏହି ପୁସ୍ତକଟି ରାଜ୍ୟର କେତେଜଣ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି । ବିଶେଷ କରି ପରିଷଦ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପାଇଁ ସଂକ୍ଷିପ୍ତ, ଅତି ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତର ବିଶିଷ୍ଟ ପ୍ରଶ୍ନାବଳୀର ପ୍ରଶ୍ନ ଉତ୍ତର ନିଶ୍ଚିତ ସହାୟକ ହେବ ବୋଲି ଆଶା ଓ ବିଶ୍ୱାସ ।

ସୁନ୍ଦର ଲାଲ ସିଲ
ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
ଭୁବନେଶ୍ୱର

# ଭୂମିକା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପତ୍ରବିନିମୟ ପାଠ୍ୟକ୍ରମରେ ଯୋଗଦେଇ ଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଆଧୁନିକ ଭାରତୀୟ ଭାଷା, (ବାଧ୍ୟତାମୂଳକ), ଓଡ଼ିଆ ପୁସ୍ତକ 'ସାହିତ୍ୟ ଜ୍ୟୋତି'ର ଏକ ସହାୟକ ପୁସ୍ତକ ତିଆରି କରିବା ପାଇଁ ପରିଷଦର ସଚିବଙ୍କ ପତ୍ର ଅନୁସାରେ ଓଡ଼ିଶାର ବରିଷ୍ଠ ଶିକ୍ଷକମାନଙ୍କୁ ନେଇ ଏଇ ପୁସ୍ତକଟି ପ୍ରସ୍ତୁତ କରାଯାଇଛି । ପାଠ୍ୟପୁସ୍ତକରେ ପ୍ରଦତ୍ତ ସଂକ୍ଷିପ୍ତ, ଅତି ସଂକ୍ଷିପ୍ତ ଓ ଦୀର୍ଘ ପ୍ରଶ୍ନ ଗୁଡ଼ିକର ଯଥା ସମ୍ଭବ ବିଜ୍ଞାନ ସମ୍ମତ ଉତ୍ତର ଏଥିରେ ପ୍ରଦତ୍ତ ହୋଇଛି । ପୁସ୍ତକଟି ପତ୍ରବିନିମୟ ମାଧ୍ୟମରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନଙ୍କର ଉପକାରରେ ଆସିଲେ ଆମର ଶ୍ରମ ସାର୍ଥକ ହେବ ।

ସମୀକ୍ଷକ ଓ ଆଲୋଚକ ବୃନ୍ଦ

# ସୂଚୀପତ୍ର

## ପ୍ରଥମ ଏକକ


| | | |
|---|---|---|
| ❖ ଇତିହାସ | ବିଶ୍ୱନାଥ କର | ୦୧ |
| ❖ ପୁଷ୍ପପୁରରେ ବର୍ଷାବରଣ | କୃଷ୍ଣଚନ୍ଦ୍ର ପାଣିଗ୍ରାହୀ | ୨୪ |
| ❖ ତିନି ତୁଣ୍ଡରେ | ଭୁବନେଶ୍ୱର ବେହେରା | ୪୦ |
| ❖ ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା | ଗୋଲୋକ ବିହାରୀ ଧଳ | ୫୩ |


## ଦ୍ୱିତୀୟ ଏକକ


| | | |
|---|---|---|
| ❖ ବଡ଼ ପଣ | ରାଧାନାଥ ରାୟ | ୬୮ |
| ❖ ତପସ୍ୱିନୀର ପତ୍ର | ଗଙ୍ଗାଧର ମେହେର | ୮୩ |
| ❖ ବନ୍ଦୀର ବିରହ ବ୍ୟଥା | ଗୋପବନ୍ଧୁ ଦାସ | ୯୪ |
| ❖ ପିଙ୍ଗଳାର ଅଭିସାର | ରାଧାମୋହନ ଗଡ଼ନାୟକ | ୧୦୪ |
| ❖ ବାର୍ତ୍ତା | ସଚ୍ଚିଦାନନ୍ଦ ରାଉତରାୟ | ୧୧୫ |


## ତୃତୀୟ ଏକକ


| | | |
|---|---|---|
| ❖ ସଭ୍ୟ ଜମିଦାର | ଫକୀର ମୋହନ ସେନାପତି | ୧୨୫ |
| ❖ ପତାକା ଉତ୍ତୋଳନ | ସୁରେନ୍ଦ୍ର ମହାନ୍ତି | ୧୪୭ |
| ❖ ରୂପ ନାରାୟଣ ସାହା | ଅଖିଳ ମୋହନ ପଟ୍ଟନାୟକ | ୧୬୩ |
| ❖ ଆକାଶ କହିଁଛ | ମନୋଜ ଦାସ | ୧୮୦ |

## ଚତୁର୍ଥ ଏକକ


- (କ) ଗଦ୍ୟାଂଶ ୧୯୭
- (ଖ) ପଦ୍ୟାଂଶ ୨୦୫
- ୨. ସର୍ଜନାତ୍ମକ ରଚନା ୨୧୧


## ପଞ୍ଚମ ଏକକ


- (କ) ଦରଖାସ୍ତ ଓ ପତ୍ର ଲିଖନ ୨୧୫
- (ଖ) ସଂକ୍ଷିପ୍ତ କରଣ ୨୨୧
- (ଗ) ବ୍ୟାକରଣ ୨୨୩
- (ଘ) ଏକପଦୀ କରଣ ୨୨୫
- ୩. ସମୋଚ୍ଚାରିତ ଭିନ୍ନାର୍ଥ ବୋଧକ ଶବ୍ଦ ୨୨୮
- ୪. ବିପରୀତ ଅର୍ଥ ବୋଧକ ଶବ୍ଦ ୨୩୧
- ୫. ଭ୍ରମ ସଂଶୋଧନ ୨୩୨

# ପ୍ରଥମ ଏକକ

# ଇତିହାସ

ବିଶ୍ୱନାଥ କର

## (କ) ଲେଖକ ପରିଚୟ

ବିଶ୍ୱନାଥ କର (୧୮୬୪ ୧୯୩୪)

ପ୍ରାବନ୍ଧିକ ବିଶ୍ୱନାଥ କର ଆଧୁନିକ ଓଡ଼ିଆ ପ୍ରବନ୍ଧର ଜଣେ ବଳିଷ୍ଠ ପ୍ରତିଭା । ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଭୀଷ୍ମ ଦେବ ରୂପେ ସେ ପରିଚିତ । ସାହିତ୍ୟିକ ଭାବରେ ସେ ଜଣେ ସଫଳ ସମ୍ପାଦକ, ପ୍ରାବନ୍ଧିକ, ସାରସ୍ୱତ ସଙ୍ଗଠକ, ସମାଜ ସଂସ୍କାରକ ଓ ଉଚ୍ଚକୋଟୀର ଗଦ୍ୟ ଲେଖକ । 'ବିବିଧ ପ୍ରବନ୍ଧ' ତାଙ୍କର ଉଲ୍ଲେଖଯୋଗ୍ୟ ପ୍ରବନ୍ଧ ସଂକଳନ । ଏଥିରେ ସେ ଅନେକ ଚିନ୍ତାନିଷ୍ଠ, ବଳିଷ୍ଠ ତଥା ନିଜସ୍ୱ ରୀତିର ପ୍ରବନ୍ଧ ରଚନା କରି, ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ଦେଇଛନ୍ତି ନୂଆ ମୋଡ଼ । ସେ ମଧ୍ୟ ଥିଲେ ସୁବକ୍ତା । କୁଶିକ୍ଷା ତଥା କୁସଂସ୍କାର ବିରୁଦ୍ଧରେ ସେ ଆପଣାର ଭାଷଣ ମାଧ୍ୟମରେ ନିଜର ପ୍ରତିକ୍ରିୟା ପ୍ରକାଶ କରୁଥିଲେ । ତାଙ୍କର ପ୍ରବନ୍ଧମାନଙ୍କ ମଧ୍ୟରେ 'ସାହିତ୍ୟ ଓ ଜୀବନ', 'ସାହିତ୍ୟ ଚର୍ଚ୍ଚା', 'ଭାଷାଚର୍ଚ୍ଚା', 'ସ୍ୱାଧୀନ ଚିନ୍ତା', 'ଅନନ୍ତ ପ୍ରେମ', 'ସାହିତ୍ୟ ମହାସ୍ରୋତ' ଆଦି ଉଲ୍ଲେଖଯୋଗ୍ୟ । ଆଲୋଚ୍ୟ ପ୍ରବନ୍ଧ 'ଇତିହାସ', ପ୍ରାବନ୍ଧିକଙ୍କ 'ବିବିଧ ପ୍ରବନ୍ଧ'ରୁ ଗୃହୀତ ହୋଇଛି । ପ୍ରାବନ୍ଧିକ କର ଓଡ଼ିଶାର ପ୍ରାଚୀନ ସାରସ୍ୱତ ପ୍ରତିଷ୍ଠାନ ଉତ୍କଳ ସାହିତ୍ୟ ସମାଜର ପ୍ରଥମ ସମ୍ପାଦକ ।

ବିଶ୍ୱନାଥ କର ୧୮୬୪ ମସିହାରେ କଟକ ଜିଲ୍ଲା ମୂଳବସନ୍ତ ଗ୍ରାମରେ ଏକ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୩୪ ମସିହାରେ ଇହଲୀଳା ସମ୍ବରଣ କରିଥିଲେ ।

## (ଖ) ପ୍ରବନ୍ଧ ସମ୍ପର୍କରେ :

ମାନବ ସମାଜ ପାଇଁ ଇତିହାସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାରଣ ଇତିହାସରୁ ମାନବସମାଜର ଇତିବୃତ୍ତ ଚିହ୍ନିତ ହୋଇଥାଏ । ଗୋଟିଏ ଜାତିର ବିଶେଷଣ ତାହାର ଇତିହାସ ଅଧ୍ୟୟନରୁ ଜାଣି ହୋଇଥାଏ । ସୁତରାଂ ସଭ୍ୟତା ଓ ସମାଜରେ ବିକାଶର ଇତିହାସର ଭୂମିକା ଗୁରୁତ୍ୱପୂର୍ଣ୍ଣ । କେବଳ ରାଜା, ରାଜପୁରୁଷ ବା ରାଜନୀତି ଘେନି ଇତିହାସ ରଚନା କରାଯାଇ ନ ଥାଏ । କାରଣ ଏଥିରୁ ସାଧାରଣ ଜୀବନ, ସାଂସ୍କୃତିକ ଓ ନୃତାତ୍ତ୍ୱିକ ପରମ୍ପରା ଜାଣି ହୋଇନଥାଏ । ଇତିହାସ ରଚନା ଅପେକ୍ଷା ଇତିହାସର ପଠନ ପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ ହେବା ଆବଶ୍ୟକ । ଇତିହାସ ହେଉଛି ଦୃଷ୍ଟାନ୍ତର ଆକର । କେଉ ବ୍ୟକ୍ତି ବା ସମାଜ କେଉଁ କାରଣ ପାଇଁ ଉନ୍ନତି ବା ଅବନତି କଲା, ତାହା ଇତିହାସରେ ଲିପିବଦ୍ଧ ହୋଇଛି । ଇତିହାସକୁ ଠିକ୍ ଭାବେ ସମୀକ୍ଷା କଲେ, ଏହା ଆମ ପାଇଁ ପରମ ଆଦରର ବସ୍ତୁ ହୋଇପାରିବ । ଇତିହାସ ପ୍ରମାଣ କରିଛି, ସତ୍ୟ ଓ ସାରବସ୍ତୁର କଦାପି ବିନାଶ

ନାହିଁ । ମୋଟ ଉପରେ କହିବାକୁ ଗଲେ, ଇତିହାସର ଆବଶ୍ୟକତା ଓ ପ୍ରୟୋଜନୀୟତାକୁ ଉପଲବ୍ଧି କରି, ପ୍ରାବନ୍ଧିକ 'ଇତିହାସ' ପ୍ରବନ୍ଧଟିକୁ ରଚନା କରିଛନ୍ତି ।

ଙ. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।

ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

୧. ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?

(ଆତ୍ମଜ୍ଞାନ ଲାଭ, ତତ୍ତ୍ୱ ନିରୂପଣ ପ୍ରୟାସ, ଅନ୍ତର୍ଦୃଷ୍ଟି, ଈଶ୍ୱର ଚିନ୍ତା)

ଉ.: ତତ୍ତ୍ୱନିରୂପଣ ପ୍ରୟାସ –

୨. କେଉଁ ଶ୍ରେଣୀର ମନୁଷ୍ୟ ପୃଥିବୀର ନାନାବସ୍ତୁ ଦର୍ଶନ କରନ୍ତି ଓ ସମ୍ଭୋଗ କରନ୍ତି ?

(ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ)

ଉ.: ପ୍ରଥମ –

୩. କେଉଁ ଶ୍ରେଣୀର ମନୁଷ୍ୟମାନଙ୍କ ଠାରେ ବସ୍ତୁର ତତ୍ତ୍ୱ ନିରୂପଣ କରିବା ବିଷୟରେ ପ୍ରୟାସ ଦେଖାଯାଏ ନାହିଁ ?

(ଏକ ଶ୍ରେଣୀ, ଦୁଇ ଶ୍ରେଣୀ, ପଞ୍ଚମ ଶ୍ରେଣୀ, ଅଷ୍ଟମ ଶ୍ରେଣୀ)

ଉ.: ଏକ ଶ୍ରେଣୀ –

୪. ଅନନ୍ତ ପ୍ରକୃତି ସାଙ୍ଗରେ କାହାର ନିତ୍ୟ ଯୋଗ ହୋଇଥାଏ ?

(ମନୁଷ୍ୟ, ଈଶ୍ୱର, ପଶୁ, ପକ୍ଷୀ)

ଉ.: ମନୁଷ୍ୟ –

୫. କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମଣିଷର ଜୀବନର ମୂଲ୍ୟ କିଛି ରହେ ନାହିଁ ?

(ବର୍ତ୍ତମାନ, ଅନନ୍ତ ଅତୀତ, ଆଧ୍ୟାତ୍ମିକ, ବୈଷୟିକ)

ଉ.: ଅନନ୍ତ ଅତୀତ –

୬. ପାଦମୂଳରୁ ନିମ୍ନଦେଶକୁ ଅବତରଣ କଲେ କ'ଣ ଦେଖିପାରିବ ?

(ନର କଙ୍କାଳ, ଦୁଃଖ, ମନ, ପୃଥିବୀ)

ଉ.: ନରକଙ୍କାଳ –

୭. କେଉଁ ରାଷ୍ଟ୍ରବିପ୍ଳବ କଥା ସ୍ମରଣ କଲେ ଆମ୍ଭମାନଙ୍କର ହୃତ୍‌କମ୍ପ ହୁଏ ?

(ଅସହଯୋଗ ଆନ୍ଦୋଳନ, ସିପାହୀ ବିଦ୍ରୋହ, ଫରାସୀ ରାଷ୍ଟ୍ର ବିପ୍ଳବ, ଭୂଦାନ ଆନ୍ଦୋଳନ)

ଉ.: ଫରାସୀ ରାଷ୍ଟ୍ର ବିପ୍ଳବ -

୮. ବର୍ତ୍ତମାନ ମାନବ ସମାଜ ଦେହରେ କେଉଁ ମାନବ ସମାଜର ଭାବରାଶି ନିହିତ ଥିବାର ପ୍ରତ୍ୟକ୍ଷ ହୁଏ ?

(ସାମ୍ପ୍ରତିକ, ଅତୀତ, ଭାବାନ୍ତର, କାଳାନ୍ତର)

ଉ.: ଅତୀତ -

୯. ମାନବର ପ୍ରକୃତ ଉନ୍ନତି କାହା ସଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧ ?

(ସତ୍ୟ, ମିଥ୍ୟା, ପାପ, ପୁଣ୍ୟ)

ଉ.: ସତ୍ୟ -

୧୦. ମଣିଷ ଜୀବନର ସମସ୍ତ ଘଟଣାର ଲକ୍ଷ୍ୟ ଓ ଗତି କେଉଁ ଆଡ଼କୁ ?

(ଏକ, ଦୁଇ, ଭିନ୍ନ, ବିଭିନ୍ନ)

ଉ.: ଏକ -

୧୧. ପ୍ରକୃତପକ୍ଷେ ଜଗତର କୌଣସି ଘଟଣା _____ ଶୂନ୍ୟ ନୁହେଁ ?

(ଭାବ, ଅର୍ଥ, କାମ, ମୋକ୍ଷ)

ଉ.: ଅର୍ଥ -

୧୨. ସମାଜର ସମସ୍ତ ବ୍ୟାପାର କାହାର ଅନ୍ତର୍ଭୁକ୍ତ ?

(ଇତିହାସ, ପୁରାଣ, ବିଜ୍ଞାନ, ଦର୍ଶନ)

ଉ.: ଇତିହାସ -

୧୩. ବ୍ୟକ୍ତିଗତ ଜୀବନ ଇତିହାସକୁ ଆମ୍ଭେମାନେ କେଉଁ ଆଖ୍ୟା ପ୍ରଦାନ କରିଥାଉ ?

(ଆତ୍ମଜୀବନୀ, ଜୀବନଚରିତ, ଆତ୍ମଲିପି, ଜୀବନାୟନ)

ଉ.: ଜୀବନ ଚରିତ -

୧୪. ପ୍ରସିଦ୍ଧ ପଣ୍ଡିତ ପ୍ରଚଳିତ ଇତିହାସକୁ ଗଭୀରତାଶୂନ୍ୟ କେଉଁ ଗଳ୍ପ ବୋଲି କହିଛନ୍ତି ?

(ଆଇମା ଗଳ୍ପ, ଅସୁର ଅସୁରୁଣୀ ଗଳ୍ପ, ଗାଲ ଗଳ୍ପ, ଗ୍ରାମ୍ୟ ଗଳ୍ପ)

ଉ.: ଗ୍ରାମ୍ୟ ଗଳ୍ପ -

୧୫. ଆମ୍ଭମାନଙ୍କ ଦେଶରେ ଇତିହାସ ବର୍ଣ୍ଣନା ବେଳେ କାହାର ମାତ୍ରା ଅତ୍ୟନ୍ତ ଅଧିକ ?

(ଭାବନା, କଳ୍ପନା, ସ୍ୱପ୍ନ, ବାସ୍ତବତା)

ଉ.: କଳ୍ପନା -

୧୬. ପ୍ରାଚୀନ କେଉଁ ଶାସ୍ତ୍ର ଐତିହାସିକ ସତ୍ୟରେ ପରିପୂର୍ଣ୍ଣ ?

(ଧର୍ମ, ଚିକିତ୍ସା, କାବ୍ୟ, ନାଟ୍ୟ)

ଉ.: ଧର୍ମ -

୧୭. ଇତିହାସକୁ କେତେଗୁଡ଼ିଏ ଘଟଣାର ____ ବୋଲି କୁହାଯାଏ ।

(କଳ୍ପନା, ସମଷ୍ଟି, ପୁରାଣ, ବର୍ଣ୍ଣନା)

ଉ.: ସମଷ୍ଟି -

୧୮. ମନୁଷ୍ୟମାନଙ୍କ ମଧ୍ୟରେ ପ୍ରକୃତିଗତ କ'ଣ ବିଦ୍ୟମାନ ?

(ସୌସାଦୃଶ୍ୟ, ତୁଳନା, ବିଚାର, ବାସ୍ତବତା)

ଉ.: ସୌସାଦୃଶ୍ୟ -

୧୯. କେଉଁଶିକ୍ଷା ମଣିଷ ପାଇଁ ଅଧିକ ଉପଯୋଗୀ ?

(ଉପଦେଶାତ୍ମକ ଶିକ୍ଷା, କାଳ୍ପନିକ ଶିକ୍ଷା, ଦୃଷ୍ଟାନ୍ତ ଶିକ୍ଷା, ବର୍ଣ୍ଣନାତ୍ମକ ଶିକ୍ଷା)

ଉ.: ଉପଦେଶାତ୍ମକ ଶିକ୍ଷା -

୨୦. (ପତନ) କଥାଟି କେଉଁ ବ୍ୟକ୍ତିର ମସ୍ତକରେ ଉଜ୍ଜ୍ୱଳାକ୍ଷରରେ ଲିଖିତ ହୋଇଅଛି ?

(ଅହଂକାରୀ, ମିଥ୍ୟାବାଦୀ, ସତ୍ୟବାଦୀ, କାଳ୍ପନିକ)

ଉ.: ଅହଂକାରୀ -

୧୧. ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସଙ୍ଗେ କାହାର ଘନିଷ୍ଠ ଭାବରେ ସମ୍ବନ୍ଧ ?

ଉ.: ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସଙ୍ଗେ ବର୍ତ୍ତମାନ ଜୀବନର ଘନିଷ୍ଠ ଭାବରେ ସମ୍ବନ୍ଧ ।

୧୨. କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମଣିଷ ଜୀବନର କିଛି ମୂଲ୍ୟ ରହିବ ନାହିଁ ?

ଉ.: ଅନନ୍ତ ଅତୀତ ଓ ଭବିଷ୍ୟତ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମଣିଷ ଜୀବନର କିଛି ମୂଲ୍ୟ ରହିବ ନାହିଁ ।

୧୩. ବର୍ତ୍ତମାନ ଯାହାକିଛି ଆମର ନୟନ ଗୋଚର ହୁଏ, ସମସ୍ତେ କାହାର ସନ୍ତାନ ?

ଉ.: ବର୍ତ୍ତମାନ ଯାହାକିଛି ଆମର ନୟନ ଗୋଚର ହୁଏ, ସମସ୍ତେ ଅତୀତର ସନ୍ତାନ ?

୧୪. ପାଦମୂଳରୁ ନିମ୍ନଦେଶକୁ ଅବତରଣ କଲେ କେବଳ କ'ଣ ଦେଖିବ ?

ଉ.: ପାଦମୂଳରୁ ନିମ୍ନଦେଶକୁ ଅବତରଣ କଲେ କେବଳ ନରକଙ୍କାଳ ଦେଖିବ ।

୧୫. ବର୍ତ୍ତମାନର ଅବସ୍ଥା ପ୍ରାପ୍ତି ପାଇଁ ରାଶି ରାଶି କ'ଣ ପତିତ ହୋଇଅଛି ?

ଉ.: ବର୍ତ୍ତମାନର ଅବସ୍ଥା ପ୍ରାପ୍ତି ପାଇଁ ରାଶି ରାଶି ନରଦେହ ପତିତ ହୋଇଅଛି ।

୧୬. କେଉଁ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ ଆମର ହୃତ୍‌କମ୍ପ ହୁଏ ?

ଉ.: ଫରାସୀ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ ଆମର ହୃତ୍‌କମ୍ପ ହୁଏ ।

୧୭. ଲକ୍ଷ ଲକ୍ଷ ମହାପ୍ରାଣୀଙ୍କ ବିନାଶବାର୍ତ୍ତା ଶ୍ରବଣ କରି ପ୍ରାଣ କ'ଣ ହୁଏ ?

ଉ.: ଲକ୍ଷ ଲକ୍ଷ ମହାପ୍ରାଣୀଙ୍କ ବିନାଶବାର୍ତ୍ତା ଶ୍ରବଣ କରି ପ୍ରାଣ ଅବସାନ ହୁଏ ।

୧୮. ସମଗ୍ର ଅତୀତ ମାନବ ଜାତିର ରକ୍ତ ଓ ମାଂସରୁ କାହାର ସୃଷ୍ଟି ?

ଉ.: ସମଗ୍ର ଅତୀତ ମାନବ ଜାତିର ରକ୍ତ ଓ ମାଂସରୁ ମାନୋବନ୍ନତିର ସୃଷ୍ଟି ।

୧୯. ବର୍ତ୍ତମାନ ମାନବ ସମାଜ ଦେହରେ ଅତୀତ ମାନବ ସମାଜର କ'ଣ ପ୍ରତ୍ୟକ୍ଷ ହୁଏ ?

ଉ.: ବର୍ତ୍ତମାନ ମାନବ ସମାଜ ଦେହରେ ଅତୀତ ମାନବ ସମାଜର ଭାବରାଶି ନିହିତ ଥିବାର ପ୍ରତ୍ୟକ୍ଷ ହୁଏ ।

୨୦. ପରିବର୍ତ୍ତନଶୀଳ ଜଗତରେ ସକଳ ବସ୍ତୁର କ'ଣ ଉପସ୍ଥିତି ହୋଇଅଛି ?

ଉ.: ପରିବର୍ତ୍ତନଶୀଳ ଜଗତରେ ସକଳ ବସ୍ତୁର ରୂପାନ୍ତର, ଭାବାନ୍ତର ଉପସ୍ଥିତି ହୋଇଅଛି ।

୨୧. କାହାର ବିଲୋପ ଅସମ୍ଭବ ?

ଉ.: ମାନବର ପ୍ରକୃତ ଉନ୍ନତି ଯାହା ସତ୍ୟ ସଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧ, ତାହାର ବିଲୋପ ଅସମ୍ଭବ ।

୨୨. ସତ୍ୟ ସଙ୍ଗେ ବିରୋଧ ଘଟିଲେ କ'ଣ ହେବ ?

ଉ.: ସତ୍ୟ ସଙ୍ଗେ ବିରୋଧ ଘଟିଲେ ତାହାର ବିନାଶ ନିଶ୍ଚୟ ହେବ ।

୨୩. କ'ଣ ପୂର୍ବ ଅପେକ୍ଷା ଉଜ୍ଜ୍ୱଳ ଆକାରରେ ପ୍ରତିଭାତ ହୁଏ ?

ଉ.: ବିଶୁଦ୍ଧ ସତ୍ୟ ଓ ସାରବସ୍ତୁ କ'ଣ ପୂର୍ବ ଅପେକ୍ଷା ଉଜ୍ଜ୍ୱଳ ଆକାରରେ ପ୍ରତିଭାତ ହୁଏ ।

୨୪. ବ୍ୟକ୍ତିଗତ ଜୀବନ ବିଷୟ ଆଲୋଚନା କଲେ ଆମ୍ଭେମାନେ କେଉଁ ବିଷୟ ବୁଝିବାକୁ ସମର୍ଥ ହେଉ ?

ଉ.: ବ୍ୟକ୍ତିଗତ ଜୀବନ ବିଷୟ ଆଲୋଚନା କଲେ ଆମ୍ଭେମାନେ ଜୀବନ ବିଷୟ ବୁଝିବାକୁ ସମର୍ଥ ହେଉ ।

୨୫. ମାନବ ଜୀବନରେ କ'ଣ ଛଡ଼ା ଅଧିକ କିଛି ଦେଖାଯାଏ ନାହିଁ ?

ଉ.: ମାନବ ଜୀବନରେ କେବଳ କେତେଗୁଡ଼ିଏ ଘଟଣାର ସମଷ୍ଟି ଛଡ଼ା ଅଧିକ କିଛି ଦେଖାଯାଏ ନାହିଁ ।

୨୬. ସ୍ଥୁଳ ଦୃଷ୍ଟି ମାନବ ନିକଟରେ ଜଗତଟା କ'ଣ ?

ଉ.: ସ୍ଥୁଳ ଦୃଷ୍ଟି ମାନବ ନିକଟରେ ଜଗତଟା କେବଳ ବିରୁଦ୍ଧ ଭାବପୂର୍ଣ୍ଣ ।

୨୭. ଚିନ୍ତାଶୀଳ ମନୁଷ୍ୟ ସର୍ବତ୍ର କ'ଣ ଦର୍ଶନ କରେ ?

ଉ.: ଚିନ୍ତାଶୀଳ ମନୁଷ୍ୟ ସର୍ବତ୍ର ସର୍ବପ୍ରକାର ବିରୋଧ ମଧ୍ୟରେ ସାମଞ୍ଜସ୍ୟ ଦର୍ଶନ କରେ ।

୨୮. କେଉଁ ଦୁଇଜଣ ସମାଜର ଅଙ୍ଗ ଓ ସମାଜ ଉନ୍ନତିର ଉପଯୋଗୀ ?

ଉ.: ଐଶ୍ୱର୍ଯ୍ୟଶାଳୀ ରାଜା ଓ ଦୀନହୀନ କୃଷକ ସମାଜର ଅଙ୍ଗ ଓ ସମାଜ ଉନ୍ନତିର ଉପଯୋଗୀ ।

୨୯. ଜଣେ ମନୁଷ୍ୟକୁ ଜାଣିବାକୁ ହେଲେ ତା'ର କ'ଣ ଜାଣିବା ଆବଶ୍ୟକ ?

ଉ.: ଜଣେ ମନୁଷ୍ୟକୁ ଜାଣିବାକୁ ହେଲେ ତା'ର ସମଗ୍ର ଜୀବନର ଇତିହାସ ଜାଣିବା ଆବଶ୍ୟକ ।

୩୦. ବ୍ୟକ୍ତିଗତ ଜୀବନର ଇତିହାସକୁ ଆମ୍ଭେମାନେ କେଉଁ ଆଖ୍ୟା ପ୍ରଦାନ କରିଥାଉ ?

ଉ.: ବ୍ୟକ୍ତିଗତ ଜୀବନର ଇତିହାସକୁ ଆମ୍ଭେମାନେ ଜୀବନ ଚରିତ ଆଖ୍ୟା ପ୍ରଦାନ କରିଥାଉ ।

୩୧. ଜାତିର ଇତିହାସକୁ ନେଇ ସେଇ ଜାତିର କ'ଣ କୁହାଯାଇପାରେ ?

ଉ.: ଜାତିର ଇତିହାସକୁ ନେଇ ସେଇ ଜାତିର ଜୀବନଚରିତ କୁହାଯାଇପାରେ ।

୩୨. ପ୍ରଚଳିତ ଇତିହାସକୁ କାହା ସହିତ ତୁଳନା କରାଯାଇଛି ?

ଉ.: ପ୍ରଚଳିତ ଇତିହାସକୁ ଗ୍ରାମ୍ୟଗଳ୍ପ ସହିତ ତୁଳନା କରାଯାଇଛି ।

୩୩. ପ୍ରଥମାବସ୍ଥାରେ ଇତିହାସ କ'ଣ ନଥିଲା ?

ଉ.: ପ୍ରଥମାବସ୍ଥାରେ ଇତିହାସ ଅସ୍ତିତ୍ୱ ନଥିଲା ।

୩୪. କେଉଁ ଜାତି କଳ୍ପନାପ୍ରିୟ ଭାବରେ ଖ୍ୟାତ ?

ଉ.: ହିନ୍ଦୁ ଜାତି କଳ୍ପନାପ୍ରିୟ ଭାବରେ ଖ୍ୟାତ ।

୩୫. ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସ କାହାର କଳ୍ପନାମିଶ୍ରିତ ବିବରଣୀ?

ଉ.: ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସ କେତେଗୁଡ଼ିଏ କ୍ଷମତାଶାଳୀ ବୀରପୁରୁଷଙ୍କ କଳ୍ପନାମିଶ୍ରିତ ବିବରଣୀ ।

୩୬. ମନ୍ଦିର ଗୁହରେ ଖୋଦିତ ମୂର୍ତ୍ତି ଓ ଫଳକାଦିରେ ଦେଶର କ'ଣ ଲିଖିତ ହୋଇ ରହିଛି ?

ଉ.: ମନ୍ଦିର ଗୁହରେ ଖୋଦିତ ମୂର୍ତ୍ତି ଓ ଫଳକାଦିରେ ସେହି ଦେଶର କାଳର ଇତିହାସ ଲିଖିତ ହୋଇ ରହିଛି ?

୩୭. ବର୍ତ୍ତମାନ ଯୁଗର ଇତିହାସ ଲିଖନ ପ୍ରଣାଳୀ କିପରି ଓ କାହାର ନିକଟବର୍ତ୍ତୀ ?

ଉ.: ବର୍ତ୍ତମାନ ଯୁଗର ଇତିହାସ ଲିଖନ ପ୍ରଣାଳୀ ସ୍ୱତନ୍ତ୍ର ଓ ଆଦର୍ଶର ନିକଟବର୍ତ୍ତୀ ।

୩୮. ବର୍ତ୍ତମାନ ଯୁଗର ଇତିହାସରେ ମାନବ ଜୀବନର କେଉଁ ବ୍ୟାପାରର ଯୋଗ ହୋଇଅଛି ?

ଉ.: ବର୍ତ୍ତମାନ ଯୁଗର ଇତିହାସରେ ମାନବ ଜୀବନର ସର୍ବବିଧ ବ୍ୟାପାରର ଯୋଗ ହୋଇଅଛି ।

୩୯. ଇତିହାସ ଯେପରି ଭାବରେ ଲିଖିତ ହେଉ କାହା ଉପରେ ତାହାର ଉପକାରିତା ବାହୁ ପରିମାଣରେ ନିର୍ଭର କରେ ?

ଉ.: ଇତିହାସ ଯେପରି ଭାବରେ ଲିଖିତ ହେଉ ପଠନ ପ୍ରଣାଳୀ ଉପରେ ତାହାର ଉପକାରିତା ବାହୁ ପରିମାଣରେ ନିର୍ଭର କରେ ।

୪୦. ଉପଦେଶ ଅପେକ୍ଷା କେଉଁ ଶିକ୍ଷା ଅଧିକ ଉପଯୋଗୀ ?

ଉ.: ଉପଦେଶ ଅପେକ୍ଷା ଦୃଷ୍ଟାନ୍ତ ଶିକ୍ଷା ଅଧିକ ଉପଯୋଗୀ ।

୪୧. ବିପରୀତ ପଥରେ ଗମନ କଲେ କ'ଣ ହେବ ?

ଉ.: ବିପରୀତ ପଥରେ ଗମନ କଲେ କେହି କେବେ ଉନ୍ନତି ସୋପାନରେ ପହଞ୍ଚି ପାରିବ ନାହିଁ ।

୪୨. ଅହଙ୍କାରୀର ମସ୍ତକରେ କେଉଁ କଥା ଉଜ୍ଜ୍ୱଳାକ୍ଷରରେ ଲିଖିତ ହୋଇଛି ?

ଉ.: ଅହଙ୍କାରୀର ମସ୍ତକରେ 'ପତନ' କଥା ଉଜ୍ଜ୍ୱଳାକ୍ଷରରେ ଲିଖିତ ହୋଇଛି

୪୩. ଇତିହାସ ବଜ୍ରଗମ୍ଭୀର ସ୍ୱରରେ କ'ଣ ଘୋଷଣ କରିଅଛି ?

ଉ.: ଇତିହାସ ବଜ୍ରଗମ୍ଭୀର ସ୍ୱରରେ 'ଧର୍ମର ଜୟ, ଅଧର୍ମର ପରାଜୟ' ଘୋଷଣ କରିଅଛି ।

୪୪. ଅପରିଣାମଦର୍ଶୀ ମାନବ ପୃଥିବୀର କ'ଣ ଦର୍ଶନ କରି ଅବିଶ୍ୱାସୀ ହୁଏ ?

ଉ.: ଅପରିଣାମଦର୍ଶୀ ମାନବ ପୃଥିବୀର ବିପରୀତ ଭାବ ଦର୍ଶନ କରି ଅବିଶ୍ୱାସୀ ହୁଏ

୪୫. ଇତିହାସକୁ କେଉଁ ଶିକ୍ଷକ ଭାବରେ ଅଭିହିତ କରାଯାଇଛି ?

ଉ.: ଇତିହାସକୁ ଦ୍ୱିତୀୟ ଶିକ୍ଷକ ଭାବରେ ଅଭିହିତ କରାଯାଇଛି ।

୪୬. କେଉଁ ବସ୍ତୁ ଲାଭ କରିବା ପାଇଁ ମହାପୁରୁଷମାନଙ୍କୁ କଷ୍ଟ ଓ ଯାତନା ଭୋଗ କରିବାକୁ ପଡ଼ିଛି ?

ଉ.: ପ୍ରତ୍ୟେକ ପ୍ରୟୋଜନୀୟ ବସ୍ତୁ ଲାଭ କରିବା ପାଇଁ ମହାପୁରୁଷମାନଙ୍କୁ କଷ୍ଟ ଓ ଯାତନା ଭୋଗ କରିବାକୁ ପଡ଼ିଛି ।

୪୭. କେଉଁମାନଙ୍କ ସମ୍ପର୍କରେ କିଞ୍ଚିତ ଜ୍ଞାନଲାଭ କରିବା ଉଚିତ ?

ଉ.: ଯେଉଁ ମହିମାନ୍ୱିତ ପୁରୁଷମାନେ ଆମ୍ଭମାନଙ୍କ ପାଇଁ ଦେହପାତ କରିଯାଇଛନ୍ତି, ସେମାନଙ୍କ ସମ୍ପର୍କରେ କିଞ୍ଚିତ ଜ୍ଞାନଲାଭ କରିବା ଉଚିତ ।

୪୮. କିଏ ଭବିଷ୍ୟତର ପିତା ରୂପେ ଦଣ୍ଡାୟମାନ ?

ଉ.: ଅତୀତର ସନ୍ତାନ ଭବିଷ୍ୟତର ପିତା ରୂପେ ଦଣ୍ଡାୟମାନ ।

୪୯. ପୁତ୍ର ପାଇଁ କ'ଣ ରଖିଯିବା ପିତାର କର୍ତ୍ତବ୍ୟ ନୁହେଁ ?

ଉ.: ପୁତ୍ର ପାଇଁ କେବଳ ପୈତୃକ ସମ୍ପତ୍ତି ରଖିଯିବା ପିତାର କର୍ତ୍ତବ୍ୟ ନୁହେଁ ।

୫୦. ଜାତି ଅଯୋଗ୍ୟ ହେଲେ ତା'ର ଗତି କୁଆଡ଼େ ?

ଉ.: ଜାତି ଅଯୋଗ୍ୟ ହେଲେ ତା'ର ଗତି ରସାତଳକୁ ଯାଇଥାଏ ।

୫୧. ବିଧାତା ଯୋଗ୍ୟତା ଥିବା ଲୋକକୁ କ'ଣ ଦିଅନ୍ତି ?

ଉ.: ବିଧାତା ଯୋଗ୍ୟତା ଥିବା ଲୋକକୁ ଉଚ୍ଚ ଅଧିକାର ଦିଅନ୍ତି ।

୫୨. କେଉଁ ଜାତି କଦାପି ସଭ୍ୟତାର ଉଚ୍ଚତାର ସୋପାନରେ ଆରୋହଣ କରିପାରେ ନାହିଁ ?

ଉ.: ନୀତିହୀନ ଅନୁଦାର ଜାତି କଦାପି ସଭ୍ୟତାର ଉଚ୍ଚତାର ସୋପାନରେ ଆରୋହଣ କରିପାରେ ନାହିଁ ।

୨୧. କେଉଁ ମାନବ ପୃଥିବୀର ବିପରୀତ ଭାବ ଦର୍ଶନ କରି ଅବିଶ୍ୱାସୀ ହୁଏ ?

(ଧାର୍ମିକ, ବିଶ୍ୱାସୀ, ଅପରିଣାମ ଦର୍ଶୀ, ପାରଦର୍ଶୀ)

ଉ.: ଅପରିଣାମଦର୍ଶୀ -

୨୨. କାହାକୁ ଦ୍ୱିତୀୟ ଶିକ୍ଷକ ବୋଲି କୁହାଯାଇଛି ?

(ବେଦ, ଇତିହାସ, ବାଇବେଲ, କୋରାନ)

ଉ.: ଇତିହାସ -

୨୩. ପ୍ରୟୋଜନୀୟ ବସ୍ତୁ ଲାଭ ପାଇଁ କାହାକୁ କଷ୍ଟ ଓ ଯାତନା ଭୋଗ କରିବାକୁ ପଡ଼ିଛି ?

(ଈଶ୍ୱର, ପରମପିତା, ମହାପୁରୁଷ, ଅସୁର)

ଉ.: ମହାପୁରୁଷ -

୨୪. ଅତୀତର ସନ୍ତାନ ଭବିଷ୍ୟତର କେଉଁ ରୂପରେ ଦଣ୍ଡାୟମାନ ?

(ପିତା, ମାତା, ଭ୍ରାତା, ଦାତା)

ଉ.: ପିତା -

୨୫. କାହାର କାର୍ଯ୍ୟ କଦାପି ଅସମ୍ପନ୍ନ ରହିବ ନାହିଁ ?

(ବିଧାତା, ଜନତା, ଲୋକତନ୍ତ୍ର, ଗଣତନ୍ତ୍ର)

ଉ.: ବିଧାତା -

(ଯୋଗ୍ୟ ଲୋକ, ନିରକ୍ଷର, ସାକ୍ଷର, ଅଯୋଗ୍ୟ ଲୋକ)

ଉ.: ଯୋଗ୍ୟ ଲୋକ -

୨୭. ଈଶ୍ୱର ଆମ୍ଭମାନଙ୍କ ଦେଶକୁ କେଉଁ ଅନୁରାଗ ହସ୍ତରୁ ଉଦ୍ଧାର କରନ୍ତୁ ?

(ସରଳ, ବିକୃତ, ଅବସନ୍ନ, ନିଜସ୍ୱ)

ଉ.: ବିକୃତ -

**ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ ।**

୧. ସଂସାରରେ ସାଧାରଣତଃ କେତେ ଶ୍ରେଣୀର ମନୁଷ୍ୟ ଦୃଷ୍ଟ ହୁଅନ୍ତି ?

ଉ.: ସଂସାରରେ ସାଧାରଣତଃ ଦୁଇଶ୍ରେଣୀର ମନୁଷ୍ୟ ଦୃଷ୍ଟ ହୁଅନ୍ତି ।

୨. କେଉଁ ଶ୍ରେଣୀର ମନୁଷ୍ୟ ପୃଥିବୀ ନାନାବସ୍ତୁ ଦର୍ଶନ କରନ୍ତି ?

ଉ.: ଏକ ଶ୍ରେଣୀର ମନୁଷ୍ୟ ପୃଥିବୀର ନାନାବସ୍ତୁ ଦର୍ଶନ କରନ୍ତି ।

୩. କେଉଁ ଶ୍ରେଣୀର ମନୁଷ୍ୟମାନଙ୍କ ଠାରେ ପୃଥିବୀର କୌଣସି ବସ୍ତୁର ତତ୍ତ୍ୱ ନିରୂପଣର ପ୍ରୟାସ ଦେଖାଯାଏ ନାହିଁ ?

ଉ.: ଏକ ଶ୍ରେଣୀର ମନୁଷ୍ୟମାନଙ୍କ ଠାରେ ପୃଥିବୀର କୌଣସି ବସ୍ତୁର ତତ୍ତ୍ୱ ନିରୂପଣର ପୟାସ ଦେଖାଯାଏ ନାହିଁ ।

୪. କେଉଁ ଶ୍ରେଣୀର ମନୁଷ୍ୟ ସୂକ୍ଷ୍ମଦୃଷ୍ଟି ସମ୍ପନ୍ନ ଓ ଚିନ୍ତାଶୀଳ ?

ଉ.: ଅପର ଶ୍ରେଣୀର ମନୁଷ୍ୟ ସୂକ୍ଷ୍ମଦୃଷ୍ଟି ସମ୍ପନ୍ନ ଓ ଚିନ୍ତାଶୀଳ ।

୫. କେଉଁ ଶ୍ରେଣୀର ଲୋକମାନଙ୍କ ଦ୍ୱାରା ପୃଥିବୀର ନାନାବିଧ ଉନ୍ନତି ସଂସାଧିତ ହୁଏ ?

ଉ.: ଅପର ଶ୍ରେଣୀରେ ଲୋକମାନଙ୍କ ଦ୍ୱାରା ପୃଥିବୀର ନାନାବିଧ ଉନ୍ନତି ସଂସାଧିତ ହୁଏ

୬. ଚିନ୍ତାଶୀଳତା, ସୂକ୍ଷ୍ମଦୃଷ୍ଟି ବା ତତ୍ତ୍ୱ ନିରୂପଣ ପ୍ରୟାସ କାହାର ବିଶେଷ ଲକ୍ଷଣ ?

ଉ.: ଚିନ୍ତାଶୀଳତା, ସୂକ୍ଷ୍ମଦୃଷ୍ଟି ବା ତତ୍ତ୍ୱ ନିରୂପଣ ପ୍ରୟାସ ମନୁଷ୍ୟତ୍ୱର ବିଶେଷ ଲକ୍ଷଣ ।

୭. ମାନବ ସମାଜର ବୈଷୟିକ ଓ ଆଧ୍ୟାତ୍ମିକ ଉନ୍ନତି କାହା ପ୍ରଭାବରେ ସଂସାଧିତ ହେଉଛି ?

ଉ.: ମନୁଷ୍ୟର ଚିନ୍ତାଶୀଳତା ସୂକ୍ଷ୍ମଦୃଷ୍ଟି ବା ତତ୍ତ୍ୱନିରୂପଣ ପ୍ରୟାସର ପ୍ରଭାବରେ ମାନବସମାଜର ବୈଷୟିକ ଓ ଆଧ୍ୟାତ୍ମିକ ଉନ୍ନତ ସଂସାଧିତ ହେଉଛି ।

୮. ମନୁଷ୍ୟ କାହାର ପ୍ରତିକୃତି ?

ଉ.: ମନୁଷ୍ୟ ଅନ୍ତେ ଦେବଙ୍କର ପ୍ରତିକୃତି ।

୯. ପ୍ରକୃତିସ୍ଥ ମନୁଷ୍ୟର ମନ କିପରି ?

ଉ.: ପ୍ରକୃତିସ୍ଥ ମନୁଷ୍ୟର ମନ ନିତ୍ୟ କ୍ରିୟାଶୀଳ ।

୧୦. ଅନନ୍ତ ପ୍ରକୃତି ସଙ୍ଗରେ କାହାର ନିତ୍ୟଯୋଗ ହୋଇଥାଏ ?

ଉ.: ପ୍ରକୃତିସ୍ଥ ମନୁଷ୍ୟ ଯାହାର ମନ ନିତ୍ୟକ୍ରିୟାଶୀଳ, ଅନନ୍ତ ପ୍ରକୃତି ସଙ୍ଗରେ ତାହାର ନିତ୍ୟ ଯୋଗ ହୋଇଥାଏ ।

୫୩. ମନୁଷ୍ୟର ଅନୁରାଗର କାରଣ କ'ଣ ?

ଉ.: ସ୍ୱଜାତି ସଙ୍ଗେ ନିକଟ ସମ୍ପର୍କ ହିଁ ମନୁଷ୍ୟର ଅନୁରାଗର କାରଣ ।

୫୪. ମନୁଷ୍ୟର କେଉଁ ଅଭାବକୁ ଦୋଷ ବୋଲି କୁହାଯାଇଛି ?

ଉ.: ମନୁଷ୍ୟର ସ୍ୱଜାତି ସଙ୍ଗେ ଅନୁରାଗର ଅଭାବକୁ ଦୋଷ ବୋଲି କୁହାଯାଇଛି ।

୫୫. କ'ଣ ଦୃଷ୍ଟି ଶକ୍ତିକୁ ହ୍ରାସ କରିଦିଏ ?

ଉ.: ସଂକୀର୍ଣ୍ଣତା ଓ ପରଜାତି ବିଦ୍ୱେଷ ଦୃଷ୍ଟି ଶକ୍ତିକୁ ହ୍ରାସ କରିଦିଏ ।

୫୬. କ'ଣ ଅନ୍ୟ ଜାତିର ମହତ୍ତ୍ୱ ଦେଖିବାକୁ ଦିଏ ନାହିଁ ?

ଉ.: ସଂକୀର୍ଣ୍ଣତା ଓ ପରଜାତି ବିଦ୍ୱେଷଭାବ ଅନ୍ୟ ଜାତିର ମହତ୍ତ୍ୱ ଦେଖିବାକୁ ଦିଏ ନାହିଁ ।

୫୭. କ'ଣ ଉନ୍ନତି ଲାଭର ଉତ୍କୃଷ୍ଟ ସହାୟ ?

ଉ.: ପୂର୍ବ ଗୌରବର ସ୍ମୃତି ଉନ୍ନତି ଲାଭର ଉତ୍କୃଷ୍ଟ ସହାୟ ।

୫୮. ପୂର୍ବ ଗୌରବର ସ୍ମୃତି କେବଳ ସ୍ମୃତି ବା ବାକ୍ୟମାତ୍ରରେ ଅବସ୍ଥିତ କଲେ କ'ଣ ହେବ ବୋଲି କୁହାଯାଇଛି ?

ଉ.: ପୂର୍ବ ଗୌରବର ସ୍ମୃତି କେବଳ ସ୍ମୃତି ବା ବାକ୍ୟମାତ୍ରରେ ଅବସ୍ଥିତ କଲେ ତା ଦ୍ୱାରା କିଛି ଫଳ ଲାଭ ହେବ ନାହିଁ ବୋଲି କୁହାଯାଇଛି ।

୫୯. ଈଶ୍ୱର ଆମ୍ଭମାନଙ୍କ ଦେଶକୁ କାହା ହସ୍ତରୁ ଉଦ୍ଧାର କରନ୍ତୁ ବୋଲି କୁହାଯାଇଛି ?

ଉ.: ଈଶ୍ୱର ଆମ୍ଭମାନଙ୍କ ଦେଶକୁ ଏହି ବିକୃତ ଅନୁରାଗ ହସ୍ତରୁ ଉଦ୍ଧାର କରନ୍ତୁ ବୋଲି କୁହାଯାଇଛି ।

ଗ) **ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ : ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ନମ୍ବର ଓ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧. ଏକ ଶ୍ରେଣୀ ମନୁଷ୍ୟମାନଙ୍କ ଠାରେ ବସ୍ତୁର କେଉଁ ବିଷୟରେ ପ୍ରୟାସ ଦେଖାଯାଏ ନାହିଁ ?

ଉ.: ପ୍ରବନ୍ଧ-ଇତିହାସ, ପ୍ରାବନ୍ଧିକ-ବିଶ୍ୱନାଥ କର । ଏକ ଶ୍ରେଣୀ ମନୁଷ୍ୟମାନଙ୍କ ଠାରେ ବସ୍ତୁର କେଉଁ ବିଷୟରେ ପ୍ରୟାସ ଦେଖାଯାଏ ନାହିଁ ।

୨. ଏକ ଶ୍ରେଣୀ ମନୁଷ୍ୟମାନଙ୍କ ଠାରେ ବସ୍ତୁର କେଉଁ ବିଷୟରେ ଚିନ୍ତା ସ୍ଥାନ ପ୍ରାପ୍ତ ହୁଏ ନାହିଁ ?

ଉ.: ପ୍ରବନ୍ଧ-ଇତିହାସ, ପ୍ରାବନ୍ଧିକ-ବିଶ୍ୱନାଥ କର । ଏକ ଶ୍ରେଣୀ ମନୁଷ୍ୟମାନଙ୍କ ଠାରେ କି ପ୍ରଣାଳୀ ବା ସୂତ୍ରରେ କେଉଁ ବସ୍ତୁ ସେମାନଙ୍କ ନିକଟସ୍ଥ ହେଲା ବା କିପରି ତାହାର ସଦ୍‌ବ୍ୟବହାର କରିବାକୁ ହେବ, ଇତ୍ୟାଦି ବିଷୟରେ ଚିନ୍ତା ସ୍ଥାନ ପ୍ରାପ୍ତ ହୁଏ ନାହିଁ ।

୩. ଅପର ଶ୍ରେଣୀର ମନୁଷ୍ୟମାନଙ୍କ ଦ୍ୱାରା ପୃଥିବୀର କ'ଣ ସଂସାଧିତ ହୁଏ ?

ଉ.: ପ୍ରବନ୍ଧ-ଇତିହାସ, ପ୍ରାବନ୍ଧିକ-ବିଶ୍ୱନାଥ କର । ପ୍ରବନ୍ଧ ଇତିହାସ, ଅପର ଶ୍ରେଣୀର ମନୁଷ୍ୟମାନଙ୍କ ଦ୍ୱାରା ପୃଥିବୀର ନାନାବିଧ ଉନ୍ନତି ସଂସାଧିତ ହୁଏ ।

୪. ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?

ଉ.: 'ଇତିହାସ' ପ୍ରବନ୍ଧରୁ ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଚିନ୍ତାଶୀଳତା ସୂକ୍ଷ୍ମଦୃଷ୍ଟି ବା ତତ୍ତ୍ୱ ନିରୂପଣ ପ୍ରୟାସ ହିଁ ମନୁଷ୍ୟତ୍ୱର ବିଶେଷ ଲକ୍ଷଣ ।

୫. ସୂକ୍ଷ୍ମଦୃଷ୍ଟି ସମ୍ପନ୍ନ ଓ ଚିନ୍ତାଶୀଳ ଶ୍ରେଣୀର ମନୁଷ୍ୟମାନଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କଲେ କ'ଣ ବୁଝାଯାଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ସୂକ୍ଷ୍ମଦୃଷ୍ଟି ସମ୍ପନ୍ନ ଓ ଚିନ୍ତାଶୀଳ ଶ୍ରେଣୀର ମନୁଷ୍ୟମାନଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କଲେ 'ମନୁଷ୍ୟ ଯେ ଅନନ୍ତ ଦେବଙ୍କର ପ୍ରତିକୃତି' ବୁଝାଯାଏ ।

୬. ମନୁଷ୍ୟ ବର୍ତ୍ତମାନର ଜୀବ ହୋଇ ସୁଦ୍ଧା କାହା ସଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ମନୁଷ୍ୟ ବର୍ତ୍ତମାନର ଜୀବ ହୋଇ ସୁଦ୍ଧା ଅନନ୍ତ ଅତୀତ ଅନନ୍ତ ଭବିଷ୍ୟତ ସଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧ ।

୭. ମନୁଷ୍ୟର ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସଙ୍ଗେ ସମ୍ବନ୍ଧ ବିଚ୍ଛିନ୍ନ ହେଲେ କ'ଣ ହେବ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ମନୁଷ୍ୟର ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସଙ୍ଗେ ସମ୍ବନ୍ଧ ବିଚ୍ଛିନ୍ନ ହେଲେ ମାନବ ଜୀବନର ମୂଲ୍ୟ କିଛି ରହେ ନାହିଁ ।

୮. ମନୁଷ୍ୟ କେଉଁଠିକୁ ଅବତରଣ କଲେ ନରକଙ୍କାଳ ଦେଖିବ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ମନୁଷ୍ୟ ପାଦମୂଳରୁ ନିମ୍ନଦେଶକୁ ଅବତରଣ କଲେ ନରକଙ୍କାଳ ଦେଖିବ ।

୯. ରାଶି ରାଶି ନର ଦେହ କାହିଁକି ପତିତ ହୋଇଅଛି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ବର୍ତ୍ତମାନ ଅବସ୍ଥା ଲାଭ କରିବା ପାଇଁ ରାଶି ରାଶି ନର ଦେହ ପତିତ ହୋଇଅଛି ।

୧୦. ଫରାସୀ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ କ'ଣ ହୁଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଫରାସୀ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ ଆମ୍ଭମାନଙ୍କର ହୃଦକମ୍ପ ହୁଏ ।

୧୧. କେଉଁ କଥା ଶ୍ରବଣ କଲେ ପ୍ରାଣ ଅବସନ୍ନ ହୋଇପଡ଼େ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଲକ୍ଷ ଲକ୍ଷ ମହାପ୍ରାଣୀଙ୍କ ବିନାଶ ବାର୍ତ୍ତା କଥା ଶ୍ରବଣ କଲେ ପ୍ରାଣ ଅବସନ୍ନ ହୋଇପଡ଼େ ।

୧୨. ପ୍ରତ୍ୟକ୍ଷୀଭୂତ ବିପ୍ଳବରାଶି ଛଡ଼ା କାହାର ସଂଖ୍ୟା ଗଣନା କରାଯାଇ ପାରିବନାହିଁ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ପ୍ରତ୍ୟକ୍ଷୀଭୂତ ବିପ୍ଳବରାଶି ଛଡ଼ା ନୀରବ ଦେହପାତର ସଂଖ୍ୟା ଗଣନା କରାଯାଇ ପାରିବନାହିଁ ।

୧୩. ଅତୀତ ମାନବଜାତିର ରକ୍ତମାଂସରୁ କ'ଣ ଉଦ୍ଭବ ବୋଲି କୁହାଯାଇଛି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଅତୀତ ମାନବଜାତିର ରକ୍ତମାଂସରୁ ବର୍ତ୍ତମାନ ମାନବୋନ୍ନତି ଉଦ୍ଭବ ବୋଲି କୁହାଯାଇଛି ।

୧୪. ପୃଥିବୀର ବର୍ତ୍ତମାନ ଅବସ୍ଥା ମଧ୍ୟରେ ପୂର୍ବବର୍ତ୍ତୀର କ'ଣ ପରିଲକ୍ଷିତ ହୁଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ପୃଥିବୀର ବର୍ତ୍ତମାନ ଅବସ୍ଥା ମଧ୍ୟରେ ପୂର୍ବବର୍ତ୍ତୀର ସକଳ ପ୍ରକାର ଅବସ୍ଥାର ଚିହ୍ନ ଏବଂ ବିଭିନ୍ନ ଶ୍ରେଣୀର ଜୀବରାଶିର ଦେହାବଶେଷ ପରିଲକ୍ଷିତ ହୁଏ ।

୧୫. କେଉଁଠାରେ ଅତୀତ ମାନବ ସମାଜର ଭାବ ରାଶି ନିହିତ ଥିବା ପ୍ରତ୍ୟକ୍ଷ ହୁଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ବର୍ତ୍ତମାନ ମାନବ ସମାଜର ଦେହରେ ଅତୀତ ମାନବ ସମାଜର ଭାବ ରାଶି ନିହିତ ଥିବା ପ୍ରତ୍ୟକ୍ଷ ହୁଏ ।

୧୬. ଜଗତ ପରିବର୍ତ୍ତନ ରାଶି ମଧ୍ୟରେ କ'ଣ ଅବସ୍ଥିତ କରୁଅଛି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଜଗତ ପରିବର୍ତ୍ତନ ରାଶି ମଧ୍ୟରେ ଚିର ଅପରିବର୍ତ୍ତନୀୟ ସତ୍ୟ ଅବସ୍ଥିତ କରୁଅଛି ।

୧୭. କାହାର ବିନାଶ ଅନିବାର୍ଯ୍ୟ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ସତ୍ୟ ସଙ୍ଗେ ବିରୋଧ ଯାହାର, ତାହାର ବିନାଶ ଅନିବାର୍ଯ୍ୟ ।

୧୮. ମାନବ ସମାଜ ମଧ୍ୟରେ କେଉଁ ବ୍ୟାପାର ଚିରକାଳ ଲାଗିଅଛି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ମାନବ ସମାଜ ମଧ୍ୟରେ, କେବଳ ସତ୍ୟ ସଙ୍ଗେ ବିରୋଧ ଯାହାର, ତାହାର ବିନାଶ ଅନିବାର୍ଯ୍ୟ ଏହି ବ୍ୟାପାର ଚିରକାଳ ଲାଗିଅଛି ।

୧୯. ସମସ୍ତ ଘଟଣାର ଲକ୍ଷ୍ୟ ଓ ଗତି କେଉଁଆଡ଼କୁ ବୋଲି କୁହାଯାଇଛି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ସମସ୍ତ ଘଟଣାର ଲକ୍ଷ୍ୟ ଓ ଗତି ଏକଆଡ଼କୁ ବୋଲି କୁହାଯାଇଛି ।

୨୦. ସମସ୍ତ ମନୁଷ୍ୟମାନଙ୍କର ଗତି କେଉଁ ନିୟମରେ ନିୟମିତ ହେଉଅଛି ବୋଲି ଲେଖକ କହିଛନ୍ତି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ସମସ୍ତ ମନୁଷ୍ୟମାନଙ୍କର ଗତି ଏକ ଆଡ଼କୁ ଏବଂ ଅଖଣ୍ଡ ନିୟମରେ ସମସ୍ତ ଘଟଣାବଳୀ ନିୟମିତ ହେଉଅଛି ବୋଲି ଲେଖକ କହିଛନ୍ତି ।

୨୧. ବିରୋଧ ମଧ୍ୟରେ କିଏ ସାମଞ୍ଜସ୍ୟ ଦର୍ଶନ କରେ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ବିରୋଧ ମଧ୍ୟରେ ଚିନ୍ତାଶୀଳ ମନୁଷ୍ୟ ସର୍ବତ୍ର ସାମଞ୍ଜସ୍ୟ ଦର୍ଶନ କରେ ।

୨୨. ଐଶ୍ୱର୍ଯ୍ୟଶାଳୀ ରାଜା ଓ ଦୀନହୀନ କୃଷକ ଉଭୟେ କ'ଣ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଐଶ୍ୱର୍ଯ୍ୟଶାଳୀ ରାଜା ଓ ଦୀନହୀନ କୃଷକ ଉଭୟେ ସମାଜର ଅଙ୍ଗ ।

୨୩. ମାନବ ସମାଜ ବିଷୟରେ ଜାଣିବାକୁ ହେଲେ କ'ଣ ଜାଣିବା ଆବଶ୍ୟକ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ମାନବ ସମାଜ ବିଷୟରେ ଜାଣିବାକୁ ହେଲେ ସମଗ୍ର ଇତିହାସକୁ ଜାଣିବା ଆବଶ୍ୟକ ।

୨୪. ପ୍ରଚଳିତ ଇତିହାସକୁ ଲକ୍ଷ୍ୟ କରି ସୁପ୍ରସିଦ୍ଧ ପଣ୍ଡିତ କ'ଣ କହିଛନ୍ତି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ପ୍ରଚଳିତ ଇତିହାସକୁ ଲକ୍ଷ୍ୟ କରି ସୁପ୍ରସିଦ୍ଧ ପଣ୍ଡିତ କହିଛନ୍ତି- "ପ୍ରଚଳିତ ଇତିହାସ ଗଭୀରତାଶୂନ୍ୟ ଗ୍ରାମ୍ୟ ଗଳ୍ପ ତୁଲ୍ୟ ।"

୨୫. ପ୍ରାଚୀନ ଚିକିତ୍ସା ଶାସ୍ତ୍ରରେ କାହାର ସମାବେଶ ଦେଖାଯାଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ପ୍ରାଚୀନ ଚିକିତ୍ସା ଶାସ୍ତ୍ରରେ ରସିକତା, ଭାବୁକତା, ଅଳଙ୍କାର ଓ ଆଡ଼ମ୍ବରର ସମାବେଶ ଦେଖାଯାଏ ।

୨୬. ପ୍ରାଚୀନ କେଉଁ ଧର୍ମଶାସ୍ତ୍ର ଐତିହାସିକ ସତ୍ୟରେ ପରିପୂର୍ଣ୍ଣ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ପ୍ରାଚୀନ ବାଇବେଲ ଓ ଆମ୍ଭମାନଙ୍କର ବେଦ ଭଳି ଧର୍ମଶାସ୍ତ୍ର ଐତିହାସିକ ସତ୍ୟରେ ପରିପୂର୍ଣ୍ଣ ।

୨୭. ଦେଶ ଓ କାଳର ଇତିହାସ କେଉଁଠାରେ ଉଜ୍ଜ୍ୱଳ ଅକ୍ଷରରେ ଲିଖିତ ହୋଇଅଛି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଦେଶ ଓ କାଳର ଇତିହାସ ମନ୍ଦିର, ଗୃହ, ଖୋଦିତ ମୂର୍ତ୍ତି ଓ ଫଳକାଦିରେ ଉଜ୍ଜ୍ୱଳ ଅକ୍ଷରରେ ଲିଖିତ ହୋଇଅଛି ।

୨୮. ବର୍ତ୍ତମାନ ଯୁଗର ଇତିହାସରେ କେଉଁ ପ୍ରୟୋଜନୀୟ ବିଷୟର ସମାବେଶ ହୋଇଅଛି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ବର୍ତ୍ତମାନ ଯୁଗର ଇତିହାସରେ ଜାତି ସାଧାରଣର ଆଚାର, ବ୍ୟବହାର, ଧର୍ମ, ନୀତି, ଶିକ୍ଷା, ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ବିଜ୍ଞାନ ସକଳ ପ୍ରକାର ପ୍ରୟୋଜନୀୟ ବିଷୟର ସମାବେଶ ହୋଇଅଛି ।

୨୯. ପାଠକ କାହା ସହିତ ସମ୍ପର୍କ ବିସ୍ମୃତ ହୋଇ ଇତିହାସ ଅଧ୍ୟୟନ କରିବା ବିଡ଼ମ୍ବନା ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ପାଠକ ବର୍ତ୍ତମାନ ଓ ନିଜ ଜୀବନ ସଙ୍ଗେ ଅତୀତର ସମ୍ପର୍କ ବିସ୍ମୃତ ହୋଇ ଇତିହାସ ଅଧ୍ୟୟନ କରିବା ବିଡ଼ମ୍ବନା ।

୩୦. ଇତିହାସର ଉପସ୍ଥାପିତ ଘଟଣାର ପଶ୍ଚାତ୍‌ଦେଶରେ କାହାର ହସ୍ତ କାର୍ଯ୍ୟ କରୁଅଛି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଇତିହାସର ଉପସ୍ଥାପିତ ଘଟଣାର ପଶ୍ଚାତ୍‌ଦେଶରେ ନିୟମ ବା ନିୟନ୍ତାଙ୍କ ହସ୍ତ କାର୍ଯ୍ୟ କରୁଅଛି ।

୩୧. କେଉଁଠି ଦେଶ ଓ କାଳର ଦୂରତ୍ୱ ବିନଷ୍ଟ ହୋଇଯାଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ମନୁଷ୍ୟ ନିଜ ଭିତରେ ସମସ୍ତ ବ୍ରହ୍ମାଣ୍ଡକୁ ପ୍ରତ୍ୟକ୍ଷ କଲେ ଏବଂ ସର୍ବତ୍ର ମଙ୍ଗଳମୟ ବିଧାତାଙ୍କ ପ୍ରତ୍ୟକ୍ଷ ହସ୍ତ ଦର୍ଶନ କରି ସ୍ତମ୍ଭିତ ଓ ମୋହିତ ହେଲେ, ସେଠାରେ ଦେଶ ଓ କାଳର ଦୂରତ୍ୱ ବିନଷ୍ଟ ହୋଇଥାଏ ।

୩୨. ଚିନ୍ତାଶୀଳ ପାଠକ ଇତିହାସ ବର୍ଣ୍ଣିତ ସକଳ ପ୍ରକାର ଚିତ୍ରରେ କ'ଣ ଦେଖି ସମୁଚିତ ଶିକ୍ଷାଲାଭ କରନ୍ତି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଚିନ୍ତାଶୀଳ ପାଠକ ଇତିହାସ ବର୍ଣ୍ଣିତ ସକଳ ପ୍ରକାର ଚିତ୍ରରେ ନିଜ ଜୀବନର ଏବଂ ସମସାମୟିକ ସମାଜ ମଧ୍ୟରେ ପ୍ରତିବିମ୍ବିତ ଦେଖି ସେଗୁଡ଼ିକର ସମୁଚିତ ଶିକ୍ଷାଲାଭ କରନ୍ତି ।

୩୩. ବୁଦ୍ଧିମାନ ବ୍ୟକ୍ତି ଇତିହାସରୁ କ'ଣ ଅନୁଭବ କରିପାରିବେ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ବୁଦ୍ଧିମାନ ବ୍ୟକ୍ତି ଇତିହାସରୁ ଏହା ଶିକ୍ଷା ପକ୍ଷରେ କିପରି ଉପଯୋଗୀ, ତାହା ଅନୁଭବ କରିପାରିବେ ।

୩୪. ପ୍ରାଥମିକ ମନୁଷ୍ୟ କିପରି କାଳାତିପାତ କରୁଥିଲା ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ପ୍ରାଥମିକ ମନୁଷ୍ୟ ଅରଣ୍ୟରେ ଶୀତ, ଗ୍ରୀଷ୍ମ, ବର୍ଷାରେ ଅସହ୍ୟ କ୍ଳେଶ ସହ୍ୟକରି, ଅପକ୍ୱ ମାଂସ ଫଳମୂଳ ଆହାର କରି କାଳାତିପାତ କରୁଥିଲା ।

୩୫. ସୁସନ୍ତାନ ଓ ସୁପିତାର କାର୍ଯ୍ୟ କ'ଣ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ସୁସନ୍ତାନ ଓ ସୁପିତାର କାର୍ଯ୍ୟ ହେଉଛି ପୈତୃକ ଧନରାଶି ସଙ୍ଗେ ସ୍ୱୋପାର୍ଜିତ ସମ୍ପତ୍ତି ଯୋଗ କରିବା ।

୩୬. ଅଯୋଗ୍ୟ ଜାତିର ସଞ୍ଚିତ ଧନରାଶି, ଜ୍ଞାନ ଓ ବିଜ୍ଞାନ କାହା ହସ୍ତରେ ସମର୍ପିତ ହେବ ବୋଲି କୁହାଯାଇଛି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଅଯୋଗ୍ୟ ଜାତିର ସଞ୍ଚିତ ଧନରାଶି, ଜ୍ଞାନ ଓ ବିଜ୍ଞାନ ଯୋଗ୍ୟତାର ଜାତି ହସ୍ତରେ ସମର୍ପିତ ହେବ ବୋଲି କୁହାଯାଇଛି ।

୩୭. କେଉଁ ଦୁଇ ରାଷ୍ଟ୍ରର ପତନ ହେଲେ ମାନବ ଜାତିର କ୍ଷତି ହେବ ନାହିଁ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ପ୍ରାଚୀନ ରୋମ୍ ଓ ଭାରତ ଭଳି ଦୁଇରାଷ୍ଟ୍ରର ପତନ ହେଲେ ମାନବ ଜାତିର କ୍ଷତି ହେବ ନାହିଁ ।

୩୮. ରୋମ ଓ ଭାରତ ଯାହା ରକ୍ଷାକରି ପାରିଲା ନାହିଁ ତାକୁ ରକ୍ଷା କରିବାକୁ କେଉଁ ଦେଶ ପ୍ରସ୍ତୁତ ଅଛି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ରୋମ ଓ ଭାରତ ଯାହା ରକ୍ଷାକରି ପାରିଲା ନାହିଁ ତାକୁ ରକ୍ଷା କରିବାକୁ ଇଂଲଣ୍ଡ ଓ ଆମେରିକା ଭଳି ଦେଶ ପ୍ରସ୍ତୁତ ଅଛି ।

୩୯. ଇଂଲଣ୍ଡ ଓ ଆମେରିକା ଯେତେବେଳେ ନିଜ ଅଯୋଗ୍ୟତାର ପ୍ରମାଣ ପ୍ରଦର୍ଶନ କରିବେ, ସେତେବେଳେ କାହାର ଅଭ୍ୟୁତ୍ଥାନ ହେବ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଇଂଲଣ୍ଡ ଓ ଆମେରିକା ଯେତେବେଳେ ନିଜ ଅଯୋଗ୍ୟତାର ପ୍ରମାଣ ପ୍ରଦର୍ଶନ କରିବେ, ସେତେବେଳେ ନବ ଇଂଲଣ୍ଡ ଓ ନବ ଆମେରିକାର ଅଭ୍ୟୁତ୍ଥାନ ହେବ ।

୪୦. ଯୋଗ୍ୟତା ନ ଦେଖି କିଏ ଉଚ୍ଚ ଅଧିକାର ଦିଅନ୍ତି ନାହିଁ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର । ଯୋଗ୍ୟତା ନ ଦେଖି ବିଧାତା ଉଚ୍ଚ ଅଧିକାର ଦିଅନ୍ତି ନାହିଁ ।

୪୧. ଯୋଗ୍ୟତାର ଲକ୍ଷଣ କ'ଣ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର । ସାଧୁତା, ସରଳତା, ସତ୍ୟନିଷ୍ଠା, ମୈତ୍ରୀ, କ୍ଷମା, ସାହସ, ବୀର୍ଯ୍ୟ ପ୍ରଭୃତି ଯୋଗ୍ୟତାର ଲକ୍ଷଣ ।

୪୨. କାହାକୁ ହରାଇ କୌଣସି ବ୍ୟକ୍ତି ବା ସମାଜ ଉନ୍ନତି ଲାଭ କରିନପାରେ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର । ସାଧୁତା, ସରଳତା, ସତ୍ୟନିଷ୍ଠା, ମୈତ୍ରୀ, କ୍ଷମା, ସାହସ, ବୀର୍ଯ୍ୟ ପ୍ରଭୃତି ହରାଇ କୌଣସି ବ୍ୟକ୍ତି ବା ସମାଜ ଉନ୍ନତି ଲାଭ କରିପାରି ନାହିଁ ।

୪୩. ଭୋଗ, ବିଳାସ, ଆମୋଦରେ ଦିନ କଟାଉଥିବା ବ୍ୟକ୍ତି ସମାଜର କ'ଣ କରିପାରେ ନାହିଁ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର । ଭୋଗ, ବିଳାସ, ଆମୋଦରେ ଦିନ କଟାଉଥିବା ବ୍ୟକ୍ତି ସମାଜର ଉନ୍ନତି କିମ୍ବା ଇହ ଉନ୍ନତି ରକ୍ଷା କରିପାରେ ନାହିଁ ।

୪୪. ପ୍ରତ୍ୟେକ ଜାତିର ଇତିହାସ କେଉଁ ସାକ୍ଷ୍ୟ ପ୍ରଦାନ କରୁଛି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର । ନୀତିହୀନ ଅନୁଦାର ଜାତି କଦାପି ସଭ୍ୟତାର ଉଚ୍ଚତର ସୋପାନରେ ଆରୋହଣ କରିପାରିବ ନାହିଁ ବୋଲି ପ୍ରତ୍ୟେକ ଜାତିର ଇତିହାସ ସାକ୍ଷ୍ୟ ପ୍ରଦାନ କରଛି ।

୪୫. ବ୍ୟକ୍ତିର ଅଲଙ୍ଘନୀୟ କର୍ତ୍ତବ୍ୟ କ'ଣ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର । ବ୍ୟକ୍ତିର ଅଲଙ୍ଘନୀୟ କର୍ତ୍ତବ୍ୟ ହେଉଛି, ବିଶେଷ ଭାବରେ ସ୍ୱଜାତିର ଇତିହାସ ଶିକ୍ଷା କରିବା ।

୪୬. କେଉଁଥିରୁ ହୃଦୟକୁ ରକ୍ଷା କରିବା ସର୍ବତୋଭାବେ ବିଧେୟ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର । ସଂକୀର୍ଣ୍ଣତା ଓ ପରଜାତି ବିଦ୍ୱେଷ ଭାବରୁ ହୃଦୟକୁ ରକ୍ଷା କରିବା ସର୍ବତୋଭାବେ ବିଧେୟ ।

୪୭. କ'ଣ ଦୃଷ୍ଟିଶକ୍ତିକୁ ହ୍ରାସ କରିଦିଏ; ଅନ୍ୟ ଜାତିର ମହତ୍ତ୍ୱ ଦେଖିବାକୁ ଦିଏ ନାହିଁ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର । ସଂକୀର୍ଣ୍ଣତା ଓ ପରଜାତି ବିଦ୍ୱେଷ ଭାବ ଦୃଷ୍ଟିଶକ୍ତିକୁ ହ୍ରାସ କରିଦିଏ; ଅନ୍ୟ ଜାତିର ମହତ୍ତ୍ୱ ଦେଖିବାକୁ ଦିଏ ନାହିଁ ।

ଘ) ସଂକ୍ଷିପ୍ତ ଉତ୍ତରମୂଳକ ।

୧. ଏ ଶ୍ରେଣୀ ମନୁଷ୍ୟ କ'ଣ କରନ୍ତି ନାହିଁ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଏ ଶ୍ରେଣୀ ବା ପ୍ରଥମ ଶ୍ରେଣୀ ମନୁଷ୍ୟମାନେ ପୃଥିବୀର ନାନା ବସ୍ତୁ ଦର୍ଶନ କରନ୍ତି ଓ ସମ୍ଭୋଗ କରନ୍ତି । ଅପରପକ୍ଷରେ ସେମାନେ କୌଣସି ବସ୍ତୁର ତତ୍ତ୍ୱ ନିରୂପଣ କରିବାର ପ୍ରୟାସ କରନ୍ତି ନାହିଁ ।

୨. ଅପର ଶ୍ରେଣୀ ମନୁଷ୍ୟମାନଙ୍କ ସମ୍ପର୍କରେ ପରିଚୟ ଦଅ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଅପର ଶ୍ରେଣୀ ମନୁଷ୍ୟମାନେ ଅସାଧାରଣ, ସୂକ୍ଷ୍ମ ଦୃଷ୍ଟିସମ୍ପନ୍ନ ଓ ଚିନ୍ତାଶୀଳ ଏମାନଙ୍କ ଦ୍ୱାରା ପୃଥିବୀର ନାନାବିଧ ଉନ୍ନତି ହୋଇଥାଏ । ଏମାନଙ୍କୁ ପ୍ରାବନ୍ଧିକ ପ୍ରକୃତ ମନୁଷ୍ୟତ୍ୱର ଲକ୍ଷଣ ବୋଲି କହିଛନ୍ତି । କାରଣ ଏହି ପ୍ରଭାବରେ ମାନବ ସମାଜର ବୈଷୟିକ ଓ ଆଧ୍ୟାତ୍ମିକ ଉନ୍ନତି ହୋଇଥାଏ ।

୩. ପ୍ରକୃତିସ୍ଥ ମନୁଷ୍ୟ କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ଜୀବନର ମୂଲ୍ୟ ରହେ ନାହିଁ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ପ୍ରକୃତିସ୍ଥ ମନୁଷ୍ୟର ମନ ନିତ୍ୟକ୍ରିୟାଶୀଳ । ଅନନ୍ତ ପ୍ରକୃତି ସଙ୍ଗେ ତାହାର ନିତ୍ୟ ସମ୍ପର୍କ । କାରଣ ସେ ବର୍ତ୍ତମାନର ଜୀବ ହୋଇ ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧ ରଖିଥାଏ । ଏହି ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ଜୀବନର ମୂଲ୍ୟ ରହେ ନାହିଁ ।

୪. ବିଂଶ ଶତାବ୍ଦୀ ମାନବ ସମାଜର ଭିତ୍ତିଭୂମି କ'ଣ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ବିଂଶ ଶତାବ୍ଦୀ ମାନବ ସମାଜର ଭିତ୍ତିଭୂମି ଅନୁଧ୍ୟାନ କଲେ ଦେଖାଯାଏ ପାଦମୂଳରୁ ନିମ୍ନଦେଶ ପର୍ଯ୍ୟନ୍ତ ପୂର୍ବ ପୁରୁଷଙ୍କ ନରକଙ୍କାଳ । ଏହି ଅକଳ୍ପନୀୟ ନରଦେହର ପତିତ ରାଶି ହେଉଛି ବିଂଶ ଶତାବ୍ଦୀର ମାନବ ସମାଜର ଭିତ୍ତିଭୂମି ।

୫. ଫରାସୀ ରାଷ୍ଟ୍ର ବିପ୍ଲବ କଥା ଶ୍ରବଣ କରି ହୃଦୟ ଓ ମନ କାହିଁକି ସ୍ତମ୍ଭିତ ହୋଇଯାଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଫରାସୀ ରାଷ୍ଟ୍ର ବିପ୍ଲବ କଥା ଶ୍ରବଣ କରି ହୃଦୟ ଓ ମନ ସ୍ତମ୍ଭିତ ହୋଇଯାଏ, କାରଣ ଏହି ବିପ୍ଲବରେ ପ୍ରାଣୀ ଦୁଃଖ ଓ ଶୋକରେ ଅବସନ୍ନ ହୋଇପଡ଼େ ।

୬. ସକଳ ପ୍ରକାର ବିପ୍ଲବ ମୂଳରେ କେଉଁ ନିଗୂଢ଼ କାରଣ ବିଦ୍ୟମାନ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କରଙ୍କ ଭାଷାରେ, ମାନବର ପ୍ରକୃତ ଉନ୍ନତି ସତ୍ୟସାଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧିତ । ସତ୍ୟ ସଙ୍ଗେ ସମ୍ପର୍କରେ ବିକାଶ ଓ ବିରୋଧରେ ବିନାଶ ନିବାର୍ଯ୍ୟ । ସକଳ ପ୍ରକାର ବିପ୍ଲବ ମୂଳରେ ଏହି ନିଗୂଢ଼ କାରଣଟି ବିଦ୍ୟମାନ ।

୭. କ୍ଷୁଦ୍ର ଅଗ୍ନିକଣା ତୁଲ୍ୟ ଗୋଟିଏ ନିଭୃତ ହୃଦୟର ଚିନ୍ତା ପରିବ୍ୟାପ୍ତ ହୋଇ କିପରି ପ୍ରତିଭାତ ହୁଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର କହନ୍ତି, କ୍ଷୁଦ୍ର ଅଗ୍ନିକଣା ତୁଲ୍ୟ ଗୋଟିଏ ନିଭୃତ ହୃଦୟର ଚିନ୍ତା ପରିବ୍ୟାପ୍ତ ହୋଇ ପ୍ରଚଣ୍ଡ ଅଗ୍ନିକାଣ୍ଡ ସୃଷ୍ଟି କରେ ଏବଂ ତାହାଦ୍ୱାରା ରାଶି ରାଶି ଅସଂଖ୍ୟ ଅନ୍ୟାୟ, ଅସାମ୍ୟ, ପବିତ୍ରତା ଶୁଷ୍କ ତୃଣରାଶି ତୁଲ୍ୟ ଭସ୍ମୀଭୂତ ହୋଇଛି । କେବଳ ବିଶୁଦ୍ଧ ସତ୍ୟଟି, ଉଜ୍ଜ୍ୱଳତର ଆକାର ପ୍ରତିଭାତ ହୁଏ ।

୮. ପ୍ରକୃତରୂପେ ମାନବ ଜୀବନ କିପରି ଗଠିତ ହୁଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କରଙ୍କ ଭାଷାରେ, କେତେବେଳେ ଆଲୋକ, କେତେବେଳେ ଅନ୍ଧକାର, କେତେବେଳେ ଉଚ୍ଚ ହାସ୍ୟଧ୍ୱନି, କେତେବେଳେ ବା ମର୍ମଭେଦୀ ହାହାକାର, ଏହିପରି ପରସ୍ପର ବିରୁଦ୍ଧ ଓ ପ୍ରତିକୂଳ ଅବସ୍ଥା ଭିତରେ ମାନବ ଜୀବନ ଗଠିତ ହୁଏ ।

୯. ବ୍ୟକ୍ତି ଓ ସମାଜ ଜୀବନ କିପରି ଉନ୍ନତତର ଅବସ୍ଥାକୁ ନୀତ ହୁଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ବ୍ୟକ୍ତିଗତ ଜୀବନରେ ନାନା ଘଟନା, ନାନା ପରିବର୍ତ୍ତନ ଭିତରେ ଜୀବନଟି ଉନ୍ନତ ଆଡ଼କୁ ଅଗ୍ରସର ହେଲାପରି ସମାଜ ମଧ୍ୟ ନାନା ଘଟନା ଓ ନାନା ପରବର୍ତ୍ତନ ଦ୍ୱାରା ଉନ୍ନତତର ଅବସ୍ଥାକୁ ନୀତ ହୁଏ ।

୧୦. କ'ଣ ଇତିହାସ ପଦବାଚ୍ୟ ନୁହେଁ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ମନୁଷ୍ୟ ଏକ ଇତିହାସ ପାଇଁ ଗୋଟା କେତେ ରାଜବଂଶ ବିବିଣ ବା ଗୋଟିଏ ଅନ୍ୟ ବିଶେଷ ଜାତିର ସ୍ଥୁଳ ବିବରଣ ପାଠ କଲେ ଚଳିବ ନାହିଁ । କାରଣ ଯହିଁରେ ମାନବ ପ୍ରକୃତିର କ୍ରମବିକାଶର ଛବି ପ୍ରତିବିମ୍ବିତ ନାହିଁ, ତାହା ପ୍ରକୃତରେ ଇତିହାସ ପଦବାଚ୍ୟ ନୁହେଁ ।

୧୧. ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସରେ କ'ଣ ଉପସ୍ଥାପନ କରାଯାଇଛି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସରେ କେବଳ କେତେଗୁଡ଼ିଏ କ୍ଷମତାଶାଳୀ ବୀର ପୁରୁଷଙ୍କର କଳ୍ପନା ମିଶ୍ରିତ ବିବରଣୀ ଉପସ୍ଥାପନ କରାଯାଇଛି । ସେହି ବୀରମାନେ ଦେବ ଅଂଶରେ ଜାତ ଏବଂ ସେମାନଙ୍କର କାର୍ଯ୍ୟକଳାପକୁ ଅଲୌକିକ ଭାବରେ ଉପସ୍ଥାପନ କରାଯାଇଛି ।

୧୨. ସୂକ୍ଷ୍ମ ଦୃଷ୍ଟିସମ୍ପନ୍ନ ପଣ୍ଡିତମାନେ କେଉଁଠାରୁ ସତ୍ୟ ସଂଗ୍ରହ କରି ଆମ୍ଭମାନଙ୍କ ନିକଟରେ ଉପସ୍ଥାପିତ କରିଅଛନ୍ତି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ସୂକ୍ଷ୍ମ ଦୃଷ୍ଟି ସମ୍ପନ୍ନ ପଣ୍ଡିତମାନେ ସାହିତ୍ୟ, ପ୍ରାଚୀନ କୀର୍ତ୍ତି, ଖୋଦିତ ମୂର୍ତ୍ତି ଓ ଫଳକାଦିରୁ ଐତିହାସିକ ସତ୍ୟ ସଂଗ୍ରହ କରି ଆମ୍ଭମାନଙ୍କ ନିକଟରେ ଉପସ୍ଥାପିତ କରିଅଛନ୍ତି ।

୧୩. ବର୍ତ୍ତମାନର ଇତିହାସ କିପରି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ବର୍ତ୍ତମାନର ଇତିହାସ ସ୍ୱତନ୍ତ୍ର ଓ ଆଦର୍ଶର ନିକଟବର୍ତ୍ତୀ । କେବଳ ରାଜା, ରାଜପୁରୁଷ ବା ରାଜନୀତି ନେଇ ବର୍ତ୍ତମାନର ଇତିହାସ ରଚିତ ନୁହେଁ । ଏଥିରେ ଜାତି ସାଧାରଣର ଆଚାର, ବ୍ୟବହାର, ଧର୍ମ, ନୀତି, ଶିକ୍ଷା, ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ବିଜ୍ଞାନର ସମନ୍ୱୟ ହୋଇଛି ।

୧୪. କେଉଁଠାରେ ଦେଶ ଓ କାଳର ଦୂରତ୍ୱ ବିନଷ୍ଟ ହୋଇଯାଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଯେଉଁଠାରେ ମନୁଷ୍ୟ ସମଗ୍ର ବ୍ରହ୍ମାଣ୍ଡ ପ୍ରତ୍ୟକ୍ଷ କରିବାକୁ ସମର୍ଥ ହୁଏ । ମଙ୍ଗଳମୟ ବିଧାତା ପ୍ରତ୍ୟକ୍ଷ ହସ୍ତ ଦର୍ଶନ କରି ସ୍ତମ୍ଭିତ ଓ ମୋହିତ ହୁଏ, ସେହିଠାରେ ଦେଶ ଓ କାଳର ଦୂରତ୍ୱ ବିନଷ୍ଟ ହୋଇଯାଏ ।

୧୫. ଇତିହାସ ପାଠଦ୍ୱାରା ନିଜ ଜୀବନର କେଉଁ ବ୍ୟାପାର ପ୍ରତିଭାତ ହୁଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଇତିହାସ ପଠନ ସମୟରେ ଆମ୍ଭେମାନେ ଅଲକ୍ଷିତ ଭାବରେ ଅତୀତ ନିକଟରେ ପହଞ୍ଚିଯାଉ । ଅତୀତର ସୁଖ ଦୁଃଖ, ହର୍ଷବିଷାଦ, ଭୟ ବିଭୀଷିକା, ସାହସ ଓ ବିକ୍ରମ, ଜୀବନ ଓ ମୃତ୍ୟୁ ଆମ୍ଭମାନଙ୍କ ନିଟରେ ଜୀବନ୍ତ ହୋଇ ଉଠେ । ଏବଂ ତାହା ନିଜ ଜୀବନର ବ୍ୟାପାର ପ୍ରତିଭାତ ହୁଏ ।

୧୬. ଅନ୍ତରତମ ପ୍ରଦେଶର ସାଧାରଣ ଭୂମିରେ ଠିଆ ହେଲେ ମନୁଷ୍ୟ କାହାର ପ୍ରତ୍ୟକ୍ଷ ଦର୍ଶନ କରି ସ୍ତମ୍ଭିତ ମୋହିତ ହୁଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଅନ୍ତରତମ ପ୍ରଦେଶର ସାଧାରଣ ଭୂମିରେ ଠିଆ ହେଲେ ମନୁଷ୍ୟ ଆପଣା ଭିତରେ ସମସ୍ତ ବ୍ରହ୍ମାଣ୍ଡ ପ୍ରତ୍ୟକ୍ଷ ଦର୍ଶନ କରିଥାଏ । ସେ ସର୍ବତ୍ର ସର୍ବମଙ୍ଗଳମୟ ବିଧାତାଙ୍କ ପ୍ରତ୍ୟକ୍ଷ ଦର୍ଶନ କରି ସ୍ତମ୍ଭିତ ମୋହିତ ହୁଏ ।

୧୭. ଇତିହାସ ପାଠ ଦ୍ୱାରା ସକଳ ଅବିଶ୍ୱାସ ତିରୋହିତ ହୋଇ ପ୍ରାଣ କିପରି ପୁଲକିତ ହୁଏ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ଇତିହାସ ପାଠ ଦ୍ୱାରା ସକଳ ଅବିଶ୍ୱାସ ତିରୋହିତ ହୋଇ, ଦୃଷ୍ଟି ଉଜ୍ଜ୍ୱଳ ହୁଏ । ସର୍ବତ୍ର ସତ୍ୟ, ମଙ୍ଗଳ ଓ ପୁଣ୍ୟର ଜୟ ପ୍ରତ୍ୟକ୍ଷ କରି ପ୍ରାଣ ଆଶା ଓ ବିଶ୍ୱାସରେ ପୁଲକିତ ହୁଏ ।

୧୮. କ'ଣ ନକଲେ ପିତା ଓ ପୁତ୍ର ଉଭୟଙ୍କୁ କର୍ତ୍ତବ୍ୟ ଲଂଘନଜନିତ ଅପରାଧ ଭୋଗ କରିବାକୁ ପଡ଼ିବ ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ପୁତ୍ର ପାଇଁ କେବଳ ପୈତୃକ ସମ୍ପତ୍ତି ରଖିଯିବା ପିତାର କର୍ତ୍ତବ୍ୟ ନୁହେଁ । ସେ ପୈତୃକ ଧନରାଶି ସଙ୍ଗେ ନିଜ ଉପାର୍ଜିତ ସମ୍ପତ୍ତି ଯୋଗ କରିବା, ହେଉଛି ସୁନ୍ତାନ ଓ ସୁପିତାର କାର୍ଯ୍ୟ । ତାହା ନକଲେ ପିତା ଓ ପୁତ୍ର ଉଭୟଙ୍କୁ କର୍ତ୍ତବ୍ୟ ଲଂଘନଜନିତ ଅପରାଧ ଭୋଗ କରିବାକୁ ପଡ଼ିବ ।

୧୯. ମନୁଷ୍ୟ ସ୍ୱଭାବ କିପରି ବୋଲି ଲେଖକ କହିଛନ୍ତି ?

ଉ.: 'ଇତିହାସ' ପ୍ରବନ୍ଧର ପ୍ରାବନ୍ଧିକ ବିଶ୍ୱନାଥ କର ଏହା ଉଲ୍ଲେଖ କରିଛନ୍ତି, ମନୁଷ୍ୟର ସ୍ୱଭାବ ଏହିଯେ, ନିଜେ ହୀନତା ପ୍ରାପ୍ତ ହେଲେ ଅନ୍ୟ ବ୍ୟକ୍ତିର ମହତ୍ୱ ଦେଖିପାରେ ନାହିଁ । ସେହିପରି ଆପଣା ମଧ୍ୟରେ ଗୌରବର ବିଷୟ ନଥିଲେ ସେ ପୂର୍ବ ଗୌରବର ଆସ୍ଫାଳନ ଦ୍ୱାରା ହୃଦୟକୁ କିଞ୍ଚିତ୍ ଆଶ୍ୱସ୍ତ କରିବାକୁ ଚେଷ୍ଟା କରେ ।

ଙ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧. 'ଇତିହାସ' ପ୍ରବନ୍ଧରୁ ପ୍ରାବନ୍ଧିକଙ୍କ ଆଭିମୁଖ୍ୟ ଉପସ୍ଥାପନ କର ।

ଉ.: ବାଗ୍ମୀ ବିଶ୍ୱନାଥ କର ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଜଣେ ସଫଳ ସ୍ରଷ୍ଟା । ଜଣେ ସାରସ୍ୱତ ପ୍ରାବନ୍ଧିକ ଓ ଉତ୍କଳ ସାହିତ୍ୟର ସମ୍ପାଦକ ଭାବରେ ତାଙ୍କର ଦାନ ଅବିସ୍ମରଣୀୟ । ଆଲୋଚ୍ୟ ପ୍ରବନ୍ଧଟା ଇତିହାସରେ ପ୍ରାବନ୍ଧିକ ଇତିହାସର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଛନ୍ତି । ସଭ୍ୟତା ଓ ସମାଜର ବିକାଶରେ ଇତିହାସର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଇତିହାସର ଆବଶ୍ୟକତା ଓ ପ୍ରୟୋଜନୀୟତା ହିଁ ପ୍ରବନ୍ଧର ମୁଖ୍ୟବସ୍ତୁ ।

ଜଣେ ମନୁଷ୍ୟକୁ ଯଥାର୍ଥଭାବେ ଜାଣିବାକୁ ହେଲେ, ଯେପରି ତାହାର ସମଗ୍ର ଜୀବନର ଇତିହାସ ଜାଣିବା ଆବଶ୍ୟକ ଠିକ୍ ସେହିପରି ମାନବସମାଜର ବିଷୟ ବୁଝିବାକୁ ହେଲେ ସେହି ସମାଜର ସମଗ୍ର ଇତିହାସ ଜାଣିବା ଆବଶ୍ୟକ । କେବଳ ରାଜବଂଶର ବିବରଣ ବା ବିଶେଷ ଜାତିର ବିବରଣ ପାଠ କଲେ ତାହା ଇତିହାସ ନୁହେଁ । ଏହା ଏକ ଗ୍ରାମ୍ୟ ଗଳ୍ପ ବୋଲି ପ୍ରାବନ୍ଧିକ କହିଛନ୍ତି ।

ପ୍ରଥମ ଅବସ୍ଥାରେ ଇତିହାସର ବସ୍ତୁର ଅସ୍ତିତ୍ୱ ନଥିଲା । ସାହିତ୍ୟ ବିଭିନ୍ନ ବିଭାଗ, ଧର୍ମଶାସ୍ତ୍ର, ମନ୍ଦିର, ଗୃହ, ଖୋଦିତ ମୂର୍ତ୍ତିରୁ ସେହି ଦେଶର ଇତିହାସ ଅନ୍ୱେଷଣ କରାଯାଉଥିଲା । ବର୍ତ୍ତମାନ ସମୟରେ ଯେଉଁ ଇତିହାସ ରଚନା କରାଯାଉଛି, ସେସବୁର ଲିଖନ ପ୍ରଣାଳୀ ସ୍ୱତନ୍ତ୍ର ଓ ଆଦର୍ଶର ନିକଟବର୍ତ୍ତୀ । ଜାତିର ଆଚାର, ବ୍ୟବହାର, ଧର୍ମ, ନୀତି, ଶିକ୍ଷା, ଶିଳ୍ପ, ବାଣିଜ୍ୟ, ସାହିତ୍ୟ ପ୍ରଭୃତି ବିଷୟ ବର୍ତ୍ତମାନର ଇତିହାସରେ ସମାବେଶିତ ହୋଇଛି । ତାଙ୍କ ମତରେ "ପାଠକ ଯେବେ ବର୍ତ୍ତମାନ ସଙ୍ଗେ ଏବଂ ନିଜ ଜୀବନ ସଙ୍ଗେ ଅତୀତର ସମ୍ପର୍କ ବିସ୍ମୃତ ହୋଇ ଇତିହାସ ଅଧ୍ୟୟନ କରନ୍ତି, ତେବେ ସେ ଅଧ୍ୟୟନ ବିଡ଼ମ୍ବନା ମାତ୍ର ।"

ଇତିହାସ ଆମ୍ଭେମାନଙ୍କୁ ଜଣାଇ ଦିଏ, ଆମେ ଯେଉଁ ବର୍ତ୍ତମାନ ଭୋଗ କରୁଛେ, ତାହାର କର୍ତ୍ତା ଆମେ ନୋହୁଁ । କେତେ ଯୁଗଯୁଗାନ୍ତର କଠୋର ପରିଶ୍ରମ ଦ୍ୱାରା ପ୍ରାଚୀନ ପୁରୁଷମାନେ ଆମ୍ଭମାନଙ୍କ ସୁଖ ସୁବିଧା ପାଇଁ ଅମୂଲ୍ୟ ରତ୍ନ ରାଶି ସଞ୍ଚୟ କରିଯାଇ ଅଛନ୍ତି ।

ଶେଷରେ ସତ୍ୟ ଓ ସାରବସ୍ତୁ ଯାହା, ତାହାର କଦାପି ବିନାଶ ହୁଏ ନାହିଁ ବୋଲି ପ୍ରାବନ୍ଧିକ ଯୁକ୍ତି ଉପସ୍ଥାପନ କରିଛନ୍ତି ।

ଇତିହାସର ଅଧ୍ୟୟନ, ନିଜର ସ୍ୱାଭିମାନକୁ ସମୀକ୍ଷା କରିବାକୁ ପ୍ରବର୍ତ୍ତାଇବା ସହିତ ପ୍ରେରଣା ମଧ୍ୟ ଯୋଗାଇଥାଏ । ବାସ୍ତବରେ ପ୍ରାବନ୍ଧିକଙ୍କ ଯୁକ୍ତିଯୁକ୍ତ ଉପସ୍ଥାପନ ମନୋଜ୍ଞ ହୋଇପାରିଛି ।

୨. "ନୀତିହୀନ ଅନୁଦାର ଜାତି କଦାପି ସଭ୍ୟତାର ଉଚ୍ଚତର ସୋପାନରେ ଆରୋହଣ କରି ନପାରେ" ପଠିତ ପ୍ରବନ୍ଧ ଅବଲମ୍ବନରେ ଏହାର ସତ୍ୟତା ବିଚାର କର ।

ଉ.: ବାଗ୍ମୀ ବିଶ୍ୱନାଥ କର, ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଜଣେ ଉଜ୍ଜ୍ୱଳ ନକ୍ଷତ୍ର 'ବିବିଧ ପ୍ରବନ୍ଧ' ପୁସ୍ତକ ତଥା ଉତ୍କଳ ସାହିତ୍ୟର ସମ୍ପାଦକ ଭାବରେ ଓଡ଼ିଆ ସାହିତ୍ୟରେ ସେ ବେଶ୍ ସ୍ମରଣିୟ । ଆଲୋଚ୍ୟ "ଇତିହାସ" ପ୍ରବନ୍ଧରେ ପ୍ରାବନ୍ଧିକ ଇତିହାସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଛନ୍ତି । ଯେଉଁ ରଚନାରେ ଜାତିସାଧାରଣର ଆଚାର, ବ୍ୟବହାର, ଧର୍ମ, ନୀତି, ଶିକ୍ଷା, ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ବିଜ୍ଞାନ ସକଳ ପ୍ରକାର ପ୍ରୟୋଜନୀୟ ବିଷୟର ସମାବେଶ ଥାଏ ତାହାହିଁ ପ୍ରକୃତ ଇତିହାସ ।

ଇତିହାସର ଉପାଦେୟତା ସମ୍ପର୍କରେ ପ୍ରାବନ୍ଧିକ କହନ୍ତି, ଇତିହାସ ଆମକୁ ଯେଉଁ ଶିକ୍ଷା ଦେଇଥାଏ, ତାହା ଅନ୍ୟକାହାଠାରୁ ମିଳିନଥାଏ । ଇତିହାସ ହିଁ ଶିକ୍ଷାର ସର୍ବଶ୍ରେଷ୍ଠ ଆଧାର । ଦୁନିଆର ଯାହା ସତ୍ୟ ତାହାର ବିନାଶ ହୁଏ ନାହିଁ । ମାନବ ସମାଜ ଯେ କ୍ରମଶଃ ଉନ୍ନତି କରିଚାଲିଛି । ସେଥିରୁ ସେ କେବେହେଲେ ବିଚ୍ୟୁତ ହେବ ନାହିଁ । ମାତ୍ର ଅନୁସନ୍ଧାନ କରି ଦେଖିଲେ ଜଣାଯାଏ, ଯେ ଯେଉଁ ବିଷୟରେ ଅଯୋଗ୍ୟ ହେବ, ସେ ସେଥିରୁ ବଞ୍ଚିତ ହେବ । ଅଯୋଗ୍ୟ ଜାତି, ସେଥିରୁ ବଞ୍ଚିତ ହୁଏ ।

ତାହାର ସଞ୍ଚିତ ଧନରାଶି, ଜ୍ଞାନ ଓ ବିଜ୍ଞାନ କେବେହେଲେ ନଷ୍ଟ ନାହିଁ । ବରଂ ତାହା ଯୋଗ୍ୟତର ଜାତି ପାଖକୁ ଚାଲିଯାଏ । ଏହାକୁ ଉଦାହରଣ ଦେଇ ପ୍ରାବନ୍ଧିକ ପ୍ରାଚୀନ ରୋମ୍ ଓ ପ୍ରାଚୀନ ଭାରତର ପତନ ସମ୍ପର୍କରେ ସୂଚନା ଦେଇ କହନ୍ତି । ରୋମ ଓ ଭାରତ ଯାହା ରକ୍ଷା କରିପାରିଲେ ନାହିଁ, ତାହାକୁ ଇଂଲଣ୍ଡ ଓ ଆମେରିକା ରକ୍ଷା କରିବାକୁ ପ୍ରସ୍ତୁତ ଅଛନ୍ତି । ଇଂଲଣ୍ଡ ଓ ଆମେରିକା ରକ୍ଷା ନ କରିପାରିଲେ ନବ ଇଂଲଣ୍ଡ ଓ ନବ ଆମେରିକା ଏହାକୁ ରକ୍ଷା କରିବେ । ବିଧାତା ଯାହା ଇଚ୍ଛା କରନ୍ତି, ତାହା ନିଶ୍ଚୟ ହେବ । ମାତ୍ର ଯୋଗ୍ୟତା ନ ଦେଖି କାହାକୁ ବିଧାତା ଉଚ୍ଚ ଆସନ ଦିଅନ୍ତି ନାହିଁ ।

ସାଧୁତା, ସରଳତା, ସତ୍ୟନିଷ୍ଠା, ମୈତ୍ରୀ, କ୍ଷମା, ସାହସ, ବୀର୍ଯ୍ୟ ପ୍ରଭୃତି ଯୋଗ୍ୟତାର ଲକ୍ଷଣ । ଏଗୁଡ଼ିକ ଅନୁସରଣ ନ କରି ଯିଏ କେବଳ ଭୋଗ, ବିଳାସ, ଆମୋଦ ଓ ଆଳସ୍ୟର ଦିନ କଟାଏ, ସେଭଳି ବ୍ୟକ୍ତି ବା ସମାଜର ଉନ୍ନତି ଅସମ୍ଭବ । ଯେଉଁମାନେ ନୀତି ବା ଯୋଗ୍ୟତା ନଥାଇ, ଉଦାର ଭାବକୁ ପରିହାର କରି ଜୀବନଧାରଣ କରନ୍ତି ସେମାନେ କଦାପି ଉଚ୍ଚତର ସୋପାନକୁ ଯାଇପାରିବେ ନାହିଁ ।

ବାସ୍ତବିକ, ପ୍ରାବନ୍ଧିକଙ୍କ ଅଭିମତ ବେଶ୍ ଯୁକ୍ତିଯୁକ୍ତ ଓ ସମୟ ଉପଯୋଗୀ ।

**୩. ସାମ୍ପ୍ରତିକ ପରିପ୍ରେକ୍ଷୀରେ 'ଇତିହାସ' ପ୍ରବନ୍ଧର ଆବଶ୍ୟକତା ନିରୂପଣ କର ।**

**ଉ.:** ପ୍ରାବନ୍ଧିକ ବାଗ୍ମୀ ବିଶ୍ୱନାଥ କର ଜଣେ ବିଶିଷ୍ଟ ସାରସ୍ୱତ ସାଧକ । ତାଙ୍କ ସମ୍ପାଦନାରେ ପ୍ରକାଶିତ 'ଉତ୍କଳ ସାହିତ୍ୟ' ପତ୍ରିକାର ଓଡ଼ିଆ ସାହିତ୍ୟକୁ ଦାନ ଉଲ୍ଲେଖଯୋଗ୍ୟ । ଆଲୋଚ୍ୟ 'ଇତିହାସ' ପ୍ରବନ୍ଧରେ ପ୍ରାବନ୍ଧିକ ଇତିହାସର ମହତ୍ତ୍ୱକୁ ଯୁକ୍ତିଯୁକ୍ତ ଭାବେ ପ୍ରତିପାଦନ କରିଛନ୍ତି । ପ୍ରାବନ୍ଧିକ ଜଣେ ଇତିହାସ ସଚେତନ ବ୍ୟକ୍ତିତ୍ୱ, ସେଥିପାଇଁ ଏଥିରେ ସେ ଇତିହାସର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇଛନ୍ତି । ସଭ୍ୟତା ଓ ସମାଜର ବିକାଶରେ ଇତିହାସର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଇତିହାସ ଦ୍ୱିତୀୟ ଶିକ୍ଷକ । ତାହାର ଆବର୍ତ୍ତମାନରେ ଜାତିର ସାଂସ୍କୃତିକ ଓ ସାମାଜିକ ବୈଶିଷ୍ଟ୍ୟ ଆକଳନ କରିବା କଷ୍ଟସାଧ୍ୟ ବ୍ୟାପାର ।

ବର୍ତ୍ତମାନ ସମୟରେ ଯେଉଁ ଇତିହାସ ରଚନା କରାଯାଉଛି ସେଗୁଡ଼ିକ ସ୍ୱତନ୍ତ୍ର ଓ ଆଦର୍ଶର ନିକଟବର୍ତ୍ତୀ । କାରଣ ଏଥିରେ ମାନବଜୀବନର ସବୁପ୍ରକାର ବ୍ୟାପାର ସଂଯୁକ୍ତ ହୋଇରହିଅଛି । କେବଳ ରାଜା, ରାଜାପୁରୁଷମାନଙ୍କର କାଳ୍ପନିକ କାହାଣୀ ନେଇ ଇତିହାସ ରଚନା କରାଯାଉ ନାହିଁ । ଏଥିରେ ଜାତି ସାଧାରଣର ଆଚାର, ବ୍ୟବହାର, ଧର୍ମ, ନୀତି, ଶିକ୍ଷା, ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ବିଜ୍ଞାନ ଆଦି ସବୁ ପ୍ରକାର ପ୍ରୟୋଜନୀୟ ବିଶେଷର ସମାବେଶ ହୋଇଅଛି । ଏଥିପାଇଁ କେତେକ ଚିନ୍ତାଶୀଳ ପଣ୍ଡିତ, ସାହିତ୍ୟ-ଇତିହାସ, ଧର୍ମ-ଇତିହାସ ଇତ୍ୟାଦି ନାମଦେଇ ଭିନ୍ନ ଭିନ୍ନ ବିଭାଗର କ୍ରମିକ ଉନ୍ନତି ବିବରଣ ପୂର୍ଣ୍ଣତର ଆକାରରେ ଲିପିବଦ୍ଧ କରିବାକୁ ପ୍ରୟାସ କରିଛନ୍ତି । ସାହିତ୍ୟ, ଶିଳ୍ପ, ବାଣିଜ୍ୟ, ଧର୍ମ, ନୀତି, କାବ୍ୟ, ଉପନ୍ୟାସ, ବିଜ୍ଞାନ, ଦର୍ଶନ ସମସ୍ତ ତାହା ନିକଟରେ ଐତିହାସିକ ସତ୍ୟମୟ ।

ଇତିହାସ ଯେପରି ଭାବରେ ଲେଖା ହେଉ, ପଠନ ପ୍ରଣାଳୀ ଉପରେ ତାହାର ଉପକାରିତା ବହୁ ପରିମାଣରେ ନିର୍ଭର କରେ । ପାଠକ ଯଦି ବର୍ତ୍ତମାନ ସହିତ ଅତୀତର ସମ୍ପର୍କକୁ ବିସ୍ମୃତ ହୁଏ, ତା'ହେଲେ ସେଭଳି ଇତିହାସର କୌଣସି ମୂଲ୍ୟ ନାହିଁ ।

ପ୍ରାବନ୍ଧିକଙ୍କ ମତରେ, ଉପଦେଶ ଅପେକ୍ଷା ଦୃଷ୍ଟାନ୍ତ ଅଧିକ ଉପଯୋଗୀ । ଇତିହାସ ହେଉଛି ଦୃଷ୍ଟାନ୍ତ ମାଧ୍ୟମରେ ଶିକ୍ଷା ଓ ମାର୍ଗ ଦର୍ଶନରେ ବିପରୀତ ଦିଗରେ ଗଲେ କେହି କେବେ ସେଥିରେ ସଫଳ ହୋଇପାରିବ ନାହିଁ । "ଧର୍ମର ଜୟ ଓ ଅଧର୍ମର ପରାଜୟ" ଇତିହାସ ବଜ୍ରଗମ୍ଭୀର ସ୍ୱରରେ ଘୋଷଣା କରିଅଛି । ଏହି ଦୃଷ୍ଟିରୁ ବିଚାର କରିଦେଖିଲେ, ଇତିହାସ ପରି ଦ୍ୱିତୀୟ ଶିକ୍ଷକ ଆଉ କେହି ହୋଇନପାରିବେ ନାହିଁ ।

**୪. "ସ୍ୱଜାତିର ଇତିହାସ ବିଶେଷ ଭାବରେ ଶିକ୍ଷା କରିବାର ପ୍ରତ୍ୟେକ ସ୍ୱଜାତିବତ୍ସଳ ବ୍ୟକ୍ତିର ଅଲଂଘନୀୟ କର୍ତ୍ତବ୍ୟ ।" ଏହାର ସତ୍ୟତା ବିଚାର କର ।**

ଉ.: ବିଶ୍ୱନାଥ କର ଜଣେ ଯଶସ୍ୱୀ ସ୍ରଷ୍ଟା । 'ବିବିଧ ପ୍ରବନ୍ଧ' ତାଙ୍କ ଅନ୍ୟତମ ବଳିଷ୍ଠ ଓ ସାରସ୍ୱତ କୀର୍ତ୍ତି ଆଲୋଚ୍ୟ 'ଇତିହାସ' ପ୍ରବନ୍ଧରେ ପ୍ରାବନ୍ଧିକ ଇତିହାସର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି । ସଭ୍ୟତା ଓ ସମାଜର ବିକାଶରେ ଇତିହାସର ଭୂମିକା କିଛି ଗୁରୁତ୍ୱପୂର୍ଣ୍ଣ ଏହାର ଯଥାର୍ଥତା ଏଠାରେ ଉପସ୍ଥାପନ କରାଯାଇଛି ।

ଇତିହାସ ଆମକୁ ଶିକ୍ଷା ଦିଏ, ଇତିହାସ ଆମକୁ ଜଣାଇଦିଏ ସତ୍ୟ ଓ ସାରବସ୍ତୁର କଦାପି ବିନାଶ ହୁଏ ନାହିଁ । ସମାଜ ଅବିରାମ ଗତିର ମଙ୍ଗଳ ଆଡ଼କୁ ଉନ୍ନତି ଆଡ଼କୁ ଅଗ୍ରସର ହେଉଅଛି । ଯେଉଁ ବ୍ୟକ୍ତି ବା ଜାତି ଅଯୋଗ୍ୟ ହେଲା ସେ ନିଶ୍ଚୟ ରସାତଳଗାମୀ ହେବ । ପ୍ରାଚୀନ ରୋମ୍ ଓ ପ୍ରାଚୀନ ଭାରତ ଯାହାକୁ ରକ୍ଷା କରିପାରିବେ ନାହିଁ, ତାହାକୁ ରକ୍ଷା କରିବା ପାଇଁ ଇଂଲଣ୍ଡ ଓ ଆମେରିକା ଆଗେଇ ଆସିବେ । ପୁନଶ୍ଚ ଇଂଲଣ୍ଡ ଓ ଆମେରିକା ଯଦି ନିଜ ଅଯୋଗ୍ୟତା ପ୍ରଦର୍ଶନ କରନ୍ତି, ତାହେଲେ ନବ୍ୟଇଂଲଣ୍ଡ ଓ ନବ୍ୟ ଆମେରିକାର ଅଭ୍ୟୁତ୍‌ଥାନ ହେବ । ବିଧାତାଙ୍କ କାର୍ଯ୍ୟ କୌଣସି ସମୟରେ ଅସମ୍ପନ୍ନ ରହିବ ନାହିଁ । ମାତ୍ର ଯୋଗ୍ୟତା ନଦେଖି ସେ କାହାକୁ କୌଣସି ଉଚ୍ଚ ଅଧିକାର ଦିଅନ୍ତି ନାହିଁ । ସାଧୁତା ସରଳତା, ସତ୍ୟନିଷ୍ଠା, ମୈତ୍ରୀ, କ୍ଷମା, ସାହସ, ବୀର୍ଯ୍ୟ ପ୍ରଭୃତି ଯୋଗ୍ୟତାର ଲକ୍ଷଣ । ଏଗୁଡ଼ିକ ହରାଇ କେବଳ ଭୋଗ ବିଳାସରେ ବୁଡ଼ିରହି କୌଣସି ବ୍ୟକ୍ତି ବା ସମାଜ ଉନ୍ନତି ଲାଭ କରିପାରିବ ନାହିଁ । ପ୍ରତ୍ୟେକ ଜାତିର ଇତିହାସ ଏହାହିଁ ପ୍ରମାଣିତ କରେ ।

ସଂକୀର୍ଣ୍ଣ ଚିନ୍ତାଧାରା ଦ୍ୱାରା କେହି କେବେ ଉନ୍ନତି କରିପାରେ ନାହିଁ । ଏହାଦ୍ୱାରା ବ୍ୟକ୍ତିର ଅନିଷ୍ଟ ହୋଇଥାଏ । ପୂର୍ବ ଗୌରବର ସ୍ମୃତିଚାରଣ ଉନ୍ନତି ଲାଭରେ ସହାୟକ ହୋଇଥାଏ । ମାତ୍ର ତାହାକୁ କର୍ମରେ ବ୍ୟବହାର ନ କରି କେବଳ ଭାଷଣରେ କହିଲେ ହେବନାହିଁ । ଶେଷରେ ପ୍ରାବନ୍ଧିକ କହିଛନ୍ତି- "ଆମ୍ଭେମାନେ ସ୍ୱଜାତି ଓ ସ୍ୱଜାତିର ଇତିହାସ ମଧ୍ୟରେ ବିଧାତାଙ୍କ ମଙ୍ଗଳ ହସ୍ତ ଦର୍ଶନ କରି ଭକ୍ତି ଓ ବିନୟ ସହକାରେ ତାଙ୍କରି ହସ୍ତରେ ସମର୍ପଣ କରୁ । ଜୀବନର ସର୍ବବିଧ ବ୍ୟାପାରରେ ତାଙ୍କରି ମଙ୍ଗଳ ହସ୍ତର ସଂକେତ ଅନୁଭବ କରି ପ୍ରତିମୁହୂର୍ତ୍ତରେ ତାଙ୍କର ସେବାରେ, ତାଙ୍କରି କାର୍ଯ୍ୟରେ ବ୍ୟୟକରି ଧନ୍ୟ ହେଉ, କୃତାର୍ଥ ହେଉ ।"

ଶେଷର ପ୍ରାବନ୍ଧିକ ସ୍ୱଜାତି ଓ ନିଜ ଅତୀତ ଜୀବନ ଭୂମିର ଅଧ୍ୟୟନ ପାଇଁ ପରାମର୍ଶ ଦେଇଛନ୍ତି । ସେଇ ଜାତି ଅଧିକା ସମୃଦ୍ଧ ହେବ, ଯିଏ ନିଜ ଜାତିର ଅତୀତ ଇତିହାସର ସଫଳ ଅଧ୍ୟୟନ କରିଥାଏ ।

❖❖❖

# ପୁଷ୍ପପୁରରେ ବର୍ଷାବରଣ

କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

କ) ପ୍ରାବନ୍ଧିକ ପରିଚୟ : (୧୯୦୯-୧୯୮୭)

ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓଡ଼ିଆ ସାହିତ୍ୟର ସ୍ମରଣୀୟ ପ୍ରତିଭା । ସେ ଏକାଧାରରେ ଥିଲେ ଖ୍ୟାତନାମା ଐତିହାସିକ ଓ ଦକ୍ଷ ସାହିତ୍ୟିକ । ସେ ଓଡ଼ିଆ ସାହିତ୍ୟରେ ଲେଖନୀ ଚାଳନା କରି ନିଜର ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି । ଇତିହାସ ଓ ପ୍ରତ୍ନତତ୍ତ୍ୱକୁ ନେଇ ସେ ଅନେକ ବଳିଷ୍ଠ ପ୍ରବନ୍ଧ ରଚନା କରିଛନ୍ତି ତାଙ୍କ ପ୍ରବନ୍ଧରେ ସେ ନିଜର ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଥାନ୍ତି । ବାସ୍ତବତା ତାଙ୍କ ପ୍ରବନ୍ଧର ମୂଳଭିତ୍ତି ହେଲେ ବି, କଳ୍ପନାକୁ ନେଇ ସେ ତାହାକୁ ସୁଖପାଠ୍ୟ କରାଇଥାନ୍ତି । ତାଙ୍କ ରଚିତ 'ଓଡ଼ିଶାର ସଂସ୍କୃତି ଓ ଇତିହାସରେ ଯାଜପୁର', 'ସାରଳା ସାହିତ୍ୟରେ ଐତିହାସିକ ଚିତ୍ର', 'ଭାରତୀୟ ପ୍ରତ୍ନତତ୍ତ୍ୱ', 'ଇତିହାସ ଓ କିମ୍ବଦନ୍ତୀ', 'ପ୍ରବନ୍ଧ ମାନସ' ଓ ତାଙ୍କର ଗବେଷଣା ନିବନ୍ଧ 'ଆର୍କୋଲୋଜିକାଲ ରିମେନସ୍ ଆଟ ଭୁବନେଶ୍ୱର' ଏବଂ ଆତ୍ମଜୀବନୀ 'ମୋ ସମୟର ଓଡ଼ିଶା' ଉଚ୍ଚକୋଟୀର ସାରସ୍ୱତ ସୃଷ୍ଟି ।

ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମୟୂରଭଞ୍ଜ ଜିଲ୍ଲାର ଖିଚିଂଠାରେ ଜନ୍ମଗ୍ରହଣ କରିଥିଲେ । ସେ କଲିକତା ବିଶ୍ୱବିଦ୍ୟାଳୟରୁ ଇତିହାସରେ ଏମ୍.ଏ. ପାଶ କରିବା ପରେ ଓଡ଼ିଶା ସରକାରଙ୍କ ଶିକ୍ଷାବିଭାଗରେ ଅଧ୍ୟାପକ, ପ୍ରାଧ୍ୟପକ ଓ ପ୍ରଫେସର ଭାବେ କାର୍ଯ୍ୟକରି ଅବସର ନେଇଥିଲେ । ସେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ଉପାଧି ଓ 'ମୋ ସମୟର ଓଡ଼ିଶା' ପୁସ୍ତକପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ ।

'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧର ପୃଷ୍ଠଭୂମି :

'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ମେଘ ମାଧ୍ୟମରେ, ଓଡ଼ିଶାର ଭୌଗୋଳିକ, ଐତିହାସିକ ଓ ସାଂସ୍କୃତିକ ଦିଗ ପ୍ରତି ଆଲୋକପାତ କରିଛନ୍ତି । ସାହିତ୍ୟର ବର୍ଷାବରଣ ଏକ ସୁପ୍ରାଚୀନ ପରମ୍ପରା, ଯେଉଁଥିରେ ମେଘ ବା ବର୍ଷାକୁ ଦୂତ କରି ନିଜ ମନର ଭାବକୁ ସାହିତ୍ୟିକମାନେ ପରିପ୍ରକାଶ କରିଥାନ୍ତି । ମହାକବି କାଳିଦାସଙ୍କ ନାୟକ ଯକ୍ଷ ମେଘକୁ ଦୂତକରି ପ୍ରଣୟିନୀ ନିକଟକୁ ହୃଦୟର ବ୍ୟଥାତୁର ଭାବକୁ ପ୍ରେରଣ କରିଛନ୍ତି । ପ୍ରାବନ୍ଧିକ ଅନୁରୂପ ଧାରାକୁ ଅନୁସରଣ କରି, ନିଜ ଜନ୍ମଭୂମିର ଭୌଗୋଳିକ ଓ ଐତିହାସିକ ଗୌରୋବଜ୍ଜ୍ୱଳକୁ ଉଲ୍ଲେଖ କରିଛନ୍ତି । ଦିନ ଥିଲା, ଉତ୍କଳ ଥିଲା ଅପୂର୍ବ ଶ୍ରୀବିମଣ୍ଡିତ । ମାତ୍ର ପରବର୍ତ୍ତୀ ସମୟରେ ଉତ୍କଳ ତା'ର ପରବର୍ତ୍ତୀ ଦାୟାଦଙ୍କ ଦ୍ୱାରା ହୋଇଛି ଅବହେଳିତା । ପ୍ରାବନ୍ଧିକ ଉକ୍ତ ପ୍ରବନ୍ଧ ମାଧ୍ୟମରେ ଉତ୍କଳରେ ବୈଶିଷ୍ଟ୍ୟକୁ ପ୍ରକାରାନ୍ତରେ ପରିପ୍ରକାଶ କରୁଛନ୍ତି । ପ୍ରବନ୍ଧଟି ପ୍ରାବନ୍ଧିକଙ୍କ 'ପ୍ରବନ୍ଧ ମାନସ' ପୁସ୍ତକରୁ ଗୃହୀତ ହୋଇଛି ।

କ. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।

ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

୧. କାହାର ସ୍ନିଗ୍ଧ କଜ୍ଜ୍ୱଳ କାନ୍ତି ପୁଷ୍ପପୁରରେ ନେତ୍ରୋତ୍ସବ ସୃଷ୍ଟି ?
(ବାରିବାହ, ପ୍ରକୃତି, ଦୂରବନ୍ଧୁ, ଅଳକାପୁରୀ)

ଉ.: ବାରିବାହ ।

୨. କାହାକୁ ଦୂର ବନ୍ଧୁ ବୋଲି ପ୍ରାବନ୍ଧିକ ସମ୍ବୋଧନ କରିଛନ୍ତି ?
(ପୁଷ୍ପପୁର, ବାରିବାହ, ବାତାୟନ, ଶ୍ୟାମଳ ପୃଥିବୀ)

ଉ.: ବାରିବାହ ।

୩. ବ୍ୟକ୍ତିଠାରୁ କିଏ ବଡ଼ ବୋଲି ଲେଖକ ଘନକୁ ପ୍ରଶ୍ନ କରିଛନ୍ତି ?
(ଗୋଷ୍ଠୀ, ମଣିଷ, ପଶୁ, ପକ୍ଷୀ)

ଉ.: ଗୋଷ୍ଠୀ ।

୪. ଜଳର ଅଭାବରେ କେଉଁଠାରେ ହାହାକାର ପଡ଼ିଛି ?
(ପୁଷ୍ପପୁର, ପାଟଳିପୁତ୍ର, କୁସୁମଧ୍ୱଜ, ଉତ୍କଳ)

ଉ.: ଉତ୍କଳ ।

୫. କେଉଁ ପୁରରେ ସ୍ୱକର୍ମ ସାରି ଉତ୍କଳ ପଥରେ ଗତି କରିବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି ?
(ଶ୍ରୀନଗର, ପୁଷ୍ପପୁର, ମହୋଦଧୀ, ତୁଙ୍ଗଶିଖରୀ)

ଉ.: ପୁଷ୍ପପୁର ।

୬. କାହାଠାରେ ବାଦନ୍ୟତାର ମହତ୍ତ୍ୱ ବଢ଼ିଉଠେ ବୋଲି ପ୍ରାବନ୍ଧିକ କହିଛନ୍ତି ?
(ଧନୀ, ଦରିଦ୍ର, ବିତ୍ତଶାଳୀ, ଭୋଗୀ)

ଉ.: ଦରିଦ୍ର ।

୭. ବନବାସୀ ନାରୀମାନଙ୍କ ଗତିକୁ ପ୍ରାବନ୍ଧିକ କାହା ସହିତ ତୁଳନା କରିଛନ୍ତି ?
(କୁଳୀ ହଂସୀ, ମାତଙ୍ଗିନୀ, ନିର୍ଝରିଣୀ, ହରିଣୀ)

ଉ.: ନିର୍ଝରିଣୀ ।

୮. ବନବାସୀମାନେ କାହାର ଅନୁଗ୍ରହ ଲୋଡ଼ନ୍ତି ?
(ବାରିବାହ, ପର୍ବତ, ପ୍ରକୃତି, ବନଲତା)

ଉ.: ବାରିବାହ ।

୯. ଜଳଦର କୃପାରୁ କେଉଁଠାରେ ନବ ନୀଳିମା ଖେଳିବୁଲିବ ବୋଲି କୁହାଯାଇଛି ?

(ଶାଳିକ୍ଷେତ୍ର, ବନଭୂମି, ମେଘାସନ, ଗନ୍ଧମାର୍ଦ୍ଦନ)

ଉ.: ଶାଳିକ୍ଷେତ୍ର ।

୧୦. ନିର୍ଝରିଣୀ କେଉଁଠାରେ କ୍ରୀଡ଼ାରତ ବସ୍ତତରୀ ପରି ନାଚି ଉଠେ ?

(ଗିରିଦରୀ, ମହୋଦଧି, ସରିତ, ସାଗର)

ଉ.: ଗିରିଦରୀ ।

୧୧. କେଉଁମାନଙ୍କ ଦ୍ୱାରା ପାଳିତ କଳାପୀର କେକାରେ ବନଭୂମି ପୂର୍ଣ୍ଣ ହେବ ବୋଲି ଲେଖକ କହିଛନ୍ତି ?

(ଭଞ୍ଜନୃତ୍ୟ, ନବତରୁଣୀ, ନବଯୁବକ, ମଦାଳସା)

ଉ.: ଭଞ୍ଜନୃତ୍ୟ ।

୧୨. ସମ୍ବଲପୁର ଅଞ୍ଚଳର ବଧୂମାନଙ୍କୁ କେଉଁ ଫୁଲ ପରି ହାସ୍ୟମୟୀ ବୋଲି କୁହାଯାଇଛି ?

(ଗୋଲାପ, ଶେଫାଳି, ପଦ୍ମ, ମନ୍ଦାର)

ଉ.: ଶେଫାଳି ।

୧୩. ଉତ୍କଳର ଉତ୍ତମାଙ୍ଗ ବୋଲି ପ୍ରାବନ୍ଧିକ କାହାକୁ କହିଛନ୍ତି ?

(ସମ୍ବଲପୁର, କଟକ, ଭୁବନେଶ୍ୱର, ଗଞ୍ଜାମ)

ଉ.: କଟକ ।

୧୪. କାହାର କୋଳାହଳ ପାଇଁ ନୀଳାଚଳ ନାଥଙ୍କ କାନରେ ଭକ୍ତର କାତର ଡାକ ପଡ଼େ ନାହିଁ ?

(ପ୍ରବଞ୍ଚନ, ସିନ୍ଧୁ, ଝାଉଁବଣ, ଜନତା)

ଉ.: ସିନ୍ଧୁ ।

୧୫. ସିନ୍ଧୁପାରି ସାଧବର ସ୍ମୃତି-ପୂତ ଭୂମିବୋଲି କାହାକୁ କୁହାଯାଇଛି ?

(ସମ୍ବଲପୁର, କଟକ, ଜୟପୁର, ଭୁବନେଶ୍ୱର)

ଉ.: ଜୟପୁର ।

(ଖ) ସଂକ୍ଷିପ୍ତ ପ୍ରଶ୍ନଉତ୍ତର -

ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧. 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ ପ୍ରାବନ୍ଧିକ କାହାକୁ ସ୍ୱାଗତ କରିଛନ୍ତି ?

ଉ.: 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ବାରିବାହକୁ ସ୍ୱାଗତ ଜଣାଇଛନ୍ତି ।

୨. ବାରିବାହ ସ୍ନିଗ୍ଧ କଜ୍ଜ୍ୱଳକାନ୍ତି କେଉଁଠାରେ ନେତ୍ରୋତ୍ସବ ସୃଷ୍ଟି କରିଛନ୍ତି ?

ଉ.: ବାରିବାହ ସ୍ନିଗ୍ଧ କଜ୍ଜ୍ୱଳକାନ୍ତି ପୁଷ୍ପପୁରରେ ନେତ୍ରୋତ୍ସବ ସୃଷ୍ଟି କରିଛନ୍ତି ।

୩. ବହୁଦିନ ପରେ କାହାର ଶୁଭ ଆଗମନ ଆଜି ମଙ୍ଗଳକର ଓ ମଧୁମୟ ହୋଇଉଠୁଛି ?

ଉ.: ବହୁଦିନ ପରେ ବାରିବାହର ଶୁଭ ଆଗମନ ଆଜି ମଙ୍ଗଳକର ଓ ମଧୁମୟ ହୋଇଉଠୁଛି ।

୪. କେଉଁ ପଥରେ ବାରିବାହ ଆଗମନୀ ଶୁଭ ଶଙ୍ଖ ବାଜି ଉଠିଛି ?

ଉ.: ପ୍ରାସାଦର ବାତାୟନ ପଥରେ ବାରିବାହ ଆଗମନୀ ଶୁଭ ଶଙ୍ଖ ବାଜି ଉଠିଛି ।

୫. କାହାର ସ୍ପର୍ଶରେ ପୁଷ୍ପପୁର ସଜୀବ ଓ ଶ୍ୟାମଳ ହୋଇ ଉଠିବ ବୋଲି କୁହାଯାଇଛି ?

ଉ.: ବାରିବାହ ସ୍ପର୍ଶରେ ପୁଷ୍ପପୁର ସଜୀବ ଓ ଶ୍ୟାମଳ ହୋଇ ଉଠିବ ବୋଲି କୁହାଯାଇଛି ।

୬. ବାରିବାହର ସ୍ପର୍ଶରେ କେଉଁ ପୁର ସଜୀବ ଓ ଶ୍ୟାମଳ ହୋଇ ଉଠିବ ବୋଲି ଲେଖକ କହିଛନ୍ତି ?

ଉ.: ବାରିବାହର ସ୍ପର୍ଶରେ ପୁଷ୍ପପୁର ସଜୀବ ଓ ଶ୍ୟାମଳ ହୋଇ ଉଠିବ ବୋଲି ଲେଖକ କହିଛନ୍ତି ।

୭. ବିତାଡ଼ିତ ବିରହୀ ଯକ୍ଷ ବାରିଦକୁ କେଉଁଥିରେ ପୂଜା କରିଥିଲା ?

ଉ.: ବିତାଡ଼ିତ ବିରହୀ ଯକ୍ଷ ବାରିଦକୁ ପୁଷ୍ପଅର୍ଘ୍ୟରେ ପୂଜା କରିଥିଲା ।

୮. ଅଳକା ପୁରୀରେ ଥିବା ପ୍ରିୟା ପାଖକୁ କିଏ ଉଦନ୍ତ ପଠାଇଥିଲା ?

ଉ.: ଅଳକା ପୁରୀରେ ଥିବା ପ୍ରିୟା ପାଖକୁ ବିରହୀ ଯକ୍ଷ ଉଦନ୍ତ ପଠାଇଥିଲା ।

୯. ବିରହୀ ଯକ୍ଷ କାହା ହସ୍ତରେ ଉଦନ୍ତ ପଠାଇଥିଲା ?

ଉ.: ବିରହୀ ଯକ୍ଷ ବାରିଦ ହସ୍ତରେ ଉଦନ୍ତ ପଠାଇଥିଲା ।

୧୦. ବ୍ୟକ୍ତିବିଶେଷର ଲାଭ କ୍ଷତିରେ କିଏ ବିଚଳିତ ହୁଏ ନାହିଁ ?

ଉ.: ବ୍ୟକ୍ତିବିଶେଷର ଲାଭ କ୍ଷତିରେ ଉଦାସୀନା ଧରଣୀ ବିଚଳିତ ହୁଏ ନାହିଁ ।

୧୧. କାହାର ଅଭାବରେ ଉତ୍କଳରେ ହାହାକାର ପଡ଼ିଛି ?

ଉ.: ଜଳର ଅଭାବରେ ଉତ୍କଳରେ ହାହାକାର ପଡ଼ିଛି ।

୧୨. ପୁଷ୍ପପୁରରେ ସ୍ୱକର୍ମସାରି କେଉଁ ପଥରେ ଗତି କରିବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି ?

ଉ.: ପୁଷ୍ପପୁରରେ ସ୍ୱକର୍ମସାରି ଉତ୍କଳ ପଥରେ ଗତି କରିବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି ।

୧୩. ଲେଖକ ଧୂମ, ଜ୍ୟୋତି ଓ ସଲିଳ ହୋଇ ଜଳଦ ସହ ମିଶି ବାତାୟନ ପଥରେ ଉଡ଼ିଯାଇ କାହାକୁ ଚିହ୍ନାଇବାକୁ ଇଚ୍ଛା କରିଛନ୍ତି ?

ଉ.: ଲେଖକ ଧୂମ, ଜ୍ୟୋତି ଓ ସଲିଳ ହୋଇ ଜଳଦ ସହ ମିଶି ବାତାୟନ ପଥରେ ଉଡ଼ିଯାଇ ଜନ୍ମଭୂମିକୁ ଚିହ୍ନାଇବାକୁ ଇଚ୍ଛା କରିଛନ୍ତି ।

୧୪. ପଥପ୍ରଦର୍ଶକ ବିନା କେଉଁ ଭୂମିକୁ ଚିହ୍ନିବା ପାଇଁ ଜଳଦର ଭ୍ରମ ହେବନାହିଁ ବୋଲି କୁହାଯାଇଛି ?

ଉ.: ପଥପ୍ରଦର୍ଶକ ବିନା ଭାରତର ସାରଭୂତ୍ୟ ଭୂମିକୁ ଚିହ୍ନିବା ପାଇଁ ଜଳଦର ଭ୍ରମ ହେବନାହିଁ ବୋଲି କୁହାଯାଇଛି ।

୧୫. ଗୋପଙ୍ଗନାମାନେ ଅପାଙ୍ଗ ଘନଶ୍ୟାମଙ୍କ ରୂପସୁଧା ପାନ କଲାପରି ଉତ୍କଳର କୋଟି ନେତ୍ର କାହାର ରୂପସୁଧା ପାନ କରିବେ ବୋଲି ପ୍ରାବନ୍ଧିକ ଭାବିଛନ୍ତି ?

ଉ.: ଗୋପଙ୍ଗନାମାନେ ଅପାଙ୍ଗ ଘନଶ୍ୟାମଙ୍କ ରୂପସୁଧା ପାନ କଲାପରି ଉତ୍କଳର କୋଟି ନେତ୍ର ବାରିବାହର ରୂପସୁଧା ପାନ କରିବେ ବୋଲି ପ୍ରାବନ୍ଧିକ ଭାବିଛନ୍ତି ।

୧୬. ଲେଖକ କେଉଁମାନଙ୍କୁ ନିରାଶ ନକରି ବଦାନ୍ୟତା ଆରମ୍ଭ କରିବାକୁ ଜଳଦକୁ ଅନୁରୋଧ କରିଛନ୍ତି ?

ଉ.: ଲେଖକ ଦରିଦ୍ର ବନବାସୀମାନଙ୍କୁ ନିରାଶ ନକରି ବଦାନ୍ୟତା ଆରମ୍ଭ କରିବାକୁ ଜଳଦକୁ ଅନୁରୋଧ କରିଛନ୍ତି ।

୧୭. ଶାଳିକ୍ଷେତ୍ର ଦେଖି କେଉଁମାନଙ୍କ ମନ ଆତଙ୍କରେ ଥରି ଉଠିବ ?

ଉ.: ଶାଳିକ୍ଷେତ୍ର ଦେଖି ବନବାସୀମାନଙ୍କ ମନ ଆତଙ୍କରେ ଥରି ଉଠିବ ।

୧୮. ଗୋ-ପଲର ଗଳଘଣ୍ଟି ଓ ଗୋପାଳର ବେଣୁ ସ୍ୱନ ଶୁଣି ଜଳଦ କେଉଁ ...ର ସୀମା ବୋଲି ଜାଣିପାରିବ ?

ଉ.: ଗୋ-ପଲର ଗଳଘଣ୍ଟି ଓ ଗୋପାଳର ବେଣୁ ସ୍ୱନ ଶୁଣି ଜଳଦ ଗ୍ରାମ-ସୀମା ବୋଲି ଜାଣିପାରିବ ।

୧୯. ନବଯୁବକମାନଙ୍କ ବେଣୁ ସ୍ୱନ ଅନୁକୃତିରେ ଲଳନାକଣ୍ଠର ଐକତାନିକ ଲଳିତସ୍ୱର କାହାକୁ ବସାଇ ଦିଏ ?

ଉ.: ନବଯୁବକମାନଙ୍କ ବେଣୁ ସ୍ୱନ ଅନୁକୃତିରେ ଲଳନାକଣ୍ଠର ଐକତାନିକ ଲଳିତସ୍ୱର ବନଭୂମିକୁ ବସାଇ ଦିଏ ।

୨୦. ଉତ୍କଳୀୟ ଲଳନାଙ୍କର ଗତିକୁ କାହା ସହିତ ତୁଳନା କରାଯାଇଛି ?

ଉ.: ଉତ୍କଳୀୟ ଲଳନାଙ୍କର ଗତିକୁ ନିର୍ଝରିଣୀ ସହିତ ତୁଳନା କରାଯାଇଛି ।

୨୧. ବନବାସୀମାନଙ୍କର କାହାର ଅନୁଗ୍ରହ ଆବଶ୍ୟକ ?

ଉ.: ବନବାସୀମାନଙ୍କର ଜଳଦର ଅନୁଗ୍ରହ ଆବଶ୍ୟକ ।

୨୨. କିଏ ମଦଳସା ହୋଇ ମାତଙ୍ଗିନୀ ପରି ଚାଲନ୍ତି ନାହିଁ ?

ଉ.: ଉତ୍କଳର ନାରୀମାନେ ମଦଳସା ହୋଇ ମାତଙ୍ଗିନୀ ପରି ଚାଲନ୍ତି ନାହିଁ ।

୨୩. ଜଳଦକୁ ଅବିରତ ବାରିପାତ କରିବାକୁ ଲେଖକ କାହିଁକି ନିବେଦନ କରିଛନ୍ତି ?

ଉ.: ଅବିରତ ବାରିପାତ ଫଳରେ ବନଭୂମି ଶ୍ୟାମଳ ଓ ଉଜ୍ଜ୍ୱଳ ହୋଇଯିବ ତେଣୁ ଲେଖକ ଜଳଦକୁ ଅବିରତ ବାରିପାତ କରିବାକୁ ନିବେଦନ କରିଛନ୍ତି ।

୨୪. ଜଳଦର କୃପା ହେଲେ ଶାଳିକ୍ଷେତ୍ରରେ କ'ଣ ଖେଳିବୁଲିବ ବୋଲି ଲେଖକ କହିଛନ୍ତି ?

ଉ.: ଜଳଦର କୃପା ହେଲେ ଶାଳିକ୍ଷେତ୍ରରେ ନବନୀଲିମା ଖେଳିବୁଲିବ ବୋଲି ଲେଖକ କହିଛନ୍ତି ।

୨୫. ଜଳଦର କୃପା ହେଲେ ନିର୍ଝରିଣୀ କେଉଁଠାରେ କିପରି ନାଚି ଉଠିବ ?

ଉ.: ଜଳଦର କୃପା ହେଲେ ନିର୍ଝରିଣୀ ଗରିଦରୀରେ କ୍ରୀଡ଼ାରତ ବାଳିକା ପରି ନାଚି ଉଠିବ ।

୨୬. କଦମ୍ବ ପୁଲକରେ କ'ଣ ହୋଇ ଉଠିବ ବୋଲି କୁହାଯାଇଛି ?

ଉ.: କଦମ୍ବ ପୁଲକରେ କଣ୍ଟକିତ ହୋଇ ଉଠିବ ନବତରୁଣୀ ପରି ଲଜ୍ଜାରୁଣ ବୋଲି କୁହାଯାଇଛି ।

୨୭. କୃଷ୍ଣଚୂଡ଼ା କ'ଣ ଦେଖି ନବତରୁଣୀ ପରି ଲଜ୍ଜାରୁଣ ହୋଇପଡ଼ିବ ?

ଉ.: କୃଷ୍ଣଚୂଡ଼ା ନିଜ ତରୁଣ ତନୁକୁ ଦେଖି ନବତରୁଣୀ ପରି ଲଜ୍ଜାରୁଣ ହୋଇପଡ଼ିବ ।

୨୮. କେଉଁ ପ୍ରପାତରେ କ୍ରୀଡ଼ା କରିବାକୁ ଜଳଦକୁ ପ୍ରାବନ୍ଧିକ ନିବେଦନ କରିଛନ୍ତି ?

ଉ.: ଖଣ୍ଡାଧାର ଓ ଦେବଗଡ଼ ପ୍ରାପତରେ କ୍ରୀଡ଼ା କରିବାକୁ ଜଳଦକୁ ପ୍ରାବନ୍ଧିକ ନିବେଦନ କରିଛନ୍ତି ।

୨୯. ମେଘାସନ, ଗନ୍ଧମାର୍ଦ୍ଦନ ଓ ମାଲ୍ୟଗିରିର ମହାବନରେ ଭ୍ରମୁ ଭ୍ରମୁ ଜଳଦର କ'ଣ ହୋଇଯିବ ?

ଉ.: ମେଘାସନ, ଗନ୍ଧମାର୍ଦ୍ଦନ ଓ ମାଲ୍ୟଗିରିର ମହାବନରେ ଭ୍ରମୁ ଭ୍ରମୁ ଜଳଦର କ୍ଳାନ୍ତି ହୋଇଯିବ । ଏହାର ଅସରନ୍ତି ବିଭବ ଦେଖି ଜଳଦ ଚକିତ ହୋଇଯିବ ।

୩୦. କେଉଁ ମହାବନରେ ଅସରନ୍ତି ଭଣ୍ଡାର ଲୁଚି ରହିଛି ?

ଉ.: ମେଘାସନ, ଗନ୍ଧମାର୍ଦ୍ଦନ ଓ ମାଲ୍ୟଗିରିର ଗିରିସଙ୍କୁଳ ଏହି ମହାବନରେ ଅସରନ୍ତି ଭଣ୍ଡାର ଲୁଚି ରହିଛି ।

୩୧. ଦୁଃଖିନୀ ଜନନୀ କାହାର ଭୟରେ ଅସରନ୍ତି ଭଣ୍ଡାର ମହାବନରେ ଲୁଚାଇ ରଖିଛି ?

ଉ.: ଦୁଃଖିନୀ ଜନନୀ ଅଯୋଗ୍ୟ ସନ୍ତାନମାନଙ୍କ ଭୟରେ ଅସରନ୍ତି ଭଣ୍ଡାର ମହାବନରେ ଲୁଚାଇ ରଖିଛି ।

୩୨. ଉତ୍କଳବାସୀ କେଉଁ ନଦୀର ତୀରରେ ବସି ପିପାସୀ ହୋଇଛନ୍ତି ?

ଉ.: ଉତ୍କଳବାସୀ ଭାଗିରଥୀ ନଦୀ ତୀରରେ ବସି ପିପାସୀ ହୋଇଛନ୍ତି ?

୩୩. ଉତ୍କଳବାସୀ କାହା ଉପରେ ବସି ଉପବାସୀ ହୋଇଛନ୍ତି ?

ଉ.: ଉତ୍କଳବାସୀ ରତ୍ନସ୍ତୂପରେ ବସି ଉପବାସୀ ହୋଇଛନ୍ତି ।

୩୪. ସୂକ୍ଷ୍ମଶାଳିର ଗନ୍ତାଘର କିଏ ?

ଉ.: ସୂକ୍ଷ୍ମଶାଳିର ଗନ୍ତାଘର ସମ୍ବଲପୁର ।

୩୫. କେଉଁ ନଦୀର ଉପଳଶଯ୍ୟାରେ ଯାଉ ଯାଉ ସ୍ୱର୍ଣ୍ଣ ରେଣୁ ଢାଳି ଦିଏ ?

ଉ.: ମହାନଦୀର ଉପଳଶଯ୍ୟାରେ ଯାଉ ଯାଉ ସ୍ୱର୍ଣ୍ଣ ରେଣୁ ଢାଳି ଦିଏ ।

୩୬. କେଉଁ ଅଞ୍ଚଳର ନରନାରୀମାନଙ୍କୁ ଦୁଃଖ ଦୈନ୍ୟରେ ମଧ୍ୟ ବିଷାଦ କାଳିମା ଛୁଏଁ ନାହିଁ ?

ଉ.: ସମ୍ବଲପୁର ଅଞ୍ଚଳରେ ନରନାରୀମାନଙ୍କୁ ଦୁଃଖ ଦୈନ୍ୟରେ ମଧ୍ୟ ବିଷାଦ କାଳିମା ଛୁଏଁ ନାହିଁ ।

୩୭. ଉତ୍କଳର ଉତ୍ତମାଙ୍ଗ ବୋଲି ଲେଖକ କାହାକୁ କହିଛନ୍ତି ?

ଉ.: କଟକକୁ ଉତ୍କଳର ଉତ୍ତମାଙ୍ଗ ବୋଲି ଲେଖକ କହିଛନ୍ତି ।

୩୮. ଗର୍ବିତ ଗଜପତିର ରାଜଧାନୀ ବୋଲି କାହାକୁ କୁହାଯାଇଛି ?

ଉ.: ଗର୍ବିତ ଗଜପତିର ରାଜଧାନୀ ବୋଲି କଟକକୁ କୁହାଯାଇଛି ।

୩୯. କେଉଁଠାରୁ ଅଜେୟ ବାହିନୀ ଝଟିକା ବେଗରେ ଦୁର୍ଗରୁ ଦୁର୍ଗାନ୍ତରକୁ ଗତି କରି ଚାଲୁଥିଲେ ?

ଉ.: ଗର୍ବିତ ଗଜପତିର ରାଜଧାନୀ କଟକଠାରୁ ଅଜେୟ ବାହିନୀ ଝଟିକା ବେଗରେ ଦୁର୍ଗରୁ ଦୁର୍ଗାନ୍ତରକୁ ଗତି କରି ଚାଲୁଥିଲେ ।

୪୦. କେଉଁ କଟକର ସ୍ମୃତି ଆଜି ମୃତ୍ତିକାରେ ଅବଲୁପ୍ତ ?

ଉ.: ବିଡ଼ାଣସୀ କଟକର ସ୍ମୃତି ଆଜି ମୃତ୍ତିକାରେ ଅବଲୁପ୍ତ ।

୪୧. ବାରବାଟୀର ସ୍ଖଳିତ ପ୍ରସ୍ତରରେ କ'ଣ ଆଜିଯାଏ ଲାଗି ରହିଛି ?

ଉ.: ବାରବାଟୀର ସ୍ଖଳିତ ପ୍ରସ୍ତରରେ ତା'ର ସ୍ମୃତି ଓ କୀର୍ତ୍ତି ଆଜିଯାଏ ଲାଗି ରହିଛି ।

୪୨. କେଉଁ ରାଜାଙ୍କ ମହାକୀର୍ତ୍ତି ଚିତ୍ରୋତ୍ପଳାର ମେଖଳା ପରି ଦିଶୁଛି ?

ଉ.: ମର୍କତ କେଶରୀ ରାଜାଙ୍କ ମହାକୀର୍ତ୍ତି ଚିତ୍ରୋତ୍ପଳାର ମେଖଳା ପରି ଦିଶୁଛି ।

୪୩. କେଉଁଠାରେ ଉତ୍କଳର କବି, ଜ୍ଞାନୀ, ଗୁଣୀ ଓ କର୍ମୀ ଉଜାଗର ରହି ଜ୍ଞାନଦୀପ ଜାଳିଥିଲେ ?

ଉ.: କଟକରେ ଉତ୍କଳର କବି, ଜ୍ଞାନୀ, ଗୁଣୀ ଓ କର୍ମୀ ଉଜାଗର ରହି ଜ୍ଞାନଦୀପ ଜାଳିଥିଲେ ।

୪୪. କାହାକୁ ସ୍ମୃତିର ଶ୍ମଶାନ ବୋଲି କୁହାଯାଇଛି ?

ଉ.: କୋଣାର୍କକୁ ସ୍ମୃତିର ଶ୍ମଶାନ ବୋଲି କୁହାଯାଇଛି ।

୪୫. କିଏ ଉତ୍କଳଭୂମିର ମାନଦଣ୍ଡ ପରି ଦଣ୍ଡାୟମାନ ବୋଲି ଲେଖକ କହିଛନ୍ତି ?

ଉ.: ଲିଙ୍ଗରାଜ ନିକେତନସ୍ଥ ଚାରୁଚୂଡ଼ାକୁ ଉତ୍କଳଭୂମିର ମାନଦଣ୍ଡ ବୋଲି ଲେଖକ କହିଛନ୍ତି ।

୪୬. ବାରିବାହ ବେଳାଭୂମିର ଶ୍ୟାମଳ ପଥରେ ଯିବାବେଳେ କେଉଁମାନେ ତା'ର ସ୍ୱାଗତ ପାଇଁ ଆସିବେ ବୋଲି କୁହାଯାଇଛି ?

ଉ.: ବାରିବାହ ବେଳାଭୂମିର ଶ୍ୟାମଳ ପଥରେ ଯିବାବେଳେ ପଲ୍ଲୀବାଳାମାନେ ତା'ର ସ୍ୱାଗତ ପାଇଁ ଆସିବେ ବୋଲି କୁହାଯାଇଛି ।

୪୭. ଲେଖକ କାହାକୁ ଭୁବନ-ମୋହନ ବୋଲି କହିଛନ୍ତି ?

ଉ.: ଲେଖକ କୋଣାର୍କକୁ ଭୁବନ-ମୋହନ ବୋଲି କହିଛନ୍ତି ।

୪୮. କିଏ ମ୍ଳାନ ଓ ଛିନ୍ନ ହୋଇ ବିଜନବେଳାରେ ପଡ଼ିରହିଛି ?

ଉ.: ଭୁବନମୋହନ କୋଣାର୍କ କିଏ ମ୍ଳାନ ଓ ଛିନ୍ନ ହୋଇ ବିଜନବେଳାରେ ପଡ଼ିରହିଛି ।

୪୯. କାହାକୁ ସ୍ୱର୍ଗଚ୍ୟୁତ ପାରିଜା ବୋଲି କୁହାଯାଇଛି ?

ଉ.: କୋଣାର୍କକୁ ସ୍ୱର୍ଗଚ୍ୟୁତ ପାରିଜା ବୋଲି କୁହାଯାଇଛି ।

୫୦. କିଏ ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମର ପ୍ରତୀକ ?

ଉ.: କୋଣାର୍କ ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମର ପ୍ରତୀକ ।

୫୧. କାହାକୁ ମହାମନ୍ଦିର ବୋଲି କୁହାଯାଇଛି ?

ଉ.: କୋଣାର୍କକୁ ମହାମନ୍ଦିର ବୋଲି କୁହାଯାଇଛି ।

୫୨. ଘନ ଅତୀତର ମ୍ଳାନ-ଶ୍ମଶାନ ବୋଲି ଲେଖକ କାହାକୁ ଅଭିହିତ କରିଛନ୍ତି ?

ଉ.: ଘନ ଅତୀତର ମ୍ଳାନ-ଶ୍ମଶାନ ବୋଲି ଲେଖକ କୋଣାର୍କକୁ ଅଭିହିତ କରିଛନ୍ତି ।

୫୩. ନୀଳାଚଳ ପଥରେ ଯାଉ ଯାଉ କାହାର ଧବଳିତ ସଦନ ଠାରେ ନବଘନ କ୍ଷଣକାଳ ସ୍ତମ୍ଭିତ ହୋଇ ରହିଯିବାକୁ ଲେଖକ ଘନକୁ କହିଛନ୍ତି ?

ଉ.: ନୀଳାଚଳ ପଥରେ ଯାଉ ଯାଉ ସାକ୍ଷିଗୋପାଳଙ୍କ ଧବଳିତ ସଦନ ଠାରେ ନବଘନ କ୍ଷଣକାଳ ସ୍ତମ୍ଭିତ ହୋଇ ରହିଯିବାକୁ ଲେଖକ ଘନକୁ କହିଛନ୍ତି ।

୫୪. ସାକ୍ଷିଗୋପାଳରେ କିଏ ଉନ୍ନତ ଉତ୍କଳର ସ୍ୱପ୍ନ ଦେଖିଥିଲେ ?

ଉ.: ସାକ୍ଷୀଗୋପାଳରେ ଶ୍ମଶ୍ରୁଳ, ଅଶ୍ରୁଳ, ଖର୍ବ, କ୍ଷମ ମନୁଷ୍ୟ ଗୋପବନ୍ଧୁ ବନରେ କୁଟୀର ରଚି ଉନ୍ନତ ଉତ୍କଳର ସ୍ୱପ୍ନ ଦେଖିଥିଲେ ।

୫୫. କାହାକୁ ଦଧୀଚି ବୋଲି ଲେଖକ ଅଭିହିତ କରିଛନ୍ତି ?

ଉ.: ଗୋପବନ୍ଧୁଙ୍କୁ ଦଧୀଚି ବୋଲି ଲେଖକ ଅଭିହିତ କରିଛନ୍ତି ।

୫୬. ଉତ୍କଳକମଳର କେଶର କିଏ ?

ଉ.: ନୀଳାଚଳ ଉତ୍କଳକମଳର କେଶର ।

୫୭. କିଏ ଉତ୍କଳର ଇତିହାସ ?

ଉ.: ଜଗନ୍ନାଥ ହିଁ ଉତ୍କଳର ଇତିହାସ ।

୫୮. କେଉଁମାନଙ୍କୁ ଦକ୍ଷିଣାଶାପଥ - ପ୍ରହରୀ ବୋଲି କୁହାଯାଇଛି ?

ଉ.: ଗଞ୍ଜାମ ଓ ଜୟପୁରବାସୀଙ୍କୁ ଦକ୍ଷିଣାଶାପଥ - ପ୍ରହରୀ ବୋଲି କୁହାଯାଇଛି ।

## (ଗ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ

**ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଉତ୍ତର ପାଇଁ ୧ ନମ୍ବର ।**

୧. ବାରିବାହର ଆଗମନ ପରେ ପୁଷ୍ପପୁର କିପରି ହୋଇଉଠିବ ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ବାରିବହର ଆଗମନ ପରେ ପୁଷ୍ପପୁର ଅଚିରେ ସଜୀବ ଓ ଶ୍ୟାମଳ ହୋଇଉଠିବ ।

୨. ଲେଖକ କେଉଁଠାରେ ଏବଂ କାହାର ଆଗମନୀର ଶୁଭ ଶଙ୍ଖ ଶୁଣି ପାରିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଲେଖକ ପ୍ରସାଦର ବତାୟନ ପଥରେ ବାରିବହ ଆଗମନୀର ଶୁଭ ଶଙ୍ଖ ଶୁଣି ପାରିଛନ୍ତି ।

୩. ବହୁଦିନ ପରେ ଦୂରବନ୍ଧୁର ଶୁଭଆଗମନରେ ପୁଷ୍ପପୁର କ'ଣ ହୋଇ ରହିଛି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ବହୁଦିନ ପରେ ଦୂରବନ୍ଧୁର ଶୁଭଆଗମନରେ ପୁଷ୍ପପୁର ମଙ୍ଗଳକର ଓ ମଧୁମୟ ହୋଇ ଉଠିଛି ।

୪. ଭ୍ରାମ୍ୟମାଣ ଉଦାସୀନ ଧରଣୀ କେଉଁଥିରେ ବିଚଳିତ ହୁଏ ନାହିଁ ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଭ୍ରାମ୍ୟମାଣ ଉଦାସୀନ ଧରଣୀ ବ୍ୟକ୍ତିବିଶେଷରେ ବିଚଳିତ ହୁଏ ନାହିଁ ।

୫. କ'ଣ ଊଣା ହେଲେ ସେ ଆଉ ବାସଭୂମି ହୋଇ ରହିପାରିବ ନାହିଁ ବୋଲି କୁହାଯାଇଛି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ବାୟୁ, ସଲିଳ, ଆଲୋକ ଓ ଉତ୍ତାପ ମଧ୍ୟରୁ କୌଣସିଟି ଊଣା ହେଲେ ସେ ଆଉ ବାସଭୂମି ହୋଇ ରହିପାରିବ ନାହିଁ ବୋଲି କୁହାଯାଇଛି ।

୬. ଲେଖକ କ'ଣ ହୋଇ ଜଳଦ ସହ ମିଶିବାକୁ ଇଚ୍ଛା କରିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଲେଖକ ଧୂମ, ଜ୍ୟୋତି ବାସଲିଳ ହୋଇ ଜଳଦ ସହ ମିଶିବାକୁ ଇଚ୍ଛା କରିଛନ୍ତି ।

୭. 'ସୁଜଳା ସୁଫଳା ଶସ୍ୟ ଶ୍ୟାମଳା' ? ଉତ୍କଳ ଭୂମିର ଅବସ୍ଥା ଆଜି କିପରି ହୋଇଛି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', 'ସୁଜଳା ସୁଫଳା ଶସ୍ୟ ଶ୍ୟାମଳା' ? ଉତ୍କଳ ଭୂମିର ଅବସ୍ଥା ଆଜି ପତିତା, ଲାଞ୍ଛିତା ଓ ଖଣ୍ଡିତା ହୋଇଛି ।

୮. ଜଳଦ କିପରି ବିଶୋଭିତ ହୋଇ ଉତ୍କଳ ଆକାଶରେ ଆବିର୍ଭୂତ ହେବାକୁ ଲେଖକ ଅନୁରୋଧ କରିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ବିଜୁଳିମଣ୍ଡିତ ଓ ବଳକା – ବିଶୋଭିତ ହୋଇ ଗନ୍ଧବହ ହିଲ୍ଲୋଳରେ ଭାସି ଭାସି ବନମାଳୀ ପରି ଉତ୍କଳ ଆକାଶରେ ଆବିର୍ଭୂତ ହେବାକୁ ଲେଖକ କହିଛନ୍ତି ।

୯. ଦରିଦ୍ର ବନବାସୀମାନଙ୍କୁ ନିରାଶ ନକରି କ'ଣ କରିବାକୁ ଜଳଦକୁ ଲେଖକ ଅନୁରୋଧ କରିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଦରିଦ୍ର ବନବାସୀମାନଙ୍କୁ ନିରାଶ ନକରି ତାହାର ବଦାନ୍ୟତା, ସେମାନଙ୍କ ଠାରେ ଆରମ୍ଭ କରିବାକୁ ଜଳଦକୁ ଲେଖକ ଅନୁରୋଧ କରିଛନ୍ତି ।

୧୦. କେଉଁ ଭୂମିରେ ନରନାରୀ ସ୍ୱେଦସିକ୍ତ ଶସ୍ୟ କ୍ଷେତ୍ରରେ ଶାଳିଧାନ୍ୟ ଆକାଶକୁ ଚାହିଁ ଝାଉଁଳିଥିବ ବୋଲି କୁହାଯାଇଛି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଟଙ୍କିଳ, ଅନୁର୍ବର, ଉଚ୍ଚାବଚ ଭୂମିରେ ନରନାରୀ ସ୍ୱେଦସିକ୍ତ ଶସ୍ୟ କ୍ଷେତ୍ରରେ ଶାଳିଧାନ୍ୟ ଆକାଶକୁ ଚାହିଁ ଝାଉଁଳିଥିବ ବୋଲି କୁହାଯାଇଛି ।

୧୧. ଶାଳିକ୍ଷେତ୍ର ଦେଖି ବନବାସୀମାନଙ୍କ ମନର ଆତଙ୍କକୁ ଲେଖକ କାହା ସହିତ ତୁଳନା କରିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଶାଳିକ୍ଷେତ୍ର ଦେଖି ବନବାସୀମାନଙ୍କ ମନର ଆତଙ୍କକୁ ଲେଖକ ରୋଗଶଯ୍ୟାଶାୟିତ ପୁତ୍ରକନ୍ୟାକୁ ଦେଖି ପିତାମାତାଙ୍କ ମନର ଆତଙ୍କ ସହିତ ତୁଳନା କରାଯାଇଛି ।

୧୨. ଜଳଦ କ'ଣ ଶୁଣି ଓ କ'ଣ ଦେଖି ବନବାସୀମାନଙ୍କ ଗ୍ରାମର ସୀମା ଆଣିପାରିବ ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଜଳଦ ଗୋ-ପଳର ଗଳଘଣ୍ଟି ବା ଗୋପାଳର ବେଣୁ ସ୍ୱନ ଶୁଣି କିମ୍ବା କୁଟୀରରୁ ଉଦ୍‌ଗତ କୁଣ୍ଡଳୀଭୂତ ଧୂମ ଦେଖି ବନବାସୀମାନଙ୍କ ଗ୍ରାମର ସୀମା ଆଣିପାରିବ ।

୧୩. ଜଳଦର ଭାଗ୍ୟରେ ଥିଲେ କେଉଁକଥା ଆଖିରେ ପଡ଼ିଯିବ ବୋଲି ଲେଖକ କହିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଜଳଦର ଭାଗ୍ୟରେ ଥିଲେ ସଂକୀର୍ଣ୍ଣ ପଥରେ ଶ୍ରେଣୀବଦ୍ଧ ନରନାରୀଙ୍କ ପ୍ରବାହଟିଏ ତୋ ଆଖିରେ ପଡ଼ିଯିବ ବୋଲି ଲେଖକ କହିଛନ୍ତି ।

୧୪. କେଉଁମାନେ ନିର୍ଝର ପରି ଗତି କରି ଚାଲୁଥିବେ ବୋଲି କୁହାଯାଇଛି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ବନବାସୀ ନାରୀମାନେ ନିର୍ଝର ପରି ଗତି କରି ଚାଲୁଥିବେ ବୋଲି କୁହାଯାଇଛି ।

୧୫. 'ବାରିବାହ ! ଏସମସ୍ତ ତୋର ବାନ୍ଧବୀ' । କାହା ପ୍ରସଙ୍ଗରେ ଏହା କୁହାଯାଇଛି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', 'ବାରିବାହ ! ଏସମସ୍ତ ତୋର ବାନ୍ଧବୀ' । ଏହା ବନବାସୀ ନାରୀମାନଙ୍କ ପ୍ରସଙ୍ଗରେ ଏହା କୁହାଯାଇଛି ।

୧୬. ବନବାସୀ ନାରୀଗଣ ଜଳଦକୁ ଅପରିଚିତ ଜାଣିଲେ କ'ଣ କରିବେ ବୋଲି କୁହାଯାଇଛି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ବନବାସୀ ନାରୀଗଣ ଜଳଦକୁ ଅପରିଚିତ ଜାଣିଲେ ଉଚ୍ଚହାସ୍ୟରେ ବନଭୂମି କମ୍ପାଇ ଦେବେ ବୋଲି କୁହାଯାଇଛି ।

୧୭. ମାନବ ଜୀବନର ପରମ କାମ୍ୟ କ'ଣ ବୋଲି ଲେଖକ କହିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ସ୍ୱୋପାର୍ଜିତ ଧନରେ ଉଦର ପୋଷଣ, ସୁନ୍ଦର ସ୍ୱାସ୍ଥ୍ୟ ଓ ନିର୍ମଳ ମନ ମାନବ ଜୀବନର ପରମ କାମ୍ୟ ବୋଲି ଲେଖକ କୁହାଯାଇଛି ।

୧୮. କ'ଣ ଶିଖିବା ପାଇଁ ସଭ୍ୟ ସମାଜ ବନବାସୀମାନଙ୍କ ପାଖକୁ ଆସିବେ ବୋଲି କୁହାଯାଇଛି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଜଗତରୁ ତସ୍କରଣ ଲୋପ ପାଇଲେ ମାନବିକତା ଶିଖିବା ପାଇଁ ସଭ୍ୟ ସମାଜ ବନବାସୀମାନଙ୍କ ପାଖକୁ ଆସିବେ ବୋଲି କୁହାଯାଇଛି ।

୧୯. ଜଳଦକୁ ଅବିରତ ଜଳପାତ କରିବାକୁ ଲେଖକ କାହିଁକି ଅନୁରୋଧ କରିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଜଳଦକୁ ଅବିରତ ଜଳପାତ କରିବାକୁ ଲେଖକ ଅନୁରୋଧ କରିଛନ୍ତି, କାରଣ ଜଳପାତ ଦ୍ୱାରା ବନଭୂମି ଶ୍ୟାମଳ ଓ ଉଜ୍ଜ୍ୱଳ ହୋଇଯିବ ।

୨୦. ଜଳଦକୁ କ୍ଲାନ୍ତି ଆସିଲେ ସେ କେଉଁଠାରେ ଅବସର ନେବ ଲେଖକ କହିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଜଳଦକୁ କ୍ଲାନ୍ତି ଆସିଲେ ସେ ମେଘାସନ, ଗନ୍ଧମାର୍ଦ୍ଦନ ବା ମାଲ୍ୟଗିରିରେ ଅବସର ନେବ ଲେଖକ କହିଛନ୍ତି ।

୨୧. କାହାର ମହାସଙ୍ଗୀତ ସଭ୍ୟଜଗତ ଶୁଣି ନାହିଁ ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଗିରିସଙ୍କୁଳ ମହାବନର ମହାସଙ୍ଗୀତ ସଭ୍ୟଜଗତ ଶୁଣି ନାହିଁ ।

୨୨. କାହାର ଅସରନ୍ତି ରତ୍ନଭଣ୍ଡାରକୁ ଆଜିଯାଏ କେହି କଳିନାହିଁ ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଗିରିସଙ୍କୁଳ ମହାବନର ଅସରନ୍ତି ରତ୍ନଭଣ୍ଡାରକୁ ଆଜିଯାଏ କେହି କଳିନାହିଁ ।

୨୩. ମହାବନର ମହାସଙ୍ଗୀତ ଶୁଣିଲେ ମନ କେଉଁଠିକୁ ଚାଲିଯାଏ ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ମହାବନର ମହାସଙ୍ଗୀତ ଶୁଣିଲେ ମନ ଅନାମୟ ଧାମକୁ ଚାଲିଯାଏ ।

୨୪. ଘନ କ'ଣ ଦେଖି ସ୍ତମ୍ଭିତ ହେବ ବୋଲି କୁହାଯାଇଛି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଉତ୍କଳବାସୀ ଭାଗୀରଥୀ ତୀରରେ ବସି ପିତାସୀ ଓ ରତ୍ନସ୍ତୂପରେ ବସି କିପରି ଉପବାସୀ ହୋଇଛନ୍ତି ଏହା ଦେଖି ସ୍ତମ୍ଭିତ ହେବ ବୋଲି କୁହାଯାଇଛି ।

୨୫. ତନ୍ୱୀ ମହାନଦୀ ଉପଳ ଶଯ୍ୟାରେ ଯାଉଁ ଯାଉଁ କ'ଣ କରେ ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ତନ୍ୱୀ ମହାନଦୀ ଉପଳ ଶଯ୍ୟାରେ ଯାଉଁ ଯାଉଁ ସ୍ୱର୍ଣ୍ଣରେଣୁ ଢାଳିଦିଏ ଓ ନରନାରୀଙ୍କ ଦେହରେ ନବଲାବଣ୍ୟ ବୋଳିଦିଏ ବୋଲି କୁହାଯାଇଛି ।

୨୬. କ'ଣ କାମ କରି କଟକକୁ ଶ୍ୟାମଳ କରିବାକୁ ଲେଖକ ଅନୁରୋଧ କରିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', 'ଏହିଠାରେ ହିଁ ବହୁ କବି, ଜ୍ଞାନୀ, ଗୁଣୀ ଓ କର୍ମୀ ଅଳ୍ପଦିନ ତଳେ ଉତ୍କଳ ମହା ନିଶାରେ ଉଜାଗର ରହି ଜ୍ଞାନଦୀପ ଜାଳିଗଲେ । ଏହି ଦୀପ ଅଖଣ୍ଡ ରହୁ ।' ଏହାହିଁ କାମନା କରି କଟକକୁ ଶ୍ୟାମଳ କରିବାକୁ ଲେଖକ ଅନୁରୋଧ କରିଛନ୍ତି ।

୨୭. କ'ଣ ନକଲେ ବାରିବହ ଉତ୍କଳ ଭ୍ରମଣ ସାର୍ଥକ ହେବ ନାହିଁ ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', କୋଣାର୍କର ଚାରୁଚୂଡ଼ା ଚୁମ୍ବନ ନକଲେ ବାରିବହ ଉତ୍କଳ ଭ୍ରମଣ ସାର୍ଥକ ହେବ ନାହିଁ ।

୨୮. କୋଣାର୍କ ପଥରେ ଯାଉ ଯାଉ କ'ଣ ଦେଖି ବାରିବହ ଚକିତ ହୋଇଯିବ ବୋଲି ଲେଖକ କହିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', କୋଣାର୍କ ପଥରେ ଯାଉ ଯାଉ ପଥ ମଧ୍ୟରେ ଅଗଣିତ କୀର୍ତ୍ତି ଦେଖି ବାରିବହ ଚକିତ ହୋଇଯିବ ବୋଲି ଲେଖକ କହିଛନ୍ତି ।

୨୯. ବାରିବହ ଧୀର, ଗମ୍ଭୀର ଓ ରାଜଲୀଳା ଗତିରେ ଗଲାବେଳେ କ'ଣ ତା'ର ଗତିପଥରେ ଭାସିଉଠିବ ବୋଲି କୁହାଯାଇଛି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ବାରିବହ ଧୀର, ଗମ୍ଭୀର ଓ ରାଜଲୀଳା ଗତିରେ ଗଲାବେଳେ ତା'ର ଗତିପଥରେ କୋଣାର୍କର କୃଷ୍ଣଚୂଡ଼ା ଭାସିଉଠିବ ବୋଲି କୁହାଯାଇଛି ।

୩୦. କୋଣାର୍କ ଏକାବେଳକେ କାହାର ବାର୍ତ୍ତା ଓ ଗାଥା ଆଣିଦେବ ବୋଲି ଲେଖକ କହିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', କୋଣାର୍କ ଏକାବେଳକେ ବିପୁଳ ବିଭବର ବାର୍ତ୍ତା ଓ ଅନ୍ୟପକ୍ଷରେ ଅତୁଳିତ ଲଳିତ କଳାର ଛନ୍ଦୋମୟୀ ଗାଥା ଆଣିଦେବ ବୋଲି ଲେଖକ କହିଛନ୍ତି ।

୩୧. ମୂକ ମନ୍ଦିର କୋଣାର୍କର ମୁଖ ଫିଟିଲେ କ'ଣ କୁହନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ମୂକ ମନ୍ଦିର କୋଣାର୍କର ମୁଖ ଫିଟିଲେ ସେ ତାହାର ଅତୀତ ବିଭବର ଗାଥା କହି ବିଜନ ବେଳାକୁ ମୁଖରିତ କରିଦିଅନ୍ତି ।

୩୨. ଶତଶତାବ୍ଦୀ ଧରି ଜଗନ୍ନାଥଙ୍କ ଠାରେ ସବୁ ଏକାଧାରରେ କ'ଣ ପୁଞ୍ଜିଭୂତ ହୋଇ ଆସିଛି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଶତଶତାବ୍ଦୀ ଧରି ଜଗନ୍ନାଥଙ୍କ ଠାରେ ସବୁ ଏକାଧାରରେ ଶାନ୍ତି, ମୁକ୍ତି, ମୈତ୍ରୀ, ଭକ୍ତି ଓ ଭୀତି ପୁଞ୍ଜିଭୂତ ହୋଇ ଆସିଛି ।

୩୩. ନୀଳାଚଳନାଥ ଆଜିକାଲି କ'ଣ ବାଣ୍ଟିଦେଇ ନିଜେ କାଙ୍ଗାଳ ହୋଇ ବସିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ନୀଳାଚଳନାଥ ଆଜିକାଲି ଶାନ୍ତି ଓ ମୈତ୍ରୀ ବାଣ୍ଟିଦେଇ ନିଜେ କାଙ୍ଗାଳ ହୋଇ ବସିଛନ୍ତି ।

୩୪. ବାରିବହ ଭୀମରୂପ ଦେଖି କେଉଁମାନେ ବତାୟନ ପଥ ଛାଡ଼ି ପଳାଇଯିବେ ବୋଲି କୁହାଯାଇଛି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ବାରିବହ ଭୀମରୂପ ଦେଖି ଭୀରୁ ନୀଳାଚଳ ଲଳନାମାନେ ବତାୟନ ପଥ ଛାଡ଼ି ପଳାଇଯିବେ ବୋଲି କୁହାଯାଇଛି ।

୩୫. ବାରିବହ ନୀଳାଚଳ ଠାରୁ ଆରମ୍ଭ କରି ଉତ୍କଳ କେଉଁ ଅଞ୍ଚଳ ପର୍ଯ୍ୟନ୍ତ ବ୍ୟାପିଯାଇ ତା'ର କର୍ମ ଶେଷ କରିବ ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ବାରିବହ ନୀଳାଚଳ ଠାରୁ ଆରମ୍ଭ କରି ଉତ୍କଳ ମାଳ ଅଞ୍ଚଳ ପର୍ଯ୍ୟନ୍ତ ବ୍ୟାପିଯାଇ ତା'ର କର୍ମ ଶେଷ କରିବ ।

## (ଘ) ସଂକ୍ଷିପ୍ତ ପ୍ରଶ୍ନ ଉତ୍ତର

୧. ଇତିହାସର କେଉଁ ଅନାମ ଯୁଗର କଥା ଲେଖକ ଶୁଣିଥିଲେ ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଇତିହାସର ଅନାମ ଯୁଗର ବିତାଡ଼ିତ ବିରହୀ ଯକ୍ଷଟିଏ ପୁଷ୍ପ ଅର୍ଘ୍ୟରେ ମେଘର ପୂଜାକରି, ଅଳକାପୁରୀର ପ୍ରିୟା ନିକଟକୁ ସେହି ମେଘ ହସ୍ତରେ ଉଦନ୍ତ ବା ବାର୍ତ୍ତା ପଠାଇଥିବା କଥା ଲେଖକ ଶୁଣିଥିଲେ ।

୨. ଉତ୍କଳ ଭୂମିର ଦୁଇ ଦିଗ ବର୍ଣ୍ଣନା କର ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଉତ୍କଳ ଭୂମିର ଗୋଟିଏ ଦିଗରେ ପୂଗ, ପୁନ୍ନାଗ, ତାଳ, ତମାଳ, ତାମ୍ବୁଳ ଓ ନାରୀକେଳ ବନରେ ବିଶୋଭିତ ମହୋଦଧିର ବେଳାରେ ସେ ବଳୟିତ ହୋଇଛି । ସେହିପରି ଅନ୍ୟଦିଗରେ ତୁଙ୍ଗଶିଖରୀ ସମାକୁଳ-ନିବିଡ଼ ବନରାଜିର ଅସରନ୍ତି ଶ୍ୟାମଶୋଭାରେ ଅପରୂପ ହୋଇଛି ।

୩. ଲେଖକଙ୍କ ଜନ୍ମଭୂମିର ରୂପଚିତ୍ର ଉପସ୍ଥାପନ କର ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଲେଖକଙ୍କ ଜନ୍ମଭୂମିର ରୂପଚିତ୍ର ଥିଲା ମନୋଜ୍ଞ । ତାହାର ଗୋଟିଏ ଦିଗରେ ପୂଗ, ପୁନ୍ନାଗ, ତାଳ, ତମାଳ, ତାମ୍ବୁଳ ଓ ନାରୀକେଳ ବନରେ ବିଶୋଭିତ ମହୋଦଧିର ବେଳାଭୂମି ଥିଲାବେଳେ ଅନ୍ୟ ଦିଗରେ ତୁଙ୍ଗଶିଖରୀ ସମାକୁଳ-ନିବିଡ଼ ବନରାଜିର ଅସରନ୍ତି ଶ୍ୟାମ ଶୋଭାରେ ବିମଣ୍ଡ ।

୪. ନିଘଞ୍ଚ ବନ ମଧ୍ୟରେ ଥିବା ବନବାସୀମାନଙ୍କ ବାସଭୂମିକୁ ଜଳଦ କିପରି ଚିହ୍ନିପାରିବ ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଗୋ-ପଲର ଗଳଘଣ୍ଟି ବା ଗୋପାଳର ବେଣୁସ୍ୱନ ଶୁଣି କିମ୍ବା କୁଟୀରରୁ ଉଦ୍‌ଗତ କୁଣ୍ଡଳୀଭୂତ ଧୂମ ଦେଖି ଜଳଦ ଗ୍ରାମ-ସୀମାକୁ ଚିହ୍ନିପାରିବ । ପୁନଶ୍ଚ ସଂକୀର୍ଣ୍ଣ ପଥରେ ଶ୍ରେଣୀବଦ୍ଧ ନରନାରୀଙ୍କ ପ୍ରବାହ ନବଯୁବକମାନଙ୍କ ବେଣୁସ୍ୱନର ଅନୁକୃତିରେ ଲଳନା କଣ୍ଠର ଐକତାନିକ ଲଳିତ ସ୍ୱରରେ ନିନାଦିତ ସ୍ୱରକୁ ଶୁଣି, ବନବାସୀଙ୍କ ବାସଭୂମିକୁ ମଧ୍ୟ ଚିହ୍ନିପାରିବ ।

୫. କେଉଁମାନଙ୍କୁ ନିରାଶ ନ କରି ଅବିରତ ବାରିପାତ କରିବାକୁ ଲେଖକ ଜଳଦକୁ ଅନୁରୋଧ କରିଛନ୍ତି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଦରିଦ୍ର ବନବାସୀମାନଙ୍କୁ ନିରାଶ ନକରି ଅବିରତ ବାରିପାତ କରିବାକୁ ଲେଖକ ଜଳଦକୁ ଅନୁରୋଧ କରିଛନ୍ତି । କାରଣ ସେହି ବନବାସୀମାନେ ଜଳଦ ବ୍ୟତୀତ ଆଉ କାହାରି ଅନୁଗ୍ରହ ଲୋଡ଼ନ୍ତି ନାହିଁ । ନିଜ ଉପାର୍ଜିତ ଧନରେ ଉଦର ପୋଷଣ ଧନିତ ସେମାନଙ୍କର ସୁନ୍ଦର ସ୍ୱାସ୍ଥ୍ୟ ଓ ନିର୍ମଳ ମନ ଥିବାରୁ, ଏମାନଙ୍କୁ ନିରାଶ ନ କରିବାକୁ ଜଳଦକୁ କହିଛନ୍ତି ।

୬. ସମ୍ବଲପୁର ଅଞ୍ଚଳର ନାରୀମାନଙ୍କ ବୈଶିଷ୍ଟ୍ୟ ଉପସ୍ଥାପନା କର । ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ସମ୍ବଲପୁରର ନାରୀ, ବିଶେଷ କରି ବଧୂମାନେ ସ୍ନାନସାରି ଶିଶିରସ୍ନାତ ଶେଫାଳୀ ପରି ହାସ୍ୟମୟୀ ହୋଇ ଉଠନ୍ତି । ସେମାନଙ୍କ ଅନଳସ ଚରଣରେ କମଳ ଫୁଟିଉଠେ ଓ କଳାକୁଶଳ କରସ୍ପର୍ଶରେ ତାଙ୍କର କ୍ଷୁଦ୍ର କୁଟୀର ହସିଉଠେ ।

୭. କଟକର ବୈଶିଷ୍ଟ୍ୟ ଉପସ୍ଥାପନା କର ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ'ରେ ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', କଟକ ସୌଧାବଳୀରେ ପରିପୂର୍ଣ୍ଣ ହୋଇଥିବାରୁ, ଏହା ହେଉଛି ଉତ୍କଳର ଉତ୍ତମାଙ୍ଗ । ପୂର୍ବେ ଏହା ଗଜପତିଙ୍କ ରାଜଧାନୀ ଥିଲା । ଏହି କଟକରୁ ଅଜେୟବାହିନୀ ଝଟିକା ବେଗରେ ଦୁର୍ଗାନ୍ତରକୁ ଗତି କରୁଥିଲେ । ଏଠାରେ ରହିଛି ସ୍ମୃତିପୂତ ବିଦ୍ୟାନାସୀ ଓ ବାରବାଟୀ । ଏଠାରେ ବହୁ କବି, ଜ୍ଞାନୀ, ଗୁଣୀ ଓ କର୍ମୀ ଉତ୍କଳର ଉନ୍ନତିପାଇଁ ଜ୍ଞାନୀଦୀପ ଜାଳିଥିଲେ ।

୮. କୋଣାର୍କ ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମର ପ୍ରତୀକ – ଆଲୋଚନା କର ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ' ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', କୋଣାର୍କର କାରୁକଳା ବିମଣ୍ଡିତ ଭୁବନମୋହନ ରୂପ ଆଜି ସ୍ୱର୍ଗଚ୍ୟୁତ ପାରିଜାତ ପରି ବିଜନବେଳାରେ ପଡ଼ିରହିଛି । କୋଣାର୍କର ଏଭଳି ପରିସ୍ଥିତ ସମ୍ବନ୍ଧରେ ପ୍ରାବନ୍ଧିକ କହିଛନ୍ତି, ଦିନ ଥିଲା ଯେଉଁ ସମୟରେ କୋଣାର୍କ କଳାର ଶୀର୍ଷସ୍ଥାନରେ ପହଞ୍ଚିଥିଲା ଓ ଏହାର ପୂର୍ବଜମାନେ ଗୌରବୋଜ୍ଜ୍ୱଳ ଜାତି ଭାବେ ପରିଚିତ ଥିଲେ ବୋଲି ଏହା ସୂଚାଇ ଦେଉଛି ।

୯. "ଉତ୍କଳ କମଳର କେଶର" ବୋଲି କାହାକୁ କୁହାଯାଇଛି ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ' ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ନୀଳାଚଳ କ୍ଷେତ୍ର, ଯେଉଁଠାରେ ଶ୍ରୀଜଗନ୍ନାଥ ଅବସ୍ଥାନ କରିଛନ୍ତି, ତାହାକୁ 'ଉତ୍କଳ କମଳରେ କେଶର ବୋଲି କୁହାଯାଇଛି । ସମଗ୍ର ଉତ୍କଳକୁ ଯଦି ଏକ କମଳ ବା ପଦ୍ମଭାବରେ ପରିକଳ୍ପନା କରାଯାଏ, ତାହାଲେ ଉତ୍କଳକୁ ମହିମାନ୍ୱିତ କରାଉଥିବା ବା ଜଗନ୍ନାଥ ଶାନ୍ତି, ମୁକ୍ତି, ମୈତ୍ରୀ, ଭକ୍ତି ଓ ଭାତି ସବୁ ଏଠାରେ ଠୁଳ ହୋଇଥିବାରୁ ଓ ଇତିହାସର ପ୍ରତୀକ ହୋଇଥିବାରୁ ଏହାକୁ କମଳର କେଶରୀ ଭାବରେ ବିଚାର କରିବାକୁ ହେବ ।

୧୦. ଗୋପବନ୍ଧୁଙ୍କ ରୂପ ଚିତ୍ର ଦିଅ । ?

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ' ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ପ୍ରାବନ୍ଧିକ ପ୍ରବନ୍ଧଟିରେ ଗୋପବନ୍ଧୁଙ୍କର ଜୀବନ ଓ କର୍ମମୟ ସାଧନାକୁ ଅତି ସୂଚନାତ୍ମକ ଭାବେ ପରିପ୍ରକାଶ କରିଛନ୍ତି । ଗୋପବନ୍ଧୁ ଥିଲେ ଶ୍ମଶ୍ରୁଳ, ଅଶ୍ମଳ, ଖର୍ବ, କ୍ଷମ ମଣିଷ, ଯେ କି ବକୁଳ ବନରେ ବିଦ୍ୟାଳୟ କରି, ଓଡ଼ିଶାର ଭବିଷ୍ୟତ ଗଠନର ସଂକଳ୍ପ ନେଇଥିଲେ । ସେ ଦଧୀଚି ଋଷି ପରି, ପ୍ରାଣପାତ ଉଦ୍ୟମ କରି ଉତ୍କଳର ସର୍ବାଙ୍ଗୀନ ଉନ୍ନତି ଚାହୁଁଥିଲେ ।

୧୧. ଗଞ୍ଜାମ ଓ ଜୟପୁରର ଅତୀତ ଐତିହ୍ୟ ଉପସ୍ଥାପନ କର ।

ଉ.: ପ୍ରବନ୍ଧ 'ପୁଷ୍ପପୁରରେ ବର୍ଷାବରଣ' ପ୍ରାବନ୍ଧିକ 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ', ଯେବେଳେ ଉତ୍କଳ ମୋହ ନିଦ୍ରାରେ ନିଦ୍ରିତ ଥିଲା, ସେତେବେଳେ ଉତ୍କଳକୁ ସୁରକ୍ଷା ଦେବାପାଇଁ ଗଞ୍ଜାମ ଓ ଜୟପୁର ଦକ୍ଷିଣା ପଥର – ପ୍ରହରୀ ରୂପେ ଜାଗ୍ରତ ହୋଇ ରହିଥିଲେ । ସିନ୍ଧୁ ପାରି ସାଧବ ସୃତି ସୂତ୍ରଭାବରେ ଏହାର ଜନତା ଜାଗ୍ରତ ହୋଇଥିଲେ । ଫଳରେ ନୌବାଣିଜ୍ୟ କରି ଉତ୍କଳକୁ ଏମାନେ ଧନଶାଳୀ କରାଇଥିଲେ ।

(ଙ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନର ଉତ୍ତର ।

୧. 'ପୁଷ୍ପପୁରର ବର୍ଷାବରଣ' ପ୍ରବନ୍ଧର ସାରମର୍ମ ଉଦ୍‌ଘାଟନ କର ।

ଉ.: 'ପୁଷ୍ପପୁରର ବର୍ଷାବରଣ' ପ୍ରବନ୍ଧର ପ୍ରାବନ୍ଧିକ ଡଃ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ । ସେ ଥିଲେ ଏକାଧାରରେ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍ । ସେ ତାଙ୍କର ପ୍ରତ୍ୟେକ ସୃଷ୍ଟିର ନିଜର ଜନ୍ମଭୂମି ପ୍ରୀତିକୁ ପରିପ୍ରକାଶ କରାଇଥାନ୍ତି । କର୍ତ୍ତବ୍ୟ ଆହ୍ୱାନରେ ସେ ଜନ୍ମଭୂମି ଉତ୍କଳଠାରୁ

ଦୂରରେ ରହିଥିଲେ । ସେ ଥିଲେ ପାଟନାରେ, ଯାହାକୁ ସେ ପୁଷ୍ପପୁର ବୋଲି ଉଲ୍ଲେଖ କରିଛନ୍ତି । ନୂଆ ମେଘକୁ ଦେଖି ଜନ୍ମଭୂମି ଓଡ଼ିଶା କଥାକୁ ସେ ସ୍ମରଣ କରିଛନ୍ତି । କାଳିଦାସଙ୍କ ନାୟକ ଯକ୍ଷ ମେଘକୁ ଦୂତ ଭାବରେ ପଠାଇଲାଭଳି, ସେ ମେଘକୁ ପ୍ରେରଣ କରିଛନ୍ତି ଓଡ଼ିଶାକୁ । ମେଘର ସ୍ପର୍ଶ ପାଇଁ ଓଡ଼ିଶା କିପରି ସବୁଜ ଶ୍ୟାମଳ ଓ ଶସ୍ୟ ବିମଣ୍ଡିତ ହେବ ବୋଲି ସେ କହିଛନ୍ତି । ସେହି ଅବସରରେ ସେ, ଓଡ଼ିଶାର ସ୍ମୃତିତୀର୍ଥମାନଙ୍କ ପ୍ରସଙ୍ଗ ଉଲ୍ଲେଖ କରି ନିଜର ଜାତୀୟତା ଭାବକୁ ପରିପ୍ରକାଶ କରିଛନ୍ତି ।

ବାରିପାତର ଭୌଗୋଳିକ ସୀମାରେଖା ନିର୍ଣ୍ଣୟ କଲାଭଳି ସେ ଓଡ଼ିଶାର ବିଭିନ୍ନ ସ୍ଥାନର ସୂଚନା ଦେଇଛନ୍ତି । ପ୍ରଥମେ ସେ ପଶ୍ଚିମ ଓଡ଼ିଶାରୁ ମେଘକୁ ସଞ୍ଚାରିତ କରାଇ ଶେଷ ଆଡ଼କୁ ଉପକୂଳ ଓଡ଼ିଶାରେ ପହଞ୍ଚାଇଛନ୍ତି । ସର୍ବଶେଷରେ ନୀଳାଚଳ ଧାମରେ ଏହାର ସେ ପରିସମାପ୍ତି କରି ଘଟାଇଛନ୍ତି । ପଶ୍ଚିମ ଓଡ଼ିଶା ସମେତ ସେଠାକାର ବନବାସୀମାନେ ବର୍ଷା ଉପରେ ନିର୍ଭର କରି ଜୀବନ ଧାରଣ କରନ୍ତି । ସେଠାରୁ ସେ ମେଘକୁ ମେଘାସନ, ଗନ୍ଧମାର୍ଦ୍ଦନ ଓ ମାଲ୍ୟଗିରିରେ ପହଞ୍ଚାଇ ଦେଇ, ସେଠାକାର ମହିମା ବଖାଣି ବସିଛନ୍ତି । ସମ୍ବଲପୁର ବର୍ଣ୍ଣନାରେ, ସମ୍ବଲପୁର ନାରୀମାନଙ୍କର ବିଶେଷତା ଓ କର୍ମ ଚଞ୍ଚଳତା ସମ୍ପର୍କରେ ସେ ସୂଚନା ଦେଇଛନ୍ତି । ପରବର୍ତ୍ତୀ ସମୟରେ ପ୍ରସାଦଯୁକ୍ତ କଟକ, ମନ୍ଦିରମାଳିନୀ ଭୁବନେଶ୍ୱର, କାରୁକାର୍ଯ୍ୟ ବିମଣ୍ଡିତ ଭୁବନେଶ୍ୱର ଓ ପବିତ୍ର ନୀଳାଚଳ ଧାମର ବିଶେଷତାକୁ ପ୍ରକାଶ କରିଛନ୍ତି । ପୁନଶ୍ଚ ସେ ଉତ୍କଳମଣି ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ, ସତ୍ୟବାଦୀ ପୀଠ, ସାକ୍ଷୀଗୋପାଳ, ଚିଲିକା, ଗଞ୍ଜାମ ଓ ଜୟପୁରର ମହତ୍ତ୍ୱ ପ୍ରତିପାଦିତ କରିଛନ୍ତି ।

ମୋଟ ଉପରେ କହିବାକୁ ଗଲେ, ମେଘକୁ ମାଧମ କରି ଲେଖକ ଓଡ଼ିଶାର ପ୍ରାକୃତିକ ଶୋଭା, ସାମାଜିକ ଚଳଣି, ସଂସ୍କୃତିକୁ ସୂଚିତ କରି ନିଜର ଜାତୀୟବାଦୀ ମାନସିକତାର ପରିଚୟ ଦେଇଛନ୍ତି ।

**୨. ନିଜ ଜନ୍ମଭୂମି ପ୍ରତି ଆପଣାର ଭାବ 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ କିପରି ପ୍ରତିଫଳିତ - ଆଲୋଚନା କର ।**

**ଉ.:** ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଥିଲେ ଜାତୀୟତାବାଦୀ ସାରସ୍ୱତ ସାଧକ । ସେ ତାଙ୍କର କର୍ମମୟ ଜୀବନରେ ନିଜକୁ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଭାବରେ ପରିଚିତ କରାଇଥିଲେ ବି ନିଜ ଜନ୍ମଭୂମିର ମହତ୍ତ୍ୱ ପ୍ରତିପାଦନ କରିବା ଯେପରି ତାଙ୍କ ଲେଖନୀ ଚାଳନାର ମୂଳ ଲକ୍ଷ୍ୟ ଥିଲା । ଆଲୋଚ୍ୟ ପ୍ରବନ୍ଧ 'ପୁଷ୍ପପୁରର ବର୍ଷାବରଣ' ପ୍ରବନ୍ଧରେ ପ୍ରାବନ୍ଧିକ ଏହି ସତ୍ୟକୁ ପ୍ରମାଣିତ କରିଛନ୍ତି ।

ପ୍ରାବନ୍ଧିକ ପାଣିଗ୍ରାହୀ ନିଜର କାର୍ଯ୍ୟ ଉପଲକ୍ଷେ, ପୁଷ୍ପପୁରରେ ରହିଛନ୍ତି । ସେହି ରହଣି ସମୟରେ ସେଠାରେ ଉପସ୍ଥିତ ହୋଇଛି, ନୂଆମେଘ । ସୁପ୍ରାଚୀନ ପରମ୍ପରାକୁ ଆଧାର କରି ସେ ମେଘ ପ୍ରେରଣ କରିଛନ୍ତି, ନିଜର ଜନ୍ମଭୂମି ଓଡ଼ିଶାକୁ । ମେଘକୁ ପ୍ରେରଣ କରି ସେ ନିଜ ଜନ୍ମଭୂମି ପ୍ରତି ରହିଥିବା ଆପଣାର ଭାବକୁ ପ୍ରମାଣିତ କରିଛନ୍ତି । ସେ ମେଘକୁ କହିଛନ୍ତି- "ଆଜି ଯଦି ମୁଁ ଧୂମ୍ର, ଜ୍ୟୋତି ବା ସଲିଳ ହୋଇ ତୋ ସହିତ ମିଶି ପାରନ୍ତି, ତେବେ ବାତାୟନ ପଥରେ ଉଡ଼ିଯାଇ ଅଗ୍ରଗତିରେ ମୋର ଜନ୍ମ ଭୂମିକୁ ତୋତେ ଚିହ୍ନାଇ ଦିଅନ୍ତି ।" ଲେଖକଙ୍କ ଦୃଷ୍ଟିରେ ପ୍ରାକୃତିକ ଶୋଭା ଥିଲା ସଦା ରୁଚିର । ପୂଗ, ପୁନ୍ନାଗ, ତାଳ, ତମାଳ, ତାମ୍ବୁଳ ଓ ନାରୀକେଳ ବନରେ ସେ ବିଶୋଭିତ । ମହୋଦଧି ବେଳାଭୂମିରେ ସେ ବଳୟିତ । ପୁନଶ୍ଚ ତୁଙ୍ଗଶିଖରୀ ସମାକୁଳ, ନିବିଡ଼ ବନରାଜିରେ ସେ ଶୋଭାଯୁକ୍ତ । କେବଳ ପ୍ରାକୃତିକ ଶୋଭାଦୃଷ୍ଟିରୁ ନୁହେଁ, ଲେଖକଙ୍କର ଜନ୍ମଭୂମି କୋଟିବୀର ପ୍ରସବିନୀ, ଅପୂର୍ବ କୀର୍ତ୍ତି କିରୀଟିନୀ

ଓ ସଂସ୍କୃତି ଶାଳିନୀ । ବହୁ ବିଶେଷରେ ବିଭୂଷିତ ହେଲେବି, ସମୟକ୍ରମେ ଓଡ଼ିଶାର ଦାୟାଦମାନଙ୍କର ଅଦୂରଦର୍ଶୀତା ପାଇଁ ସେ ହୋଇଛି ଶ୍ରୀହୀନା ।

ଲେଖକ ବନବାସୀମାନଙ୍କ ପାଇଁ ହୋଇଛନ୍ତି ଗୌରବାନ୍ୱିତ । କାରଣ ସେମାନେ ସୁସ୍ଥ, ସବଳ ଓ ସୁବଳିତ ତନୁଲତାରେ ବନପୁଷ୍ପଭରା ଗଭାର ଶୋଭାଧାରଣ କରି ସଂକୀର୍ଣ୍ଣ, ବନ୍ଧୁର, କର୍କଶ ଓ ଉରଗକୁଟିଳ ଗିରିପଥକୁ ହାସ୍ୟ ଓ ସଙ୍ଗୀତରେ ମୁଖରିତ କରିଥାନ୍ତି । ପରିଶ୍ରମ ବଳରେ ଏମାନେ ଉଦର ପୋଷଣ କରି, ନିର୍ମଳ ମନରେ ଜୀବନର ସରସତା ଅନୁଭବ କରିଛନ୍ତି । ପ୍ରାବନ୍ଧିକ ମେଘାସନ, ଗନ୍ଧମାର୍ଦ୍ଦନରେ ପ୍ରଚୁର ଖଣିଜ ସମ୍ପଦ ପୂରି ରହିଛି ବୋଲି କହିଛନ୍ତି । ପୁନଶ୍ଚ ସମ୍ବଲପୁର ସୂକ୍ଷ୍ମଶାଳିର ଗନ୍ତାଘର ବୋଲି ସୂଚିତ କରିଛନ୍ତି । ପ୍ରବନ୍ଧର ଶେଷ ପର୍ଯ୍ୟାୟରେ କଟକର ଐତିହ୍ୟ, ମନ୍ଦିର ମାଳିନୀ ଭୁବନେଶ୍ୱରର ବୈଶିଷ୍ଟ୍ୟ, କୋଣାର୍କର ସ୍ଥାପତ୍ୟ, ଉତ୍କଳମଣି ଗୋପବନ୍ଧୁଙ୍କର କର୍ମମୟ ଜୀବନର ସୂଚନା ଦେଇ ସେ ନିଜର ଜାତୀୟତାବୋଧର ପରିଚୟ ଦେଇଛନ୍ତି ।

❖❖❖

# ତିନି ତୁଣ୍ଡରେ

ଭୁବନେଶ୍ୱର ବେହେରା

## (କ) ଲେଖକ ପରିଚୟ

ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଜଣେ ସମର୍ଥ ଗଦ୍ୟସ୍ରଷ୍ଟା । ସାମ୍ପ୍ରତିକ ସମାଜର ବିଭିନ୍ନ ବିଧି ବ୍ୟବସ୍ଥାକୁ ନେଇ ସେ ପ୍ରବନ୍ଧ ରଚନା କରିଥାନ୍ତି । ଆଧୁନିକ ମଣିଷର ରୀତିନୀତି, ମନସ୍ତତ୍ତ୍ୱ, ସଭ୍ୟତା, ଶିକ୍ଷା ପ୍ରଭୃତିକୁ ନେଇ ସେ ପ୍ରବନ୍ଧ ରଚନା କରି ସୁଖ୍ୟାତି ଅର୍ଜନ କରିଛନ୍ତି । ସବୁଥିରେ ପୁରାଣ, ଇତିହାସ ଓ ଲୋକଜୀବନର କଥାକୁ ସେ ଉଦାହରଣ ଭାବରେ ଗ୍ରହଣ କରି ନିଜର ଅଭିମତକୁ ଯୁକ୍ତିଯୁକ୍ତ କରାଇଛନ୍ତି । ସେ କେବଳ ପ୍ରବନ୍ଧ ରଚନା କରିନାହାଁନ୍ତି, ଅନେକ ସମୟରେ ସେ ଗଳ୍ପ, ଲଳିତନିବନ୍ଧ, ଭ୍ରମଣକାହାଣୀ ମଧ୍ୟ ରଚନା କରିଛନ୍ତି । ନିଜର ଉଦ୍ୟମ ଓ ପୃଷ୍ଠପୋଷକତାରେ, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଥିବା ସମୟରେ, 'ବିଶ୍ୱବିଦ୍ୟାଳୟ ତରଫରୁ 'ସପ୍ତର୍ଷି' ଭଳି ପତ୍ରିକା ପ୍ରକାଶ କରିଛନ୍ତି । ତାଙ୍କ ଦ୍ୱାରା ରଚିତ ପୁସ୍ତକ ଗୁଡ଼ିକ ହେଉଛି, 'ଗୁଣ ପରୀକ୍ଷ', 'କହି ନ ଜାଣେ', 'କଥା ଓ ଲଥା', 'ଫରଫର ଉଡ଼େ', 'ଆମସାରୀ ଚାଚା', 'କହ ମନ୍ତ୍ରୀବର', ଇତ୍ୟାଦି ପ୍ରଧାନ । 'ଦକ୍ଷିଣ ଆଫ୍ରିକାରେ ଓଡ଼ିଆ ଦେଙ୍କି' ତାଙ୍କ ଦ୍ୱାରା ରଚିତ ସଫଳ ଭ୍ରମଣ, କାହାଣୀ । 'ଗୁଣ ପରୀକ୍ଷ', ପୁସ୍ତକ ପାଇଁ ସେ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ' ପୁରସ୍କାର ଓ 'ଗାଁର ଡାକ' ପାଇଁ 'ଶାରଳା ପୁରସ୍କାର' ଲାଭ କରିଛନ୍ତି ।

ପ୍ରାବନ୍ଧିକ ବେହେରା, ୧୯୧୬ ମସିହାରେ କଳାହାଣ୍ଡି ଜିଲ୍ଲାର ପୂର୍ବତନ ଗଡ଼ଜାତ କାଶିବାହାଲ ଠାରେ ଜନ୍ମଗ୍ରହଣ କରିଥିଲେ ଏବଂ ୨୦୦୧ ମସିହାରେ ଅମର ପଥର ଯାତ୍ରୀ ହୋଇଥିଲେ ।

## 'ତିନି ତୁଣ୍ଡରେ' ସମ୍ପର୍କରେ

'ତିନିତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଗଣତନ୍ତ୍ର ଶାସନ ବ୍ୟବସ୍ଥା ସଂପର୍କରେ ରହିଥିବା ଦୁର୍ବଳ ଦିଗ ଉପରେ ଆଲୋଚନା କରିଛନ୍ତି । ସବୁଶାସନ ବ୍ୟବସ୍ଥା ମଧ୍ୟରେ ଗଣତନ୍ତ୍ର ଶାସନ ସର୍ବୋତ୍କୃଷ୍ଟ । କାରଣ ଏଥିରେ ଗଣ ବା ଲୋକମାନଙ୍କର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି । ଅବଶ୍ୟ ଗଣତନ୍ତ୍ରରେ ଗଣ ବା ଲୋକମାନେ ସିଧାସିଧି ଶାସନ କରିବେ, ସେପରି ନୁହେଁ । ସେମାନେ ପରୋକ୍ଷ ଭାବରେ ଶାସନ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ଗଣମାନଙ୍କ ଦ୍ୱାରା ପ୍ରତିନିଧି ମନୋନୀତ ବା ନିର୍ବାଚିତ ହୋଇଶାସନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଥାନ୍ତି । ସୁତରାଂ ଲୋକପ୍ରତିନିଧି ମନୋନୟନ ଗଣତନ୍ତ୍ରର ମୂଳକଥା । ଯେଉଁ ଦେଶରେ ଲୋକମାନେ ନିଜର କର୍ତ୍ତବ୍ୟ ସଂପର୍କରେ ଅବଗତ ନୁହଁନ୍ତି, ସେଠାରେ ଗଣତନ୍ତ୍ରକୁ ପ୍ରୋପାଗଣ୍ଡା ବିଶେଷ ଭାବରେ ନିୟନ୍ତ୍ରଣ କରିଥାଏ । ପରିଣତିରେ ଅଯୋଗ୍ୟ ବ୍ୟକ୍ତି ହାତରେ, ଶାସନ ବ୍ୟବସ୍ଥା ରହିଥାଏ ।ଅଯୋଗ୍ୟ ବ୍ୟକ୍ତି କେବଳ ଗଣମାନଙ୍କର ସୁଖ ସୁବିଧା ନ ଦେଖି, ନିଜ ସ୍ୱାର୍ଥପାଇଁ କାମ କରିଥାଏ । ପ୍ରାବନ୍ଧିକ ଏଥିରେ ସ୍ପଷ୍ଟ କରିଛନ୍ତି, ଗଣତନ୍ତ୍ର ଅସଫଳ ହୁଏ, ଅଶିକ୍ଷା ପାଇଁ ଏବଂ ପ୍ରୋପାଗଣ୍ଡା ଭଲକୁ ଭଲ କରିବାରେ ସହାୟତା କରିଥାଏ । ଗଦ୍ୟାଂଶଟି 'ଗୁଣପରୀକ୍ଷ' ପୁସ୍ତକରୁ ସଂଗ୍ରହ କରାଯାଇଛି ।

## ପ୍ରଶ୍ନଉତ୍ତର

**(କ) ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧. ଶାସନ ପଦ୍ଧତିଗୁଡ଼ିକ ମଧ୍ୟରେ କେଉଁ ଶାସନ ହିଁ ସର୍ବୋତ୍କୃଷ୍ଟ ।

(ଏକଛତ୍ରବାଦ, ଗଣତନ୍ତ୍ର, ରାଜତନ୍ତ୍ର, ସାମ୍ୟବାଦ)

ଉତ୍ତର : ଗଣତନ୍ତ୍ର

୨. କେଉଁମାନଙ୍କ ଦ୍ୱାରା ପ୍ରଚଳିତ ଶାସନ ହିଁ ଗଣତନ୍ତ୍ରର ପ୍ରଧାନ ଓ ପ୍ରକୃତି ବିଶେଷତ୍ୱ ବୋଲି କୁହାଯାଇପାରେ ?

(ଗଣଙ୍କ, ଜଣଙ୍କ, ରାଜାଙ୍କ, ମନ୍ତ୍ରୀଙ୍କ)

ଉତ୍ତର : ଗଣଙ୍କ

୩. ଗଣତନ୍ତ୍ର ଶାସନରେ ଲୋକେ କାହାକୁ ଶାସନ କରନ୍ତି ?

(ପ୍ରଜାଙ୍କୁ, ରାଜାଙ୍କୁ, ନିଜେ ନିଜକୁ, ନିଜେ ଅନ୍ୟକୁ)

ଉତ୍ତର : ନିଜେ ନିଜକୁ

୪. କେଉଁ ଶାସନରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ ?

(ଗଣତନ୍ତ୍ର, ଜନତନ୍ତ୍ର, ସମୂହତନ୍ତ୍ର, ବ୍ୟକ୍ତିତନ୍ତ୍ର)

ଉତ୍ତର : ଗଣତନ୍ତ୍ର

୫. କେଉଁ ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇ ନ ପାରେ ?

(ସମଷ୍ଟିଗତ, ବ୍ୟକ୍ତିଗତ, ଗଣତନ୍ତ୍ର, ସ୍ୱାଧୀନ)

ଉତ୍ତର : ଗଣତନ୍ତ୍ର

୬. ଭାରତର ସାମାଜିକ ନ୍ୟାୟର ସ୍ୱରୂପ କିପରି ?

(ଲଙ୍କାରେ ହରି ଶବ୍ଦ ପରି, ଢୋଲ ଭିତରେ ମୂଷାପରି, ବାପାରାଣ ବେଙ୍ଗିଗିଳି ପରି, ଉଷୁନାଧାନ ଗଜା ହେବାପରି)

ଉତ୍ତର : ଲଙ୍କାରେ ହରି ଶବ୍ଦ ପରି

୭. କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷାବିହୀନ ସମାଜରେ କେଉଁ ଅଧିକାର ଚିଲିକା ମାଛପରି ସ୍ୱପ୍ନିଳ ଓ ଦୁଷ୍ପ୍ରାପ୍ୟ ?

(ବକ୍ତିଗତ ଅଧିକାର, ସମଷ୍ଟିଗତ ଅଧିକାର, ଭୋଟ ଦାନ ଅଧିକାର, ସାମାଜିକ ଅଧିକାର)

ଉତ୍ତର : ବ୍ୟକ୍ତିଗତ ଅଧିକାର ।

୮. ଗଣତନ୍ତ୍ରର ଜନତାର ଶସାନ କିପରି ହେବ ସ୍ୱାଭାବିକ ?

(ପରୋକ୍ଷ, କଳ୍ପିତ, ସ୍ୱପ୍ନିଳ, ଦୁଷ୍ପ୍ରାପ୍ୟ)

ଉତ୍ତର : ପରୋକ୍ଷ

୯. ଗଣତନ୍ତ୍ରର ମେରୁଦଣ୍ଡ କ'ଣ ?

(ଲୋକପ୍ରତିନିଧି ମନୋନୟନ, ଏକକ ମନୋନୟନ, ଏକଛତ୍ରବାଦ, ସାମ୍ରାଜ୍ୟବାଦ)

ଉତ୍ତର : ଲୋକ ପ୍ରତିନିଧି ମନୋନୟନ

୧୦. ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ ଭୋଟଦାତାମାନେ କ'ଣ ହେବା ପାଇଁ ଉପଯୁକ୍ତ ?

(ଲୋକ ପ୍ରତିନିଧି, ପ୍ରଶାସକ, ଅଧ୍ୟକ୍ଷ, ମନ୍ତ୍ରୀ)

ଉତ୍ତର : ଲୋକ ପ୍ରତିନିଧି

୧୧. ଅଧିକାର ତଥା କର୍ତ୍ତବ୍ୟଜ୍ଞାନ ସମ୍ବନ୍ଧରେ ଅଜ୍ଞ ଦେଶର ଜନତା ଉପରେ ଗୁଣ ଅପେକ୍ଷା କ'ଣ ବିଶେଷ କାମ କରେ ?

(ପ୍ରୋପାଗଣ୍ଡା, ଘୋଷଣା, ରାଜକୀୟ ଢଙ୍ଗ, ସାଧୁତା)

ଉତ୍ତର : ପ୍ରୋପାଗଣ୍ଡା

୧୨. 'ବିରାଡ଼ି ବୈଷ୍ଣବ' ମାନେ ଶାସନ କ୍ଷମତା ପାଇବା ଲୋଭରେ କ'ଣ ହେବାକୁ ବାହାରି ପଡନ୍ତି ?

(ଭଡ଼ାଟିଆ ଲୋକ, ପ୍ରତିଦ୍ୱନ୍ଦ୍ୱୀ, ଜନତାର ପ୍ରତିନିଧି, ଶାସନ)

ଉତ୍ତର : ଜନତାର ପ୍ରତିନିଧି

୧୩. କାହାକୁ ଦେଖି ଗୋସେଇଁଙ୍କ ଦେହରୁ ଗମ୍‌ଗମ୍ ଝାଳ ବୋହିଗଲା ?

(ରାଧୁ, ପାଣ୍ଡୁ, ଅଗାଧୁ, ସାଧୁ)

ଉତ୍ତର : ପାଣ୍ଡୁ

୧୪. କେତେବର୍ଷ ନପୂରିଲେ ତମର ବୁଦ୍ଧି ହୁଏ ନାହିଁ ବୋଲି ଗୋସେଇଁ ମହାରାଜ ପାଣ୍ଡୁଙ୍କୁ କହିଛନ୍ତି ?

(୮୦, ୫୦, ୬୦, ୭୦)

ଉତ୍ତର : ୬୦

୧୫. କାହାକୁ ଦେଖି ପୁରୋହିତଙ୍କ ଛାତିରେ ପବନ ଅଟକି ଗଲା ?

(ଅଗାଧୁ, ରାଧୁ, ଶ୍ୟାମ, ଦାମ)

ଉତ୍ତର : ରାଧୁ

୧୬. ଚାରିହାତ ଠେଙ୍ଗା ଧରିଥିବା ବିରାଟକାୟ ପୁରୁଷଟି କିଏ ?

(ମଧୁ, ରାଧୁ, ଅଗାଧୁ, ଫଗୁ)

ଉତ୍ତର : ଅଗାଧୁ

୧୭. ଆଜିର ଶିକ୍ଷିତ ଭୋଟଦାତାମାନେ ଭୋଟ ଦେବାକୁ କ'ଣ ହୋଇଥାନ୍ତି ?

(ତତ୍ପର, ସଚେତନ, ଅଚେତନ, ଉଦାସୀନ)

ଉତ୍ତର : ଉଦାସୀନ

୧୮. ଆଜିର ଜନତା ଜନାର୍ଦ୍ଦନ କାହାପରି ଓଠ ଚାଟି ତରାଜୁ ଧରିଥିବା ପ୍ରତିନିଧିମାନଙ୍କୁ ଅନାଇ ରହିଛନ୍ତି ?

(ଦୁଇ ମାଙ୍କଡ଼, ଦୁଇ ଭାଲୁ, ଦୁଇ ଶୃଗାଳ, ଦୁଇ ବିରାଡ଼ି)

ଉତ୍ତର : ଦୁଇ ବିରାଡ଼ି

୧୯. ଗଣତନ୍ତ୍ର ଶାସନ ହିଁ................. ଶାସନ ଏଥିରେ ସନ୍ଦେହ ନାହିଁ ।

(ଶ୍ରେଷ୍ଠ, କନିଷ୍ଠ, ଅଦରକାରୀ, ଦରକାରୀ)

ଉତ୍ତର : ଶ୍ରେଷ୍ଠ

୨୦. ଗଣତନ୍ତ୍ର ଶାସନରେ ଆମର ଆଜି ଏ ଅବସ୍ଥା ପାଇଁ କିଏ ଦାୟୀ

(ଦେଶ, ଜନତା, ଆମେ, ଆପଣମାନେ)

ଉତ୍ତର : ଆମେ

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧. ଗଣତନ୍ତ୍ର ସଂପର୍କରେ ଅନେକ କ'ଣ କହନ୍ତି ?

ଉତ୍ତର : ଶାସନ ପଦ୍ଧତି ମଧ୍ୟରେ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ବୋଲି ଅନେକ କହନ୍ତି ।

୨. 'ଗଣତନ୍ତ୍ର' କାହାକୁ କୁହାଯାଏ ?

ଉତ୍ତର : 'ଗଣତନ୍ତ୍ର'ର ଅର୍ଥ ଗଣ ଶାସନ ବା ଲୋକମାନେ ନିଜକୁ ନିଜେ ଶାସନ କରିବା ।

୩. ଗଣତନ୍ତ୍ର ପ୍ରକୃତ ଓ ପ୍ରଧାନ ବିଶେଷତ୍ୱ କ'ଣ ?

ଉତ୍ତର : ଗଣଙ୍କଦ୍ୱାରା ଶାସନ ହିଁ ଗଣତନ୍ତ୍ରର ପ୍ରକୃତ ଓ ପ୍ରଧାନ ବିଶେଷତ୍ୱ ।

୪. କେଉଁ ଶାସନରେ ଲୋକେ ନିଜେ ନିଜକୁ ଶାସନ କରନ୍ତି ?

ଉତ୍ତର : ଗଣତନ୍ତ୍ର ଶାସନରେ ଲୋକେ ନିଜେ ନିଜକୁ ଶାସନ କରନ୍ତି ।

୫. କେଉଁ ଶାସନରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ ?

ଉତ୍ତର : ଗଣତନ୍ତ୍ର ଶାସନରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ ।

୬. ଭାରତରେ ସାମାଜିକ ନ୍ୟାୟ ପରିକଳ୍ପନା କିପରି ମନେ ହୁଏ ?

ଉତ୍ତର : ଭାରତରେ ସାମାଜିକ ନ୍ୟାୟ ପରିକଳ୍ପନା 'ଲଙ୍କାରେ ହରି ଶଙ୍ଖ ପରି' ।

୭. ଗଣତନ୍ତ୍ରରେ କେଉଁମାନେ ସିଧାସଳଖ ଭାବରେ ଶାସନକର୍ତ୍ତା ହୁଅନ୍ତି ?

ଉତ୍ତର : ଗଣତନ୍ତ୍ରରେ ଜନତାର ପ୍ରତିନିଧିମାନେ ସିଧାସଳଖ ଭାବରେ ଶାସନ କର୍ତ୍ତା ହୁଅନ୍ତି ।

୮. ଲୋକ ପ୍ରତିନିଧି ମନୋନୟନକୁ ଗଣତନ୍ତ୍ରର କ'ଣ ବୋଲି କୁହାଯାଏ ?

ଉତ୍ତର : ଲୋକ ପ୍ରତିନିଧି ମନୋନୟକୁ ଗଣତନ୍ତ୍ରର ମେରୁଦଣ୍ଡ ବୋଲି କୁହାଯାଏ ।

୯. ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ ଦେଶର ଲୋକମାନେ କେଉଁ ଜ୍ଞାନରେ ସୁଶିକ୍ଷିତ ?

ଉତ୍ତର : ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ ଦେଶର ଲୋକମାନେ ଶାସନ ସମ୍ବନ୍ଧରେ ଜ୍ଞାନରେ ସୁଶିକ୍ଷିତ ।

୧୦. ଯେଉଁ ଦେଶର ଜଣେ ନିଜ ଅଧିକାର ଓ କର୍ତ୍ତବ୍ୟ-ଜ୍ଞାନ ସମ୍ବନ୍ଧରେ ଅଜ୍ଞ ସେଠାରେ କ'ଣ ବିଶେଷ ଭାବରେ କାମ କରେ ?

ଉତ୍ତର : ଯେଉଁ ଦେଶର ଜଣେ ନିଜ ଅଧିକାର ଓ କର୍ତ୍ତବ୍ୟ- ଜ୍ଞାନ ସମ୍ବନ୍ଧରେ ଅଜ୍ଞ ସେଠାରେ ପ୍ରୋପାଗଣ୍ଡା ବିଶେଷ ଭାବରେ କାମ କରେ ?

୧୧. ଭଲ ମନ୍ଦ ଚିହ୍ନିବାର ଯୋଗ୍ୟତା ଯେଉଁଠାରେ ନାହିଁ ସେଠାରେ ମୁଖ୍ୟତଃ କାହାର ଜୟ ହୁଏ ?

ଉତ୍ତର : ଭଲ ମନ୍ଦ ଚିହ୍ନିବାର ଯୋଗ୍ୟତା ଯେଉଁଠାରେ ନାହିଁ ସେଠାରେ ମୁଖ୍ୟତଃ ପ୍ରୋପାଗଣ୍ଡାର ହିଁ ଜୟ ହୁଏ ?

୧୨. ଆଗନ୍ତୁକକୁ ଚିହ୍ନିପାରି ଅଥମତ ଗଳାରେ ପୁରୋହିତ କ'ଣ ପଚାରିଲେ ?

ଉତ୍ତର : ଆଗନ୍ତୁକକୁ ଚିହ୍ନିପାରି ଅଥମତ ଗଳାରେ ପୁରୋହିତ 'ପାଣ୍ଡୁକିରେ' ବୋଲି ପଚାରିଲେ ।

୧୩. ଗୋସେଇଁଙ୍କୁ କିଏ ଛେଳିଟିଏ ଦାନ ଦେଇଥିଲେ ?

ଉତ୍ତର : ଗୋସେଇଁଙ୍କୁ ଯଜମାନ ଛେଳିଟିଏ ଦାନ ଦେଇଥିଲେ ।

୧୪. କାହାକୁ ଦେଖି ଗୋସେଇଁ ଘବରାଇ ଯାଇଥିଲେ ?

ଉତ୍ତର : ପାଣ୍ଡୁକୁ ଦେଖି ଗୋସେଇଁ ଘବରା ଯାଇଥିଲେ ।

୧୫. ଗୋସେଇଁଙ୍କ ଆଗରେ ହଠାତ୍ ଆବିର୍ଭାବ ହୋଇଥିବା ବିରାଟକାୟ ପୁରୁଷଟି କିଏ ଥିଲା ?

ଉତ୍ତର : ଗୋସେଇଁଙ୍କ ଆଗରେ ହଠାତ୍ ଆବିର୍ଭାବ ହୋଇଥିବା ବିରାଟକାୟ ପୁରୁଷଟି ଅଗାଧୁ ଥିଲା ।

୧୬. ଆଜି ଆମ ଦେଶରେ ଅଗଣିତ ପାଣ୍ଡୁ, ରାଧୁ ଓ ଅଗାଧୁ କେଉଁ ଉଦ୍ଦେଶ୍ୟରେ ବାହାରିଛନ୍ତି ?

ଉତ୍ତର : ଆଜି ଆମ ଦେଶରେ ପାଣ୍ଡୁ, ରାଧୁ ଓ ଅଗାଧୁ ଛେଳିକୁ କୁକୁର ଆଉ କୁକୁରକୁ ଛେଳି କରିବା ଉଦ୍ଦେଶ୍ୟରେ ବାହାରିଛନ୍ତି ।

୧୭. ଅନେକ କ୍ଷେତ୍ରରେ ପାଣ୍ଡୁ, ରାଧୁ ଓ ଅଗାଧୁମାନଙ୍କର ଜୟ ହେବାର କାରଣ କ'ଣ ?

ଉତ୍ତର : ଯେଉଁଠି ଶିକ୍ଷିତ ଭୋଟ ଦାତାମାନେ ଉଦାସୀନ, ସେଠାରେ ପାଣ୍ଡୁ, ରାଧୁ, ଅଗାଧୁମାନଙ୍କର ଜୟ ହେଉଛି ।

୧୮. ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ କିପରି କ୍ଷମତା ପାଉଛନ୍ତି ?

ଉତ୍ତର : ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ ପ୍ରଚାର ଶକ୍ତି ବଳରେ କ୍ଷମତା ପାଉଛନ୍ତି ।

୧୯. ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ ବିବାଦୀ, ଜନତାଙ୍କ ମଧ୍ୟରେ କେଉଁ ନ୍ୟାୟରେ ସୁବିଧା ବାଣ୍ଟୁଛନ୍ତି ?

ଉତ୍ତର : ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ ବିବାଦୀ ଜନତାଙ୍କ ମଧ୍ୟରେ 'ମାଙ୍କଡ଼ ଦୁଇ ବିରାଡ଼ିଙ୍କ ମଧ୍ୟରେ ପିଠା ବାଣ୍ଟିଲା ନ୍ୟାୟରେ' ସୁବିଧା ବାଣ୍ଟୁଛନ୍ତି ।

୨୦. ଜନତା ଜନାର୍ଦ୍ଦନ କାହା ପରି ଓଠ ଚାପି ପ୍ରତିନିଧିମାନଙ୍କୁ ଅନାଇ ରହୁଛନ୍ତି ?

ଉତ୍ତର : ଜନତା ଜନାର୍ଦ୍ଦନ ଦୁଇ ବିରାଡ଼ିଙ୍କ ପରି ଓଠ ଚାପି ପ୍ରତିନିଧିମାନଙ୍କୁ ଅନାଇ ରହୁଛନ୍ତି ।

୨୧. ନେତାମାନଙ୍କର ରାଜନୈତିକ ପକ୍ଷ ପରିବର୍ତ୍ତନ ପରେ କେଉଁ ଖେଳ ଆରମ୍ଭ ହୁଏ ?

ଉତ୍ତର : ନେତାମାନଙ୍କର ରାଜନୈତିକ ପକ୍ଷ ପରିବର୍ତ୍ତନ ପରେ ବାଉଁଶ ରାଣୀ ଖେଳ ଆରମ୍ଭ ହୁଏ ।

୨୨. ମେଣ୍ଢାଶାଳ ଭିତରେ ଗଧିଆ କେଉଁ ପୋଷାକରେ ରହେ ?

ଉତ୍ତର : ମେଣ୍ଢାଶାଳ ଭିତରେ ଗଧିଆ ମେଣ୍ଢାର ପୋଷାକରେ ରହେ ।

୨୩. କେଉଁ ଶାସନ ଶ୍ରେଷ୍ଠ ଶାସନ ବୋଲି ଲେଖକ କହିଛନ୍ତି ?

ଉତ୍ତର : ଗଣତନ୍ତ୍ର ଶାସନ ଶ୍ରେଷ୍ଠ ଶାସନ ବୋଲି ଲେଖକ କହିଛନ୍ତି ।

୨୪. ଗଣତନ୍ତ୍ରରେ ଆମର ଆଜିର ଅବସ୍ଥା ପାଇଁ କାହାକୁ ଦାୟୀ କରାଯାଉଛି ?

ଉତ୍ତର : ଗଣତନ୍ତ୍ରରେ ଆମର ଆଜିର ଅବସ୍ଥା ପାଇଁ ଆମ ନିଜକୁ ହିଁ ଦାୟୀ କରାଯାଇଛି ।

୨୫. ଗଣଶିକ୍ଷା ଓ ଗଣଚେତନାରେ ଅଭାବ ଥିବା ଯାଏ କାହାର ସଫଳତା ଆଶା କରିବା ବିଡ଼ମ୍ବନା ?

ଉତ୍ତର : ଗଣଶିକ୍ଷା ଓ ଗଣଚେତନାରେ ଅଭାବ ଥିବାଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ।

**ଗ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧. ଶାସନ କହିଲେ କ'ଣ ବୁଝ ?

ଉତ୍ତର : ପ୍ରବନ୍ଧ ତିନିତୁଣ୍ଡରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେହେରା, ଶାସନ କହିଲେ ଶାସନ ବା ଲୋକଙ୍କ ଉପରେ ଶାସନକୁ ବୁଝାଏ, ନିଜ ସ୍ତ୍ରୀ କିମ୍ବା ପୁଅଝିଅ ଉପରେ ମାଲିକାନା ଜାହିର କରିବା ନୁହେଁ ।

୨. ଗଣତନ୍ତ୍ର ଶାସନ କହିଲେ କ'ଣ ବୁଝାଏ ?

ଉତ୍ତର : ପ୍ରବନ୍ଧ ତିନିତୁଣ୍ଡରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେହେରା, ଗଣତନ୍ତ୍ର ଶାସନ କହିଲେ ଲୋକେ ନିଜକୁ ନିଜେ ଶାସନ କରନ୍ତି, ଅର୍ଥାତ୍ ଏଥିରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ ।

୩. ଗଣତନ୍ତ୍ର ଶାସନ ସମ୍ପର୍କରେ କେଉଁ କଥା କହିବାର ବିଶେଷ ତାତ୍ପର୍ଯ୍ୟ ନାହିଁ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ଗଣତନ୍ତ୍ର ଶାସନରେ 'ଗଣଙ୍କ ପାଇଁ' ବା ଗଣଙ୍କ ହିତ ପାଇଁ, ସେ କଥା କହିବାର ବିଶେଷ ତାତ୍ପର୍ଯ୍ୟ ନାହିଁ ।

୪. ଗଣତନ୍ତ୍ର ଶାସନରେ କେଉଁ କଥା କଳ୍ପନା କରାଯାଇ ନ ପାରେ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ଗଣତନ୍ତ୍ର ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇ ନ ପାରେ ।

୫. ଗଣତନ୍ତ୍ର ଶାସନରେ ସ୍ୱାଭାବିକ ପରିଣତି କ'ଣ ବୋଲି ଯୁକ୍ତି କରାଯାଏ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ସାମାଜିକ ନ୍ୟାୟ ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ ସଙ୍ଗେ ସଙ୍ଗେ ସମଷ୍ଟିଗତ ପ୍ରଗତି ଗଣତନ୍ତ୍ର ଶସାନର ସ୍ୱାଭାବିକ ପରିଣତି ବୋଲି ଯୁକ୍ତି କରାଯାଏ ।

୬. ଅର୍ଥନୈତିକ ସମତାର ଆଶାକୁ ଲେଖକ କଳ୍ପନାର ବିଳାସ ବୋଲି କହିବାର କାରଣ କ'ଣ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ପୁଞ୍ଜିପତିର ବିଶାଳ ପ୍ରାସାଦ ଓ ଭିକାରିର କୁଡ଼ିଆ ତଥା ରାସ୍ତାକଡ଼ ମଧ୍ୟରେ ଅର୍ଥନୈତିକ ସମତାର ଆଶାକୁ ଲେଖକ କଳ୍ପନାର ବିଳାସ ବୋଲି କହିଛନ୍ତି ।

୭. ଗଣତନ୍ତ୍ରରେ କେଉଁପରି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଅସମ୍ଭବ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଉଲ୍ଲେଖ କରିଛନ୍ତି । ଗଣଙ୍କଦ୍ୱାରା ଶାସନର ଅର୍ଥ ନୁହେଁ ଯେ ଜନତାର ସମସ୍ତେ ବ୍ୟକ୍ତିଗତ ଭାବରେ ସିଧାସଳଖ ଶାସନକର୍ତ୍ତା ହେବେ ଓ ନିଜକୁ ନିଜେ ଶାସନ କରିବେ, ଏପରି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଅସମ୍ଭବ ?

୮. ଯେଉଁ ଦେଶରେ ଭୋଟ ଦାତମାନେ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ ଓ ପ୍ରତିନିଧି ବାଛିବା ସମ୍ବନ୍ଧରେ ସଚେତନ ସେମାନେ କ'ଣ ହେବାପାଇଁ ଉପଯୁକ୍ତ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ଯେଉଁ ଦେଶର ଭୋଟଦାତାମାନେ ଶାସନ ସମ୍ବନ୍ଧୀୟ ଜ୍ଞାନର ସୁଶିକ୍ଷିତ ଓ ପ୍ରତିନିଧି ବାଛିବା ସମ୍ପର୍କରେ ସଚେତନ, ସେମାନେ ଲୋକ ପ୍ରତିନିଧି ହେବାପାଇଁ ଉପଯୁକ୍ତ ।

୯. କେଉଁ ଦେଶରେ ଗୁଣ ଅପେକ୍ଷା ପ୍ରୋପାଗାଣ୍ଡା ହିଁ ବିଶେଷ କାମ କରେ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ଯେଉଁ ଦେଶର ଜନତା ନିଜର ଅଧିକାର ତଥା କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶରେ ଗୁଣ ଅପେକ୍ଷା ପ୍ରୋପାଗାଣ୍ଡା ହିଁ ବିଶେଷ କାମ କରେ ।

୧୦. ପାଣୁ ମୁରୁକି ହସିଦେଇ ଗୋସେଇଁଙ୍କୁ କ'ଣ କହିଲା ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ପାଣୁ ମୁରୁକି ହସିଦେଇ କହିଲା, "ଗୋସେଇଁ ମହାପ୍ରଭୁ ! ଏହି ଭୋରୁ କୁକୁରଟିକୁ କାନ୍ଧରେ ବୋହି କୁଆଡ଼ିକୁ ଚାଲିଛନ୍ତି ।"

୧୧. ଗୋସେଇଁ କାହିଁକି ଛେଳିକୁ ବୋହି ନେଇ ଯାଉଥିଲେ ?

ଉତ୍ତର : 'ତିନିତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ଗୋସେଇଁ ଯାଜମାନ ଘରୁ ଛେଳିଟିକୁ ଆଣିଲା ବେଳେ, ଛେଳିଟି ଉଡି ଓଟାରି ହେବାରୁ ସେ ତା'କୁ କାନ୍ଧରେ ବୋହି ନେଇଯାଉଥିଲା ।

୧୨. ପାଣୁ ବାଟକାଟି ଯାଉ ଯାଉ କ'ଣ ଟିପ୍ପଣୀ କରିଥିଲା ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ପାଣୁ ବାଟକାଟି ଯାଉ ଯାଉ, ଗୋସେଇଁଙ୍କ ଉପରେ ଟିପ୍ପଣୀ ଦେଇ କହିଲା, 'ଯେତେ ମୂର୍ଖ ହେଲେ ବି କୁକୁରାଟାକୁ ଆଉ ଚିହ୍ନି ହେବନି ? ବଡ଼ ଲୋକଙ୍କୁ ଜବାବ ନାହିଁ, ପରା ।'

୧୩. ରାଧୁ ଗୋସେଇଁଙ୍କୁ ପ୍ରଣାମ କରି କ'ଣ କହିଲା ?

ଉତ୍ତର : ତିନି ତୁଣ୍ଡରେ ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ରାଧୁ ଗୋସେଇଁଙ୍କୁ ପ୍ରଣାମ କରି କହିଲା (ନନା-କୁକୁରାଟାକୁ କ'ଣ କାନ୍ଧରେ ବୋହିଛନ୍ତି । କଳିଯୁଗ ବୋଲି କଣ ସବୁ ଆଚାର ବିଚାର ଗଲ୍ଲା ।

୧୪. ରାଧୁ ବାଟକାଟି ଯାଉ ଯାଉ କ'ଣ ପଦେ ଶୁଣେଇ ଦେଇଗଲା ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏକ ଉଲ୍ଲେଖ କରିଛନ୍ତି । ରାଧୁ ବାଟକାଟି ଯାଉ ଯାଉ ପଦେ ଶୁଣେଇ ଦେଇଗଲା, ଛେଳି, ନା ବାଛୁରୀ , ହଁ ସରଗକୁ ନିଶୁଣୀ ନାହିଁ ଆଉ ... କଣ କହିଲା ଠିକ୍ ଶୁଣାଗଲାନି ।

୧୫. ଅଗାଧୁ ଭକ୍ତିପୂତ ପ୍ରଣାମ ଜଣାଇ କ'ଣ କହିଲା ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏକ ଉଲ୍ଲେଖ କରିଛନ୍ତି । ଅଗାଧୁ ଭକ୍ତିପୂତ ପ୍ରଣାମ ଜଣାଇ ଚମକି ପଡିଲା ପରି କହିଲା 'ଅବଧାନେ- ଏମିତି ଜାତିଆ କୁକୁରଟା କେଉଁଠୁ ପାଇଲ କିଏ ଛେଳି ବୋଲି ଭୁଲ କରି ବସିବ । ଭଲ ଭୁକୁଛି ନା ?'

୧୬. ଯେଉଁଠି ଶିକ୍ଷିତ ଭୋଟଦାତାମାନେ ଉଦାସୀନ ସେଠାରେ କ'ଣ ହେବେ ।

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶବର ବେହେରା ଏକ ଉଲ୍ଲେଖ କରିଛନ୍ତି । ଯେଉଁଠି ଶିକ୍ଷିତ ଭୋଟଦାତାମାନେ ଉଦାସୀନ ସେଠାରେ ଅସାଧୁ ପ୍ରଚାର ସର୍ବସ୍ୱମାନଙ୍କର ହିଁ ଜୟ ହୋଇଥାଏ ।

୧୭. ଆଜିର ଜନତା ଜନାର୍ଦ୍ଦନ ଦୁଇ ବିରାଡିଙ୍କ ପରି ପ୍ରତିନିଧିମାନଙ୍କୁ କିପରି ଅନାଇ ରହୁଛନ୍ତି ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏକ ଉଲ୍ଲେଖ କରିଛନ୍ତି । ଆଜିର ଜନତା ଜନାର୍ଦ୍ଦନ ଦୁଇ ବିରାଡିଙ୍କ ପ୍ରତି ପ୍ରତିନିଧିମାନଙ୍କୁ ଖାଲି ଓଠ ଚାଟି ମିଟିମିଟି କରି ଅନାଇ ରହୁଛନ୍ତି ।

୧୮. ଯେଉଁ ପ୍ରତିନିଧିମାନଙ୍କୁ ତରାଜୁ ଧରିବାକୁ ସୁଯୋଗ ମିଳୁନି ସେମାନେ କ'ଣକରନ୍ତି ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏକ ଉଲ୍ଲେଖ କରିଛନ୍ତି । ଯେଉଁ ପ୍ରତିନିଧିମାନଙ୍କୁ ତରାଜୁ ଧରିବାକୁ ସୁଯୋଗ ମିଳୁନି, ସେମାନଙ୍କ ମଧ୍ୟରୁ କେତେକ ମାଙ୍କଡ଼ଚିତ ମାରି ରାଜନୈତିକ ପକ୍ଷ ପରିବର୍ତ୍ତନ କରୁଛନ୍ତି ।

୧୯. କେଉଁ କଥାର ଅଭାବ ଥିବାଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ବୋଲି ଲେଖକ କହିଛନ୍ତି ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ଗଣଶିକ୍ଷା ଓ ଗଣଚେତନାରେ ଅଭାବ ଥିବାଯାଏ ଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର ।

**ଘ. ସଂକ୍ଷିପ୍ତ ଉତ୍ତର**

୧. କେଉଁମାନଙ୍କ ପ୍ରବର୍ତ୍ତିତ ଶାସନ ଗଣସମୂହଙ୍କ ହିତ ପାଇଁ ବୋଲି ଡିଣ୍ଡିମ ପିଟି ଘୋଷଣା କରେ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ନିଶ ଉପୁଡ଼ା ରାଜାଙ୍କଠାରୁ ଆରମ୍ଭ କରି ଆଚାରଭ୍ରଷ୍ଟ 'ମ'କାର ବ୍ୟଭିଚାରଗ୍ରସ୍ତ ୟାହିଆ ସାମରିକ ଏକଛତ୍ରବାଦ ପର୍ଯ୍ୟନ୍ତ ପ୍ରତ୍ୟେକ ଶାସକଗଣ ସେମାନଙ୍କ ପ୍ରବର୍ତ୍ତିତ ଶାସନ ଗଣସମୂହଙ୍କ ହିତ ପାଇଁ ବୋଲି ଡିଣ୍ଡିମ ପିଟି ଘୋଷଣା କରନ୍ତି ।

୨. ଗଣତନ୍ତ୍ର ଶାସନର ସ୍ୱାଭାବିକ ପରିଣତି କ'ଣ ବୋଲି ଯୁକ୍ତ କରାଯାଏ ?

ଉତ୍ତର : ପ୍ରାବନ୍ଧିକ ଭୁବନେଶ୍ୱର ବେହେରା, ତିନିତୁଣ୍ଡରେ ପ୍ରବନ୍ଧରେ ଏହା ଉଲ୍ଲେଖନୀୟ ସାମାଜିକ, ଅର୍ଥନୈତିକ ସମତା ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ ସଂଗେ ସଂଗେ ସମଷ୍ଟିଗତ ପ୍ରଗତି ଏ ଶାସନର ସ୍ୱାଭାବିକ ପରିଣତି ବୋଲି ଯୁକ୍ତି କରାଯାଏ ।

୩. ଗଣତନ୍ତ୍ରକୁ ଯାହା ବୋଲି ଘୋଷଣା କରାଯାଏ ସତରେ କାହିଁକି ସେ ତାହା ନୁହେଁ ବୋଲି ମନରେ ପ୍ରଶ୍ନ ଉଠେ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷାବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର ଚିଲିକା ମାଛ ପରିସ୍ୱପ୍ନିଳ ଓ ଦୁଷ୍ପ୍ରାପ୍ୟ । ଆଉ ସମଷ୍ଟିଗତ ପ୍ରଗତି ଆକାଶ କଇଁଆ ପରି କପୋଳକଳ୍ପିତ । ତେଣୁ ମନରେ ପ୍ରଶ୍ନ ଉଠେ ଯେ ଗଣତନ୍ତ୍ରକୁ ଯାହା ବୋଲି ଘୋଷଣା କରାଯାଏ, ସତରେ ତାହା ନୁହେଁ ।

୪. 'ଗଣଙ୍କଦ୍ୱାରା' ଶାସନର ଅର୍ଥ କ'ଣ ବୋଲି ଲେଖକ କହିଛନ୍ତି ?

ଉତ୍ତର : 'ତିନିତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । 'ଗଣଙ୍କଦ୍ୱାରା' ଶାସନର ଅର୍ଥ ବ୍ୟକ୍ତିଗତ ଭାବରେ କେହି ଶାସନକର୍ତ୍ତା ହୋଇ ନିଜକୁ ଶାସନ କରିବେ ନାହିଁ । ଗଣତନ୍ତ୍ରର ଜନତା ବା ଗଣମାନେ ସେମାନଙ୍କ ପ୍ରତିନିଧିଙ୍କୁ ବାଛନ୍ତି ଏବଂ ସେହିମାନଙ୍କୁ ହାତରେ ଶାସନକ୍ଷମତା ଓ ଶାସନଭାର ଜାଣିଶୁଣି ସମର୍ପି ଦେଇଥା'ନ୍ତି । ଲୋକ ପ୍ରତିନିଧି ମନୋନୟନ, ଗଣତନ୍ତ୍ରର ମେରୁଦଣ୍ଡ ।

୫. କେଉଁ ଦେଶର ଭୋଟଦାତାମାନେ ଲୋକ-ପ୍ରତିନିଧି ହେବାପାଇଁ ଉପଯୁକ୍ତ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକଙ୍କୁ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ଯେଉଁ ଦେଶର ଲୋକମାନେ ଶାସନ ସମ୍ବନ୍ଧୀୟ ଜ୍ଞାନର ସୁଶିକ୍ଷିତ ନିଜ, ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ; ସେ ଦେଶମାନଙ୍କର ଭୋଟ ଦାତାମାନେ ଲୋକ ପ୍ରତିନିଧି ହେବାପାଇଁ ଉପଯୁକ୍ତ ।

୬. କେଉଁ ଉପଯୁକ୍ତ ବ୍ୟକ୍ତିଙ୍କୁ ପ୍ରତିନିଧି ରୂପେ ବାଛିବା ଉଚିତ୍ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରବନ୍ଧିକଙ୍କୁ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖକୁ କରିଛନ୍ତି । ଗଣତନ୍ତ ଶାସନରେ ଜନପ୍ରତିନିଧିମାନେ ହିଁ ଜନତାଙ୍କୁ ଶାସନ କରିଥାନ୍ତି ତେଣୁ ବ୍ୟକ୍ତିର ଦୋଷଗୁଣ, କ୍ରିୟାକଳାପ, ଚିନ୍ତାଧାରା ଓ ମାନସିକ, ଦୃଷ୍ଟିକୋଣ ସାଧୁତା ଓ ସଙ୍କୋଚତାପଣିଆ ତଥା କାର୍ଯ୍ୟ ଦକ୍ଷତା ସମ୍ପର୍କରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ବ୍ୟକ୍ତିଙ୍କୁ ହିଁ ପ୍ରତିନିଧି ରୂପେ ବାଛିବା ଉଚିତ୍ ।

୭. କାହାକୁ ବିରାଡ଼ି ବୈଷ୍ଣବ ବୋଲି କୁହାଯାଇଛି ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ଯେଉଁମାନେ ଜନପ୍ରତିନିଧି ହେବାପାଇଁ ନିଜେ ନିଜର ପେଁକାଳି ବଜାଇ, ସଭା ସମିତିର ଛାତି ପିଟି, ବାହା ସୋଟ ମାରି ଧୂଆଁବାଣ ଛାଡ଼ି, ଭଡ଼ାଟିଆ ଲୋକଙ୍କ ସାହାଯ୍ୟରେ ଡ୍ରମ ବାଡ଼େଇ ଧନ, କାର୍ପଣ୍ୟ ଓ ସେବାର ସାମୟିକ ଆଶ୍ରୟ ନେଇ ପ୍ରତିଦ୍ୱନ୍ଦୀମାନଙ୍କର କୁତ୍ସାରଟନା କରି, ସେମାନଙ୍କୁ ଲୋକଙ୍କୁ ଭୟ ଦେଖାଇ ପ୍ରଚାର ବଳରେ କଳାକୁ ଧଳା ଓ ଧଳାକୁ କଳା କରିବାକୁ ଚେଷ୍ଟା କରନ୍ତି । ସେମାନଙ୍କୁ ବିରାଡି ବୈଷ୍ଣବ ଜନପ୍ରତିନିଧି ବୋଲି କୁହାଯାଇଛି ।

୮. ପାଣ୍ଡୁର ରୂପ କିପରି ଥିଲା ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ପାଣ୍ଡୁ ଥିଲା ପ୍ରଥମ ଠକ ଏବଂ ତାହାର ରୂପ ଥିଲା ଭୟଙ୍କର । କଳା କାଟମଟ ଦେହ ସାଙ୍ଗକୁ କହରା ନିଶ । ମେହେଗାନି କାଠରେ କୁନ୍ଦିଲାପରି ହାତ ଆଉ ଫୁଲ୍‌କା ଗୁଟିପରି ଫୁଲି ଉଠିଥିବା ଚୌଡ଼ାଛାତି । ହାତରେ ଧରିଥିଲା ଲାଠି ।

୯. ଗୋସେଇଁ ମହାରାଜ ସପ୍ରତିଭ ହୋଇ ସାରିବା ପରେ ପାଣ୍ଡୁକୁ କ'ଣ କହିଥିଲେ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ଗୋସେଇଁ ମହାରାଜା ପାଣ୍ଡୁକୁ ପ୍ରଥମେ ଦେଖି ଡରିଯାଇଥିଲେ ବି ପରେ ସପ୍ରତିଭ ହୋଇ ପାଣ୍ଡୁକୁ କହିଲେ "ହଇରେ ପାଣ୍ଡୁ, ସତରେ କ'ଣ ୬୦ ବର୍ଷ ନ ପୂରିଲେ ତମମାନଙ୍କର ବୁଦ୍ଧି ହୁଏନାହିଁ ଛେଳି କିଏ କୁକୁର କିଏ ତୁ ଚିହ୍ନିପାରୁନୁ । ଯଜମାନ ଛେଳିଟିଏ ଦାନ କଲେ ସାଙ୍ଗରେ ଆଣିଲା ବେଳକୁ ସେ ଭିଡା ଓଟରା ହେଉଥିଲା, ସେଥିପାଇଁ ବୋହିନେଇ ଯାଉଛି ।"

୧୦. ରାଧୁର କଥା ଶୁଣି ପୁରୋହିତ କ'ଣ କଲେ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ରାଧୁର କଥା ଶୁଣି ପୁରୋହିତଙ୍କ ମନରେ ସନ୍ଦେହ ଦେଖାଗଲା । ସେ ଛେଳିଟିକୁ କାଖରୁ ଓହ୍ଲାଇ ତାହାକୁ ପରୀକ୍ଷା କଲେ । ନିଜ ଆଖି ଦୁଇଟିକୁ ଭଲକରି ମକଚି ଛେଳିର ଲାଞ୍ଜଟିକୁ ହଲାଇ ଦେଖିଲେ । ବୋହି ଆଣିଲା ବେଳକୁ କେଉଁଠି ମେଁ ମେଁ କରିଥିଲା, ତାହାକୁ ମନେ ପକାଇବାକୁ ଚେଷ୍ଟା କରିଥିଲେ । ଶେଷରେ କହିଲେ, "କିରେ ରାଧୁ- ଛେଳିଟାକୁ ଚିହ୍ନି ପାରୁନୁ କିରେ ?"

୧୧. ଅଗାଧୁ କଥା ଶୁଣି ପୁରୋହିତ କ'ଣ କଲେ ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ଅଗାଧୁ ଛେଳିଟିକୁ ଛୁଆଁ କୁକୁର ବୋଲି କହିବାରେ ଛେଳିଟିକୁ ରାସ୍ତା ଉପରେ ଠିଆ ଠିଆ କଚାଡ଼ି ଦେଲେ । ରାଗରେ ଲାଜରେ ଆଉ ଭଲ ଚଷମା ହଳଟିଏ ନକିଣି, ଏମିତି ହଟହଟା ହୋଇଥିବା ଯୋଗୁ ଦୁଃଖରେ ନିଜ କରମକୁ ନିନ୍ଦି, ଯଜମାନଙ୍କୁ ଅଭିଶାପ ଦେଇ ଦେଇ ଗାଁ ଆଡ଼କୁ ଦଉଡ଼ିଥିଲେ ।

୧୨. ମାଙ୍କଡ଼ ଚିତ୍ ମାରୁଥିବା ନେତାମାନେ କ'ଣ କରନ୍ତି ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ମାଙ୍କଡ଼ଚିତ୍ ମାରୁଥିବା ନେତାମାନେ ରାଜନୈତିକ ପକ୍ଷ ପରିବର୍ତ୍ତନ କରନ୍ତି । ତା'ପରେ ଆରମ୍ଭ କରନ୍ତି ବାଉଁଶରାଣୀ ଖେଳ । କେଉଁନେତା ଲାଠିଟିଏ ଧରି, ଆଉ କିଏ ରଙ୍ଗ ବେରଙ୍ଗର ଛତାଟିଏ ଧରି ଦୁଇ ବାଉଁଶ ଖୁଣ୍ଟ ମଧ୍ୟରେ ବନ୍ଧା ହୋଇଥିବା ତାର ଦଉଡିରେ କାଉସାଦି ଦେଖାଇ ଦେଖାଇ ବେଳେବେଳେ ବିଚିତ୍ର ଗତିରେ ଗୋଟିଏ ଗୋଡରେ ଭଅଁର ଖେଳି ଦିଗ ପରିବର୍ତ୍ତନ କରି ନେଉଛନ୍ତି ।

୧୩. ଲେଖକ ଗଣତନ୍ତ୍ରକୁ କାହିଁକି ଦୋଷୀ କରି ନାହାନ୍ତି ?

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ଏହା ଉଲ୍ଲେଖ କରିଛନ୍ତି । ଲେଖକ ଗଣତନ୍ତ୍ରକୁ ଦୋଷୀ କରିନାହାନ୍ତି ବରଂ ଗଣତନ୍ତ୍ର ଶ୍ରେଷ୍ଠ ଶାସନ ବୋଲି କହିଛନ୍ତି, ଆମେ ଗଣତନ୍ତ୍ର ଶାସନପାଇଁ ଉପଯୁକ୍ତ ହୋଇନାହୁଁ । ଆଜି ଆମର ଏ ଅବସ୍ଥା ପାଇଁ ଆମେ ହିଁ ଦାୟୀ । ଗଣଶିକ୍ଷା ଓ ଗଣଚେତନା ନଥିବାଯାଏ ଗଣତନ୍ତ୍ର ସଫଳତା ଆଶା କରାଯାଇ ପାରିବ ନାହିଁ ।

ଙ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନୋତ୍ତର :

୧. 'ତିନିତୁଣ୍ଡରେ' ନାମକରଣ ସାର୍ଥକତା ପ୍ରତିପାଦନ କର ।

ଉତ୍ତର : 'ତିନି ତୁଣ୍ଡରେ' ପ୍ରବନ୍ଧର ପ୍ରାବନ୍ଧିକ ଭୁବନେଶ୍ୱର ବେହେରା, ଆଧୁନିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଜଣେ ସଫଳ ସ୍ରଷ୍ଟା । ପ୍ରାବନ୍ଧିକ ଆମ ସମାଜରେ ଘଟୁଥିବା ଘଟଣାକୁ ଲୋକକାହାଣୀ ଓ ପୌରାଣିକ ଉପାଖ୍ୟାନ ଆଦିର ଉଦାହରଣ ମାଧ୍ୟମରେ ଯୁକ୍ତିଯୁକ୍ତ ଭାବରେ ପ୍ରକାଶ କରନ୍ତି । ଆଲୋଚ୍ୟ ପ୍ରବନ୍ଧରେ 'ଗଣତନ୍ତ୍ର' ଶାସନ ପଦ୍ଧତିରେ ରହିଥିବା ଦୁର୍ବଳ ଦିଗକୁ 'ତିନିତୁଣ୍ଡରେ ଛେଳିକୁକୁର' ଭଳି ବହୁ ପ୍ରଚଳିତ ଗ୍ରାମ୍ୟ କାହାଣୀ ମାଧ୍ୟମରେ ଉଲ୍ଲେଖ କରିଛନ୍ତି ।

ସବୁଶାସନ ପଦ୍ଧତି ମଧ୍ୟରେ ଗଣତନ୍ତ୍ର ଶାସନ ପଦ୍ଧତି ହେଉଛି ଉତ୍କୃଷ୍ଟ କାରଣ ଏଥିରେ ଲୋକମାନେ ବା ଗଣମାନେ ନିଜକୁ ନିଜେ ଶାସନ କରନ୍ତି । ଏହି ଶାସନ ପଦ୍ଧତିରେ ସମସ୍ତେ ସମାନ । ମାତ୍ର ଯେଉଁ ଦେଶର ଜନତା ନିଜ ଅଧିକାର ତଥା କର୍ତ୍ତବ୍ୟ ଜ୍ଞାନ ସମ୍ପର୍କରେ ସଚେତନ ନୁହଁନ୍ତି, ସେ ଦେଶରେ ଗୁଣ ଅପେକ୍ଷା ପ୍ରୋପାଗଣ୍ଡା ବିଶେଷ ଭାବରେ ପ୍ରଭାବ ବିସ୍ତାର କରିଥାଏ । ପ୍ରୋପାଗଣ୍ଡା ବା ବହୁପ୍ରଚଳିତ ଲୋକମତ ଯେ କ'ଣ କରିପାରେ ଏହାକୁ ବୁଝାଇ ଦେବାପାଇଁ, ପ୍ରାବନ୍ଧିକ ବହୁ ପ୍ରଚଳିତ କାହାଣୀର ଅବତାରଣା କରାଇଛନ୍ତି । ବର୍ତ୍ତମାନ ସମୟରେ ଅଜ୍ଞାନୀ ଓ କର୍ତ୍ତବ୍ୟ ସଚେତନ ନଥିବା ବ୍ୟକ୍ତିମାନଙ୍କୁ ବହୁ ଭାବରେ ପ୍ରୋପାଗଣ୍ଡା ପ୍ରଭାବିତ କରୁଛି । ପ୍ରଚାର ପତ୍ର କାନ୍ଥବାଡ଼ ଲେଖା, ସିନେମା ହଲ୍ ପର୍ଦ୍ଦା, ରେଡ଼ିଓ, ଦୂରଦର୍ଶନ ଠାରୁ ଆରମ୍ଭ କରି ସଭାସମିତି ଶୋଭାଯାତ୍ରା, ଆଜି ଭଲକୁ ଭେଲ ଏବଂ ଭେଲକୁ ଭଲ କରାଉଛି । ଯେଉଁମାନେ କୌଣସି ଉପାୟରେ ଜନତାଙ୍କୁ ଠକି ପ୍ରତିନିଧି ହେଉଛନ୍ତି, ସେମାନେ ମାଙ୍କଡ଼ ଦୁଇ ବିରାଡ଼ିଙ୍କ ମଧ୍ୟରେ ପିଠା ବାଣ୍ଟିଲା ପରି, ନିଜର ଫାଇଦା କରୁଛନ୍ତି । ପଣ୍ଡିତଙ୍କୁ ତିନି ଠକ ଗୋଟିଏ ଭୁଲ୍ କଥା କହି, ଠିକ୍ ବୋଲି ପ୍ରମାଣିତ କରିଦେଲେ । ଫଳରେ ପଣ୍ଡିତଙ୍କ ମନରେ ସନ୍ଦେହ ହେଲା ଓ ସେ ଛେଳିଟିକୁ କୁକୁର ବୋଲି ଭାବିଲେ । ଗଣତନ୍ତ୍ରରେ ଅନେକ ସମୟରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବାରୁ, ପ୍ରାବନ୍ଧିକ ସୂଚନାତ୍ମକ ଭାବେ ପ୍ରବନ୍ଧର ଏପରି ନାମକରଣ କରିଛନ୍ତି ।

୨. 'ଗଣତନ୍ତ୍ର' ଶାସନ ପଦ୍ଧତି ସମ୍ପର୍କରେ ଲେଖକଙ୍କ ଅଭିମତ ବୁଝାଅ ।

ଉତ୍ତର : ଯଶସ୍ୱୀ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା, ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ବେଶ୍ ପରିଚିତ । ସେ ତାଙ୍କର ପ୍ରବନ୍ଧରେ ସମାଜର ବିଭିନ୍ନ ଦିଗକୁ ଯୁକ୍ତିଯୁକ୍ତ ଭାବରେ ଉପସ୍ଥାପନ କରନ୍ତି । ଆଲେଖ୍ୟ ପ୍ରବନ୍ଧ 'ତିନିତୁଣ୍ଡରେ' ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ରହିଥିବା ଦୋଷ ଦୁର୍ବଳତା ଓ ତାହାର କାରଣ ଏବଂ ନିରାକରଣ ସମ୍ବନ୍ଧରେ ନିଜସ୍ୱ ଅଭିମତ ପରିପ୍ରକାଶ କରିଛନ୍ତି । ଆମ ସାମାଜିକ ବ୍ୟବସ୍ଥାରେ ଯେତେଗୁଡ଼ିଏ ଶାସନ ବ୍ୟବସ୍ଥା ରହିଛି, ସେଗୁଡ଼ିକ ମଧ୍ୟରେ ଗଣତନ୍ତ୍ର ହେଉଛି

ସର୍ବୋତ୍କୃଷ୍ଟ । ମାତ୍ର ଲୋକମାନଙ୍କର ଅଶିକ୍ଷା ଓ ଅସଚେତନତା ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ଉପଯୁକ୍ତ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦିଏ ନାହିଁ ।

ଗଣତନ୍ତ୍ର ଶାସନ ବ୍ୟବସ୍ଥା ହେଉଛି, ଗଣଙ୍କର ଶାସନ । ଯେଉଁଥିରେ ଗଣ ବା ଲୋକମାନଙ୍କର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛୁ । ଲୋକମାନେ ଶାସନ ପାଇଁ, ପ୍ରତିନିଧି ନିର୍ଣ୍ଣୟ କରନ୍ତି ଓ ସେହି ପ୍ରତିନିଧିମାନେ ଶାସନ କଳକୁ ପରିଚାଳିତ କରିଥାନ୍ତି । ଉତ୍ତମ ବ୍ୟକ୍ତି ହାତରେ ଶାସନ ବ୍ୟବସ୍ଥା ପଡିଲେ ଶାସନ ଠିକ୍ ରୂପେ ଚାଲେ ମାତ୍ର ଅଯୋଗ୍ୟ ବ୍ୟକ୍ତି ହାତରେ ଶାସନ ବ୍ୟବସ୍ଥା ରହିଲେ । ଗଣତନ୍ତ୍ର ଶାସନ ବ୍ୟବସ୍ଥା ଅସଫଳ ହୁଏ । ସୁତରାଂ ଲୋକ ପ୍ରତିନିଧି ମନୋନୟନ ହେଉଛି,ଗଣତନ୍ତ୍ର ବ୍ୟବସ୍ଥାର ମେରୁଦଣ୍ଡ ସଦୃଶ । ଯେଉଁ ଦେଶରେ ଲୋକମାନେ ଶିକ୍ଷିତ, ପ୍ରତିନିଧି ନିର୍ଣ୍ଣୟ କରିବାରେ ସଚେତନ ସେଠାରେ ଗଣତନ୍ତ୍ର ବ୍ୟବସ୍ଥା ଠିକ ରୂପେ କାର୍ଯ୍ୟ କରିଥାଏ । ଅପରପକ୍ଷରେ ଯେଉଁ ଦେଶର ଲୋକମାନେ ନିଜ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଅଜ୍ଞ, ସେଠାରେ ପ୍ରୋପାଗଣ୍ଡା ଅଧିକ ନାମକରେ । ପ୍ରୋପାଗଣ୍ଡା ହିଁ ଅଯୋଗ୍ୟ ବ୍ୟକ୍ତିକୁ ମନୋନୟନ କରିବାର ସୁଯୋଗ ଦିଏ । ଗଣତନ୍ତ୍ରରେ ପ୍ରୋପାଗଣ୍ଡାର ଭୂମିକାକୁ ବୁଝାଇବାକୁ ଯାଇ, 'ତିନିତୃଣରେ ଛେଳି କୁକୁର କାହାଣୀକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି ।

ପ୍ରୋଗାଗଣ୍ଡା ହିଁ ନୀତିହୀନ ଓ ଗୁଣହୀନ ବ୍ୟକ୍ତି ହାତରେ ଶାସନ ବ୍ୟବସ୍ଥା ଧରାଇ ଦେଇଥାଏ । ସେହି ନୀତିହୀନ ବ୍ୟକ୍ତିମାନେ, ବିବାଦୀ ଜନତାଙ୍କ ମଧ୍ୟରେ ସୁବିଧା ବାଣ୍ଟିଲା ବେଳେ, ମାଙ୍କଡ଼ ଦୁଇ ବିରାଡିଙ୍କ ମଧ୍ୟରେ ପିଠା ବାଣ୍ଟିଲା ଭଳି, ନିଜର ସୁବିଧା ହାସଲ କରିଥାନ୍ତି । ବିଚରା ସାଧାରଣ ସରଳ ମଣିଷ, ବିଲେଇଙ୍କ ପରି କେବଳ ଓଟ ଚାଟୁଥାନ୍ତି ସିନା, ହେଲେ କିଛି କରିପାରନ୍ତି । ସେହିପରି ଯେଉଁମାନଙ୍କୁ ତରାଜୁ ଧରିବାକୁ ସୁଯୋଗ ମିଳେ ନାହିଁ, ସେମାନେ ନିଜର ସୁବିଧା ପାଇଁ, ରାଜନୈତିକ ପଙ୍କ ପରିବର୍ତ୍ତନ କରନ୍ତି ।

ମୋଟ ଉପରେ ଗଣତନ୍ତ୍ର ଶାସନ ବ୍ୟବସ୍ଥା ଉତ୍ତମ ବ୍ୟବସ୍ଥା ହେଲେ ହେଁ ଲୋକମାନଙ୍କର ଅଶିକ୍ଷା ଓ ଦାୟିତ୍ୱ ହୀନତା ପାଇଁ ତାହା ଠିକ୍ ରୂପେ କାର୍ଯ୍ୟ କରେ ନାହିଁ ।

❖❖❖

# ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା

ଗୋଲୋକ ବିହାରୀ ଧଳ

(କ) ପ୍ରାବନ୍ଧିକ ପରିଚିତି :

ପ୍ରାବନ୍ଧିକ ଗୋଲୋକ ବିହାରୀ ଓଡ଼ିଆ ସାହିତ୍ୟରେ ଅନ୍ୟତମ ଯଶସ୍ୱୀ ପ୍ରତିଭା । ସେ କେବଳ ପ୍ରାବନ୍ଧିକ ନଥିଲେ, ବରଂ ଥିଲେ ବଳିଷ୍ଠ ଭାଷାତତ୍ତ୍ୱବିତ୍ ଓ ସ୍ୱନାମଧନ୍ୟ ଅନୁବାଦକ । ସେ ନିଜର ସମାଜ, ସଂସ୍କୃତି, ଶିକ୍ଷା ଓ ପରମ୍ପରାକୁ ଯଥାର୍ଥ ଭାବରେ ପ୍ରବନ୍ଧମାନଙ୍କରେ ଉପସ୍ଥାପନ କରିଥିଲେ । ସଂକ୍ଷିପ୍ତତା ଓ ଇଙ୍ଗୀତଧର୍ମୀତା ତାଙ୍କ ପ୍ରବନ୍ଧ ଲେଖାର ଅନ୍ୟତମ ବୈଶିଷ୍ଟ୍ୟ । ସେ ନିଜର ପ୍ରବନ୍ଧକୁ ସରସ ସୁନ୍ଦର କରିବା ପାଇଁ ଅନେକ ସ୍ଥଳରେ ବ୍ୟଙ୍ଗ, ବିଦ୍ରୂପ ଶୈଳୀକୁ ଅନୁସରଣ କରିଥାନ୍ତି ।

ପ୍ରାବନ୍ଧିକ ଧଳଙ୍କ ସାହିତ୍ୟକୃତିଗୁଡ଼ିକ ହେଉଛି –

'ଆମେରିକା ଅନୁଭୂତି', 'ଲଣ୍ଡନ ଚିଠି', 'ଗୋଦାନ', 'ପ୍ରତିଜ୍ଞା', 'କେନେଡ଼ିଙ୍କ ଜୀବନୀ', 'ଭାରତ ମୋର ଘର', 'ପ୍ରେମଚାନ୍ଦଙ୍କ ଗଳ୍ପମାଳା', 'ପ୍ରେମାଶ୍ରମ', 'ଭାଷାଶାସ୍ତ୍ର ପରିଚୟ', 'ବିଚାର ଆଲୋଚନା', 'ଧ୍ୱନି ବିଜ୍ଞାନ', 'ଧୂସର ପଣତ', 'ମଣିଷର ଭାଷା', 'ଅମରମଣିଷ', 'ଓଡ଼ିଆ କେବେ', 'ଗାନ୍ଧିଜୀ ଓ ଭାଷା ସମସ୍ୟା' ଇତ୍ୟାଦି ।

ପ୍ରାବନ୍ଧିକ ଗୋଲୋକ ବିହାର ଧଳ ୧୯୨୧ ମସିହାରେ ଢେଙ୍କାନାଳର ଗଞ୍ଜେଇ ଡିହ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଓ ୧୯୭୪ ମସିହା ଜୁନ୍ ୨୬ ତାରିଖରେ ଅମର ପଥର ଯାତ୍ରୀ ହୋଇଥିଲେ ।

(ଖ) ପ୍ରବନ୍ଧ ସମ୍ପର୍କରେ :

'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧଟି ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳଙ୍କ 'ବିଚାର ଆଲୋଚନା' ପ୍ରବନ୍ଧ ସଂକଳନରୁ ଗୃହୀତ ହୋଇଛି । ଏଥିରେ ପ୍ରାବନ୍ଧିକ ଭାରତବର୍ଷର ଶିକ୍ଷାବ୍ୟବସ୍ଥା ସମ୍ପର୍କରେ ବିଚାର ଆଲୋଚନା କରିଛନ୍ତି । ଭାରତ ସ୍ୱାଧୀନତା ଲାଭ କରିବା ପରେ, ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ଉନ୍ନୟନମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି । ସବୁବିଷୟରେ ଯୋଜନାମାନ ପ୍ରସ୍ତୁତ କରାଯାଇ, ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଗଠନମୂଳକ ପଦକ୍ଷେପ ନିଆଯାଉଛି । ମାତ୍ର କେହି ଶିକ୍ଷାର ଗୁରୁତ୍ୱ କଥା ଚିନ୍ତା କରୁନାହାନ୍ତି । ଶିକ୍ଷା କଥାକୁ ସର୍ବଶେଷରେ ବିଚାର କରାଯାଉଛି । ଫଳରେ ଯେଉଁ ଯୋଜନା କରାଯାଉଛି, ଶିକ୍ଷା ବିନା ସେଗୁଡ଼ିକ ଠିକ୍ ରୂପେ କାର୍ଯ୍ୟକାରୀ ହୋଇପାରୁନାହିଁ । ପ୍ରାବନ୍ଧିକ ତୁଳନାତ୍ମକ ଅନୁଚିନ୍ତା ପ୍ରକାଶ କରି ଲେଖିଛନ୍ତି, ଆମେରିକା ଇଂଲଣ୍ଡ ଅପେକ୍ଷା ଆମ ଦେଶର୍ ବିଶେଷଜ୍ଞ ମାନଙ୍କର କୌଣସି ନୂତନ ପ୍ରସଙ୍ଗ ଉପସ୍ଥାପନ କରିବା ପାଇଁ ଉତ୍ସାହ ନଥାଏ । ଶିକ୍ଷା ବ୍ୟବସ୍ଥାର ମାନ କମି କମି ଯିବା ପ୍ରସଙ୍ଗକୁ ପ୍ରମାଣ କରି ପ୍ରାବନ୍ଧିକ କହିଛନ୍ତି, ଆଜିକାଲି ଶିକ୍ଷା କେବଳ ପରୀକ୍ଷା ପଦ୍ଧତି ଉପରେ ନିର୍ଭର କରୁଛି । ପୁଣି ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଯାଉଛି । ଶେଷରେ ପ୍ରାବନ୍ଧିକ ସ୍ପଷ୍ଟ ଭାବରେ କହିଛନ୍ତି, ଶିକ୍ଷାକୁ ଯଦି ଶେଷ ସ୍ଥାନରେ ରଖି ବିଚାର କରାନଯାଇ, ଶୀର୍ଷସ୍ଥାନରେ ରଖି ବିଚାର କରାଯାଏ, ତାହାଲେ ଆମ ଦେଶରେ ଶିକ୍ଷାର ମୂଳ ଉଦ୍ଦେଶ୍ୟକୁ ସମସ୍ତେ ଜାଣିପାରିବେ ।

## ପ୍ରଶ୍ନାବଳୀ

(କ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧. ଆଞ୍ଚଳିକସଭାର କେଉଁ ବିଷୟକୁ ସବା ଉପରେ ବିଚାର ପାଇଁ ରଖାଯାଇଥିଲା ।

(ଶିକ୍ଷା, କୃଷି, ବାଣିଜ୍ୟ, ଶିଳ୍ପ)

ଉ.: କୃଷି

୨. 'ଶିକ୍ଷା'କୁ ଜିଲ୍ଲା ପରିଷଦ ସଭାର କେଉଁ କ୍ରମରେ ବିଚାର ବିଷୟ ଭାବରେ ରଖାଯାଇଥିଲା ।

(ସବା ଉପର, ମଧ୍ୟଭାଗ, ସବାତଳ, ଅନ୍ୟାନ୍ୟ)

ଉ.: ସବାତଳ

୩. ମଣିଷମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ତା'ପରେ ତାକୁ କେଉଁ କଥା କହିଲେ ସେ ବୁଝିପାରିବ ?

(ଧର୍ମ, ପୁରାଣ, ଗବେଷଣା, ଯୋଜନା)

ଉ.: ଯୋଜନା

୪. ଲେଖକ ଆଜିକାଲିର ଯୁଗକୁ କେଉଁ ଯୁଗ ବୋଲି କହିଛନ୍ତି ?

(ବିଜ୍ଞାନ ଯୁଗ, ଉନ୍ନୟନ ଯୁଗ, ଯୋଜନା ଯୁଗ, ବିଶେଷଜ୍ଞ ଯୁଗ)

ଉ.: ଯୋଜନା ଯୁଗ

୫. ନିରକ୍ଷରତା ପାଇଁ ଉନ୍ନୟନ ପଛରେ ପଡ଼ିଛି ବୋଲି ଜାତିସଂଘ ତାଙ୍କ କେଉଁ ରିପୋର୍ଟରେ କହିଛନ୍ତି ?

(ଶିକ୍ଷା ରିପୋର୍ଟ, ବାର୍ଷିକ ରିପୋର୍ଟ, ଯୋଜନା ରିପୋର୍ଟ, ବିକାଶର ରିପୋର୍ଟ)

ଉ.: ଶିକ୍ଷା ରିପୋର୍ଟ

୬. କେଉଁ ମହାଦେଶରେ ନିରକ୍ଷରତା ସବୁଠୁ ବଡ଼ ସମସ୍ୟା ?

(ଏସିଆ, ୟୁରୋପ, ଆମେରିକା, ଆଫ୍ରିକା)

ଉ.: ଏସିଆ

୭. ଯୋଜନା ଅର୍ଥବିଭାଗଙ୍କ ବିଚାରକୁ ଆସିଲେ ପ୍ରଥମେ ଆଘାତ କେଉଁ ବିଭାଗ ଉପରେ ପଡ଼େ ?

(ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ନଗରଉନ୍ନୟନ)

ଉ.: ଶିକ୍ଷା

୮. ବିଶେଷଜ୍ଞମାନଙ୍କର କେଉଁ ଦେଶରେ ବିଶେଷ ମୂଲ୍ୟ ନାହିଁ ?

(ଆମେରିକା, ଭାରତ, ଇଂଲଣ୍ଡ, ଜାପାନ)

ଉ.: ଭାରତ

୯. ଭାରତ ବର୍ଷରେ ସବୁକଥା କେଉଁମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ?

(କମିଶନର, ବିଶେଷଜ୍ଞ, ଗବେଷକ, ଶାସକ)

ଉ.: ଶାସକ

୧୦. "ବିଶେଷଜ୍ଞମାନଙ୍କୁ ବିଶେଷ ସମ୍ମାନ ମିଳୁନାହିଁ ବୋଲି ଭାରତୀୟ ଛାତ୍ରମାନେ ଆମେରିକା ଛାଡ଼ି ଆସିବାକୁ ଚାହୁଁ ନାହାଁନ୍ତି"- କେଉଁ କାଗଜରେ ଏହା ପ୍ରକାଶ ପାଇଥିଲା ?

(ସଣ୍ଡେ ଷ୍ଟାଣ୍ଡାର୍ଡ୍, ଇଲଷ୍ଟ୍ରେଟେଡ୍ ଉଇକ୍ଲି, ଟେଲିଗ୍ରାଫ, ଟାଇମ୍ସ ଅଫ ଇଣ୍ଡିଆ)

ଉ.: ସଣ୍ଡେ ଷ୍ଟାଣ୍ଡାର୍ଡ୍

୧୧. ଶିକ୍ଷାର କେଉଁ କଥା ନ ରୋକିଲେ ଆମର ଅବସ୍ଥା ଶୋଚନୀୟ ହେବ ବୋଲି କୁହାଯାଇଛି ?

(ଅଧୋଗତି, ଊର୍ଦ୍ଧ୍ୱଗତି, ବିପରୀତ ଗତି, ଦୁର୍ଗତି)

ଉ.: ଅଧୋଗତି

୧୨. ଶିକ୍ଷା କମିଶନ ଅନ୍ୟାନ୍ୟ ବିଷୟ ଅପେକ୍ଷା କାହାପ୍ରତି ବିଶେଷ ଦୃଷ୍ଟି ଦେବାକୁ ଲେଖକ ଅନୁରୋଧ କରିଛନ୍ତି ?

(ପଠନ ପଦ୍ଧତି, ଶିକ୍ଷା ପଦ୍ଧତି, ପାଠ୍ୟ ପୁସ୍ତକ, ନୋଟ ବହି)

ଉ.: ଶିକ୍ଷା ପଦ୍ଧତି

୧୩. 'ସତ୍ୟ ହୋଇଥିଲେ ସାଙ୍ଘାତିକ' ନାମରେ ଉପାଗ୍ର ଲେଖା କେଉଁ କାଗଜରେ ପ୍ରକାଶିତ ହୋଇଥିଲା ?

(ସମାଜ, କଳିଙ୍ଗ, ପ୍ରଜାତନ୍ତ୍ର, ବାଲେଶ୍ୱର ସମ୍ବାଦ ବାହିକା)

ଉ.: କଳିଙ୍ଗ

୧୪. ଯେଉଁ ଦେଶରେ ମୌଳିକ ପୁସ୍ତକ ଲେଖା ହୋଇପାରିବ ନାହିଁ, ସେ ଦେଶରେ କାହାର ସ୍ଫୁରଣ ହୋଇପାରିବ ନାହିଁ ?

(ମୌଳିକ ଜ୍ଞାନ, ପ୍ରକୃତ ଗଣତନ୍ତ୍ର, ମୌଳିକ ଚିନ୍ତା, ଉଚିତ ଶିକ୍ଷା)

ଉ.: ମୌଳିକ ଚିନ୍ତା

୧୫. ଆନ୍ଧ୍ର ପ୍ରଦେଶର ଛାତ୍ରଟିଏ କ'ଣ ବିକି ଦଶହଜାର ଟଙ୍କା ଲାଭ ଉଠାଇଥିଲା ବୋଲି କୁହାଯାଇଛି ?

(ନୋଟବହି, ପ୍ରଶ୍ନପତ୍ର, ପ୍ରଶ୍ନର ଉତ୍ତର, ଖାତା-କଲମ)

ଉ.: ପ୍ରଶ୍ନପତ୍ର

୧୬. ବିଶ୍ୱବିଦ୍ୟାଳୟର ଗୋଟିଏ ପରୀକ୍ଷାରେ ପାସ୍ କରିଥିବା ପିଲାଙ୍କ କେତେଭାଗ ଅବୈଧ ଆଚରଣରେ ଦଣ୍ଡିତ ହୋଇଥିଲେ ?

(ଏକ ତୃତୀୟାଂଶ, ଦୁଇ ତୃତୀୟାଂଶ, ତିନି ତୃତୀୟାଂଶ, ସମୁଦାୟ)

ଉ.: ଏକ ତୃତୀୟାଂଶ

୧୭. ହୀରାକୁଦ ବନ୍ଧରୁ ପାଣି ଝରିଲା ପରି ସାରା ବର୍ଷଯାକ କ'ଣ ଆସ୍ତେ ଆସ୍ତେ ବାହାରୁଛି ?

(ଛୁଟି ତାଲିକା, ଛାତ୍ର ଧର୍ମଘଟ, ପରୀକ୍ଷା ଫଳ, ଶ୍ରେଣୀ ନିର୍ଘଣ୍ଟ)

ଉ.: ପରୀକ୍ଷା ଫଳ

୧୮. ଆଗେ ମାଟ୍ରିକ୍ୟୁଲେସନ ପାସ୍ କରି ଲୋକେ କେଉଁ କାମ ଚଳାଇ ଦେଉଥିଲେ ?

(ମାଜିଷ୍ଟ୍ରେଟ୍, ଇନିସ୍‌ପେକ୍ଟର, ତହସିଲଦାର, ବିଡ଼ିଓ)

ଉ.: ମାଜିଷ୍ଟ୍ରେଟ୍

୧୯. କାହାର ବୋଧହୁଏ ଆଜିକାଲି ପାଠସଙ୍ଗେ କିଛି ସମ୍ପର୍କ ନାହିଁ ବୋଲି ଲେଖକ କହିଛନ୍ତି ?

(ଛାତ୍ରର, ଶିକ୍ଷକର, ଅକ୍ଷରର, କଲେଜର)

ଉ.: ଅକ୍ଷରର

୨୦. ବ୍ରିଟିଶମାନେ କାହାକୁ ତୋପ କରି ଦେଖାଇ ଜାପାନୀ ଶତ୍ରୁଙ୍କୁ ଏ ଦେଶରୁ ଘଉଡ଼ାଉଥିଲେ ?

(ନଡ଼ିଆଗଛ, ଗୁଆଗଛ, ତାଳଗଛ, ଶାଳଗଛ)

ଉ.: ତାଳଗଛ

(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧. ଜିଲ୍ଲା ପରିଷଦ ପରିଚାଳିତ ଆଞ୍ଚଳିକ ସଭାର ପ୍ରଥମ ବିଷୟ ଭାବରେ ବିଚାର ହେବାପାଇଁ କେଉଁ ବିଷୟ ରଖାଯାଇଥିଲା ?

ଉ.: ଜିଲ୍ଲା ପରିଷଦ ପରିଚାଳିତ ବିଷୟ ଭାବରେ ବିଚାର ହେବା ପାଇଁ କୃଷିକୁ ରଖାଯାଇଥିଲା ।

୨. ଜିଲ୍ଲା ପରିଷଦ ପରିଚାଳିତ ସଭାର ଶେଷ ବିଚାର ବିଷୟ କ'ଣ ଥିଲା ?

ଉ.: ଜିଲ୍ଲା ପରିଷଦ ପରିଚାଳିତ ସଭାର ଶେଷ ବିଚାର ବିଷୟ ଶିକ୍ଷା ଥିଲା ।

୩. ସରକାରଙ୍କ ଯୋଜନା ନ ବୁଝିବାର କାରଣ କ'ଣ ?

ଉ.: ସରକାରଙ୍କ ଯୋଜନା ନ ବୁଝିବାର କାରଣ ହେଉଛି ଶିକ୍ଷାର ଅଭାବ ।

୪. ମାଟିକୁ ପାଗକରି ସେଥିରେ କ'ଣ ପୋତିଲେ ଚଞ୍ଚଳ ଗଛ ଧରେ ?

ଉ.: ମାଟିକୁ ପାଗକରି ସେଥିରେ ମଞ୍ଜି ପୋତିଲେ ଚଞ୍ଚଳ ଗଛ ଧରେ ।

୫. ପଡ଼ିଆରେ ଫସଲ ବୁଣିଲେ କ'ଣ ହେବ ?

ଉ.: ପଡ଼ିଆରେ ଫସଲ ବୁଣିଲେ ଗୋରୁ ଚରିଯିବେ ।

୬. ମଣିଷ ମନକୁ ପ୍ରଥମେ କେଉଁଥିରେ ସଜାଡ଼ିବା ପରେ ଯୋଜନା କଥା କହିବା ଉଚିତ ?

ଉ.: ମଣିଷ ମନକୁ ପ୍ରଥମେ ପାଠ ବା ଶିକ୍ଷାରେ ସଜାଡ଼ିବା ପରେ ଯୋଜନା କଥା କହିବା ଉଚିତ ।

୭. ଲୋକମାନେ କ'ଣ ହୋଇଥିବାରୁ ଉନ୍ନୟନ କାର୍ଯ୍ୟ ପଛରେ ପଡ଼ିଛି ବୋଲି ଜାତିସଂଘ ତାଙ୍କ ଶିକ୍ଷା ରିପୋର୍ଟରେ କହିଛନ୍ତି ?

ଉ.: ଲୋକମାନେ ଅଶିକ୍ଷିତ ଓ ନିରକ୍ଷର ହୋଇଥିବାରୁ ଉନ୍ନୟନ କାର୍ଯ୍ୟ ପଛରେ ପଡ଼ିଛି ବୋଲି ଜାତିସଂଘ ତାଙ୍କ ଶିକ୍ଷା ରିପୋର୍ଟରେ କହିଛନ୍ତି ।

୮. ଭାରତର ଲୋକେ ପାଠ ପଢ଼ି ସାରିଲାପରେ କେଉଁଠୁ ଛାଡ଼ି ଆସିବାକୁ ଚାହୁଁନାହାନ୍ତି ?

ଉ.: ଭାରତର ଲୋକେ ପାଠ ପଢ଼ି ସାରିଲାପରେ ଆମେରିକା ଛାଡ଼ି ଆସିବାକୁ ଚାହୁଁନାହାନ୍ତି ।

୯. ଭାରତରେ କେଉଁମାନଙ୍କର ବିଶେଷ ମୂଲ୍ୟ ନାହିଁ ?

ଉ.: ଭାରତରେ ବିଶେଷଜ୍ଞମାନଙ୍କର ବିଶେଷ ମୂଲ୍ୟ ନାହିଁ ।

୧୦. ବମ୍ବେରୁ ବାହାରୁଥିବା କାଗଜଟିର ନାମ କ'ଣ ?

ଉ.: ବମ୍ବେରୁ ବାହାରୁଥିବା କାଗଜଟିର ନାମ 'ସଣ୍ଡେ ଷ୍ଟାଣ୍ଡାର୍ଡ଼' ।

୧୧. 'ସଣ୍ଡେ ଷ୍ଟାଣ୍ଡାର୍ଡ୍' କାଗଜରେ କେଉଁ ଶୀର୍ଷକରେ ଅଗ୍ରଲେଖା ପ୍ରକାଶିତ ହୋଇଥିଲା ?

ଉ.: 'ସଣ୍ଡେ ଷ୍ଟାଣ୍ଡାର୍ଡ୍' କାଗଜର 'ଶାସକ ଓ ବିଶେଷଜ୍ଞ' ଶୀର୍ଷକରେ ଅଗ୍ରଲେଖା ପ୍ରକାଶିତ ହୋଇଥିଲା ।

୧୨. ଭାରତବର୍ଷରେ କେଉଁମାନଙ୍କୁ ବିଶେଷ ସମ୍ମାନ ମିଳୁନାହିଁ ?

ଉ.: ଭାରତବର୍ଷରେ ବିଶେଷଜ୍ଞମାନଙ୍କୁ ବିଶେଷ ସମ୍ମାନ ମିଳୁନାହିଁ ।

୧୩. ଆମେରିକାରେ ପଢୁଥିବା ଭାରତୀୟ ଛାତ୍ର ଭାରତର କେଉଁ ସମ୍ମାନାସ୍ପଦ ବ୍ୟକ୍ତିଙ୍କ ସହିତ ସମାନ ଦରମା ଦେଲେ ଫେରିବେ ବୋଲି କହିଥିଲେ ?

ଉ.: ଆମେରିକାରେ ପଢୁଥିବା ଭାରତୀୟ ଛାତ୍ର ଭାରତର ଭାରତର ଗଭର୍ଣ୍ଣରଙ୍କ ସହିତ ସମାନ ଦରମା ଦେଲେ ଫେରିବେ ବୋଲି କହିଥିଲେ ।

୧୪. ଭାରତ ସରକାର ଶିକ୍ଷା କମିଶନ ବସାଇ କ'ଣ ନିରୀକ୍ଷଣ କରୁଛନ୍ତି ?

ଉ.: ଭାରତ ସରକାର ଶିକ୍ଷା କମିଶନ ବସାଇ ଭାରତୀୟ ପରିସ୍ଥିତିର ନିରୀକ୍ଷଣ କରୁଛନ୍ତି ।

୧୫. ଶିକ୍ଷାରାଜ୍ୟରେ ବର୍ତ୍ତମାନ କେଉଁ ଅବସ୍ଥା ଆସି ପହଞ୍ଚିଛି ?

ଉ.: ଶିକ୍ଷାରାଜ୍ୟରେ ବର୍ତ୍ତମାନ ଏକ ନିରୁପାୟ ଅବସ୍ଥା ଆସି ପହଞ୍ଚିଛି ।

୧୬. ଆମ ଦେଶରେ ପରୀକ୍ଷାପଦ୍ଧତିରେ ଛାତ୍ରର କ'ଣ ନିର୍ଦ୍ଧାରଣ କରିବା କଷ୍ଟ ?

ଉ.: ଆମ ଦେଶରେ ପରୀକ୍ଷାପଦ୍ଧତିରେ ଛାତ୍ରର ଗୁଣାତ୍ମକମୂଲ୍ୟ ନିର୍ଦ୍ଧାରଣ କରିବା କଷ୍ଟ ।

୧୭. 'କଳିଙ୍ଗ' ଖବରକାଗଜ କେଉଁ ଶୀର୍ଷକରେ ଉପାଗ୍ର ଲେଖି ପରୀକ୍ଷା କ୍ଷେତ୍ରରେ ଅବୈଧ ଆଚରଣ ବିଷୟରେ ସୂଚନା ଦେଇଥିଲା ?

ଉ.: 'କଳିଙ୍ଗ' ଖବରକାଗଜ କେଉଁ 'ସତ୍ୟ ହୋଇଥିଲେ ସାଂଘାତିକ' ଶୀର୍ଷକରେ ଉପାଗ୍ର ଲେଖି ପରୀକ୍ଷା କ୍ଷେତ୍ରରେ ଅବୈଧ ଆଚରଣ ବିଷୟରେ ସୂଚନା ଦେଇଥିଲା ।

୧୮. ଆଜିକାଲି ଛାତ୍ରମାନେ ପାଠପଢ଼ା କଥା ଯେତିକି ଜାଣୁଛନ୍ତି ତା'ଠାରୁ ଅଧିକ କାହା ବିଷୟରେ ଜାଣୁଛନ୍ତି ?

ଉ.: ଆଜିକାଲି ଛାତ୍ରମାନେ ପାଠପଢ଼ା କଥା ଯେତିକି ଜାଣୁଛନ୍ତି ତା'ଠାରୁ ଅଧିକ ପରୀକ୍ଷା ବିଷୟରେ ଜାଣୁଛନ୍ତି ।

୧୯. ଏବେ କେଉଁ ପରୀକ୍ଷା ପାଇଁ ପ୍ରଶ୍ନୋତ୍ତର ବହି ସବୁଠୁ ବେଶୀ କଟୁଛି ବୋଲି କୁହାଯାଇଛି ?

ଉ.: ଏବେ ପ୍ରାଥମିକ ପରୀକ୍ଷା ପାଇଁ ପ୍ରଶ୍ନୋତ୍ତର ବହି ସବୁଠୁ ବେଶୀ କଟୁଛି ବୋଲି କୁହାଯାଇଛି ।

୨୦. ନୋଟବହିପଢ଼ି ଆମେ ବିଲାତ, ଆମେରିକା ଓ ଋଷ ସଙ୍ଗେ କ'ଣ ହୋଇପାରିବୁ ନାହିଁ ବୋଲି କୁହାଯାଇଛି ?

ଉ.: ନୋଟବହିପଢ଼ି ଆମେ ବିଲାତ, ଆମେରିକା ଓ ଋଷ ସଙ୍ଗେ ସମାନ ହୋଇପାରିବୁ ନାହିଁ ବୋଲି କୁହାଯାଇଛି ।

୨୧. ନୋଟବହି ପଢ଼ିବା ଲୋକ କେଉଁ ପୁସ୍ତକ ଲେଖିପାରିବ ନାହିଁ ?

ଉ.: ନୋଟବହି ପଢ଼ିବା ଲୋକ ମୌଳିକ ପୁସ୍ତକ ଲେଖିପାରିବ ନାହିଁ ।

୨୨. କେଉଁ ପ୍ରଦେଶର ବିଧାନ ସଭାରେ ଛାତ୍ରଟି ପ୍ରଶ୍ନପତ୍ର ବିକି ଦଶ ହଜାର ଟଙ୍କା ଲାଭ ଉଠାଇବା କଥା ବିଚାର ହୋଇଥିଲା ?

ଉ.: ଆନ୍ଧ୍ରପ୍ରଦେଶର ବିଧାନ ସଭାରେ ଛାତ୍ରଟି ପ୍ରଶ୍ନପତ୍ର ବିକି ଦଶ ହଜାର ଟଙ୍କା ଲାଭ ଉଠାଇବା କଥା ବିଚାର ହୋଇଥିଲା ।

୨୩. ଏବେ ବି.ଏ. ପିଲାଟିକୁ ମାତୃଭାଷାରେ ଚିଠିଟିଏ ଲେଖିବାକୁ କହିଲେ କ'ଣ ହେବ ?

ଉ.: ଏବେ ବି.ଏ. ପିଲାଟିକୁ ମାତୃଭାଷାରେ ଚିଠିଟିଏ ଲେଖିବାକୁ କହିଲେ ପନ୍ଦରଟା ବନାନ ଅଶୁଦ୍ଧି ହୋଇଯିବ ଓ ଅକ୍ଷର ଏମିତି ହୋଇଥିବ ଦେଖିଲେ ଡର ଲାଗିବ ।

୨୪. ଆଜିକାଲି କାହାର ପାଠ ସଙ୍ଗେ ସମ୍ପର୍କ ନାହିଁ ?

ଉ.: ଆଜିକାଲି ଅକ୍ଷରର ପାଠ ସଙ୍ଗେ ସମ୍ପର୍କ ନାହିଁ ।

୨୫. ଆଗେ ପାଠ ପଢ଼ିବାର ସୁବିଧା ନ ଥିଲେ ବି ପାଠର ମାନଦଣ୍ଡ କିପରି ଥିଲା ?

ଉ.: ଆଗେ ପାଠ ପଢ଼ିବାର ସୁବିଧା ନ ଥିଲେ ବି ପାଠର ମାନଦଣ୍ଡ ଅଧିକ ଉଚ୍ଚ ଥିଲା ।

୨୬. ବର୍ତ୍ତମାନର ଲୋକ ପାଠର ମୂଲ୍ୟ ବୁଝି ସାରିଥିଲେ ମଧ୍ୟ ପାଠର କ'ଣ କମୁଛି ?

ଉ.: ବର୍ତ୍ତମାନର ଲୋକ ପାଠର ମୂଲ୍ୟ ବୁଝି ସାରିଥିଲେ ମଧ୍ୟ ପାଠର ମାନଦଣ୍ଡ କମୁଛି ।

୨୭. ପ୍ରାଥମିକଠାରୁ କେଉଁ ପର୍ଯ୍ୟନ୍ତ ସବୁଠି ପାଠର ଅବସ୍ଥା ସମାନ ହୋଇଗଲାଣି ?

ଉ.: ପ୍ରାଥମିକଠାରୁ ପି.ଏଚ୍.ଡି. ପର୍ଯ୍ୟନ୍ତ ସବୁଠି ପାଠର ଅବସ୍ଥା ସମାନ ହୋଇଗଲାଣି ।

୨୮. ଏବେ କେଉଁ ଡିଗ୍ରୀ ସଂଖ୍ୟା ବହୁତ ହେବାରୁ ଡି.ଲିଟ୍ କରିବା ଛଡ଼ା ଆଉ ଉପାୟ ନାହିଁ ?

ଉ.: ଏବେ ଡି.ଫିଲ୍. ଡିଗ୍ରୀ ସଂଖ୍ୟା ବହୁତ ହେବାରୁ ଡି.ଲିଟ୍ କରିବା ଛଡ଼ା ଆଉ ଉପାୟ ନାହିଁ ।

୨୯. ଏ ଦେଶରେ କେଉଁମାନେ ଲୁଚି କରିଥାନ୍ତି, ହଠାତ୍ ବାହାରି ଚମକ୍ ଦେଖାନ୍ତି ?

ଉ.: ଏ ଦେଶରେ ଅର୍ଥାତ୍ ଆମେରିକାରେ ଗବେଷକମାନେ ଲୁଚି କରିଥାନ୍ତି, ହଠାତ୍ ବାହାରି ଚମକ୍ ଦେଖାନ୍ତି ।

୩୦. କେଉଁ ଦେଶରେ ବିଶ୍ୱବିଦ୍ୟାଳୟମାନଙ୍କରୁ ଶହ ଶହ ପିଏଚ୍.ଡି ଓ ଡି.ଲିଟ ବାହାରୁଛନ୍ତି ?

ଉ.: ଭାରତବର୍ଷର କେତେକ ବିଶ୍ୱବିଦ୍ୟାଳୟମାନଙ୍କରୁ ଶହ ଶହ ପିଏଚ୍.ଡି ଓ ଡି.ଲିଟ ବାହାରୁଛନ୍ତି ।

୩୧. କେଉଁ ଲୋକମାନଙ୍କୁ ତାଲିମ କରି ଫଉଜ ପୋଷାକ ପିନ୍ଧାଇଲେ ଦେଶର ସ୍ୱାଧୀନତା ରହିପାରିବ ନାହିଁ ?

ଉ.: ନିରନ୍ନ ମୂର୍ଖ ଲୋକମାନଙ୍କୁ ତାଲିମ କରି ଫଉଜ ପୋଷାକ ପିନ୍ଧାଇଲେ ଦେଶର ସ୍ୱାଧୀନତା ରହିପାରିବ ନାହିଁ ।

୩୨. କାହା ବଳରେ ଆମେ ଅନ୍ୟ ଦେଶମାନଙ୍କ ସହିତ ସମାନ ହୋଇପାରିବା ?

ଉ.: ପାଠ ବଳରେ ଆମେ ଅନ୍ୟ ଦେଶମାନଙ୍କ ସହିତ ସମାନ ହୋଇପାରିବା ।

୩୩. ଶିକ୍ଷାକୁ କେଉଁସ୍ଥାନ ଦେଲେ ଅବସ୍ଥାର ପରିବର୍ତ୍ତନ ହୋଇପାରିବ ବୋଲି ଲେଖକ ବିଚାର କରିଛନ୍ତି ?

ଉ.: ଶିକ୍ଷାକୁ ଶୀର୍ଷସ୍ଥାନ ଦେଲେ ଅବସ୍ଥାର ପରିବର୍ତ୍ତନ ହୋଇପାରିବ ବୋଲି ଲେଖକ ବିଚାର କରିଛନ୍ତି ।

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧. ଜିଲ୍ଲା ପରିଷଦ ପରିଚାଳିତ ସଭାର ସବା ଉପର ଏବଂ ସବାତଳ ବିଚାର ବିଷୟ କ'ଣ ଥିଲା ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା କହିଛନ୍ତି । ଜିଲ୍ଲାପରିଷଦ ପରିଚାଳିତ ସଭାର ସବା ଉପର କୃଷି ଏବଂ ସବାତଳ ଶିକ୍ଷା ବିଚାର ବିଷୟ ଥିଲା ।

୨. ଆଜିକାଲି ସମସ୍ତେ ପାଠ ପଢ଼ିସାରିବା ପର୍ଯ୍ୟନ୍ତ ଯୋଜନା ପକାଇ ରଖିଲେ କ'ଣ ହେବ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା କହିଛନ୍ତି । ଆଜିକାଲି ସମସ୍ତେ ପାଠ ପଢ଼ିସାରିବା ପର୍ଯ୍ୟନ୍ତ ଯୋଜନା ପକାଇ ରଖିଲେ ଆମକୁ ବହୁତ ପଛରେ ପଡ଼ିଯିବାକୁ ହେବ ।

୩. ମଣିଷର ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି କେଉଁ କଥା କହିଲେ ସେ ବୁଝିପାରିବ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ମଣିଷର ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ତା'ପରେ ଯୋଜନା କଥା କହିଲେ ସେ ବୁଝିପାରିବ ।

୪. ଏସିଆର ଅଧିକାଂଶ ଦେଶର ସବୁଠୁ ବଡ଼ ସମସ୍ୟା କ'ଣ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଏସିଆର ଅଧିକାଂଶ ଦେଶର ସବୁଠୁ ବଡ଼ ସମସ୍ୟା, ଲୋକେ ଅଶିକ୍ଷିତ ଓ ନିରକ୍ଷର ହୋଇଥିବାରୁ ଉନ୍ନୟନ କାର୍ଯ୍ୟ ଅଗ୍ରସର ହୋଇପାରୁ ନାହିଁ ।

୫. ଲୋକମାନେ ଅଶିକ୍ଷିତ ଓ ନିରକ୍ଷର ହେଲେ କ'ଣ ହେବ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଲୋକମାନେ ଅଶିକ୍ଷିତ ଓ ନିରକ୍ଷର ହେଲେ ଉନ୍ନୟନକାର୍ଯ୍ୟ ଅଗ୍ରସର ହୋଇପାରିବ ନାହିଁ ।

୬. 'ଇଲଷ୍ଟ୍ରେଟେଡ୍‌ଉଇକ୍ଲି'ରେ ଲେଖାଯାଇଥିବା – ଅସଲ କଥାଟି କ'ଣ ଥିଲା ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । 'ଇଲଷ୍ଟ୍ରେଟେଡ୍‌ଉଇକ୍ଲି'ରେ ଲେଖାଯାଇଥିବା, ଅସଲ କଥାଟି ହେଉଛି ଭାରତର ବିଶେଷଜ୍ଞମାନଙ୍କର ବିଶେଷ ମୂଲ୍ୟ ନାହିଁ ।

୭. 'ଶାସକ ଓ ବିଶେଷଜ୍ଞ' ଶୀର୍ଷକ ଅଗ୍ରଲେଖରେ କିପରି ମତାମତ ପ୍ରକାଶ ପାଇଥିଲା ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । 'ଶାସକ ଓ ବିଶେଷଜ୍ଞ' ଶୀର୍ଷକ ଅଗ୍ରଲେଖରେ ଅତି ଗର୍ହିତ ଅଥଚ ପ୍ରଣିଧାନଯୋଗ୍ୟ ମତାମତ ପ୍ରକାଶ ପାଇଥିଲା ।

୮. ଭାରତୀୟ ଛାତ୍ରମାନେ କାହିଁକି ଆମେରିକା ଛାଡ଼ି ଆସିବାକୁ ଚାହୁଁ ନାହାଁନ୍ତି ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଭାରତରେ ବିଶେଷଜ୍ଞମାନଙ୍କୁ ବିଶେଷ ସମ୍ମାନ ମିଳୁନାହିଁ ବୋଲି, ଭାରତୀୟ ଛାତ୍ରମାନେ ଆମେରିକା ଛାଡ଼ି ଆସିବାକୁ ଚାହୁଁ ନାହାଁନ୍ତି ।

୯. ଭାରତର ପରିଚାଳନା ପଦ୍ଧତିରେ ଏକ ନୂତନ ଦୃଷ୍ଟିକୋଣ ସୃଷ୍ଟି ହେଲେ କ'ଣ ହେବ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଭାରତର ପରିଚାଳନା ପଦ୍ଧତିରେ ଏକ ନୂତନ ଦୃଷ୍ଟିକୋଣ ସୃଷ୍ଟି ହେଲେ ଅବସ୍ଥାର ପରିବର୍ତ୍ତନ ହେବ ।

୧୦. ଶିକ୍ଷା ରାଜ୍ୟରେ ଦେଖାଯାଉଥିବା ନିରୁପାୟ ଅବସ୍ଥା କେଉଁମାନେ ଜାଣୁଛନ୍ତି ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଶିକ୍ଷା ରାଜ୍ୟରେ ଦେଖାଯାଉଥିବା ନିରୁପାୟ ଅବସ୍ଥା ଯେଉଁମାନେ ଶିକ୍ଷାକଥା ଜାଣୁଛନ୍ତି, ସେହିମାନେ ହିଁ ଅନୁଭବ କରୁଛନ୍ତି ।

୧୧. ବର୍ତ୍ତମାନ କେଉଁ ବିଷୟରେ ସମାଧାନ କରିବାର କୌଣସି ଉପାୟ ଥିଲା ପରି ମନେ ହେଉନି ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ପରୀକ୍ଷା କ୍ଷେତ୍ରରେ ଅବୈଧ ଆଚରଣ ବିଷୟରେ, କଳିଙ୍ଗ ଖବରକାଗଜରେ ଯାହା ବାହାରିଥିଲା, ବର୍ତ୍ତମାନ ସେ ବିଷୟରେ ସମାଧାନ କରିବାର କୌଣସି ଉପାୟ ଥିଲା ପରି ମନେ ହେଉନି ।

୧୨. ନୋଟବହି ପଢ଼ିଲେ ଆମେ କେଉଁ ଦେଶମାନଙ୍କ ସହିତ ସମକକ୍ଷ ହୋଇପାରିବୁ ନାହିଁ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ନୋଟବହି ପଢ଼ିଲେ ଆମେ ବିଲାତ, ଆମେରିକା ଓ ରୁଷ ଦେଶମାନଙ୍କ ସହିତ ସମକକ୍ଷ ହୋଇପାରିବୁ ନାହିଁ ।

୧୩. ମୌଳିକ ପୁସ୍ତକ ଲେଖା ନହେଲେ କ'ଣ ହେବ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ମୌଳିକ ପୁସ୍ତକ ଲେଖା ନହେଲେ ମୌଳିକ ଚିନ୍ତାର ସ୍ଫୁରଣ ହେବ ନାହିଁ ।

୧୪. ଆନ୍ଧ୍ର ପ୍ରଦେଶର ବିଧାନ ସଭାରେ କେଉଁ କଥା ବିଚାର ହୋଇଥିଲା?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଆନ୍ଧ୍ର ପ୍ରଦେଶର ବିଧାନ ସଭାରେ ଜଣେ ଛାତ୍ର ପ୍ରଶ୍ନପତ୍ର ବିକି ଦଶହଜାର ଟଙ୍କା ଲାଭ ଉଠାଇଥିବା କଥା ବିଚାର ହୋଇଥିଲା ।

୧୫. ଆଜିକାଲି ପରୀକ୍ଷାଫଳ ବାହାରିବାକୁ ଲେଖକ କାହା ସହିତ ତୁଳନା କରିଛନ୍ତି ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଆଜିକାଲି ପରୀକ୍ଷାଫଳ ବାହାରିବାକୁ ଲେଖକ ହୀରାକୁଦ ବନ୍ଧରୁ ପାଣିଛାଡ଼ିଲା ସହିତ ତୁଳନା କରିଛନ୍ତି ।

୧୬. ଆଗେ ପାଠ ପଢ଼ିବା ପାଇଁ କ'ଣ ନଥିଲା ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଆଗେ ପାଠ ପଢ଼ିବା ପାଇଁ ବିଶେଷ ସୁବିଧା ନଥିଲା କିମ୍ବା ଲୋକଙ୍କର ବିଶେଷ ଆଗ୍ରହ ନଥିଲା ।

୧୭. 'ଆଉଟସାଇଡ଼ର' ଶିକ୍ଷାର ଅଧଃପତନ ସମ୍ପର୍କରେ କ'ଣ ମତ ଦେଇଥିଲା?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । 'ଆଉଟସାଇଡ଼ର' ଶିକ୍ଷାର ଅଧଃପତନ ସମ୍ପର୍କରେ ମତ ଦେଇଥିଲା, ବେଙ୍ଗଲୀ ସାହିତ୍ୟରେ କେମିତି ଅନେକ ଲୋକ ସହଜରେ ଏମ୍.ଏ. ପରୀକ୍ଷାରେ ପ୍ରଥମ ଶ୍ରେଣୀ ପାଉଛନ୍ତି ।

୧୮. ଆମ ଦେଶରେ ଗବେଷଣା ଡିଗ୍ରୀ କଲାବେଳେ ଛାତ୍ରମାନଙ୍କୁ କେଉଁ ପରୀକ୍ଷା ଦେବାକୁ ପଡ଼େନାହିଁ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଆମ ଦେଶରେ ଗବେଷଣା ଡିଗ୍ରୀ କଲାବେଳେ ଛାତ୍ରମାନଙ୍କୁ କୌଣସି ପ୍ରବନ୍ଧ ଇତ୍ୟାଦି ଲେଖି କିମ୍ବା ପ୍ରକାଶ କରି ନିଜର ପ୍ରବୀଣତାର ପରୀକ୍ଷା ଦେବାକୁ ପଡ଼େନାହିଁ ।

୧୯. କେଉଁ ଦେଶର ଗବେଷଣା ଉଚ୍ଚ ଜ୍ଞାନରାଜ୍ୟରେ ସମ୍ମାନ ପାଇନାହିଁ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଭାରତ ବର୍ଷର ଗବେଷଣା ଉଚ୍ଚ ଜ୍ଞାନରାଜ୍ୟରେ ସମ୍ମାନ ପାଇନାହିଁ ।

୨୦. କ'ଣ କଲେ ଆମେ ଅନ୍ୟମାନଙ୍କ ସହ ସମାନ ହୋଇପାରିବା ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ପାଠ ବଳରେ ଆମେ ଅନ୍ୟମାନଙ୍କ ସହ ସମାନ ହୋଇପାରିବା ।

## (ଘ) ସଂକ୍ଷିପ୍ତ ପ୍ରଶ୍ନ ଉତ୍ତର

୧. ସାଧାରଣ ଲୋକଙ୍କର ଶିକ୍ଷା ନଥିବାରୁ କ'ଣ ହେଉଛି ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ସାଧାରଣ ଲୋକଙ୍କର ଶିକ୍ଷାନଥିବାରୁ, ସରକାର ଯେଉଁ ସବୁ ଯୋଜନା କରୁଛନ୍ତି, ତାହାକୁ ସେମାନେ ଭଲଭାବେ ବୁଝିପାରୁ ନାହାନ୍ତି । ଫଳରେ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହୋଇପାରୁ ନାହିଁ ।

୨. କ'ଣ କଲେ ଶିକ୍ଷା ଓ ଯୋଜନା ମଧ୍ୟରେ ସମନ୍ୱୟ ରହିପାରିବ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଆଜିକାଲିର ଯୋଜନା ଯୁଗରେ ସମସ୍ତେ ପାଠ ପଢ଼ି ସାରିବା ପର୍ଯ୍ୟନ୍ତ, ଯୋଜନାକୁ ପକାଇ ରଖିଲେ, ଆମେ ବହୁତ ପଛରେ ପଡ଼ିଯିବା । ସୁତରାଂ ଯୋଜନାକୁ ଯେତିକି ଆଗ୍ରହରେ କରିବାକୁ ହେବ, ଶିକ୍ଷାକୁ ତା'ଠାରୁ ଅନେକଗୁଣ ଆଗ୍ରହରେ କଲେ, ଶିକ୍ଷା ଓ ଯୋଜନା ମଧ୍ୟରେ ସମନ୍ୱୟ ରହିପାରିବ ।

୩. ଇଲଷ୍ଟ୍ରେଟେଡ୍ ଉଇକ୍ଲିରେ ବାହାରିଥିବା ଲେଖାଟି କ'ଣ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଇଲଷ୍ଟ୍ରେଟେଡ୍ ଉଇକ୍ଲିରେ ବାହାରିଥିବା ଲେଖାଟି ହେଉଛି, ଭାରତୀୟ ଲୋକ କାହିଁକି ପାଠ ପଢ଼ିସାରିଲା ପରେ ଆମେରିକା ଛାଡ଼ି ଆସୁ ନାହାନ୍ତି । ସେଥିରେ ସେ ଆମେରିକାର ସୁଖ ସମ୍ଭୋଗ ଓ ଟଙ୍କା ପଇସା କଥା ଛାଡ଼ିଦେଲେ ଅସଲ କଥା ଲେଖିଛନ୍ତି, ଭାରତର ବିଶେଷଜ୍ଞମାନଙ୍କର ବିଶେଷ ମୂଲ୍ୟ ନାହିଁ ।

୪. ଭାରତ ସରକାର ଆମେରିକାରେ ଥିବା ଛାତ୍ର ପାଖକୁ କ'ଣ ଚଠି ଲେଖିଥିଲେ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଭାରତ ସରକାର ଆମେରିକାରେ ଥିବା ଛାତ୍ର ପାଖକୁ ଚଠି ଲେଖିଥିଲେ, ଭାରତସରକାର ତ ଆମେରିକା ସରକାର ପରି ଧନୀ ନୁହଁନ୍ତି, ତେଣୁ ସେ ଅନ୍ତତଃ ନିଜ ଦେଶର ସେବା କରିବା ପାଇଁ ନିଜ ଦେଶକୁ ଫେରି ଆସନ୍ତୁ ।'

୫. ଭାରତ ବର୍ଷରେ ବିଶେଷଜ୍ଞମାନଙ୍କର କୌଣସି କଥା କରିବା ପାଇଁ କାହିଁକି ବ୍ୟକ୍ତିଗତ ଉତ୍ସାହ କିମ୍ବା ସ୍ପୃହା ନାହିଁ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା କହିଛନ୍ତି । ଭାରତ ବର୍ଷରେ ବିଶେଷଜ୍ଞମାନଙ୍କର କୌଣସି କଥା କରିବା ପାଇଁ ବ୍ୟକ୍ତିଗତ ଉତ୍ସାହ କିମ୍ବା ସ୍ପୃହା ନାହିଁ, କାରଣ ଏ ଦେଶରେ ପନ୍ଦର ବର୍ଷ କାମକଲେ ମଧ୍ୟ ପ୍ରଥମ ପାହାଚରୁ ଦ୍ୱିତୀୟ ପାହାଚକୁ ଉଠି ହୁଏ ନାହିଁ । ପୁନଶ୍ଚ ଯାହାର ସ୍ପୃହା ଅଛି ତାହାକୁ ନିଃସ୍ପୃହ କରିବାକୁ ଅନେକ ଲୋକ ରହିଛନ୍ତି ।

୬. ଭାରତ ସରକାର ଶିକ୍ଷା କମିଶନ ବସାଇବାର କାରଣ କ'ଣ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା କହିଛନ୍ତି । ଭାରତ ସରକାର ଶିକ୍ଷା କମିଶନ ବସାଇବାର କାରଣ ହେଉଛି, ବର୍ତ୍ତମାନର ଶିକ୍ଷାର ସ୍ତର ଭାରତରେ କମି କମି ଆସୁଛି ଓ ତାହାକୁ ରୋକିବାକୁ ହେବ । ପୁନଶ୍ଚ ଶିକ୍ଷାର ଅବସ୍ଥା ବାହାରକୁ ଯାହା ଦେଖାଯାଉଛି, ବାସ୍ତବରେ ତାହା ନାହିଁ, ବରଂ ଶିକ୍ଷା ଏକ ନିରୂପାୟ ଅବସ୍ଥାରେ ପହଞ୍ଚିଲାଣି ।

୭. ପିଲାଟି ପ୍ରାଥମିକ ସ୍କୁଲରୁ ନୋଟବହି ପଢ଼ିଲେ କ'ଣ ହେବ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ପିଲାଟି ପ୍ରାଥମିକ ସ୍କୁଲରୁ ନୋଟବହି ପଢ଼ିଲେ, ସେ କେବଳ ପରୀକ୍ଷାରେ ପାସ୍ କରିବାର ଆଧୁନିକ କୌଶଳମାନ ଶିଖିବ । ସେ ବହିର ଜ୍ଞାନ ଅନୁସନ୍ଧାନ ନକରି, ପ୍ରଶ୍ନ କେଉଁଠି ରହିଛି, ସେହି ଅନୁସନ୍ଧାନରେ ରହିବ । ଫଳରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିପାରିବ ନାହିଁ ।

୮. "ଜୀବନଟା କେବଳ ସିନା ସନ୍ଦେହରେ ଆରମ୍ଭ ହୋଇ ସନ୍ଦେହରେ ଶେଷ ହେବ"- ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା କହିଛନ୍ତି । ପ୍ରସଙ୍ଗକ୍ରମେ ପ୍ରାବନ୍ଧିକ ଲେଖିଛନ୍ତି, ଜଣେ ସ୍କୁଲ ଶିକ୍ଷକ ଲେଖିଛନ୍ତି, ଯଦି ଏବେ କୌଣସି ଅନୁଷ୍ଠାନର ବହୁତ ଛାତ୍ର ଭଲ ଫଳ ଦେଖାଇଥାନ୍ତି, ତେବେ ସେ ପ୍ରକାର ଫଳକୁ ସନ୍ଦେହ ଚକ୍ଷୁରେ ଦେଖିବାକୁ ହେବ । ପିଲା ଖୁବ୍ ଭଲ କରିଛି ବୋଲି ଶୁଣିବାମାତ୍ରେ ଆମ୍ଭେ ଯଦି ସନ୍ଦେହ କରିବା, ତେବେ ଜୀବନଟା କେବଳ ସିନା ସନ୍ଦେହରେ ଆରମ୍ଭ ହୋଇ ସନ୍ଦେହରେ ଶେଷ ହେବ ।

୯. ପରୀକ୍ଷା ବିଷୟରେ ସାଧାରଣ ଲୋକ ଆଶ୍ଚର୍ଯ୍ୟ ହେବାର କାରଣ କ'ଣ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା କହିଛନ୍ତି । ପରୀକ୍ଷା ବିଷୟରେ ସାଧାରଣ ଲୋକ ଆଶ୍ଚର୍ଯ୍ୟ ହେବାର କାରଣ ହେଉଛି, ପରୀକ୍ଷାରେ ଆଗରୁ ଅସାଧୁତା ନଥିଲା, ତାହା ସବୁ ଶୁଣିବାକୁ ମିଳୁଛି । ପୁନଶ୍ଚ ପରୀକ୍ଷାରେ ପିଲାଙ୍କର ଶିକ୍ଷା ପରୀକ୍ଷା ହେଉନି, ବରଂ ପ୍ରଶ୍ନୋତ୍ତର ବହି ବିକ୍ରି ଛଡ଼ା ଆଉ କିଛି ଲାଭ ହେଉନାହିଁ ।

୧୦. ଆଗର ମାଟ୍ରିକ୍ୟୁଲେସନ ପାସ୍ ଲୋକେ ଓ ଆଜିର ବି.ଏ. ଛାତ୍ରଙ୍କ ମଧ୍ୟରେ କ'ଣ ପାର୍ଥକ୍ୟ ଦେଖାଯାଏ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଆଗର ମାଟ୍ରିକ୍ୟୁଲେସନ ପାସ୍ ଶିକ୍ଷାର ମାନଦଣ୍ଡ ଏତେ ଥିଲା ଯେ, ସେମାନେ ମାଜିଷ୍ଟ୍ରେଟ୍ କାମ ଚଳାଇ ଦେଉଥିଲେ । ମାତ୍ର ଆଜିର ବି.ଏ. ଛାତ୍ରଙ୍କୁ ଚିଠିଟିଏ ଲେଖିବାକୁ କହିଲେ ଇଂରାଜୀରେ ଯାହିତାହି ଲେଖିଦେବେ, କିନ୍ତୁ ମାତୃଭାଷାରେ ଲେଖିଲାବେଳକୁ ପନ୍ଦରଟୀ ବନାନ ଅଶୁଦ୍ଧି ବାହାରିବ ।

୧୧. ବର୍ତ୍ତମାନ ଶିକ୍ଷା ଡିଗ୍ରୀ ସମ୍ପର୍କରେ 'ଆଉଟ୍ ସାଇଡ଼ର'ଙ୍କ ମତ କ'ଣ ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ବର୍ତ୍ତମାନ ଶିକ୍ଷା ଡିଗ୍ରୀ ସମ୍ପର୍କରେ 'ଆଉଟ୍ ସାଇଡ଼ର'ଙ୍କ ମତ, ଶିକ୍ଷାର ମାନ କମି କମି ଯାଉଛି । ଫଳରେ ଏବେ ବଙ୍ଗଳା ଭାଷାରେ ଅନେକ ଲୋକ ଏମ୍.ଏ. କରି ପ୍ରଥମ ଶ୍ରେଣୀ ପାଉଛନ୍ତି । ମାତ୍ର ସେହି ପ୍ରଥମ ଶ୍ରେଣୀର କୌଣସି ମୂଲ୍ୟନଥିବାରୁ, ଅଧିକାଂଶ ଡି.ଫିଲ୍ ଓ ଡି.ଲିଟ୍ କରୁଛନ୍ତି ।

୧୨. ଭାରତବର୍ଷର ସ୍ୱାଧୀନତାକୁ କାହିଁକି ସମ୍ଭାଳି ହେବ ନାହିଁ ବୋଲି କୁହାଯାଇଛି ?

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏହା ଉଲ୍ଲେଖ କରିଛନ୍ତି । ଭାରତବର୍ଷରେ ବର୍ତ୍ତମାନ ଶିକ୍ଷାର ମାନଦଣ୍ଡ କମି କମି ଯାଉଛି । କେତେକ ବିଶ୍ୱବିଦ୍ୟାଳୟରେ ଶହ ଶହ ପି.ଏଚ୍‌ଡି., ଡି.ଲିଟ୍. କରୁଛନ୍ତି, ମାତ୍ର ସେମାନଙ୍କର ଗବେଷଣା ଉଚ୍ଚ ଜ୍ଞାନ ରାଜ୍ୟରେ ସମ୍ମାନ ପାଉନାହିଁ । ତଳ ଠାରୁ ଉପର ସ୍ତର ପର୍ଯ୍ୟନ୍ତ ଶିକ୍ଷା ଯଦି ଏଭଳି ହୁଏ, ତାହେଲେ ଭାରତବର୍ଷର ସ୍ୱାଧୀନତାକୁ ସମ୍ଭାଳି ହେବନାହିଁ ।

## (ଡ) ଦୀର୍ଘ ପ୍ରଶ୍ନୋତ୍ତର

୧. 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧର ସାରମର୍ମ ଲେଖ ।

ଉ.: 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ । ପ୍ରାବନ୍ଧିକ ଧଳ ଆମ ସମାଜର ଶିକ୍ଷା, ସଂସ୍କୃତି ଓ ଜାତୀୟତାକୁ ସୂଚିତ କରି ଅନେକ ପ୍ରବନ୍ଧ ରଚନା କରିଛନ୍ତି । ଆଲୋଚ୍ୟ ପ୍ରବନ୍ଧଟି ତାଙ୍କର 'ବିଚାର ଆଲୋଚନା' ପୁସ୍ତକରୁ ଗୃହୀତ ହୋଇଛି । ଏଥିରେ ସେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଶିକ୍ଷା ବ୍ୟବସ୍ଥାର ମାନ ଓ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଛନ୍ତି । ନିଜର ଅନୁଚିନ୍ତାକୁ ବଳିଷ୍ଠ କରିବା ପାଇଁ ସେ 'ଇଲଷ୍ଟ୍ରେଟେଡ୍ ଉଇକ୍ଲି', 'ସଣ୍ଡେ ଷ୍ଟାଣ୍ଡାର୍ଡ୍', 'କଳିଙ୍ଗ' ଆଦି ଖବରକାଗଜର ଅଭିମତକୁ ଉଦ୍ଧାର କରିଛନ୍ତି । ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାର ମାନ କ୍ରମଶଃ କମି କମି ଆସୁଥିବାର କଥାକୁ ସେ ସ୍ୱୀକାର କରିଛନ୍ତି । ଆମ ଦେଶରେ ସରକାରୀ କଳର ଚିନ୍ତାଧାରାକୁ ସେ ସଚେତନ କରାଇଛନ୍ତି । ଶେଷରେ ସାମ୍ପ୍ରତିକ ସମୟରେ ତଳସ୍ତର ଠାରୁ ଆରମ୍ଭ କରି

ଉପରସ୍ତର ପର୍ଯ୍ୟନ୍ତ ପରୀକ୍ଷା ବ୍ୟବସ୍ଥା, ଫଳାଫଳ ଘୋଷଣା ବ୍ୟବସ୍ଥାକୁ ସେ ପ୍ରକାରାନ୍ତରେ ଆକ୍ଷେପ କରିଛନ୍ତି ଏବଂ ସୁଧୁରିଯିବାର ସୂଚନା ମଧ୍ୟ ଦେଇଛନ୍ତି ।

ପ୍ରବନ୍ଧର ପ୍ରଥମ ପର୍ଯ୍ୟାୟରେ ପ୍ରାବନ୍ଧିକ ନିଜସ୍ୱ ଅଭିଜ୍ଞତାକୁ ପରିପ୍ରକାଶ କରି ଲେଖିଛନ୍ତି, ଜିଲ୍ଲାପରିଷଦର ଆଞ୍ଚଳିକ ସଭାରେ ଶିକ୍ଷାକୁ ସବୁଠାରୁ ଶେଷ ପର୍ଯ୍ୟାୟରେ ବିଚାର କରାଯାଉଛି । ପଚାରିବାରୁ ଜଣାଯାଇଛି, ଲୋକମାନଙ୍କର ଶିକ୍ଷାସ୍ତର କମ୍ ଥିବାରୁ, ସେମାନଙ୍କର ଯୋଜନା କୌଣସି ସମୟରେ ଠିକ୍ ରୂପେ କାର୍ଯ୍ୟକାରୀ ହେଉନାହିଁ । ଏପରି କ୍ଷେତ୍ରରେ ପ୍ରାବନ୍ଧିକ ପରାମର୍ଶ ଦେଇ କହିଛନ୍ତି, ଯୋଜନା ଯୁଗରେ, ଯୋଜନାକୁ ଯେତିକି ଆଗ୍ରହର ସହିତ କରିବାକୁ ପଡ଼ିବ, ଶିକ୍ଷାକୁ ତା'ଠାରୁ ଅନେକ ଗୁଣ ଅଧିକ ଆଗ୍ରହରେ କଲେ ଶିକ୍ଷା ଓ ଯୋଜନା ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରିବ । ପୁନଶ୍ଚ ଭାରତ ବର୍ଷରେ ବିଶେଷଜ୍ଞମାନଙ୍କୁ କୌଣସି ପ୍ରକାର ମର୍ଯ୍ୟାଦା ମିଳେ ନାହିଁ, କାରଣ ସରକାର ବା ଶାସକମାନଙ୍କ ଦ୍ୱାରା ସବୁ ଯୋଜନା ନିୟନ୍ତ୍ରଣ ହୋଇଥାଏ । ତେଣୁ ଅନେକ ସମୟରେ ଭାରତୀୟ ଛାତ୍ରମାନେ ଟଙ୍କାପଇସା, ସୁଖସମ୍ଭୋଗ ଓ ମର୍ଯ୍ୟାଦା ପାଇଁ ଆମେରିକାର ବାସିନ୍ଦା ହେଉଛନ୍ତି । ଶେଷରେ ପ୍ରାବନ୍ଧିକ ଶିକ୍ଷାବ୍ୟବସ୍ଥାର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାକୁ ଦେଖାଇ ଦେଇଛନ୍ତି । ପ୍ରାଥମିକ ସ୍ତର ଠାରୁ ଶେଷ ସ୍ତର ପର୍ଯ୍ୟନ୍ତ କେବଳ ଶିକ୍ଷା ପରୀକ୍ଷା ଉପଯୋଗୀ ହେଉଛି ଏନା, ଏହାଦ୍ୱାରା ଜ୍ଞାନର ଅଭିବୃଦ୍ଧି ହେଉନାହିଁ ।

୨. 'ଶିକ୍ଷାକୁ ଆମ ଦେଶରେ ଶେଷସ୍ଥାନ ନଦେଇ ଶୀର୍ଷସ୍ଥାନ' ଦେବାପାଇଁ ପ୍ରାବନ୍ଧିକଙ୍କ ଯୁକ୍ତିର ଯଥାର୍ଥତା ବିଚାର କର ।

ଉ.: 'ଆଧୁନିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଯଶସ୍ୱୀପ୍ରତିଭା, ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ, 'ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା' ପ୍ରବନ୍ଧରେ ଏହା ଉଲ୍ଲେଖ କରିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଶିକ୍ଷାର ମାନ କ୍ରମଶଃ କମି କମି ଆସିଛି ବୋଲି ସେ ସ୍ୱୀକାର କରିଛନ୍ତି । ନିଜର ଚିନ୍ତାଧାରାକୁ ବଳିଷ୍ଠ କରିବା ପାଇଁ ସେ ପ୍ରସଙ୍ଗକ୍ରମେ ବିଭିନ୍ନ ସମୟରେ ସମ୍ବାଦପତ୍ରରେ ପ୍ରକାଶ ପାଇଥିବା ଲେଖାକୁ ସେ ଉଦାହରଣ ଭାବରେ ଗ୍ରହଣ କରିଛନ୍ତି ।

ପ୍ରବନ୍ଧର ପ୍ରଥମ ପର୍ଯ୍ୟାୟରେ ପ୍ରାବନ୍ଧିକ ନିଜସ୍ୱ ଅଭିଜ୍ଞତାକୁ ପରିପ୍ରକାଶ କରି ଲେଖିଛନ୍ତି, ଜିଲ୍ଲାପରିଷଦର ଆଞ୍ଚଳିକ ସଭାରେ ଯେଉଁ କେତେକ ବିଷୟ ଆଲୋଚନା ପାଇଁ ସ୍ଥିର ହୋଇଥିଲା, ସେଥିରୁ କୃଷି ବିଷୟ ଆଲୋଚନା ପାଇଁ ସ୍ଥିର ହୋଇଥିଲା, ସେଥିରୁ କୃଷି ବିଷୟ ଆଲୋଚନା ଥିଲା ପ୍ରଥମ ଏବଂ ଶିକ୍ଷା ଆଲୋଚନା ଥିଲା ଶେଷ । ଶିକ୍ଷାକୁ ଶେଷ ସ୍ଥାନରେ ରଖିବାର କାରଣ ହେଉଛି, ସରକାର ଯେତେ ଯୋଜନା ପ୍ରସ୍ତୁତ କରୁଛନ୍ତି, ସେଗୁଡ଼ିକ ଠିକ୍ ରୂପେ କାର୍ଯ୍ୟକାରୀ ହେଉନାହିଁ । ଯୋଜନାଗୁଡ଼ିକ ଠିକ୍ ରୂପେ କାର୍ଯ୍ୟକାରୀ ନହେବାର ମୂଳକାରଣ ଶିକ୍ଷା ବୋଲି ପ୍ରାବନ୍ଧିକ ସ୍ୱୀକାର କରିଛନ୍ତି । ଶିକ୍ଷା ନଥିବାରୁ ଲୋକମାନେ ଯୋଜନାର ଉଦ୍ଦେଶ୍ୟକୁ ବୁଝିପାରୁ ନାହାନ୍ତି । ତେଣୁ ପ୍ରାବନ୍ଧିକ ପରାମର୍ଶ ଦେଇ କହିଛନ୍ତି, ଯୋଜନାକୁ ଯେଉଁ ପରିମାଣରେ କରିବାକୁ ପ୍ରେରଣା ଦିଆଯାଉଛି, ଶିକ୍ଷାକୁ ତା'ଠାରୁ ଅନେକ ଗୁଣରେ ପ୍ରେରଣା ଦେବାକୁ ହେବ । ଶିକ୍ଷା ଓ ଯୋଜନା ମଧ୍ୟରେ ସମନ୍ୱୟ ନରହିଲେ, ଯୋଜନା କାର୍ଯ୍ୟକାରୀ ହୋଇପାରିବ ନାହିଁ ।

ଆମ ଦେଶର ଅନେକ ଶିକ୍ଷିତ ବ୍ୟକ୍ତି ଆମେରିକା ଭଳି ଦେଶକୁ ଚାଲି ଯାଉଛନ୍ତି । ସେଠାକାର ସୁବିଧା ସୁଯୋଗ ଓ ମର୍ଯ୍ୟାଦା ପାଇଲା ପରେ, ସେମାନେ ଆଉ, ନିଜ ଦେଶକୁ ଫେରିବାକୁ ଚାହୁଁ ନାହାନ୍ତି । ଦେଶରେ ପରିଚାଳନା ପଦ୍ଧତିରେ ନୂତନ ଦୃଷ୍ଟିକୋଣ ସୃଷ୍ଟି ନ ହେଲେ, ଏଭଳି ଅବସ୍ଥାର ପରିବର୍ତ୍ତନ ହେବନାହିଁ ।

ଆମ ଦେଶର ଶିକ୍ଷାବ୍ୟବସ୍ଥାର ଆରମ୍ଭରୁ ଉପରସ୍ତର ପର୍ଯ୍ୟନ୍ତ, ପରୀକ୍ଷା ପଦ୍ଧତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଫଳରେ ସମସ୍ତେ ନୋଟ୍ ବହି ପଢ଼ି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି ସିନା, ସେମାନେ ଜ୍ଞାନ ଅର୍ଜନ କରିବା ପାଇଁ ଚାହୁଁ ନାହାନ୍ତି । ଏଭଳି ଶିକ୍ଷା ବ୍ୟବସ୍ଥା ରହିଲେ, ଆମେ ଅନ୍ୟ ଦେଶ ସହିତ ଜ୍ଞାନରେ ସମକକ୍ଷ ହୋଇପାରିବା ନାହିଁ ।

ପ୍ରାବନ୍ଧିକ ପରାମର୍ଶ ଦେଇ କହିଛନ୍ତି, ଶିକ୍ଷାର ମହତ୍ତ୍ୱକୁ ସମସ୍ତେ ବୁଝିବା ଉଚିତ । ଶିକ୍ଷାକୁ ସବୁବେଳେ ଶେଷସ୍ଥାନ ନ ଦେଇ ଶୀର୍ଷ ସ୍ଥାନ ଦେଲେ, ଆମ ଭିତରେ ଠକିବାର ମାନସିକତା ଦୂରେଇଯିବ ଓ ଅବସ୍ଥାର ପରିବର୍ତ୍ତନ ହେବ ।

❖❖❖

# ଦ୍ୱିତୀୟ ଏକକ

## ବଡ଼ ପଣ

**ରାଧାନାଥ ରାୟ**

### (କ) କବି ପରିଚୟ : (୧୮୪୮-୧୯୦୮)

ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା ଓ ଯୁଗପ୍ରବର୍ତ୍ତକ କବିବର ରାଧାନାଥ ରାୟ । ସେ ପ୍ରଥମେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟର ସମନ୍ୱୟ ଆଣି କାବ୍ୟ ରଚନା କରି, ଓଡ଼ିଆ ସାହିତ୍ୟ ଦିଗ୍‌ଦର୍ଶନ ଦେଇଥିଲେ । କାବ୍ୟର ଶୈଳୀରେ,ଛନ୍ଦରେ, କଥାବସ୍ତୁରେ ସେ କ୍ରମଶଃ ନୂତନତା ଆରୋପ କରିଥିଲେ । ସେ ଶିକ୍ଷାବିଭାଗରେ ନିଜର କର୍ମମୟ ଜୀବନ ଆରମ୍ଭ କରି, ଶେଷପର୍ଯ୍ୟାୟର ଶିକ୍ଷାପ୍ରଶାସକ ନିଜର ସିଦ୍ଧି ପ୍ରମାଣିତ କରିଥିଲେ । କର୍ମ ଜୀବନରେ କାବ୍ୟ କବିତାର ପରିପ୍ରକାଶ କରିଥିଲେ । କବିଙ୍କର ପ୍ରକୃତି ପ୍ରାଣତା, ସୌନ୍ଦର୍ଯ୍ୟ ସନ୍ଦର୍ଶନରେ ପାରଦର୍ଶିତା, ବିଷୟ ନିର୍ବାଚନରେ ନୂତନତା, ବର୍ଣ୍ଣନାର ରସାଳତା, ପ୍ରାଣ ପ୍ରାଚୁର୍ଯ୍ୟର ବିଶାଳତା, ତାଙ୍କ ସାରସ୍ୱତ ସାଧନାକୁ କରିଛି ସୁଖପାଠ୍ୟ ।

କବି ବାଲେଶ୍ୱର ଜିଲ୍ଲାର କେଦାରପୁର ଗ୍ରାମରେ ୧୯୪୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୦୮ ମସିହା ଅପ୍ରେଲ ମାସ ୧୨ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କର ସାହିତ୍ୟକୃତି ହେଉଛି, "କେଦାର ଗୌରୀ', 'ନନ୍ଦିକେଶ୍ୱରୀ', 'ଉଷା', 'ପାର୍ବତୀ', 'ଚନ୍ଦ୍ରଭାଗା', 'ଚିଲିକା', 'ଦରବାର', 'ମହାଯାତ୍ରା', 'ଯଯାତି କେଶରୀ', 'ଇତାଲୀୟ ଯୁବା', 'ବିବେକୀ', ଇତ୍ୟାଦି ।

### (ଖ) 'ବଡ଼ପଣ' ସଂପର୍କରେ :

'ବଡ଼ପଣ' କବିତାଟି ରାଧାନାଥଙ୍କ ସୁପ୍ରସିଦ୍ଧ ବ୍ୟଂଗ କାବ୍ୟ 'ଦରବାର'ର ଅଂଶବିଶେଷ । ୧୮୯୪ ମସିହାରେ ବାରବାଟୀ ଦୁର୍ଗ ଓ କଟକ କମିଶନ ବଙ୍ଗଳାରେ ହୋଇଥିବା ଦୁଇଟି ଦରବାରକୁ ନେଇ କବି କାବ୍ୟଟିକୁ ପରିକଳ୍ପନା କରିଥିଲେ । ଦାରବାରରେ କବି ନିଜେ ଉପସ୍ଥିତ ରହି ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିଥିଲେ । ଓଡ଼ିଶାର ବିଭିନ୍ନ ଗଡ଼ଜାତର ରାଜା, ଜମିଦାରମାନେ ଏହି ଦରବାରକୁ ଆସିଥିଲେ । ସେମାନେ ସେଠାରେ ଯେଭଳି ଅହଂକାର ପ୍ରଦର୍ଶନ କରିଥିଲେ, ତାହା ରାଧାନାଥଙ୍କ ଅସହ୍ୟ ହୋଇଥିଲା । ସେ ସେହି ଜମିଦାର ଓ ରାଜାମାନଙ୍କୁ କାବ୍ୟ ମାଧ୍ୟମରେ ଉପଦେଶ ଦେଇଥିଲେ । ଭୋଗ ବିଳାସ ପରିତ୍ୟାଗ କରି ରାଜଧର୍ମ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ପ୍ରସଂଗ କ୍ରମେ ସେ ବୃଥାବଡ଼ପଣକୁ ତ୍ୟାଗକରି ପ୍ରକୃତ ବଡ଼ପଣକୁ ଗ୍ରହଣ କରିବାକୁ କହିଛନ୍ତି । ଧର୍ମପଥରେ ଜୀବନ ଯାପନ କରି ପ୍ରକୃତ ବଡ଼ପଣର ପରିଚୟ ଦେବାକୁ ସେ ନିବେଦନ କରିଛନ୍ତି ।

କ. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।

ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

୧. "କେଶରୀ ଔରସେ ତୁମ୍ଭେ ସିନା ଶ୍ୱାନ" - ଏହା କାହାକୁ କୁହାଯାଇଛି ।

(i) ଦରବାରରେ ଯୋଗଦେଇଥିବା ରାଜାମାନଙ୍କୁ (ii) ସାମନ୍ତ ଚନ୍ଦ୍ରଶେଖରଙ୍କୁ

(iii) ଇଂରେଜ ସାହେବମାନଙ୍କୁ (iv) କବି ରାଧାନାଥଙ୍କୁ

ଉତ୍ତର : ଦରବାରରେ ଯୋଗଦେଇଥିବା ରାଜାମାନଙ୍କୁ ।

୨. ବହ୍ନିଶିଖା ପରି ଉର୍ଦ୍ଧ୍ୱଗାମୀ କିଏ ଥିଲେ ?

(i) ସାମନ୍ତ ଚନ୍ଦ୍ରଶେଖର (ii) ଉତ୍କଳର ଗଜପତି

(iii) ଉତ୍କଳର ସେନାପତି (iv) ବକ୍ସି ଜଗବନ୍ଧୁ

ଉତ୍ତର : ଉତ୍କଳର ଗଜପତି

୩. କବି ରାଧାନାଥ ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କର ପିତୃଗଣଙ୍କୁ ପରମ ଉଦାର ବୋଲି କାହିଁକି କହିଛନ୍ତି ?

(i) ସେମାନେ ସୁଶାସକ ଥିଲେ (ii) ଶକ୍ତିଶାଳୀ ଯୋଦ୍ଧା ଥିଲେ

(iii) ରାଜ୍ୟକୁ ଏକ ପରିବାର ମନେ କରୁଥିଲେ (iv) ଦୋଷୀ ପ୍ରଜାଙ୍କୁ ଦଣ୍ଡ ଦେଉନଥିଲେ ।

ଉତ୍ତର : ରାଜ୍ୟକୁ ଏକ ପରିବାର ମନେ କରୁଥିଲେ ।

୪. କବିଙ୍କ ସମୟରେ ରାଜା ଓ ପ୍ରଜାଙ୍କର ସମ୍ପର୍କ କିପରି ଥିଲା ?

(i) ଶୁଆଶାରୀ ପରି (ii) ବାଜ-ପାରା ପରି

(iii) ସିଂହ-ଶଶକ ପରି (iv) ପିତା-ପୁତ୍ର ପରି

ଉତ୍ତର : ବାଜ-ପାରା ପରି ।

୫. ଦରବାରୀ ରାଜାମାନେ ପ୍ରଜାମାନଙ୍କୁ କିପରି ଭୟଭୀତ କରୁଥିଲେ ?

(i) ବେତମାଡ଼ ଦେଇ (ii) କର ଆଦାୟ କରି

(iii) ବିଦେଶୀ ବନ୍ଧୁକ ଦେଖାଇ (iv) ବନ୍ଦୀ କରି

ଉତ୍ତର : ବିଦେଶୀ ବନ୍ଧୁକ ଦେଖାଇ ।

୬. ଦରବାରରେ ଯୋଗଦେଇଥିବା ରଜାମାନଙ୍କର ସର୍ବସ୍ୱ କ'ଣ ଥିଲା ?

(i) ଧନସମ୍ପତ୍ତି (ii) ସୁନା (iii) ଗଡ଼ାଘର (iv) ସୈନ୍ୟସାମନ୍ତ

ଉତ୍ତର : ଗଡ଼ାଘର

୭. ଦୁଃଖୀରଙ୍କିଙ୍କୁ ଶୋଷଣ କରି ରାଜାମାନେ ବିଦେଶୀଙ୍କୁ କ'ଣ ଖୁଆଉଥିଲେ ?

(i) ଘିଅ ଅଟା (ii) ଛାଗମୁଣ୍ଡା (iii) କୁକୁଟାଣ୍ଡ (iv) ଖୁଦକୁଣ୍ଡା

ଉତ୍ତର : କୁକୁଟାଣ୍ଡ

୮. ରାଜାମାନେ କିପରି ନିଜର ମାଲଖାନା ପୂର୍ଣ୍ଣ କରୁଥିଲେ ?

(i) ପ୍ରଜାମାନଙ୍କ ଧନ ଅପହରଣ କରି (ii) ଜରିମାନା କରି

(iii) ବ୍ରିଟିଶ ସରକାରଙ୍କଠାରୁ ଆଣି (iv) ଭୂ-ସମ୍ପତ୍ତି ବିକ୍ରି କରି

ଉତ୍ତର : ଜରିମାନା

୯. ଧନ ଅର୍ଜନର ସଫଳତା କେଉଁଠି ଥାଏ ?

(i) ଖାଇ ପିଇ ଆରାମ କରିବାରେ (ii) ବିଳାସ ବ୍ୟସନରେ ବ୍ୟୟ କରିବାରେ

(iii) ସୁବ୍ୟୟରେ (iv) ଅନ୍ୟଙ୍କୁ ଦାନ କରିବାରେ

ଉତ୍ତର : ସୁବ୍ୟୟରେ ।

୧୦. ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡର ସମୁଦ୍ର କୂଳରେ ପହଞ୍ଚି କାହିଁକି କାନ୍ଦି ପକାଇଥିଲେ ?

(i) ଯୁଦ୍ଧ କରିକ୍ଳାନ୍ତ ହୋଇଯାଇଥିବାରୁ (ii) ଜୟ କରିବାକୁ ଆଉ ରାଜ୍ୟ ନଥିବାରୁ

(iii)ପୁରୁଙ୍କ ସହିତ ହାରିଯିବାରୁ (iv)ରୋଗଗ୍ରସ୍ତ ହୋଇଯାଇଥିବାରୁ

ଉତ୍ତର : ଜୟ କରିବାକୁ ଆଉ ରାଜ୍ୟ ନଥିବାରୁ ।

୧୧. "ଆସିଥିଲି ଫେରିଗଲି ଶୂନ୍ୟହସ୍ତେ"- ଉକ୍ତିଟି କାହାର ।

(i) ଉତ୍କଳର ଗଜପତି (ii) ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡର

(iii) ସାମନ୍ତ ଚନ୍ଦ୍ରଶେଖର (iv) ଜଣେ ସାଧାରଣ ପ୍ରଜା

ଉତ୍ତର : ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡର

୧୨. ଭଙ୍ଗା ମାଠିଆରୁ ପାଣି ବୋହିଯିବା ପରି ମଣିଷ ଜୀବନରୁ କ'ଣ ସରିଯାଏ ?

(i) ବଳ (ii) ଆୟୁ (iii) ଧନ (iv) ଯୌବନ

ଉତ୍ତର : ଆୟୁ

୧୩. ମୃତ୍ୟୁ ବହୁ ଦୂରରେ ଅଛି ବୋଲି ମନେ କରି ଯିଏ ହସୁଥାଏ ତା'ର କିପରି ଗତି ଘଟେ ?

(i) ହସି ହସି ମୃତ୍ୟୁ ତା'ପଛରେ ଆସି ବସିଯାଏ (ii) ତା' ଜୀବନ ଦୀର୍ଘସ୍ଥାୟୀ ହୋଇଯାଏ ।

(iii) ମୃତ୍ୟୁ ଭୟ ଲୋପ ପାଇଯାଏ (iv) ଆନନ୍ଦରେ ରହେ ।

ଉତ୍ତର : ହସି ହସି ମୃତ୍ୟୁ ତା ପଛରେ ଆସି ବସିଯାଏ ।

୧୪. ବିଧାତା ଧର୍ମ ରୂପକ ପୋତ ଗଢ଼ିଛନ୍ତି କାହିଁକି ?

(i) ସଂସାର ବାରିଧିକୁ ଅତିକ୍ରମ କରିବାପାଇଁ । (ii) ଧର୍ମହୀନ ବ୍ୟକ୍ତିକୁ ଧର୍ମ ସମ୍ପର୍କରେ ସଚେତନ କରିବାପାଇଁ ।

(iii) ଧର୍ମର ପ୍ରସାର କରିବାପାଇଁ । (iv) ରାଜ୍ୟ ଶାସନ କରିବାପାଇଁ ।

ଉତ୍ତର : ସଂସାର ବାରିଧିକୁ ଅତିକ୍ରମ କରିବା ପାଇଁ ।

**(ଖ) ଗୋଟିଏ ବାକ୍ୟରେ ଉତ୍ତର ଲେଖ : ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) 'ବଡ଼ପଣ' କବିତା ରାଧାନାଥଙ୍କ କେଉଁ କାବ୍ୟରୁ ଆସିଅଛି ?

ଉତ୍ତର : 'ବଡ଼ପଣ' କବିତା ରାଧାନାଥଙ୍କ 'ଦରବାର' କାବ୍ୟରୁ ଆସିଅଛି ।

(୨) ଦରବାରରେ ଯୋଗ ଦେଇଥିବା ରାଜା ଓ ଜମିଦାରମାନେ କ'ଣ ବିକି ଭାଙ୍ଗି ଖାଉଥିଲେ ?

ଉ : ଦରବାରରେ ଯୋଗ ଦେଇଥିବା ରାଜା ଓ ଜମିଦାରମାନେ ପୂର୍ବପୁରୁଷର ବିଶାଳ ପ୍ରତିଷ୍ଠାକୁ ବିକି ଭାଙ୍ଗି ଖାଉଥିଲେ ।

୩. କିଏ ବହ୍ନିଶିଖା ପରି ସଦା ଉର୍ଦ୍ଧ୍ୱଗାମୀ ଥିଲେ ?

ଉତ୍ତର : ଉତ୍କଳର ରାଜା ବା ଗଜପତି ମାନେ ବହ୍ନିଶିଖା ପରି ସଦା ଉର୍ଦ୍ଧ୍ୱଗାମୀ ଥିଲେ ।

୪. ବହ୍ନିଶିଖାର ଧର୍ମ କ'ଣ ?

ଉତ୍ତର : ବହ୍ନିଶିଖାର ଧର୍ମ ସଦା ଉର୍ଦ୍ଧ୍ୱଗାମୀ ହେବ ।

୫. ଜଳଧାରାର ଧର୍ମ କ'ଣ ?

ଉତ୍ତର : ଜଳଧାରାର ଧର୍ମ ସର୍ବଦା ନିମ୍ନକୁ ଗତି କରିବା ।

୬. ପୂର୍ବ ରାଜାମାନଙ୍କର ବଂଶଧର ହୋଇ ଆଜିର ରାଜା ଓ ଜମିଦାରମାନଙ୍କର କିପରି ଅବସ୍ଥା ହୋଇଛି ?

ଉତ୍ତର : ପୂର୍ବରାଜାମାନଙ୍କର ବଂଶଧର ହୋଇ ଆଜିର ରାଜା ଓ ଜମିଦାରମାନଙ୍କର ଅବସ୍ଥା ଜଳଧାରା ପରି ଅଧୋଗତି ହୋଇଛି ।

୭. ଦରବାରରେ ଯୋଗ ଦେଇଥିବା ରାଜାଙ୍କର ପିତୃଗଣ କିପରି ଥିଲେ ?

ଉତ୍ତର : ଦରବାରରେ ଯୋଗ ଦେଇଥିବା ରାଜାଙ୍କର ପିତୃଗଣ ବହ୍ନିଶିଖା ପରି ସଦା ଉର୍ଦ୍ଧ୍ୱଗାମୀ ଓ ଉଦାର ଥିଲେ ।

୮. କେଉଁମାନେ ରାଜ୍ୟକୁ ନିଜ ପରିବାର ପରି ମନେ କରୁଥିଲେ ?

ଉତ୍ତର : କବିଙ୍କ ସମୟରେ ଯୋଗ ଦେଇଥିବା ରାଜାମାନଙ୍କର ପିତୃଗଣ ରାଜ୍ୟକୁ ନିଜ ପରିବାର ପରି ମନେ କରୁଥିଲେ ।

୯. ଏବେରାଜା ଓ ପ୍ରଜାଙ୍କ ସମ୍ପର୍କ କିପରି ବୋଲି କୁହାଯାଇଛି ?

ଉତ୍ତର : ଏବେ ରାଜା ଓ ପ୍ରଜାଙ୍କ ସମ୍ପର୍କ ଖାଦକ ଖାଦ୍ୟର ସମ୍ପର୍କ ଯାହାକୁ କବି ବାଜ-ପାରାର ସମ୍ପର୍କ ବୋଲି କହିଛନ୍ତି ।

୧୦. ରାଜଭୋଗର ଅଭିଳାଷ ପ୍ରଜାଙ୍କଠାରୁ କ'ଣ କାଢ଼ିନେଲା ?

ଉତ୍ତର : ରାଜଭୋଗର ଅଭିଳାଷ ପ୍ରଜାଙ୍କଠାରୁ ଶ୍ରମାର୍ଜିତ ଗ୍ରାସ କାଢିନେଲା ।

୧୧. ଦେଶୀ ହୋଇ ରାଜାମାନେ କେଉଁ ବିଦେଶୀ ନୀତି ଅବଲମ୍ବନ କରୁଥିଲେ ?

ଉତ୍ତର : ଦେଶୀ ହୋଇ ରାଜାମାନେ ସର୍ବଶୋଷୀ ବିଦେଶୀ ନୀତି ଅବଲମ୍ବନ କରୁଥିଲେ ।

୧୨. ପ୍ରଜାଙ୍କ ଚିତ୍ତକୁ ପୂର୍ବ ରାଜାମାନେ କିପରି ବାନ୍ଧିଥିଲେ ?

ଉତ୍ତର : ପ୍ରଜାଙ୍କ ଚିତ୍ତକୁ ପୂର୍ବ ରାଜାମାନେ ବାତ୍ସଲ୍ୟ ସ୍ନେହରେ ବାନ୍ଧିଥିଲେ ।

୧୩. କିଏ ବିଦେଶୀ ସଙ୍ଗୀନରେ ପ୍ରଜାମାନଙ୍କୁ ଭୟଭୀତ କରୁଥିଲେ ?

ଉତ୍ତର : ସେ ସମୟର ରାଜାମାନେ, ଯେଉଁମାନେ ଦରବାରରେ ଉପସ୍ଥିତ ଥିଲେ, ସେମାନେ ବିଦେଶୀ ସଙ୍ଗୀନରେ ପ୍ରଜାମାନଙ୍କୁ ଭୟଭୀତ କରୁଥିଲେ ।

୧୪. ଆଜିର ରାଜାମାନଙ୍କର ସର୍ବସ୍ୱ କ'ଣ ?

ଉତ୍ତର : ଆଜିର ରାଜାମାନଙ୍କର ସର୍ବସ୍ୱ ହେଉଛି ଗଡ଼ାଘର, ପ୍ରାସାଦ, ଅଶ୍ୱ ଓ ହସ୍ତୀ ।

୧୫. ଆଜିର ରାଜଧର୍ମ କିପରି ବୋଲି କୁହାଯାଇଛି-

ଉତ୍ତର : ଆଜିର ରାଜଧର୍ମ ହେଉଛି କୌଣସି ପ୍ରକାରେ ପ୍ରଜାମାନଙ୍କ ଧନକୁ ବୋହି ଆଣିବା ।

୧୬. କବି କେଉଁମାନଙ୍କୁ କାନକୁହା ବୋଲି କହିଛନ୍ତି ?

ଉତ୍ତର : କବି ମନ୍ତ୍ରୀମାନଙ୍କୁ କାନକୁହା ବୋଲି କହିଛନ୍ତି ?

୧୭. ଦୁଃଖୀ ରଙ୍କିଙ୍କୁ ତଣ୍ଡି ରାଜାଗଣ ବିଦେଶୀଙ୍କୁ କ'ଣ ଖୁଆଉଥିଲେ ?

ଉତ୍ତର : ଦୁଃଖୀ ରଙ୍କିଙ୍କୁ ତୁଣ୍ଡି ରାଜାଗଣ ବିଦେଶୀଙ୍କୁ କୁକୁଟାଣ୍ଡ ଖୁଆଉଥିଲେ ।

୧୮. କାଣପୃଷ୍ଠ ହୁଣ୍ଡା ବୋଲି କାହାକୁ କୁହାଯାଇଛି ?

ଉତ୍ତର : କାଣପୃଷ୍ଠ ହୁଣ୍ଡା ବୋଲି ଜ୍ଞାନଶୂନ୍ୟ ଅସ୍ତ୍ର ବ୍ୟବସାୟୀଙ୍କୁ କୁହାଯାଇଛି ।

୧୯. ପ୍ରଜାଙ୍କ ମଧ୍ୟରେ କିଏ ପାପବୃଦ୍ଧିକୁ ମନାସୁଥିଲେ ?

ଉତ୍ତର : ପ୍ରଜାଙ୍କ ମଧ୍ୟରେ ସେ ସମୟର ରାଜା ଓ ଜମିଦାରମାନେ ପାପବୃଦ୍ଧିକୁ ମନାସୁଥିଲେ ?

୨୦. ରାଜାମାନେ କିପରି ନିଜର ମାଲଖାନା ଭରୁଥିଲେ ?

ଉତ୍ତର : ରାଜାମାନେ ପ୍ରଜାମାନଙ୍କ ଉପରେ ଜୋରିମାନା କରି, ସେହି ଧନରେ, ନିଜର ମାଲଖାନା ଭରୁଥିଲେ ।

୨୧. କେଉଁ ଚିନ୍ତା ବିନା ରାଜାମାନଙ୍କର ଅନ୍ୟ ଚିନ୍ତା ଚିନ୍ତା ନଥିଲା ?

ଉତ୍ତର : ଧନ ଚିନ୍ତାବିନା ରାଜାମାନଙ୍କର ଅନ୍ୟ ଚିନ୍ତା ନଥିଲା ।

୨୨. ଜାଗ୍ରତ ଓ ସ୍ୱପ୍ନରେ ରାଜାମାନଙ୍କଠାରେ କେଉଁ ଲାଳସା ଜାତ ହେଉଥିଲା ?

ଉତ୍ତର : ଜାଗ୍ରତ ଓ ସ୍ୱପ୍ନରେ ରାଜାମାନଙ୍କଠାରେ ଧନର ଲାଳସା ଜାତ ହେଉଥିଲା ?

୨୩. ଧନର ସାଫଲ୍ୟ କେଉଁଥିରେ ଥାଏ ?

ଉତ୍ତର : ଧନର ସାଫଲ୍ୟ ଧନର ସୁବ୍ୟୟରେ ହିଁ ଥାଏ ।

୨୪. କିଏ ଧନକୁ ଜଗି ବସିଥାଏ ?

ଉତ୍ତର ଯକ୍ଷ ଭଳି ରାଜା ଧନକୁ ଜଗି ବସିଥାଏ ।

୨୫. ରାଧାନାଥ କାହାକୁ ସ୍କନ୍ଦର ବୋଲି କହିଛନ୍ତି ?

ଉତ୍ତର : ରାଧାନାଥ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାରଙ୍କୁ ସ୍କନ୍ଦର ବୋଲି କହିଛନ୍ତି ।

୨୬. ସ୍କନ୍ଦର କାହିଁକି କାନ୍ଦୁଥିଲେ ?

ଉତ୍ତର : ଜିଣିବାକୁ ଆଉ ଧରାଖଣ୍ଡ ନଥିବାରୁ ସ୍କନ୍ଦର କାନ୍ଦୁଥିଲେ ।

୨୬. ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ- କିଏ କହିଛନ୍ତି ?

ଉତ୍ତର : ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ- ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡାର ବା ସ୍କନ୍ଦର କହିଛନ୍ତି ।

୨୮. ଲକ୍ଷ-ଶୋଷ ବୋଲି କାହାକୁ କୁହାଯାଇଛି ?

ଉତ୍ତର : ସେ ସମୟର ରାଜା ଓ ଜମିଦାର ଗୋଷ୍ଠୀ ଯେଉଁମାନେ ନିଜକୁ ଲକ୍ଷ-ଯୋଗୀ ବୋଲି କହୁଛନ୍ତି, ସେହିମାନଙ୍କୁ ଲକ୍ଷ-ଶୋଷୀ ବୋଲି କବି କହିଛନ୍ତି ।

୨୯. ରାଜା ଓ ଜମିଦାରମାନେ କାହିଁକି ପ୍ରଜାଙ୍କୁ ଶୋଷଣ କରନ୍ତି ?

ଉତ୍ତର : ରାଜା ଓ ଜମିଦାରମାନେ ଗଣିକା, ଓକିଲ, ଛାମୁଆ ପୋଷଣ ଲାଗି ପ୍ରଜାଙ୍କୁ ଶୋଷଣ କରନ୍ତି ।

୩୦. ପାପବିତ୍ତ କିପରି ଅର୍ଜିତ ହୁଏ ?

ଉତ୍ତର : ପ୍ରଜାଙ୍କର ରକ୍ତ, ସ୍ୱେଦ, ଲୋତକରେ ଅର୍ଜିତ ଧନରାଶି ଲୁଣ୍ଠନ ଦ୍ୱାରା ପାପବିତ୍ତ ଅର୍ଜିତ ହୁଏ ।

୩୧. ଭଙ୍ଗା ମାଠିଆରୁ ପାଣି ବୋହିଗଲା ପରି କ'ଣ ପ୍ରତିକ୍ଷଣରେ ବୋହି ଯାଉଅଛି ?

ଉତ୍ତର : ଭଙ୍ଗା ମାଠିଆରୁ ପାଣିବୋହି ଗଲା ପରି ଶରୀରରୁ ଆୟୁ ପ୍ରତିକ୍ଷଣ ବୋହି ଯାଉଅଛି ।

୩୨. କାଳ କିପରି ?

ଉତ୍ତର : କାଳ କ୍ରୂର ଓ ବଡ଼ ଅବିଶ୍ୱାସୀ ।

୩୩. କାହାକୁ ଅବିଶ୍ୱାସୀ ବୋଲି କୁହାଯାଇଛି ?

ଉତ୍ତର : କାଳକୁ ଅବିଶ୍ୱାସୀ ବୋଲି କୁହାଯାଇଛି ।

୩୪. କିଏ ହଠାତ୍ ଆସି ହାବୁଡ଼ି ଯିବ ବୋଲି କୁହାଯାଇଛି ?

ଉତ୍ତର : କାଳ ହଠାତ୍ ଆସି ହାବୁଡ଼ି ଯିବ ବୋଲି କୁହାଯାଇଛି ।

୩୫. କାହା ପଛରେ କାଳ ଲୁଚି ବସିଥାଏ ?

ଉତ୍ତର : କାଳ ଦୂରରେ ଅଛି, ଏହା ବିଚାର କରି ଯିଏ ହସୁଥାଏ, କାଳ ତାହା ପଛରେ ଲୁଚି ବସିଥାଏ ।

୩୬. ଛାୟା କେତେବେଳେ ବଢ଼ିଯାଏ ?

ଉତ୍ତର : ସୂର୍ଯ୍ୟ ଯେତେବେଳେ ପଶ୍ଚିମ ଦିଗକୁ ଯାଆନ୍ତି ବା ସମୟ ଯେତେବେଳେ ବଢ଼ିଯାଏ ଛାୟା ସେତେବେଳେ ବଢ଼ିଯାଏ ।

୩୭. ରାଧାନାଥ ମାୟାକୁ କାହା ସହିତ ତୁଳନା କରିଛନ୍ତି ?

ଉତ୍ତର : ରାଧାନାଥ ମାୟାକୁ ଛାୟା ସହିତ ତୁଳନା କରିଛନ୍ତି ।

୩୮. ମାୟାର ଟେର ଭେଦିଗଲେ କି କ୍ଷତି ହୁଏ ?

ଉତ୍ତର : ମାୟାର ଟେର ଭେଦିଗଲେ ଅନ୍ତକ ସେତିକି ରଗଡ଼ି ଝିଙ୍କିଥାଏ ।

୩୯. ଅନ୍ତକ କିଏ ?

ଉତ୍ତର : ଅନ୍ତକ ହେଉଛି ମୃତ୍ୟୁ ଦେବତା ଯମ ।

୪୦. ବେଳ ଥାଉଁ କ'ଣ ଅର୍ଜନ କରିବାକୁ କବି ପରାମର୍ଶ ଦେଇଛନ୍ତି ?

ଉତ୍ତର : ବେଳ ଥାଉ ଧନ ଅର୍ଜନ କରିବାକୁ କବି ପରାମର୍ଶ ଦେଇଛନ୍ତି ।

୪୧. ସଂସାରରେ ଜନ୍ମଫଳରୁ କ'ଣ ମିଳେ ?

ଉତ୍ତର : ସଂସାରରେ ଜନ୍ମଫଳରୁ ବଡ଼ପଣ ମିଳେ ।

୪୨. ବଡ଼ପଣ କିପରି ଚିରସ୍ଥାୟୀ ହୁଏ ?

ଉତ୍ତର : ବଡ଼ପଣ ଧର୍ମଫଳରୁ ଚିରସ୍ଥାୟୀ ହୁଏ ।

୪୩. ବିଧାତା କି ପୋତ ଗଢ଼ିଛନ୍ତି ?

ଉତ୍ତର : ବିଧାତା ଧର୍ମ, ପୋତ, ଗଢ଼ିଛନ୍ତି ?

୪୪. ଭଗବାନ କାହିଁକି ଧର୍ମର ପୋତ ଗଢ଼ିଛନ୍ତି ?

ଉତ୍ତର : ଭଗବାନ ସଂସାର ବାରିଧି ପାର କରିବାପାଇଁ ଧର୍ମର ପୋତ ଗଢ଼ିଛନ୍ତି ।

୪୫. ସଂସାରକୁ କବି କାହା ସହିତ ତୁଳନା କରିଛନ୍ତି ?

ଉତ୍ତର : ସଂସାରକୁ କବି ବାରିଧି ବା ସମୁଦ୍ର ସହିତ ତୁଳନା କରିଛନ୍ତି ?

୪୬. ସଂସାରରେ ମହତପଣିଆ କ'ଣ ?

ଉତ୍ତର : ସଂସାରରେ ମହତପଣିଆ ହେଉଛି ଧର୍ମ ।

୪୭. ସଂସାରର ସବୁ ବଡ଼ପଣକୁ କବି କ'ଣ ବୋଲି କହିଛନ୍ତି ?

ଉତ୍ତର : ସଂସାରର ସବୁ ବଡ଼ପଣକୁ କବି ଦ୍ୱିଲୋକ ସାଧନୀ ବୋଲି କହିଛନ୍ତି ।

୪୮. ଦ୍ୱିଲୋକସାଧନୀ ବୋଲି କବି କାହାକୁ କହିଛନ୍ତି ?

ଉତ୍ତର : ଧର୍ମରୂପକ ବଡ଼ପଣକୁ କବି ଦ୍ୱିଲୋକ ସାଧନୀ ବୋଲି କହିଛନ୍ତି ।

୪୯. କେଉଁ ବଡ଼ପଣରେ ମତି ବଦଳାଇବାକୁ କବି ପରାମର୍ଶ ଦେଇଛନ୍ତି ?

ଉତ୍ତର : ଯେଉଁ ବଡ଼ପଣରେ ଦୁଇ ଲୋକର ହିତ ସାଧନ କରେ ଏବଂ ଯାହାପାଖକୁ କାଳ ପ୍ରବେଶ କରିପାରେ ନାହିଁ ବଡ଼ପଣରେ ମନ ବଦଳାଇବାକୁ ଆଜି ପରାମର୍ଶ ଦେଇଛନ୍ତି ।

୫୦. କେଉଁଥିରେ ମନ ବାହୁଡ଼ାଇ ନେବା ପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ?

ଉତ୍ତର : ଲାଳସାରୁ ମନ ବାହୁଡ଼ାଇ ନେବାପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ।

୫୧. ନିଜେ ଉଚ୍ଚ ହୋଇ କ'ଣ ଲାଭ କରିବାପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଉତ୍ତର : ନିଜେ ଉଚ୍ଚ ହୋଇ ଉଚ୍ଚତର ଗତି ଲାଭ କରିବାପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ।

୫୨. କେଉଁଥିରେ ମନ ବାହୁଡ଼ାରେ ନେବାପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ?

ଉତ୍ତର : ମୂଲ୍ୟହୀନ ବଡ଼ ପଣ ଲାଳସାରୁ ମନ ବାହୁଡ଼ାଇ ନେବାପାଇଁ କବିରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ।

୫୩. ନିଜେ ଉଚ୍ଚ ହୋଇ କ'ଣ ଲାଭ କରିବାପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ?

ଉତ୍ତର : ନିଜେ ଉଚ୍ଚହୋଇ ଉଚ୍ଚତର ଗତି ଲାଭ କରିବାପାଇଁ ବା ବଡ଼ପଣ ଲାଭ କରିବାପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ।

(ଗ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।

୧. କବି ରାଧାନାଥ କେଉଁମାନଙ୍କୁ "କେଶରୀ ଔରସେ ଶ୍ୱାନ" ବୋଲି କହିଛନ୍ତି ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ଉଲ୍ଲେଖ କରିଛନ୍ତି । ସେ ସମୟରେ ରାଜା ଓ ଜମିଦାରମାନଙ୍କୁ କବି 'କେଶରୀ-ଔରସେ ଶ୍ୱାନ' ବୋଲି କହିଛନ୍ତି ।

୨. ପୂର୍ବପୁରୁଷର ବିଶାଳ ପ୍ରତିଷ୍ଠାକୁ କବିଙ୍କ ସମୟର ରାଜାମାନେ କିପରି ନଷ୍ଟ କରିଥିଲେ ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି । ପୂର୍ବପୁରୁଷର ବିଶାଳ ପ୍ରତିଷ୍ଠାକୁ କବିଙ୍କ ସମୟର ରାଜାମାନେ ନ ବଢ଼ାଇ ବରଂ ତାହାକୁ ବିକି ଭାଙ୍ଗି ଖାଉଥିଲେ ଓ ନଷ୍ଟ କରି ଦେଉଥିଲେ ।

୩. 'ବହ୍ନିଶିଖା ପରି ସଦା ଊର୍ଦ୍ଧ୍ୱଗାମୀ' କାହା ଉଦ୍ଦେଶ୍ୟରେ କୁହାଯାଇଛି ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି । 'ବହ୍ନିଶିଖା ପରି ସଦା ଊର୍ଦ୍ଧ୍ୱଗାମୀ' ଅତୀତ ଉତ୍କଳର ଯଶସ୍ୱୀ ରାଜାମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ।

୪. ପ୍ରାଚୀନ ଓଡ଼ିଶାର ରାଜାମାନେ କିପରି ଉଦାର ଥିଲେ ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି । ପ୍ରାଚୀନ ଓଡ଼ିଶାର ରାଜାମାନେ ରାଜ୍ୟକୁ ନିଜର ପରିବାର ମନେକରି, ଉଦାର ଭାବ ଦେଖାଉଥିଲେ ।

୫. ରାଜା ଓ ପ୍ରଜାମାନଙ୍କ ମଧ୍ୟରେ ପ୍ରାଚୀନ ସମ୍ପର୍କ କିପରି ଥିଲା ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି । ରାଜା ଓ ପ୍ରଜାମାନଙ୍କ ମଧ୍ୟରେ ପ୍ରାଚୀନ ସମ୍ପର୍କ ଅତ୍ୟନ୍ତ ଉତ୍ତମ ଥିଲା, ଯାହାକୁ କବି ସୁଧାରାଶି ବୋଲି କହିଛନ୍ତି ।

୬. କାହା କାହାର ସମ୍ପର୍କକୁ ବାଜ ଓ ପାରାର ସମ୍ପର୍କ ବୋଲି କୁହାଯାଇଛି ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି । କବିଙ୍କ ସମୟରେ ରାଜା ଓ ପ୍ରଜାର ସମ୍ପର୍କକୁ ବାଜ ଓ ପାରାର ସମ୍ପର୍କ ବୋଲି କୁହାଯାଇଛି ।

୭. ପ୍ରଜାଙ୍କ ଶ୍ରମାର୍ଜିତ ଗ୍ରାସ କିଏ କାଢ଼ି ନେଇଛି ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ଉଲ୍ଲେଖ କରିଛନ୍ତି । ଭୋଗ ଅଭିଳାଷୀ ରାଜାମାନେ ପ୍ରଜାଙ୍କ ମୁଖରୁ ଶ୍ରମାର୍ଜିତ ଗ୍ରାସ କାଢ଼ି ନେଇଛନ୍ତି ବୋଲି କବି କହିଛନ୍ତି ।

୮. ନିର୍ମମ ବିଦେଶୀ ନୀତି କ'ଣ ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି । ନିର୍ମମ ବିଦେଶୀ ନୀତି ହେଉଛି ପ୍ରଜାମାନଙ୍କୁ ସବୁ ଭାବରେ ଶୋଷଣ କରିବା ।

୯. ଦେଶୀ ରାଜାମାନେ କିପରି ବିଦେଶୀ ନୀତି ଆପଣେଇ ଥିଲେ ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି ଦେଶୀ ରାଜାମାନେ ସର୍ବଶୋଷଣକାରୀ ନିର୍ମମ ବିଦେଶୀ ନୀତି ଆପଣେଇ ଥିଲେ ।

୧୦. ରାଜାମାନେ ପ୍ରଜାମାନଙ୍କୁ କିପରି ଭୟଭୀତ କରାଉଥିଲେ ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି । ରାଜାମାନେ ପ୍ରଜାମାନଙ୍କୁ ବିଦେଶୀ ସଙ୍ଗୀନରେ (ବନ୍ଧୁକ ମୁନରେ) ଭୟଭୀତ କରାଉଥିଲେ ।

୧୧. ଦରବାର କାଳୀନ ରାଜାଙ୍କର ରାଜଧର୍ମ କିପରି ଥିଲା ?

ଉତ୍ତର: 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି । ଦରବାରକାଳୀନ ରାଜାଙ୍କର ରାଜଧର୍ମ ଥିଲା ପ୍ରଜାମାନଙ୍କ ଧନକୁ କୌଣସି ପ୍ରକାରେ ହୋହିନେବା ।

୧୨. ରାଜାମାନେ ବିଦେଶୀଙ୍କୁ କିପରି କୁକୁଟାଣ୍ଡ ଖୁଆଉଥିଲେ ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ଉଲ୍ଲେଖ କରିଛନ୍ତି । ରାଜାମାନେ ଦୁଃଖୀ, ରଙ୍କି, ଅରକ୍ଷିତ ଓ ବିଧବାମାନଙ୍କୁ ଶୋଷଣ କରି ବିଦେଶୀଙ୍କୁ କୁକୁଟାଣ୍ଡ ଖୁଆଉଥିଲେ ।

୧୩. ରାଜାମାନେ କ'ଣ ପାଇଁ ଟାକି ରହିଥିଲେ ବୋଲି କୁହାଯାଇଛି ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ଉଲ୍ଲେଖ କରିଛନ୍ତି । ରାଜାମାନେ ପ୍ରଜାମାନଙ୍କ ଉପରେ ଜୋରିମାନା କରି, ସେହି ଧନରେ ନିଜର ମାଲଖାନା ପୂରଣ କରିବାପାଇଁ ଟାକି ରହିଥିଲେ ।

୧୪. ଧନ ଅର୍ଜନରେ ପ୍ରକୃତ ସୁଫଳ କିପରି ମିଳେ ବୋଲି କବି କହିଛନ୍ତି ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ଉଲ୍ଲେଖ କରିଛନ୍ତି । ଧନ ଅର୍ଜନର ପ୍ରକୃତ ସୁଫଳ କେବେଳ ସୁବ୍ୟୟରେ ମିଳିଥାଏ ବୋଲି କବି କହିଛନ୍ତି ।

୧୫. ମଣିଷର ମୃତ୍ୟୁପରେ ତା' ଅର୍ଜିତ ଧନର କି ପରିଣତି ହୁଏ ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ଉଲ୍ଲେଖ କରିଛନ୍ତି । ମଣିଷର ମୃତ୍ୟୁପରେ ତା' ଅର୍ଜିତ ଧନକୁ ସେ ସାଙ୍ଗରେ ନେଇକରି ଯାଏ ନାହିଁ, ସବୁକିଛି ସେମିତି ପଡ଼ିରହିଥାଏ ।

୧୬. ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡର କାହିଁକି 'ଅଶ୍ରୁସିକ୍ତ ଗଣ୍ଡ' କରିଥିଲେ ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ଉଲ୍ଲେଖ କରିଛନ୍ତି । ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡରଙ୍କର ଜୟ କରିବାକୁ ଆଉ କୌଣସି ଧରାଖଣ୍ଡ ନଥିବାରୁ, ସେ ଅଶ୍ରୁସିକ୍ତ ଗଣ୍ଡ କରିଥିଲେ ଅର୍ଥାତ୍ କାନ୍ଦି ପକାଇଥିଲେ ।

୧୭. 'ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ' କିଏ କେତେବେଳେ କହିଥିଲେ ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି । ବିଶ୍ୱବିଜୟୀ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାର ଏକଥା ମୃତ୍ୟୁ ପୂର୍ବରୁ ନିଜର ସହଚରମାନଙ୍କୁ କହିଥିଲେ । ତାଙ୍କ ମୃତ୍ୟୁ ପରେ ବୋକେଇ ଶବ ନେଲାବେଳେ ଦୁଇହସ୍ତ ଦୁଇ ପାର୍ଶ୍ୱକୁ ଝୁଲାଇ ରଖିବାକୁ ସେ କହିଥିଲେ, ଯେଉଁଥିରେ ଜଗତବାସୀ ଜାଣିବେ ଯେ ସେ ଶୂନ୍ୟ ହସ୍ତରେ ଆସିଥିଲେ ଓ ଶୂନ୍ୟହସ୍ତରେ ଫେରିଗଲେ ।

୧୮. ରାଜାମାନେ ପ୍ରଜାଙ୍କଠାରୁ ଶୋଷଣ କରି ଆଣୁଥିବା ବିତ୍ତ କିପରି ବ୍ୟୟ କରୁଥିଲେ ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି । ରାଜାମାନେ ପ୍ରଜାମାନଙ୍କଠାରୁ ଶୋଷଣ କରି ଆଣୁଥିବା ବିତ୍ତକୁ ଗଣିକା, ଓକିଲ, ଛାମୁଆମାନଙ୍କ ପୋଷଣରେ ବ୍ୟୟ କରୁଥିଲେ ।

୧୯. କବି କାହିଁକି କାଳକୁ ନିଷ୍ଠୁର ଓ ଅବିଶ୍ୱାସୀ ବୋଲି କହିଛନ୍ତି ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ଉଲ୍ଲେଖ କରିଛନ୍ତି । କବି କାଳକୁ ନିଷ୍ଠୁର ଓ ଅବିଶ୍ୱାସୀ ବୋଲି କହିଛନ୍ତି, କାରଣ ଯେକୌଣସି ସମୟରେ କାଳ ଆସି ପହଞ୍ଚି ଯାଇପାରେ ।

୨୦. ମାୟା ବଢ଼ିଲେ କ'ଣ ହୁଏ ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ଉଲ୍ଲେଖ କରିଛନ୍ତି । ମାୟା ବଢ଼ିଲେ ମାୟାର ଚେର ତଳକୁ ତଳ ଭେଦିଥାଏ । ଅର୍ଥାତ୍ ସାଂସାରିକ ବନ୍ଧନ ଦୃଢ଼ ହୋଇଥାଏ ।

୨୧. ଧର୍ମ ପୋତ କିଏ ଓ କାହିଁକି ଗଢ଼ିଛନ୍ତି ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ଉଲ୍ଲେଖ କରିଛନ୍ତି । ଧର୍ମପୋତକୁ ବିଧି, ସଂସାର ବାରିଧି କରିବାପାଇଁ ଗଢ଼ିଛନ୍ତି ।

୨୨. ପ୍ରକୃତ ବଡ଼ପଣ କ'ଣ ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ଉଲ୍ଲେଖ କରିଛନ୍ତି । ପ୍ରକୃତ ବଡ଼ପଣ ହେଉଛି ଧର୍ମ, ଯାହାକୁ କାଳ କବଳିତ କରିପାରେ ନାହିଁ ଓ ସେ ଦ୍ୱିଲୋକ ସାଧନୀ ହୋଇଥାଏ ।

୨୩. 'ଉଚ୍ଚ ହୋଇ ଲାଭ ଉଚ୍ଚତର ଗତି' କିଏ କାହାକୁ କହିଛି ?

ଉତ୍ତର : 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ଉଲ୍ଲେଖ କରିଛନ୍ତି । ରାଜାମାନେ ରାଜଧର୍ମରେ ମନ ଦେଇ ମହତ କାର୍ଯ୍ୟ କରି ଉଚ୍ଚତର ଗତି ଲାଭ କରନ୍ତୁ ବୋଲି କବି ପରାମର୍ଶ ଦେଇଛନ୍ତି ।

(ଘ) ନିମ୍ନଲିଖିତ ପ୍ରଶ୍ନର ଉତ୍ତର ୩୦ଟି ଶବ୍ଦରେ ଉତ୍ତର ଲେଖ ।

୧. ପୂର୍ବପୁରୁଷଙ୍କ ପ୍ରତିଷ୍ଠା ବିଷୟରେ କବି କି ସୂଚନା ଦେଇଛନ୍ତି ?

ଉତ୍ତର : କବିତା-ବଡ଼ପଣ କବି-ରାଧାନାଥ ରାୟ, ନିଜର ବଡ଼ପଣ ଦେଖାଇ ହେଉଥିବା ରାଜାମାନଙ୍କୁ କେନ୍ଦ୍ରକରି କବି ସେମାନଙ୍କ ପୂର୍ବପୁରୁଷଙ୍କ ପ୍ରତିଷ୍ଠା ବିଷୟରେ ସୂଚନା ଦେଇଛନ୍ତି । ପୂର୍ବପୁରୁଷଙ୍କ କବି କେଶରୀ ବା ସିଂହ ସହିତ ତୁଳନା କରିଛନ୍ତି । ସେମାନଙ୍କର ପ୍ରତିଷ୍ଠା ଏତେ ବିଶାଳ ଥିଲା ଯାହାକୁ ପରବର୍ତ୍ତୀ ସନ୍ତାନମାନେ କେବଳ ବିକିଭାଙ୍ଗି ଚଳିଯାଉଥିଲେ ।

୨. ଉତ୍କଳର ପୂର୍ବ ସମ୍ରାଟମାନଙ୍କର ପରିଚୟ କିପରି ଥିଲା ?

ଉତ୍ତର : କବିତା-ବଡ଼ପଣ କବି-ରାଧାନାଥ ରାୟ, ଉତ୍କଳର ପୂର୍ବ ସମ୍ରାଟମାନେ ସିଂହ ପରି ପରାକ୍ରମୀ ଥିଲେ ଏବଂ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ବହ୍ନିଶିଖା ପରି ସେମାନେ ଉନ୍ନତି କରୁଥିଲେ । ସେମାନେ ତାଙ୍କ ରାଜ୍ୟକୁ ଏକ ପରିବାର ସଦୃଶ ମନେ କରୁଥିଲେ ଓ ପ୍ରଜାମାନଙ୍କୁ ବାତ୍ସଲ୍ୟ ସ୍ନେହରେ ବାନ୍ଧି ରଖୁଥିଲେ ।

୩. 'ରାଜା ପ୍ରଜା ଏବେ ହେଲେ ବାଜ ପାରା'- କେଉଁ ପ୍ରସଙ୍ଗରେ କୁହାଯାଇଛି ?

ଉ.: କବିତା-ବଡ଼ପଣ କବି-ରାଧାନାଥ ରାୟ, ପୂର୍ବ ରାଜାମାନେ ସେମାନଙ୍କ ରାଜ୍ୟକୁ ଏକ ପରିବାର ସଦୃଶ ମନେ କରୁଥିଲେ ଓ ପ୍ରଜାମାନଙ୍କ ମଙ୍ଗଳ ପାଇଁ ସବୁବେଳେ ତତ୍ପର ରହୁଥିଲେ । ମାତ୍ର କବିଙ୍କ ସମୟର ରାଜାମାନେ ପ୍ରଜାମାନଙ୍କୁ ବହୁ ଭାବରେ ଶୋଷଣ କରୁଛନ୍ତି, ଯାହାକୁ କବି ବାଜ ଓ ପାରା ସହିତ ତୁଳନା କରିଛନ୍ତି ।

୪. ଧନ ଅର୍ଜନ ଓ ଏହାର ସୁ ବ୍ୟୟ କିପରି ହୋଇପାରିବ ବୋଲି କବି ପରାମର୍ଶ ଦେଇଛନ୍ତି ?

ଉ.: କବିତା-ବଡ଼ପଣ କବି-ରାଧାନାଥ ରାୟ, କେବଳ ଧନ ଅର୍ଜନ କଲେ ଓ ଯକ୍ଷ ପରି ଧନକୁ ଜଗିବାରେ କୌଣସି ଫଳ ମିଳେ ନାହିଁ । ଧନ ଅର୍ଜନ ସହିତ ଏହାର ସୁବ୍ୟୟରେ ସଫଳତା ମିଳିଥାଏ ବୋଲି କବି କହିଛନ୍ତି । ଧନକୁ ପ୍ରଜାମାନଙ୍କ ମଙ୍ଗଳ ପାଇଁ ବିନିଯୋଗ କଲେ ଧନର ସୁବ୍ୟୟ ହୋଇପାରିବ ବୋଲି କବି ସୂଚାଇ ଦେଇଛନ୍ତି ।

୫. ଆଲେକ୍‌ଜାଣ୍ଡରଙ୍କ ଶେଷ ଇଚ୍ଛା କ'ଣ ଥିଲା ?

ଉ.: କବିତା-ବଡ଼ପଣ କବି-ରାଧାନାଥ ରାୟ, ଆଲେକ୍‌ଜାଣ୍ଡର ମୃତ୍ୟୁ ସମୟ ନିକଟ ହେବାରୁ ନିଜର ଶେଷ ଇଚ୍ଛା ପ୍ରକାଶ କରି କହିଥିଲେ ମୋର ମୃତ୍ୟୁ ପରେ, ମୋର ଶବକୁ କୋକେଇରେ ନେଲାବେଳେ ଦୁଇପାଖକୁ ମୋର ହାତ ଝୁଲାଇ ଦେବ । ଖାଲି ହାତକୁ ଦେଖି ଜଗତ ଜାଣିବ, ମୁଁ ଶୂନ୍ୟ ହସ୍ତରେ ଆସିଥିଲି ଓ ଶୂନ୍ୟହସ୍ତରେ ଫେରିଗଲି ।

୬. ରାଜା ଓ ଜମିଦାରଙ୍କ ଅର୍ଥ କିପରି ଅପବ୍ୟୟିତ ହେଉଥିଲା ବୋଲି କବି ଉଲ୍ଲେଖ କରିଛନ୍ତି ?

ଉ.: କବିତା-ବଡ଼ପଣ କବି-ରାଧାନାଥ ରାୟ, ସମୟରେ ରାଜା ଓ ପ୍ରଜା ଜମିଦାରମାନେ ପ୍ରଜାଙ୍କ ଧନକୁ ବହୁଳ ଭାବରେ ଶୋଷଣ କରି, ତାହାକୁ ଗଣିକା, ଓକିଲ ଓ ଛାମୁଆଙ୍କ ପୋଷଣରେ ଅପବ୍ୟୟିତ କରୁଥିଲେ ବୋଲି କହିଛନ୍ତି ।

୭. ମଣିଷ ଜୀବନରେ କାଳର ମହତ୍ତ୍ୱକୁ କବି କିପରି ବର୍ଣ୍ଣନା କରିଛନ୍ତି ?

ଉ.: 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ, ଏହା ବର୍ଣ୍ଣନା କରିଛନ୍ତି । କାଳ ହେଉଛି ବଡ଼ କ୍ରୂର ଓ ଅବିଶ୍ୱାସୀ । ସେ ଯେକୌଣସି ସମୟରେ ମଣିଷ ନିକଟରେ ପହଞ୍ଚିଯାଇପାରେ । ପୁନଶ୍ଚ ଯେଉଁମାନେ କାଳ ଦୂରରେ ରହିଛି ବୋଲି ହସୁଥାଆନ୍ତି, କାଳ ସେମାନଙ୍କ ପଛରେ ହସିକରି ଲୁଚି ବସିଥାଏ

୮. କେଉଁ ଦୁଃଖରୁ ନିସ୍ତାର ଲାଭ କରିବା ପାଇଁ ହୁସିଆର ହୋଇ ରହିବାକୁ କବି ପରାମର୍ଶ ଦେଇଛନ୍ତି ।

ଉ.: 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି, ମୋହରୁ ଦୂରେଇ ରହିବାକୁ କବି ମଣିଷକୁ ପରାମର୍ଶ ଦେଇଛନ୍ତି । ମଣିଷର ମାୟା ବନ୍ଧନ ଯେତିକି ବଢ଼ିଥାଏ, ମୃତ୍ୟୁ ତାହାକୁ ସେତିକି କଷ୍ଟ ଦେଇଥାଏ । ଜୀବନ ଓ ମୃତ୍ୟୁର କଠିନ ଝିଙ୍କାଝିଙ୍କା ରୂପକ ଦୁଃଖରୁ ନିସ୍ତାର ଲାଭ କରିବା ପାଇଁ କବି ପରାମର୍ଶ ଦେଇଛନ୍ତି ।

୯. ଉଚ୍ଚତର ଗତି କିପରି ଲାଭ କରାଯାଇପାରେ ବୋଲି କବି କହିଛନ୍ତି ?

ଉ.: 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି । ରାଜା ଓ ଜମିଦାରମାନେ ପ୍ରଜାମାନଙ୍କ ସୁଖ ଦୁଃଖକୁ କୌଣସି ସମୟରେ ବିଚାର ନ କରି ନିଜର ସ୍ୱାର୍ଥକୁ ଦେଖିଛନ୍ତି । ପ୍ରକୃତ ରାଜଧର୍ମ ପାଳନ କରିବାକୁ ସେମାନେ ଇଚ୍ଛା କରିନାହାନ୍ତି । କବି ସେମାନଙ୍କୁ ପ୍ରକୃତ ରାଜଧର୍ମ ପାଳନ କରିବାକୁ ଉପଦେଶ ଦେଇଛନ୍ତି, ଯାହାଦ୍ୱାରା ସେମାନେ ଉଚ୍ଚତର ଗତି ଲାଭ କରିପାରିବେ ।

୧୦. 'ବଡ଼ପଣ' ନିଦା କହିବାର ଯଥାର୍ଥତା କ'ଣ ବିଚାର କର ।

ଉ.: 'ବଡ଼ପଣ' କବିତାରେ କବିବର ରାଧାନାଥ ରାୟ ଏହା ବର୍ଣ୍ଣନା କରିଛନ୍ତି । ପ୍ରକୃତ ବଡ଼ପଣ ଧର୍ମକାର୍ଯ୍ୟ ସାଧନ ଦ୍ୱାରା ଅର୍ଜିତ ପୁଣ୍ୟରୁ ମିଳିଥାଏ । ସେହି ବଡ଼ପଣକୁ କ୍ରୂର କାଳ ଗ୍ରାସ କରିପାରେ ନାହିଁ, ସେହି ବଡ଼ପଣ ମଣିଷର ମୃତ୍ୟୁପରେ ମଧ୍ୟ ପ୍ରତିଷ୍ଠା ହରାଇନଥାଏ । ତେଣୁ କବି ବଡ଼ପଣକୁ ନିଦା କହିବା ଯଥାର୍ଥ ଅଟେ ।

**(ଡ) ଦୀର୍ଘ ପ୍ରଶ୍ନର ଉତ୍ତର ।**

୧. 'ବଡ଼ପଣ' କବିତାର ସାରମର୍ମ ନିଜଭାଷାରେ ଲେଖ ।

ଉ.: 'ବଡ଼ପଣ' କବିତାଟି କବିବର ରାଧାନାଥ ରାୟଙ୍କର ଏକ ମାତ୍ର ବ୍ୟଙ୍ଗ କାବ୍ୟ 'ଦରବାର'ର ଏକ ଉପାଦେୟ ଅଂଶ । କବିଙ୍କ ସମୟରେ ଅର୍ଥାତ୍ ୧୮୯୪ ମସିହା ଅଗଷ୍ଟ ୨୯ ତାରିଖରେ ରାୟବାହାଦୂର ଉପାଧି ଦେବା ପାଇଁ ଯେଉଁ ଦରବାର ଆୟୋଜନ ହୋଇଥିଲା, ସେହି ପୃଷ୍ଠଭୂମିରେ କବି କାବ୍ୟକୁ ରଚନା କରିଥିଲେ । ସେହି ଦରବାରରେ ନିଜ ବଡ଼ପଣ ଦେଖାଇବା ପାଇଁ, ସେ ସମୟର ଅନେକ ରାଜା ଓ ଜମିଦାର ଉପସ୍ଥିତ ହୋଇଥିଲେ । କବି ସେହି ଇଂରେଜ ତୋଷାମଦକାରୀ ରାଜାମାନଙ୍କୁ ରାଜଧର୍ମ ପାଳନ କରିବା ପାଇଁ ପ୍ରକାରାନ୍ତରେ ପରାମର୍ଶ ଦେଇଥିଲେ । କବିଙ୍କ ମତରେ ଭୋଗବିଳାସ ପରିତ୍ୟାଗ କରି, ପୂର୍ବ ବଂଶଜମାନଙ୍କ ପରି କ୍ଷତ୍ରିୟ ଧର୍ମପାଳନକରି ନୈତିକ ଓ ଧାର୍ମିକ ଜୀବନରେ ବ୍ରତୀ ହେବା ହେଉଛି ରାଜାର ପ୍ରକୃତ କର୍ତ୍ତବ୍ୟ ।

କବିତାର ପ୍ରଥମ ପର୍ଯ୍ୟାୟରେ କବି ରାଜାମାନଙ୍କୁ ନିଜର ସ୍ୱାଭିମାନ ଓ ପରମ୍ପରା ରକ୍ଷା କରିବା ପାଇଁ କହିଛନ୍ତି । ପୂର୍ବରୁ ରାଜାମାନେ ରାଜ୍ୟକୁ ପରିବାର ପରି ଓ ପ୍ରଜାମାନଙ୍କୁ ପୁତ୍ର ମନେ କରୁଥିଲେ । ମାତ୍ର ବର୍ତ୍ତମାନର ରାଜାମାନେ ପ୍ରଜାମାନଙ୍କୁ କୌଣସି

ପ୍ରକାରେ ଶୋଷଣ କରି, ବିଦେଶୀ ଶାସକଙ୍କ ସନ୍ତୁଷ୍ଟ କରିବାକୁ ଚାହୁଁଛନ୍ତି । ଧନ ଅର୍ଜନର ସାର୍ଥକତା କେବଳ ସୁବ୍ୟୟରେ ହୋଇଥାଏ ବୋଲି କବି କହିଛନ୍ତି । କବି ଏହି ପର୍ଯ୍ୟାୟରେ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାରଙ୍କ ଉଦାହରଣ ଦେଇ, ଜୀବନର ଅସାରତା ପ୍ରମାଣ କରିଛନ୍ତି ।

କବି ପରାମର୍ଶ ଦେଇ କହିଛନ୍ତି, କାଳର ନିଷ୍ଠୁର ପ୍ରଭାବରୁ କେହି ମୁକ୍ତ ନୁହଁନ୍ତି । ଜନ୍ମ ଅନୁସାରେ ବଡ଼ପଣ ପାଇଥିବାରୁ, ସେହି ବଡ଼ ପଣକୁ ସ୍ଥାୟୀ କରିବା ପାଇଁ କବି ପରାମର୍ଶ ଦେଇଛନ୍ତି । ବିଧର୍ମୀ ରାଜାମାନଙ୍କୁ କବି ସତର୍କ କରି କହିଛନ୍ତି, ଏ ସଂସାର ବାରିଧିରୁ ପାର ହେବା ପାଇଁ ଏକମାତ୍ର ଧର୍ମ ପୋତର ଆବଶ୍ୟକତା ରହି । ଧର୍ମ ହିଁ ଜୀବନର ଏକ ମାତ୍ର ସତ୍ୟ ।

କବିତାର ଶେଷପର୍ଯ୍ୟାୟରେ କବି କହିଛନ୍ତି, ଯଥାର୍ଥ ବଡ଼ ପଣ ହେଉଛି କାଳଜୟୀ କର୍ମ । ଯେଉଁ କର୍ମ ପାଇଁ ମଣିଷ ମରି ମଧ ଅମର ହୋଇଥାଏ । କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି, ଲାଳସାରୁ ମନକୁ ଦୂରେଇ ନେଇ, ଯଥାର୍ଥ ରାଜଧର୍ମ ପାଳନ କଲେ, ଜୀବନର ସାର୍ଥକତା ଓ ବଡ଼ପଣ ପ୍ରତିପାଦିତ ହୋଇପାରିବ ।

୨. ମଣିଷ କିପରି ଉଚ୍ଚ ହୋଇ ଉଚ୍ଚତର ଗତି ଲାଭ କରିପାରିବ – ପଠିତ 'ବଡ଼ପଣ' କବିତା ଅବଲମ୍ବନରେ ଆଲୋଚନା କର ।

ଉ.: 'ବଡ଼ପଣ' କବିତାଟି କବିବର ରାଧାନାଥ ରାୟଙ୍କ ବ୍ୟଙ୍ଗାତ୍ମକ କାବ୍ୟ 'ଦରବାର'ର ଅଂଶବିଶେଷ । ଏଥିରେ କବି ପ୍ରମାଣ କରିଛନ୍ତି, କର୍ମ ହିଁ ମଣିଷକୁ ଉଚ୍ଚ ଓ କାଳଜୟୀ କରିଥାଏ । କେବଳ ବଡ଼ ଘରେ ଜନ୍ମ ନେଲେ, ସେମାନେ ସାମାୟିକ ବଡ଼ ବୋଲାଇଲେ ବି, ତାହା ସ୍ଥିର ହୋଇ ରହିନଥାଏ । କବି ନିଜର ଦାର୍ଶନିକ ଓ ସର୍ବକାଳୀନ ଚିନ୍ତାକୁ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି ।

ଦରବାରରେ ଯେଉଁମାନେ ନିଜର ବଡ଼ପଣ ଦେଖାଉଥିଲେ, ସେମାନେ ଥିଲେ ନାମକ ମାତ୍ର ରାଜା । ସେମାନଙ୍କର ସେହି ବଡ଼ପଣ ନିର୍ଭର କରୁଥିଲା ଇଂରେଜ ସରକାରଙ୍କ କୃପା ଦୃଷ୍ଟି ଉପରେ । ଫଳରେ ସେମାନେ ନିଜର ମହତ୍ତ୍ୱ ରେଖି ପ୍ରଜାଙ୍କୁ କୌଣସି ପ୍ରକାରେ ଶୋଷଣ କରି, ଇଂରେଜମାନଙ୍କୁ ସନ୍ତୁଷ୍ଟ କରିବାକୁ ଚାହୁଁଥିଲେ । କବି ସେହିରାଜାମାନଙ୍କୁ ପରାମର୍ଶ ଦେଇ ଯଥାର୍ଥ ବଡ଼ପଣ ଲାଭ କରି ଉଚ୍ଚ ହେବା ପାଇଁ କରିଛନ୍ତି ।

କବି ସେ ସମୟର ରାଜାମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ସେହି ହେଉଛି ପ୍ରକୃତ ବଡ଼, ଯାହାକୁ କାଳ କବଳିତ କରିପାରେ ନାହିଁ । ସେ ସଂସାର ଛାଡ଼ି ଚାଲିଗଲେ ମଧ ସେ ପରବର୍ତ୍ତୀ ଦାୟାଦଙ୍କ ନିକଟରେ ଅମର ହୋଇ ରହିଥାଏ । କବି ସେଭଳି ବ୍ୟକ୍ତିଙ୍କୁ ଦ୍ୱିଲୋକ ସାଧନୀ ବୋଲି କହିଛନ୍ତି । କାରଣ ସେମାନେ ଇହଲୋକ ଓ ପରଲୋକରେ ନିଜର କର୍ମପାଇଁ ବଡ଼ପଣ ଲାଭ କରିଥାନ୍ତି । କାଳର ବଜ୍ରଦନ୍ତ ସେମାନଙ୍କୁ କବଳିତ କରି ପାରେ ନାହିଁ । କବିଙ୍କ ମତରେ ଦେଖାଇ ହେବା ରାଜପଣରେ କୌଣସି ମୂଲ୍ୟ ନାହିଁ । ବରଂ ମନକୁ ଲାଳସା ମୁକ୍ତ କରି ରାଜଧର୍ମ ପାଳନ କଲେ, ନିଜେ ଉଚ୍ଚ ହେବ ଏବଂ ଉଚ୍ଚତର ଗତିଲାଭ କରିବ । ଧର୍ମପଥରେ ପରିଚାଳିତ ହୋଇ, ଆତ୍ମତତ୍ତ୍ୱରେ ମନ ଦେଲେ, ରାଜପଦ କାଳଜୟୀ ହୋଇପାରିବ । ନିଜେ ଉଚ୍ଚ ହେବା ସହିତ ସମସ୍ତଙ୍କୁ ସୁଖରେ ରଖିବାର କାରଣ ହୋଇପାରିବ ।

୩. 'ବଡ଼ପଣ' କବିତା କବିତା ଆଧାରରେ କବି ରାଧାନାଥଙ୍କ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀର ପରିଚୟ ପ୍ରଦାନ କର ।

ଉ.: 'ବଡ଼ପଣ' କବିତାର କବିବର ରାଧାନାଥ ରାୟ, ଜୀବନର ସର୍ବକାଳୀନ ସତ୍ୟକୁ ପରିପ୍ରକାଶ କରିବାକୁ ଯାଇ, ନିଜସ୍ୱ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି । କବିଙ୍କର ବ୍ୟଙ୍ଗାତ୍ମକ କାବ୍ୟ ଦରବାର ଅଂଶବିଶେଷ । ଦରବାର କାବ୍ୟ, ସେ ସମୟର ରାଜା ଓ

ଜମିଦାରମାନଙ୍କୁ ସଚେତନ କରିବା ପାଇଁ ସୃଷ୍ଟି କରାଯାଇଥିଲା । ଏଥିରେ ପ୍ରଜାମାନଙ୍କୁ ବହୁଭାବରେ ଶୋଷଣ କରି ନିଜର ବଡ଼ପଣ ଦେଖାଉଥିବା ରାଜାମାନଙ୍କୁ କବି ପ୍ରକାରାନ୍ତରେ ସଚେତନ କରାଇଛନ୍ତି ଓ ଜୀବନର ପ୍ରକୃତ ମୂଲ୍ୟବୋଧକୁ ଦେଖାଇଛନ୍ତି ।

ମଣିଷ ଜୀବନ ଅସ୍ଥାୟୀ, ଠିକ୍ ପାଣିଫୋଟକା ପରି । ଯେକୌଣସି ସମୟରେ ମୃତ୍ୟୁ ଆସି, ଜୀବନକୁ କବଳିତ କରିଦେଇପାରେ । ତେଣୁ ଜୀବନର ମୂଲ୍ୟ ବୁଝି, ମୃତ୍ୟୁ ପ୍ରତି ସଚେତନ ହେବାକୁ କବି ପରାମର୍ଶ ଦେଇଛନ୍ତି । ଫୁଟା ମାଠିଆରୁ ପାଣି ଯେପରି ଧୀରେ ଧୀରେ ବୋହିଯାଏ, ଠିକ୍ ସେହିପରି ମଣିଷର ଆୟୁ ପ୍ରତିକ୍ଷଣ ସରି ସରି ଆସେ । କାଳ ଦୂରରେ ଅଛି ବୋଲି, ଯେ ହସୁଥାଏ, ବୃଥା ଦାମ୍ଭିକତା ପ୍ରକାଶ କରୁଥାଏ, ମୃତ୍ୟୁ ତା' ନିକଟରେ ଲୁଚି ବସିଥାଏ । ଯେକୌଣସି ସମୟରେ ମୃତ୍ୟୁ ତାକୁ କବଳିତ କରିଥାଏ । ସ୍ଥାନ, କାଳ, ପାତ୍ର ଭେଦ ତା'କୁ ଜଣା ନ ଥାଏ । କବି ସେ ସମୟର ଦାମ୍ଭିକ ରାଜା ଓ ମର୍ତ୍ତ୍ୟବାସୀ ମଣିଷମାନଙ୍କୁ, କାଳପ୍ରତି ସଚେତନ ହେବା ପାଇଁ ପରାମର୍ଶ ଦେଇଛନ୍ତି । ସେ ସମୟର ରାଜାମାନେ, ରାଜଧର୍ମର ମହତ୍ତ୍ୱକୁ ଭୁଲି, କେବଳ ପଦବୀ ପାଇଁ ଆଶାୟୀ ହୋଇଥିବାକୁ କବି ଅସାର ବୋଲି କହିଛନ୍ତି । ରାଜାମାନଙ୍କୁ ସେମାନଙ୍କର ଅପକର୍ମ ଲାଗି ସଚେତନ କରାଇଦେବା ସହିତ, ମଣିଷ ଜୀବନ ଉପରେ ମୃତ୍ୟୁର ଅପ୍ରତିହତ ପ୍ରଭାବକୁ ସ୍ୱୀକାର କରିଛନ୍ତି ।

ଜୀବନର ପ୍ରକୃତ ମୂଲ୍ୟକୁ ବୁଝିବା ପାଇଁ, କବି କହିଛନ୍ତି, ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରିବାକୁ ହେଲେ, ଧର୍ମାନୁମୋଦିତ କର୍ମ କରିବାକୁ ପଡ଼ିବ । ତେଣୁ ଧର୍ମର ପରିଚାଳିତ ବ୍ୟକ୍ତିକୁ କବି ଦ୍ୱିଲୋକ ସାଧନୀ ବୋଲି କହିଛନ୍ତି । ନିଜେ ଉଚ୍ଚ ହେବାପାଇଁ ଓ ମହତ୍‌କର୍ମ ସାଧନରେ ମନ ଦେବା ପାଇଁ, କବି ପରାମର୍ଶ ଦେଇଛନ୍ତି ।

❖❖❖

# ତପସ୍ୱିନୀର ପତ୍ର

**ଗଙ୍ଗାଧର ମେହେର**

**(କ) କବି ପରିଚିତି :**

ଓଡ଼ିଆ ସାହିତ୍ୟର ଅନନ୍ୟ ସାଧାରଣ କବି ଗଙ୍ଗାଧର ପ୍ରକୃତି କବି ସ୍ୱଭାବ କବି ଭାବରେ ସୁପରିଚିତ । ଦାରିଦ୍ର୍ୟ-ନିପୀଡ଼ିତ ଜୀବନରେ ସେ ବାଣୀ ଆରାଧନାରେ ନିଜକୁ ନିୟୋଜିତ କରି ନିଜକୁ ମହିମାନ୍ୱିତ କରିଥିଲେ । ଶିକ୍ଷାଗତ ଯୋଗ୍ୟତା ମାତ୍ର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିଲେ ବି ନିଜର ନିଷ୍ଠା ଓ ଅଧ୍ୟବସାୟ ବଳରେ ସେ ବଳିଷ୍ଠ କାବ୍ୟ କବିତା ରଚୟିତା ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ତାଙ୍କର କାବ୍ୟ କବିତା ପ୍ରାଚୀନ ପରମ୍ପରାର ହୋଇଥିଲେ ମଧ୍ୟ ସେଥିରେ ଆଧୁନିକତାର ସ୍ୱର ଓ ସ୍ୱାକ୍ଷର ବାରିହୋଇ ପଡ଼ିଥିଲା । ଏହା ବ୍ୟତୀତ ସେ ପ୍ରକୃତି ଚିତ୍ରଣର ଥିଲେ ଅପୂର୍ବ ରୂପକାର । ଫଳରେ ତାଙ୍କର ପ୍ରକୃତି ଥିଲା ଜୀବନ୍ତ ଓ ଅପରୂପ ଶୋଭା ବିମଣ୍ଡିତ । ସେ ବହିଃ ପ୍ରକୃତି ସହିତ ଅନ୍ତଃ ପ୍ରକୃତିର କରିଥିଲେ ମନୋଜ୍ଞ ସମନ୍ୱୟ । ପୁନଶ୍ଚ ମାତୃଭୂମି ଓ ମାତୃଭାଷା ପ୍ରତି ଅନୁରାଗ ସୃଷ୍ଟି କରିବା ପାଇଁ ସେ ହୋଇଥିଲେ ସତତ ପ୍ରୟାସୀ । ସେ ଲେଖିଥିଲେ -

"ମାତୃଭୂମି ମାତୃଭାଷାର ମମତା
ଯା ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ।

କବି ଗଙ୍ଗାଧର ୧୮୬୨ ମସିହା ଶ୍ରାବଣ ପୂର୍ଣ୍ଣିମାରେ ସମ୍ବଲପୁରର ବରପାଲିଠାରେ ଭୂମିଷ୍ଠ ହୋଇଥିଲେ ଏବଂ ତିରୋହିତ ହୋଇଥିଲେ ୧୯୨୪ ମସିହା ଚୈତ୍ର ଅମାବାସ୍ୟାରେ ।

କବି ଜୀବନର ପ୍ରାରମ୍ଭରେ ପ୍ରାଚୀନ ରୀତିରେ ଲେଖିଥିଲେ 'ରସରତ୍ନାକର' କାବ୍ୟ । ପରବର୍ତ୍ତୀ ସମୟରେ ସେ ରଚନା କରିଥିଲେ, 'ଅହଲ୍ୟାସ୍ତବ', 'ଇନ୍ଦୁମତୀ', 'ଉତ୍କଳଲକ୍ଷ୍ମୀ', 'ଅଯୋଧ୍ୟା ଦୃଶ୍ୟ', 'କୀଚକ ବଧ', 'ପ୍ରଣୟ ବଲ୍ଲରୀ', 'ତପସ୍ୱିନୀ', 'ପଦ୍ମିନୀ', 'ଅର୍ଘ୍ୟଥାଳୀ', 'କବିତା କଲ୍ଲୋଳ' ।

**(ଖ) କବିତା ସମ୍ପର୍କରେ :**

ଆଲୋଚ୍ୟ କବିତା 'ତପସ୍ୱିନୀର ପତ୍ର' କବି ଗଙ୍ଗାଧର ମେହେରଙ୍କର କୌଣସି ସ୍ୱତନ୍ତ୍ର କବିତା ନୁହେଁ । ଏହା କବିଙ୍କର ସର୍ବଶ୍ରେଷ୍ଠ ସାହିତ୍ୟ କୃତୀ 'ତପସ୍ୱିନୀ' କାବ୍ୟର ଏକାଦଶ ସର୍ଗର ଅଂଶବିଶେଷ । ଏଥିରେ କବି ଅଯୋଧ୍ୟର ରାଜବଧୂ ତଥା ରାମ ହୃଦୟ ଜ୍ୟୋତ୍ସ୍ନା ସତୀ ସୀତାଙ୍କୁ ତପସ୍ୱିନୀ ଭାବରେ ଚିତ୍ରଣ କରିଛନ୍ତି । ତପସ୍ୱିନୀ ସୀତା ଯେତେବେଳେ ଶୁଣିବାକୁ ପାଇଛନ୍ତି, ରାମଚନ୍ଦ୍ର ଅଯୋଧ୍ୟାରେ ଯଜ୍ଞ କରାଉଛନ୍ତି, ସେତେବେଳେ ତାଙ୍କ ମନରେ ରାମଚନ୍ଦ୍ରଙ୍କ ପ୍ରତି ଆସିଛି ସନ୍ଦେହ ଭାବ । କାରଣ ସେ ଜାଣିଛନ୍ତି, ପତ୍ନୀ ବିନା ଯଜ୍ଞ କାର୍ଯ୍ୟ ସମ୍ଭବ ନୁହେଁ । ତେଣୁ ରାମଚନ୍ଦ୍ର ନିଶ୍ଚୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଛନ୍ତି । ସେହି ଦ୍ୱିତୀୟା ପତ୍ନୀ କେଉଁ ତପସ୍ୟା ଆଚରଣ କରି ଏବଂ କେଉଁ ମନ୍ତ୍ର ଜପି ଏଭଳି ସୌଭାଗ୍ୟର ଅଧିକାରିଣୀ ହୋଇଛି, ତାହା ଜାଣିବାକୁ ଚାହିଁଛନ୍ତି ।

ସେଥିପାଇଁ ସେ ରାମଚନ୍ଦ୍ରଙ୍କ ନିକଟକୁ ଏକ ବିନୟ ପତ୍ର ଲେଖିଛନ୍ତି । ଏଥିରେ କବି ସୀତାଙ୍କ ଚରିତ୍ର ମାଧ୍ୟମରେ ନାରୀ ହୃଦୟର ମାର୍ମିକ ଅନୁଚିନ୍ତା ଏବଂ ପତିବ୍ରତା ନାରୀର ମହନୀୟତାକୁ କବି ଦେଖାଇବାକୁ ଚାହିଁଛନ୍ତି । ପାତିବ୍ରତ୍ୟର ମହତ୍ତ୍ୱରେ ତାଙ୍କର ସକଳ ନାରୀ ଜନୋଚିତ ଭାବନା ସଂଗୋପିତ ହୋଇପଡ଼ିଛି । ଦେବୀ ସୀତା ପରିଣତ ହୋଇଛନ୍ତି କାରୁଣ୍ୟ ଓ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ରୂପରେ ।

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧. ଶରଣ-ବତ୍ସଳ-ଧ୍ୱଜ ରିପୁ-ଗଜାଙ୍କୁଶ – ଏଥିରେ ଧ୍ୱଜ ଶବ୍ଦର ଅର୍ଥ

(i) ରକ୍ଷକ । (ii) ପତାକା ।

(iii) ଶତ୍ରୁ । (iv) ମିତ୍ର ।

ଉ.: (ii) ପତାକା ।

୨. 'ନବବାମା' ବୋଲି କବି କାହାକୁ କହିଛନ୍ତି ?

(i) ସୀତା । (ii) ସୁନାର ସୀତା ।

(iii) ନବ ବିବାହିତା ଦ୍ୱିତୀୟା ପତ୍ନୀ । (iv) ରୁକ୍ମିଣୀ ।

ଉ.: (iii) ନବ ବିବାହିତା ଦ୍ୱିତୀୟା ପତ୍ନୀ ।

୩. ରାମଚନ୍ଦ୍ରଙ୍କର ସଦ୍‌ଗୁଣାବଳୀ ଶତଗୁଣିତ ହେଉଥିବ କାହିଁକି ?

(i) ସୀତାଙ୍କ ସ୍ମୃତିକୁ ମନେ ପକାଇ । (ii) ଲବ କୁଶଙ୍କ ପରିଚୟ ପାଇ ।

(iii) ମୁଗ୍ଧ ନବବଧୂକୁ ମୁଗ୍ଧ କରିବା ପାଇଁ । (iv) ଋଷିମାନଙ୍କୁ ଆନନ୍ଦ ପ୍ରଦାନ କରିବା ପାଇଁ ।

ଉ.: (iii) ମୁଗ୍ଧ ନବବଧୂକୁ ମୁଗ୍ଧ କରିବା ପାଇଁ ।

୪. ତାପସଙ୍କ ଅଶାନ୍ତି-ନାଶକ ବୋଲି କାହାକୁ କୁହାଯାଇଛି ?

(i) ରାମଚନ୍ଦ୍ର । (ii) ରାବଣ ।

(iii) ସୀତା । (iv) ବାଲ୍ମୀକି ।

ଉ.: (i) ରାମଚନ୍ଦ୍ର ।

୫. ସୀତା, ରାମଚନ୍ଦ୍ରଙ୍କୁ ଚିଠିଲେଖି କ'ଣ ମାଗିଥିଲେ ?

(i) ପୁଅ ଦୁହିଙ୍କୁ ରାଜଭୋଗ ପ୍ରଦାନ କରିବା ପାଇଁ ।

(ii) ନବ ପ୍ରଣୟିନୀଙ୍କୁ ବାହାର କରିଦେବା ପାଇଁ ।

(iii) ନବ ପ୍ରଣୟିନୀ କେଉଁ ଘୋର ତପସ୍ୟା କରି କେଉଁ ମନ୍ତ୍ର ଜପ କରି ରାମଚନ୍ଦ୍ରଙ୍କୁ ବର ରୂପେ ପାଇଲେ ଜଣାଇବା ପାଇଁ ।

(iv) ତାଙ୍କ ଦୋଷ କ୍ଷମା କରି ଦେବା ପାଇଁ ।

ଉ.: (iv) ତାଙ୍କ ଦୋଷ କ୍ଷମା କରି ଦେବା ପାଇଁ ।

୬. ସୀତାଙ୍କ ପୁତ୍ରଦ୍ୱୟ କିପରି ଜନନୀଙ୍କ ଜୀବନ କନ୍ଦାଉ ଥିଲେ ?

(i) ପରସ୍ପର ମଧ୍ୟରେ କଳହ କରି । (ii) ବୀଣା ସହକାରେ ରାମାୟଣ ଗାନ କରି ।

(iii) ରାମଚନ୍ଦ୍ରଙ୍କ କଥା ମନେ ପକାଇ । (iv) ପିତାଙ୍କ ପରିଚୟ ପଚାରି ।

ଉ.: (ii) ବୀଣା ସହକାରେ ରାମାୟଣ ଗାନ କରି ।

୭. ତରୁଲତାଗଣ କ'ଣ ଶୁଣି ଅଥୟ ହୁଅନ୍ତି ?

(i) ସୀତାଙ୍କ କ୍ରନ୍ଦନ । (ii) ଲବ-କୁଶଙ୍କ ରାମାୟଣ ଗାନ ।

(iii) ଋଷିମାନଙ୍କର ଓଁକାର ଧ୍ୱନି । (iv) ଋଷିକୁମାରମାନଙ୍କର ବେଦ ଧ୍ୱନି ।

ଉ.: (ii) ଲବ-କୁଶଙ୍କ ରାମାୟଣ ଗାନ ।

୮. ସୀତାଙ୍କ ଶିଶୁଦ୍ୱୟଙ୍କ ମନ କ'ଣ ପାଇଁ ସେମାନଙ୍କୁ ଆକର୍ଷିତ କରି ନେଉଥିଲା ?

(i) ରାମଚନ୍ଦ୍ରଙ୍କ ପଦ ପଙ୍କଜ ଦର୍ଶନ କରିବା ପାଇଁ ।

(ii) ରାଜା ରାମଙ୍କ ନିକଟରେ ରାମାୟଣ ଗାନ କରିବା ପାଇଁ ।

(iii) ମାତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିଶୋଧ ନେବାପାଇଁ ।

(iv) ଅଯୋଧ୍ୟା ଯାଇ ନିଜର ପିତାଙ୍କୁ ପରିଚୟ ଦେବାପାଇଁ ।

ଉ.: (i) ରାମଚନ୍ଦ୍ରଙ୍କ ପଦ ପଙ୍କଜ ଦର୍ଶନ କରିବା ପାଇଁ ।

୯. କ'ଣ ଶୁଣି ସୀତାଙ୍କର ହୃଦୟ ହାଣି ହୋଇଯାଉଥିଲା ?

(i) ଶିଶୁଦ୍ୱୟଙ୍କ କ୍ରନ୍ଦନ । (ii) ରାମଚନ୍ଦ୍ରଙ୍କ ଗତ ଦୁଃଖର କାହାଣୀ ।

(iii) ଜନକଙ୍କ ଅସୁସ୍ଥତା । (iv) ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞ ।

ଉ.: (ii) ରାମଚନ୍ଦ୍ରଙ୍କ ଗତ ଦୁଃଖର କାହାଣୀ ।

୧୦. ରାମଚନ୍ଦ୍ର ସୀତାଙ୍କ ପ୍ରେମକୁ କାହିଁକି ସ୍ୱପ୍ନ ମନେ କରିବେ ବୋଲି ସୀତା ଲେଖିଛନ୍ତି ?

(i) ନବ ପ୍ରଣୟିନୀର ମୁଖ ଦର୍ଶନ କରି । (ii) ରାଜ କାର୍ଯ୍ୟରେ ବ୍ୟସ୍ତ ରହି ।

(iii) ପୁତ୍ରଦ୍ୱୟଙ୍କ ପରିଚୟ ପାଇ । (iv) ରାମାୟଣର କଥା ଶ୍ରବଣ କରି ।

ଉ.: (i) ନବ ପ୍ରଣୟିନୀର ମୁଖ ଦର୍ଶନ କରି ।

୧୧. ସୀତା ପତ୍ର ଲେଖୁଥିଲା ବେଳେ କିଏ ହସି ହସି ପହଞ୍ଚିଲେ ?

(i) ବାଲ୍ମୀକି । (ii) ଲବ-କୁଶ ।

(iii) ସଖୀ । (iv) ରାମଙ୍କ ଦୂତ ।

ଉ.: (ii) ଲବ-କୁଶ ।

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧. ତପସ୍ୱିନୀ କିଏ ?

ଉ.: ବାଲ୍ମିକୀ ଆଶ୍ରମର ସନ୍ୟାସିନୀ ଭାବରେ ରହିଥିବା ସୀତା ହେଉଛନ୍ତି ତପସ୍ୱିନୀ ।

୨. ତପସ୍ୱିନୀର ପତ୍ର କାହା ଉଦ୍ଦେଶ୍ୟରେ ଲିଖିତ ?

ଉ.: ତପସ୍ୱିନୀର ପତ୍ର ଅଯୋଧ୍ୟାର ନରେଶ ରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଲିଖିତ ।

୩. ଶରଣବତ୍ସଳ ବୋଲି କବି କାହାକୁ କହିଛନ୍ତି ?

ଉ.: ଶରଣବତ୍ସଳ ବୋଲି କବି ରାମଚନ୍ଦ୍ରଙ୍କୁ କହିଛନ୍ତି ।

୪. ଦୁଃଖଗିରିର ବଜ୍ର କିଏ ?

ଉ.: ଦୁଃଖଗିରିର ବଜ୍ର ହେଉଛନ୍ତି, ପ୍ରଜାଙ୍କ ଦୁଃଖ ଦୂର କରୁଥିବା ରାମଚନ୍ଦ୍ର ।

୫. ଦୀନ ଭିଖାରୁଣୀ ବୋଲି କାହାକୁ କୁହାଯାଇଛି ?

ଉ.: ଦୀନ ଭିଖାରୁଣୀ ବୋଲି ତପସ୍ୱିନୀ ସୀତାଙ୍କୁ କୁହାଯାଇଛି ।

୬. ରାଜାରାଜେଶ୍ୱର କିଏ ?

ଉ.: ରାଜାରାଜେଶ୍ୱର ହେଉଛନ୍ତି ରଘୁବୀର ରାମଚନ୍ଦ୍ର ।

୭. ମହାଯଜ୍ଞରେ କିଏ ଦୀକ୍ଷିତ ହୋଇଥିବେ ବୋଲି କୁହାଯାଇଛି ?

ଉ.: ମହାଯଜ୍ଞରେ ଅଯୋଧ୍ୟାର ରାଜା ରାମଚନ୍ଦ୍ର ଦୀକ୍ଷିତ ହୋଇଥିବେ ବୋଲି କୁହାଯାଇଛି ।

୮. ନବବାମା ବୋଲି କାହାକୁ କୁହାଯାଇଛି ?

ଉ.: ନବବିବାହିତା ଦ୍ୱିତୀୟ ପତ୍ନୀକୁ ନବବାମା ବୋଲି କୁହାଯାଇଛି ।

୯. ଯଜ୍ଞକାଳରେ ମହାରାଜାଙ୍କ ବାମଭାଗରେ କିଏ ଶୋଭା ପାଉଥିବେ ବୋଲି ସୀତା ପତ୍ରରେ ଲେଖିଛନ୍ତି ?

ଉ.: ଯଜ୍ଞକାଳରେ ମହାରାଜାଙ୍କ ବାମଭାଗରେ ନବବାମା ଶୋଭା ପାଉଥିବେ ବୋଲି ସୀତା ପତ୍ରରେ ଲେଖିଛନ୍ତି ।

୧୦. ଯଜ୍ଞକାଳରେ ରାମଚନ୍ଦ୍ରଙ୍କ ସଦ୍‌ଗୁଣ କାହିଁକି ବଢ଼ିଯାଉଥିବ ବୋଲି କୁହାଯାଇଛି ?

ଉ.: ମୁଗ୍ଧ-ବଧୂ ମୁଗ୍ଧ ହେବ ବୋଲି ଯଜ୍ଞକାଳରେ ରାମଚନ୍ଦ୍ରଙ୍କ ସଦ୍‌ଗୁଣ ବଢ଼ିଯାଉଥିବ ବୋଲି କୁହାଯାଇଛି ।

୧୧. କିଏ ମୁଗ୍ଧ ହେବ ବୋଲି ସୀତା ଭାବିଛନ୍ତି ?

ଉ.: ସୀତାଙ୍କ ପରେ ରାମଚନ୍ଦ୍ର ଯାହାକୁ ବିବାହ କରିଥିବେ, ସେ ମୁଗ୍ଧ ହେବ ବୋଲି ସୀତା ଭାବିଛନ୍ତି ।

୧୨. ମହାଯଜ୍ଞରେ ମହାରାଜା ରାମଚନ୍ଦ୍ର କ'ଣ ପ୍ରଦାନ କରୁଥିବେ ବୋଲି କୁହାଯାଇଛି ?

ଉ.: ମହାଯଜ୍ଞରେ ମହାରାଜା ରାମଚନ୍ଦ୍ର ଅନେକ ଧନ, ରତ୍ନ ଓ ପାଟବସ୍ତ୍ର ପ୍ରଦାନ କରୁଥିବେ ବୋଲି କୁହାଯାଇଛି ।

୧୩. 'ଦାନବାରିଧି', ବୋଲି ସୀତା କାହାକୁ ସମ୍ବୋଧନ କରିଛନ୍ତି ?

ଉ.: 'ଦାନବାରିଧି', ବୋଲି ସୀତା ମହାରାଜାଙ୍କୁ ସମ୍ବୋଧନ କରିଛନ୍ତି ।

୧୪. ତପସ୍ୱୀମାନଙ୍କର ଅଶାନ୍ତି ନାଶକ କିଏ ?

ଉ.: ତପସ୍ୱୀମାନଙ୍କର ଅଶାନ୍ତି ନାଶକ ରଘୁବୀର ରାମଚନ୍ଦ୍ର ।

୧୫. କେଉଁମାନଙ୍କୁ ରାଜା ରାମଚନ୍ଦ୍ରଙ୍କର କିଛି ଅଦେୟ ନ ଥିଲା ?

ଉ.: ତାପସମାନଙ୍କୁ ରାଜା ରାମଚନ୍ଦ୍ରଙ୍କର କିଛି ଅଦେୟ ନ ଥିଲା ।

୧୬. 'ମୋତେ ନ କରିବ ହେୟ' କେଉଁ ପ୍ରସଙ୍ଗରେ କୁହାଯାଇଛି ?

ଉ.: 'ମୋତେ ନ କରିବ ହେୟ' ତପସ୍ୱିନୀ ସୀତାଙ୍କ ପ୍ରସଙ୍ଗରେ କୁହାଯାଇଛି ।

୧୭. ଜନତା ଭକ୍ତି ସହକାରେ କାହାକୁ ଦେଖୁଥିବେ ବୋଲି କୁହାଯାଇଛି ?

ଉ.: ଜନତା ଭକ୍ତି ସହକାରେ ରାମଚନ୍ଦ୍ରଙ୍କ ଅଙ୍କ ଭାଜନ ହୋଇଥିବା ଦ୍ୱିତୀୟ ପତ୍ନୀଙ୍କୁ ଦେଖୁଥିବେ ବୋଲି କୁହାଯାଇଛି ।

୧୮. ସୀତା ରାମଚନ୍ଦ୍ରଙ୍କୁ କ'ଣ ଜଣାଇ ଦେବାକୁ ଲେଖିଥିଲେ ?

ଉ.: ସୀତା ରାମଚନ୍ଦ୍ରଙ୍କୁ, ତାଙ୍କର ଅଙ୍କ ମଣ୍ଡନ କରିଥିବା ନବବାମା ପୂର୍ବେ କେଉଁ ତପ ଓ ମନ୍ତ୍ର ଜପ କରିଥିଲା ଜଣାଇ ଦେବାକୁ ଲେଖିଥିଲେ ।

୧୯. ଅତ୍ୟନ୍ତ ଅବୋଧ ବୋଲି ସୀତା କାହାକୁ କହିଛନ୍ତି ?

ଉ.: ଅତ୍ୟନ୍ତ ଅବୋଧ ବୋଲି ସୀତା ତାଙ୍କର ପୁତ୍ର ଲବକୁଶଙ୍କୁ କହିଛନ୍ତି ।

୨୦. ସୀତାଙ୍କ ପୁତ୍ରମାନଙ୍କର କେଉଁ ଭାଗ୍ୟ ନାହିଁ ବୋଲି କୁହାଯାଇଛି ?

ଉ.: ସୀତାଙ୍କ ପୁତ୍ରମାନଙ୍କର ପିତୃକୋଳ-ଆରୋହଣ ଭାଗ୍ୟ ନାହିଁ ବୋଲି କୁହାଯାଇଛି ।

୨୧. ସୀତାଙ୍କ ପୁତ୍ରମାନେ କିପରି ଜନନୀର ଜୀବନ କନ୍ଦାଉ ଥିଲେ ?

ଉ.: ସୀତାଙ୍କ ପୁତ୍ରମାନେ ବୀଣା-ତନ୍ତ୍ରୀ-ସହକାରେ ରାମାୟଣ ଗାନକରି ଜନନୀର ଜୀବନ କନ୍ଦାଉ ଥିଲେ ।

୨୨. ସୀତାଙ୍କ ପୁତ୍ରମାନେ କେଉଁ ବାଦ୍ୟ ସହାୟତାରେ ରାମାୟଣ ଗାଉଥିଲେ ?

ଉ.: ସୀତାଙ୍କ ପୁତ୍ରମାନେ ବୀଣା ବାଦ୍ୟ ସହାୟତାରେ ରାମାୟଣ ଗାଉଥିଲେ ।

୨୩. ତରୁଲତା ଗଣ କ'ଣ ଶୁଣି ଅଥୟ ହୁଅନ୍ତି ବୋଲି ସୀତା ଲେଖିଛନ୍ତି ?

ଉ.: ତରୁଲତା ଗଣ ଲବକୁଶଙ୍କ ଦ୍ୱାରା ଗାନ କରାଯାଉଥିବା ରାମାୟଣ ଶୁଣି ଅଥୟ ହୁଅନ୍ତି ବୋଲି ସୀତା ଲେଖିଛନ୍ତି ।

୨୪. ଶିଶୁପୁତ୍ରଦ୍ୱୟ କାହା ସହିତ ଅଯୋଧ୍ୟା ଯାଉଥିଲେ ?

ଉ.: ଶିଶୁପୁତ୍ରଦ୍ୱୟ ମହର୍ଷି ବାଲ୍ମୀକିଙ୍କ ସହିତ ଅଯୋଧ୍ୟା ଯାଉଥିଲେ ।

୨୫. କେଉଁଥିରେ ମୁଗ୍ଧ ହୋଇ ସୀତାଙ୍କ ଶିଶୁପୁତ୍ରଦ୍ୱୟ ମହର୍ଷିଙ୍କ ସହିତ ଯାଉଥିଲେ ?

ଉ.: ରାମଚନ୍ଦ୍ରଙ୍କ ଚରିତ୍ରରେ ମୁଗ୍ଧ ହୋଇ ସୀତାଙ୍କ ଶିଶୁପୁତ୍ରଦ୍ୱୟ ମହର୍ଷିଙ୍କ ସହିତ ଯାଉଥିଲେ ।

୨୬. ସୀତାଙ୍କ ଶିଶୁପୁତ୍ର ଦ୍ୱୟଙ୍କ ମନ କ'ଣ ପାଇଁ ଆକର୍ଷିତ ହୋଇଥିଲା ?

ଉ.: ସୀତାଙ୍କ ଶିଶୁପୁତ୍ର ଦ୍ୱୟଙ୍କ ମନ ରାମଚନ୍ଦ୍ରଙ୍କ ପଦ-ପଙ୍କଜ ଦର୍ଶନ ପାଇଁ ଆକର୍ଷିତ ହୋଇଥିଲା ।

୨୭. ସୀତାଙ୍କ ହୃଦୟ କେଉଁଥିରେ ହାଣି ହେଉଥିଲା ?

ଉ.: ସୀତାଙ୍କ ହୃଦୟ ରାମଚନ୍ଦ୍ରଙ୍କ ଅତୀତର ଦୁଃଖ କାହାଣୀ ହାଣି ହେଉଥିଲା ।

୨୮. ବୈଦେହୀର ସ୍ମୃତି କିପରି ମନେ ପଡ଼ିବ ବୋଲି ସୀତା ଲେଖିଛନ୍ତି ?

ଉ.: ଲବକୁଶଙ୍କ ଦ୍ୱାରା ରାମାୟଣ ଗାନ ଶ୍ରବଣ ପରେ ବୈଦେହୀର ସ୍ମୃତି ମନେ ପଡ଼ିବ ବୋଲି ସୀତା ଲେଖିଛନ୍ତି ।

୨୯. କାହିଁକି ରାମଚନ୍ଦ୍ର ସୀତାଙ୍କ ପ୍ରେମକୁ ସ୍ୱପ୍ନ ପରି ମନେ କରିବେ ?

ଉ.: ନବ ପ୍ରଣୟିନୀର ପ୍ରଫୁଲ୍ଲ ବଦନକୁ ଚାହିଁ ରାମଚନ୍ଦ୍ର ସୀତାଙ୍କ ପ୍ରେମକୁ ସ୍ୱପ୍ନ ପରି ମନେ କରିବେ ।

୩୦. ହୃଦୟ ବିକଳରେ ପତ୍ର ଲେଖୁଥିଲା ବେଳେ ପତ୍ରଟି କାହାଦ୍ୱାରା ଧୋଇ ହୋଇ ଯାଉଥିଲା ?

ଉ.: ହୃଦୟ ବିକଳରେ ପତ୍ର ଲେଖୁଥିଲା ବେଳେ ପତ୍ରଟି ନୟନ ଜଳ ଦ୍ୱାରା ଧୋଇ ହୋଇ ଯାଉଥିଲା ।

୩୧. କାହାକୁ ଦେଖି ସୀତାଙ୍କ ପତ୍ର ଲିଖନ ବନ୍ଦ ହୋଇଗଲା ?

ଉ.: ଲବକୁଶଙ୍କ ହସ ହସ ମୁହଁ ଦେଖି ସୀତାଙ୍କ ପତ୍ର ଲିଖନ ବନ୍ଦ ହୋଇଗଲା ।

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧. ରାମଚନ୍ଦ୍ରଙ୍କଠାରେ ବିଦୂଷମାନେ କ'ଣ ଦେଖିଥା'ନ୍ତି ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ରାମଚନ୍ଦ୍ରଙ୍କଠାରେ ବିଦୂଷମାନେ ଶରଣବତ୍ସଳ ପତାକା ଧାରଣ କରିଥିବା, ଶତ୍ରୁମାନଙ୍କୁ ଆୟତ୍ତ କରିଥିବା ଏବଂ ଦୁଃଖରୂପକ ପର୍ବତରେ ବଜ୍ର ସଦୃଶ ହୋଇଥିବା ରୂପ ଦେଖିଥା'ନ୍ତି ।

୨. "ଦୀନ ଭିଖାରୁଣୀ ଦୂରୁ ନତ ଶରେ ବନ୍ଦେ" କିଏ କାହାକୁ ବନ୍ଦନା କରୁଛି ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । "ଦୀନ ଭିଖାରୁଣୀ ଦୂରୁ ନତ ଶରେ ବନ୍ଦେ" ତପସ୍ୱିନୀ ସୀତା, ରାଜରାଜେଶ୍ୱର ରାମଚନ୍ଦ୍ରଙ୍କୁ ବନ୍ଦନା କରୁଛନ୍ତି ।

୩. ରାମଚନ୍ଦ୍ର କିପରି ମହାଯଜ୍ଞରେ ଦୀକ୍ଷିତ ହୋଇଥିବେ ବୋଲି ସୀତା ମନେ କରିଛନ୍ତି ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ରାମଚନ୍ଦ୍ର ନବବିବାହିତା ପତ୍ନୀଙ୍କୁ ବାମପାର୍ଶ୍ୱରେ ଉପବେଶନ କରାଇ ମହାଯଜ୍ଞରେ ଦୀକ୍ଷିତ ହୋଇଥିବେ ବୋଲି ସୀତା ମନେ କରିଛନ୍ତି ।

୪. ମୁଗ୍ଧବଧୂଙ୍କୁ ମୁଗ୍ଧ କରିବା ପାଇଁ ରାମଚନ୍ଦ୍ରଙ୍କଠାରେ କ'ଣ ବଢ଼ି ଯାଉଥିବ ବୋଲି କୁହାଯାଇଛି ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ମୁଗ୍ଧବଧୂଙ୍କୁ ମୁଗ୍ଧ କରିବା ପାଇଁ ରାମଚନ୍ଦ୍ରଙ୍କଠାରେ ସକଳ ସଦ୍‌ଗୁଣ ବଢ଼ି ଯାଉଥିବ ବୋଲି କୁହାଯାଇଛି ।

୫. ରାମଚନ୍ଦ୍ର ଯଜ୍ଞରେ କ'ଣସବୁ ଦାନ କରୁଥିଲେ ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ରାମଚନ୍ଦ୍ର ଯଜ୍ଞରେ ଅଶେଷ ରତ୍ନ, ଧନ ଓ ପାଟବସ୍ତ୍ରମାନ ଦାନ କରୁଥିଲେ ?

୬. ସୀତାଙ୍କ ମନରେ କି ଜିଜ୍ଞାସା ଉଦୟ ହୋଇଥିଲା ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ସୀତାଙ୍କ ମନରେ ରାମଚନ୍ଦ୍ରଙ୍କ ଦ୍ୱିତୀୟ ପତ୍ନୀ କେଉଁ ତପସ୍ୟା ଓ କେଉଁ ମନ୍ତ୍ର ଜପ କରିଥିଲା, ସେହି ଜିଜ୍ଞାସା ଉଦୟ ହୋଇଥିଲା ।

୭. ସୀତା ରାମଚନ୍ଦ୍ରଙ୍କ ଠାରୁ କେଉଁ ମନ୍ତ୍ର ଜାଣିବାକୁ ଚାହୁଁଥିଲେ ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ସୀତା ରାମଚନ୍ଦ୍ରଙ୍କ ଠାରୁ ନବବିବାହିତା ପତ୍ନୀ କେଉଁ ମନ୍ତ୍ର ଜପକରି ତାଙ୍କୁ ସ୍ୱାମୀ ରୂପେ ପାଇଥିଲା, ସେହି ମନ୍ତ୍ର ଜାଣିବାକୁ ଚାହୁଁଥିଲେ ।

୮. କ'ଣ ପାଇଲେ ସୀତା ଶହେ ଅଶ୍ୱମେଧ ଯଜ୍ଞର ଧନ ପାଇଯିବେ ବୋଲି କହିଛନ୍ତି ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ରାମଚନ୍ଦ୍ରଙ୍କର ନବବଧୂ କେଉଁ ମନ୍ତ୍ର କେତେକାଳ ଜପକରି, ତାଙ୍କୁ ସ୍ୱାମୀରୂପରେ ପାଇଥିଲେ, ସେହି ମନ୍ତ୍ର ପାଇଲେ ସୀତା ଶହେ ଅଶ୍ୱମେଧ ଯଜ୍ଞର ଧନ ପାଇଯିବେ ବୋଲି କହିଛନ୍ତି ।

୯. 'ନଜାଣନ୍ତି ଜନ୍ମକାଳୁ ପିତୃ ଅନୁରାଗ' କାହା ପ୍ରସଙ୍ଗରେ କୁହାଯାଇଛି ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । 'ନଜାଣନ୍ତି ଜନ୍ମକାଳୁ ପିତୃ ଅନୁରାଗ' ଲବକୁଶଙ୍କ ପ୍ରସଙ୍ଗରେ କୁହାଯାଇଛି ।

୧୦. 'କିଏ ନ କାନ୍ଦିବ ବହି ମାନବ ହୃଦୟ' କେଉଁ ପ୍ରସଙ୍ଗରେ କୁହାଯାଇଛି ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ଲବକୁଶ ବୀଣାତନ୍ତ୍ରୀ ସାହାଯ୍ୟରେ ରାମାୟଣ ଗାନ ଶୁଣିବା ପରେ ସମସ୍ତେ କାନ୍ଦି ପକାଇବେ ।

୧୧. କେଉଁମାନେ କିପରି ଜନନୀର ହୃଦୟ କନ୍ଦାଉ ଥିଲେ ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ଲବକୁଶ ବୀଣାତନ୍ତ୍ରୀ ସହକାରେ ରାମାୟଣ ଗାନ କରି ଜନନୀର ହୃଦୟ କନ୍ଦାଉଥିଲେ ।

୧୨. ସୀତାଙ୍କ ପୁତ୍ରମାନେ କିପରି ରାମାୟଣ ଗାନ କରୁଥିଲେ ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ସୀତାଙ୍କର ପୁତ୍ରମାନେ ବୀଣାତନ୍ତ୍ରୀ ସହକାରେ ରାମାୟଣ ଗାନ କରୁଥିଲେ ।

୧୩. କେଉଁଥିରେ ବିମୋହିତ ହୋଇ ସୀତାଙ୍କ ପୁତ୍ରଦ୍ୱୟ ମହର୍ଷିଙ୍କ ସହିତ ଅଯୋଧ ଯାଉଥିଲେ ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ରାମଚନ୍ଦ୍ରଙ୍କ ଚରିତରେ ନିଜେ ବିମୋହିତ ହୋଇ ସୀତାଙ୍କ ପୁତ୍ରଦ୍ୱୟ ମହର୍ଷିଙ୍କ ସହିତ ଅଯୋଧ୍ୟା ଯାଉଥିଲେ ।

୧୪. ସୀତାଙ୍କ ପୁତ୍ରମାନଙ୍କର ମନ କାହିଁକି ଆକର୍ଷିତ ହେଉଥିଲା ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ସୀତାଙ୍କ ପୁତ୍ରମାନଙ୍କର ମନ ରାମଚନ୍ଦ୍ରଙ୍କର ପଦ-ପଙ୍କଜ ଦର୍ଶନ କରିବା ପାଇଁ ଆକର୍ଷିତ ହୋଇଥିଲା ।

୧୫. ସୀତା କେଉଁ ପ୍ରସଙ୍ଗରୁ ନିଜର ଔତ୍ସୁକ୍ୟ ଦମନ କରିପାରୁ ନ ଥିଲେ ।

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ରାମଚନ୍ଦ୍ରଙ୍କ ଅତୀତ ଜୀବନର ଦୁଃଖପୂର୍ଣ୍ଣ କାହାଣୀ ଶୁଣିଲେ ସୀତାଙ୍କ ହୃଦୟ ଦୁଃଖାଭିଭୂତ ହେଲେବି, ତାହାକୁ ଶୁଣିବା ପାଇଁ ସୀତା ନିଜର ଔତ୍ସୁକ ଦମନ କରିପାରୁନଥିଲେ ।

(ଘ) ତିରିଶଟି ଶବ୍ଦରେ ଉତ୍ତର ଦିଅ ।

୧. 'ତପସ୍ୱିନୀ ସୀତା କାହାକୁ ପତ୍ର ଲେଖିଥିଲେ ଓ କାହିଁକି ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । 'ତପସ୍ୱିନୀର ପତ୍ର' କବିତାରେ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ତପସ୍ୱିନୀ ସୀତା ତାଙ୍କର ସ୍ୱାମୀ ତଥା ଅଯୋଧ୍ୟାର ରାଜା ରାମଚନ୍ଦ୍ରଙ୍କ ନିକଟକୁ ପତ୍ର ଲେଖିଥିଲେ । ସୀତା ଶୁଣିବାକୁ ପାଇଥିଲେ ରାମଚନ୍ଦ୍ର ଯଜ୍ଞ କରୁଛନ୍ତି । ଯଜ୍ଞ କାର୍ଯ୍ୟ ପତ୍ନୀ ବିନା ଅସମ୍ଭବ । ତାଙ୍କ ମନରେ ସନ୍ଦେହ ହୋଇଥିଲା ରାମଚନ୍ଦ୍ର ନିଶ୍ଚୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଛନ୍ତି । ସୀତାଙ୍କ ମନରେ ସନ୍ଦେହ ଥିବାରୁ ସେ ରାମଙ୍କ ପାଖକୁ ପତ୍ର ଲେଖିଥିଲେ ।

୨. ରାମଚନ୍ଦ୍ରଙ୍କର ଯଜ୍ଞ କରୁଥିବା କଥା ଶୁଣି ସୀତା କେଉଁ ପ୍ରସଙ୍ଗରେ ନିଶ୍ଚିତ ହୋଇଥିଲେ ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ରାମଚନ୍ଦ୍ରଙ୍କର ଯଜ୍ଞ କରୁଥିବା କଥା ଶୁଣି, ସୀତା ନିଶ୍ଚିତ ହୋଇଥିଲେ, ସେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିବେ । କାରଣ ପତ୍ନୀ ବିନା ଯଜ୍ଞ କାର୍ଯ୍ୟ ସମ୍ଭବ ନୁହେଁ ବୋଲି ସେ ଜାଣିଥିଲେ ।

୩. "ମୁହିଁ ତପସ୍ୱିନୀ ମୋତେ ନ କରିବ ହେୟ" ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ।

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ସୀତା ରାମଚନ୍ଦ୍ରଙ୍କୁ ପତ୍ର ଲେଖି ଜଣାଇଛନ୍ତି, ଯଜ୍ଞ କରୁଥିବାରୁ ସେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିବେ ଏବଂ ସେ ସମ୍ବନ୍ଧରେ ତାଙ୍କର ଜାଣିବା ଅନାବଶ୍ୟକ । ରାମଚନ୍ଦ୍ର ତପସ୍ୱୀମାନଙ୍କ ଅଶାନ୍ତି ବିନାଶ କରିଥା'ନ୍ତି ଏବଂ ତପସ୍ୱୀଙ୍କୁ ତାଙ୍କର ଅଦେୟ କିଛି ନଥାଏ । ତେଣୁ ସେ ଜଣେ ତପସ୍ୱିନୀ ହୋଇଥିବାରୁ ତାଙ୍କୁ ହେୟ ବିବେଚନା ନ କରିବାକୁ ରାମଚନ୍ଦ୍ରଙ୍କୁ ଅନୁରୋଧ କରିଛନ୍ତି ।

୪. ସୀତା ପତ୍ର ଲେଖି ରାମଚନ୍ଦ୍ରଙ୍କ ଠାରୁ କେଉଁ ତପସ୍ୟା ଓ ମନ୍ତ୍ର ବିଷୟରେ ଜାଣିବାକୁ ଚାହିଁଥିଲେ ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ରାମଚନ୍ଦ୍ରଙ୍କର ଯଜ୍ଞ କରୁଥିବା କଥାଶୁଣି ସୀତା ନିଶ୍ଚିତ ହୋଇଥିଲେ, ସେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଛନ୍ତି । ତେଣୁ ସେ ନିବେଦନ କରି ପତ୍ର ଲେଖିଥିଲେ, ଦ୍ୱିତୀୟ ପତ୍ନୀ କେଉଁ ତପସ୍ୟା ଓ ମନ୍ତ୍ର ଜାଣିବାକୁ ଚାହିଁଥିଲେ ।

୫. ନିଜର ପୁତ୍ରମାନଙ୍କର କେଉଁ ଅସହାୟତା ବିଷୟରେ ସୀତା ପତ୍ର ମାଧ୍ୟମରେ ସ୍ୱାମୀଙ୍କୁ ଲେଖିଛନ୍ତି ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ସୀତା ତାଙ୍କର ନିବେଦନ ପତ୍ରରେ ଲବକୁଶଙ୍କ ଅସହାୟତା ସମ୍ପର୍କରେ ଲେଖିଥିଲେ, ତାଙ୍କର ପୁତ୍ର ଦ୍ୱୟ ଅତ୍ୟନ୍ତ ଅବୋଧ । ସେମାନଙ୍କ ଭାଗ୍ୟରେ ପିତୃକୋଳ ଆରୋହଣ ସୁଯୋଗ ନାହିଁ । ଫଳରେ ଜନ୍ମ ସମୟରୁ ସେମାନେ ପିତୃ ଅନୁରାଗ ଜାଣନ୍ତି ନାହିଁ ।

୬. କାହିଁକି ସୀତାଙ୍କ ପ୍ରେମକୁ ରାମଚନ୍ଦ୍ର ସ୍ୱପ୍ନ ପରି ମନେକରିବେ ବୋଲି ସେ ଉଲ୍ଲେଖ କରିଛନ୍ତି ?

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ସୀତା ଅଭିମାନରେ ଲେଖିଛନ୍ତି, ପୁତ୍ରମାନଙ୍କ ଠାରୁ ରାମାୟଣ ଶୁଣିଲା ପରି ଯଦି ବୈଦେହୀର କଥା ମନେ ପଡ଼ିଯାଏ, ତାହାକୁ ନବପ୍ରଣୟିନୀର ପ୍ରଫୁଲ୍ଲ ଲପନକୁ ଚାହିଁ ସ୍ୱପ୍ନ ପରି ମନେ କରିବେ । ଅର୍ଥାତ୍ ଦ୍ୱିତୀୟ ପତ୍ନୀକୁ ପାଇଲା ପରେ ବୈଦେହୀ କଥାକୁ ଭୁଲିଯିବ ।

୭. ତପସ୍ୱିନୀ ସୀତାଙ୍କର ସନ୍ଦେହାଚ୍ଛନ୍ନ ଭାବନାର ପରିଚୟ ଦିଅ ।

ଉ.: 'ତପସ୍ୱିନୀର ପତ୍ର' କବିତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଏହା ଉଲ୍ଲେଖ କରିଛନ୍ତି । ସୀତା ବାଲ୍ମୀକି ଆଶ୍ରମରେ ଥିଲାବେଳେ ଶୁଣିବାକୁ ପାଇଛନ୍ତି, ଅଯୋଧ୍ୟାରେ ରାଜା ରାମଚନ୍ଦ୍ର ଯଜ୍ଞ କରାଉଛନ୍ତି । ଯଜ୍ଞ କାର୍ଯ୍ୟରେ ପତ୍ନୀର ଆବଶ୍ୟକତା ଥିବାରୁ ସେ ନିଶ୍ଚୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିବେ ବୋଲି ସନ୍ଦେହ କରିଛନ୍ତି । ସୀତା ଅଭିମାନରେ କହିଛନ୍ତି, ରାମଚନ୍ଦ୍ର ତାଙ୍କୁ ଭୁଲିଯିବେ ଓ ନିଜ ପୁତ୍ରମାନଙ୍କ ରାମାୟଣ ଗାନର ବିଶେଷଣ ସମ୍ପର୍କରେ ସୂଚନା ଦେଇଛନ୍ତି ।

(ଡ) ଦୀର୍ଘ ପ୍ରଶ୍ନୋତ୍ତର :

୧. ତପସ୍ୱିନୀର ପତ୍ର' କବିତା ଅବଲମ୍ବନରେ ସୀତାଙ୍କ ଚାରିତ୍ରିକ ମହତ୍ତ୍ୱର ପରିଚୟ ଦିଅ ।

ଉ.: ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସର୍ବଶ୍ରେଷ୍ଠ ସାହିତ୍ୟକୃତି 'ତପସ୍ୱିନୀ' କାବ୍ୟର 'ଏକାଦଶ ସର୍ଗ'ର ଏକ ଉଲ୍ଲେଖ ଯୋଗ୍ୟ ଅଂଶ । ଏଥିରେ କବି ସତୀ ଶିରୋମଣୀ ସୀତାଙ୍କୁ ଏକାଧାରରେ ବାଲ୍ମୀକି ଆଶ୍ରମର ତପସ୍ୱିନୀ ଓ ଅଯୋଧ୍ୟାର ରାଜା ରାମଚନ୍ଦ୍ରଙ୍କ ପତ୍ନୀ ଭାବରେ ବର୍ଣ୍ଣନା କରିଛନ୍ତି । କବି ଗଙ୍ଗାଧର ଥିଲେ ରାଧାନାଥ ଯୁଗର ସମସାମୟିକ କବି । ରାଧାନାଥ ଯେତେବେଳେ ବିଦେଶୀ ଚରିତ୍ରମାନଙ୍କୁ ଆଣି ସ୍ୱଦେଶୀ ପାଣିପାଗରେ ପରିଚିତ କରାଉଥିଲେ, ଗଙ୍ଗାଧର ମେହେର ସେତେବେଳେ ଭାରତୀୟ ସଂସ୍କୃତିର ମହନୀୟ ଚରିତ୍ରମାନଙ୍କୁ ତାଙ୍କର କାବ୍ୟରେ ବର୍ଣ୍ଣନା କରି ନିଜର ସିଦ୍ଧି ପ୍ରମାଣିତ କରିଥିଲେ । କବି ଆଲୋଚ୍ୟ ଅଂଶର ସୀତାଙ୍କୁ ସାଧାରଣ ଭାବରେ ବର୍ଣ୍ଣନା କରି, ତାଙ୍କର ମାନସିକ ଖେଦକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ସୀତା ମୁନି ଆଶ୍ରମରେ ତପସ୍ୱିନୀ ଭାବରେ ଲବକୁଶଙ୍କୁ ନେଇ ରହିଥିଲା ବେଳେ, ଶୁଣିବାକୁ ପାଇଛନ୍ତି, ଅଯୋଧ୍ୟା ରାଜା ତଥା ତାଙ୍କର ସ୍ୱାମୀ ଯଜ୍ଞ କରୁଛନ୍ତି । ସେ ଜାଣିଛନ୍ତି, ଯଜ୍ଞ କାର୍ଯ୍ୟ ବିନା ପତ୍ନୀରେ କେବେବି ସମ୍ଭବ ନୁହେଁ । ତେଣୁ ସେ ସନ୍ଦେହ କରିଛନ୍ତି, ରାମଚନ୍ଦ୍ର ନିଶ୍ଚୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଛନ୍ତି । ରାମଚନ୍ଦ୍ର ଯାହାକୁ ଦ୍ୱିତୀୟପତ୍ନୀ ରୂପେ ଗ୍ରହଣ କରିଛନ୍ତି, ସେହି ନାରୀ କିପରି ଓ କେଉଁ ମନ୍ତ୍ର ଜପି ଘୋର ତପସ୍ୟା କରିଥିବାରୁ, ରାମଚନ୍ଦ୍ରଙ୍କୁ ସ୍ୱାମୀ ରୂପେ ପାଇଲା, ସେହି ମନ୍ତ୍ରକୁ ଜାଣିବା ପାଇଁ, ସେ ରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ବିନୟ ପତ୍ର ଲେଖିଛନ୍ତି । ଯେତେ କଠୋର ହେଲେ ମଧ୍ୟ ସେହିଭଳି ତପସ୍ୟା କରିବାକୁ, ସେ ସଂକଳ୍ପ କରିଛନ୍ତି ।

ସତୀ ଶିରୋମଣି ସୀତା ପତ୍ର ମାଧ୍ୟମରେ ସ୍ୱାମୀଙ୍କୁ ପ୍ରଣାମ ଜଣାଇଛନ୍ତି । ସେ ଗ୍ରହଣ କରିଥିବା ପତ୍ନୀ କେଉଁଠାରେ କି ତପସ୍ୟା କଲା, ତାହା ଜଣାଇଦେବାକୁ ତପସ୍ୱିନୀ ଭାବରେ ଅନୁରୋଧ କରିଛନ୍ତି । ସେ ସ୍ୱାଭାବିକ ନାରୀ ମନର ମାନସିକତା ନେଇ ରାମଚନ୍ଦ୍ରଙ୍କ ନିକଟରେ ଅଭିମାନ କରିଛନ୍ତି । ସେ କହିଛନ୍ତି, ପୁତ୍ରଠାରୁ ରାମାୟଣ ଶୁଣିବା ସମୟରେ ଯଦି ତାଙ୍କର ବୈଦେହୀ କଥା ମନେପଡ଼ିଯାଏ, ତାହେଲେ ନବ ପରିଣୀତା ପତ୍ନୀର ପ୍ରଫୁଲ୍ଲ ବଦନକୁ ଚାହିଁ ସ୍ୱପ୍ନପରି ଭୁଲିଯିବେ । ପୁନଶ୍ଚ [illegible] ହେଲେବି, ସେ ମା' ଭାବରେ ରାମଚନ୍ଦ୍ରଙ୍କ ନିକଟରେ ନିଜର ଅଭିମାନ ଜଣାଇ କହିଛନ୍ତି, ତାଙ୍କର ପୁତ୍ର ଲବକୁଶଙ୍କର ସିଂହାସନ [illegible]ରୋହଣ କରିବା ଭାଗ୍ୟରେ ନାହିଁ ।

ଫଳସ୍ୱରୂପ ସେମାନେ ଜନ୍ମ ସମୟରୁ ପିତୃ ଅନୁରାଗରୁ ବଞ୍ଚିତ ହୋଇଛନ୍ତି । ସୀତା ପୁତ୍ରମାନଙ୍କ ଠାରୁ ରାମାୟଣ କରୁଣ ପ୍ରସଙ୍ଗ ଶୁଣି ବ୍ୟଥିତ ହୋଇଛନ୍ତି । ସେ ଲୋତକପ୍ଲୁତ ଭାବରେ ସ୍ୱାମୀଙ୍କ ଚିନ୍ତାରେ ବିମୋହିତ ହୋଇଛନ୍ତି ।

କବିଙ୍କ ଲେଖନୀରେ ସୀତାଙ୍କ ଚରିତ୍ର ଆଦର୍ଶ ସ୍ଥାନୀୟା ଓ ସତ୍ୟର ନିକଟବର୍ତ୍ତୀ ହୋଇପାରିଛି ।

୨. 'ତପସ୍ୱିନୀର ପତ୍ର' କବିତାର ସାରମର୍ମ ଲେଖ ।

ଉ.: 'ତପସ୍ୱିନୀର ପତ୍ର' କବିତାର କବି ଗଙ୍ଗାଧର ମେହେର ।

ସେ ପ୍ରକୃତି କବି ଓ ସ୍ୱଭାବ କବି ଭାବରେ ପରିଚିତ । ଆଲୋଚ୍ୟ କବିତାଟି କବିଙ୍କର ବହୁ ଆଲୋଚିତ ସର୍ବଶ୍ରେଷ୍ଠ କାବ୍ୟକୃତି 'ତପସ୍ୱିନୀ' କାବ୍ୟର 'ଏକାଦଶ ସର୍ଗ'ର ଅଂଶବିଶେଷ । ଲୋକାପବାଦକୁ ମର୍ଯ୍ୟାଦା ଦେଇ ରାମଚନ୍ଦ୍ର ସତୀ ସୀତାଙ୍କୁ ନିର୍ବାସିତା କରିଛନ୍ତି । ସତୀ ସୀତା ବାଲ୍ମୀକି ମୁନିଙ୍କ ଆଶ୍ରମରେ ରହିଥିବା ସମୟରେ ଶୁଣିବାକୁ ପାଇଛନ୍ତି, ରଘୁବୀର ରାମଚନ୍ଦ୍ର ଅଯୋଧ୍ୟାରେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଏହି ଖବର ଶୁଣିଲା ପରେ, ସୀତାଙ୍କ ମନରେ ଦ୍ୱନ୍ଦ୍ୱ ଭାବ ସୃଷ୍ଟି ହୋଇଛି । ସେ ଜାଣିଛନ୍ତି, ପତ୍ନୀ ବିନା ଯଜ୍ଞ କାର୍ଯ୍ୟ ସମ୍ଭବ ନୁହେଁ । ସୁତରାଂ ରାମଚନ୍ଦ୍ର ନିଶ୍ଚୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଛନ୍ତି । ଜଣେ ପତ୍ନୀ ଭାବରେ ସ୍ୱାମୀଙ୍କ ନିକଟକୁ ବିନୟ ପତ୍ର ଲେଖିଛନ୍ତି । ସେହି ବିନୟ ପତ୍ରରେ ସୀତାଙ୍କ ଆଦର୍ଶ ଅପେକ୍ଷା, ନାରୀତ୍ୱ ଅଧିକ ସ୍ପଷ୍ଟ ହୋଇଛି ।

କବି ଗଙ୍ଗାଧର ମେହେର ସୀତାଙ୍କ ମାଧ୍ୟମରେ ରାମଚନ୍ଦ୍ରଙ୍କର ମହନୀୟତା ପ୍ରମାଣ କରିଛନ୍ତି । ଫଳରେ ସୀତା ପତ୍ର ଆରମ୍ଭରେ ରାମଚନ୍ଦ୍ରଙ୍କୁ ଶରଣ-ବତ୍ସଳ-ଧ୍ୱଜ, ରିପୁ-ଧ୍ୱଜାଙ୍କୁଶ, ଦୁଃଖ-ଗିରି-ବଜ୍ର ଭାବରେ ସମ୍ବୋଧନ କରି ନିଜର ଭକ୍ତିପୂତ ପ୍ରଣାମ ଜଣାଇଛନ୍ତି । ସୀତା ଲେଖିଛନ୍ତି ଯଜ୍ଞର ନିୟମ ଅନୁସାରେ, ରାମଚନ୍ଦ୍ର ଯଜ୍ଞରେ ବସିଥିବା ସମୟରେ, ତାଙ୍କ ବାମପାର୍ଶ୍ୱରେ ନବବଧୂ ଉପବେଶନ କରିଥିବେ । ସେହି ନବବଧୂଙ୍କୁ ସନ୍ତୁଷ୍ଟ କରିବା ପାଇଁ ରାମଚନ୍ଦ୍ରଙ୍କର ସଦ୍‌ଗୁଣ ବଢ଼ି ଯାଇଥିବ । ସୀତା ଭଲ ଭାବରେ ଜାଣିଛନ୍ତି, ରାମଚନ୍ଦ୍ରଙ୍କର ତାପସଙ୍କ ପ୍ରତି କୌଣସି ଦ୍ରବ୍ୟ ଅଦେୟ ନଥାଏ । ଯେହେତୁ ସେ ଜଣେ ତପସ୍ୱିନୀ, ସେଥିପାଇଁ ରାମଚନ୍ଦ୍ର ନିଶ୍ଚୟ ତାଙ୍କର ମନୋକାମନା ପରିପୂରଣ କରିବେ । ସେ ରାଜା ରାମଚନ୍ଦ୍ରଙ୍କୁ ଅନୁରୋଧ କରିଛନ୍ତି, ସେ ଯେଉଁ ଦ୍ୱିତୀୟା ପତ୍ନୀ ଗ୍ରହଣ କରିଛନ୍ତି, ସେହି ପତ୍ନୀ କେଉଁଠାରେ, କେତେକାଳ କେଉଁ ମନ୍ତ୍ର ଜପ କରିଥିବାରୁ ରାମଚନ୍ଦ୍ରଙ୍କୁ ପତି ରୂପେ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ତାଙ୍କୁ ସେହି ମନ୍ତ୍ର ଓ ତପର ବିଧି ଜଣାଇଦେବାକୁ ରାମଚନ୍ଦ୍ରଙ୍କ ନିକଟରେ ସେ ନିବେଦନ କରିଛନ୍ତି ।

କବିତାର ଦ୍ୱିତୀୟ ପର୍ଯ୍ୟାୟରେ ଜଣେ ମା'ର ମନସ୍ତତ୍ତ୍ୱକୁ ପରିପ୍ରକାଶ କରି ସୀତା ଲେଖିଛନ୍ତି, ତାଙ୍କର ପୁତ୍ର ଦ୍ୱୟ ବୀଣାତନ୍ତ୍ରୀ ସାହାଯ୍ୟରେ ରାମାୟଣ ଗାନ କରିବାକୁ ଯାଉଛନ୍ତି । ସେମାନଙ୍କ ଭାଗ୍ୟରେ ପିତୃ କୋଳ ଆରୋହଣର କରିବାର ସୌଭାଗ୍ୟ ନାହିଁ । ସେହି ପୁତ୍ର ଦ୍ୱୟ ରାମାୟଣ ଗାନ ସମୟରେ ଯଦି ତୁମର ବୈଦେହୀର ସ୍ମୃତି ଜାଗ୍ରତ ହୁଏ, ତାହେଲେ ନବପ୍ରଣୟିନୀର ପ୍ରଫୁଲ୍ଲ ବଦନକୁ, ଅତୀୟ ପ୍ରଣୟକୁ ଭୁଲିଯିବ । ଲୋତକାପ୍ଲୁତ ଭାବରେ ପତ୍ର ଲେଖୁଥିଲା ବେଳେ, ଲବକୁଶ ସୀତାଙ୍କ ନିକଟରେ ପହଞ୍ଚିଯିବାରୁ, ସେ ପତ୍ର ଲେଖାକୁ ଆଗେଇ ନେଇନଥିଲେ ।

କବିତାରେ କବି ସୀତାଙ୍କ ଚରିତ୍ରର ମହତ୍ତ୍ୱ ଦେଖାଇବା ସହିତ ନିଜର ଅପୂର୍ବ କାବ୍ୟିକ ଭାବକୁ ସୂଚାଇ ଅଛନ୍ତି ।

❖❖❖

# ବନ୍ଦୀର ବିରହ ବ୍ୟଥା

**ଗୋପବନ୍ଧୁ ଦାସ**

**(କ) କବି ପରିଚିତି :**

ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ଜଣେ ଜାତୀୟବାଦୀ ନେତା ଓ ସାହିତ୍ୟିକ । ସର୍ବଭାରତୀୟ ସ୍ତରରେ ଜାତିର ପିତା ଭାରତୀୟଙ୍କ ମନରେ ଜାତୀୟତା ପାଇଁ ଯେଭଳି ପ୍ରେରଣା ଦେଇଥିଲେ, ଠିକ୍ ଓଡ଼ିଶା ସ୍ତରରେ ଗୋପବନ୍ଧୁ ଅନୁରୂପ ଭୂମିକା ଗ୍ରହଣ କରିଥିଲେ । ସେ ଥିଲେ ଓଡ଼ିଶାର ଶିକ୍ଷା, ସାହିତ୍ୟ, ସମାଜ, ରାଜନୀତି ଓ ସଂସ୍କୃତିର ବଳିଷ୍ଠ ପୃଷ୍ଠପୋଷକ । ସେ ଦେଶ ପାଇଁ ଓ ଜାତିର ସ୍ୱାଭିମାନ ପାଇଁ ନିଜକୁ ପୂର୍ଣ୍ଣ ପ୍ରାଣରେ ଉତ୍ସର୍ଗ କରିଥିଲେ । ଛାତ୍ର ବୟସରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସେ ସବୁବେଳେ ଲୋକସେବାରେ ନିୟୋଜିତ କରୁଥିଲେ । ଶେଷରେ ସେ ସତ୍ୟବାଦୀ ବନବିଦ୍ୟାଳୟକୁ ନିଜର କର୍ମଭୂମି ରୂପେ ବାଛି ନେଇଥିଲେ ଏବଂ ଓଡ଼ିଶାର ଯଥାର୍ଥ ନାଗରିକ ଗଢ଼ିବାରେ ମନୋନିବେଶ କରିଥିଲେ । ସେ ଶିକ୍ଷକତାକୁ ମୂଳରୂପେ ଗ୍ରହଣ କରିଥିଲେ ବି ପରବର୍ତ୍ତୀ ସମୟରେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ତାଙ୍କର ଅନ୍ୟତମ ଲକ୍ଷ୍ୟ ଥିଲା । ମୋଟ ଉପରେ କହିବାକୁ ଗଲେ ସ୍ୱଦେଶପ୍ରୀତି ଓ ମାନବସମ୍ପ୍ରୀତି ତାଙ୍କ ଜୀବନର ଥିଲା ପ୍ରଧାନ ଅବଲମ୍ବନ ।

ପୁରୀ ଜିଲ୍ଲାର ସାକ୍ଷିଗୋପାଳ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୨୮ ମସିହା ଜୁନ୍‌ମାସ ୧୭ ତାରିଖରେ ସେ ଅମର ପଥର ଯାତ୍ରୀ ହୋଇଥିଲେ ।

ଗୋପବନ୍ଧୁଙ୍କ ସାହିତ୍ୟକୃତିଗୁଡ଼ିକ ହେଉଛି 'ଧର୍ମପଦ', 'ବନ୍ଦୀର ଆତ୍ମକଥା', 'କାରାକବିତା', 'ଅବକାଶ ଚିନ୍ତା', 'ନଚିକେତା ଉପାଖ୍ୟାନ', 'ଗୋ-ମାହାତ୍ମ୍ୟ । ସେ ମଧ୍ୟ 'ସତ୍ୟବାଦୀ' ଓ 'ସମାଜ'ର ସମ୍ପାଦକ ଓ ପ୍ରତିଷ୍ଠାତା ଥିଲେ ।

**(ଖ) କବିତା ସମ୍ପର୍କରେ :**

'ବନ୍ଦୀର ବିରହ ବ୍ୟଥା' କବିତାଟି କବିଙ୍କର 'କାରା କବିତା' କବିତା ସଂକଳନରୁ ଗୃହୀତ ହୋଇଛି । ୧୯୨୩-୨୪ ମସିହାରେ ଗୋପବନ୍ଧୁ ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ ପ୍ରଥମେ କଟକ ଓ ପରେ ହଜାରିବାଗ ଜେଲରେ ରହିଥିଲେ । ହଜାରିବାଗ ଜେଲରେ ଥିବା ସମୟରେ ସେ ଉକ୍ତ କବିତାଟିକୁ ରଚନା କରିଥିଲେ । ବନ୍ଦୀ ଭାବରେ ଥିବା ସମୟରେ, କୌଣସି ଏକ ଉତ୍ତୀର୍ଣ୍ଣ ଅପରାହ୍ନରେ ଗୋପବନ୍ଧୁ ସୂର୍ଯ୍ୟଙ୍କର ଅସ୍ତକାଳୀନ ରୂପଶୋଭା ଦେଖି ଭାବପ୍ରବଣ ହୋଇପଡ଼ିଥିଲେ । ସେ ଜାଣିଥିଲେ ସୂର୍ଯ୍ୟ ଓ ପୃଥିବୀର ପ୍ରେମ ଅତ୍ୟନ୍ତ ନିବିଡ଼ । ସୂର୍ଯ୍ୟଙ୍କୁ ନେଇ ପୃଥିବୀ ନିଜର ଜୀବନ୍ତ ସତ୍ତାକୁ ପରିପ୍ରକାଶ କରେ । ସୂର୍ଯ୍ୟ ଯେତେବେଳେ ଅସ୍ତ ଯାଉଥିଲେ, ସେତେବେଳେ ପୃଥିବୀ ମନରେ ରହିଥିଲା ବିଷାଦିତ ଭାବ । ପ୍ରକୃତିର ସେହି ପରିବର୍ତ୍ତନକୁ କବି ଭାବାବେଗରେ ଦେଖିଥିଲେ । ପୃଥିବୀ ଓ ସୂର୍ଯ୍ୟଙ୍କ ମଧ୍ୟରେ ଦେଖା ଦେଇଥିବା ବିରହ ଭାବକୁ ସେ ନିଜ ଭିତରେ ଅନୁଭବ କରିଥିଲେ । ପ୍ରିୟଜନଙ୍କ

ଠାରୁ ବିଛିନ୍ନ ହୋଇ ରହିଥିବାରୁ ବ୍ୟକ୍ତିଗତ ବିରହବୋଧକୁ କବି ପ୍ରକାରାନ୍ତରେ ପ୍ରକାଶ କରିଥିଲେ । ମୁଖ୍ୟତଃ ବାହ୍ୟପ୍ରକୃତି ସହିତ ଅନ୍ତଃପ୍ରକୃତିର ଅପୂର୍ବ ସମନ୍ୱୟ ହୋଇଛି କବିତାଟିରେ ।

**(କ) ସମ୍ଭାବ୍ୟ ଉତ୍ତରରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧. "ନାନାରଙ୍ଗ ଚନ୍ଦ୍ରଆତପେ ଆଚ୍ଛାଦିତ ଅମ୍ବର" ଏଠାରେ ଅମ୍ବର ଅର୍ଥ- ।

(i) ଲୁଗା । (ii) ଚାନ୍ଦୁଆ ।

(iii) ଆକାଶ । (iv) ସୂର୍ଯ୍ୟ ।

ଉ.: (iii) ଆକାଶ ।

୨. ସୂର୍ଯ୍ୟାସ୍ତ ସମୟରେ ଗଛଗୁଡ଼ିକର ଛାଇ ଲମ୍ବି ଯାଇଥିବାରୁ କବି କ'ଣ କଳ୍ପନା କରୁଛନ୍ତି ?

(i) ଗଛମାନେ ଅନ୍ଧାରକୁ ଜାବୁଡ଼ି ଧରିଛନ୍ତି । (ii) ଗଛମାନେ ସୂର୍ଯ୍ୟଙ୍କ ପାଦରେ ପ୍ରଣାମ କରୁଛନ୍ତି ।

(iii) ଗଛମାନେ ଗର୍ବରେ ଫୁଲି ଉଠୁଛନ୍ତି । (iv) ପରାଧୀନତା ପରି ଅନ୍ଧକାର ବ୍ୟାପିଯାଉଛି ।

ଉ.: (ii) ଗଛମାନେ ସୂର୍ଯ୍ୟଙ୍କ ପାଦରେ ପ୍ରଣାମ କରୁଛନ୍ତି ।

୩. ସୂର୍ଯ୍ୟାସ୍ତକାଳୀନ ମୃଦୁ ସମୀରଣକୁ କବି କାହା ସହିତ ତୁଳନା କରିଛନ୍ତି ?

(i) ପତିପତ୍ନୀର କଳହ । (ii) ପ୍ରେମ ଅସ୍ପଷ୍ଟ ଗିର ।

(iii) ନାୟକ ନାୟିକାର ମିଳନ । (iv) ପ୍ରେମିକର ଭର୍ତ୍ସନା ।

ଉ.: (ii) ପ୍ରେମ ଅସ୍ପଷ୍ଟ ଗିର ।

୪. ସନ୍ଧ୍ୟାକାଳୀନ ମୃଦୁ ସମୀରଣରେ ସୂର୍ଯ୍ୟ ପ୍ରେମିକାର କାନରେ କ'ଣ କହୁଥିଲେ ?

(i) ଶୀଘ୍ର ଫେରି ଆସିବି । (ii) ଆଉ ଫେରିବିନି ।

(iii) ବିରହ ଅବିସମ୍ବାଦିତ । (iv) ଫେରିବାରେ ବିଳମ୍ବ ହେବ ।

ଉ.: (i) ଶୀଘ୍ର ଫେରି ଆସିବି ।

୫. ଅନୁଭବିର ନେତ୍ରରେ କ'ଣ ଦେଖାଯାଏ ?

(i) ପ୍ରେମିକାର ଲାସ୍ୟ । (ii) ପ୍ରେମିକାର ସ୍ୱୀକୃତି ।

(iii) ପ୍ରେମିକର ଆନନ୍ଦ ଭିତରେ ବିଷାଦ ରେଖା । (iv) ପ୍ରେମିକର ଅହଙ୍କାର ।

ଉ.: (iii) ପ୍ରେମିକର ଆନନ୍ଦ ଭିତରେ ବିଷାଦ ରେଖା ।

୬. ବନ୍ଦୀ ଗୋପବନ୍ଧୁଙ୍କ ପ୍ରାଣରେ କେଉଁ ଦୃଶ୍ୟ କଷ୍ଟ ଦେଉଥିଲା ?

(i) ଅନ୍ୟ ଜଣେ ବନ୍ଦୀ ପ୍ରତି ଅତ୍ୟାଚାର । (ii) ସନ୍ଧ୍ୟାର ବିରହ ଦୃଶ୍ୟ ।

(iii) ଅସ୍ତକାଳୀନ ସୂର୍ଯ୍ୟର ସ୍ନିଗ୍ଧ କିରଣ । (iv) ନୀଡ଼ବାହୁଡ଼ା ପକ୍ଷୀମାନଙ୍କ ଆଗମନର ଦୃଶ୍ୟ ।

ଉ.: (ii) ସନ୍ଧ୍ୟାର ବିରହ ଦୃଶ୍ୟ ।

୭. ପ୍ରଣୟ ପୀୟୂଷରେ କ'ଣ ମିଶିଛି ?

(i) ମିଳନ ଅମୃତ । (ii) ବିରହର ବିଷ ।

(iii) ପ୍ରତିକ୍ରିୟାର ହଳାହଳ । (iv) ନିର୍ଯାତନାର କୁଟିଳତା ।

ଉ.: (ii) ସନ୍ଧ୍ୟାର ବିରହ ଦୃଶ୍ୟ ।

୮. କବିଙ୍କ ତାପିତ ଅନ୍ତରରେ କିପରି ସାନ୍ତ୍ୱନା ଆସିବ ବୋଲି ସେ ମନେ କରିଛନ୍ତି ?

(i) ଜେଲ ଭିତରେ ରହିଲେ । (ii) ମୁକ୍ତି ପାଇଗଲେ ।

(iii) ପ୍ରକୃତି ମଧ୍ୟରେ ସମହୃଦ ବେଦନା ଦେଖିଲେ । (iv) ସିପାହୀ ତାଙ୍କୁ ଜେଲ୍ ଭିତରେ ଆବଦ୍ଧ ନ କଲେ ।

ଉ.: (iii) ପ୍ରକୃତି ମଧ୍ୟରେ ସମହୃଦ ବେଦନା ଦେଖିଲେ ।

୯. ଗୋପବନ୍ଧୁଙ୍କ ଅବରୋଧର ସମୟ କ'ଣ ଥିଲା ?

(i) ସକାଳ । (ii) ମଧ୍ୟାହ୍ନ ।

(iii) ଗୋଧୂଳି କାଳ । (iv) ରାତି ।

ଉ.: (iii) ଗୋଧୂଳି କାଳ ।

୧୦. ଯମଦୂତ ବୋଲି କବି କାହାକୁ କହିଛନ୍ତି ?

(i) ଜେଲରେ ସିପାହୀକୁ । (ii) ସହବନ୍ଦୀଙ୍କୁ ।

(iii) ଇଂରେଜ ଶାସକଙ୍କୁ । (iv) ଗଡ଼ଜାତ ରାଜାଙ୍କୁ ।

ଉ.: (i) ଜେଲରେ ସିପାହୀକୁ ।

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧. 'ବନ୍ଦୀର ବିରହ ବ୍ୟଥା' କବିତା ଗୋପବନ୍ଧୁଙ୍କ କେଉଁ ସଂକଳନରୁ ଆସିଛି ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତା ଗୋପବନ୍ଧୁଙ୍କ 'କାରାକବିତା' ସଂକଳନରୁ ଆସିଛି ।

୨. ବସନ୍ତ ସମୟ କିପରି ?

ଉ.: ବସନ୍ତ ସମୟ ମଧୁର ।

୩. ବିଦାୟୀ ସୂର୍ଯ୍ୟର ଆକାଶ କେଉଁଥିରେ ଆଚ୍ଛାଦିତ ବୋଲି ଗୋପବନ୍ଧୁ କହିଛନ୍ତି ?

ଉ.: ବିଦାୟୀ ସୂର୍ଯ୍ୟର ଆକାଶ ନାନାରଙ୍ଗର ଚନ୍ଦ୍ରାତପରେ ଆଚ୍ଛାଦିତ ବୋଲି ଗୋପବନ୍ଧୁ କହିଛନ୍ତି ।

୪. ବିଦାୟବେଳାରେ ପକ୍ଷୀମାନଙ୍କର ଗାନ କିପରି ଥିଲା ?

ଉ.: ବିଦାୟବେଳାରେ ପକ୍ଷୀମାନଙ୍କର ଗାନ କରୁଣ ଥିଲା ।

୫. ଆସନ୍ନସନ୍ଧ୍ୟାରେ ତରୁ ଓ ଗିରିର ବିସ୍ତାରିତ ଛାୟା କାହା ପାଦରେ ପ୍ରଣାମ କରୁଥିଲେ ?

ଉ.: ଆସନ୍ନସନ୍ଧ୍ୟାରେ ତରୁ ଓ ଗିରିର ବିସ୍ତାରିତ ଛାୟା ସୂର୍ଯ୍ୟଙ୍କ ପାଦରେ ପ୍ରଣାମ କରୁଥିଲେ ।

୬. ପ୍ରଣାମର ପ୍ରତିବଦଳରେ ସୂର୍ଯ୍ୟ ତରୁଗିରିଙ୍କୁ କ'ଣ ଦାନ କରୁଥିଲେ ?

ଉ.: ପ୍ରଣାମର ପ୍ରତିବଦଳରେ ସୂର୍ଯ୍ୟ ତରୁଗିରିଙ୍କୁ ହେମବର୍ଣ୍ଣର ପାଟ ଦାନ କରୁଥିଲେ ।

୭. ସନ୍ଧ୍ୟାକାଳୀନ ସୂର୍ଯ୍ୟ କେଉଁଠି ବସି ହସୁଥିଲେ ବୋଲି କୁହାଯାଇଛି ?

ଉ.: ସନ୍ଧ୍ୟାକାଳୀନ ସୂର୍ଯ୍ୟ ଅସ୍ତାଚଳ ଉପରେ ବସି ହସୁଥିଲେ ବୋଲି କୁହାଯାଇଛି ।

୮. ଅସ୍ତକାଳୀନ ସୂର୍ଯ୍ୟଙ୍କର କୋମଳ କିରଣକୁ କବି କାହା ସହିତ ତୁଳନା କରିଛନ୍ତି ?

ଉ.: ଅସ୍ତକାଳୀନ ସୂର୍ଯ୍ୟଙ୍କର କୋମଳ କିରଣକୁ କବି କୋମଳ ଆଶ୍ୱାସନା ଓ ସ୍ନେହ ଆଦର ସହିତ ତୁଳନା କରିଛନ୍ତି ।

୯. ବିଦାୟବେଳାରେ ପ୍ରେମର ଅସ୍ପଷ୍ଟଭାଷା କିଏ ଉଚ୍ଚାରଣ କରୁଥିଲେ ?

ଉ.: ବିଦାୟବେଳାରେ ପ୍ରେମର ଅସ୍ପଷ୍ଟଭାଷା ସୂର୍ଯ୍ୟ ସମୀରଣ ମୃଦୁ ମର୍ମରେ ଉଚ୍ଚାରଣ କରୁଥିଲେ ।

୧୦. ସମୀରଣ କଣ୍ଠରେ ସୂର୍ଯ୍ୟ ଦେବତାଙ୍କର ପ୍ରେମପୂର୍ଣ୍ଣ ଅସ୍ପଷ୍ଟ ଭାଷା କ'ଣ ଥିଲା ?

ଉ.: ସମୀରଣ କଣ୍ଠରେ ସୂର୍ଯ୍ୟ ଦେବତାଙ୍କର ପ୍ରେମପୂର୍ଣ୍ଣ ଅସ୍ପଷ୍ଟ ଭାଷା ଥିଲା, 'ଅଚିରେ ଫେରିବି ଧନି ! ନୁହଁ କାତର ।'

୧୧. ବିଦାୟକାଳୀନ ଅନୁରାଗର ରଙ୍ଗ କେଉଁଠି ପ୍ରକାଶ ପାଉଥିଲା ?

ଉ.: ବିଦାୟକାଳୀନ ଅନୁରାଗର ରଙ୍ଗ ପ୍ରାଚୀ କପୋଳରେ ପ୍ରକାଶ ପାଉଥିଲା ।

୧୨. ସୂର୍ଯ୍ୟଙ୍କର ହସରେ କ'ଣ ପ୍ରକଟିତ ହେଉଥିଲା ?

ଉ.: ସୂର୍ଯ୍ୟଙ୍କର ହସରେ ଗୁରୁ ବିଷାଦ ରେଖା ପ୍ରକଟିତ ହେଉଥିଲା ।

୧୩. ବିରହୀ ସୂର୍ଯ୍ୟଙ୍କର ବିଷାଦ କିଏ ଦେଖି ପାରୁଥିବେ ବୋଲି କବି କହିଛନ୍ତି ?

ଉ.: ବିରହୀ ସୂର୍ଯ୍ୟଙ୍କର ବିଷାଦ ଅନୁଭବୀ ନେତ୍ର କେବଳ ଦେଖି ପାରୁଥିବେ ବୋଲି କବି କହିଛନ୍ତି ।

୧୪. କାହାର ବିରହ ମନରେ ଦାରୁଣ କଷଣ ଦିଏ ବୋଲି କୁହାଯାଇଛି ?

ଉ.: ପ୍ରିୟ ଜନର ବିରହ ମନରେ ଦାରୁଣ କଷଣ ଦିଏ ବୋଲି କୁହାଯାଇଛି ।

୧୫. ପ୍ରୀତି ପାଶରେ କିଏ ବନ୍ଧା ବୋଲି କବି କହିଛନ୍ତି ?

ଉ.: ଜଗତର ସବୁ ଜଡ଼ଠାରୁ ଚେତନା ପର୍ଯ୍ୟନ୍ତ ପ୍ରୀତି ପାଶରେ ବନ୍ଧା ବୋଲି କବି କହିଛନ୍ତି ।

୧୬. ସୂର୍ଯ୍ୟଙ୍କର ବିରହ ଦୃଶ୍ୟ କାହା ପ୍ରାଣରେ ବ୍ୟଥା ଦେଉଥିଲା ?

ଉ.: ସୂର୍ଯ୍ୟଙ୍କର ବିରହ ଦୃଶ୍ୟ ବନ୍ଦୀ ଗୋପବନ୍ଧୁଙ୍କ ପ୍ରାଣରେ ବ୍ୟଥା ଦେଉଥିଲା ।

୧୭. ସନ୍ଧ୍ୟାକାଳୀନ ବିଦାୟ ଦୃଶ୍ୟ ବନ୍ଦୀ ଗୋପବନ୍ଧୁଙ୍କୁ କ'ଣ ମନେ ପକାଇ ଦେଉଥିଲା ?

ଉ.: ସନ୍ଧ୍ୟାକାଳୀନ ବିଦାୟ ଦୃଶ୍ୟ ବନ୍ଦୀ ଗୋପବନ୍ଧୁଙ୍କୁ ଅତୀତର କେତେକଥା ମନେ ପକାଇ ଦେଉଥିଲା ।

୧୮. ବନ୍ଦୀଶାଳାରେ ଚାବି ନ ଦେବାପାଇଁ ଗୋପବନ୍ଧୁ କାହାକୁ ଅନୁରୋଧ କରିଥିଲେ ?

ଉ.: ବନ୍ଦୀଶାଳାରେ ଚାବି ନ ଦେବାପାଇଁ ଗୋପବନ୍ଧୁ ଜେଲ୍ ସିପାହୀକୁ ଅନୁରୋଧ କରିଥିଲେ ।

୧୯. ଗୋପବନ୍ଧୁ ବନ୍ଦୀଶାଳାର ଚାବି ନ ଦେବା ପାଇଁ ସିପାହୀକୁ କାହିଁକି ଅନୁରୋଧ କରିଥିଲେ ?

ଉ.: ଗୋପବନ୍ଧୁ ବନ୍ଦୀଶାଳାର ଚାବି ନ ଦେବା ପାଇଁ ସିପାହୀକୁ ଅନୁରୋଧ କରିଥିଲେ କାରଣ ସେ ପ୍ରକୃତିର ପ୍ରତ୍ୟେକ କ୍ଷେତ୍ରରେ ପ୍ରଣୟ ସହ ବିରହ ଜ୍ୱାଳା ମିଶି ରହିଥିବାର ଦୃଶ୍ୟ ଉପଭୋଗ କରିଥିଲେ ।

୨୦. ପ୍ରଣୟପୀୟୂଷରେ କ'ଣ ମିଶିଛି ବୋଲି କବି କହିଛନ୍ତି ?

ଉ.: ପ୍ରଣୟପୀୟୂଷରେ ବିରହ ବିଷ ମିଶିଛି ବୋଲି କବି କହିଛନ୍ତି ।

୨୧. ବିଶ୍ୱବାସୀଙ୍କ ପ୍ରତି ବିଧାତାର ବିଚିତ୍ର ଆଶିଷ ବୋଲି କବି କାହାକୁ କହିଛନ୍ତି ?

ଉ.: ପ୍ରଣୟ ପିୟୂଷରେ ବିରହ ବିଷ ମିଶି ରହିଥିବା ବିଶ୍ୱବାସୀଙ୍କ ପ୍ରତି ବିଧାତାର ବିଚିତ୍ର ଆଶିଷ ବୋଲି କବି କହିଛନ୍ତି ।

୨୨. ସୁନ୍ଦର ପଦ୍ମରେ କିଏ ଜଡ଼ିତ ହୋଇଥାଏ ବୋଲି କୁହାଯାଇଛି ?

ଉ.: ସୁନ୍ଦର ପଦ୍ମରେ ଅହି ଜଡ଼ିତ ହୋଇଥାଏ ବୋଲି କୁହାଯାଇଛି ।

୨୩. ବିରହକୁ କବି କାହା ସହିତ ତୁଳନା କରିଛନ୍ତି ?

ଉ.: ବିରହକୁ କବି ବିରହକୁ କବି ବିଷ ସହିତ ତୁଳନା କରିଛନ୍ତି ।

୨୪. କେଉଁ ବିଷରେ କବିଙ୍କ ପରାଣ ଘାରୁଛି ବୋଲି ସେ କହିଛନ୍ତି ?

ଉ.: ବିରହ-ବିଷମ ବିଷରେ କବିଙ୍କ ପରାଣ ଘାରୁଛି ବୋଲି ସେ କହିଛନ୍ତି ।

୨୫. ଆପଣାର ବିରହ ବେଦନାକୁ କବି କେଉଁଠାରେ ଦେଖିଛନ୍ତି ?

ଉ.: ଆପଣାର ବିରହ ବେଦନାକୁ କବି ବିଶ୍ୱ ପ୍ରକୃତିରେ ଦେଖିଛନ୍ତି ।

୨୬. କବିଙ୍କ ତାପିତ ଅନ୍ତର କିପରି ସାନ୍ତ୍ୱନା ଲାଭ କରିଛି ?

ଉ.: କବିଙ୍କ ତାପିତ ଅନ୍ତର ବିଶ୍ୱ ପ୍ରକୃତିର ସାନ୍ତ୍ୱନା ଲାଭ କରିଛି ।

୨୭. ବନ୍ଦୀଶାଳାର ଅବରୋଧ ସମୟ କେଉଁ ସମୟ ଥିଲା ?

ଉ.: ବନ୍ଦୀଶାଳାର ଅବରୋଧ ସମୟ ଗୋଧୂଳିର ସମୟ ଥିଲା ।

୨୮. ସୂର୍ଯ୍ୟ ଆକାଶରେ ରତରତ ହେଉଥିବାରୁ କବି ସିପାହୀକୁ କ'ଣ ଅନୁରୋଧ କରିଛନ୍ତି ?

ଉ.: ସୂର୍ଯ୍ୟ ଆକାଶରେ ରତରତ ହେଉଥିବାରୁ କବି ସିପାହୀକୁ ଆଉଟିକିଏ କାରାପ୍ରାଙ୍ଗଣରେ ବୁଲିବାକୁ ଅନୁରୋଧ କରିଛନ୍ତି ।

୨୯. ଯମଦୂତ ବୋଲି କବି କାହାକୁ କହିଛନ୍ତି ?

ଉ.: ଯମଦୂତ ବୋଲି କବି ବନ୍ଦୀଶାଳାର ସିପାହୀକୁ କହିଛନ୍ତି ।

୩୦. ନିଜର ମର୍ଯ୍ୟାଦା ଜଗି ଶେଷରେ କବି କ'ଣ କରିବେ ବୋଲି କହିଛନ୍ତି ?

ଉ.: ନିଜର ମର୍ଯ୍ୟାଦା ଜଗି ଶେଷରେ କବି ନିଜ କୋଠରୀକୁ ଯିବେ ବୋଲି କହିଛନ୍ତି ।

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧. 'ବନ୍ଦୀର ବିରହ ବ୍ୟଥା' କବିତା ଗୋପବନ୍ଧୁ କେଉଁ ଜେଲରେ ଥିବାବେଳେ ଲେଖିଥିଲେ ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତା ଗୋପବନ୍ଧୁ ୧୯୨୩-୨୪ ମସିହାରେ ହଜାରିବାଗ ଜେଲରେ ଥିବାବେଳେ ଲେଖିଥିଲେ ।

୨. ସୂର୍ଯ୍ୟଙ୍କର ବିଦାୟକାଳୀନ ଦୃଶ୍ୟ କିପରି ଥିଲା ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । ସୂର୍ଯ୍ୟଙ୍କର ବିଦାୟକାଳୀନ ଦୃଶ୍ୟ ବିୟୋଗାନ୍ତକ ଓ କରୁଣ ଥିଲା ।

୩. ସନ୍ଧ୍ୟାକାଳୀନ ତରୁଗିରିର ବିସ୍ତାରିତ ଛାୟାକୁ କବି କାହା ସହିତ ତୁଳନା କରିଛନ୍ତି ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । ସନ୍ଧ୍ୟାକାଳୀନ ତରୁଗିରିର ବିସ୍ତାରିତ ଛାୟାକୁ କବି ଅସ୍ତଗାମୀ ସୂର୍ଯ୍ୟଙ୍କ ପାଦରେ ପ୍ରଣାମ କରିବା ସହିତ ତୁଳନା କରିଛନ୍ତି ।

୪. "ଅଚିରେ ଫେରିବି ଧନି ! ନୁହ କାତର" - କିଏ କାହାକୁ କହିଛନ୍ତି ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । ଅଚିରେ ଫେରିବି ଧନୀ ! ନୁହଁ କାତର ଏହାକୁ ଅସ୍ତଗାମୀ ସୂର୍ଯ୍ୟ ପୃଥିବୀକୁ କହିଛନ୍ତି ।

୫. ସନ୍ଧ୍ୟାର ଅନୁରାଗ ରଙ୍ଗରେ ବିରହ ଦୁଃଖର କାଳିମା କିପରି ଥିଲା ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । ସନ୍ଧ୍ୟାର ଅନୁରାଗ ରଙ୍ଗରେ ବିରହ ଦୁଃଖର କାଳିମା ଗୁରୁ ବିଷାଦ୍ ରେଖା ପରିଥିଲା ।

୬. ସନ୍ଧ୍ୟାକଳୀନ ଦୃଶ୍ୟରୁ ଅନୁଭବି ବ୍ୟକ୍ତି କ'ଣ ଦେଖିପାରେ ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । ସନ୍ଧ୍ୟାକାଳୀନ ଦୃଶ୍ୟରୁ ଅନୁଭବୀ ବ୍ୟକ୍ତି ପ୍ରିୟଜନ ବରହର ଦାରୁଣ କଷଣକୁ ଦେଖିପାରେ ।

୭. ପ୍ରିୟଜନର ବିରହ ଦୁଃଖ କବିଙ୍କ କିପରି ମନେହୋଇଛି ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । ପ୍ରିୟଜନର ବିରହ ଦୁଃଖ କବିଙ୍କୁ ଅତ୍ୟନ୍ତ କଷ୍ଟଦାୟକ, ଯାହାକୁ କବି ଦାରୁଣ କଷଣ ବୋଲି କହିଛନ୍ତି ।

୮. ପ୍ରୀତି ପାଶରେ କିଏ ବନ୍ଧା ହୋଇଛନ୍ତି ବୋଲି କବି ଗୋପବନ୍ଧୁ କହିଛନ୍ତି ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । ପ୍ରୀତି ପାଶରେ ଜଡ଼ରୁ ଚେତନ ପର୍ଯ୍ୟନ୍ତ ସମସ୍ତେ ବନ୍ଧା ହୋଇଛନ୍ତି ବୋଲି କବି ଗୋପବନ୍ଧୁ କହିଛନ୍ତି ।

୯. ସିପାହୀକୁ କବି କାହିଁକି ବନ୍ଦୀଶାଳାର ଦ୍ୱାରରେ ଚାବି ନ ଦେବାପାଇଁ ଅନୁରୋଧ କରିଥିଲେ ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । ଯେହେତୁ କବି ବାହାରେ ରହି ପ୍ରକୃତି ରାଜ୍ୟରେ ପ୍ରଣୟର ପ୍ରଭାବକୁ ଦେଖୁଥିଲେ, ସେଥିପାଇଁ କବି ସିପାହୀକୁ ବନ୍ଦୀଶାଳାର ଦ୍ୱାରରେ ଚାବି ନ ଦେବା ପାଇଁ ଅନୁରୋଧ କରିଥିଲେ ।

୧୦. ପ୍ରଣୟର କି ବିଚିତ୍ର ବିଧାନ କବି ଉପଲବ୍ଧି କରିଛନ୍ତି ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । ପ୍ରଣୟ ପିୟୂଷରେ ବିରହବିଷ ମିଶି ରହିଥିବା, ବିଶ୍ୱବାସୀଙ୍କ ପ୍ରତି ବିଧାତାର ବିଚିତ୍ର ବିଧାନ କବି ଉପଲବ୍ଧି କରିଛନ୍ତି ।

୧୧. କବି ଗୋପବନ୍ଧୁଙ୍କ ମନ ପ୍ରାଣ କାହିଁକି ବିରହ ବିଷାଦରେ ଘାରୁଥିଲା ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । କବି ଗୋପବନ୍ଧୁ ପ୍ରିୟଜନ ଓ ପ୍ରିୟ ସ୍ଥାନ ଛାଡ଼ି ବନ୍ଦୀ ଭାବରେ ରହିଥିବାରୁ, ତାଙ୍କର ମନ ପ୍ରାଣ ବିରହ ବିଷାଦରେ ଘାରୁଥିଲା ।

୧୨. ବିଶ୍ୱ ପ୍ରକୃତିରେ ସମାନ ହୃଦୟ ବେଦନା କବିଙ୍କ ଅନ୍ତରରେ କେଉଁ ଉପଲବ୍ଧି ଆଣିବ ବୋଲି କୁହାଯାଇଛି ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । ବିଶ୍ୱ ପ୍ରକୃତିରେ ସମାନ ହୃଦୟ ବେଦନା କବିଙ୍କ ଅନ୍ତରରେ କ୍ଷଣିକ ପାଇଁ ସାନ୍ତ୍ୱନା ଆଣିବ ବୋଲି କୁହାଯାଇଛି ।

(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଦିଅ ।

୧. 'ବନ୍ଦୀର ବିରହ ବ୍ୟଥା' କବିତାରେ ସୂର୍ଯ୍ୟାସ୍ତକାଳୀନ ପ୍ରକୃତିର ରୂପଚିତ୍ର ଉପସ୍ଥାପନ କର ।

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । ସୂର୍ଯ୍ୟ ପଶ୍ଚିମ ଦିଗରେ ଅସ୍ତ ଯାଉଥିବା ବେଳେ, ତାଙ୍କର ସୁନେଲି କିରଣ ପ୍ରତିଫଳିତ ହୋଇଛି ଆକାଶରେ, ଯାହାକୁ କବି ବିଚିତ୍ର ବର୍ଣ୍ଣର ଚନ୍ଦ୍ରାତାପ ଲାଗିଥିବା କଥା କହିଛନ୍ତି । ପକ୍ଷୀମାନଙ୍କର ଗାନ, ତରୁଗିରିଙ୍କର ଛାୟା ବିସ୍ତାର ଏବଂ ଗିରି ମସ୍ତକରେ ହେମବରଣ ପାଟ ପରିଧାନ ବର୍ଣ୍ଣନା କବି ଲେଖନୀରେ ମନୋଜ୍ଞ ହୋଇଛି ।

୨. କବି ଗୋପବନ୍ଧୁ ସୂର୍ଯ୍ୟଙ୍କ ବିଦାୟକୁ କିପରି ମାନବୀୟ ବିରହ ସହିତ ତୁଳନା କରିଛନ୍ତି ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ସୂର୍ଯ୍ୟଙ୍କର ବିଦାୟକୁ ମାନବୀୟ ବିରହ ସହିତ ତୁଳନା କରିଛନ୍ତି । ସୂର୍ଯ୍ୟ ପଶ୍ଚିମ ଆକାଶରେ ଅସ୍ତ ଯିବା ସମୟରେ ତାଙ୍କର କିରଣ କ୍ରମଶଃ ମଉଳି ଯାଇଛି ଏବଂ ପତଳା ଅନ୍ଧକାର ପ୍ରକାଶିତ ହୋଇଛି । ଏହାକୁ ଦେଖି କବି ପରିକଳ୍ପନା କରିଛନ୍ତି, ପ୍ରିୟଜନଙ୍କ ଠାରୁ ବିଦାୟ ନେଉଥିବା ବ୍ୟକ୍ତିଟିର ମୁହଁଟି ଝାଉଁଳି ଗଲା ପରି ସୂର୍ଯ୍ୟ କ୍ରମଶଃ ମଳିନ ପଡ଼ିଛନ୍ତି ଏବଂ ସୂର୍ଯ୍ୟଙ୍କ ଠାରୁ ବିଚ୍ଛେଦ ହୋଇ ପୃଥିବୀ କାଳିମାଯୁକ୍ତ ହୋଇଛି ।

୩. ପ୍ରଣୟ ଓ ବିରହ ସମ୍ପର୍କରେ କବିଙ୍କ ଅଭିମତ ପଠିତ କବିତା ଅବଲମ୍ବନରେ ପ୍ରଦାନ କର ।

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । ପ୍ରଣୟ ଓ ବିରହ ସମ୍ପର୍କରେ କବି ଅଭିମତ ଦେଇ ଲେଖିଛନ୍ତି, ପ୍ରଣୟ ରୂପକ ପିୟୂଷରେ ବିରହ ରୂପକ ବିଷ ମିଶି ରହିଥାଏ, ଯାହାକି ବିଧାତାଙ୍କର ବିଚିତ୍ର ବିଧାନ । ଏହାକୁ ବୁଝାଇବାକୁ ଯାଇ କବି ଲେଖିଛନ୍ତି, ସୁନ୍ଦର ସରୋଜ ଚରଣରେ ଅହି ଜନିତ ହୋଇ ରହିଥାଏ । ବିଧାତାଙ୍କର ଏହି ବିଧାନକୁ କେହି କହିପାରିବେ ନାହିଁ ।

୪. ଯମଦୂତ ବୋଲି କବି କାହାକୁ କହିଛନ୍ତି ?

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାରେ କବି ଗୋପବନ୍ଧୁ ଦାସ ଏହା ଉଲ୍ଲେଖ କରିଛନ୍ତି । ବନ୍ଦୀଶାଳାର ସିପାହୀକୁ କବି ଯମଦୂତ ବୋଲି କହିଛନ୍ତି । ଯମଦୂତ ଯେପରି ନିଷ୍ଠୁର ଏବଂ ତା' ହୃଦୟରେ ସାମାନ୍ୟ କରୁଣା ନଥାଏ, ଠିକ୍ ସେହିଭଳି ସିପାହୀ କବି ଗୋପବନ୍ଧୁଙ୍କ ଅନୁରୋଧକୁ ସାମାନ୍ୟ ଭାବେ ଶୁଣି ନାହିଁ । ବରଂ ନିଷ୍ଠୁର ଓ ନିର୍ଦ୍ଦୟ ଭାବରେ ଭିତରକୁ ଯିବାକୁ ସେ ସୂଚନା ଦେଇଛି । ସିପାହୀର ନିଷ୍ଠୁର ଭାବକୁ ଦେଖି କବି ଏପରି କହିଛନ୍ତି ।

**(ଙ) ଦୀର୍ଘ ପ୍ରଶ୍ନୋତ୍ତର :**

**୧. ଉ.: 'ବନ୍ଦୀର ବିରହ ବ୍ୟଥା' କବିତାର ସାରମର୍ମ ନିଜ ଭାଷାରେ ଲେଖ ।**

ଉ.: 'ବନ୍ଦୀର ବିରହ ବ୍ୟଥା' କବିତାଟି କବି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ 'କାରା କବିତା' କବିତା ସଂକଳନରୁ ଗୃହୀତ ହୋଇଛି । କବି ଗାନ୍ଧିଜୀଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଇଥିଲେ । ଯାହାଫଳରେ ସେ ବିଦେଶୀ ସରକାରଙ୍କ ରୋଷର ଶିକାର ହୋଇଥିଲେ । ତାଙ୍କୁ ହଜାରିବାଗ୍ ଜେଲ୍‌ରେ ବନ୍ଦୀ ଭାବରେ ରହିବାକୁ ହୋଇଥିଲା ।

ଆଲୋଚ୍ୟ କବିତାଟିକୁ କବି ସେହି ସମୟରେ ରଚନା କରିଥିଲେ । ଯେହେତୁ ସେ ଜନ୍ମଭୂମି ଓ ପ୍ରିୟପରିଜନଙ୍କ ଠାରୁ ଦୂରେଇ ରହିଥିଲେ, ସେଥିପାଇଁ ତାଙ୍କ ମନରେ ରହିଥିଲା ଅନେକ ଦୁଃଖ । ସେ ଯେତେବେଳେ ପ୍ରକୃତିର ଅପରୂପ ଦୃଶ୍ୟ ଦେଖିଥିଲେ, ସେତେବେଳେ ସେ ମାନବୀୟ ଭାବଧାରାକୁ ଆରୋପ କରିଥିଲେ ପ୍ରକୃତିଠାରେ ଏବଂ ନିଜ ହୃଦୟର ଦୁଃଖ ଓ ଜାତୀୟତା ଭାବକୁ ସେଥିରେ ସେ ସୂଚିତ କରିଥିଲେ ।

ସେଦିନ ଥିଲା ବସନ୍ତର ମଧୁମୟ ମୁହୂର୍ତ୍ତ । ଉତ୍ତୀର୍ଣ୍ଣ ଅପରାହ୍ଣରେ ସୂର୍ଯ୍ୟ ପଶ୍ଚିମ ଦିଗକୁ ତାଙ୍କର କନକ କିରଣରେ ରଞ୍ଜିତ କରିଥିଲେ । କବି ତାହାକୁ ଦେଖି ପରିକଳ୍ପନା କରିଛନ୍ତି, ପ୍ରିୟତମ ସୂର୍ଯ୍ୟ ଯେପରି ପ୍ରିୟତମା ପୃଥିବୀଠାରୁ ବିଦାୟ ନେବା ପାଇଁ ପ୍ରସ୍ତୁତ ହେଉଛି । ବିଦାୟ ବେଳାରେ ଆକାଶ ଯେପରି ବିଚିତ୍ର ବର୍ଣ୍ଣର ଚନ୍ଦ୍ରାତାପରେ ସଜେଇ ହୋଇଛି । ପକ୍ଷୀମାନେ ଯେପରି ଏହି ବିଦାୟ ମୁହୂର୍ତ୍ତରେ ସମଦରଦୀ ହୋଇ କରୁଣଗାନ କରି ଉଡ଼ିଯାଉଛନ୍ତି । ସୂର୍ଯ୍ୟ ଅସ୍ତ ଯାଉଥିବାରୁ ତରୁ ଓ ଗିରି ଶ୍ରେଣୀର ଛାୟାର ଆକାର କ୍ରମଶଃ ବଢ଼ି ବଢ଼ି ଯାଉଛି । କବି ତାହାକୁ ଦେଖି କହିଛନ୍ତି, ସୂର୍ଯ୍ୟଙ୍କୁ ପ୍ରଣାମ କରୁଛନ୍ତି । ତରୁ ଓ ଗିରିର ଉପରିଭାଗରେ ପଡ଼ିଥିବା ସୁନେଲି କିରଣକୁ ଦେଖିଲେ ମନେହେଉଛି, ସୂର୍ଯ୍ୟଦେବ ସେମାନଙ୍କ ମସ୍ତକରେ ହେମ ବର୍ଣ୍ଣର ପାଟ ବାନ୍ଧି ଦେଉଛନ୍ତି । ଧୀର ସମୀରଣର ସ୍ୱରରେ ସୂର୍ଯ୍ୟ ପୃଥିବୀକୁ, 'ଅଚିରେ ଫେରିବି ଧନି । ନୁହଁ କାତର' ବୋଲି କହୁଛନ୍ତି । କବି ଜଣେ ବିରହୀ ଓ ଅନୁଭବୀ ଭାବରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ବିଦାୟ ବେଳାର ମୁହୂର୍ତ୍ତକୁ ନିଜ ମନ ମଧ୍ୟରେ ଅନୁଭବ କରିଛନ୍ତି ।

କବିତାର ଶେଷ ପର୍ଯ୍ୟାୟରେ ନିଜର ଦାର୍ଶନିକ ଅନୁଚିନ୍ତା ପ୍ରକାଶ କରି କବି ଲେଖିଛନ୍ତ, ମିଳନ ସହିତ ବିରହ ଲାଗିରହିଥାଏ । ପ୍ରଣୟ-ପିୟୂଷରେ ବିରହ-ବିଷ ଜଡ଼ିତ ହୋଇ ରହିଥିବା ବିଧାତାଙ୍କର ବିଚିତ୍ର ବିଧାନ । କବି ସେହି ବିରହ ଦୃଶ୍ୟକୁ ଦେଖି ନିଜର ସନ୍ତାପିତ ହୃଦୟରେ ସାମାନ୍ୟ ସାନ୍ତ୍ୱନା ଲାଭ କଲା ପରି ମନେ ହୋଇଛି । ସେହି ଦୃଶ୍ୟକୁ ଦେଖିବାରେ ଓ ଅନୁଭବ କରିବାରେ ସିପାହୀ ବାଧା ସୃଷ୍ଟି କରିଥିବାରୁ, କବିଙ୍କ ମନରେ ଖେଦ ସୃଷ୍ଟି ହୋଇଛି ।

କବିତାଟିରେ କବି ବାହ୍ୟ ପ୍ରକୃତି ସହିତ ଅନ୍ତଃ ପ୍ରକୃତିର ସମନ୍ୱୟ ଘଟାଇଛନ୍ତି ।

**୨. ପ୍ରକୃତିର ବିରହ ମଧ୍ୟରେ କବି କିପରି ଆପଣାର ବିରହକୁ ଉପଲବ୍ଧି କରିଛନ୍ତି, ଆଲୋଚନା କର ।**

ଉ.: ଉତ୍କଳମଣି ଗୋପବନ୍ଧୁ ଦାସ 'ବନ୍ଦୀର ବିରହ ବ୍ୟଥା' କବିତାରେ, ପ୍ରକୃତିର ବିରହକାଳୀନ ଦୃଶ୍ୟକୁ ପରିକଳ୍ପନା କରି, ଆପଣା ହୃଦୟର ବିରହ ଭାବକୁ ଉପଲବ୍ଧି କରିଛନ୍ତି । ଅନୁଭବୀ ହିଁ ଅନ୍ୟ ଦୁଃଖକୁ ଅନୁଭବ କରିପାରେ । ବିରହୀ ହିଁ ବିରହ ବ୍ୟଥାକୁ ଅନ୍ୟ ପାଖରେ ଦେଖିଲେ, ମନର ଶୋଚନାକୁ ଭଲ ଭାବରେ ମନେ ମନେ ପରିକଳ୍ପନା କରିପାରେ । କବି ଆଲୋଚ୍ୟ କବିତାରେ ନିଜର ଦାର୍ଶନିକ ଅନୁଚିନ୍ତାକୁ ପରିପ୍ରକାଶ କରି କହିଛନ୍ତି, ବିରହ ଓ ମିଳନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି । ଯେଉଁଠି ମିଳନର କୁଆର ସୃଷ୍ଟି ହେଉଛି, ସେଠାରେ ନିଶ୍ଚୟ ବିରହର ଭଟ୍ଟା ଦେଖାଯିବ, ସେଥିରେ କୌଣସି ବିଚିତ୍ରତା ନାହିଁ । ଏହାକୁ କବି ବିଧାତାଙ୍କର ବିଚିତ୍ର ବିଧାନ ବୋଲି ସ୍ୱୀକାର କରିଛନ୍ତି ।

କବି ଗୋପବନ୍ଧୁ ହଜାରିବାଗ ଜେଲରେ ଥିଲା ବେଳେ ପ୍ରିୟଜନଙ୍କ ଠାରୁ ଦୂରେଇ ରହିଥିଲେ । ସନ୍ଧ୍ୟାର ପ୍ରାକ୍ ମୁହୂର୍ତ୍ତରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଦେଖି, କବିଙ୍କ ମନରେ ବିରହର ଭାବ ମନେ ପଡ଼ି ଯାଇଛି । ସେ ଦେଖିଛନ୍ତି, ସୂର୍ଯ୍ୟ ପୃଥିବୀ ଠାରୁ ବିଦାୟ ନେଉଛନ୍ତି । ବିଦାୟ ବେଳାକୁ ମୁଖରିତ କରିଛନ୍ତି; ପକ୍ଷୀମାନେ କରୁଣଗାନରେ । କବିଙ୍କ ମତରେ ମିଳନ ବା ପ୍ରଣୟ ପୀୟୂଷରେ ବିରହର ବିଷ ଲାଗିରହିବା, ବିଧାତାଙ୍କର ବିଚିତ୍ର ବିଧାନ । କବି ପ୍ରଶ୍ନିଳ ଭାବ ନେଇ ଲେଖିଛନ୍ତି -

"ପ୍ରଣୟୀ ପୀୟୂଷେ ମିଶିଛି କିଆଁ ବିରହ ବିଷ
ବିଶ୍ୱବାସୀ ପ୍ରତି ବିଚିତ୍ର ଏକ ବିଧି ଆଶିଷ ?"

ପ୍ରକୃତିର ଏହି ବିଦାୟ ଓ ବିରହ ଦୃଶ୍ୟକୁ କବି ନିଜ ଦରଦୀ ହୃଦୟରେ ଅନୁଭବ କରଛନ୍ତି । ଜନ୍ମଭୂମି ଓ ପ୍ରିୟଜନଙ୍କ ଠାରୁ ଦୂରରେ ବନ୍ଦୀଭାବରେ ରହିଥିବାରୁ ସେ ଭାବବିଭୋର ହୋଇ କହିଛନ୍ତି –

"ଆହା, ପ୍ରିୟଜନ ବିରହ କି ଦାରୁଣ କଷଣ ?
ପ୍ରୀତି ପାଶେ ବନ୍ଧା ଜଗତ ସର୍ବ ଜଡ଼ ଚେତନ ।"

× × × ×

ବିଶ୍ୱ ପ୍ରକୃତିରେ ଦେଖିଲେ ସମ ହୃଦ ବେଦନା,
ତାପିତ ଅନ୍ତରେ ଆସିବ ଅବା କ୍ଷଣେ ସାନ୍ତ୍ୱନା ।

କବି ଏଥିପାଇଁ ଜେଲରେ ସିପାହୀକୁ ଅନୁରୋଧ କରିଛନ୍ତି, ଆଉ କିଛି ସମୟ ବାହାରେ ରହିବା ପାଇଁ । ସେ ଚାହିଁଛନ୍ତି, ପ୍ରିୟସ୍ଥାନ ଓ ପ୍ରିୟଜନଙ୍କୁ ଛାଡ଼ି ଆସିଥିବା ତାଙ୍କର ତାପିତ ଅନ୍ତର ଏହି ଦୃଶ୍ୟ ଦେଖିଲେ ସାମୟିକ ଆଶ୍ୱାସନା ମିଳିଯିବ ।

କବିଙ୍କର ତୁଳନାତ୍ମକ ଭାବପ୍ରକାଶ ମନୋଜ୍ଞ ହୋଇପାରିଛି ।

❖❖❖

# ପିଙ୍ଗଳାର ଅଭିସାର

ରାଧାମୋହନ ଗଡ଼ନାୟକ

(କ) କବି ପରିଚୟ :

କବି ରାଧାମୋହନ ଗଡ଼ନାୟକ ଛନ୍ଦ କବି ଭାବରେ ଓଡ଼ିଆ ସାହିତ୍ୟରେ ସୁପରିଚିତ । ଖୁବ୍ କମ୍ ବୟସରୁ ସେ କବିତା ଲେଖାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିଲେ । ସତେ ଯେପରି ସେ ଐଶୀ ପ୍ରତିଭାର ଅଧିକାରୀ ହୋଇ, ଅନେକ ଗୀତିକବିତା ଓ ଗାଥା କବିତାର ସ୍ରଷ୍ଟାଭାବରେ ନିଜକୁ ପ୍ରତିଷ୍ଠିତ କରିଥିଲେ । ସବୁଜ କବିଙ୍କ ସମସାମୟିକ କବି ଭାବରେ କବିତା ଲେଖାରେ ସେ ମନୋନିବେଶ କରିଥିଲେବି, ନିଜର ଚିନ୍ତା ଚେତନା ଓ ରୁଚିବୋଧକୁ ନିଆରା କରି ରଖିଥିଲେ । ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଜାତୀୟତାବୋଧ ଓ ଦେଶପ୍ରୀତିକୁ ନେଇ ତତ୍‌ସମ ଶବ୍ଦ ଓ ଛନ୍ଦାୟିତ ଭାବରେ ସେ କବିତା ରଚନା କରୁଥିଲେ ।

କବି ଗଡ଼ନାୟକ ୧୯୧୧ ମସିହାରେ ଅନୁଗୁଳ ଜିଲ୍ଲାର, କଲଣ୍ଡାପାଳ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ଏବଂ ୨୦.୦୦ ମସିହାରେ ଅମର ପଥର ଯାତ୍ରୀ ହୋଇଥିଲେ ।

କବିଙ୍କର ସାରସ୍ୱତ ସୃଷ୍ଟି ପର୍ଯ୍ୟାପ୍ତ ଓ ବୈଚିତ୍ର୍ୟପୂର୍ଣ୍ଣ । ତାଙ୍କର କବିତା ସୃଷ୍ଟିଗୁଡ଼ିକ ହେଉଛି, କାବ୍ୟନାୟିକା, ଉତ୍କଳିକା, ମୌସୁମୀ, ପଶୁପକ୍ଷୀର କାବ୍ୟ, ସ୍ମରଣିକା, କୈଶୋରିକା, ଶାମୁକାର ସ୍ୱପ୍ନ, ଧୂସର ଭୂମିକା, ସୂର୍ଯ୍ୟ ଓ ଅନ୍ଧକାର, ଅବାଟୀର ତାରା, ହୀରାଖଣ୍ଡର ଗାଥା । ଅନୁବାଦକ ଭାବରେ ସେ ମେଘଦୂତ ଓ ସୋରାବ ଓ ରୁସ୍ତମ୍ ରଚନା କରିଥିଲେ । ତାଙ୍କର ଗଦ୍ୟ ତୁଳସୀ ସ୍ତବକ ଓ ରାଧାନାଥ, 'ଓଡ଼ିଆ ଛନ୍ଦ' । ନିଜର ସାହିତ୍ୟ ସାଧନା ପାଇଁ କବି ଗଡ଼ାନାୟକ 'କେନ୍ଦ୍ର ସାହିତ୍ୟ ଏକାଡେମୀ', 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ଓ 'ପଦ୍ମଶ୍ରୀ' ଉପାଧିର ଅଧିକାରୀ ହୋଇଥିଲେ ।

(ଖ) କବିତା ସମ୍ପର୍କରେ :

କବି ରାଧାମୋହନ ଗଡ଼ନାୟକ 'ପିଙ୍ଗଳାର ଅଭିସାର' କବିତାଟିକୁ ଭାଗବତ ମିଥ୍ ଆଧାରରେ ରଚନା କରିଛନ୍ତି । ଅବଧୂତ ଯଦୁରାଜାଙ୍କ ନିକଟରେ ତାଙ୍କର ଚବିଶ ଗୁରୁଙ୍କ ପ୍ରସଙ୍ଗ ବର୍ଣ୍ଣନା କଲାବେଳେ, ପିଙ୍ଗଳାକୁ ଅନ୍ୟତମ ଗୁରୁଭାବରେ ଗ୍ରହଣ କରିଥିବା ସ୍ୱୀକାର କରିଛନ୍ତି । ଦେହବାଦୀ ଚିନ୍ତାଧାରାରୁ ମୁକ୍ତ ଓ ବିଦେହୀ ସତ୍ତା ପ୍ରତି ଆସକ୍ତ ପିଙ୍ଗଳାର ଅନୁଚିନ୍ତାକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ବିଦେହୀ ନଗରୀର ବାରବଧୂ ପିଙ୍ଗଳା । ସେ ଧନୀପୁତ୍ରଙ୍କୁ ନିଜର ଅଙ୍ଗସୁଖ ପ୍ରଦାନକରି, ଧନ ରୋଜଗାର କରେ । ଥରେ ଜଣେ ଧନୀ ପୁତ୍ର ଆସିବାର ସଂକେତ ଦେଇ, ନ ଆସିବାରୁ ପିଙ୍ଗଳା ମନରେ ଦେଖାଦେଇଥିଲା ଭାବାନ୍ତର । ସେ ଅନୁଭବ କରିଥିଲା ତାହାର ପ୍ରାଣନାଥ, ତାହାର ହୃଦୟେଶ୍ୱର ତା' ନିକଟରେ ରହିଛନ୍ତି । ସେହି ଅନୁଭବ କଲାପରେ, ତାହାର ଚିନ୍ତାଧାରା ବଦଳି

ଯାଇଛି । ଧନ, ସମ୍ପତ୍ତି, ଜାଗତିକ ସୁଖ ସମ୍ପଦକୁ ସେ ପଛରେ ପକାଇ ହୋଇଛି ପ୍ରେମର ସନ୍ୟାସିନୀ । ସେ ଭଗବତ୍ ସତ୍ତାକୁ ପ୍ରିୟତମ ଭାବରେ ଗ୍ରହଣ କରିସାରିବା ପରେ, ତା'ଜୀବନ ପୂର୍ଣ୍ଣାଙ୍ଗ ହୋଇଛି ବୋଲି ସେ ବୁଝିଛି ।

## ପ୍ରଶ୍ନାବଳୀ

(କ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ୪ଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ସଠିକ୍ ଉତ୍ତରର ମୂଲ୍ୟ ୧ ନମ୍ବର ।

୧. ପିଙ୍ଗଳା କିଏ ?

(i) ପଲ୍ଲୀବଧୂ । (ii) କୁଳବଧୂ ।

(iii) ବାରବଧୂ । (iv) ନବବଧୂ ।

ଉ.: (iii) ବାରବଧୂ ।

୨. ପିଙ୍ଗଳା ଆଉ କେଉଁ ଦୀପ ଜାଳିବ ନାହିଁ ବୋଲି କହିଛି ?

(i) ସଂଜ ଦୀପ । (ii) ପୂଜା ଦୀପ ।

(iii) ଜ୍ଞାନ ଦୀପ । (iv) କେଳି ଦୀପ ।

ଉ.: (ii) କେଳି ଦୀପ ।

୩. ପିଙ୍ଗଳା ରସିକ ନାଗରମାନଙ୍କୁ କି ଅଭିନୟ ଦେଖାଉଥିଲା ?

(i) ପୀରତିର ଅଭିନୟ । (ii) ଛଳନାର ଅଭିନୟ ।

(iii) ସ୍ନେହର ଅଭିନୟ । (iv) ବାନ୍ଧବୀର ଅଭିନୟ ।

ଉ.: (ii) ପୀରତିର ଅଭିନୟ ।

୪. 'ମରତ ପଥର ଅମରବନ୍ଧୁ ଅନ୍ତର ବିମୋହନ'– କାହା ଉଦ୍ଦେଶ୍ୟରେ କୁହାଯାଇଛି ?

(i) ପିଙ୍ଗଳାର ପ୍ରେମିକ । (ii) ଧନିକ ଯୁବକ ।

(iii) ରସିକ ନାଗର । (iv) ପରମ ପୁରୁଷ ।

ଉ.: (iv) ପରମ ପୁରୁଷ ।

୫. ମୁକ୍ତା କେଉଁଠି ଫଳେ ?

(i) ଶୁକ୍ତି ଗର୍ଭରେ । (ii) ସାଗର ଗର୍ଭରେ ।

(iii) ଧରିତ୍ରୀ ଗର୍ଭରେ । (iv) ପଦ୍ମ ଗର୍ଭରେ ।

ଉ.: (i) ଶୁକ୍ତି ଗର୍ଭରେ ।

୬. କେଉଁମାଳା ଦରକାର ନାହିଁ ବୋଲି ପିଙ୍ଗଳା କହିଛି ?

(i) ମଣିକାଞ୍ଚନ ମାଳା । (ii) ମରକତ ମାଳା ।

(iii) ବନପୁଷ୍ପର ମାଳା । (iv) ମଲ୍ଲୀମାଳା ।

ଉ.: (i) ମଣିକାଞ୍ଚନ ମାଳା ।

୭. ସଚେତନ ପିଙ୍ଗଳାର ଅଙ୍ଗପୁଲକକୁ କାହା ସହିତ ତୁଳନା କରାଯାଇଛି ?

(i) ପ୍ରସ୍ଫୁଟିତ ପଦ୍ମ । (ii) ବରଷାର ନୀପ ।

(iii) କୋରକିତ କେତକୀ । (iv) ବିକଶିତ ମଲ୍ଲୀ ।

ଉ.: (ii) ବରଷାର ନୀପ ।

୮. ଆତ୍ମଜ୍ଞାନ ଲାଭ ପରେ ପିଙ୍ଗଳା କାହା ପରି ଛୁଟି ଯିବାପାଇଁ ଚାହିଁଛି ?

(i) ମୁକ୍ତ ଚାରିଣୀ ତଟିନୀ । (ii) ବରଷାର ଧାରା ।

(iii) ଧୀର ସମୀରଣ । (iv) ଦକ୍ଷିଣା ପବନ ।

ଉ.: (i) ମୁକ୍ତ ଚାରିଣୀ ତଟିନୀ ।

୯. ପିଙ୍ଗଳା କେଉଁ ନଗରର ନଟୀ ଥିଲା ?

(i) ଅବନ୍ତୀ । (ii) ଉଜ୍ଜୟିନୀ ।

(iii) ବିଦେହ । (iv) କୋଶଳ ।

ଉ.: (iii) ବିଦେହ ।

୧୦. ପ୍ରେମର ସନ୍ନ୍ୟାସିନୀ ବୋଲି କବି କାହାକୁ କହିଛନ୍ତି ?

(i) ମଧୁମଗ୍ନା । (ii) ପିଙ୍ଗଳା ।

(iii) ଆମ୍ରପଲ୍ଲୀ । (iv) ମଧୁବ୍ରତା ।

ଉ.: (ii) ପିଙ୍ଗଳା ।

୧୧. ଉତ୍ତରିତ ପିଙ୍ଗଳା କେଉଁଠି ଶୋଇବ ବୋଲି କହିଛି ?

(i) ଧରଣୀର ତୃଣତଳ୍ପରେ । (ii) ଫୁଲ ଶଯ୍ୟାରେ ।

(iii) ତୁଳିତଳ୍ପ ଶଯ୍ୟାରେ । (iv) ପଥରର ଚଟାଣରେ ।

ଉ.: (i) ଧରଣୀର ତୃଣତଳ୍ପରେ ।

୧୨. ପୁଣ୍ୟ ମର୍ତ୍ତ୍ୟଭୂମିରେ ପିଙ୍ଗଳା କ'ଣ ସାଜିଛି ବୋଲି କହିଛି ?

(i) ପତିତା । (ii) ନେତ୍ରୀ ।

(iii) ସାମ୍ରାଜ୍ଞୀ । (iv) ଗୃହିଣୀ ।

ଉ.: (ii) ପତିତା ।

(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ସଠିକ୍ ଉତ୍ତରର ମୂଲ୍ୟ ୧ ନମ୍ବର ।

୧. ପିଙ୍ଗଳାର ଅଭିସାର କବିତାର କବି କିଏ ?

ଉ.: ପିଙ୍ଗଳାର ଅଭିସାର କବିତାର କବି ରାଧାମୋହନ ଗଡ଼ନାୟକ ।

୨. କେଉଁ ପୁରାଣର ଉପାଖ୍ୟାନ ଆଧାରରେ 'ପିଙ୍ଗଳାର ଅଭିସାର' କବିତାଟି ରଚିତ ହୋଇଛି ?

ଉ.: ଭାଗବତର ଏକାଦଶ ସ୍କନ୍ଦ ନବମ ଅଧ୍ୟାୟ ପିଙ୍ଗଳା ବେଶ୍ୟା ଉପାଖ୍ୟାନ ଆଧାରରେ 'ପିଙ୍ଗଳାର ଅଭିସାର' କବିତାଟି ରଚିତ ହୋଇଛି ।

୩. ପିଙ୍ଗଳା କେଉଁ ନଗରୀରେ ବାସ କରୁଥିଲା ?

ଉ.: ପିଙ୍ଗଳା ବିଦେହ ନଗରୀରେ ବାସ କରୁଥିଲା ।

୪. ବାରବଧୂ ବୋଲି କବି କାହାକୁ କହିଛନ୍ତି ?

ଉ.: ବାରବଧୂ ପିଙ୍ଗଳାକୁ ବାରବଧୂ ବୋଲି କାହାକୁ କହିଛନ୍ତି ।

୫. ପିଙ୍ଗଳାର ମନରେ କାହିଁକି ବିରାଗ ଆସିଥିଲା ?

ଉ.: କେଳିଦୀପ ଜାଳି, ଫୁଲ ଶେଯ ଶେଯାଇ ରାତିସାରା ରସିକ ନାଗରକୁ ଅପେକ୍ଷା କରିଥିବା ପିଙ୍ଗଳା ରସିକ ନାଗର ନଆସିବାରୁ ତା ମନରେ ବିରାଟ ଆସିଥିଲା ।

୬. ଦିବ୍ୟ ପରମଧନ ବୋଲି କାହାକୁ କୁହାଯାଇଛି ?

ଉ.: ଅମରବନ୍ଧୁ, ଅନ୍ତରବିମୋହନ ଭଗବାନଙ୍କୁ ଦିବ୍ୟ ପରମଧନ ବୋଲି କୁହାଯାଇଛି ।

୭. ମରତ ପଥର ଅମର ବନ୍ଧୁ କିଏ ?

ଉ.: ମରତ ପଥର ଅମର ବନ୍ଧୁ ଭଗବତ୍ ସତ୍ତା ।

୮. ପିଙ୍ଗଳାର ପଙ୍କିଳ ଜୀବନରେ କ'ଣ ଫୁଟିଛି ବୋଲି କୁହାଯାଇଛି ?

ଉ.: ପିଙ୍ଗଳାର ପଙ୍କିଳ ଜୀବନରେ ଶତଦଳ ଫୁଟିଛି ବୋଲି କୁହାଯାଇଛି ।

୯. ପିଙ୍ଗଳାର କାହିଁକି ଧନ ସମ୍ପଦ ଲୋଡ଼ାନାହିଁ ବୋଲି ସେ କହିଛି ?

ଉ.: ପିଙ୍ଗଳାର ଭଗବତ୍ ସତ୍ତାକୁ ହୃଦୟରେ ଅନୁଭବ କଲାପରେ ଧନ ସମ୍ପଦ ଲୋଡ଼ାନାହିଁ ବୋଲି ସେ କହିଛି ।

୧୦. ରସିକନାଗରମାନେ ଆଉ କାହିଁକି ପିଙ୍ଗଳା ପାଖକୁ ଆସିବେ ନାହିଁ ବୋଲି କୁହାଯାଇଛି ?

ଉ.: ଭଗବତ୍‌ସତ୍ତାକୁ ଅନୁଭବ କଲା ପରେ, ପିଙ୍ଗଳା ବାରବଧୂ ଭାବରେ ଆଉ କାହାକୁ ଅପେକ୍ଷା କରିବ ନାହିଁ ବୋଲି ଚିନ୍ତା କରିଛି, ଫଳରେ ପାଖକୁ ଆଉ ରସିକ ନାଗର ଆସିବେ ନାହିଁ ବୋଲି କୁହାଯାଇଛି ।

୧୧. ମଧୁଲଗ୍ନରେ ଆକାଶରେ କିଏ ହସୁଥିଲେ ?

ଉ.: ମଧୁଲଗ୍ନରେ ଆକାଶରେ ମୋହନ ଇନ୍ଦୁ ହସୁଥିଲେ ।

୧୨. 'ଶୁଭ୍ର, ଜୋଛନା ଶିରୀ' କେଉଁଠି ଉଚ୍ଛୁଳି ପଡୁଥିଲା ?

ଉ.: 'ଶୁଭ୍ର, ଜୋଛନା ଶିରୀ' ଦଶଦିଗକୁ ଉଚ୍ଛୁଳି ପଡୁଥିଲା ।

୧୩. ପିଙ୍ଗଳାର ଅଙ୍ଗର ପୁଲକକୁ କାହା ସହିତ ତୁଳନା କରାଯାଇଛି ?

ଉ.: ପିଙ୍ଗଳାର ଅଙ୍ଗର ପୁଲକକୁ ବରଷାର ନୀପ ସହିତ ତୁଳନା କରାଯାଇଛି ।

୧୪. ଜୀବନ ଯମୁନାରେ କିପରି ଜୁଆର ଆସେ ?

ଉ.: ଜୀବନ ଯମୁନାରେ ଉଜାଣି ଜୁଆର ଆସେ ।

୧୫. ପ୍ରେମର ଧନକୁ କିପରି ଭେଟିବ ବୋଲି ପିଙ୍ଗଳା କହିଛି ?

ଉ.: ପ୍ରେମର ଧନକୁ ଶତବନଗିରି କାନ୍ତାରେ ବୁଲି ଭେଟିବ ବୋଲି ପିଙ୍ଗଳା କହିଛି ।

୧୬. ମୁକ୍ତଚାରିଣୀ ତଟିନୀ ବୋଲି କାହାକୁ କୁହାଯାଇଛି ?

ଉ.: ମୁକ୍ତଚାରିଣୀ ତଟିନୀ ବୋଲି ପିଙ୍ଗଳାକୁ କୁହାଯାଇଛି ।

୧୭. ପ୍ରେମରେ ସନ୍ନ୍ୟାସିନୀ କିଏ ?

ଉ.: ପ୍ରେମରେ ସନ୍ନ୍ୟାସିନୀ ହେଉଛି ପିଙ୍ଗଳା ।

୧୮. ପିଙ୍ଗଳା ତା' ପାପର କଳୁଷ କାଳିମା କିପରି ଧୋଇବ ବୋଲି ଭାବୁଛି ?

ଉ.: ପିଙ୍ଗଳା ତା' ପାପର କଳୁଷ କାଳିମାତିକ୍ତ ଲୋତକ ଜଳରେ ଧୋଇବ ବୋଲି ଭାବୁଛି ।

୧୯. ପିଙ୍ଗଳା ପ୍ରିୟତମକୁ କିପରି ଧୂପ ଆରତି ଦେବ ?

ଉ.: ପିଙ୍ଗଳା ପ୍ରିୟତମକୁ ପ୍ରୀତି ଅନଳ ଜାଳି ଧୂପ ଆରତି ଦେବ ।

୨୦. ପିଙ୍ଗଳା ମୁରଲୀର ଗୀତ କେଉଁଠି ଶୁଣିବ ବୋଲି କବି କହିଛନ୍ତି ?

ଉ.: ପିଙ୍ଗଳା ମୁରଲୀର ଗୀତ 'ଗଗନେ ଭୁବନେ ପବନେ ପବନେ' ଶୁଣିବ ବୋଲି କବି କହିଛନ୍ତି ।

୨୧. ଜ୍ୟୋତ୍ସ୍ନାନିଶିର ପୁଲକରେ ପିଙ୍ଗଳା କ'ଣ ପିଇବ ବୋଲି କବି କହିଛନ୍ତି ?

ଉ.: ଜ୍ୟୋତ୍ସ୍ନାନିଶିର ପୁଲକରେ ପିଙ୍ଗଳା ବନ୍ଧୁର ହାସ ସୁଧା ପିଇବ ବୋଲି କବି କହିଛନ୍ତି ।

୨୨. ପ୍ରେମପାଗଳିନୀ ପିଙ୍ଗଳା କ'ଣ ଭୁଲିଯିବ ବୋଲି କହିଛି ?

ଉ.: ପ୍ରେମପାଗଳିନୀ ପିଙ୍ଗଳା ପ୍ରାଣର ଆକୁଳ ପିପାସା ଓ କ୍ଷୁଧାକୁ ଭୁଲିଯିବ ବୋଲି କହିଛି ।

୨୩. ସଚେତନ ପିଙ୍ଗଳା କେଉଁଠି ଆନନ୍ଦରେ ଶୋଇ ପାରିବ ବୋଲି କହିଛି ?

ଉ.: ସଚେତନ ପିଙ୍ଗଳା ଧରଣୀର ତୃଣ ତଳ ଛାତିରେ ଆନନ୍ଦରେ ଶୋଇ ପାରିବ ବୋଲି କହିଛି ।

୨୪. କାହାର ସ୍ୱପ୍ନ ଦେଖି ପିଙ୍ଗଳା ଆନନ୍ଦରେ ଆଖି ବୁଜିବ ବୋଲି କହିଛି ?

ଉ.: ବନ୍ଧୁର ସ୍ୱପ୍ନ ଦେଖି ପିଙ୍ଗଳା ଆନନ୍ଦରେ ଆଖି ବୁଜିବ ବୋଲି କହିଛି ।

୨୫. ପିଙ୍ଗଳା ସ୍ୱପ୍ନ ଦେଖି ଆଖି ବୁଜିବା ବେଳେ କେଉଁମାନେ ସାକ୍ଷୀ ରହିଥିବେ ?

ଉ.: ପିଙ୍ଗଳା ସ୍ୱପ୍ନ ଦେଖି ଆଖି ବୁଜିବା ବେଳେ ଚନ୍ଦ୍ର, ତପନ, ଗଗନ, ଭୁବନ ସାକ୍ଷୀ ରହିଥିବେ ।

୨୬. 'ସରଗର ଅମର କନ୍ୟା' ବୋଲି କବି କାହାକୁ କହିଛନ୍ତି ?

ଉ.: 'ସରଗର ଅମର କନ୍ୟା' ବୋଲି କବି ବିଦେହ ସତ୍ତାରେ ଉଦ୍‌ବେଳିତ ପିଙ୍ଗଳାକୁ କହିଛନ୍ତି ।

୨୭. କିଏ ପତିତାର ଜୀବନ ବିତାଉଥିଲା ?

ଉ.: ପିଙ୍ଗଳା ପତିତାର ଜୀବନ ବିତାଉଥିଲା ।

୨୮. ଅମୃତ ପିଇବା ପାଇଁ ଆସିଥିଲି ବୋଲି କିଏ କହିଛି ?

ଉ.: ଅମୃତ ପିଇବା ପାଇଁ ଆସିଥିଲି ବୋଲି ପିଙ୍ଗଳା କହିଛି ।

୨୯. ମଧୁର ମୁରଲୀର ଧ୍ୱନିରେ କିଏ ପିଙ୍ଗଳାକୁ ଡାକୁଥିଲେ ?

ଉ.: ମଧୁର ମୁରଲୀର ଧ୍ୱନିରେ ପତିତପାବନ ବନ୍ଧୁ ପିଙ୍ଗଳାକୁ ଡାକୁଥିଲେ ।

୩୦. ପତିତପାବନ ବନ୍ଧୁ ବୋଲି କବି କାହାକୁ କହିଛନ୍ତି ?

ଉ.: ପତିତପାବନ ବନ୍ଧୁ ବୋଲି କବି ଭଗବତ୍ ସତ୍ତାକୁ କହିଛନ୍ତି ।

୩୧. 'ବିଶ୍ୱ-ପରଶମଣି'- କାହାକୁ କୁହାଯାଇଛି ?

ଉ.: 'ବିଶ୍ୱ-ପରଶମଣି'- ପତିତପାବନ ବନ୍ଧୁକୁ କୁହାଯାଇଛି ।

୩୨. ପତିତପାବନଙ୍କ ପୁଣ୍ୟ ସ୍ପର୍ଶରେ ପିଙ୍ଗଳାର କ'ଣ ହେବ ବୋଲି କୁହାଯାଇଛି ?

ଉ.: ପତିତପାବନଙ୍କ ପୁଣ୍ୟ ସ୍ପର୍ଶରେ ପିଙ୍ଗଳାରେ ଅପବିତ୍ର ଅଙ୍ଗ ସ୍ୱର୍ଣ୍ଣ ହେବ ବୋଲି କୁହାଯାଇଛି ।

୩୩. ବିଦାୟ ବେଳାରେ ପିଙ୍ଗଳା ବିଦେହବାସୀଙ୍କୁ କ'ଣ ଭୁଲିଯିବା ପାଇଁ ଅନୁରୋଧ କରିଛି ?

ଉ.: ବିଦାୟ ବେଳାରେ ପିଙ୍ଗଳା ବିଦେହବାସୀଙ୍କୁ ତା'ର ପୁଣ୍ୟ କଳୁଷ ରାଜିକୁ ଭୁଲିଯିବା ପାଇଁ ଅନୁରୋଧ କରିଛି ।

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ ; ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧. ପିଙ୍ଗଳା କାହିଁକି ପୀରତିର ଅଭିନୟ କରିବ ନାହିଁ ବୋଲି କହିଛି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ପିଙ୍ଗଳା ଜୀବନରେ ଆଧାତ୍ମିକ ଉତ୍ତରଣ ହେଲାପରେ ପୀରତିର ଅଭିନୟ କରିବ ନାହିଁ ବୋଲି କହିଛି ।

୨. "ରିକ୍ତ ଏ ମୋର ଶୁକ୍ତିଗରଭେ ଫଳିଛି ମୁକ୍ତାଫଳ" କେଉଁ ପ୍ରସଙ୍ଗରେ କୁହାଯାଇଛି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ପିଙ୍ଗଳାର ଆଧାତ୍ମିକ ଉତ୍ତରଣ ହେଲାପରେ, ତା' ମନରେ ଆଶାର ସମ୍ଭାବନାକୁ, ରିକ୍ତ ଏ ମୋର ଶୁକ୍ତିଗରଭେ ଫଳିଛି ମୁକ୍ତାଫଳ ବୋଲି କୁହାଯାଇଛି ।

୩. ପିଙ୍ଗଳାର ଚେତନା ଜାଗ୍ରତ ହେବାରୁ ସେ ଆଉ କ'ଣ ଲୋଡ଼ା ନାହିଁ ବୋଲି କହିଛି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ପିଙ୍ଗଳାର ଚେତନା ଜାଗ୍ରତ ହେବାରୁ ସେ ଆଉ ବିଳାସ କୁଞ୍ଜ, ଚାରୁଚିତ୍ରଶାଳା ଲୋଡ଼ା ନାହିଁ ବୋଲି କହିଛି ।

୪. ପିଙ୍ଗଳାର ଜୀବନ ଯମୁନାରେ ଉଜାଣି ଉଠିଲା କାହିଁକି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । କାହିଁ ଦୂରଦେଶର ମଞ୍ଜୁଳ ମୁରଲୀ ଧ୍ୱନି ପିଙ୍ଗଳାକୁ ଶୁଣାଯିବାରୁ, ତା' ଜୀବନଯମୁନାରେ ଉଜାଣି ଉଠିଛି ।

୫. "ବନ୍ଧୁ ମୋ ପ୍ରେମ ସିନ୍ଧୁ" କିଏ କେଉଁ ପ୍ରସଙ୍ଗରେ କହିଛି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି ।ପିଙ୍ଗଳାର ଦିବ୍ୟଚେତନା ଜାଗ୍ରତ ହେଲାପରେ ସେ ପ୍ରେମର ସିନ୍ଧୁ ପାଖରେ ନିଜ ଜୀବନକୁ ସମର୍ପଣ କରିଦେବ ବୋଲି ଏହା କହିଛି ।

୬. ପିଙ୍ଗଳା ଆପଣା ପ୍ରାଣର ଆକୁଳ ପିଆସା କିପରି ଭୁଲିବ ବୋଲି ମନେ କରିଛି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ଦିବ୍ୟଚେତନା ଆସିଲା ପରେ ପିଙ୍ଗଳା ଜ୍ୟୋତ୍ସ୍ନା ନିଶିରେ ପୁଲକିତ ପ୍ରାଣରେ ପ୍ରିୟବନ୍ଧୁଙ୍କର ହାସ ସୁଧା ପାନକଲା ପରେ ଆପଣା ପ୍ରାଣର ଆକୁଳ ପିପାସା ଭୁଲିବ ବୋଲି ମନେ କରିଛି ।

୭. ସନ୍ନ୍ୟାସିନୀ ପିଙ୍ଗଳାର ଜୀବନ ଧାରଣା କିପରି ହେବ ବୋଲି କବି ବର୍ଣ୍ଣନା କରିଛନ୍ତି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ସନ୍ନ୍ୟାସିନୀ ପିଙ୍ଗଳା ଦିବ୍ୟ ଚେତନା ଲାଭ କଲା ପରେ ଜଗତର ବନ୍ଧୁ ପ୍ରିୟତମଙ୍କର ସ୍ୱପ୍ନ ଦେଖି ଆଖି ବୁଜିଦେବ ବୋଲି କବି ବର୍ଣ୍ଣନା କରିଛନ୍ତି ।

୮. ପିଙ୍ଗଳା କାହିଁକି ନିଜକୁ ସର୍ପିଣୀ ବୋଲି କହିଛି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ପିଙ୍ଗଳା ମନରେ ଅନୁତାପ ଆସିବାରୁ, ସେ ପୂର୍ବରୁ ଦେହ ଭୋଗର ବିଷୟରେ ଅନ୍ୟକୁ ଜାଳି ଦେଇଥିବାରୁ, ନିଜକୁ ସର୍ପିଣୀ ବୋଲି କହିଛି ।

୯. ମଧୁର ମୁରଲୀର ସ୍ୱରରେ କିଏ କାହାକୁ କାହିଁକି ଡାକୁଥିଲା ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ମଧୁର ମୁରଲୀ ସ୍ୱରରେ ପିଙ୍ଗଳା ଜୀବନର ପ୍ରିୟତମ, ପିଙ୍ଗଳାକୁ କଳୁଷ ଗତିରୁ ମୁକ୍ତି ଦେବା ପାଇଁ ଡାକୁଥିଲା ।

୧୦. ବିଶ୍ୱ ପରଶମଣି ବୋଲି କବି କାହାକୁ କାହିଁକି କହିଛନ୍ତି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ବିଶ୍ୱ ପରଶମଣି ବୋଲି କବି ପତିତପାବନ ଜଗତ୍‌ବନ୍ଧୁ ଭଗବତ୍ ସତ୍ତାକୁ କହିଛନ୍ତି ।

**(ଘ) ୩୦ ଶବ୍ଦରେ ଉତ୍ତର ଲେଖ ।**

**୧. ପିଙ୍ଗଳା ମନରେ କାହିଁକି ବୈରାଗ୍ୟଭାବ ଜାଗ୍ରତ ହେଲା ?**

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ଧନୀପୁତ୍ର ପିଙ୍ଗଳାକୁ ସଂକେତ ଦେଇ, ରାତ୍ରିରେ କେଳି ଗୃହକୁ ନ ଆସିବାରୁ, ପିଙ୍ଗଳା ମନରେ ହତାଶା ଭାବ ଦେଖାଦେଇଥିଲା । ସେହି ହତାଶା ଭାବର ତାହାର ଦେଖାଦେଇଥିଲା ଆଧ୍ୟାତ୍ମିକ ଉତ୍ତରଣ, ଫଳରେ, ତା' ମନରେ ବୈରାଗ୍ୟଭାବ ଜାଗ୍ରତ ହେଲା ।

୨. ମରତ ପଥର ଅମର ବନ୍ଧୁଙ୍କୁ ଲାଭ କରିବା ପରେ ପିଙ୍ଗଳା ଜୀବନରେ କ'ଣସବୁ କରିବ ନାହିଁ ବୋଲି କହିଛି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ମରତ ପଥରେ ଅମର ବନ୍ଧୁଙ୍କୁ ଲାଭ କରିବା ପରେ, ପିଙ୍ଗଳା ପୂର୍ବଭଳି ବାରବଧୂ ଭାବରେ ପ୍ରୀତିର ଅଭିନୟ କରିବ ନାହିଁ । ସେ ରାତିସାରା ଜାଗ୍ରତ ହୋଇ ଫୁଲ ଶେଯ ଶେଯାଇବ ନାହିଁ କିମ୍ବା କେଳିଦୀପ ଜାଳିବ ନାହିଁ ବୋଲି କହିଛି ।

୩. ପିଙ୍ଗଳାର ବିଫଳ ଜୀବନ ସଫଳ ହେଲା ବୋଲି ସେ କିପରି ମନେ କରିଛି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ପିଙ୍ଗଳା ଜୀବନରେ ଆଧ୍ୟାତ୍ମିକ ଉତ୍ତରଣ ହେଲାପରେ, ସେ ନିଜ ଭିତରେ ଅନ୍ତର ବିମୋହନ ସତ୍ତାଙ୍କୁ ଅନୁଭବ କରିଥିଲା । ବାରବଧୂର ଜୀବନ ଯେ ବ୍ୟର୍ଥ ଜୀବନ ତାହା ସେ ବୁଝିପାରିଥିଲା । ମନରେ ଅମରବନ୍ଧୁଙ୍କୁ ଅନୁଭବ କଲାପରେ, ତା'ର ବିଫଳ ଜୀବନ ସଫଳ ହେଲା ବୋଲି ସେ ମନେ କରିଛି ।

୪. ପରିବର୍ତ୍ତିତ ପିଙ୍ଗଳା ପ୍ରକୃତିକୁ କିପରି ଅନୁଭବ କରିଛି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ବାରବଧୂ ପିଙ୍ଗଳା ଅନ୍ତର ଭିତରେ ଅମର ବନ୍ଧୁଙ୍କୁ ଲାଭ କଲା ପରେ ସେ ପରିବର୍ତ୍ତିତ ରୂପ ନେଇଛି । ଧରଣୀର ମୁକ୍ତ ପରିବେଶ ତା'କୁ ଆମୋଦକର ମନେ ହୋଇଛି । ଗଗନର ଇନ୍ଦୁ ଓ ତାରକା ରାଶି ମୁଗ୍ଧ ଦୃଷ୍ଟିରେ ହସୁଥିଲା ଭଳି ତାକୁ ଅନୁଭବ ହୋଇଛି । ସବୁଆଡ଼େ ଯେଉଁଭଳି ଜ୍ୟୋତ୍ସ୍ନା ଓ ସମୀରର ଶୀତଳତାକୁ ସେ ଅନୁଭବ କରିଛି ।

୫. "ଯାଉଅଛି ଆଜି ଜୀବନର ମମ, ପ୍ରିୟତମ ଅଭିସାରେ" କେଉଁ ପ୍ରସଙ୍ଗରେ କୁହଯାଇଛି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ପିଙ୍ଗଳ ଅନ୍ତର ଭିତରେ ବିମୋହନ ସତ୍ତାକୁ ଅନୁଭବ କଲାପରେ, ତା ଦେହରେ ଦେଖାଦେଇଛି ପୁଲକିତ ଭାବ । ସେ ଶୁଣିପାରିଛି ମଞ୍ଜୁଳ ମୁରଲୀ ଧ୍ୱନିକୁ । ଯାହାଫଳରେ ତା' ଜୀବନ ଯମୁନାରେ ଉଜାଣି ବହିଛି ଏବଂ ଜାଗତିକ ମାୟାନରୁ ସେ ମୁକ୍ତ ହୋଇ ପ୍ରିୟ ପରମଙ୍କ ଅଭିସାର ପାଇଁ ପ୍ରସ୍ତୁତ ହୋଇଛି ।

୬. ସଚେତନ ପିଙ୍ଗଳା ତା'ର ପ୍ରିୟ ପରମଙ୍କର କିପରି ପୂଜା ଆରତି କରିବ ବୋଲି କବି ବର୍ଣ୍ଣନା କରିଛନ୍ତି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ସଚେତନ ପିଙ୍ଗଳା ତା'ର ପ୍ରେମର ସନ୍ନ୍ୟାସିନୀ ଭାବରେ ନିଜର କଳୁଷ କାଳିମାକୁ ଲୋତକ ଜଳରେ ଧୋଇ ଦେଇଛି । ନିଜର ଯୌବନ ଧନକୁ ଓ ରୂପ ପସରାକୁ ପ୍ରୀତି ଅନଳରେ ଜାଳିଦେଇ ପ୍ରିୟପରମଙ୍କ ଆରତି ଧୂପ ସଜାଡ଼ିଛି ବୋଲି କବି ବର୍ଣ୍ଣନା କରିଛନ୍ତି ।

୭. ଆପଣାର ଘୃଣ୍ୟ ଜୀବନରୁ ମୁକ୍ତି ପାଇଥିବା ପିଙ୍ଗଳାର ଅନୁଭୂତିକୁ କବି କିପରି ବର୍ଣ୍ଣନା କରିଛନ୍ତି ?

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ ଏହା ଉଲ୍ଲେଖ କରିଛନ୍ତି । ଆପଣାର ଘୃଣ୍ୟ ଜୀବନରୁ ମୁକ୍ତି ପାଇଥିବାରୁ ପିଙ୍ଗଳା ନିଜକୁ ସରଗର କନ୍ୟା, ଚିରନ୍ତନୀ ନାରୀ ଓ କଲ୍ୟାଣମୟୀ ଦେବୀ ବୋଲି ମନେ କରିଛି । ସେ ଅନ୍ତର ଭିତରେ ଶୁଣି ପାରିଛି ମଞ୍ଜୁଳ ମୁରଲୀ ଧ୍ୱନିକୁ । ସେ ପତିତପାବନ ବନ୍ଧୁଙ୍କୁ ପରଶମଣି ବୋଲି ମନେ କରିଛି, ଯେ କି ତା ଅଙ୍ଗକୁ ପବିତ୍ର କରିବେ ବୋଲି କବି ବର୍ଣ୍ଣନା କରିଛନ୍ତି ।

**(ଡ) ଦୀର୍ଘ ପ୍ରଶ୍ନୋତ୍ତର :**

୧. ପିଙ୍ଗଳାର ଅଭିସାର କବିତାର ମର୍ମ ନିଜ ଭାଷାରେ ଲେଖ ।

ଉ.: 'ପିଙ୍ଗଳାର ଅଭିସାର' କବିତାରେ କବି ରାଧାମୋହନ ଗଡ଼ନାୟକ । କବି ଭାଗବତ୍ ମିଥ୍‌କୁ ଆଧାର କରି, ଜୀବନର ମୋହମୁକ୍ତ ଅନୁଭୂତିକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ପିଙ୍ଗଳା ଜୀବନରେ ଆଧାତ୍ମିକ ଉତ୍ତରଣ ହୋଇସାରିବା ପରେ ସେ ନିଜର ଅତୀତ ଜୀବନର ଘୃଣ୍ୟ କର୍ମ ପାଇଁ ଶୋଚନା କରିଛି । ତା' ମନରେ ଆସିଛି ଅନୁତାପ । ପୁନଶ୍ଚ ହୃଦୟରେ ପ୍ରିୟପରମଙ୍କୁ ଅନୁଭବ କଲାପରେ ସେ ଯେପରି ପ୍ରେମର ସନ୍ୟାସିନୀ ସାଜିଛି, କବି ତାହାକୁ ଭାବପୂର୍ଣ୍ଣ ଭାବରେ ବର୍ଣ୍ଣନା କରିଛନ୍ତି ।

ପିଙ୍ଗଳା ବୃତ୍ତିରେ ବାରବିଳାସିନୀ । ସେ ଧନୀପୁତ୍ରକୁ ଅପେକ୍ଷା କରି ଯେତେବେଳେ ନିରାଶ ହୋଇଛି, ସେତେବେଳେ ତା'ର ଆସକ୍ତ ଭାବ ଅନାସକ୍ତ ଭାବରେ ରୂପାନ୍ତରିତ ହୋଇଛି । ସେ ପାର୍ଥିବ ମୋହରୁ ଦୂରେଇ ଯାଇ ଅପାର୍ଥିବ ସତ୍ତା ପ୍ରତି ଆସକ୍ତ ହୋଇଛି । ଫଳରେ ଅତୀତର ଘୃଣ୍ୟ ଜୀବନକୁ ସେ ଆଉ ଫେରିବ ନାହିଁ ବୋଲି ଚିନ୍ତା କରିଛି । କାରଣ ପାପପଙ୍କିଳ ଜୀବନ ସରୋବରରେ, ତା'ର ପ୍ରସ୍ଫୁଟିତ ହୋଇଛି ଶୁଭ୍ର ଶତଦଳ । ପୂତିଗନ୍ଧମୟ ରିକ୍ତ ଶୁକ୍ତି ଗର୍ଭରେ ସୃଷ୍ଟି ହୋଇଛି ପ୍ରେମର ମୁକ୍ତାଫଳ ।

ଚିରନ୍ତନ ସତ୍ତାଙ୍କର ସନ୍ଧାନ ପାଇଲା ପରେ, ସେ ସବୁଆଡ଼େ ମଧୁମୟ ଭାବ ଅନୁଭବ କରିଛି । କଳଙ୍କିତ ଅତୀତ ଅପେକ୍ଷା ବର୍ତ୍ତମାନ ସମୟ ତା'ପାଇଁ ହୋଇଛି ଅମୃତମୟ ଓ ପ୍ରୀତିପଦ । ସେ ଅନୁଭବ କରିଛି, ସତେଯେପରି ଆକାଶର ଚନ୍ଦ୍ର ଓ ତାରା ତା' ଆଡ଼କୁ ଅନାଇ ହସୁଛନ୍ତି । ହୃଦତନ୍ତ୍ରୀରେ ତା'ର ନିନାଦିତ ହୋଇଛି ମଞ୍ଜୁଳ ମୁରଲୀଧ୍ୱନି । ପରମସତ୍ତାଙ୍କ ସୁମଧୁର ସ୍ପର୍ଶ ତା ଦେହକୁ କରିଛି କଦମ୍ବ କୋରକିତ । ଜୀବନଯମୁନାରେ ତା'ର ଉଠିଛି ଉଜାଣି ଢେଉ । ଲକ୍ଷ୍ୟ ସାଧିନୀ ତଟିନୀ ପରି ସେ ସବୁକିଛି ବାଧା ବନ୍ଧନକୁ ଡେଇଁ ପରମଧନକୁ ଭେଟିବାକୁ ଆଗେଇ ଯାଇଛି ।

ପିଙ୍ଗଳା ବିଦେହ ନଗରୀରୁ ସବୁଦିନ ପାଇଁ ବିଦାୟ ନେଇଛି । ବିଦେହ ନଗରୀରୁ ତା'ର କଳୁଷିତ ପରିଚୟକୁ ଲୁଚାଇ ଦେବାକୁ ଚାହିଁଛି । ସେ ନିଜର ପ୍ରକୃତ ସତ୍ତାକୁ ଅନୁଭବ କରିଛି । ସେ ହେଉଛି ସ୍ୱର୍ଗର ଅମର କନ୍ୟା, ମଙ୍ଗଳମୟୀ ନାରୀ ଓ କଲ୍ୟାଣମୟୀ ଦେବୀ । ମୋଟ ଉପରେ ଅମୃତ ପାନ କରି ଆସିଥିବା ତା'ର ଜୀବନ, ପାର୍ଥିବ ଧରାରେ କଳଙ୍କିତ ହୋଇଛି ବୋଲି ସେ ଅନୁତାପ କରିଛି ।

ବାସ୍ତବରେ କବିଙ୍କ ଅନୁଚିନ୍ତା ମନୋଜ୍ଞ ହୋଇପାରିଛି ।

୨. କାମନା ବାସନାର ପଙ୍କିଳ ଜୀବନରୁ ଚେତନାର ଊର୍ଦ୍ଧ୍ୱାୟନ ହେଉଛି, 'ପିଙ୍ଗଳାର ଅଭିସାର' ମର୍ମବାଣୀ, ଆଲୋଚନା କର ।

ଉ.: କବି ରାଧାମୋହନ ଗଡ଼ନାୟକ, ଭାଗବତୀୟ ଚରିତ୍ର ପିଙ୍ଗଳାକୁ ନେଇ ଜୀବନର ଚିରନ୍ତନ ମୂଲ୍ୟବୋଧକୁ ଅତି ମନୋଜ୍ଞ ଭାବରେ ପରିପ୍ରକାଶ କରିଛନ୍ତି । ଦେହକୁ ନେଇ କାମନା ସୃଷ୍ଟି ହୋଇଥାଏ । ମନରେ ଆସିଥାଏ ବାସନାର ଭାବ । ଯାହାପାଇଁ ଅମୃତର ସନ୍ତାନ ପାପପଙ୍କିଳ ସାଂସାରିକ ସୁଖରେ ବୁଡ଼ିରହିବାକୁ ଚାହେଁ । ସେ ଯେ ଅମୃତମୟ ସତ୍ତାର ପରିପ୍ରକାଶ ତାହା ସେ ବିସ୍ମୃତ ହୋଇଯାଇଥାଏ । ମାତ୍ର ଯେତେବେଳେ ପାର୍ଥିବ ସୁଖ, ତା'କୁ ଅସାର ଲାଗେ, ସେତେବେଳେ ତା' ମନରେ ଆସେ ବୈରାଗ୍ୟ ଭାବ । ବୈରାଗ୍ୟ ଭାବରୁ ମନରେ ହୋଇଥାଏ ଆଧ୍ୟାତ୍ମିକ ଉତ୍ତରଣ । କାମନାବାସନାର ପଙ୍କିଳ ଜୀବନରୁ ଘଟେ ରୂପାନ୍ତରିତ ଭାବ ।

ବିଦେହ ନଗରର ବାରବିଳାସିନୀ ହେଉଛି ପିଙ୍ଗଳା । ଧନୀ ପୁତ୍ର ଓ କାମୀପୁରୁଷଙ୍କୁ ଦେହଦାନ କରି ସେ ବଞ୍ଚିବାର ସାମର୍ଥ୍ୟ ସଂଗ୍ରହ କରେ । ଧନ ଅର୍ଜନ କରିବା ତା'ର ଥାଏ ମୂଳ ଉଦ୍ଦେଶ୍ୟ । ମାତ୍ର ଥରେ ଜଣେ ଧନୀପୁରୁଷ ସଙ୍କେତ ଦେଇ, ପିଙ୍ଗଳା ପାଖକୁ ଆସିନଥିଲେ । ବାସକସଜ୍ଜା ଭାବରେ ଅପେକ୍ଷା କରି ରାତ୍ରିର ଅନ୍ତିମ ପ୍ରହରରେ ପହଞ୍ଚିଥିଲା ପିଙ୍ଗଳା । ଧନୀପୁତ୍ର ନ ଆସିବାରୁ ପିଙ୍ଗଳା ମନରେ ଆସିଥିଲା ହତାଶ ଓ ଅବସୋସ । ସେହି ହତାଶା ଓ ଅବଶୋଷରୁ ତା'ର ହୋଇଥିଲା ମୋହମୁକ୍ତି । ସେହି ମୋହମୁକ୍ତିରୁ ଘଟିଥିଲା ଆଧ୍ୟାତ୍ମିକ ଉତ୍ତରଣ । ଜାଗତିକ ସୁଖ ସମ୍ଭୋଗ ଓ କାମନାବାସନାରୁ ଊର୍ଦ୍ଧ୍ୱାୟିତ ହୋଇଥିଲା ତା'ର ମନ । ତା'ର ପଙ୍କିଳ ଜୀବନ ରୂପକ ସରୋବରରେ ପ୍ରସ୍ଫୁଟିତ ହୋଇଥିଲା ପବିତ୍ର ଶତ ଦଳ । ସେ ଶୁଣିପାରିଥିଲା ଅନ୍ତରଭିତରୁ ମଞ୍ଜୁଳ ମୁରଲୀ ଧ୍ୱନିକୁ । ଫଳରେ ସେ ଆଉ ପୂର୍ବପରି ପ୍ରେମିକା ଭାବରେ ପ୍ରୀତିର ଅଭିନୟ କରିବାକୁ ଚାହିଁନଥିଲା । ବରଂ ତା'ର ହୃଦୟରେ ସଞ୍ଚାରିତ ହୋଇଥିଲା ଶାଶ୍ୱତ ଓ ସ୍ୱର୍ଗୀୟ ଅନୁଭବ । ପାର୍ଥିବ ମୋହରୁ ତା'ର ଘଟିଥିଲା ମୁକ୍ତି । ରିକ୍ତ ଶୁକ୍ତି ଗର୍ଭରୁ ତା'ର ଫଳିଥିଲା ମୁକ୍ତା । ମରଣଶୀଳ ମର୍ତ୍ତ୍ୟ ଜୀବନରେ ଇସାଥୀ ପରମପୁରୁଷଙ୍କ ସନ୍ଧାନ ପାଇଲା ପରେ, ତା' ଜୀବନରେ ଘଟିଥିଲା ରୂପାନ୍ତରିତ ଅନୁଭବ । ସେ ହୋଇଥିଲା ଚିରନ୍ତନ ଓ ଶାଶ୍ୱତର ସନ୍ଧାନୀ ।

ବାସ୍ତବରେ କବି ପିଙ୍ଗଳା ମାଧ୍ୟମରେ ଜୀବନର ଚିରନ୍ତନ ମୂଲ୍ୟବୋଧକୁ ଯଥାର୍ଥ ଭାବରେ ଉଲ୍ଲେଖ କରିଛନ୍ତି ।

❖❖❖

# ବାର୍ତ୍ତା

**ସଚ୍ଚିଦାନନ୍ଦ ରାଉତରାୟ**

**(କ) କବି ପରିଚିତି :**

ଆଧୁନିକ ଓଡ଼ିଆ କାବ୍ୟଧାରାର ବାର୍ତ୍ତାବାହ କବି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । ସେ ଓଡ଼ିଆ କବିତା କ୍ଷେତ୍ରରେ ବହୁ ପରିବର୍ତ୍ତନ ଆଣି, ପରବର୍ତ୍ତୀକାଳର ସ୍ରଷ୍ଟାଙ୍କ ମଧ୍ୟରେ 'ମାଟିର ଦ୍ରୋଣ' ଭାବରେ ପରିଚିତ ହୋଇଛନ୍ତି । ସାହିତ୍ୟର ବିଭିନ୍ନ ବିଭାଗରେ ତାଙ୍କର ଲେଖନୀ ଚାଳନା ତାଙ୍କୁ ବହୁ ସମ୍ମାନର ଅଧିକାରୀ କରାଇଛି । ବାକ୍‌ରୀତି ସହିତ କାବ୍ୟରୀତିର ସେ କରିଛନ୍ତି, ସଫଳ ସମନ୍ୱୟ । ପଲ୍ଲୀ ପ୍ରକୃତି ଓ ପଲ୍ଲୀ ସଂସ୍କୃତି ଠାରୁ ଆରମ୍ଭ କରି ସମାଜବାଦୀ ଚିନ୍ତାଧାରା ପର୍ଯ୍ୟନ୍ତ ତାଙ୍କର ହୋଇଛି କାବ୍ୟିକ ଜୀବନର ଉତ୍ତରଣ । ଶେଷରେ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଜୀବନବୋଧକୁ ସେ ତାଙ୍କର କବିତାରେ କରିଛନ୍ତି ସ୍ଥାନିତ । କେବଳ ଆତ୍ମିକରେ ନୁହେଁ ଆଙ୍ଗିକ କ୍ଷେତ୍ରରେ ସେ କବିତାରେ ଆଣିଛନ୍ତି ପରିବର୍ତ୍ତନ । ଉପମା, ରୂପକ, ଚିତ୍ରକଳ୍ପ ଓ ମିଥ୍‌ର ସେ କରିଛନ୍ତି ସଫଳ ପ୍ରୟୋଗ । କବି ରାଉତରାୟଙ୍କ କବିତା, ପରବର୍ତ୍ତୀ କବିମାନଙ୍କୁ ନୂତନ ଚିନ୍ତା ଚେତନାରେ କରିଛି ଉଦ୍‌ବୁଦ୍ଧ ।

କବି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ ୧୯୧୬ ମସିହା ମେ ମାସ ୧୩ ତାରିଖ ଦିନ ଖୋର୍ଦ୍ଧା ଜିଲ୍ଲାର ଗୁରୁଜଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିବାଲେ ଏବଂ ୨୦୦୪ରେ ସେ ଅମର ପଥର ଯାତ୍ରୀ ହୋଇଥିଲେ ।

ସାହିତ୍ୟ ସାଧକ ରାଉତରାୟଙ୍କ ସାହିତ୍ୟ କୃତିଗୁଡ଼ିକ ହେଉଛି- ଉପନ୍ୟାସ-ଚିତ୍ରଗ୍ରୀବ, ଗଳ୍ପ-ମଶାଣିର ଫୁଲ, ମାଟିର ତାଜ, ଛାଇ, ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ, କବିତା - ପାଥେୟ, ପୂର୍ଣ୍ଣିମା, ବାଜି ରାଉତ, ଅଭିଯାନ, ରକ୍ତଶିଖା, ପଲ୍ଲୀଶ୍ରୀ, ହସନ୍ତ, ଭାନୁମତୀର ଦେଶ, ପାଣ୍ଡୁଲିପି, ସ୍ୱଗତ, କବିତା ୧୯୬୨, କବିତା ୧୯୬୯, କବିତା ୧୯୭୧, କବିତା ୧୯୭୪, କବିତା ୧୯୮୩, କବିତା ୧୯୮୫, କବିତା ୧୯୮୭, କବିତା ୧୯୯୦ । ପ୍ରବନ୍ଧ-ସାହିତ୍ୟରେ ମୂଲ୍ୟବୋଧ, ସାହିତ୍ୟ ବିଚାର ଓ ମୂଲ୍ୟବୋଧ । ଆତ୍ମଜୀବନ-ଉତ୍ତରକକ୍ଷ ।

**(ଖ) କବିତା ସମ୍ପର୍କରେ :**

'ବାର୍ତ୍ତା' କବିତାଟି କବିଙ୍କର ସମାଜବାଦୀ ଚିନ୍ତାଧାରାର କବିତା । ଉକ୍ତ କବିତାଟି କବିଙ୍କର 'ପାଣ୍ଡୁଲିପି' କବିତା ସଂକଳନରୁ ଗୃହୀତ ହୋଇଛି । ପୃଥିବୀରେ ଅବହେଳିତ ଓ ନିର୍ଯାତିତ ମଣିଷ ସମାଜ ପାଇଁ କବି ସହାନୁଭୂତିର ସ୍ୱର ଶୁଣାଇଛନ୍ତି । ସେ କହିଛନ୍ତି ଶୋଷକମାନଙ୍କ ଅତ୍ୟାଚାର ମାନବଆତ୍ମାକୁ ବହୁଭାବରେ ପୀଡ଼ିତ କରିଛ । ଦୀର୍ଘଦିନର ପୀଡ଼ନ ପରେ ଶୋଷିତମାନଙ୍କ ମଧ୍ୟରେ ଆତ୍ମପ୍ରତ୍ୟୟ ଆସିଛି, ଯାହାକୁ କବି କୈଫିୟତ ମାଗିବାର ସମୟ ଆସିଛି ବୋଲି କହିଛନ୍ତି । ଏହି ନିଷ୍ପେସିତ, ନିରନ୍ନ ମଣିଷମାନଙ୍କର ବିଜୟ ସୁନିଶ୍ଚିତ - ଏହିପରି ବୈପ୍ଳବିକ ଭାବନାରେ, ସମାଜର ବୈଷମ୍ୟକୁ ପ୍ରକଟିତ କରି ସଂଗ୍ରାମ କରିବାକୁ କବି ଦେଇଛନ୍ତି

ଆହ୍ୱାନ । ଶେଷରେ ଅତ୍ୟାଚାରୀମାନଙ୍କ ପାଇଁ ଯୀଶୁଙ୍କ ଆତ୍ମୋତ୍ସର୍ଗର ସାଧନା ଜୟଲାଭ କରିବ ବୋଲି ସେ କାମନା କରିଛନ୍ତି । କବି ସଚ୍ଚିଦାନନ୍ଦ ରାଉତରାୟ ଆଧୁନିକ ଓଡ଼ିଆ କବିତାରେ ନୂତନ ଚେତନାର ବାର୍ତ୍ତାବହ । ରୋମାଣ୍ଟିକ ସବୁଜଗୋଷ୍ଠୀର ପ୍ରଭାବରୁ କବିତା ରଚନା ଆରମ୍ଭ କରି ପରବର୍ତ୍ତୀ କାଳରେ ପ୍ରଗତିବାଦୀ ଓ ଆଧୁନିକ କବି ଭାବରେ ସେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ବାକ୍‌ରୀତି ସହ କାବ୍ୟରୀତିର ସଫଳ ସମନ୍ୱୟ ତାଙ୍କ କବିତାର ବିଶେଷତ୍ୱ । ପଲ୍ଲୀ ପ୍ରକୃତିଠାରୁ ଆରମ୍ଭ କରି ସାମ୍ୟବାଦୀ ଚେତନାର ରୂପକାର ଭାବେ ତାଙ୍କର ଖ୍ୟାତି ସୁଦୂରପ୍ରସାରୀ । ବିଶ୍ୱଯୁଦ୍ଧ ପରବର୍ତ୍ତୀ ଜୀବନ ବୋଧ; ଉପମା, ରୂପକ, ଚିତ୍ରକଳ୍ପ ଓ ମିଥ୍‌ର ସଫଳ ପ୍ରୟୋଗ ତାଙ୍କ କବିତାକୁ ବେଶ୍ ସଫଳ ଓ ଯୁଗୋପଯୋଗୀ କରିପାରିଛି । ଓଡ଼ିଆ କବିତାକୁ ନୂଆ ଦିଶା ଦେବାରେ କବି ରାଉତରାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାରସ୍ୱତ ରଚନା ପାଇଁ ସେ ସାହିତ୍ୟ ଅକାଦେମି ଓ ଜ୍ଞାନପୀଠ ପୁରସ୍କାର ପାଇଛନ୍ତି ।

**ବାର୍ତ୍ତା ସମ୍ପର୍କରେ :**

ବାର୍ତ୍ତା କବିତାଟି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ପାଣ୍ଡୁଲିପି'ରୁ ସଂଗୃହୀତ । ଦାସତ୍ୱ ବନ୍ଧନରେ ନିଷ୍ପେଷିତ ମଣିଷମାନଙ୍କୁ କବି ଏଥିରେ ମୁକ୍ତିର ସ୍ୱପ୍ନ ଦେଖାଇଛନ୍ତି । ଅତ୍ୟାଚାରୀମାନଙ୍କ ଠାରୁ ମୁକ୍ତି ପାଇଁ ବ୍ୟକ୍ତିକୁ ଆତ୍ମୋତ୍ସର୍ଗ କରିବାକୁ ପଡ଼ିବ ବୋଲି କବି କହିଛନ୍ତି ।

## ପ୍ରଶ୍ନାବଳୀ

(କ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ସଠିକ୍ ଉତ୍ତରର ମୂଲ୍ୟ ୧ ନମ୍ବର ।

୧. ଶତାବ୍ଦୀର ସିଂହଦ୍ୱାରରୁ ଭବିଷ୍ୟତର ବାର୍ତ୍ତା କିଏ ଆଣିଛି ?

(i) ଦୂତ । (ii) ଡାକବାଲା ।

(iii) ମେଘ । (iv) ପାରା ।

ଉ.: (i) ଦୂତ ।

୨. କବି ମାନବ ଶିଶୁକୁ କିପରି ଜାଗ୍ରତ ହେବାକୁ ପରାମର୍ଶ ଦେଇଛନ୍ତି ?

(i) ପ୍ରତିଶୋଧ ପରାୟଣ ହୋଇ । (ii) ଲୌକିକ ଜ୍ଞାନକୁ ଧରି ।

(iii) ସମସ୍ତଙ୍କୁ ଆପଣାର କରି । (iv) ପ୍ରତିଶ୍ରୁତି ପାଳନ କରି ।

ଉ.: (ii) ଲୌକିକ ଜ୍ଞାନକୁ ଧରି ।

୩. ଦୀପ୍ତ କଣ୍ଠରେ କ'ଣ ପଚାରିବା ପାଇଁ ସମୟ ଆସିଛି ?

(i) ଏତେଦିନ ଧରି ଲୌହ କାରାଗାର କାହିଁକି ଥିଲା ? (ii) ମଣିଷ କାହିଁକି ଅନ୍ୟକୁ ବିଶ୍ୱାସ କରୁଥିଲା ।

(iii) ଜୀବନର କ'ଣ ସମ୍ଭାବନା ଥିଲା । (iv) ଭବିଷ୍ୟତର କି ଆଶା ଥିଲା ।

ଉ.: (i) ଏତେଦିନ ଧରି ଲୌହ କାରାଗାର କାହିଁକି ଥିଲା ?

୪. ଶତାବ୍ଦୀର ସିଂହଦ୍ୱାରରୁ ଦୂତ କାହାର ବର ଆଣିଛି ?

(i) ଜମିଦାରର । (ii) ମହାଜନର ।

(iii) ଦେବତାର । (iv) ଭବିଷ୍ୟତର ।

ଉ.: (iii) ଦେବତାର ।

୫. କବି ମନୁଷ୍ୟ ପୁତ୍ରକୁ କ'ଣ ହୁଅ ବୋଲି କହିଛନ୍ତି ?

(i) ଦଗ୍ଧ ଓ ଭସ୍ମ ହେବାକୁ । (ii) ଦେବତାର ରୂପ ନେବାକୁ ।

(iii) ଅତ୍ୟାଚାରୀ ହେବାକୁ । (iv) କୈଫିୟତ ଦେବାକୁ ।

ଉ.: (i) ଦଗ୍ଧ ଓ ଭସ୍ମ ହେବାକୁ ।

୬. ଯୁଗ ଯୁଗ ଧରି ମାନବ ଆତ୍ମାକୁ କିଏ ପୀଡ଼ା ଦେଇଛି ?

(i) ମରୁଡ଼ିର ବିଭୀଷିକା । (ii) ବାତ୍ୟାର ତାଣ୍ଡବ ।

(iii) ଭୀମ ଅତ୍ୟାଚାର । (iv) ଶୋଷଣ ପେଷଣ ।

ଉ.: (iii) ଭୀମ ଅତ୍ୟାଚାର ।

୭. କବି ମନୁଷ୍ୟ ପୁତ୍ରକୁ କିପରି ପ୍ରତିଶୋଧ ନିଅ ବୋଲି କହିଛନ୍ତି ?

(i) ଶ୍ୟେନପରି । (ii) ସିଂହପରି ।

(iii) ବାଘପରି । (iv) ଶ୍ୱାନପରି ।

ଉ.: (i) ଶ୍ୟେନପରି ।

୮. କାହାର ସାଧନା ଜୟ ଲାଭ କରୁ ବୋଲି କବି ସଚ୍ଚିଦାନନ୍ଦ ରାଉତରାୟ କହିଛନ୍ତି ?

(i) କୃଷକର ସାଧନା । (ii) ଉତ୍ପୀଡ଼କର ସାଧନା ।

(iii) ଶିକ୍ଷାର ସାଧନା । (iv) ବୁଦ୍ଧିଜୀବୀର ସାଧନା ।

ଉ.: (i) କୃଷକର ସାଧନା ।

(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ସଠିକ୍ ଉତ୍ତରର ମୂଲ୍ୟ ୧ ନମ୍ବର ।

୧. ଦୂତ କେଉଁଠୁ ଭବିଷ୍ୟତର ବାର୍ତ୍ତା ନେଇ ଆସିଛି ?

ଉ.: ଦୂତ ଶତାବ୍ଦୀର ସିଂହଦ୍ୱାରରୁ ଭବିଷ୍ୟତର ବାର୍ତ୍ତା ନେଇ ଆସିଛି ।

୨. ଶତାବ୍ଦୀର ସିଂହଦ୍ୱାରରୁ ଭବିଷ୍ୟତର ବାର୍ତ୍ତା ଧରି କିଏ ଆସିଛି ?

ଉ.: ଶତାବ୍ଦୀର ସିଂହଦ୍ୱାରରୁ ଭବିଷ୍ୟତର ବାର୍ତ୍ତା ଧରି ଦୂତ ଆସିଛି ।

୩. କାହାର ବାର୍ତ୍ତା ଧରି ଦୂତ ଶତାବ୍ଦୀର ସିଂହଦ୍ୱାରରୁ ଆସିଛି ?

ଉ.: ଭବିଷ୍ୟତର ବାର୍ତ୍ତା ଧରି ଦୂତ ଶତାବ୍ଦୀର ସିଂହଦ୍ୱାରରୁ ଆସିଛି ।

୪. ହୀନ ଦାସତ୍ୱ ବିରୁଦ୍ଧରେ ବଦ୍ଧ ଓ ରୁଦ୍ଧ ହୋଇ କ'ଣ କରିବାକୁ କବି କହିଛନ୍ତି ?

ଉ.: ହୀନ ଦାସତ୍ୱ ବିରୁଦ୍ଧରେ ବଦ୍ଧ ଓ ରୁଦ୍ଧ ହୋଇ ପ୍ରତିଶୋଧ ନେବାକୁ କବି କହିଛନ୍ତି ।

୫. ଆଜିର ମାନବ ପୁତ୍ରକୁ ଦୀପ୍ତ କଣ୍ଠରେ ପଚାରିବା ପାଇଁ କ'ଣ ଆସିଛି ?

ଉ.: ଆଜିର ମାନବ ପୁତ୍ରକୁ ଦୀପ୍ତ କଣ୍ଠରେ ପଚାରିବା ପାଇଁ ସମୟ ଆସିଛି ।

୬. ସମୟ ଦୀପ୍ତ କଣ୍ଠରେ ଆଜି ପଚାରିବା ପାଇଁ କାହାକୁ କହିଛି ?

ଉ.: ସମୟ ଦୀପ୍ତ କଣ୍ଠରେ ଆଜି ପଚାରିବା ପାଇଁ ମାନବପୁତ୍ରକୁ କହିଛି ।

୭. ଦୀପ୍ତ କଣ୍ଠରେ ଆଜିର ମାନବ ପୁତ୍ର କ'ଣ ପଚାରୁଛି ?

ଉ.: ଦୀପ୍ତ କଣ୍ଠରେ ଆଜିର ମାନବ ପୁତ୍ର ପଚାରୁଛି, ଏତେ ଦିନ ହିଁ ଶୃଙ୍ଖଳ ଓ ଲୌହ କାରାଗାର କାହିଁକି ଥିଲା ।

୮. ଯୁଗ ଯୁଗ ଧରି ମାନବ ଆତ୍ମାକୁ କିଏ ପୀଡ଼ା ଦେଉଛି ?

ଉ.: ଯୁଗ ଯୁଗ ଧରି ମାନବ ଆତ୍ମାକୁ ଭୀମ ଅତ୍ୟାଚାର ପୀଡ଼ା ଦେଉଛି ।

୯. କେଉଁ ବିଷୟରେ କୈଫିୟତ୍ ମାଗିବାର ବେଳ ଉପସ୍ଥିତ ହୋଇଛି ?

ଉ.: ଭୀମ ଅତ୍ୟାଚାର ବିଷୟରେ କୈଫିୟତ୍ ମାଗିବାର ବେଳ ଉପସ୍ଥିତ ହୋଇଛି ।

୧୦. ଶତାବ୍ଦୀର ସିଂହଦ୍ୱାରରୁ ଦୂତ କାହାର ବର ଆଣିଛି ?

ଉ.: ଶତାବ୍ଦୀର ସିଂହଦ୍ୱାରରୁ ଦୂତ ଦେବତାର ବର ଆଣିଛି ।

୧୧. କବି କାହାକୁ ଭସ୍ମ ହୁଅ ବୋଲି କହିଛନ୍ତି ?

ଉ.: କବି ମନୁଷ୍ୟପୁତ୍ରକୁ ଭସ୍ମ ହୁଅ ବୋଲି କହିଛନ୍ତି ।

୧୨. "କୀଟ ସମ ହୁଅ ନିଷ୍ପେଷିତ" କାହା ପ୍ରସଙ୍ଗରେ କୁହାଯାଇଛି ?

ଉ.: "କୀଟ ସମ ହୁଅ ନିଷ୍ପେଷିତ" ମନୁଷ୍ୟ ପୁତ୍ର ପ୍ରସଙ୍ଗରେ କୁହାଯାଇଛି ।

୧୩. କବି କାହାର ଉଚ୍ଛେଦ ଓ ନିର୍ମୂଳ କରିବାକୁ କହିଛନ୍ତି ?

ଉ.: କବି ପୀଡ଼ନର କାରଣ ସମୂହକୁ ଉଚ୍ଛେଦ ଓ ନିର୍ମୂଳ କରିବାକୁ କହିଛନ୍ତି ।

୧୪. କାହାପରି ପ୍ରତିଶୋଧ ନେବାକୁ କବି ପ୍ରବର୍ତ୍ତାଇଛନ୍ତି ?

ଉ.: ଶ୍ୟେନପରି ପ୍ରତିଶୋଧ ନେବାକୁ କବି ପ୍ରବର୍ତ୍ତାଇଛନ୍ତି ।

୧୫. ଭସ୍ମ ମଧ୍ୟରୁ କି ଦୀକ୍ଷା ଲାଭ କରିବା ପାଇଁ କବି ଉପଦେଶ ଦେଇଛନ୍ତି ?

ଉ.: ଭସ୍ମ ମଧ୍ୟରୁ ଶ୍ରେଣୀ ଚେତନା ରୂପକ ଦୀକ୍ଷା ଲାଭ କରିବା ପାଇଁ କବି ଉପଦେଶ ଦେଇଛନ୍ତି ।

୧୬. କବି କାହାର ଜୟ ହେଉ ବୋଲି କହିଛନ୍ତି ?

ଉ.: କବି ପୀଡ଼ନର ଜୟ ହେଉ ବୋଲି କହିଛନ୍ତି ।

(ଗ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।

୧. ଭବିଷ୍ୟତର କି ବାର୍ତ୍ତାଧରି ଦୂତ ଆସିଛି ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଜିଇବାର ଓ ସମ୍ଭାବନାର ବର୍ତ୍ତା ଧରି ଦୂତ ଆସିଛି ।

୨. ଲୌକିକ ଜ୍ଞାନ କହିଲେ କ'ଣ ବୁଝ ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । ଲୌକିକ ଜ୍ଞାନ ହେଉଛି, ପାର୍ଥିବ ଜ୍ଞାନ, ଯେଉଁଥିରେ ବଞ୍ଚିବାର ସର୍ବନିମ୍ନ ଆବଶ୍ୟକତା କଥା କୁହାଯାଇଥାଏ ।

୩. କବି ଶୋଷିତ ମଣିଷକୁ କାହାର କୈଫିୟତ୍ ମାଗିବାକୁ କହିଛନ୍ତି ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । କବି ଶୋଷିତ ମଣିଷକୁ ଭୀଷଣ ଅତ୍ୟାଚାର, ନିର୍ଯାତନା ଓ ପୀଡ଼ନର କୈଫିୟତ ମାଗିବାକୁ କହିଛନ୍ତି ।

୪. କବି କାହା ବିରୁଦ୍ଧରେ ପ୍ରତିଶୋଧ ନେବାକୁ କହିଛନ୍ତି ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । କବି ଧନୀକ ଓ ଶୋଷକ ଗୋଷ୍ଠୀଙ୍କ ବିରୁଦ୍ଧରେ ପ୍ରତିଶୋଧ ନେବାକୁ କହିଛନ୍ତି ।

୫. ମୁକ୍ତ ମନୁଷ୍ୟ ପୁତ୍ର କେଉଁଥିରୁ ଜ୍ଞାନ ରଶ୍ମି ଲାଭ କରିବ ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । ମୁକ୍ତ ମନୁଷ୍ୟ ପୁତ୍ର ପୀଡ଼ନର କାରଣରୁ ଜ୍ଞାନରଶ୍ମି ଲାଭ କରିବ ।

୬. ଆଜିର ମଣିଷ ଶୋଷଣ ଓ ପୀଡ଼ନର କାରଣ କିପରି ଜାଣିପାରିବ ବୋଲି କବି କହିଛନ୍ତି ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । ଆଜିର ମଣିଷ ଶୋଷଣ ଓ ପୀଡ଼ନର କାରଣ ଜ୍ଞାନରଶ୍ମୀ ଲାଭଦ୍ୱାରା ଜାଣିପାରିବ ବୋଲି କବି କହିଛନ୍ତି ।

୭. "ଶ୍ୱେନପରି ନିଅ ପ୍ରତିଶୋଧ" - ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ।

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । ଯେଉଁମାନେ ପୀଡ଼ନର କାରଣ ସେହିମାନଙ୍କୁ ଉଚ୍ଛେଦ କରିବା ଓ ନିର୍ମୂଳ କରିବା ପାଇଁ ଶ୍ୱେନ ପରି ନିଅ ପ୍ରତିଶୋଧ ବୋଲି କୁହାଯାଇଛି ।

୮. କାହାକୁ କବି ମହାଧର୍ମ ଆଖ୍ୟା ଦେଇଛନ୍ତି ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । ଶ୍ରେଣୀ ଚେତନାକୁ କବି ମହାଧର୍ମ ଆଖ୍ୟା ଦେଇଛନ୍ତି ।

୯. ଆଜିର ମଣିଷ ଭସ୍ମ ମଧ୍ୟରୁ କେଉଁ ଦୀକ୍ଷା ଗ୍ରହଣ କରିବ ବୋଲି କବି ପରାମର୍ଶ ଦେଇଛନ୍ତି ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । ଆଜିର ମଣିଷ ଭସ୍ମ ମଧ୍ୟରୁ ଶ୍ରେଣୀ ଚେତନାର ଦୀକ୍ଷା ଗ୍ରହଣ କରିବ ବୋଲି କବି ପରାମର୍ଶ ଦେଇଛନ୍ତି ।

୧୦. କବି କ୍ରୁଶର ସାଧନାକୁ ଜୟକାର କରିବାର ଅର୍ଥ କ'ଣ ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । ଯୀଶୁଖ୍ରୀଷ୍ଟ ଅତ୍ୟାଚାରୀମାନଙ୍କ ନିକଟରେ ଆତ୍ମୋତ୍ସର୍ଗର ସନ୍ଦେଶ ଦେଇଥିବାରୁ, କବି କ୍ରୁଶର ସାଧନାକୁ ଜୟକାର କରୁଛନ୍ତି ।

(ଘ) ୩୦ ଶବ୍ଦରେ ଉତ୍ତର ଲେଖ ।

୧. ଶତାବ୍ଦୀର ସିଂହଦ୍ୱାରରୁ କିଏ କ'ଣ ବାର୍ତ୍ତା ନେଇ ଆସିଛି ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । ଶତାବ୍ଦୀର ସିଂହଦ୍ୱାରରୁ ଦୂତ ଆସିଛି । ସେ ଭବିଷ୍ୟତର ବାର୍ତ୍ତା ପରିପ୍ରଚାର ପାଇଁ ଆସିଛି । ଶହ ଶହ ବର୍ଷ ଧରି ଚଳି ଆସିଥିବା ମାଲିକ ମୂଲିଆ, ବଡ଼ସାନ, ଶୋଷକ ଶୋଷିତର ପ୍ରଭେଦକୁ ବନ୍ଦକେଇ ଦେବାକୁ କହିଛି ।

୨. କେଉଁ ବିଷୟରେ ପଚାରିବା ପାଇଁ ଆଜି ସମୟ ଆସିଛି ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । କବି ମାନବ ଶିଶୁକୁ ପ୍ରେରଣା ଦେଇ କହିଛନ୍ତି, ଦୁର୍ବଳ ନହୋଇ ଦୃଢ଼ ହୋଇ, ରୁକ୍ଷ ହୋଇ ନିଜର ଅଧିକାର ସାବ୍ୟସ୍ତ କରିବାକୁ ପଡ଼ିବ । ସେମାନେ କାହିଁକି, ଦାସତ୍ୱ ବନ୍ଧନରେ ବାନ୍ଧିହୋଇ ଶୋଷିତ ହେଉଥିଲେ, ସେ ବିଷୟରେ ପଚାରିବା ପାଇଁ ଆଜି ସମୟ ଆସିଛି ।

୩. କେଉଁ ବିଷୟରେ କୈଫିୟତ ମାଗିବାର ଆଜି ବେଳ ଆସିଛି ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । ଯୁଗ ଯୁଗ ଧରି ଶୋଷକମାନଙ୍କ ଭୀମ ଅତ୍ୟାଚାର ଶୋଷିତମାନଙ୍କୁ ପୀଡ଼ା ଦେଇଛି । ମାତ୍ର ତୁମକୁ ଆଜି ସେହି ଅତ୍ୟାଚାର ସହିବାକୁ ପଡ଼ିବା ନାହିଁ, ବରଂ ନିଜର ଅଧିକାର ବିଷୟରେ କୈଫିୟତ ମାଗିବାର ଆଜି ବେଳ ଆସିଛି ବୋଲି କବି କହିଛନ୍ତି ।

୪. କବି ମନୁଷ୍ୟପୁତ୍ରକୁ ଦଗ୍ଧ ହେବାପାଇଁ କାହିଁକି କହିଛନ୍ତି ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । କବି ମନୁଷ୍ୟ ପୁତ୍ରକୁ ଦଗ୍ଧ ହେବାପାଇଁ କହିଛନ୍ତି, କାରଣ ଦଗ୍ଧ ହେଲା ପରେ ନୂତନ ସୃଷ୍ଟି ଆରମ୍ଭ ହେବ । ପୁନଶ୍ଚ ସେହି ଦଗ୍ଧ ବା ନିଶ୍ଚେଷଣରୁ ସୃଷ୍ଟି ହେବ ଜ୍ଞାନାଲୋକ, ଯେଉଁଥିରୁ ସେମାନେ ନିଜର ଅଧିକାର ସମ୍ପର୍କରେ ବୁଝିପାରିବେ ।

୫. କବି ଭସ୍ମ ମଧ୍ୟରୁ କି ଦୀକ୍ଷା ଗ୍ରହଣ କରିବାକୁ କହିଛନ୍ତି ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । କବି ଭସ୍ମ ମଧ୍ୟରୁ ଶ୍ରେଣୀ ଚେତନାର ଦୀକ୍ଷା ଗ୍ରହଣ କରିବାକୁ କହିଛନ୍ତି । ଯେଉଁ ଚେତନା ବଦଳାଇ ଦେବ ମାଲିକ ମୂଲିଆ, ଶୋଷକ ଶୋଷିତ ସମ୍ପର୍କକୁ ।

୬. ଉତ୍ପୀଡ଼ନର ଜୟ ହେଉ କହିବା ପଛରେ କବିଙ୍କ ଉଦ୍ଦେଶ୍ୟ କ'ଣ ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । କବିଙ୍କ ମତରେ ଯୁଗ ଯୁଗ ଧରି ଶୋଷିତ ହେଉଥିବା ମଣିଷମାନେ ଜାଗ୍ରତ ହୁଅନ୍ତୁ । ସେମାନେ ମାଲି ମୂଲିଆ, ଶୋଷକ ଶୋଷିତ ସମ୍ପର୍କକୁ ବଦଳାଇ ଦିଅନ୍ତୁ । ସୁତରାଂ ଉତ୍ପୀଡ଼ନର ଜୟ ହେଉ କହିବା ପଛରେ କବିଙ୍କ ଉଦ୍ଦେଶ୍ୟ ହେଉଛି ମଣିଷ ମନରେ ସମ୍ଭାବନାର ଭାବ ସୃଷ୍ଟି କରିବା ।

୭. 'ଜୟ ହେଉ ପୀଡ଼ନର' କହିବାର ତାତ୍ପର୍ଯ୍ୟ କ'ଣ ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । ପୀଡ଼ନର ମାତ୍ରା ଅତ୍ୟଧିକ ହେଲେ, ଅତ୍ୟାଚାରିତ, ତାହାର କାରଣ ଅନୁସନ୍ଧାନ କରିବ ଏବଂ ତାହାର ଉଚ୍ଛେଦ ପାଇଁ ଚେଷ୍ଟା କରିବ । ପୀଡ଼ନ ପାଇଁ ହିଁ ଶ୍ରେଣୀ ଚେତନା ଜାଗ୍ରତ ହେବ ଏବଂ ପୀଡ଼ନରୁ ମୁକ୍ତି ପାଇବାକୁ ସେ ଚେଷ୍ଟା କରିବ । ତେଣୁ କବି ପୀଡ଼ନର ମାତ୍ରା ଅତିଶୟ ହେବାକୁ ପ୍ରକାରାନ୍ତରେ କହିଛନ୍ତି ।

୮. ଶ୍ୟେନ ପ୍ରତିଶୋଧକୁ କବି ମହାଧର୍ମ ଆଖ୍ୟା କାହିଁକି ଦେଇଛନ୍ତି ?

ଉ.: 'ବାର୍ତ୍ତା' କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହା ଉଲ୍ଲେଖ କରିଛନ୍ତି । କବିଙ୍କ ମତରେ ମଣିଷ ଦଗ୍ଧ ଓ ଭସ୍ମ ହେଲେ ବା କୀଟପରି ନିଷ୍ପେଷିତ ହେଲେ, ତା'ର ଜ୍ଞାନ ରଶ୍ମି ଉଦୟ ହେବ । ସେ ପୀଡ଼ନର ମୂଳକାରଣକୁ ଖୋଜି ବସିବ । ସେହି ମୂଳକାରଣକୁ ନିର୍ମୂଳ କରିବା ପାଇଁ ଶ୍ୟେନ ପରି ପ୍ରତିଶୋଧ ପରାୟଣ ହେବ ଏବଂ ତାହାହିଁ ହେବ ତା'ର ମୂଳଧର୍ମ ।

(ଚ) ଦୀର୍ଘ ପ୍ରଶ୍ନୋତ୍ତର :

୧. 'ବାର୍ତ୍ତା' କବିତାରୁ କବିଙ୍କ କାବ୍ୟ ଆଭିମୁଖ୍ୟ ଉପସ୍ଥାପନ କର ।

ଉ.: ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ କାବ୍ୟିକ ଜୀବନର ଆରମ୍ଭରେ ପଲ୍ଲୀପ୍ରକୃତିକୁ ନେଇ କବିତା ରଚନା କରିଥିଲେ ବି, ପରବର୍ତ୍ତୀ ସମୟର ସମାଜବାଦୀ ଚିନ୍ତାଧାରାକୁ ନେଇ ଅନେକ କବିତା ରଚନା କରିଛନ୍ତି । ଆଲୋଚ୍ୟ କବିତା 'ବାର୍ତ୍ତା' କବିଙ୍କର ଅନୁରୂପ ଚିନ୍ତାଧାରାର କବିତା । କବି ସମାଜରେ ଶ୍ରମିକ, କୃଷକ, ଖଟିଖିଆ, ସର୍ବହରା ଓ ମେହେନତି ମଣିଷଙ୍କର ଦୟନୀୟ ଜୀବନବୋଧକୁ ଲକ୍ଷ୍ୟ କରିଛନ୍ତି । ସେମାନଙ୍କ ହୃଦୟରେ ସୃଷ୍ଟି ହୋଇଥିବା ପ୍ରତିବାଦର ପ୍ରତିକ୍ରିୟାକୁ ପରିପ୍ରକାଶ କରିଛନ୍ତି । କାରଣ ଦୀର୍ଘଦିନର ଶୋଷଣ ସେମାନଙ୍କୁ ଅତିଷ୍ଠ କରିଛି । ଏହାର ପ୍ରତିବାଦ ପାଇଁ ସେମାନେ ଯେଉଁ ସନ୍ଦେଶ ଆଣିଛନ୍ତି, ତାହାକୁ କବି ଉକ୍ତ କବିତାରେ ପରିପ୍ରକାଶ କରିଛନ୍ତି ।

କବି ଉଲ୍ଲେଖ କରିଛନ୍ତି, ଶତାବ୍ଦୀର ସିଂହଦ୍ୱାରରୁ ଦୂତ ଆସିଛି । ସେ ଆଣିଛି ଏକ ନୂତନ ବାର୍ତ୍ତା । ଯେଉଁ ବାର୍ତ୍ତାରେ ରହିଛି ଏକ ଶ୍ରେଣୀହୀନ ସମାଜ । ସମାଜରେ ଆଉ ମାଲିକ ମୂଲିଆ କିମ୍ବା ଶୋଷକ ଶୋଷିତର ପ୍ରଭେଦ ରହିବ ନାହିଁ । ସମସ୍ତେ ହେବେ ସମାନ । କବିଙ୍କ ମତରେ ଯେଉଁମାନେ ବଞ୍ଚିବା ପାଇଁ ସଂଗ୍ରାମ କରୁଛନ୍ତି ଓ କଠୋର ପରିଶ୍ରମ କରୁଛନ୍ତି, ସେହିମାନେ ବଞ୍ଚିବାର ସର୍ବନିମ୍ନ ଆବଶ୍ୟକତା ବା ଲୌକିକ ଜ୍ଞାନ ସଂଗ୍ରହ କରିବେ ।

କବି କବିତାଟିରେ ଖଟିଖିଆ, ଶୋଷିତ ମଣିଷମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବାକୁ ଚାହିଁଛନ୍ତି । ନିଜର ଅଧିକାର ପାଇଁ ସେମାନଙ୍କୁ ରୁକ୍ଷ, କର୍କଶ ହେବାକୁ ପଡ଼ିବ ବୋଲି କହିଛନ୍ତି । ସେମାନଙ୍କୁ କୌଣସି ସମୟରେ ଦୁର୍ବଳ ନହୋଇ, ସାଲିସ ମନୋଭାବକୁ ପରିହାର କରିବାକୁ ପଡ଼ିବ । ନିଜର ଅଧିକାରକୁ ଛଡ଼ାଇ ଆଣିବାକୁ ହେବ । ଦୀର୍ଘଦିନ ଧରି ଲୌହଶୃଙ୍ଖଳରେ ବାନ୍ଧି ହୋଇଥିବା ଭାବକୁ ଦୂରେଇ ଦେବାକୁ ପଡ଼ିବ । କବି ସଂଗ୍ରାମୀ ମନୋବୃତ୍ତି ପୋଷଣ କରୁଥିବା ମଣିଷମାନଙ୍କୁ ରୁଦ୍ର ଭୈରବ ବୋଲି ସମ୍ବୋଧନ କରିଛନ୍ତି । ପୁନଶ୍ଚ ସେମାନଙ୍କୁ ଦଗ୍ଧହୁଅ, ଭସ୍ମହୁଅ ବୋଲି ସେ କହିଛନ୍ତି । କାରଣ ସେହି ଦଗ୍ଧରୁ, ସେହି ଭସ୍ମରୁ ସୃଷ୍ଟି ହେବ ଜ୍ଞାନାଲୋକ । ସେମାନେ ଜାଣିପାରିବେ ଶୃଙ୍ଖଳ ଓ ଶୋଷଣର ମୂଳକାରଣକୁ । ପରିଣତରେ ସେମାନଙ୍କ ଚିନ୍ତାଧାରାରେ ଆସିବ ପରିବର୍ତ୍ତନ । ସେମାନେ ନିଜର ଅଧିକାରକୁ ବୁଝିପାରିବେ । କବିତାଟିରେ କବି ଏକ ଶ୍ରେଣୀହୀନ ସମାଜର ବାର୍ତ୍ତା ଶୁଣାଇଛନ୍ତି ।

୨. 'ଜୟଲଭୁ କୃଶର ସାଧନା' ଉକ୍ତିରେ ସମଗ୍ର କବିତାର ଭାବାଦର୍ଶ କିପରି ପ୍ରତିଫଳିତ - ଆଲୋଚନା କର ।

ଉ.: ଆଲୋଚ୍ୟ ପ୍ରସଙ୍ଗଟି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ, ସମାଜବାଦୀ ଚିନ୍ତାଧାରାର କବିତା 'ବାର୍ତ୍ତା'ର ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହାକୁ କବି କବିତାର ଶେଷ ପର୍ଯ୍ୟାୟରେ ଉଲ୍ଲେଖ କରି କବିତାର ସାମଗ୍ରିକ ସ୍ୱରୂପକୁ ସୂଚନାତ୍ମକ ଭାବେ ଉଲ୍ଲେଖ କରିଛନ୍ତି । କବିତାଟିରେ କବି ଦୀନଦଳିତ, ପତିତ ଓ ଅବହେଳିତ ଗୋଷ୍ଠୀର ଅଭ୍ୟୁତ୍ଥାନ ପାଇଁ ନିଜର ଅଭିମତ ଦେଇଛନ୍ତି । କାରଣ ସମାଜରୁ ଶୋଷଣ, ପୀଡ଼ନ ଦୂରକରି ସାମ୍ୟବାଦୀ ସମାଜ ପ୍ରତିଷ୍ଠା କରିବା ହେଉଛି କବିଙ୍କର ଭାବାଦର୍ଶ । ସେ କୌଣସି ସମୟରେ ସାଲିସ୍‌କରି ସମାଜର ପରିବର୍ତ୍ତନ ଆଣିବା ପାଇଁ ଚାହିଁ ନାହାନ୍ତି । ଶୋଷିତ ଗୋଷ୍ଠୀ ନିଜର ବନ୍ଧନ, ଶୃଙ୍ଖଳର କାରଣ ଖୋଜି, ଶକ୍ତି ପ୍ରୟୋଗ କରି

କିପରି ନ୍ୟାର୍ଯ୍ୟ ଦାବି ହାସଲ କରାଯିବ ସେ ସମ୍ବନ୍ଧରେ ଦେଇଛନ୍ତି ଆଗ୍ନେୟ ଆହ୍ୱାନ । ଖଟିଖିଆ, ଶ୍ରମିକମାନଙ୍କ ହୃଦୟରେ ରହିଆସିଥିବା ଦୁଃଖ ଓ ବେଦନାକୁ ଦୂରେଇ ଦେବାକୁ ଏବଂ ସେମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବାକୁ କବି ବିଭିନ୍ନ ଉଦାହରଣ ଦେଇ ବୁଝାଇଛନ୍ତି ।

କବି ଯିଶୁଙ୍କର ଆତ୍ମୋତ୍ସର୍ଗକୁ ଏକ ମିଥ୍ ଭାବରେ କବି ଗ୍ରହଣ କରିଛନ୍ତି । ଯିଶୁ ଚିରନ୍ତନ ସତ୍ୟର ପରିପ୍ରଚାରକ ହେଲେ ବି, ଅତ୍ୟାଚାରୀ ଦଳ ତାଙ୍କୁ କ୍ରୁଶରେ ଚଢ଼ାଇ ତାଙ୍କ ଦେହରେ କଣ୍ଟା ବାଡ଼େଇ ଦେଇଥିଲେ । ଯିଶୁ ଚାଲିଗଲେ ବି, ତାଙ୍କର ସାଧନା ଓ ଆତ୍ମୋତ୍ସର୍ଗ ବ୍ୟର୍ଥ ଯାଇନଥିଲା । ତାଙ୍କର ସେହି ଚିରନ୍ତନବାଣୀ ପରବର୍ତ୍ତୀ ସମୟରେ ମାନବ ସମାଜକୁ ପ୍ରଭାବିତ କରିଥିଲା ଓ ଯିଶୁ ହୋଇଥିଲେ ସମସ୍ତଙ୍କର ଆରାଧ୍ୟ । ତେଣୁ କବିଙ୍କ ମତରେ, ଯେଉଁ ଦଳିତମଣିଷମାନେ ସବୁକିଛି ଅତ୍ୟାଚାରକୁ ସହି ନେଇ ଯାଉଛନ୍ତି, ସେମାନଙ୍କୁ ଦଗ୍ଧ ହୁଅ, ଭସ୍ମହୁଅ ବୋଲି କବି କହିଛନ୍ତି । କାରଣ ସେହି ଭସ୍ମରୁ ସୃଷ୍ଟିହେବ ଜ୍ଞାନାଲୋକ । ଜ୍ଞାନବଳରେ ମଣିଷ ଜାଣିପାରିବେ, ନିଜର ପ୍ରକୃତ ଅଧିକାରକୁ । ଫଳରେ ବଦଳିଯିବ ମାଲିକ-ମୂଲିଆ, ଜମିଦାର-ପ୍ରଜା ଓ ଶୋଷକ-ଶୋଷିତର ସମ୍ପର୍କ । ସମାଜରେ ସୃଷ୍ଟି ହେବ ଶ୍ରେଣୀହୀନ ସମାଜବାଦୀ ସମାଜ । ପୀଡ଼ିତମାନଙ୍କର ମୂଲ୍ୟାୟନ କରାଯିବ । ପୀଡ଼ନର ଜୟଗାନ କରାଯିବ । କବି ଏହି ପର୍ଯ୍ୟାୟରେ ଅତ୍ୟାଚାରୀମାନଙ୍କ ପାଇଁ ଯିଶୁଙ୍କ ବଳିଦାନ ବା ଆତ୍ମୋତ୍ସର୍ଗ ବ୍ୟର୍ଥ ହେବ ନାହିଁ ବୋଲି କହିଛନ୍ତି । ସାଧନାର ଜୟ ହେବ ବୋଲି କବି ଏଠାରେ ସୂଚାଇ ଅଛନ୍ତି ।

ବାସ୍ତବରେ କବି ଉକ୍ତ କବିତାରେ ଯିଶୁଙ୍କ ମିଥ୍ ପ୍ରୟୋଗ କରି, ସାଧନାର ଜୟ ହେଉ ବୋଲି କହିଛନ୍ତି ।

❖❖❖

# ତୃତୀୟ ଏକକ

# ସଭ୍ୟ ଜମିଦାର

ଫକୀର ମୋହନ ସେନାପତି

(କ) ଗାଳ୍ପିକ ପରିଚୟ :

ଫକୀର ମୋହନ ସେନାପତି, ଆଧୁନିକ ଓଡ଼ିଆ ସାହିତ୍ୟର ନବନିର୍ମାଣ । ଓଡ଼ିଆ ଭାଷା ସାହିତ୍ୟର ଚରମ୍ ବିପର୍ଯ୍ୟୟ ସମୟରେ ସେ ସେନାପତି ଭଳି ଏହାର ସୁରକ୍ଷା ଦେଇଥିଲେ । ୧୮୬୮-୬୯ ମସିହାରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ ଯେଉଁ ବିବଦମାନ ପରିସ୍ଥିତି ଉପୁଜିଥିଲା, ତାହାର ଦୃଢ଼ ପ୍ରତିବାଦ ଜଣାଇଥିଲେ ଫକୀର ମୋହନ । ଶିକ୍ଷକତା କରୁଥିବା ସମୟ ସେ ଉତ୍କଳ ସାହିତ୍ୟର ବିକାଶ ଲାଗି ଧ୍ୟାନ ଦେଇଥିଲେ । ଯାହା ଫଳରେ ସେ ଏକାଧାରରେ ହୋଇଥିଲେ, 'ବ୍ୟାସକବି' 'କଥା ସମ୍ରାଟ' ଓ 'ସରସ୍ୱତୀ ଫକୀର ମୋହନ' ।

ଫକୀର ମୋହନ ପାଠ୍ୟପୁସ୍ତକ ଅଭାବ ଦୂରେଇ ଦେବା ପାଇଁ ପ୍ରଥମେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା ଗ୍ରନ୍ଥ 'ଜୀବନ ଚରିତ'କୁ ଓଡ଼ିଆରେ ଅନୁବାଦ କରିଥିଲେ । ଏହାପରେ ସେ ଓଡ଼ିଆ ବ୍ୟାକରଣ ଓ ଆଙ୍କମାଳ ରଚନା କରି ଛପାଇଲେ । ୧୮୬୮ ମସିହାରେ ବାଲେଶ୍ୱରରେ ପ୍ରଥମ ଛାପାଖାନା ବସାଇ 'ବୋଧ ଦାୟିନୀ' ୧ମ ଭାଗ ଓ ୨ୟ ଭାଗ, ରଚନା କରିଥିଲେ । ସେ 'ପୁଷ୍ପମାଳା' ଓ 'ଉପହାର' ନାମକ କବିତା ଗ୍ରନ୍ଥ ରଚନା କରିଥିଲେ । ପୁନଶ୍ଚ ସେ 'ଉତ୍କଳ ଭ୍ରମଣଂ' ରଚନା କରିଥିଲେ । ସେ କଟକରେ ଅବସ୍ଥାନ କରୁଥିବା ସମୟରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ 'ଧୂର୍ଜଟୀ' ଛଦ୍ମ ନାମରେ ଗଳ୍ପ ଓ ଉପନ୍ୟାସ ପ୍ରକାଶ କରିବାକୁ ଲାଗିଲେ । ତାଙ୍କ ଦାରା ରଚିତ 'ରେବତୀ' ହେଉଛି ଓଡ଼ିଆ ସାହିତ୍ୟର ପ୍ରଥମ କ୍ଷୁଦ୍ରଗଳ୍ପ । 'ଛ'ମାଣ ଆଠଗୁଣ୍ଠ' ତାଙ୍କ ଦ୍ୱାରା ଲିଖିତ ପ୍ରଥମ ସାମାଜିକ ଉପନ୍ୟାସ । ବିଶେଷ କରି ଉନବିଂଶ ଶତାବ୍ଦୀର ସାମାଜିକ ଜୀବନକୁ ନେଇ ସେ ତାଙ୍କର କ୍ଷୁଦ୍ରଗଳ୍ପଗୁଡ଼ିକ ରଚନା କରିଛନ୍ତି । ସେହି ଗଳ୍ପଗୁଡ଼ିକ 'ଗଳ୍ପ ସ୍ୱଳ୍ପ' ୧ମ ଭାଗ, ୨ୟ ଭାଗ ଭାବରେ ସଂକଳିତ ହୋଇଛି । ତାଙ୍କ ଦ୍ୱାରା ଲିଖିତ ଅନ୍ୟ ସୃଷ୍ଟିଗୁଡ଼ିକ ହେଉଛି, 'ଲଛମା', 'ମାମୁଁ', 'ପ୍ରାୟଶ୍ଚିତ' ଉପନ୍ୟାସ, 'ବୌଦ୍ଧାବତାର', 'ଅବସର ବାସରେ', 'ଧୂଳି' ଆଦି କାବ୍ୟ କବିତା, 'ଆତ୍ମ ଜୀବନ ଚରିତ' ଏବଂ କିଛି ପ୍ରବନ୍ଧ ।

ଫକୀର ମୋହନ ୧୮୪୩ ମସିହାରେ ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଠାରେ ଜନ୍ମଗ୍ରହଣ କରିଥିଲେ ଓ ୧୯୧୮ ମସିହାରେ ଅମର ପଥର ଯାତ୍ରୀ ହୋଇଥିଲେ । ଜୀବନର ଶେଷପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସାହିତ୍ୟ ସାଧନା କରି, ଓଡ଼ିଆ ଜାତି ଓ ସାହିତ୍ୟକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଛନ୍ତି ।

(ଖ) ଗଳ୍ପ ସମ୍ପର୍କରେ

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଶାରେ ଇଂରାଜୀଶିକ୍ଷା ଓ ସଭ୍ୟତାର ବିକାଶ ଘଟିଥିଲା । ଏ ସମୟରେ ଯେଉଁମାନେ ଇଂରାଜୀ ପଢୁଥିଲେ, ସେମାନେ ନିଜର ପରମ୍ପରା ଓ ସଂସ୍କୃତିକୁ ଭୁଲିଯାଉଥିଲେ । ତାଙ୍କ ଦୃଷ୍ଟିରେ ପ୍ରାଚୀନ ପରମ୍ପରା ଥିଲା କୁସଂସ୍କାର । ଆଲୋଚ୍ୟ ଗଳ୍ପ 'ସଭ୍ୟ ଜମିଦାର'ରେ ନୂଆକରି ଗଢ଼ି ଉଠୁଥିବା ଶିକ୍ଷାନୁଷ୍ଠାନରେ ଶିକ୍ଷିତ ବିଶେଷ କରି ଇଂରାଜୀ ଶିକ୍ଷିତ ଭ୍ରାନ୍ତ ମୋହଗ୍ରସ୍ତମାନଙ୍କୁ କଥାକାର ତୀବ୍ର ସମାଲୋଚନା କରିଛନ୍ତି । ଗଳ୍ପର ମୁଖ୍ୟ ଚରିତ୍ର ରାଜୀବଲୋଚନଙ୍କ ମାଧ୍ୟମରେ ଗାଳ୍ପିକ ଇଂରାଜୀ ଶିକ୍ଷା ଓ ସଭ୍ୟତାର ଅପରିଣାମ ଦର୍ଶିତାକୁ ବିଦ୍ରୂପ କରିଛନ୍ତି । ପିତା ଗୋପାଳଚନ୍ଦ୍ର ମହାପାତ୍ର ପୁତ୍ରକୁ ଇଂରାଜୀ ପଢ଼ାଉଛନ୍ତି । ତାଙ୍କର ବିଶ୍ୱାସ ରହିଛି, ପୁଅ ଇଂରାଜୀ ପଢ଼ିଲେ ବ୍ୟବସାୟରେ ଯଥେଷ୍ଟ ଉନ୍ନତି କରିବ । ତେଣୁ ପୁଅକୁ ପରାମର୍ଶ ଦେଇ କହିଛନ୍ତି "ତୁ ବେଶି ପାଶ୍ କରି ପକା, ଯେତେ ଟଙ୍କା ଲାଗିବ ଲାଗୁ ।" ମାତ୍ର ବାପାଙ୍କ ସରଳତାର ସୁଯୋଗ ନେଇ ରାଜୀବଲୋଚନ ଅମଣିଷ ହୋଇଯାଇଛି । ପିତାଙ୍କ ମୃତ୍ୟୁ ପରେ ବ୍ୟବସାୟ ସମ୍ଭାଳିପାରି ନାହିଁ କିମ୍ବା ଜମିଦାରୀ ଦେଖାଶୁଣା କରିପାରି ନାହିଁ । ବୃଥା ଅହମିକା ପ୍ରକାଶ କରି ସଭାସମିତିରେ ମନ ଦେଇଛି । ଜଣେ ଅଜ୍ଞାତ କୁଳଶୀଳକୁ ବିବାହ କରି ବିପର୍ଯ୍ୟୟ ପାଇଁ ପଥ ପରିଷ୍କାର କରିଦେଇଛି । ବିବାହ ପୂର୍ବରୁ ବରଯାତ୍ରୀ ଓ ରୋଷଣିକୁ ଅସଭ୍ୟତା ଓ କୁସଂସ୍କାର ବୋଲି କହିଛି । ବାପାଙ୍କ ମୃତ୍ୟୁ ପରେ ବ୍ରାହ୍ମଣ ଡାକି ଶୁଦ୍ଧି ହେବା ପାଇଁ ଚାହିଁ ନାହିଁ ।

ଗଳ୍ପର ପ୍ରଥମ ପର୍ଯ୍ୟାୟରେ ଛେଉଣ୍ଡ ପିଲା ଗୋପାଳ, ମହାଜନ ବଳବାବୁଙ୍କ ପାଖରେ ରହି ନିଜର ସରଳତା ଓ ଦକ୍ଷତା ପାଇଁ ଜଣେ ସଚ୍ଚୋଟ ବ୍ୟବସାୟୀ ହୋଇପାରିଛି । ସେ ଇଂରାଜୀ ପଢ଼ି ନ ଥିବାରୁ ଯେଉଁ ଅସୁବିଧାର ସମ୍ମୁଖୀନ, ସେଭଳି ଅସୁବିଧାକୁ ଦୂର କରିବା ପାଇଁ ପୁଅକୁ ଇଂରାଜୀ ପଢ଼ାଇବାର ସ୍ୱପ୍ନ ଦେଖିଛି । ମାତ୍ର ପରିଣତିରେ ସେହି ଇଂରାଜୀ ଶିକ୍ଷା ପାଇଁ ରାଜୀବ ଲୋଚନ ବୃଥା ଅହଂକାର ପ୍ରକାଶ କରି । ସବୁକିଛି ହରାଇ ଦେଇଛି ।

ମୋଟ ଉପରେ କହିବାକୁ ଗଲେ ଇଂରାଜୀ ଶିକ୍ଷା ଓ ସଭ୍ୟତାର ଭ୍ରାନ୍ତମୋହ ଏ ଦେଶର ଶିକ୍ଷିତ ଯୁବସମ୍ପ୍ରଦାୟକୁ କିପରି ବିପଥଗାମୀ କରିଥିଲା, ତାହାର ଦୃଷ୍ଟାନ୍ତ ହେଉଛି ଆଲୋଚ୍ୟ ଗଳ୍ପ 'ସଭ୍ୟ ଜମିଦାର' ।

(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।

ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧. କଲିକତା ଆମଦାନି ମାଲ ମଧ୍ୟରେ କିଏ ପ୍ରଧାନ ଥିଲା ?

(ସବାଇ ଘାସ, ଧୂଆଁପତ୍ର, ହ[illegible]ପତ୍ର, ତେଜପତ୍ର)

ଉ.: ଧୂଆଁପତ୍ର

୨. ମହାଜନ ବାବୁ ବଳରାମ ବଳଙ୍କର ଘର ଓଡ଼ିଶାର କେଉଁ ଅଞ୍ଚଳରେ ?

(ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର)

ଉ.: ଯାଜପୁର

୩. ମହାଜନ ବଳରାମ ଜଣେ ସଉଦାଗରଠାରୁ କେଉଁ ମୋହର କିଣିଥିଲେ ?

(କାବୁଲୀ, ଆକବରୀ, ବର୍ଦ୍ଧମାନୀ, ସାହାଜାହାନୀ)

ଉ.: ଆକବରୀ

୪. ବାବୁ ବଳରାମଙ୍କ ଚାକରର ନାମ କ'ଣ ଥିଲା ?

(ଗୋବିନ୍ଦା, ମାଧିଆ, ପଦିଆ, ବିଦିଆ)

ଉ.: ବିଦିଆ

୫. କେଉଁ ହୁକାରେ ବାବୁ ବଳରାମ ଗୁଡ଼ାଖୁ ପିଅନ୍ତି ?

(ରୁପାବନ୍ଧା, ସୁନାବନ୍ଧା, ପିତଳବନ୍ଧା, ତମ୍ବାବନ୍ଧ)

ଉ.: ରୁପାବନ୍ଧା

୬. କଲିକତାକୁ ଠିକ୍ କେଉଁ ଖଣି ବୋଲି କୁହାଯାଇଛି ?

(ହରିଲୁଟ୍ ଖଣି, ଚୋରା ଖଣି, ତଣ୍ଡିକଟା ଖଣି, ଗଣ୍ଠିକଟା ଖଣି)

ଉ.: ଗଣ୍ଠିକଟା ଖଣି

୭. ବାବୁ ବଳରାମ କେବଳ କେଉଁ ବ୍ରାହ୍ମଣ ହାତରୁ ଖାଉଥାନ୍ତି ?

(ଓଡ଼ିଆ, ବଙ୍ଗାଳୀ, ବିହାରୀ, କାଶି)

ଉ.: ଓଡ଼ିଆ

୮. ଗୋପାଳର ନାଁ "ବାବୁ ଗୋପାଳଚନ୍ଦ୍ର ମହାପାତ୍ର" ବୋଲି କିଏ ଲେଖିଥାଏ ?

(ମୋହରୀର, ଗୁମାସ୍ତା, ମୁହୁରୀ, ମେନେଜର)

ଉ.: ଗୁମାସ୍ତା

୯. ମହାପାତ୍ରେ, ବାବୁ ବଳରାମଙ୍କ ବ୍ୟବସାୟର କେତେ ଅଂଶୀଦାର ଥିଲେ ?

(ଚାରିପଣୀ, ଆଠପଣୀ, ଦୁଇପଣୀ, ଛଅପଣୀ)

ଉ.: ଚାରିପଣୀ

୧୦. ଦେବୀ ଓଝା କିଏ ?

(ସରପଞ୍ଚ, ଓ୍ୱାର୍ଡମେମ୍ବର, ଅବଧାନ, ଦୋକାନୀ)

ଉ.: ଅବଧାନ

୧୧. "କୁସଂସ୍କାର-ବିମର୍ଦ୍ଦିନୀ" ସଭାର ଅଧିବେଶନ କେଉଁଦିନ ହୋଇଥାଏ ?

(ରବିବାର, ସୋମବାର, ମଙ୍ଗଳବାର, ଗୁରୁବାର)

ଉ.: ମଙ୍ଗଳବାର

୧୨. ଶନିବାର ଦିନ କେଉଁ ସଭାର ଅଧିବେଶନ ହୋଇଥାଏ ?

(ନାରୀ ମଙ୍ଗଳକାରୀ, ନାରୀ ସଂସ୍କାର ମର୍ଦ୍ଦିନୀ, ନାରୀ ସଶକ୍ତିକାରିଣୀ, କୁସଂସ୍କାର ବିବର୍ଦ୍ଧିନୀ)

ଉ.: ନାରୀ ସଂସ୍କାର ବିବର୍ଦ୍ଧିନୀ

୧୩. କେଉଁ ବେମାରୀରେ ଗୋପାଳଚନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା ?

(ବସନ୍ତ, ଯକ୍ଷ୍ମା, ସନ୍ନିପାତ, ଝାଡ଼ଖଣ୍ଡ)

ଉ.: ସନ୍ନିପାତ

୧୪. 'ଗଙ୍ଗାଲାଭ' ବୋଇଲେ କ'ଣ ବୁଝ ?

(ବ୍ରତ, ପୁଣ୍ୟ, ସ୍ନାନ, ମୃତ୍ୟୁ)

ଉ.: ମୃତ୍ୟୁ

୧୫. ଯାହାର ଧନ, ଜ୍ଞାନ ଅଛି, ସେ କ'ଣ କଲେ ତା' ଜୀବନ ଧିକ ହୋଇଯାଏ ବୋଲି ସଭାରେ କୁହାଯାଇଥିଲା ?

(ଘରେ ବସିରହିଲେ, ବ୍ୟବସାୟ କଲେ, ଚାକିରି କଲେ, ବେକାର ହୋଇଗଲେ)

ଉ.: ଚାକିରି କଲେ

୧୬. କେଉଁ ନାମ ଶୁଣି 'ନୂଆ ଜମିଦାର'ଙ୍କ ମନ ଭାରି ଖୁସି ହୋଇଥିଲା ?

(ସଭା, ସ୍କୁଲ, ଗାଆଁ, ଜମିଦାରୀ)

ଉ.: ସଭା

୧୭. ତାଲୁକ କିଣାଠାରୁ ରଙ୍ଗାଧର ମହାନ୍ତି କେଉଁ କାମରେ ଥିଲେ ?

(ମୁଖ୍ୟ ଗୁମାସ୍ତା, ଛାମୁକରଣ, ଶେଠ ପାଞ୍ଜିଆ, ଗଦି ସରକାର)

ଉ.: ଶେଠ ପାଞ୍ଜିଆ

୧୮. ତାଲୁକ ମଧ୍ୟରେ କେଉଁ ଗ୍ରାମଟି ସବୁଠାରୁ ବଡ଼ ଥିଲା ?

(ମଦନପୁର, ମାନପୁର, ନରଣପୁର, ଶ୍ୟାମପୁର)

ଉ.: ଶ୍ୟାମପୁର

୧୯. 'ନୂଆ ଜମିଦାର' ବାବୁ ଶ୍ୟାମପୁର ଗ୍ରାମରେ କେଉଁ ଲୋକଙ୍କୁ ଖୋଜି ବସିଥିଲେ ?

(ଶିକ୍ଷିତ ବେକାର, ଶିକ୍ଷିତ ସମାଜସେବୀ, ଶିକ୍ଷିତ ସମାଜ ସଂସ୍କାରକ, ଶିକ୍ଷିତ କୁସଂସ୍କାର ବର୍ଜିତ)

ଉ.: ଶିକ୍ଷିତ କୁସଂସ୍କାର ବର୍ଜିତ

୨୦. ଏ ଦେଶର ଦୁଃଖଦୁର୍ଦ୍ଦଶାର କାରଣ ଲୋଡ଼ିଲେ ତାହା କେଉଁପରି ଜଣାଯିବ ବୋଲି ନୂଆ ଜମିଦାର ବକ୍ତୃତାରେ କହିଥିଲେ ?

(ଡାହାଣୀ ଆଲୁଅ, ଦିନ ଆଲୁଅ, ଆତସବାଜୀ ଆଲୁଅ, ଲଣ୍ଠନ ଆଲୁଅ)

ଉ.: ଦିନ ଆଲୁଅ

୨୧. ସୁଶିକ୍ଷିତ ଜମିଦାର ମହୋଦୟଙ୍କ ପ୍ରସ୍ତାବକୁ କିଏ ଦ୍ୱିତୀୟ କରିଥିଲେ ?

(ଗାହ୍ଲବ ପଟ୍ଟନାୟକ, ବଲ୍ଲଭ ରାୟ, ହରିବୋଲ ପଟ୍ଟନାୟକ, ରଙ୍ଗାଧର ମହାନ୍ତି)

ଉ.: ହରିବୋଲ ପଟ୍ଟନାୟକ

୨୨. 'ନୂଆ ଜମିଦାର'ଙ୍କ ବିବାହ ପାଇଁ କେଉଁଠାରେ କନ୍ୟା ଠିକ୍ ଏହାଇଥିଲା ?

(କଟକ, କଲିକତା, ବାଲେଶ୍ୱର, ଯାଜପୁର)

ଉ.: କଲିକତା

୨୩. କନ୍ୟାପିତା ମକ୍ରା ମଲ୍ଲିକ ଆସାମ ଟୀ' ବଗିଚାରେ ପଦୋନ୍ନତି ପାଇ ଶେଷରେ କ'ଣ ହୋଇଥିଲା ?

(ଖାନସମା, ବୁରୁର୍ଚି, କୁଲି ସର୍ଦ୍ଦାର, ମେନେଜର)

ଉ.: ଖାନସମା

୨୪. ସାଆନ୍ତାଣୀଙ୍କର ବିଶ୍ୱାସୀ ପୋଇଲି କିଏ ?

(ଫୁଲ, କନି, ରାଧୀ, ପଦ୍ମୀ)

ଉ.: ରାଧୀ

୨୫. କୁମ୍ଭୀର କ'ଣ ଖୋଜିଥାଏ ବୋଲି କୁହାଯାଇଛି ?

(ଲୁଣି ପାଣି, କାଦୁଅ ପାଣି, ଗୋଳିଆ ପାଣି, ପଙ୍କୁଆ ପାଣି)

ଉ.: ଗୋଳିଆ ପାଣି

ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧. କଲିକତା ବଡ଼ବଜାରରେ ବାବୁ ବଳରାମଙ୍କର ପରିଚୟ କ'ଣ ଥିଲା ?

ଉ.: କଲିକତା ବଡ଼ବଜାରରେ ବାବୁ ବଳରାମଙ୍କର ପରିଚୟ ଗଦିଆନ ମହାଜନ ଥିଲା ।

୨. 'ଦୋଭା' କାରବାର କାହାସହ ସମାନ ବୋଲି ମହାଜନ କହିଥା'ନ୍ତି ?

ଉ.: 'ଦୋଭା' କାରବାର ଗୋରଖ ସାପ ଖେଳାଇବା ସହ ସମାନ ବୋଲି ମହାଜନ କହିଥା'ନ୍ତି ।

୩. କଲିକତା ମାଲ୍ ଆମଦାନି ରପ୍ତାନି କେଉଁଥିରେ ହେଉଥିଲା ?

ଉ.: କଲିକତା ମାଲ୍ ଆମଦାନି ରପ୍ତାନି ବାଲେଶ୍ୱର ଜାହାଜରେ ହେଉଥିଲା ।

୪. ବଳରାମବଳ୍ଳଙ୍କର ଓଡ଼ିଶାରେ କାହିଁକି ନାମ ଡାକ ଥିଲା ?

ଉ.: ବଳରାମବଳ୍ଳଙ୍କର ଓଡ଼ିଶାରେ ଜଣେ ଧୂଆଁପତ୍ର ଚିହ୍ନରା ଭାବରେ ନାମ ଡାକ ଥିଲା ।

୫. କଲିକତାରେ କେତେବେଳେ ତୋପ ପଡ଼େ ବୋଲି କୁହାଯାଇଛି ?

ଉ.: କଲିକତାରେ ଘୁଙ୍ଗୁଡ଼ା ଡାକ ଆଗରୁ ତୋପ ପଡ଼େ ବୋଲି କୁହାଯାଇଛି ।

୬. କପାଳିଆ ଲୋକଙ୍କୁ କ'ଣ ମିଳିଥାଏ ବୋଲି କୁହାଯାଇଛି ?

ଉ.: କପାଳିଆ ଲୋକଙ୍କୁ ଆକବରୀ ମୋହର ମିଳିଥାଏ ବୋଲି କୁହାଯାଇଛି ।

୭. କେଉଁଦିନରୁ ଦିନକୁ ଦିନ ଗୋପାଳର ଘର ବଢୁଥିଲା ?

ଉ.: ପହରାପଡ଼ିବା ଦିନରୁ ଦିନକୁ ଦିନ ଗୋପାଳର ଘର ବଢୁଥିଲା ।

୮. କେଉଁ କଥା ଗୋପାଳ ବେଶ୍ ଜାଣିଗଲାଣି ବୋଲି କୁହାଯାଇଛି ?

ଉ.: ମାଲ କିଣା ବିକା ଛକଛାକ ବେଶ୍ ଜାଣିଗଲାଣି ବୋଲି କୁହାଯାଇଛି ।

୯. ଗୋପାଳ, ବେପାରରେ ବାବୁ ବଳରାମଙ୍କର କ'ଣ ପରି ଥିଲା ?

ଉ.: ଗୋପାଳ, ବେପାରରେ ବାବୁ ବଳରାମଙ୍କର ଡାହାଣ ହାତ ପରି ଥିଲା ।

୧୦. ଗଦିରେ ଗୋପାଳର ଡାକନାମ କ'ଣ ହୋଇଥିଲା ?

ଉ.: ଗଦିରେ ଗୋପାଳର ଡାକନାମ ସାନବାବୁ ହୋଇଥିଲା ।

୧୧. ବେପାରରେ ଲାଭ କେଉଁ ଜାଗାରେ ବୋଲି ମହାପାତ୍ରେ, ମହାଜନ ବଳ୍ଳଙ୍କୁ କହିଛନ୍ତି ?

ଉ.: ବେପାରରେ ଲାଭ କିଣା ଜାଗାରେ ବୋଲି ମହାପାତ୍ରେ, ମହାଜନ ବଳ୍ଳଙ୍କୁ କହିଛନ୍ତି ।

୧୨. ଗଦିର କେଉଁସବୁ କଥା ମହାପାତ୍ରଙ୍କ ହାତରେ ଥିଲା ?

ଉ.: ଗଦିର ମାମଲତ ତହବିଲ କଥା ସବୁ ମହାପାତ୍ରଙ୍କ ହାତରେ ଥିଲା ।

୧୩. 'ବଳେ', ତୁନି ହୋଇ ଗଦିରେ କ'ଣ କରିଥା'ନ୍ତି ବୋଲି କୁହାଯାଇଛି ?

ଉ.: 'ବଳେ', ତୁନି ହୋଇ ଗଦିରେ ମାଳା ଗଡ଼ାଉଥାଆନ୍ତି ବୋଲି କୁହାଯାଇଛି ।

୧୪. ମହାପାତ୍ରଙ୍କଠାରୁ ଅବଧାନେ କେତେଟଙ୍କା ପୁରସ୍କାର ପାଇଥିଲେ ?

ଉ.: ମହାପାତ୍ରଙ୍କଠାରୁ ଅବଧାନେ ପାଞ୍ଚୋଟି ଟଙ୍କା ପୁରସ୍କାର ପାଇଥିଲେ ।

୧୫. ବଳବାବୁ ମହାଜନ ଗଦି ସାଙ୍ଗରେ କାହାର କାରବାର ଥିଲା ?

ଉ.: ବଳବାବୁ ମହାଜନ ଗଦି ସାଙ୍ଗରେ ବଡ଼ବଡ଼ ଇଂରେଜ ସଉଦାଗର ହାଉସ୍‌ମାନଙ୍କ ସାଙ୍ଗରେ କାରବାର ଥିଲା ।

୧୬. ଗଦିର ସରକାର କେଉଁଠାରେ ରାଜୀବ ବାବୁଙ୍କ ନାମ ଲେଖାଇଦେଇ ଆସିଥିଲେ ?

ଉ.: ଗଦିର ସରକାର 'କୋଲକତା ଏଣ୍ଟ୍ରୁ ଏକାଡ଼େମୀ' ଠାରେ ରାଜୀବ ବାବୁଙ୍କ ନାମ ଲେଖାଇଦେଇ ଆସିଥିଲେ ।

୧୭. କେଉଁ କଥାଟା କଲିକତାର ନିୟମ ବୋଲି କୁହାଯାଇଛି ?

ଉ.: ସଭାର ସମସ୍ତବ୍ୟୟ ବହନ କରିବା ସମ୍ପାଦକ ପକ୍ଷରେ ଉଚିତ କଥାଟା କଲିକତାର ନିୟମ ବୋଲି କୁହାଯାଇଛି ।

୧୮. ପିତାଙ୍କ ମୃତ୍ୟୁରେ କେଉଁ କଥାଟା କୁସଂସ୍କାର ବୋଲି ରାଜୀବଲୋଚନ କହିଛନ୍ତି ?

ଉ.: ପିତାଙ୍କ ମୃତ୍ୟୁରେ ଡକାପକାଇ କାନ୍ଦିବାଟା କୁସଂସ୍କାର ବୋଲି ରାଜୀବଲୋଚନ କହିଛନ୍ତି ।

୧୯. ଗୋପାଳ ଚନ୍ଦ୍ର ମହାପାତ୍ର ତିଆରି କରିଥିବା ମନ୍ଦିରରେ କେଉଁ ମୂର୍ତ୍ତି ସ୍ଥାପିତ ହୋଇଥିଲା ?

ଉ.: ଗୋପାଳ ବାବୁ ତିଆରି କରିଥିବା ମନ୍ଦିରରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ସ୍ଥାପିତ ହୋଇଥିଲା ।

୨୦. କେଉଁ ସ୍ଥାନରୁ ଯେପରି ବ୍ୟବସ୍ଥା ଆସିବ ସେପରି ବିଭା ହେବ ବୋଲି କୁହାଯାଇଛି ?

ଉ.: ବିହାର ବିବାହ-ବ୍ୟୟ-ସଂକ୍ଷେପଣୀ ସଭାରୁ ଯେପରି ବ୍ୟବସ୍ଥା ଆସିବ ସେପରି ବିଭା ହେବ ବୋଲି କୁହାଯାଇଛି ।

୨୧. କଲିକତା ଗୋଟିଏ ବିଚିତ୍ର ଜାଗା ବୋଲି କାହିଁକି କୁହାଯାଇଛି ?

ଉ.: କଲିକତା ଗୋଟିଏ ବିଚିତ୍ର ଜାଗା ବୋଲି କୁହାଯାଇଛି, କାରଣ ଟଙ୍କା ଦେଲେ ବାପା ଓ ମାଆଙ୍କ ଛଡ଼ା ସବୁକିଛି ମିଳିବ ବୋଲି କୁହାଯାଇଛି ।

୨୨. କଲିକତାର ମହାଜନ ସଭ୍ୟ ଜମିଦାରଙ୍କୁ ଦଶହଜାର ଟଙ୍କା କରଜ ଦେଇଥିଲେ କିପରି ?

ଉ.: କଲିକତାର ମହାଜନ ଖୁବ୍ କାଇଦା କଟକଣାରେ ଜମିଦାରୀ ଲେଖେଇ ନେଇ ସଭ୍ୟ ଜମିଦାରଙ୍କୁ ଦଶହଜାର ଟଙ୍କା କରଜ ଦେଇଥିଲେ ।

୨୩. ପୁଅ-ବୋହୂ ହାତ ଧରାଧରି ହୋଇ କୁଆଡ଼େ ବାହାରିଥିବାର କୁହାଯାଇଛି ?

ଉ.: ପୁଅ-ବୋହୂ ହାତ ଧରାଧରି ହୋଇ ମା' ସାଆନ୍ତାଣୀଙ୍କୁ ସାକ୍ଷାତ୍ କରିବାକୁ ବାହାରିଥିଲେ ।

୨୪. ମା' ସାଆନ୍ତାଣୀ କେଉଁ କଥା ଶୁଣି ଚମକି ପଡ଼ି ଠିଆ ହୋଇଗଲେ ?

ଉ.: ମା' ସାଆନ୍ତାଣୀ ବୋହୂର ଗୋଡ଼ରେ ଲେଡ଼ି ଜୋତା ଏଡ଼ିର ଠକ୍ ଠକ୍ ଶବ୍ଦ ଶୁଣି ଚମକି ପଡ଼ି ଠିଆ ହୋଇଗଲେ ।

୨୫. ମା' ସାଆନ୍ତାଣୀ ଘରୁ ବାହାରି ଯାଇ କେଉଁଠି ରହିବାର ସମ୍ବାଦ ଆସିଥିଲା ?

ଉ.: ମା' ସାଆନ୍ତାଣୀ ଘରୁ ବାହାରି ଯାଇ ପୁରୀର ମାତାମଠରେ ରହିବାର ସମ୍ବାଦ ଆସିଥିଲା ।

୨୬. ବୋହୂ-ସାଆନ୍ତାଣୀଙ୍କୁ କେଉଁ ନାମରେ ଡାକିବାକୁ ଜମିଦାବାବୁ ଚାହୁଁଥିଲେ ?

ଉ.: ବୋହୂ-ସାଆନ୍ତାଣୀଙ୍କୁ ମିସେସ୍ ମହାପାତ୍ର ନାମରେ ଡାକିବାକୁ ଜମିଦାବାବୁ ଚାହୁଁଥିଲେ ।

୨୭. ଗୋରୁଗୁହ କେଉଁଠି ଚଳାଯାଇଛି ଶୁଣି ଜମିଦାର ବାବୁ ଖପା ହୋଇଥିଲେ ?

ଉ.: ଗୋରୁଗୁହ ବବୁର୍ଚ୍ଚିଖାନାରେ ଚଳାଯାଇଛି ଶୁଣି ଜମିଦାର ବାବୁ ଖପା ହୋଇଥିଲେ ।

୨୮. ମିଷ୍ଟର ଓ ମିସେସ୍ ମହାପାତ୍ର ଘରେ ଆଉ ରହିପାରିଲେ ନାହିଁ କାହିଁକି ?

ଉ.: ମିଷ୍ଟର ଓ ମିସେସ୍ ମହାପାତ୍ର ଡିକ୍ରୀଜାରି ପିଆଦାର ଜୁଲମରେ ଘରେ ଆଉ ରହିପାରିଲେ ନାହିଁ ।

୨୯. ଜମିଦାରବାବୁ ପାଞ୍ଚ ଛ' ବର୍ଷପରେ କ'ଣ କରୁଥିବାର ଶୁଣାଯାଇଥିଲା ?

ଉ.: ଜମିଦାରବାବୁ ପାଞ୍ଚ ଛ' ବର୍ଷପରେ ଶଶୁର କାମରେ ଆସାମରେ ଖାନସମାଗିରି କାମ କରୁଥିବାର ଶୁଣାଯାଇଥିଲା ।

୩୦. ବୋହୂ-ସାଆନ୍ତାଣୀଙ୍କ ପ୍ରକୃତ ନାମ କ'ଣ ଥିଲା ?

ଉ.: ବୋହୂ-ସାଆନ୍ତାଣୀଙ୍କ ପ୍ରକୃତ ନାମ ନୟନତାରା-ଦୁଃଖପାସୋରା ଥିଲା ।

**ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ ।**

**ପ୍ରଶ୍ନର ମୂଲ୍ୟ ୨ ନମ୍ବର ।**

୧. ଧୂଆଁପତ୍ର କାରାଗାର ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: 'ସଭ୍ୟ ଜମିଦାର' ଗଳ୍ପର ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ଧୂଆଁପତ୍ର କାରବାର ବଡ଼ କଠିନ ବୋଲି କୁହାଯାଇଛି ।

୨. ଗୋପାଳ କିପରି କଲିକତା ଯାଇଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମହାଜନ ବଲବାବୁ ଦୟାକରି ଗୋପାଳକୁ କଲିକତା ନେଇଯାଇ ଥିଲେ ।

୩. କଲିକତା ଗଦିରେ ଗୋପାଳ ପ୍ରଥମେ କିପରି ଥିଲା ?

ଉ.: "ସଭ୍ୟ ଜମିଦାର" ଗଳ୍ପର ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ଗୋପାଳ ପ୍ରଥମେ କଲିକତା ଗଦିରେ ଅଛି ତ ଅଛି, ଖାଉଛି ତ ଖାଉଛି । ତାଙ୍କର ଦେଖାଶୁଣା କରିବାକୁ କେହି ନଥିଲେ ।

୪. ମୋହର ପୋଟଳା ଦେଖି ଗୋପାଳ କ'ଣ କରିଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମୋହର ପୋଟଳା ଦେଖି ଗୋପାଳ ତା'କୁ ହାତରେ ଧରି ବାବୁଙ୍କ ନିକଟକୁ ଧାଇଁଲା ଏବଂ ବାବୁଙ୍କୁ ନପାଇ ପଲଙ୍କ ତକିଆ ତଳେ ଥୋଇଦେଲା ।

୫. କୁକୁଡ଼ା ଡାକ ଆଗରୁ ଗଦିଆନ ଧାର୍ମିକ ହିନ୍ଦୁ ମହାଜନମାନେ କ'ଣ କରିଥାନ୍ତି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । କୁକୁଡ଼ା ଡାକ ଆଗରୁ ଗଦିଆନ ଧାର୍ମିକ ହିନ୍ଦୁ ମହାଜନମାନେ ଗଙ୍ଗା ସ୍ନାନକୁ ବାହାରିଥାନ୍ତି ।

୬. କପାଳିଆ ଲୋକଙ୍କୁ କ'ଣ ମିଳିଥାଏ ଓ ସେ ଗଲେ କ'ଣ ହୋଇଥାଏ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । କପାଳିଆ ଲୋକଙ୍କୁ ଆକବରୀ ମୋହର ମିଳିଥାଏ ଓ ସେ ଗଲେ ଲକ୍ଷ୍ମୀ ଛାଡ଼ିଯାଇଥାଏ ।

୭. ରୋଷେଇଆ ବ୍ରାହ୍ମଣ ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ରୋଷେଇଆ ବ୍ରାହ୍ମଣ, ବାବୁଙ୍କ ସିନ୍ଦୁକର ତାଲା ଭାଙ୍ଗି ପାଞ୍ଚଶହ ଟଙ୍କା ନେଇ ଚାଲିଯାଇଥିଲେ ।

୮. ଗୋପାଳ କେମିତି ରାନ୍ଧି ଶିଖିଥିଲା ବୋଲି କହିଛି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ପୂଜାରୀ ରାନ୍ଧୁଥିଲା ବେଳେ ତାକୁ ଦେଖି ଦେଖି ଗୋପାଳ ରାନ୍ଧି ଶିଖିଥିଲା ବୋଲି କହିଛି ।

୯. ବାବୁ ବଳରାମ ଗାଁକୁ ଯାଇ ପ୍ରଥମେ ଗୋପାଳ ପାଇଁ କ'ଣ କରିଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ବାବୁ ବଳରାମ ଗାଁକୁ ଯାଇ ପ୍ରଥମେ ଗୋଟିଏ ଘର ବନାଇ ଦେଇ ଗୋପାଳକୁ ବିଭା କରାଇଦେଲେ ।

୧୦. ରନ୍ଧାବଢ଼ା ସାରି ଗୋପାଳ ଗଦିରେ କ'ଣ କରିଥାଏ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ରନ୍ଧାବଢ଼ା ସାରି ଗୋପାଳ ସବୁବେଳେ ବାବୁଙ୍କ ପାଖେ ପାଖେ ଥାଏ ଓ କାମରେ ସାହାଯ୍ୟ କରିଥାଏ ।

୧୧. ଦିନବେଳ ଉଣ୍ଡି ମହାଜନ ବଳଙ୍କୁ ମହାପାତ୍ରେ କ'ଣ ଜଣାଇଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ଦିନବେଳ ଉଣ୍ଡି ମହାଜନ ବଳଙ୍କୁ ମହାପାତ୍ରେ କହିଥିଲେ ଯେ, ବେପାର ଲାଭ ବିକା ଜାଗାରେ ନୁହେଁ କିଣା ଜାଗାରେ ।

୧୨. ସାନବାବୁଙ୍କ ସମ୍ପର୍କରେ ଅବଧାନ ମହାପାତ୍ରଙ୍କୁ କ'ଣ କହିଛନ୍ତି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ସାନବାବୁଙ୍କ ସମ୍ପର୍କରେ ଅବଧାନ ମହାପାତ୍ରଙ୍କୁ କହିଛନ୍ତି ଯେ, ସାନବାବୁ ଖୁବ୍ ବୁଦ୍ଧିଆ । ଭାରିପାଠୁଆ ଏବଂ ଖଡ଼ି ପାଠ ଓ ପୋଥିପାଠ ସରିଲାପରେ ତାଙ୍କୁ ପଢ଼ାଇବାକୁ ଆଉ ପାଠ ନାହିଁ ।

୧୩. ରାଜୀବ ସମ୍ପର୍କରେ ସାଆନ୍ତାଣୀ ସାଆନ୍ତଙ୍କୁ କ'ଣ କହିଛନ୍ତି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ରାଜୀବ ତାଙ୍କ ବୋଲ ନମାନି ଗାଁ ଟୋକାଙ୍କ ସାଙ୍ଗରେ ବୁଲୁଛି ଓ ତାକୁ ସାଙ୍ଗରେ ନେଇଯିବା ପାଇଁ ।

୧୪. ମହାପାତ୍ର ବାବୁ କୋଠିର ବଡ଼ ବଡ଼ ସାହେବଙ୍କ ପାଖକୁ ଗଲେ ତାଙ୍କର କ'ଣ ଅସୁବିଧା ହୁଏ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମହାପାତ୍ର ବାବୁ କୋଠିର ବଡ଼ ବଡ଼ ସାହେବଙ୍କ ପାଖକୁ ଗଲେ ତାଙ୍କର ଭାଷାଗତ ସମ୍ବନ୍ଧୀୟ ଅସୁବିଧା ହୋଇଥାଏ, କାରଣ ବାବୁ ଇଂରାଜୀ ଜାଣନ୍ତି ନାହିଁ କି ସାହେବ ଓଡ଼ିଆ ବୁଝନ୍ତି ନାହିଁ ।

୧୫. ବାବୁ ରାଜୀବ କେଉଁ ବିଷୟରେ ପକ୍କା ହୋଇଗଲେଣି ବୋଲି କୁହାଯାଇଛି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ବାବୁ ରାଜୀବ ଚାରି ପାଞ୍ଚ ବର୍ଷ ମଧ୍ୟରେ ଇଂରେଜ ପଢ଼ା ହେଉ ବା ନହେଉ ପଛକେ ସଭାସମିତିରେ ଉପସ୍ଥିତ, ଥିଏଟର୍ ଆଉ ସୁସ୍ଥାନ କୁସ୍ଥାନ ଭ୍ରମଣ ବିଷୟରେ ପକ୍କା ହୋଇଗଲେଣି ।

୧୬. କେଉଁଦିନ ହୋଟେଲ ବାଲାର ବେଶ୍ ଆୟ ହୋଇଥାଏ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ଯେଉଁଦିନ ସଭାରେ ସମ୍ପାଦକ ରାଜୀବବାବୁ ବକ୍ତୃତା ଦେବା ବେଳେ, ବହୁତ ହାତତାଳି ଦିଆଯାଏ, ସେହିଦିନ ହୋଟେଲ ବାଲାର ବେଶ୍ ଆୟ ହୋଇଥାଏ ।

୧୭. ରାଜବୀଙ୍କ ପାଇଁ ଇଚ୍ଛା ମହାଜନ ବଳବାବୁ ସଫଳ କରିନଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ରାଜୀବଙ୍କର ଇଚ୍ଛା ଥିଲା ବ୍ରାହ୍ମଣ ଡାକି ଶ୍ରାଦ୍ଧ କରିବା କୁ ସଂସ୍କାର, କେବଳ ସଭାଗୃହରେ ଭୋକ, ଦରିଦ୍ରମାନଙ୍କୁ ଅର୍ଥ ବିତରଣ ଓ ଡାକ୍ତରଖାନାରେ ଚାନ୍ଦା ଦେବା କାମ ମହାଜନ ବଳବାବୁ ସୁଫଳ କରିନଥିଲେ ।

୧୮. ପାଞ୍ଜିଆ ଗୁମାସ୍ତ ପ୍ରଜାପାଟକମାନେ ନୂଆ ଜମିଦାରଙ୍କ ପାଇଁ କ'ଣ କରିଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ପାଞ୍ଜିଆ ଗୁମାସ୍ତା ପ୍ରଜାପାଟକମାନେ ନୂଆ ଜମିଦାରଙ୍କ ପାଇଁ ଏକ ସଭାର ଆୟୋଜନ କରିଥିଲେ ।

୧୯. ଶାମପୁର ଗାଁ ଲୋକ ଓ ଗ୍ରାମ ପିଲାଙ୍କର ଗୋପାଳବାବୁ କି ଉପକାର କରିଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ଶାମପୁର ଗାଁ ଲୋକଙ୍କୁ କଲିକତାରେ ନାନା କାମରେ ଲଗାଇ ରୋଜଗାର କରାଇ ଦେଉଥିଲେ ଓ ଗ୍ରାମ ପିଲାଙ୍କର ଗୋପାଳବାବୁ ଶିକ୍ଷିତ କରିବା ପାଇଁ କଟକରେ ରଖି ପଢ଼ାଉଥିଲେ ।

୨୦. ନୂଆ ଜମିଦାରଙ୍କ ଆହ୍ୱାନରେ ଶାମପୁର ଗ୍ରାମରେ କ'ଣ ଘଟିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ନୂଆ ଜମିଦାରଙ୍କ ଆହ୍ୱାନରେ ଶାମପୁର ଗ୍ରାମରେ ଜମିଦାରୀ କଚେରୀ ଘରେ ଅନେକ ପ୍ରାଇମେରୀ, ଅପର ପ୍ରାଇମେରୀ ପାସ୍, ଛାତ୍ରବୃତ୍ତି ଫେଲ, ଶିକ୍ଷିତ ସ୍ୱାଧୀନମନା ଲୋକଙ୍କୁ ନେଇ ସଭା କରାଇଲେ ।

୨୧. ହରିବୋଲ ବାବୁ କେଉଁ ଦୁଇଟି ସଭାର ସମ୍ପାଦକ ଥିଲେ ଓ କାହିଁକି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ହରିବୋଲ ବାବୁ ଯୋଗ୍ୟ ଲୋକ ହୋଇଥିବାରୁ ସେ "ଜ୍ଞାନ ବର୍ଦ୍ଧିନୀ" ଓ "ସ୍ତ୍ରୀ ସ୍ୱାଧୀନତା ବିବର୍ଦ୍ଧିନୀ' ନାମକ ଦୁଇଟି ସଭାର ସମ୍ପାଦକ ଥିଲେ ।

୨୨. ସଭାକାର୍ଯ୍ୟ ଶେଷ ହେବାକୁ ଅଧିକ ରାତ୍ରି ହୋଇଗଲେ ସଭ୍ୟମାନେ କ'ଣ କରିଥା'ନ୍ତି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ସଭାକାର୍ଯ୍ୟ ଶେଷ ହେବାକୁ ଅଧିକ ରାତ୍ରି ହୋଇଗଲେ ସଭ୍ୟମାନେ ଘରକୁ ଯାଇପାରନ୍ତି ନାହିଁ ଓ କଚେରୀ ଘରେ ସେମାନେ ଭୋଜନ ପାନ କରିଥା'ନ୍ତି ।

୨୩. ପଟ୍ଟନାୟକଙ୍କୁ କାହିଁକି ବରଖାସ୍ତ କରାଯାଇଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ପଟ୍ଟନାୟକ ଅଯୋଗ୍ୟ, କୁସଂସ୍କାରୀ ଓ ସଭାର ବିଘ୍ନକାରୀ । ତେଣୁ ତାଙ୍କୁ ବରଖାସ୍ତ କରାଯାଇଥିଲା ।

୨୪. ନୂଆ ଜମିଦାରଙ୍କ ମଙ୍ଗଳକୃତ୍ୟ ସମ୍ପର୍କରେ ପଟ୍ଟନାୟକ ସାଆନ୍ତାଣୀଙ୍କୁ କ'ଣ କହିଛନ୍ତି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ନୂଆ ଜମିଦାରଙ୍କ ମଙ୍ଗଳକୃତ୍ୟ ସମ୍ପର୍କରେ ପଟ୍ଟନାୟକ ସାଆନ୍ତାଣୀଙ୍କୁ କହିଛନ୍ତି, ବାବୁଙ୍କ ମତରେ ଦେଶୀକନ୍ୟାଗୁଡ଼ିକ ଅଶିକ୍ଷିତ, କୁସଂସ୍କାରୀ ଓ ଲୁଗାଖଣ୍ଡେ ପିନ୍ଧି ଆସେ ନାହିଁ, ତେଣୁ ତାଙ୍କ ପାଇଁ କଲିକତାରେ କନ୍ୟା ଠିକ୍ ହେଲାଣି ।

୨୫. ପଟ୍ଟନାୟକ ନୂଆ ଜମିଦାରଙ୍କ ବିବାହ ବିଷୟରେ ଆଉ କିଛି କହିଲେ ନାହିଁ କାହିଁକି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ଜମିଦାର ବାବୁ ଯେତେବେଳେ କହିଲେ ବିହାର ବିବାହ - ବ୍ୟୟ - ସଂକ୍ଷେପଣୀ ସଭାକୁ ଅଫିସିଏଲ୍ ଚିଠି ଯାଇଛି, ସେଠାରୁ ଯେପରି ବ୍ୟବସ୍ଥା ଆସିବ, ସେହିପରି ବିଭାହେବ, ସେତେବେଳେ ପଟ୍ଟନାୟକ ନୂଆ ଜମିଦାରଙ୍କ ବିବାହ ବିଷୟରେ ଆଉ କିଛି କହିଲେ ନାହିଁ ।

୨୬. କନ୍ୟାଟିର ନାମ କ'ଣ ଥିଲା ଏବଂ ବାବୁ ରାଜୀବ ସେଠି ପ୍ରତ୍ୟକ୍ଷରେ କ'ଣ ଦେଖିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । କନ୍ୟାଟିର ନାମ 'ନୟନତାରା-ଦୁଃଖପାଶୋରା' ଥିଲା ଏବଂ ବାବୁ ରାଜୀବ ସେଠି ପ୍ରତ୍ୟକ୍ଷରେ ଦେଖିଲେ, କନ୍ୟା ସୁନ୍ଦରୀ, ସଭ୍ୟା, ସ୍ୱାଧୀନ ଓ ଶିକ୍ଷିତା ।

୨୭. ନୟନତାରା-ଦୁଃଖପାଶୋରା ବିବାହ ପାଇଁ ତା'ର ବାପା-ମାଆ କେଉଁ ଅସୁବିଧାରେ ପଡ଼ିଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ନୟନତାରା-ଦୁଃଖପାଶୋରା ବିବାହ ପାଇଁ ତା'ର ବାପା-ମା'ର ଜାତି କୁଳ, ଦେଶର ପତ୍ତା ନ ଲାଗିବାରୁ, ଅସୁବିଧାରେ ପଡ଼ିଥିଲେ ।

୨୮. ପୁଅ-ବୋହୂ ସାକ୍ଷାତ୍ କରିବାକୁ ଗଲାବେଳେ ମା' ସାଆନ୍ତାଣୀ କ'ଣ କରୁଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ପୁଅ-ବୋହୂ ସାକ୍ଷାତ୍ କରିବାକୁ ଗଲାବେଳେ ମା' ସାଆନ୍ତାଣୀ ଠାକୁରଙ୍କ ଆଗରେ ମାଳିଟି ହାତରେ ଧରି ଆଖିବୁଜି ଫୁସ୍‌ଫୁସ୍ କରି 'ହରେକୃଷ୍ଣ' ନାମ ଜପ କରୁଥିଲେ ।

୨୯. 'ଲେଡ଼ିକୁ ଇନ୍‌ସଲଟ୍' ବୋଲି ନୂଆ ଜମିଦାର କାହିଁକି କହିଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ପୁଅବୋହୂ ହାତ ଧରାଧରି ହୋଇ ଶାଶୁକୁ ଦେଖା କରିବାକୁ ଯିବାବେଳେ ପାଦରେ ଯୋତା ପିନ୍ଧି ଯାଇଥିବାରୁ, ମନ୍ଦିର ଅପ୍ରତିଷ୍ଠା ହେଲା ବୋଲି ଶାଶୁ ପାଟି କରିଥିଲେ ଏବଂ ତାକୁ ବାହାର କରିଦେବାକୁ କହିଥିଲେ । ସେଥିପାଇଁ 'ଲେଡ଼ିକୁ ଇନ୍‌ସଲଟ୍' ବୋଲି ନୂଆ ଜମିଦାର କହିଥିଲେ ।

୩୦. ନୂଆ ଜମିଦାରଙ୍କର ଶୋଇବାକୁ ବେଳ ନଥିଲା କାହିଁକି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ରାତିସାରା ବକ୍ତୃତା ଓ ପାନାହାରରେ କାଟି ଦେଉଥିବାରୁ ନୂଆ ଜମିଦାରଙ୍କର ଶୋଇବାକୁ ବେଳ ନଥିଲା ।

୩୧. ମିସେସ୍ ମହାପାତ୍ର କେଉଁ କଥାରେ ହସିପକାଇ ବଡ଼ ଖୁସି ହୋଇଥା'ନ୍ତି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ଗୋଇଲି ଆଉ ମୂର୍ଖ ଚାକରିଆମାନେ ମିସେସ୍ ମହାପାତ୍ର କଥାରେ ବଦଳରେ ମିଶ୍ରୀ ମହାପାତ୍ର, କିସ୍‌ମିସ୍ ମହାପାତ୍ର ଓ ଖିସ୍‌ମିସ୍ ମହାପାତ୍ର ବୋଲି ଡାକିଲେ, ମିସେସ୍ ମହାପାତ୍ର ଖୁସି ହୋଇ ପକାଇ ଥା'ନ୍ତି ?

୩୨. ପୋଇଲି ପଦୀ କାହିଁକି ଭାରି ପାଟିଟିଏ କରିଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମିସେସ୍ ମହାପାତ୍ର ଯୋତାମାଡ଼ି ହାଣ୍ଡିଶାଳକୁ ପଶିବାରୁ ପୋଇଲି ପଦୀ ଭାରି ଭାରି ପାଟିଟିଏ କରିଥିଲା ।

୩୩. ସଭାର ସଭ୍ୟମାନେ ଆଉ ମିଷ୍ଟର ଓ ମିସେସ୍ ମହାପାତ୍ରଙ୍କ ନିକଟକୁ ଆସିଲେ ନାହିଁ କାହିଁକି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ସଭାର ସଭ୍ୟମାନେ ଆଗରୁ ଏକ ଘରିକିଆ ହୋଇ, ଗୋବର ପାଣି ପିଇ ଜାତିରେ ମିଶିଥିବାରୁ ସେମାନେ ଆଉ ମିଷ୍ଟର ଓ ମିସେସ୍ ମହାପାତ୍ରଙ୍କ ନିକଟକୁ ଆସିଲେ ନାହିଁ ।

ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର । ପ୍ରଶ୍ନର ମୂଲ୍ୟ ୩ ନମ୍ବର ।

୧. କଲିକତା ଧୂଆଁପତ୍ରର ନାମ ବାଲେଶ୍ୱରୀ ବୋଲି କାହିଁକି କୁହାଯାଉଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ସେ ସମୟରେ କଲିକତାରୁ ଧୂଆଁପତ୍ର ବାଲେଶ୍ୱର ଜାହାଜରେ ଆସୁଥିଲା । ବାଲେଶ୍ୱରରୁ ଶଗଡ଼ ସାହାଯ୍ୟରେ ଉତ୍କଳର ସମସ୍ତ ସ୍ଥାନକୁ ଚାଲାଣ କରାଯାଉଥିଲା । ତେଣୁ କଲିକତା ଧୂଆଁ ପତ୍ରର ନାମ ବାଲେଶ୍ୱରୀ ବୋଲି କୁହାଯାଉଥିଲା ।

୨. ଗୋପାଳ କିପରି ମହାଜନ ବଳରାମଙ୍କ କଲିକତା ଗଦିରେ ପହଞ୍ଚିଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମହାଜନ ବଳରାମ ବାବୁ ତାଙ୍କ ଘର ଯାଜପୁରର କୌଣସି ଏକ ଗ୍ରାମକୁ ଯାଇଥିଲା ବେଳେ, ଦଶ ବାରବର୍ଷର ଛେଉଣ୍ଡ ପିଲା ହିସାବରେ ଗୋପାଳ ଗାଁରେ ବୁଲୁଥିଲା । ଜାତି ପିଲାଟା ଏପରି ଅବସ୍ଥା ହୋଇଛି ଦେଖି, ଦୟାକରି ସାଙ୍ଗରେ କଲିକତା ନେଇଯାଇଥିଲେ ଓ ଗୋପାଳ ଏହିପରି ଭାବରେ କଲିକତା ଗଦିରେ ପହଞ୍ଚିଥିଲା ।

୩. କେଉଁ କଥାକୁ ହେଜ ନ ଥାଇ ବାବୁ ବଳରାମ ଗଦି ବନ୍ଦକରି ଉଠିଯାଇଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ବାବୁ ବଳରାମର କଲିକତାର ଜଣେ ସୌଦାଗରଠାରୁ ପାଞ୍ଚଟି ଆକବରୀ ମୋହର କିଣିଥିଲେ । ତାକୁ ବାକ୍ସରେ ରଖି ପୂଜା କରିବାକୁ ସେ ଚାହିଁଥିଲେ । ମାତ୍ର ଅନ୍ୟମନସ୍କ ହୋଇ ମୋହରଟିକୁ ତଳେ ଥୋଇଦେଲେ ଓ ସେହି କଥାକୁ ହେଜ ନଥାଇ ବାବୁ ବଳରାମ ଗଦି ବନ୍ଦକରି ଉଠି ଯାଇଥିଲେ ।

୪. କେଉଁ କଥା କଲିକତାର ସବୁ ଗଦିର ଦସ୍ତୁର ବୋଲି କୁହାଯାଇଛି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । କଲିକତା ସବୁ ଗଦିର ଦସ୍ତୁର ହେଉଛି, ରୁପାବନ୍ଧା ହୁକାରେ ଭଡ଼ର ଭଡ଼ର କରି ଗୁଡ଼ାଖୁ ପିଉଥିଲେ ମହାଜନମାନେ । ସେମାନଙ୍କ ଆଗରେ ଦୁଇକଡ଼ା କଥା କଉଡ଼ି ବନ୍ଧା ବ୍ରାହ୍ମଣ ହୁକା, କାୟସ୍ଥ ହୁକା, ନବଶାଖା ହୁକା କଂସା ବଇଠାରେ ଥୁଆ ହୋଇଥାଏ ।

୫. ବାବୁ ବଳରାମ କାହିଁକି ଗୋପାଳକୁ ଦଣ୍ଡେ ଯାଏ ଅନାଇଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ବାବୁ ବଳରାମ ଆକବରୀ ମୋହର ଖୋଜାଖୋଜି କରୁଥିବା ବେଳେ ଗୋପାଳ ହସିହସି ମୋହର ଅଛି ବୋଲି କହିଥିଲା । ବାବୁ ଧାଇଁଆସି ଗୋପାଳକୁ କୁଣ୍ଢାଇ ପକାଇଥିଲେ । ଗୋପାଳ ମୋହର କାଢ଼ିଦେଇ, ପାଇବାର ସବୁ ହାଲ୍ କହିବାରୁ ବାବୁ ବଳରାମ ତା'ର ସରଳ ସ୍ୱଭାବ ପାଇଁ ତାକୁ ଦଣ୍ଡେ ଯାଏ ଅନେଇଥିଲେ ।

୬. ଗୋପାଳ ପ୍ରତି ବାବୁ ବଳରାମଙ୍କ ଶ୍ରଦ୍ଧା ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମୋହର ପାଇବା ଦିନଠାରୁ ବାବୁ ଦିନ୍ଦାଟାରେ 'ଗୋପାଳରେ, ଗୋପାଳରେ' ଦଶଥର ଡାକପକାଉଥିଲେ । ଭୋଜନ ସମୟରେ ଗୋପାଳ ଅବଖୁରାରେ ଜଳ ନଥୋଇଦେଲେ ବାବୁଙ୍କୁ ଭଲ ଲାଗେ ନାହିଁ । ବାବୁଙ୍କ ପାଇଁ ସେ ବିଡ଼ିଆ ଭାଙ୍ଗି ଦେଉଥିଲା ଓ ଶେଯପାରି ଦେଉଥିଲା । ବାବୁ ଗୋପାଳକୁ ଏହିପରି ଶ୍ରଦ୍ଧା କରୁଥିଲେ ।

୭. କେଉଁ ପରିସ୍ଥିତିରେ ଗୋପାଳ ରନ୍ଧାବଢ଼ା ଦାୟିତ୍ୱ ନେଇଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ହଠାତ୍ ଦିନେ ରୋଷେଇଆ ବ୍ରାହ୍ମଣ, ବାବୁଙ୍କ ସିନ୍ଦୁକର ତାଲା ଭାଙ୍ଗି ପାଞ୍ଚଶହ ଟଙ୍କା ନେଇ ପଳାଇଯାଇଥିଲା । ବାବୁ ବଙ୍ଗାଳୀ ବ୍ରାହ୍ମଣଙ୍କ ହାତରୁ ଖାଆନ୍ତି ନାହିଁ । ଏତେ ଚଞ୍ଚଳ ଓଡ଼ିଆ ବ୍ରାହ୍ମଣ ମିଳିବା ଅସମ୍ଭବ । ତେଣୁ ଏଭଳି ପରିସ୍ଥିତିରେ ଗୋପାଳ ରନ୍ଧାବଢ଼ା ଦାୟିତ୍ୱ ନେଇଥିଲା ।

୮. ବେପାରରେ ଗୋପାଳ କିପରି, ବାବୁଙ୍କର ଡାହାଣ ହାତ ହୋଇଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ଗୋପାଳ ରୋଷେଇ ସହିତ ମାଲ୍ କିଣାବିକାଣରେ ସାହାଯ୍ୟ କରୁଥିଲା । ବାବୁ ବହୁଥର ଦେଖିଲେ ଗୋପାଳ ବେପାରରେ କାହାକୁ ଠକେ ନାହିଁ କି କାହାଦ୍ୱାରା ଠକି ହୁଏନାହିଁ । ତେଣୁ ଆଗ ଅପେକ୍ଷା ବେଶି ଦି ପଇସା ଲାଭ ହୁଏ । ଫଳରେ ବେପାରରେ ଗୋପାଳ, ବାବୁଙ୍କର ଡାହାଣ ହାତ ହୋଇଥିଲା ।

୯. ବାବୁ ଗୋପାଳଚନ୍ଦ୍ର ମହାପାତ୍ର କେଉଁ କଥାସବୁ ସନ୍ଧାନ କରି ବୁଝିଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ବାବୁ ଗୋପାଳଚନ୍ଦ୍ର ମହାପାତ୍ର ସନ୍ଧାନ କରି ବୁଝିଥିଲେ, ଯଶୋର, ମୋତିହାର, ପାବନା ଅଞ୍ଚଳରୁ ଯେଉଁସବୁ ହଳଦୀ ଧୂଆଁପତ୍ର, ସରଳ ଆସେ, ତାହାକୁ ଚାଷୀଠାରୁ କିଣେ ଛୋଟ ବେପାରୀ, ସେ ବିକେ ପାଇକାରକୁ, ପାଇକାର ହାତରୁ କିଣେ ଗୋଦାମବାଲା, ଦଣ୍ଡଦାର ତା' ପାଖରୁ ମାଲ କିଣି ଚାଲାଣ ଦିଏ । କଲିକତାରେ ମାଲ ପହଞ୍ଚିଲା ବେଳକୁ ତିନି ହାତରେ ଲାଭ ଲାଗିଯାଏ ।

୧୦. ମହାଜନଙ୍କ ଅନୁମତି ଘେନି ସାନବାବୁ ଗୋପାଳଚନ୍ଦ୍ର କ'ଣ କରିଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମହାଜନଙ୍କ ଅନୁମତି ଘେନି ସାନବାବୁ ଗୋପାଳଚନ୍ଦ୍ର ସିଧା ଠିକଣା ଜାଗାକୁ ଅର୍ଥାତ୍ ଚାଷୀମାନଙ୍କ ପାଖକୁ ଚାଲିଗଲେ । ବାଟରେ କାହାକୁ ନଘା ନରଖି

ସିଧା ଚାଷୀମୁଣ୍ଡରେ ଚାଷୀମାନଙ୍କ ଠାରୁ ସଉଦା କରିଥିଲେ । ଏହିପରି ଦୁଇବର୍ଷ ବେପାର କରିବାରୁ ପୂର୍ବ ଅପେକ୍ଷା ଦୁଇଗୁଣ ଲାଭ ହୋଇଥିଲା ।

୧୧. 'ବଳେ ଏବେ ତୁନି ହୋଇ ଗଦିରେ ମାଳା ଗଡ଼ାଉଥାଆନ୍ତି'- ଏହା କେଉଁ ପ୍ରସଙ୍ଗରେ କରାଯାଇଛି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ଚାଷୀଙ୍କ ଠାରୁ ମାଲ କିଣିଲା ପରେ ପୂର୍ବଅପେକ୍ଷା ଦୁଇଗୁଣ ଲାଭ ହେଲା । ଫଳରେ ଗୋପାଳ ଆଉ ଚାକର ନ ହୋଇ ଲାଭରେ ଚାରିପଣୀ ଅଂଶଦାର ହେଲା । ଏହିପରି ପାଞ୍ଚସାତ ବର୍ଷ କାମକରି ଗଦିର ସବୁ ମାମଲତ ତହବିଲ ଚାବି ମହାପାତ୍ରଙ୍କ ହାତରେ ରହିଲା । ଫଳରେ ବଳେ ଏବେ ତୁନିହୋଇ ମାଳା ଗଡ଼ାଉଥାଆନ୍ତି ।

୧୨. ରାଜୀବଙ୍କ ସମ୍ପର୍କରେ ଅସଲ କଥାଟି କ'ଣ ଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ରାଜୀବଙ୍କ ସମ୍ପର୍କରେ ଅସଲ କଥାଟି ହେଉଛି, ସେ ଭାରି ଦୁଷ୍ଟ ଓ ଚାଟଶାଳୀରେ ବଡ଼ ଉତ୍ପାତ କରେ । ଅବଧାନଙ୍କ ସହ ତୋଖଡ଼ ମୋଖଡ଼ ବି କରେ । ବଡ଼ଲୋକ ପୁଅ, ଜମିଦାରଙ୍କ ପୁଅ ବୋଲି ଅବଧାନେ କିଛି କହିପାରନ୍ତି ନାହିଁ ବରଂ ଡରିଯାଆନ୍ତି ।

୧୩. ବାପ-ପୁଅ ଦୁହିଁଙ୍କ ମନ କାହିଁକି ଖୁସି ହୋଇଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମତେ ଭୁଲାଇ ଦେଇଥିଲା । ଇଂରାଜୀରେ ଗୋଟାଏ ପାସ୍ ଅଛି ବୋଲି ମହାପାତ୍ରେ ଶୁଣିଥିଲେ । ପୁଅକୁ କହିଲେ, ତୁ ବେଶି ବେଶି ପାସ୍ କରିପକା, ଯେତେ ଟଙ୍କା ଲାଗିବ ଲାଗୁ । ଏକଥାରେ ବାପା-ପୁଅଙ୍କ ମନ ଭାରିଖୁସି ହୋଇଥିଲା ।

୧୪. ବାବୁ ରାଜୀବଙ୍କ ଇଂରାଜୀ ପାଠପଢ଼ାର ପରବର୍ତ୍ତୀ ଘଟଣା କ'ଣ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ବାବୁ ରାଜୀବଙ୍କ ଇଂରାଜୀ ପାଠପଢ଼ା ହେଉ ବା ନହେଉ ପଛକେ ସଭାରେ ଉପସ୍ଥିତ, ଥିଏଟର ଆଉ ସୁସ୍ଥାନ କୁସ୍ଥାନ ଭ୍ରମଣ ବିଷୟରେ ପକ୍କା ହୋଇଗଲେ । ସମାଜ ପରିବର୍ତ୍ତନ ପାଇଁ "ନାରୀ ସ୍ୱାଧୀନତା ବିବର୍ଦ୍ଧିନୀ" ଓ "କୁସଂସ୍କାର-ବିମର୍ଦ୍ଦିନୀ" ସଭାକରି ସବୁ ବ୍ୟୟ ନିଜେ ବହନ କରିଥିଲେ ।

୧୫. ପିତାଙ୍କ ମୃତ୍ୟୁରେ ରାଜୀବଲୋଚନ କ'ଣ କହିଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ପିତାଙ୍କ ମୃତ୍ୟୁ ପରେ ରାଜୀବଲୋଚନ ଡକା ପକାଇ କାନ୍ଦିବା ଗୋଟାଏ କୁସଂସ୍କାର ବୋଲି କହିଥିଲେ । ଶୋକପ୍ରକାଶ ଲାଗି ସଭାରେ ତିନିଦିନ ବକ୍ତୃତା ଦେବା ସହିତ ହାତରେ ଖଣ୍ଡେ କଳାକନା ବାନ୍ଧିଥିଲେ । ବ୍ରାହ୍ମଣ ଡାକି ଶ୍ରାଦ୍ଧ କରିବା ଗୋଟାଏ କୁସଂସ୍କାର । କେବଳ ସଭାଗୃହରେ ଭୋଜି, ଦରିଦ୍ରମାନଙ୍କୁ ଅର୍ଥବିତରଣ ଏବଂ ଡାକ୍ତରଖାନାମାନଙ୍କୁ ଚାନ୍ଦା ଦେବା କଥା କହିଥିଲେ ।

୧୬. ମହାଜନ ବଳବାବୁ ରାଜୀବଙ୍କ ଭବିଷ୍ୟତ ପାଇଁ କ'ଣ ଚିନ୍ତା କରିଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମହାଜନ ବଳବାବୁ ରାଜୀବଙ୍କୁ ପିତୃକାର୍ଯ୍ୟର ଉତ୍ତରାଧିକାରୀ କରିବାକୁ ଇଚ୍ଛା କରୁଥିଲେ । ଯେହେତୁ ସେ ଇଂରେଜ ପଢ଼ିଛି, ସେଥିପାଇଁ ଆଶା କରିଥିଲେ ବାପାଙ୍କଠାରୁ ବଳିଯିବ । ମହାଜନ ପାଖରେ ବସାଇ କାମ ଶିଖାଉଥିଲେ ଏବଂ କାମ ଶିଖାଇବାକୁ କର୍ମଚାରୀଙ୍କୁ ଉପଦେଶ ଦେଉଥିଲେ ।

୧୭. ବାବୁ ରାଜୀବ ଗଦିରେ ବସିବାର ପରିଣତି କ'ଣ ହୋଇଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମହାଜନ ବାବୁ ରାଜୀବଙ୍କୁ ଗଦିରେ ବସାଇବାକୁ ଚାହୁଁଥିଲେ । ମାତ୍ର ରାଜୀବଙ୍କର ବସିବାକୁ ମନ ନଥିଲା । ବାବୁ ଧରାଧରି କରି ବସାଇଥିଲେ । କାମରେ ମନ ଥିଲା, ମଙ୍ଗଳବାର ଓ ଶନିବାର ଦିନ ସନ୍ଧ୍ୟାରେ କୁଆଡ଼େ ଚାଲିଯାଉଥିଲେ । ବାଳବାବୁ ମନେକଲେ ହାତରେ ପାଇଟି ପଡ଼ିଲେ ହୁଏତ ବାଟକୁ ଆସିବ । ମାତ୍ର କାମ ଦେଲେ, ଲାଭ ଥାଉ ମୂଳରୁ ତ୍ରୁଟିକରି ବସିଲା ।

୧୮. ବାବୁ ରାଜୀବଙ୍କ ମନରେ କେଉଁ କଥାଟା ଲାଖିଯାଇଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ବାବୁ ରାଜୀବ ଲାଗଲାଗ ଯୋଡ଼ାଏ ସଭାରେ ଅନୁପସ୍ଥିତ ଥିବାରୁ ସଭାର ସଭ୍ୟମାନେ ଅସନ୍ତୁଷ୍ଟ ହେଲେ । ଅନୁପସ୍ଥିତିର କାରଣ ଜାଣିପାରି । ସଭାରେ ସ୍ୱାଧୀନତା ବିଷୟରେ ଆଲୋଚନା ଓ ବକ୍ତୃତା ଦେଲେ । ଶିକ୍ଷିତ ଜମିଦାର ସନ୍ତାନ ପକ୍ଷରେ ପର ଅଧୀନରେ ଚାକିରି କରିବା ଉଚିତ ନୁହେଁ ବୋଲି କହିଲେ । ଏହି କଥାଟା ରାଜୀବ ବାବୁଙ୍କ ମନରେ ଲାଖିଯାଇଥିଲା ।

୧୯. ଗଙ୍ଗାଧର ମହାନ୍ତିଙ୍କ ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ଗଙ୍ଗାଧର ମହାନ୍ତି ଠିକ୍ ନିରୂପିତ ବେଳରେ ନୂଆ ଜମିଦାରଙ୍କୁ ଗାଦିରେ ବସାଇ ଦେଲେ । ତାଲୁକ କିଣାଠାରୁ ମହାନ୍ତି ଶେଠ ପାଞ୍ଜିଆ କାମରେ ଥିଲେ । ସେ ଥିଲେ ବିଶ୍ୱାସୀ, କାମିକା ଲୋକ ଓ ଗୋମାସ୍ତାଜୀଙ୍କର ଡାହାଣ ହାତ । ତାଙ୍କ ଯତ୍ନରେ ଜମିଦାରୀ ଖୁବ୍ ବଢ଼ିଲି । ଜମିଦାର ସୁବଦିନ କଲିକତାରେ ରହୁଥିବାରୁ, ଗୋମସ୍ତା ଏହାଙ୍କୁ ଧରି ସବୁ ମାମଲତ ବୁଝୁଥିଲେ ।

୨୦. ନୂଆ ଜମିଦାରଙ୍କ ଆହ୍ୱାନରେ ଶାମପୁର ଗ୍ରାମରେ କ'ଣ ଘଟିଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ନୂଆ ଜମିଦାରଙ୍କ ଆହ୍ୱାନରେ ଶାମପୁର ଗ୍ରାମରେ ଜମିଦାରୀ କଚେରୀ ଘରେ ପ୍ରାଇମେରୀ ଓ ଅପରପ୍ରାଇମେରୀର ପାସ୍, ଛାତ୍ରବୃତ୍ତି ଫେଲ୍ ଶିକ୍ଷିତ ସ୍ୱାଧୀନମନା ଲୋକଙ୍କୁ ନେଇ ସଭା ବସିଥିଲା । ସେଥିରେ ଏ ଦେଶର ଦୁଃଖ ଦୁର୍ଦ୍ଦଶାର ମୂଳ କୁସଂସ୍କାର ଓ ମୂର୍ଖତା ଏବଂ ଅବଳା ଭଗିନୀମାନଙ୍କୁ ଘର ଭିତରେ ଲୁଚାଇ ରଖିବା ମୂଳ ବୋଲି କୁହାଯାଇଥିଲା ।

୨୧. ନୂଆ ଜିମଦାରଙ୍କ ଆଦ୍ୟ ବକ୍ତୃତାର ସାରମର୍ମ କ'ଣ ଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ନୂଆ ଜମିଦାରଙ୍କ ଆଦ୍ୟ ବକ୍ତୃତାର ସାରମର୍ମ ଥିଲା, ଏ ଦେଶର ଦୁଃଖ ଦୁର୍ଦ୍ଦଶାର ମୂଳ କୁସଂସ୍କାର ଓ ମୂର୍ଖତା ଏବଂ ଅବଳା ଭଗିନୀ ମାନଙ୍କୁ ଘର ଭିତରେ ଲୁଚାଇ ରଖିବ । ଏ ସମସ୍ତ ଦୂର କରିବା ସର୍ବାଗ୍ରେ ଉଚିତ ।

୨୨. ବାବୁ ହରି ବୋଲ କାହିଁକି ଚାକିରି ଛାଡ଼ି ଦେଇଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ବାବୁ ହରିବୋଲ ବିଦୁପୁର ପୋଷ୍ଟ ଅଫିସରେ ସବ୍ ପୋଷ୍ଟମାଷ୍ଟର ଥିଲେ । ସେଠାକାର ପିଅନ ଓ କର୍ମଚାରୀମାନେ ବଡ଼ ଚୋର ଥିଲେ । ବାବୁ ସେମାନଙ୍କୁ ଶାସନ କରିବାରୁ ସେମାନେ ୧୬୨୪ ଟଙ୍କା ଚୋରିକରି ବାବୁଙ୍କ ନାମରେ ଦେଇଥିଲେ । ତେଣୁ ବାବୁ ବିରକ୍ତ ହୋଇ ଚାକିରି ଛାଡ଼ି ଦେଇଥିଲେ ।

୨୩. ହରିବୋଲବାବୁ କାହାର ସମ୍ପାଦକ ହୋଇଥିଲେ ଓ ତାଙ୍କ ଦାୟିତ୍ୱରେ ସଭାକାର୍ଯ୍ୟ କିପରି ଚାଲିଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ହରିବୋଲବାବୁ ଯୋଗ୍ୟଲୋକ ହୋଇଥିବାରୁ ସେ 'ଜ୍ଞାନବର୍ଦ୍ଧିନୀ' ଓ 'ସ୍ତ୍ରୀ ସ୍ୱାଧୀନତା ବିବର୍ଦ୍ଧିନୀ' ସଭାର ସମ୍ପାଦକ ହୋଇଥିଲେ । ସଭାକାର୍ଯ୍ୟ ସରିବାକୁ ଅଧିକ ରାତି ହୋଇଥିଲେ ସଭ୍ୟମାନଙ୍କ ପାଇଁ ଭୋଜନପାନର ବ୍ୟବସ୍ଥା ପାଉଥିଲା ।

୨୪. ପଟ୍ଟନାୟକଙ୍କୁ ମା' ସାଆନ୍ତାଣୀ ନୂଆ ଜମିଦାରଙ୍କ ସମ୍ପର୍କରେ କ'ଣ କହିଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ପଟ୍ଟନାୟକଙ୍କୁ ମା' ସାଆନ୍ତାଣୀ ନୂଆ ଜମିଦାରଙ୍କ ସମ୍ପର୍କରେ କହିଥିଲେ, ନିଜେ ମୂର୍ଖ କିଛି ବୁଝିବାର ନାହିଁ; ମୁଲକରେ ଚୋର ଗୁଣ୍ଡ, ଟିକିଏ ଧର୍ମଭାବ ଭଲଥିଆନ୍ତା । ଏ ଘରେ ପୂର୍ଣ୍ଣ ମଦ ମାଂସ । ରାଧେକୃଷ୍ଣ ରାଧେକୃଷ୍ଣ । ପଟ୍ଟନାୟକ ତୁମେ ଅଲଗା ହୋଇଯାଅ ।

୨୫. ହିରବୋଲବାବୁ ଉଭୟ ସଭା ଓ ଜମିଦାରୀ କାର୍ଯ୍ୟ କିପରି ତୁଲାଇଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ହରିବୋଲବାବୁ ଉଭୟ ସଭା ଓ ଜମିଦାରୀ କାର୍ଯ୍ୟ ନିର୍ଭୟରେ ତୁଲାଉଥିଲେ । ଏଣିକି ସୁନ୍ଦର କାର୍ଯ୍ୟ ଚଳିଲା, ଟଙ୍କାର ଅଭାବ ନାହିଁ, ବାଧା ଦେବାକୁ କେହି ନାହିଁ । ଅମଲା ପଧାନମାନଙ୍କ ପ୍ରତି ସଫା ହୁକୁମ୍, ଟଙ୍କା ଦାଖଲ, ବିଭିନ୍ନ ଉପାୟରେ ଖର୍ଚ୍ଚ କରି ସେ ଉଭୟ ସଭା ଓ ଜମିଦାରୀ କାର୍ଯ୍ୟ ତୁଲାଇଥିଲେ ।

୨୬. ମା' ସାଆନ୍ତାଣୀଙ୍କ ଦିନ କିପରି କଟୁଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମା' ସାଆନ୍ତାଣୀ ଘରୁ ବାହାରିଯାଇ ଉଆସ ଆଗରେ ଥିବା ରାଧାକୃଷ୍ଣ ମନ୍ଦିରରେ ରହିଥିଲେ । ସନ୍ଧ୍ୟାବେଳେ ପ୍ରତିଦିନ ବକତେ ଠାକୁର ପ୍ରସାଦ ହବିଷ୍ୟାନ୍ନ

ଖାଉଥିଲେ । ପ୍ରତିଦିନ ସନ୍ଧ୍ୟାଠାରୁ ଆରମ୍ଭ କରି ରାତିଯାଏ ଭାଗବତ ପାଠ ହୁଏ । ମା' ସାଆନ୍ତାଣୀ ଦିନଯାକ ଠାକୁରଙ୍କ ଆଗରେ ଆଖିବୁଜି ଫୁସ୍ ଫୁସ୍ କରି ମାଳା ଗଡ଼ାଉଥାଆନ୍ତି ।

୨୭. ଦେଶୀ କନ୍ୟାଙ୍କ ସମ୍ପର୍କରେ ରାଜୀବ ଲୋଚନ ପଟ୍ଟନାୟକଙ୍କୁ କ'ଣ କହିଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ଦେଶୀ କନ୍ୟାଙ୍କୁ ସମ୍ପର୍କରେ ରାଜୀବଲୋଚନ ପଟ୍ଟନାୟକଙ୍କୁ କହିଛନ୍ତି ଯେ ଦେଶୀକନ୍ୟାଗୁଡ଼ିକ ଅଶିକ୍ଷିତା, କୁସଂସ୍କାରୀ, ଲୁଗାଖଣ୍ଡେ ପିନ୍ଧିଜାଣନ୍ତି ନାହିଁ, ଅଧଲଙ୍ଗଳା ହୋଇଥା'ନ୍ତି, ମୁହଁ ଢାଙ୍କି ମୂଷା ପରି ଗାତରେ ଲୁଚିଥା'ନ୍ତି ।

୨୮. ବରଯାତ୍ରୀ ଓ ରୋଶଣୀ ସମ୍ପର୍କରେ ନୂଆ ଜମିଦାର ପଟ୍ଟନାୟକଙ୍କୁ କି ଉତ୍ତର ଦେଇଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ବରଯାତ୍ରୀ ଓ ରୋଶଣୀ ସମ୍ପର୍କରେ ନୂଆ ଜମିଦାରଙ୍କୁ ପଟ୍ଟନାୟକ କହିବାରୁ, ନୂଆଜିମଦାର କହିଲେ, ତୁମ ପରି କେତେ ଅଶିକ୍ଷିତ ଲୋକ କେତେ ଜମିଦାର ଘର ବୁଡ଼ାଇଲେଣି । ବିହାର ବିବାହ-ବ୍ୟୟ-ସଂକ୍ଷେପଣୀ ସଭାକୁ ଅଫିସିଏଲ୍ ଚିଠି ଯାଇଛି । ସେଠାରୁ ଯେପରି ବ୍ୟବସ୍ଥା ଆସିବ, ସେହିପରି ବିଭା ହେବ ।

୨୯. ଖିଦିରପୁର ଗାର୍ଡ଼ନ ରିଚ୍‌ରେ ବିଭାଘରର ପ୍ରସ୍ତୁତ କିପରି ଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ଖିଦିରପୁର ଗାଡ଼ନ ରିଚ୍‌ରେ ଗୋଟାଏ ବାଡ଼ ଦୋତାଲାଘରେ ଝାଡ଼ ଲଣ୍ଠନ ଦେବାଇଗିରି ଶହେଖଣ୍ଡ ଦିନ ଆଲୁଅ ପରି ଜଳୁଥିଲା । ତଳେ ଗାଲିଚା ଶତରଞ୍ଜି ବିଛଣା ପଡ଼ିଥିଲା । ରାତିରେ ଦୁଇତରଫା ଖେମଟାର ନାଚ ହେଉଥିଲା । ଦୀୟତାଂ-ପୀୟତାଂ ଚାଲିଥିଲା । ଆଖପାଖ ବଜାର ଲୋକ ଜାଣିଥିଲେ ଓଡ଼ିଶାର ଗୋଟିଏ ରାଜାପୁଅର ବିଭାଘର ।

୩୦. କେଉଁ କଥାରେ କନ୍ୟାର ବାପ ମା' । କିଛି କରିପାରୁ ନ ଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । କନ୍ୟାକୁ ଦେଖିବା ପରେ ଜମିଦାରବାବୁ ବିମୋହିତ ହୋଇଥିଲେ । ଚାରିଦିନ ହେଲାଣି ବରକନ୍ୟାଙ୍କ ମଧ୍ୟରେ ପୂର୍ବାଳାପ ଅର୍ଥାତ୍ courtship ଚାଲିଛି । ବଗିଚଢ଼ି କେତେଜାଗା ବୁଲି ଆସିଲେଣି । କନ୍ୟା ବାପା ମା'ଙ୍କୁ ଏହା ଭଲ ଲାଗୁନଥିଲେ ବି, ସେ କିଛି କରିପାରୁ ନଥିଲେ । କାଳେ ଜମିଦାର ପୁଅଟା ହାତରୁ ଖସିଯିବ, ସେହି ଡରରେ କିଛି କହିପାରୁନଥିଲେ ।

୩୧. କନ୍ୟାର ବାପା ମା'ଙ୍କ ସମ୍ପର୍କରେ ଲେଖକ କି ପରିଚୟ ପାଇଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । କନ୍ୟାର ବାପା ମକ୍କା ମଲ୍ଲିକ । ସେ ଆସାମ ଚା' ବଗିଚାର ମେନେଜରଙ୍କ ପାଖରେ ବବୁର୍ଚି ଓ ପରେ ପଦୋନ୍ନତି ପାଇ ଖାନସମା ହୋଇଥିଲା । ସେହି ବଗିଚାରେ ୩୦/୪୦ ବର୍ଷ ହେଲା ସାହେବଙ୍କ ପାଖରେ ରହିଥିଲା । ଗ୍ରାମ, ଘର, ଜାତି, କୁଳ କିଛି ଜଣାନାହିଁ । ସେହିଠାରେ ଗୋଟିଏ କୁଲିଆଣୀକୁ ବିବାହ କରିଥିଲା ଏବଂ ତାଙ୍କର କନ୍ୟା ହେଉଛି ଜମିଦାରଙ୍କ ପତ୍ନୀ ।

୩୨. କନ୍ୟାଟିର ପାଠପଢ଼ା ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ତା' ବଗିଚା ପାଖରେ ଗୋଟିଏ ସ୍କଟିଶ୍ ବ୍ୟାପଟିଷ୍ଟ ଅର୍ଫେନ ବାଳିକା ସ୍କୁଲ୍ ଥିଲା ଏବଂ ସେହି ସ୍କୁଲ୍‌ରେ ନୟନତାରା ଦୁଃଖ ପାସୋରା ପାଠ ପଢ଼ିଥିଲା । ସ୍କୁଲ୍‌ରେ ସେ ଇଂରାଜୀରେ କଥାବାର୍ତ୍ତା ଶିଖିଛି, ମୋଜାବୁଣା ଶିଖିଛି ଏବଂ ଗୀତ ନାଚ ଶିଖିଛି । ସ୍କୁଲ୍‌ରେ ପାଠ ପଢ଼ିଥିବାରୁ ଖୁବ୍ ସ୍ୱାଧୀନା । ପୁରୁଷମାନଙ୍କୁ ସେ ଖାତିର କରେ ନାହିଁ ।

୩୩. ମେନେଜର ହିରବୋଲ ବାବୁ ଖର୍ଚ୍ଚ ଟଙ୍କାର ହିସାବ ଦେଇପାରି ନଥିଲେ କାହିଁକି ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମେନେଜର ହରିବୋଲ ବାବୁଙ୍କ ହାତରେ ରହିଥିଲା ତହବିଲ । ନାନା କାର୍ଯ୍ୟରେ ବ୍ୟସ୍ତ ଏବଂ ଜମିଦାରଙ୍କ ସ୍ୱାସ୍ଥ୍ୟ ନିମନ୍ତେ ସଭ୍ୟ ଦେଶ ନିୟମାନୁସାରେ ପାନର ମାତ୍ର କିଛି ବଳି ପଡ଼ିବାରୁ ଖର୍ଚ୍ଚ ଟଙ୍କାର ହିସାବ ରଖିବାକୁ ବେଳପାଇ ନ ଥିଲେ, ତେଣୁ ସେ ହିସାବ ଦେଇ ପାରିନଥିଲେ ।

୩୪. ଶାଶୁବୋହୂଙ୍କର ପ୍ରଥମ ଦେଖା କିପରି ଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ବୋହୂ ଆସିଲା ବେଳକୁ ଶାଶୁ ଠାକୁରଙ୍କ ଆଗରେ ମାଳିଟି ହାତରେ ଧରି ଆଖିବୁଜି 'ହରେକୃଷ୍ଣ' ନାମ ଜପୁଥିଲା । ସେହି ସମୟରେ ବୋହୂ ଦେଖା କରିବାକୁ ଯାଇଥିଲା । ବୋହୂ ଜୋତାର ଠକ୍ ଠକ୍ ଶବ୍ଦଶୁଣି ଶାଶୁ ଚମକିପଡ଼ି ଠିଆ ହୋଇଗଲେ । ବୋହୂ ଟିକିଏ ହସି ହସି 'ଓ ଆମର ପ୍ରିୟ ଶାଶୁ' କହି ନମସ୍କାର ହେଲାବେଳକୁ ଶାଶୁ ପାଟିକରି ଉଠିଲେ । ଛୁନା ଛୁନା ବୋଲି କହିଥିଲେ ।

୩୫. ମିସେସ୍ ମହାପାତ୍ରଙ୍କ କେଉଁ କଥାରେ ଦାସୀ ପଦୀ ଏକ ମୁହାଁ ହୋଇ ଚାଲିଯାଇଥିଲା ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମିସେସ୍ ମହାପାତ୍ର ବାବୁଙ୍କ ଖାନା ତଦାରଖ କରିବାକୁ ଯାଇଥିଲେ । ସେହି ସମୟରେ ପଦୀ ଗୋବର କନାରେ ବୁଲି ଲିପୁଥିଲା । ଯୋତାର ଠକ୍ ଠକ୍ ଶବ୍ଦ ଶୁଣି, ସେ ଚମକି ପାଟିଟାଏ କଲା । "ଆଲୋ ମୋ ମା ଲୋ ! ଆଲୋ ମୋ ବାପା ଲୋ ! ଯୋତାମାଡ଼ି ହାଣ୍ଡିଶାଳରେ ପଶିଲା ଲୋ ! ହାଣ୍ଡିଶାଳ ମାରୁଗଲା ଲୋ !" କନା ଖଣ୍ଡ ଫୋପାଡ଼ି ଦେଇ ଏକମୁହାଁ ହୋଇ ଚାଲିଯାଇଥିଲା, ଆଉ ଉଆସରେ ତାକୁ କେହି କେବେ ଦେଖିନାହିଁ ।

୩୬. ମିସେସ୍ ମହାପାତ୍ର ବବୁର୍ଚ୍ଚି ଖାନାରେ କ'ଣ ସବୁ କରିଥିଲେ ?

ଉ.: 'ସଭ୍ୟ ଜମିଦାର' ଗଳ୍ପରେ ଗାଳ୍ପିକ ଫକୀର ମୋହନ ସେନାପତି ଏହା ଉଲ୍ଲେଖ କରିଛନ୍ତି । ମିସେସ୍ ମହାପାତ୍ର ବବୁର୍ଚ୍ଚି ଖାନାରେ ଗୋବର ଲିପାକୁ ଦେଖି, ଏକାବେଳକେ ଶିଶିଏ ଲେଭଣ୍ଡର ଦେହଯାକ ଢାଳି ହୋଇଥିଲେ । ସେ ଘରେ ରୋଷେଇ ହେଲେ ଲେଡ଼ିଙ୍କୁ ଖାନା ରୁଚିବ ନାହିଁ ବାନ୍ତି କରିପକାଇବେ । ସେଥିପାଇଁ ଚାରି ବୋତଲ ଫିନାଇଲ୍ ଘରସାରା ଢଳାଯାଇଥିଲା ।

## (ଡ) ଦୀର୍ଘ ପ୍ରଶ୍ନୋତ୍ତର

୧. 'ସଭ୍ୟ ଜମିଦାର' ଗଳ୍ପ ଆଧାରରେ ଗୋପାଳ ଚରିତ୍ର ଚିତ୍ରଣ କର ।

ଉ.: 'ସଭ୍ୟ ଜମିଦାର' ଗଳ୍ପର ଗାଳ୍ପିକ ଫକୀର ମୋହନ ସେନାପତି । ସେ ଥିଲେ ଆଧୁନିକ କ୍ଷୁଦ୍ରଗଳ୍ପର ଜନକ । ସମାଜର ବିଭିନ୍ନ ଦିଗକୁ ନେଇ ସେ ଗଳ୍ପ ରଚନା କରିଛନ୍ତି ଏବଂ ସମାଜର ବିଭିନ୍ନ ଚରିତ୍ର ତାଙ୍କ ଗଳ୍ପର ମୂଳସତ୍ତା । ସେହି ଚରିତ୍ର କାଳ୍ପନିକ ହେଲେ ବି, ସେମାନଙ୍କ ରୀତି ନୀତି ସବୁକିଛି ସମାଜର ଓ ସତ୍ୟର ନିକଟବର୍ତ୍ତୀ । ଆଲୋଚ୍ୟ ଗଳ୍ପରେ ଗାଳ୍ପିକ ଗୋପାଳ ଚରିତ୍ରକୁ ଏକ ଆଦର୍ଶ, ସରଳ ଚରିତ୍ର ଭାବରେ ଚିତ୍ରଣ କରିଛନ୍ତି ।

ଗଳ୍ପର ଆରମ୍ଭରେ ଗୋପାଳ କିଶୋର ବୟସରୁ, ମହାଜନ ବଳବାବୁଙ୍କ ଦୟାରୁ କଲିକତାରେ ପହଞ୍ଚିଛି । ସେ ନିଜର ସାଧୁତା ଓ ସରଳତା ପାଇଁ ମହାଜନଙ୍କ ଅତି ଆପଣାର ମଣିଷ ପାଲଟି ଯାଇଛି । ଏପରିକି କିଛି କାମ ଥାଉ ନଥାଉ, ମହାଜନ ବଳବାବୁ ସବୁବେଳେ ଗୋପାଳକୁ ଡାକିଛନ୍ତି । ସେ କେବଳ ହଜିଯାଇଥିବା ଆକବରୀ ମୋହର ମହାଜନଙ୍କୁ ଦେଇ ନାହିଁ, ବରଂ ମନଜାଣି ରୋଷେଇ କରିବା, ବିଡ଼ିଆ ଭାଙ୍ଗିବା, ବିଛଣା ପାରିବା ଭଳି ସବୁ କାମ କରି ବିଶ୍ୱାସୀ ମଣିଷ ଭାବରେ ପରିଚିତ ହୋଇଛି । ପରିଣତିରେ ସାଧାରଣ ଗାଉଁଲି ପିଲା ଗୋପାଳ, ସମସ୍ତଙ୍କ ନିକଟରେ ଗୋପାଳ ବାବୁ, ସାନବାବୁ ବା ବାବୁ ଗୋପାଳ ଚନ୍ଦ୍ର ମହାପାତ୍ର ଭାବରେ ଚିହ୍ନିତ ହୋଇଛି ।

ଗୋପାଳ କେବଳ ବ୍ୟକ୍ତିଗତ କାମରେ ନୁହେଁ, ବରଂ ବ୍ୟବସାୟିକ କାମରେ ମଧ୍ୟ ବେଶ୍ ସଂଯୋଟ ଓ ପରିଶ୍ରମୀ । ସେ ବ୍ୟବସାୟରେ କାହାକୁ ଠକିବାକୁ ଚାହେଁ ନାହିଁ କିମ୍ବା କାହାଦ୍ୱାରା ଠକି ହୁଏ ନାହିଁ । ବ୍ୟବସାୟକୁ ଦେଖି ଦେଖି ସେ ଅସଲ ବ୍ୟବସାୟୀ ହୋଇଯାଇଛି । ମହାଜନଙ୍କ ଠାରୁ ଅନୁମତି ନେଇ ସେ ଚାଷୀଙ୍କ ଠାରୁ ମାଲ୍ କିଣିଛି, ଫଳରେ ପୂର୍ବ ଅପେକ୍ଷା ବ୍ୟବସାୟରେ ଦୁଇଗୁଣ ଲାଭ ହୋଇଛି । ପରିଣତିରେ ମହାଜନ ଗୋପାଳକୁ ବ୍ୟବସାୟର ଅଂଶୀଦାର ଭାବରେ ଗ୍ରହଣ କରିନେଇଛନ୍ତି । ଗୋପାଳର ଅନ୍ୟ କୌଣସିଥିରେ ମନ ନ ଥାଏ । କାମରେ ତାହାର ଥାଏ ଷୋଳପଣ ମନ । ଗାଳ୍ପିକ ଏ ସମ୍ପର୍କରେ ଲେଖିଛନ୍ତି - "ଗୋପାଲି ବଡ଼ଲୋକି ଚାଲି-ଚଳଣ ନାହିଁ, ଦିନରାତି କାମରେ ଲାଗିଥିଲେ ଆନନ୍ଦ । ଗଦିର ସବୁ ମାମଲତ ତହବିଲ ଚାବି ମହାପାତ୍ରଙ୍କ ହାତରେ ।" ଗୋପାଳ ଚରିତ୍ର ମାଧ୍ୟମରେ କଥାକାର ପ୍ରମାଣ କରିଛନ୍ତି, ସାଧୁତା, ସରଳତା ଓ କର୍ମପ୍ରବଣତା ମଣିଷକୁ ବଡ଼ କରିଥାଏ ।

ଗୋପାଳଙ୍କର ପାରିବାରିକ ଜୀବନରେ ସେତେଟା ସଫଳ ହୋଇନଥିବା କଥା ବର୍ଣ୍ଣନା କରାଯାଇଛି । ସେ ଜମିଦାରୀର ମାଲିକ ହୋଇଛନ୍ତି । ଘର ପାଇଁ ଉପଯୁକ୍ତ ଘରଣୀ ପାଇଛନ୍ତି, ମାତ୍ର ବ୍ୟବସାୟରେ ବୁଡ଼ିରହି ନିଜ ପୁଅ ରାଜୀବକୁ ଠିକ୍ ରୂପେ ବୁଝି ନାହାନ୍ତି । ରାଜୀବ କଥାରେ ବିଶ୍ୱାସ କରି ସେ କେବଳ ଟଙ୍କା ଖର୍ଚ୍ଚ କରିଛନ୍ତି, ମାତ୍ର ପୁଅ ରାଜୀବକୁ ମଣିଷ କରିପାରି ନାହାନ୍ତି । ଫଳରେ ଗୋପାଳଙ୍କ ଭବିଷ୍ୟତ ପାଇଁ ସେ ନିଜେ ଦାୟୀ ହୋଇଛନ୍ତି । ପୁଅକୁ ଇଂରାଜୀ ପଢ଼ାଇବା ନିଶାରେ ଭଲ ମନ୍ଦ ବୁଝିବାର ଅବସର ପାଇ ନାହାନ୍ତି । ତେଣୁ ତାଙ୍କର ମୃତ୍ୟୁ ପରେ ସବୁକିଛି ବଦଳି ଯାଇଛି ।

କଥାକାର ଗୋପାଳ ଚରିତ୍ର ମାଧମରେ ଏକ ସଚ୍ଚା ମଣିଷ ନିଜର କର୍ମ ପ୍ରବଣତା ପାଇଁ କିପରି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରେ, ତାହାକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

୨. ପଠିତ ଗଳ୍ପ ଅବଲମ୍ବନରେ ରାଜୀବଲୋଚନଙ୍କ ଉତ୍ଥାନ ଓ ପତନର ଚିତ୍ର ଦିଅ ।

ଉ.: କଥାଶିଳ୍ପୀ ଫକୀର ମୋହନ ସେନାପତିଙ୍କ 'ସଭ୍ୟ ଜମିଦାର' ଗଳ୍ପର ମୁଖ୍ୟଚରିତ୍ର ରାଜୀବଲୋଚନ, ଯେ କି ସଭ୍ୟ ଜମିଦାର ଭାବରେ ପରିଚିତ । ଉକ୍ତ ଚରିତ୍ର ମାଧମରେ ନବ୍ୟ ଇଂରାଜୀ ଶିକ୍ଷାପ୍ରାପ୍ତ ଯୁବକମାନେ ସେ ସମୟରେ ସଂସ୍କାର ନାମରେ ଯେଉଁଭଳି ସମାଜରେ ଅପସଂସ୍କାରର କାରଣ ହୋଇଥିଲେ, ତାହାକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ରାଜୀବ ଲୋଚନଙ୍କ ଚରିତ୍ରରେ କୌଣସି ସମୟରେ ଉତ୍ଥାନ ନଥିଲା, ବରଂ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବେହିସାବୀ ମଣିଷ ଭାବରେ ଗତିକରି, ନିଜର ବିପର୍ଯ୍ୟୟକୁ ଆମନ୍ତ୍ରଣ କରି ଆଣିଥିଲା । ଧନୀ ଘରର ପିଲା ହିସାବରେ ଗାଁରେ ପାଠ ପଢୁଥିବା ବେଳେ, ନିହାତି ଦୁଷ୍ଟ ଥିଲା । ଫଳରେ ପାଠ ପଢ଼ାଉଥିବା ଅବଧାନ କୌଣସି ଉପାୟରେ ତାଙ୍କୁ ପାଖରୁ ବିଦା କରିଦେବାକୁ ଚାହୁଁଥିଲେ । ମିଛ କହି, ଜମିଦାର ବାବୁଙ୍କୁ କୌଣସି ଉପାୟରେ ପ୍ରଭାବିତ କରି ସେ ରାଜୀବଙ୍କୁ କଲିକତା ପଠାଇ ଦେବାର ବ୍ୟବସ୍ଥା କରିଥିଲେ । ଗୋପାଳବାବୁ, ରାଜୀବର ଦୁଷ୍ଟାମୀ କଥା ସ୍ତ୍ରୀ ଠାରୁ ଶୁଣିଲେ ମଧ୍ୟ, ପୁଅପ୍ରତି ସେତେଟା ଧ୍ୟାନ ଦେଉନଥିଲେ । ଯାହାପାଇଁ ରାଜୀବ ଇଂରାଜୀ ବିଦ୍ୟାଳୟରେ ପାଠ ପଢ଼ିବାକୁ ଗୌଣ କରି, ନିଜକୁ ଆମୋଦ ପ୍ରମୋଦରେ ବୁଡ଼ାଇ ରଖିଥିଲା । ସେ ସବୁବେଳେ ସଭାସମିତି, ଥିଏଟର, ସୁସ୍ଥାନ ଓ କୁସ୍ଥାନ ଗମନରେ ପଙ୍କ୍ତ ହୋଯାଇଥିଲେ । ପୁନଶ୍ଚ ସେ ଦୁଇଟି ସଭାର ସମ୍ପାଦକ ହୋଇ ପିତୃ ଅର୍ଥ ଶ୍ରାଦ୍ଧ କରୁଥିଲେ ସିନା କିଛି ଲାଭ ପାଉନଥିଲା । ବରଂ ସେ ବ୍ରାହ୍ମଣ ଡକାଇ ଶୁଦ୍ଧି ହେବାକୁ କୁସଂସ୍କାର ବୋଲି ମନେ କରିଥିଲେ । ମହାଜନ ବଳବାବୁ ରାଜୀବଙ୍କ ବ୍ୟବସାୟରେ ତାଲିମ କରିବାକୁ, ଚାହିଁଲେ ମଧ୍ୟ ସେଥିରେ ସଫଳ ହୋଇନଥିଲେ । ଶେଷରେ ସେ ବାଧ୍ୟ ହୋଇ ରାଜୀବକୁ ଗାଁକୁ ପଠାଇ ଦେଇଥିଲେ ।

ଗାଁକୁ ଆସିଲା ପରେ ଜମିଦାରୀ ନବୁଝି, ଗୁଡ଼ାଏ ବେକାରି ଯୁବକଙ୍କୁ ସାଙ୍ଗରେ ନେଇ ବିଭିନ୍ନ ସଭାସମିତି କଲେ । ଏପରିକି ଉଆସରେ ମଦମାଂସର ମଧ୍ୟ ପ୍ରଚଳନ କରାଇଥିଲେ । ମା' କଥାକୁ ସାମାନ୍ୟ ଭାବେ କର୍ଣ୍ଣପାତ କଲେ ନାହିଁ କିମ୍ବା ବିଶ୍ୱସ୍ତ ପାଣ୍ଡିଆଙ୍କ କଥା ଶୁଣିଲେ ନାହିଁ । ଫଳରେ ରାଜୀବଙ୍କ ପାଇଁ ଜମିଦାରୀର ବିପର୍ଯ୍ୟୟ ହୋଇଥିଲା । ଏସବୁ ସତ୍ତ୍ୱେ ସଂସ୍କାର ନାମରେ ସେ ଏକ ଅଜ୍ଞାତ କୁଳଶୀଳା କଲିକତି ଝିଅକୁ ସ୍ତ୍ରୀ ରୂପେ ଗ୍ରହଣ କଲେ । ବିବାହ ସମୟରେ ଗୁଡ଼ାଏ ଅର୍ଥ ଖର୍ଚ୍ଚ କରି ଜମିଦାରୀକୁ ବନ୍ଧା ପକାଇଦେଲେ । ଜମିଦାରୀର ସୁରକ୍ଷା ନକରି ଚୋର ଖଣ୍ଡଙ୍କୁ ବିଶ୍ୱାସ କରି, ନିଜର ବିପର୍ଯ୍ୟୟର କାରଣ ନିଜେ ହୋଇଥିଲେ । ଶେଷରେ ଉପାୟଶୂନ୍ୟ ହୋଇ ଜମିଦାରୀ ଓ ଉଆସ ଚାଲିଗଲା ପରେ, ଆସାମର ଚା' ବଗିଚାରେ ଖାନସମାଗିରି କାମ କରିଥିଲେ ।

ଆଲୋଚ୍ୟ ଗଳ୍ପରେ କଥାକାର ନବ୍ୟ ଶିକ୍ଷିତ ଯୁବକମାନେ କିପରି ଶିକ୍ଷାନାମରେ ଅପସଂସ୍କୃତିର କାରଣ ହୋଇଥିଲେ, ତାହାକୁ ରାଜୀବଙ୍କ ଚରିତ୍ର ମାଧମରେ ବର୍ଣ୍ଣନା କରିଛନ୍ତି ।

୩. 'ସଭ୍ୟ ଜମିଦାର' ଗଳ୍ପରୁ ଇଂରାଜୀ ଶିକ୍ଷାର କୁପ୍ରଭାବ ଉପରେ ଆଲୋକପାତ କର ।

ଉ.: ଆଧୁନିକ ଓଡ଼ିଆ ସାହିତ୍ୟର ଜନକ, ତଥା କଥା ସମ୍ରାଟ ଫକୀରମୋହନ ସେନାପତିଙ୍କର 'ସଭ୍ୟ ଜମିଦାର' ଗଳ୍ପ ଏକ ଅନନ୍ୟ କୃତି । ଏଥିରେ କଥାକାର ଇଂରାଜୀ ଶିକ୍ଷା ନାମରେ କିପରି ନବ୍ୟଯୁବକମାନେ ସମାଜର ଗଳଗ୍ରହ ହୋଇ ଯାଉଥିଲେ, ତାହାକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ସେ ସମୟରେ ଯେଉଁମାନେ ଇଂରାଜୀ ଦୁଇ ଅକ୍ଷର ପଢ଼ି ଦେଉଥିଲେ କିମ୍ବା ଇଂରାଜୀ ସ୍କୁଲରେ ନାମଲେଖାଇ ଦେଲେ, ସେମାନେ ନିଜକୁ ସମାଜରେ ବଡ଼ ବୋଲି ଦେଖାଇ ହେଉଥିଲେ । ସମାଜରେ ଚାଲିଥିବା ଚଳଣିକୁ କୁସଂସ୍କାର ବୋଲି କହି ତାହାର ପରିବର୍ତ୍ତନ ଆଣିବାକୁ ଯାଇ ଗୁଡ଼ାଏ ଅପସଂସ୍କାର କରୁଥିଲେ ।

ରାଜୀବ ଲୋଚନଙ୍କ ପିତା ଗୋପାଳ ମହାପାତ୍ର, ଇଂରାଜୀ ପଢ଼ିଲେ ବ୍ୟବସାୟରେ ଯେଉଁ ଅସୁବିଧା ସୃଷ୍ଟି ହେଉଛି, ତାହାର ନିରାକରଣ ପାଇଁ ପୁଅକୁ ଇଂରାଜୀ ପଢ଼ାଇଥିଲେ । ଇଂରାଜୀ ପଢ଼ାଉଥିବାରୁ ପୁଅର ମତି ଗତିକୁ ଠିକ୍ ରୂପେ ଲକ୍ଷ୍ୟ ନରଖି କେବଳ ପଇସା ଖର୍ଚ୍ଚ କରି ଚାଲିଥିଲେ । ଏପରିକି ମାସକୁ ଥରେ ସ୍କୁଲ୍ ଦରମା ଓ ବହିକିଣା ବ୍ୟତୀତ ବାପ ପୁଅଙ୍କର ଆଉ ଭେଟ ନଥାଏ । ଯେତେବେଳେ ଦରମା ଓ ବହିକିଣାର ଖର୍ଚ୍ଚ ବଢ଼ିଯାଏ, ସେତେବେଳେ ରାଜୀବ ବାପାଙ୍କୁ କୌଣସି ପ୍ରକାରେ ଭୁଲାଇ ଦେଇଥାଏ । ଇଂରାଜୀ ଜାଣିନଥିବା ସରଳ ବାପାମା'ଙ୍କୁ, ଇଂରାଜୀ ଶିକ୍ଷିତ ଯୁବକମାନେ କିପରି ଠକି ଦେଇ ଅଯଥା ଖର୍ଚ୍ଚ କରୁଥିଲେ, ଗାଳ୍ପିକ ତାହାକୁ ବ୍ୟଙ୍ଗାତ୍ମକ ଭାବରେ ପ୍ରକାଶ କରିଛନ୍ତି ।

ପୁଅ ରାଜୀବର ଚାରି ପାଞ୍ଚବର୍ଷ ଇଂରାଜୀ ପାଠପଢ଼ାରେ କେତେ ଉନ୍ନତ ହେଲା, ତାହା ପିତା ଗୋପାଳଙ୍କୁ ଜଣାନଥିଲା । ରାଜୀବ ତେଣେ ପାଠ ପଢ଼ା ନାଁରେ ବିଭିନ୍ନ ସଭାସମିତି, ଥିଏଟର ଆଉ ସୁସ୍ଥାନ କୁସ୍ଥାନ ଭ୍ରମଣରେ ସମୟ କଟାଇ ଦେଉଥିଲେ । ରାଜୀବ ସ୍ୱଦେଶର ସଂସ୍କାର କରିବା ନାମରେ ଦୁଇଟି ସମିତିର ସମ୍ପାଦକ ହୋଇ କେବଳ ସଭାସମିତିରେ ବକ୍ତୃତା ଦେଉଥିଲେ ସିନା କାର୍ଯ୍ୟରେ କିଛି କରୁନଥିଲେ । ସେହି ବକ୍ତୃତା ଦେଇ ଓ ହୋଟେଲରେ ପଇସା ଖର୍ଚ୍ଚକରି, ସେ ଆତ୍ମସନ୍ତୋଷ ଲାଭ କରୁଥିଲେ ।

ଇଂରାଜୀ ଶିକ୍ଷାପ୍ରାପ୍ତ ବ୍ୟକ୍ତିମାନେ, ଆମ ପ୍ରଚଳିତ ବିଧି ବ୍ୟବସ୍ଥାକୁ ବିଶ୍ୱାସ କରୁନଥିଲେ । ରାଜୀବଙ୍କ ବାପା ମରିଗଲା ପରେ, ସେ କାନ୍ଦିବାଟାକୁ ଗୋଟାଏ କୁସଂସ୍କାର ବୋଲି ବିଚାର କରିଥିଲେ । ପିତାଙ୍କ ମୃତ୍ୟୁପରେ ରାଜୀବ ହାତରେ କଳାକନା ବାନ୍ଧି, ତିନିଦିନ ଧରି ସଭାରେ ବକ୍ତୃତା ଦେଉଥିଲେ । ବ୍ରାହ୍ମଣ ଡାକି ଶୁଦ୍ଧି ହେବାକୁ ସେ ଚାହିଁ ନ ଥିଲେ । ସେହିପରି ଆଧୁନିକତା ନାମରେ ମଦ୍ୟମାଂସ ପରେ ଖାଇବା, ମଫସଲୀ କନ୍ୟାମାନଙ୍କୁ ନାକଟେକି ସହରୀ ଝିଅକୁ ବିବାହ କରିବାକୁ ମନ କରିବା, ଠାକୁର ଘର ଓ ରୋଷେଇ ଘରେ ଜୋତାପିନ୍ଧି ପଶିବା, ଗୋବରରେ ଚୁଲି ଲିପିବାକୁ ବାରଣ କରିବା ଆଦି ବ୍ୟବସ୍ଥାକୁ ଲେଖକ ବ୍ୟଙ୍ଗାତ୍ମକ ଭାବରେ ପ୍ରକାଶ କରିଛନ୍ତି ।

କଥାକାର 'ସଭ୍ୟ ଜମିଦାର'ରେ ରାଜୀବ ଲୋଚନଙ୍କୁ ଇଂରାଜୀ ଶିକ୍ଷିତ ଯୁବକର ପ୍ରତୀକ ଭାବେ ଗ୍ରହଣ କରି, ଏଭଳି ବିଚାରଧାରା ପରିବର୍ତ୍ତନ ପାଇଁ ସୂଚନା ଦେଇଥିଲେ ।

❖❖❖

# ପତାକା ଉତ୍ତୋଳନ

ସୁରେନ୍ଦ୍ର ମହାନ୍ତି

**କ) ଗାଳ୍ପିକ ପରିଚିତି**

ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଯଶସ୍ୱୀ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି । ସେ କେବଳ ଗଳ୍ପ ରଚନା କରି ନାହାନ୍ତି, ବରଂ ସାହିତ୍ୟର ବିଭିନ୍ନ ଦିଗରେ ଲେଖନୀ ଚାଳନା କରି ନିଜର ସିଦ୍ଧି ପ୍ରମାଣ କରିଛନ୍ତି । ସେ ଏକାଧାରାରେ ଗାଳ୍ପିକ, ଔପନ୍ୟାସିକ, ସମାଲୋଚକ, ସାମ୍ବାଦିକ, ଓଡ଼ିଆ ସାହିତ୍ୟର ଇତିହାସ ପ୍ରଣେତା ଭାବରେ ସୁପରିଚିତ । ପୁନଶ୍ଚ ବିଚକ୍ଷଣ ବକ୍ତା ଭାବରେ ସେ ସର୍ବଜନବିଦିତ ।

'ଅଚଳାୟତନ', 'କୃଷ୍ଣାବେଣୀରେ ସନ୍ଧ୍ୟା', 'ନୀଳଶୈଳ', 'ନୀଳାଦ୍ରିବିଜୟ', 'ଶତାବ୍ଦୀର ସୂର୍ଯ୍ୟ', 'କୁଳବୃଦ୍ଧ', 'ଅନ୍ଧଦିଗନ୍ତ', 'ବଧୂ ଓ ପ୍ରିୟା', 'ହଂସ ଗୀତି', 'କାଳାନ୍ତର', 'ନେତି ନେତି' ଆଦି ଉପନ୍ୟାସର ଔପନ୍ୟାସିକ ମହାନ୍ତିଙ୍କର ଉଚ୍ଚକୋଟୀର କୃତି । ତାଙ୍କର ଗଳ୍ପ ସଂକଳନ ମଧ୍ୟରେ 'କୃଷ୍ଣଚୂଡ଼ା', 'ମହାନଗରୀର ରାତ୍ରି', 'ସବୁଜପତ୍ର ଓ ଧୂସର ଗୋଲାପ', 'ରୁଟି ଓ ଚନ୍ଦ୍ର', 'ଶେଷ କବିତା', 'ମରାଳର ମୃତ୍ୟୁ', 'ଦୁଇ ସୀମାନ୍ତ', 'କବି ଓ ନର୍ତ୍ତକୀ', 'ମାଂସର କୋଣାର୍କ', 'ମହାନିର୍ବାଣ' ଓ 'ଯଦୁ ବଂଶ' ଇତ୍ୟାଦି ପ୍ରଧାନ । ସମାଲୋଚକ ଭାବରେ 'ଫକୀର ମୋହନ ସାହିତ୍ୟ ସମୀକ୍ଷା', 'ଓଡ଼ିଆ ସାହିତ୍ୟର ଆଦିପର୍ବ', 'ଓଡ଼ିଆ ସାହିତ୍ୟର ମଧ୍ୟପର୍ବ', 'ଓଡ଼ିଆ ସାହିତ୍ୟର କ୍ରମବିକାଶ' ଆଦି ଗ୍ରନ୍ଥରେ ନିଜର ଯୁକ୍ତି ସିଦ୍ଧତା, ବିଚାର ନୈପୁଣ୍ୟ ଓ ଗଭୀର ଅନ୍ତର୍ଦୃଷ୍ଟିର ପରିଚୟ ଦେଇଛନ୍ତି ।

କଥାକାର ସୁରେନ୍ଦ୍ର ମହାନ୍ତି, କଟକ ଜିଲ୍ଲାର ସାଲେପୁର ନିକଟବର୍ତ୍ତୀ ପୁରୁଷୋତ୍ତମପୁର ଠାରେ ୧୯୨୨ ମସିହାରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୯୦ ମସିହାରେ ଅମର ପଥର ଯାତ୍ରୀ ହୋଇଥିଲେ । 'ନୀଳ ଶୈଳ' ଉପନ୍ୟାସ ପାଇଁ ସେ କେନ୍ଦ୍ରସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି । ସେହିପରି 'କୁଳବୃଦ୍ଧ' ଉପନ୍ୟାସ ପାଇଁ ପ୍ରଥମ ସାରଳା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

**ଗଳ୍ପ ସମ୍ପର୍କରେ :**

'ପତାକା ଉତ୍ତୋଳନ' ଗଳ୍ପଟି ସ୍ୱାଧୀନତା ପୂର୍ବ ଅର୍ଥାତ୍ ଅଗଷ୍ଟ ୧୪ ତାରିଖ, ୧୯୪୭ ରାତି ଓ ତା' ପରଦିନ ସକାଳ ସମୟକୁ ନେଇ ପରିକଳ୍ପନା କରାଯାଇଛି । ଦେଶ ସ୍ୱାଧୀନ ହୋଇଛି । ସମସ୍ତେ ପାଳନ କରିଛନ୍ତି ସ୍ୱାଧୀନତା ଉତ୍ସବ । 'ବନ୍ଦେ ମାତରମ୍' ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଛି । ମାତ୍ର ଯେଉଁମାନେ ଇଂରେଜ ଶାସନ ଅଧୀନରେ ଚାକିରି କରି ସେମାନଙ୍କର ଗୋଲାମ ହୋଇଯାଇଥିଲେ, ସେମାନଙ୍କୁ ଏହି ଉତ୍ସବ ଅସହ୍ୟ ମନେ ହୋଇଛି । ଏହିପରି ଜଣେ ଚରିତ୍ର ରାୟ ବାହାଦୁର ସୋମନାଥ

ମହାପାତ୍ର । ସୋମନାଥ ବ୍ରିଟିଶ ସରକାରଙ୍କର ଅନୁଗତ କର୍ମଚାରୀ ଥିଲା ବେଳେ ତାଙ୍କ ପୁତ୍ର ଅରୁଣ ଥିଲେ ସ୍ୱାଧୀନତା ସଂଗ୍ରାମୀ ଓ ନାତି ଥିଲେ ସ୍ୱାଧୀନତା ପ୍ରାପ୍ତିକୁ ଉପଭୋଗ କରୁଥିବା ଯୁବପୀଢ଼ି ।

ବାହାରେ ସ୍ୱାଧୀନତା ଉତ୍ସବର କୋଳାହଳ ଶୁଣାଯାଉଥିଲା ବେଳେ, ରାୟ ବାହାଦୁର ଘର ଭିତରେ ଅରୁଣର ଫଟୋ ଧରି ମନେ ପକାଉଛନ୍ତି, ପଚିଶ ବର୍ଷର ତଳର କଥାକୁ । ସେଦିନ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଘଉଡ଼ାଇବାକୁ ଯାଇ, ସୋମନାଥ ନିଜ ହାତରେ, ନିଜ ପୁଅକୁ ଗୁଳି କରିଦେଇଛନ୍ତି । ତଥାପି ସେ ନିଜ ଘରେ ୟୁନିୟନ ଜାକ୍ ପତାକା ଉଡ଼ାଇବାକୁ ଚାହିଁଛନ୍ତି । ସକାଳୁ ସ୍ୱାଧୀନତା ଉତ୍ସବ ସାରି ଫେରିଥିବା ବିଜୟ, ସୋମନାଥଙ୍କ କାର୍ଯ୍ୟର ପ୍ରତିବାଦ କରିଛି ଏବଂ ସୋମନାଥଙ୍କୁ ଅଜାଣତରେ ସିଡ଼ିତଳକୁ ଠେଲି ଦେଇଛି । ସୋମନାଥ ଶେଷ ସମୟରେ ସ୍ୱୀକାର କରିଛନ୍ତି, ବିଜୟକୁ ଓ ତା'ର ପତାକାକୁ ।

ଗଳ୍ପଟିରେ ସୋମନାଥ ଭଳି ସ୍ୱାର୍ଥସର୍ବସ୍ୱ, ଦେଶବିରୋଧୀ ଚରିତ୍ରର ଗାଳ୍ପିକ ଅବସାନ ଘଟାଇଛନ୍ତି ଓ ପ୍ରକାରାନ୍ତରେ ଜାତୀୟତାବୋଧର ପରିପ୍ରକାଶ କରିଛନ୍ତି ।

କ. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।

ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

୧. 'ପତାକା ଉତ୍ତୋଳନ' ଗଳ୍ପଟି କେଉଁ ଦିବସର କଥା ରହିଛି ?

(୧୫ ଅଗଷ୍ଟ ୧୯୪୭, ୧୬ ଅଗଷ୍ଟ ୧୯୪୭, ୧୪ ଅଗଷ୍ଟ ୧୯୪୭, ୨୬ ଜାନୁଆରୀ ୧୯୫୦)

ଉ.: ୧୪ ଅଗଷ୍ଟ ୧୯୪୭ ।

୨. ସୋମନାଥ ମହାପାତ୍ର କେଉଁ ଉପାଧି ପାଇଥିଲେ ?

(ରାୟ ଚୌଧୁରୀ, ରାୟ ବାହାଦୁର, ରାୟ ସାହେବ, ରାୟ ମହାପାତ୍ର)

ଉ.: ରାୟ ବାହାଦୁର ।

୩. 'ଜୟ ସ୍ୱାଧୀନ ଭାରତ କି ଜୟ' ରାୟ ବାହାଦୁରଙ୍କୁ କିପରି ବିଦ୍ଧ କରୁଥିଲା ?

(ବନ୍ଧୁକ ଗୁଳି ରୂପେ, ସୁତୀକ୍ଷଣ ଶର ରୂପେ, ସୁତୀକ୍ଷଣ ଶାଳକା ରୂପେ, ସୁତୀକ୍ଷଣ ଛୁରୀକା ରୂପେ)

ଉ.: ସୁତୀକ୍ଷଣ ଶାଳକା ରୂପେ ।

୪. ବାହାରର କେଉଁ କଥା ଘର ଭିତରର ପ୍ରତ୍ୟେକ ଅନ୍ଧକାର କୋଣକୁ ଥରାଇ ଦେଉଥିଲା ?

(ଗଣ୍ଡଗୋଳ, ସ୍ଲୋଗାନ୍, କୋଳାହଳ, ହୋହାଲ୍ଲା)

ଉ.: କୋଳାହଳ ।

୫. ପଟୁଆରର ଅଗ୍ରଣୀ ଥିଲେ ?

(ବିଜୟ, ଅଜୟ, ସଞ୍ଜୟ, ମୃତ୍ୟୁଞ୍ଜୟ)

ଉ.: ବିଜୟ ।

୬. କେଉଁଟି ରାୟବାହାଦୁରଙ୍କ ଏକାନ୍ତ ନିଜସ୍ୱ ଥିଲା ବୋଲି କୁହାଯାଇଛି ?

(ଭେଲଭେଟ ବାକ୍ସ, ଡ୍ରୟର ଚେଷ୍ଟ, ଚାବି ଲେଡ୍ଗା, ସନନ୍ଦ ପତ୍ର)

ଉ.: ଡ୍ରୟର ଚେଷ୍ଟ ।

୭. ରାୟବାହାଦୁର ଡ୍ରୟର ଭିତରୁ କାହା ଫଟୋଗ୍ରାଫ୍ କାଢ଼ିଥିଲେ ?

(ଅଜୟ, ଅକ୍ଷୟ, ବିଜୟ, ଅରୁଣ)

ଉ.: ଅରୁଣ ।

୮. କାହା ଉପରେ ଏକ ହଳଦିଆ ଆସ୍ତରଣ ମାଡ଼ି ଯାଇଥିଲା ବୋଲି କୁହାଯାଇଛି ?

(ସନନ୍ଦ ପତ୍ର, ମେଡ଼ାଲ, ଫଟୋଗ୍ରାଫ, ଭେଲଭେଟ ବାକ୍ସ)

ଉ.: ସନନ୍ଦ ପତ୍ର ।

୯. ରାୟବାହାଦୁର ପଢ଼ୁଥିବା ସନନ୍ଦଟି ତାଙ୍କୁ କେଉଁ ସାଲରେ ହୋଇଥିଲା ?

ଉ.: ୧୯୨୩ ।

୧୦. କେଉଁ ବିପ୍ଳବ ପରେ ଭାରତର ଜାତୀୟ ଆନ୍ଦୋଳନରେ ଏକ ନୂତନ ସ୍ପନ୍ଦନ ଦେଖା ଦେଇଥିଲା ?

ଉ.: ଚଉରୀଚଉରା ।

୧୧. ମନୁଷ୍ୟର ଜନ୍ମଗତ ଦାବି ବୋଲି କାହାକୁ କୁହାଯାଇଛି ?

ଉ.: ସ୍ୱାଧୀନତା ।

୧୨. ରାୟବାହାଦୁର ଅରୁଣକୁ କେଉଁଥିରେ ଆଘାତ କରିଥିଲେ ?

ଉ.: ଚାବୁକ ।

୧୩. ରାୟବାହାଦୁରଙ୍କ ପୁତ୍ରବଧୂର ନାମ କ'ଣ ଥିଲା ?

ଉ.: ଅପର୍ଣ୍ଣା ।

୧୪. କିଏ କମଳନୟନର ନୀଳୋତ୍ପଳରେ ଦେବୀ ଆରାଧନା କରିଥିଲେ ?

ଉ.: ଶ୍ରୀରାମଚନ୍ଦ୍ର ।

୧୫. ଜନତା ଫ୍ଲାଗ୍‌ଷ୍ଟାଫ୍ ଭାଙ୍ଗି କ'ଣ ଚିରି ଦେଇଥିଲେ ?

ଉ.: ୟୁନିୟନ ଜାକ୍ ।

୧୬. ଘର ଭିତରେ କାହାର ଶବ୍ଦଶୁଣି ରାୟବାହାଦୁର ହଠାତ୍ ଚମକି ଉଠିଲେ ?

ଉ.: ଶଙ୍ଖଧ୍ୱନି ।

୧୭. ହେମମାଳୀ କେତେବର୍ଷ ଧରି ଏମିତି କାନ୍ଦି ନଥିଲେ ବୋଲି କୁହାଯାଇଛି ?

ଉ.: ପଚିଶ ।

୧୮. ରାତିସାରା କେଉଁଥିରେ ମାତି ବିଜୟ ଘରକୁ ଫେରିଥିଲା ?

ଉ.: ସ୍ୱାଧୀନତା ଉତ୍ସବ ।

୧୯. ବିଜୟ କାହାକୁ ବ୍ରିଟିଶର ଗୋଲାମ ବୋଲି କହିଛି ?

ଉ.: ଜେଜେଙ୍କୁ ।

୨୦. ସୋମନା ଶେଷରେ କାହାକୁ ଆଶୀର୍ବାଦ କରିଥିଲେ ?

ଉ.: ବିଜୁକୁ ।

## (ଖ) ସଂକ୍ଷିପ୍ତ ପ୍ରଶ୍ନୋତ୍ତର । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧. କାହାର ଐକ୍ୟତାନରେ ରାୟବାହାଦୁରଙ୍କ ଛାଇ ନିଦ ଭାଙ୍ଗିଯାଇଥିଲା ?

ଉ.: ଶଙ୍ଖ, ଘଣ୍ଟ, ହୁଳହୁଳି ଓ ତୋପ ପ୍ରଭୃତି ମିଳିତର ଐକତାନରେ ରାୟବାହାଦୁରଙ୍କ ଛାଇନିଦ ଭାଙ୍ଗି ଯାଇଥିଲା ।

୨. ରାତିର ଶାନ୍ତ ନିରବ ମୁହୂର୍ତ୍ତ କେଉଁ ଧ୍ୱନି ଭିତରେ ଚଞ୍ଚଳ ହୋଇ ଉଠିଥିଲା ?

ଉ.: ରାତିର ଶାନ୍ତ ନିରବ ମୁହୂର୍ତ୍ତ "ଜୟ ସ୍ୱାଧୀନ ଭାରତ କି ଜୟ" ଧ୍ୱନି ଭିତରେ ଚଞ୍ଚଳ ହୋଇ ଉଠିଥିଲା ।

୩. ଝରକା କବାଟ ବନ୍ଦ କରି କାହାକୁ ରୁଦ୍ଧ କରିହୁଏ ନା ବୋଲି କୁହାଯାଇଛି ?

ଉ.: ଝରକା କବାଟ ବନ୍ଦ କରି ସ୍ୱର୍ଗିତ ଜୟନାଦକୁ ରୁଦ୍ଧ କରିହୁଏ ନା ବୋଲି କୁହାଯାଇଛି ।

୪. ଅରୁଣ ପୁତ୍ରର ନାମ କ'ଣ ?

ଉ.: ଅରୁଣ ପୁତ୍ରର ନାମ ବିଜୟ ।

୫. ଅରୁଣର ପରିଚ୍ଛଦ କାହାପରି ଥିଲା ?

ଉ.: ଅରୁଣର ପରିଚ୍ଛଦ ଅସହଯୋଗକାରୀ ସତ୍ୟାଗ୍ରହ ପରି ଥିଲା ?

୬. ଅରୁଣର ଫଟୋ ଖଣ୍ଡିକ କେଉଁଠି ସୁରକ୍ଷିତ ଥିଲା ?

ଉ.: ଅରୁଣର ଫଟୋ ଖଣ୍ଡିକ ଭେଲଭେଟ ବାକ୍ସରେ ଅତି ଯତ୍ନରେ ସୁରକ୍ଷିତ ଥିଲା ।

୭. ରାୟବାହାଦୁର ତଳୁ ଫଟୋଟିକୁ ଉଠାଇ ନେଇ କ'ଣ କଲେ ?

ଉ.: ରାୟବାହାଦୁର ତଳୁ ଫଟୋଟିକୁ ଉଠାଇ ନେଇ ପୁଣି ସେ ଭେଲଭେଟ୍ ବାକ୍ସ ଭିତରେ ବନ୍ଦ କରି ରଖିଦେଲେ ।

୮. ରାୟବାହାଦୁରଙ୍କ ଆଖି ଆଗରେ କିଏ କ'ଣ ଟାଣି ଦେଇ ଗଲା ପରି ଲାଗିଲା ?

ଉ.: ରାୟବାହାଦୁରଙ୍କ ଆଖି ଆଗରେ କିଏ ହଠାତ୍ କୁହୁଡ଼ିର ଗୋଟାଏ ପର୍ଦ୍ଦା ଟାଣି ଦେଇ ଗଲା ପରି ଲାଗିଲା ।

୯. ପଚିଶ ବର୍ଷ ତଳେ ରାୟବାହାଦୁର କେଉଁ ପଦବୀରେ ଥିଲେ ?

ଉ.: ପଚିଶ ବର୍ଷ ତଳେ ରାୟବାହାଦୁର ପୁଲିସ ବିଭାଗରେ ଅସ୍ଥାୟୀ ସବ୍‌ଇନ୍‌ସପେକ୍ଟର ପଦବୀରେ ଥିଲେ ।

୧୦. 'ବନ୍ଦେ ମାତରମ୍'ର ପରବର୍ତ୍ତୀ ପାଦଟି କ'ଣ ?

ଉ.: 'ବନ୍ଦେ ମାତରମ୍'ର ପରବର୍ତ୍ତୀ ପାଦଟି, ସୁଜଳାଂ ସୁଫଳାଂ ମଳୟଜ ଶୀତଳମ୍ ।

୧୧. କାହା କଣ୍ଠରେ 'ବନ୍ଦେ ମାତରମ୍' ସଙ୍ଗୀତର ଆବୃତ୍ତି ଶୁଣି ରାୟବାହାଦୁର ଚମକି ପଡ଼ିଥିଲେ ?

ଉ.: ଅରୁ କଣ୍ଠରେ 'ବନ୍ଦେ ମାତରମ୍' ସଙ୍ଗୀତର ଆବୃତ୍ତି ଶୁଣି ରାୟବାହାଦୁର ଚମକି ପଡ଼ିଥିଲେ ।

୧୨. କେଉଁ କଥା ସ୍ୱୀକାର କରିବ ନାହିଁ ବୋଲି ଅରୁଣ କହିଛି ?

ଉ.: ଅନ୍ୟାୟ ଆଦେଶ କେଉଁ କଥା ସ୍ୱୀକାର କରିବ ନାହିଁ ବୋଲି ଅରୁଣ କହିଛି ।

୧୩. କେଉଁ ସ୍ୱରରେ ରାତିର ମୁହୂର୍ତ୍ତଗୁଡ଼ିକ ଅନୁରଣିତ ହୋଇ ଉଠିଥିଲା ?

ଉ.: ରାତିର ଲକ୍ଷ ଝିଙ୍କାରି କଣ୍ଠରେ ସେଇ ଏକଟଣା ଝିଁ ଝିଁ ସ୍ୱରରେ ରାତିର ନିରବ ମୁହୂର୍ତ୍ତ ଗୁଡ଼ିକ ଅନୁରଣିତ ହୋଇ ଉଠିଥିଲା ।

୧୪. ପୁଲିସ ସାହେବଙ୍କୁ ରାୟବାହାଦୁର ନାଟକୀୟ ଭଙ୍ଗୀରେ କ'ଣ ଜଣାଇଥିଲେ ?

ଉ.: ପୁଲିସ ସାହେବଙ୍କୁ ରାୟବାହାଦୁର ନାଟକୀୟ ଭଙ୍ଗୀରେ କୁର୍ଣ୍ଣିସ ଜଣାଇଥିଲେ ।

୧୫. ରାୟବାହାଦୁରଙ୍କ ବନ୍ଧୁକରେ ଖରାପଡ଼ିଲେ କିପରି ଦେଖାଯାଏ ?

ଉ.: ରାୟବାହାଦୁରଙ୍କ ବନ୍ଧୁକରେ ଖରାପଡ଼ିଲେ ଚକ୍ ଚକ୍ ଦେଖାଯାଏ ।

୧୬. ରାୟବାହାଦୁର କ୍ଷିପ୍ତ ପରି ଚିତ୍କାର କରି କ'ଣ କହିଥିଲେ ?

ଉ.: ରାୟବାହାଦୁର କ୍ଷିପ୍ତ ପରି ଚିତ୍କାର କରି "ହଟୋ ହଟୋ । ଶାଲେ ଲୋକ" କହିଥିଲେ ।

୧୭. ପଟୁଆରରେ ଆସୁଥିବା କେଉଁ କଥା କହି କୁହାଟୁ ଥିଲା ?

ଉ.: ପଟୁଆରରେ ଆସୁଥିବା ଜନତା 'ବନ୍ଦେ ମାତରମ୍' କଥା କହି କୁହାଟୁ ଥିଲା ।

୧୮. ଶୋଭାଯାତ୍ରାରେ ଆସୁଥିବା ଜନତା କିପରି ଭୀଷଣ ଓ ଭୟଙ୍କର ହୋଇ ଉଠିଥିଲା ?

ଉ.: ଶୋଭାଯାତ୍ରାରେ ଆସୁଥିବା ଜନତା ଝଞ୍ଜାକ୍ରାନ୍ତ ସମୁଦ୍ର ପରି ମୁହୂର୍ତ୍ତକ ଭିତରେ ଭୀଷଣ ଓ ଭୟଙ୍କର ହୋଇ ଉଠିଥିଲା ।

୧୯. ସୋମନାଥ ପ୍ରକୃତରେ କ'ଣ ଚାହିଁଥିଲେ ?

ଉ.: ସୋମନାଥ ପ୍ରକୃତରେ ଗୁଳି ଫୁଟାଇ ଫାଙ୍କା ଆବାଜ କରିବାକୁ ଚାହିଁଲେ ।

୨୦. ସୋମନାଥଙ୍କ ପିସ୍ତଲ ଗୁଳି ଫୁଟିଲା ପରେ କ'ଣ ଘଟିଲା ?

ଉ.: ସୋମନାଥଙ୍କ ପିସ୍ତଲ ଗୁଳି ଫୁଟିଲା ପରେ ଅରୁଣର ରକ୍ତାକ୍ତ ଶବ ତଳେ ଖସି ପଡ଼ିଲା ।

୨୧. ହେମମାଳୀ କେଉଁ ଅବସ୍ଥାରେ ତଳେ ମୂର୍ଚ୍ଛିତ ହୋଇ ପଡ଼ିଥିଲେ ?

ଉ.: ହେମମାଳୀ ଆବେଗ ଓ ଉତ୍ତେଜନା ଅବସ୍ଥାରେ ତଳେ ମୂର୍ଚ୍ଛିତ ହୋଇ ପଡ଼ିଥିଲେ ।

୨୨. କେଉଁ ପତାକା ଏଠି ଉଡ଼ିପାରିବ ନାହିଁ ବୋଲି ବିଜୁ ଜେଜେଙ୍କୁ କହିଥିଲା ?

ଉ.: ୟୁନିୟନ୍ ଜାକ୍ ପତାକା ଏଠି ଉଡ଼ିପାରିବ ନାହିଁ ବୋଲି ବିଜୁ ଜେଜେଙ୍କୁ କହିଥିଲା ।

୨୩. ବିଜୟ ଝୁଙ୍କି ପଡ଼ି ରାୟବାହାଦୁରଙ୍କୁ କେଉଁ କଣ୍ଠରେ ଡାକିଥିଲା ?

ଉ.: ବିଜୟ ଝୁଙ୍କି ପଡ଼ି ରାୟବାହାଦୁରଙ୍କୁ ଅପରାଧୀ କଣ୍ଠରେ ଡାକିଥିଲା ।

୨୪. ବିଜୟ କିପରି ପ୍ରଭାତର ସୂର୍ଯ୍ୟୋଦୀପ୍ତ ଆକାଶ ଆଡ଼େ ଚାହିଁ ରହିଥିଲା ?

ଉ.: ବିଜୟ ପ୍ରାଣହୀନ ପାଷାଣ ପରି ପ୍ରଭାତର ସୂର୍ଯ୍ୟୋଦୀପ୍ତ ଆକାଶ ଆଡ଼େ ଚାହିଁ ରହିଥିଲା ।

୨୫. ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା କେଉଁ ପଟଭୂମିରେ ଫରଫର ହୋଇ ଉଡୁଥିଲା ?

ଉ.: ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା ଭାଦ୍ରଆକାଶର ମେଘହୀନ, ସୁନୀଳ ପଟଭୂମିରେ ଫରଫର ହୋଇ ଉଡୁଥିଲା ।

**(ଗ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ।**

୧. ବାହାରର ଜୟଧ୍ୱନି ଶୁଣି ରାୟବାହାଦୁର କ'ଣ କରିଥିଲେ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ବାହାରର ଜୟଧ୍ୱନୀ ଶୁଣି ରାୟବାହାଦୁର ଗୋଟି ଗୋଟି କରି ଘରର ଝରକା କବାଟ ସବୁ ବନ୍ଦ କରିଦେଲେ ।

୨. କେଉଁ କଥା ରାୟବାହାଦୁରଙ୍କ ଚରମ ପରାଜୟ ଘୋଷଣା କରୁଥିଲା ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ବାହାରର ଜୟନାଦ ଏକ ସୁତୀକ୍ଷ୍ଣ ଶଳାକା ରୂପେ ରାୟବାହାଦୁରଙ୍କୁ ବିଦ୍ଧ କରୁଥିଲା ଏବଂ ତାହା ତାଙ୍କର ଚରମ ପରାଜୟ ଘୋଷଣା କରୁଥିଲା ।

୩. ରାୟବାହାଦୁର କ୍ଷିପ୍ତ ପରି କ'ଣ କରିଥିଲେ ଓ ଘର ଭିତରେ କ'ଣ ଅନୁଭବ କରିଥିଲେ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ରାୟବାହାଦୁର କ୍ଷିପ୍ତ ପରି ଘରର ଝରକା କବାଟଗୁଡ଼ାକ ପୁଣି ଖୋଲି ଦେଲେ ଓ ଘର ଭିତରେ ବାହାରର କୋଳାହଳ ଝଡ଼ପରି ଘର ଭିତରକୁ ପଶିଆସି ସ୍ତବ୍ଧ ଅନ୍ଧକାର କୋଣ ଥରାଇ ଦେଲା ବୋଲି ସେ ଅନୁଭବ କରିଥିଲେ ।

୪. ରାୟବାହାଦୁର ତଳର ରାସ୍ତାକୁ ଚାହିଁ କ'ଣ ଦେଖିଲେ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ରାୟବାହାଦୁର ତଳ ରାସ୍ତାକୁ ଚାହିଁ ଦେଖିଲେ, ବିରାଟ ପଟୁଆର ଜୟଧ୍ୱନି କରି ଚାଲିଥିଲା ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା ଧରି ।

୫. ରାୟବାହାଦୁର ଡ୍ରୟର ଭିତରୁ କ'ଣ କାଢ଼ିଥିଲେ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ରାୟବାହାଦୁର ଡ୍ରୟର ଭିତରୁ ପରଲୋକଗତ ଅରୁଣର ଖଣ୍ଡେ ବହୁଦିନର ଫଟୋଗ୍ରାଫ କାଢ଼ିଥିଲେ ।

୬. ଅରୁଣର ଚେହେରା ଓ ପରିଚ୍ଛଦ ସମ୍ପର୍କରେ କ'ଣ କୁହାଯାଏ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ଅରୁଣର ପ୍ରତିଭାଦୀପ୍ତ, ଆଦର୍ଶୋଜ୍ଜ୍ୱଳ ଚେହେରା ଓ ପରିଚ୍ଛଦ ଅସହଯୋଗ କରି ସତ୍ୟାଗ୍ରହ ଥିଲା ବୋଲି କୁହାଯାଇଛି ।

୭. ଅରୁଣର ଫଟୋଖଣ୍ଡିକ ଦେଖି ରାୟବାହାଦୁରଙ୍କୁ କ'ଣ ମନେ ହୋଇଥିଲା ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ଅରୁଣର ଫଟୋଖଣ୍ଡିକ ଦେଖି ରାୟବାହାଦୁରଙ୍କୁ ମନେ ପଡ଼ିଲା ଯେପରିକି ସେ ବିଦ୍ୟୁତର ଆଘାତରେ ଟଳିପଡ଼ିବେ ।

୮. ପ୍ରକୃତିସ୍ଥ ହେବା ପରେ ରାୟବାହାଦୁର କ'ଣ କହିଥିଲେ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ପ୍ରକୃତିସ୍ଥ ହେବା ପରେ ରାୟବାହାଦୁର ପୁଅର ଫଟୋଟି ତଳୁ ଉଠାଇ ନେଇ ପୁଣି ସେ ଭେଲଭେଟ୍ ବାକ୍ସ ଭିତରେ ବନ୍ଦ କରି ରଖିଦେଲେ ।

୯. ରାୟବାହାଦୁର କାହିଁକି ଚମକି ପଡ଼ିଥିଲେ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ଅରୁଣ କଣ୍ଠରେ 'ବନ୍ଦେ ମାତରମ୍' ସଙ୍ଗୀତର ଆବୃତ୍ତି ଠିକ୍ ଏହିପରି ଥିଲା ବୋଲି ମନେକରି, ରାୟବାହାଦୁର ଚମକି ପଡ଼ିଥିଲେ ।

୧୦. ଅରୁ କଣ୍ଠରେ 'ବନ୍ଦେ ମାତରମ୍' ଶୁଣି ରାୟବାହାଦୁର ତାକୁ କ'ଣ କହିଥିଲେ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ଅରୁ କଣ୍ଠରେ 'ବନ୍ଦେ ମାତରମ୍' ଶୁଣି ରାୟବାହାଦୁର କହିଥିଲେ "ତମେ ଅନ୍ୟାୟ କରୁଛ । ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ତମର ଏ ଦ୍ରୋହାଚାର କେବଳ ଅନ୍ୟାୟ ନୁହେଁ..." ।

୧୧. "ଏ କ'ଣ କରୁଚ ତମେ"– ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ରାୟବାହାଦୁରଙ୍କର ପୁଅକୁ ଚାବୁକ ପ୍ରହାର କରୁଥିବା ଦେଖି, ସ୍ତ୍ରୀ ହେମମାଳିନୀ ବାପପୁଅଙ୍କ ମଝିରେ ଠିଆ ହୋଇ ଅନୁଯୋଗର ସ୍ୱରରେ ଏହା କହିଥିଲେ ।

୧୨. ରାୟବାହାଦୁର ଅରୁଣକୁ କ'ଣ ଆଦେଶ ଦେଇଥିଲେ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ରାୟବାହାଦୁର ଅରୁଣକୁ ଏଇ ମୁହୂର୍ତ୍ତରେ ଘରୁ ବାହାରିଯିବାକୁ ଆଦେଶ ଦେଇଥିଲେ ଏବଂ ତାହାକୁ ଦେଶଦ୍ରୋହୀ ବୋଲି କହିଥିଲେ ।

୧୩. ରାୟ ବାହାଦୁର ଆଦେଶ ସତ୍ତ୍ୱେ ଅରୁଣ କ'ଣ କରିଥିଲା ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ରାୟ ବାହାଦୁରଙ୍କ ସତ୍ତ୍ୱେ ଅରୁଣ ପିତାଙ୍କ କଥାକୁ ଖାତିର କରିନଥିଲା, ବରଂ ଘରୁ ବାହାରି ଯାଇଥିଲା ଏବଂ କେବବି ଫେରି ନଥିଲା ।

୧୪. ପୁଲିସ ଥାନା ଆଗରେ କ'ଣ ଦେଖାଯାଇଥିଲା ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ପୁଲିସ ଥାନା ଆଗରେ ବିରାଟ ନିରସ୍ତ୍ର ଜନତା ତାଙ୍କ ସାମ୍ନାରେ ସେମାନଙ୍କର ସଶସ୍ତ୍ର ପୁଲିସ ବାହିନୀ ଦେଖାଯାଇଥିଲା ।

୧୫. ରାୟବାହାଦୁରଙ୍କ ଚିତ୍କାର ଶୁଣି ଜନତା କେଉଁପରି କୁହାଟୁ ଥିଲା ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ରାୟବାହାଦୁରଙ୍କ ଚିତ୍କାର ଶୁଣି ଜନତା ବନ୍ଦେମାତରମ୍ ଧ୍ୱନି ଦେଇ କୁହାଟୁ ଥିଲା ।

୧୬. କେଉଁ ପରିସ୍ଥିତିରେ ଜନତା ପୃଷ୍ଠଭଙ୍ଗ ଦେଇ ନଥିଲେ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ଲାଠି ଚାର୍ଜର ହୁକୁମ୍ ଆସିଲା ସତ୍ତ୍ୱେ ବି ଜନତା ପୃଷ୍ଠଭଙ୍ଗ ଦେଇ ନଥିଲେ ।

୧୭. ବିଶୃଙ୍ଖଳ ଜନତା ଭିତରୁ ଅରୁଣ କ'ଣ କହିଥିଲା ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ବିଶୃଙ୍ଖଳ ଜନତା ଭିତରୁ ଅରୁଣ ଆସି ଚିତ୍କାର କରି "ଏ ଲାଠି ମାଡ଼ ଅନ୍ୟାୟ କିନ୍ତୁ ଆତ୍ମରକ୍ଷା ଅନ୍ୟାୟ ନୁହେଁ । ବନ୍ଦେ ମାତରମ୍..." ବୋଲି କହିଥିଲା ।

୧୮. ଅରୁଣ ଅବିଚଳିତ କଣ୍ଠରେ ଜନତାଙ୍କୁ କ'ଣ ନିର୍ଦ୍ଦେଶ ଦେଇଥିଲା ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ଅରୁଣ ଅବିଚଳିତ କଣ୍ଠରେ ଜନତାଙ୍କୁ ନିର୍ଦ୍ଦେଶ ଦେଇଥିଲା, ... "ଭୟ ନାହିଁ । ଭୟ ନାହିଁ ଭାଇମାନେ ! ଶ୍ରୀରାମଚନ୍ଦ୍ର କମଳନୟନର ନୀଳୋତ୍ପଳରେ ଦେବୀ ଆରାଧନା କରିଥିଲେ..."।

୧୯. ପଚିଶ ବର୍ଷ ଧରି ରାୟବାହାଦୁର ନିଜକୁ କ'ଣ ସାନ୍ତ୍ୱନା ଦେଇ ଆସିଛନ୍ତି ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ପଚିଶ ବର୍ଷ ଧରି ରାୟବାହାଦୁର ନିଜକୁ ନିଜେ ସାନ୍ତ୍ୱନା ଦେଇ ଆସିଛନ୍ତି- ଏ ପୁତ୍ର ହତ୍ୟା କର୍ତ୍ତବ୍ୟ ସାଧନ, ନିର୍ମମ ହୋଇପାରେ, ମାତ୍ର ଅନ୍ୟାୟ ନୁହେଁ ।

୨୦. ରାୟବାହାଦୁର ପାଗଳ ପରି ଧାଇଁ ଯାଇ କ'ଣ କରିଥିଲେ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ରାୟବାହାଦୁର ପାଗଳ ପରି ଧାଇଁ ଯାଇ, ହେମମାଳୀଙ୍କ ହାତରୁ ଶଙ୍ଖଟା ଛଡ଼ାଇ ନେଇ କହିଲେ... "ଏ କ'ଣ କରୁଚ ତମେ ?"

୨୧. ଗତ ପଚିଶ ବର୍ଷ ଧରି ହେମମାଳୀ କ'ଣ କେବେ କରି ନ ଥିଲେ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ଗତ ପଚିଶ ବର୍ଷ ଧରି ହେମମାଳୀ ଭୋ ଭୋ ହୋଇ କେବେ କାନ୍ଦି ନ ଥିଲେ ।

୨୨. ହେମ ମାଳୀ ଦର୍ପିତାର କଣ୍ଠରେ କ'ଣ କହିଥିଲେ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ହେମ ମାଳୀ ଦର୍ପିତାର କଣ୍ଠରେ କହିଥିଲେ, "ଯୋଉ ପତାକା ପାଇଁ ଅରୁ ପ୍ରାଣବଳି ଦେଇଛି, ସେ ପତାକା ଯୁଗେ ଯୁଗେ ରହିବ ଉନ୍ନତ ହୋଇ ।"

୨୩. ରାୟ ବାହାଦୁର ଘର ଭିତରକୁ ଯାଇ କ'ଣ କରିଥିଲେ ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ରାୟ ବାହାଦୁର ଘର ଭିତରକୁ ଯାଇ ଅନେକ ଦିନର ସାଇତା ସିଲ୍‌କର ଗୋଟାଏ ୟୁନିୟନ ଜାକ୍ ପତାକା କାଢ଼ି ଉଡ଼ାଇଲେ ସେହି ତ୍ରିରଙ୍ଗା ପତାକା ସ୍ଥାନରେ ।

୨୪. ପତାକାଟିକୁ ଝାମ୍ପିନେଇ ବିଜୟ କ'ଣ କହିଥିଲା ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ପତାକାଟିକୁ ଝାମ୍ପିନେଇ ବିଜୟ ଦୁଇହାତରେ ରାୟବାହାଦୁରଙ୍କୁ ଠେଲି ଦେଇଥିଲା ।

୨୫. "ଅଥଚ ଭାବୁଚି ଏ ପତାକା କ'ଣ" ? ଏଠାରେ ପତାକା କ'ଣ ବୋଲି କୁହାଯାଇଛି ?

ଉ.: ପଠିତ ପତାକା ଉତ୍ତୋଳନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । "ଅଥଚ ଭାବୁଚି ଏ ପତାକା କ'ଣ" ? ଏଠାରେ ପତାକା ଖଣ୍ଡେ ରଙ୍ଗୀନ କନା ମାତ୍ର ! ରଙ୍ଗ ଛାଡ଼ିଯିବ ତା'ର । ତଥାପି ତୋର ପତାକାର ଜୟ ହେଉ ! ବୋଲି କୁହାଯାଇଛି ।

## (ଘ) ସଂକ୍ଷିପ୍ତ ପ୍ରଶ୍ନ ଉତ୍ତର ।

୧. ରାୟ ବାହାଦୁରଙ୍କ ନିଦ କାହିଁକି ଭାଙ୍ଗିଯାଇଥିଲା ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ରାତି ସେତେବେଳକୁ ବାରଟା ପାଖାପାଖି । ହଠାତ୍ ଶଙ୍ଖ, ଘଣ୍ଟ, ହୁଳହୁଳି ଓ ତୋପ ପ୍ରଭୃତି ମିଳିତର ଐକ୍ୟ ତାନରେ ରାୟ ବାହାଦୁରଙ୍କ ଛାଇନିଦ ଭାଙ୍ଗି ଯାଇଥିଲା ।

୨. କେଉଁକଥା ରାୟ ବାହାଦୁରଙ୍କ ଚରମ ପରାଜୟ ଘୋଷଣା କରୁଥିଲା ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ରାୟ ବାହାଦୁର ବିଛଣା ଛାଡ଼ି ଉଠିଲେ । ବାହାରେ ଜୟନାଦ କ୍ରମେ ବଢୁଥିଲା । ରାୟବାହାଦୁର ଗୋଟି ଗୋଟି କରି ଘରର ଝରକା କବାଟ ସବୁ ବନ୍ଦ କରିଦେଲେ । ତାହା ଯେପରି ଏକ ସୁତୀକ୍ଷ୍ଣ ଶଳକା ରୂପେ ତାଙ୍କୁ ବିଦ୍ଧ କରୁଥିଲା ଏବଂ ତାଙ୍କର ଚରମ ପରାଜୟ ଘୋଷଣା କରୁଥିଲା ।

୩. ଝରକା କବାଟ ବନ୍ଦ କରି ମଧ୍ୟ ରାୟ ବାହାଦୂରଙ୍କ ଅବସ୍ଥା କିପରି ଥିଲା ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ଝରକା କବାଟ ବନ୍ଦ କରି ରାୟବାହାଦୁର ଘର୍ଦ୍ଧିତ ଜୟନାଦରୁ ରକ୍ଷା ପାଉନଥିଲେ । ତେଣୁ ସେ ଦୁଇ କାନରେ ଦୁଇଟି ଆଙ୍ଗୁଠି ଚାପି ଧରିଲେ । ତଥାପି ସେଥିରେ ନିଷ୍କୃତି ନ ଥିଲା । ବନ୍ଧୁକ ଗୁଳି ପରି ସେ ଜୟଧ୍ୱନି ଯେପରି ତାଙ୍କର ପ୍ରତ୍ୟେକ ଜୀର୍ଣ୍ଣ ଅସ୍ଥିର ଚୂର୍ଣ୍ଣ କରି ଦେଉଥିଲା ।

୪. ରାୟ ବାହାଦୁର ଝରକା କବାଟ ଖୋଲି କ'ଣ ଦେଖିଲେ ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ରାୟ ବାହାଦୁର କ୍ଷିପ୍ର ପରି ଘରର ଝରକା କବାଟ ଗୁଡ଼ାକ ପୁଣି ଖୋଲି ଦେଲେ । ବାହାରର କୋଳାହଳ ଝଡ଼ପରି ଘର ଭିତରର ପ୍ରତ୍ୟେକ ସ୍ତବ୍ଧ ଅନ୍ଧକାର କୋଣ ଥରାଇ ଦେଇ ଗଲା । ରାୟ ବାହାଦୁର ଝରକା ବାଟେ ଟକର ରାସ୍ତାକୁ ଚାହିଁଲେ । ରାସ୍ତାରେ ଜୟ ଧ୍ୱନି କରି ଚାଲିଥିଲା ଏକ ବିରାଟ ପଟୁଆର, ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା ଧରି ।

୫. ଝରକା ପାଖରୁ ଚାଲିଆସି ରାୟବାହାଦୁର କ'ଣ କରିଥିଲେ ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ଝରକା ପାଖରୁ ଚାଲିଆସି ରାୟବାହାଦୁର କାନ୍ଥର ସ୍ୱିଚ୍ ମାରି ଆଲୁଅ ଜଳାଇଲେ । ତା'ପରେ ତକିଆ ତଳୁ ଗୋଟାଏ ଚାବି ନେଇ କାଢ଼ି ଘରର ଗୋଟିଏ କୋଣରେ ଡ୍ରୟର ଚେଷ୍ଟର ଗୋଟାଏ ଡ୍ରୟ ଫିଟାଇଲେ । ସେଥିରୁ ସେ ପରଲୋକଗତ ପୁତ୍ର ଅରୁଣର ଫଟୋ କାଢ଼ି ଦେଖିଲେ ।

୬. ବିଦ୍ୟୁତର ଆଘାତରେ ଟଳିପଡ଼ିବା ପରି ରାୟ ବାହାଦୁରଙ୍କୁ କାହିଁକି ମନେ ହୋଇଥିଲା ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ରାୟ ବାହାଦୁର ଡ୍ରୟର ଭିତରୁ କାଢ଼ିଲେ ପରଲୋକଗତ ଅରୁଣର ଖଣ୍ଡେ ବହୁଦିନର ଫଟୋଗ୍ରାଫ । ଗୋଟିଏ ଭେଲଭେଟ୍ ବାକ୍ସରେ ଅତି ଯତ୍ନରେ ସୁରକ୍ଷିତ ଥିଲା ସେ ଫଟୋ ଖଣ୍ଡିକ । ଅରୁଣର ସେଇ ପ୍ରତିଭାଦୀପ୍ତ, ଆଦର୍ଶୋଜ୍ଜ୍ୱଳ ଚେହେରା । ପରିଧାନରେ ଅସହଯୋଗକାରୀ ସତ୍ୟାଗ୍ରହୀ ପରିଚ୍ଛଦ । ସେହି ଫଟୋକୁ ଦେଖିଲା ପରେ ରାୟ ବାହାଦୁର ବିଦ୍ୟୁତର ଆଘାତରେ ଟଳି ପଡ଼ିଲା ପରି ମନେ ହୋଇଥିଲା ।

୭. ଡ୍ରୟର ଭିତରୁ ରାୟ ବାହାଦୁର କ'ଣ ସବୁ କାଢ଼ିଥିଲେ ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ଡ୍ରୟର ଭିତରୁ ରାୟ ବାହାଦୁର ପରଲୋକଗତ ଅରୁଣର ଫଟୋ, ଗୁଡ଼ାଏ ମେଡ଼ାଲ ଆଉ ସନନ୍ଦ ପତ୍ର କାଢ଼ିଲେ । ସନନ୍ଦପତ୍ରଗୁଡ଼ିକ ଉପରେ ଇତି ମଧ୍ୟରେ ଗୋଟିଏ ହଳଦିଆ ଆସ୍ତରଣ ମାଡ଼ି ଯାଇଥିଲା ।

୮. ବ୍ରିଟିଶ୍ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସନନ୍ଦଟିରେ କ'ଣ ଲେଖା ଯାଇଥିଲା ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ୧୯୨୩ ସାଲରେ ବ୍ରିଟିଶ ସରକାର ରାୟବାହାଦୁର କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ଏକ ସନନ୍ଦ ଦେଇଥିଲେ । ସେଥିରେ ଲେଖାଥିଲା– ବ୍ରିଟିଶ ସିଂହାସନ

ପ୍ରତି ତାଙ୍କର ନିଷ୍ଠା ଏବଂ ଅନୁରକ୍ତି ମହାମହିମ ବ୍ରିଟିଶ ସମ୍ରାଟଙ୍କୁ ମୁଗ୍ଧ କରିଛି । ବ୍ରିଟିଶ ସିଂହାସନ ପ୍ରତି ଏ ଅତୁଳନୀୟ ଅନୁରକ୍ତି ପାଇଁ, ତାଙ୍କୁ ଏହା ପ୍ରଦାନ କରାଗଲା ।

୯. ଚଉରୀ ଚଉରୀ ବିପ୍ଳବ ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ଚଉରୀ ଚଉରୀ ବିପ୍ଳବ ଭାରତର ମନ୍ଥର ଜାତୀୟ ଆନ୍ଦୋଳନର ଜଡ଼ ନାଟିକାରେ ଆଣିଥିଲା, ଏକ ନୂତନ ସ୍ପନ୍ଦନ । ପୁନଶ୍ଚ ସନ୍ତ୍ରାସବାଦ ସେଦିନ ଭାରତର ଜାତୀୟ ଆନ୍ଦୋଳନରେ ଆଣି ଦେଇଥିଲା ଏକ ନୂତନ ଆଭିମୁଖ୍ୟ ।

୧୦. କେଉଁ ଗାନ କ୍ରମେ ଅସ୍ପଷ୍ଟରୁ ଅସ୍ପଷ୍ଟତର ହେଉଥିଲା ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ବାହାରେ ଚାଲିଥିବା 'ବନ୍ଦେ ମାତରମ୍' ଗାନ ଠିକ୍ ଅରୁ କଣ୍ଠସ୍ୱର ପରି ରାୟ ବାହାଦୁରଙ୍କୁ ମନେ ହୋଇଥିଲା । ତେଣୁ ସେ ଛୁଟି ଯାଇଥିଲେ ଖୋଲା ଝରକା ପାଖକୁ । ମାତ୍ର ସେହି 'ବନ୍ଦେ ମାତରଂ' ଐକ୍ୟତାନ ଗାନ କ୍ରମେ ଅସ୍ପଷ୍ଟରୁ ଅସ୍ପଷ୍ଟତର ହେଉଥିଲା ।

୧୧. ଅରୁଣ, ତା' ବାପାଙ୍କୁ କାହିଁକି ବ୍ରିଟିଶ ସରକାରଙ୍କ ଗୋଲାମ ବୋଲି କହିଛି ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ଅରୁଣକୁ ଯେତେବେଳେ ତାଙ୍କୁ ବାପା, ବ୍ରିଟିଶ ସରକାର ବିରୁଦ୍ଧରେ ଯିବାକୁ ମନାକରିଛି । ସେତେବେଳେ ଅରୁଣ କହିଛି, ସ୍ୱାଧୀନତା ହେଉଛି ମନୁଷ୍ୟର ଜନ୍ମଗତ ଅଧିକାର ଓ ପବିତ୍ରତମ ଦାବି । ଯେହେତୁ ତାଙ୍କର ବାପା କିଛି ନଶୁଣି ବ୍ରିଟିଶ ସରକାର ସପକ୍ଷରେ କହିଛନ୍ତି, ସେଥିପାଇଁ ଅରୁଣ ବାପାଙ୍କୁ ବ୍ରିଟିଶ ସରକାର ଗୋଲାମ ବୋଲି କହିଛି ।

୧୨. "ଆପଣ ଅନ୍ୟାୟ କରୁଛନ୍ତି ବାପା" – ଏହା କିଏ କାହାକୁ କହିଛନ୍ତି ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ଅରୁଣ ବାପାଙ୍କ ଆଦେଶକୁ ଅମାନ୍ୟ କଲାପରେ, ବାପା ତାଙ୍କର ଚାବୁକ୍‌ରେ ତାଙ୍କୁ ଆଘାତ କରିଛନ୍ତି । ପ୍ରତିବାଦ ସ୍ୱରରେ "ଆପଣ ଅନ୍ୟାୟ କରୁଛନ୍ତି ବାପା" ବୋଲି ଅରୁଣ ରାୟବାହାଦୁରଙ୍କୁ କହିଛନ୍ତି ।

୧୩. ହେମ ମାଳୀ ଅନୁଯୋଗ ସ୍ୱରରେ କ'ଣ କହିଥିଲେ ଓ ରାୟବାହାଦୁରଙ୍କ ଉତ୍ତର କ'ଣ ଥିଲା ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ରାୟ ବାହାଦୁରଙ୍କ ସ୍ତ୍ରୀ ହେମ ମାଳିନୀ, ରନ୍ଧାଘର ଭିତରୁ ଦଉଡ଼ି ବାପପୁଅଙ୍କ ମଝିରେ ଠିଆହୋଇ ଅନୁଯୋଗର ସ୍ୱରରେ କହିଲେ... "ଏ କ'ଣ କରୁଛ ତମେ ? ରାୟ ବାହାଦୁର ଚିତ୍କାର କରି ଉତ୍ତର ଦେଇ କହିଥିଲେ, ଏଠୁ ଯାଅତମେ । ବାହାରର କଥା ନେଇ ମୁଣ୍ଡ ଖେଳେଇବାରେ ତମର କିଛି ଦରକାର ନାହିଁ । ଯାହାର ଦାନା ଖାଇ ମୁଁ ମଣିଷ, ତା'ର ନିମକ୍ ହାରମ୍ ଅସମ୍ଭବ ।"

୧୪. ରାୟବାହାଦୁରଙ୍କୁ ଅରୁଣ କ'ଣ ପଚାରିଥିଲା ଓ କାହିଁକି ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବ [illegible] ର୍ଣ୍ଣନା କରିଛନ୍ତି । ଇଂରେଜ ସରକାରଙ୍କ ନିକଟରେ ନିମକ୍ ହାରାମ୍ ହୋଇ ପାରିବେ ନାହିଁ ବୋଲି ରାୟବାହାଦୁର କହିବାରୁ, ତାଙ୍କୁ [illegible]ରୁଣ ପଚାରିଥିଲା, "କାହାର ଦାନା,

କାହାର ପାଣିପବନରେ ମଣିଷ ହୋଇଛନ୍ତି ଆପଣ ? ଭାରତ, ଏଇ ଗୋଲାମ – ଭାରତର, ସ୍ୱାଧୀନତା ଯାହାର ଦାବି !"

୧୫. ରାୟ ବାହାଦୁର କ'ଣ ଉତ୍କର୍ଣ୍ଣ ହୋଇ ଶୁଣୁଥିଲେ ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି ।

ବାହାରେ କୋଳାହଳ ମୁହୂର୍ତ୍ତକ ପାଇଁ ବନ୍ଦ ହୋଇଯାଇଥିଲା । ରାତିର ଲକ୍ଷ୍ୟ ଝିଙ୍କାରି କଣ୍ଠରେ ସେଇ ଏକଟିଣା ଝିଁ ଝିଁ ସୁରରେ ରାତିର ନିରବ ମୁହୂର୍ତ୍ତଗୁଡ଼ିକ ଅନୁରଣିତ ହୋଇ ଉଠିଥିଲା ରାୟବାହାଦୁର ତାହା ଉତ୍କର୍ଣ୍ଣ ହୋଇ ଶୁଣୁଥିଲେ ।

୧୬. ପୁଲିସ ସାହେବଙ୍କର କ'ଣ ହୁକୁମ ଥିଲା ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି ।

ପୁଲିସ ସାହେବଙ୍କର ହୁକୁମ ଥିଲା, "ଦେଖ ମହାପାତ୍ର । ତମେ ଭାରି ପାରିଲାର ଲୋକ । ଅନେକ ବଡ଼ ବଡ଼ କଥା ତମେ ଚଳେଇ ନେଇଛ । ଆଜି ଏକ ବିରାଟ ଜନତା ଆସୁଛି ସହରର, ଥାନା କଚିରି ସବୁ ଆକ୍ରମଣ କରିବା ପାଇଁ । ସେମାନଙ୍କୁ ମୁକାବିଲା କରିବାର ଦାୟିତ୍ୱ ତମର ।"

୧୭. ପୁଲିସ ଥାନା ଆଗରେ କେଉଁସବୁ ଘଟଣା ଘଟୁଥିଲା ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ପୁଲିସ ଥାନା ଆଗରେ ବିରାଟ ଜନତା ରହିଥିଲେ । ସମସ୍ତେ ଥିଲେ ନିରସ୍ତ୍ର । ସାମ୍ନାରେ ଥିଲେ ପୋଲିସ ବାହିନୀ । ବନ୍ଧୁକର ବାୟନେଟ୍‌ରେ ଖରାପଡ଼ି ଚକ୍‌ଚକ୍ କରୁଥିଲା । ରାୟ ବାହାଦୁର କ୍ଷିପ୍ତ ପରି ଚିତ୍କାର କରୁଥିଲେ "ହଟୋ ହଟୋ ଶାଲେ ଲୋକ !" ଜନତାର କୁହାଟୁଥିଲା... ବନ୍ଦେ ମାତରମ୍ !" ଲାଠଚାର୍ଜର ହୁକୁମ ଆସିଲା । ତଥାପି ଜନତା ପୃଷ୍ଠଭଙ୍ଗ ଦେଉନଥିଲେ ।

୧୮. ସୋମନାଥ ହାତରୁ ପିସ୍ତଲ ଉଠାଇଥିଲେ କାହିଁକି ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ଲାଠି ଚାର୍ଜ କରାଗଲେ ମଧ୍ୟ ଜନତା ପଛକୁ ହଟି ନଥିଲେ । ଅରୁଣ ଲାଠି ଚାର୍ଜର ପ୍ରତିବାଦ ଜଣାଇଥିଲା । ଝଞ୍ଜାକ୍ରାନ୍ତ ସମୁଦ୍ର ପରି ମୁହୂର୍ତ୍ତକ ଭିତରେ ଜନତା ଭୀଷଣ ଓ ଭୟଙ୍କର ହୋଇ ଉଠିଥିଲେ । ଅରୁଣ ଓ ଜନତାଙ୍କୁ ଭୟଭୀତ କରିବା ପାଇଁ ସୋମନାଥ ହାତରୁ ପିସ୍ତଲ ଉପରକୁ ଉଠାଇଥିଲେ ।

୧୯. ଅରୁଣ ନିର୍ଦ୍ଦେଶ ପାଇ ଜନତା କ'ଣ କରିଥିଲେ ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ଅରୁଣର ନିର୍ଦ୍ଦେଶ ପାଇ ଜନତା କୁହାଟରେ ଶତସିଂହ ପରି ଗର୍ଜନ କରି ଉଠିଲେ । କେତେ ଜନତା ଏହା ଭିତରେ ଯାଇ ଫ୍ଲାଗ୍ ଷ୍ଟାଫ ଭାଙ୍ଗି ତା' ଉପରେ ଉଡୁଥିବା ୟୁନିୟନ ଜାକ୍‌କୁ ଚିରି ଦେଇ ସାରିଥିଲେ ।

୨୦. ସୋମନାଥଙ୍କ ପିସ୍ତଲ ଫୁଟିବା ପରେ କ'ଣ ଘଟିଥିଲା ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ସୋମନାଥ ଫାଙ୍କା ଆବାଜ କରିବାକୁ ଯାଇ, ସତରେ ଗୁଳି ଫୁଟାଇ ଦେଇଥିଲେ । ଫଳରେ ତାଙ୍କ ପୁଅ ଅରୁଣ ଯେ କି ଜନତାର ନେତୃତ୍ୱ ନେଇଥିଲା, ତାହାର ରକ୍ତାକ୍ତ ଶବ ତଳେ ଖସି ପଡ଼ିଥିଲା ।

୨୧. ରାୟ ବାହାଦୁର ହଠାତ୍ ଚମକି ଉଠିଥିଲେ କାହିଁକି ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ରାୟ ବାହାଦୁର ହଠାତ୍ ଚମକି ଉଠିଥିଲେ, ଘର ଭିତରେ ଶଙ୍ଖଧ୍ୱନି ଶୁଣି । କାରଣ ହେମମାଳୀ ଦୋତାଲା ବାରଣ୍ଡାରେ ଗୋଟିଏ ଦୀପ ଜାଳି ଶଙ୍ଖ ଧ୍ୱନି କରିଥିଲେ ।

୨୨. ହେମ ମାଳୀ ଭୋ ଭୋ ହୋଇ କାନ୍ଦି ଉଠିଥିଲେ କାହିଁକି ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ରାୟ ବାହାଦୁର ପାଗଳ ପରି ଧାଇଁଯାଇ, ହେମ ମାଳୀଙ୍କ ହାତରୁ ଶଙ୍ଖଟା ଜଡ଼ାଇ ନେଇଥିଲେ । ହେମମାଳୀ ଚିତ୍କାର କରି କହିଥିଲେ, ତୁମେ ମୋତେ ଛୁଅଁ ନାହିଁ । ମୋ ଅରୁ ଆଜି ଫେରି ଆସିଛି ମୋ କୋଳକୁ । ହେମମାଳୀ ଭୋ ଭୋ ହୋଇ କାନ୍ଦି ଉଠିଲେ ।

୨୩. କେଉଁ ପତାକାର ପତନ ଅସମ୍ଭବ ବୋଲି ରାୟବାହାଦୁର କହିଥିଲେ ଓ କାହିଁକି ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ୟୁନିୟନ ଜାକ୍ ପତାକାର ପତନ ଅସମ୍ଭବ ବୋଲି ରାୟବାହାଦୁର କହିଥିଲେ । ଯେହେତୁ ସେ ଏହି ପତାକା ପାଇଁ ନିଜ ପୁଅ ଅରୁକୁ ଖୁନ୍ କରିଥିଲେ ଏବଂ ଜୀବନସାରା ଇଂରେଜମାନଙ୍କର ଗୋଲାମୀ କରିଆସିଥିଲେ, ସେଥିପାଇଁ ତାଙ୍କର ଏଭଳି ଧାରଣା ରହିଥିଲା ।

୨୪. ହେମ ମାଳୀ କ'ଣ କହି ମୂର୍ଚ୍ଛିତ ହୋଇ ତଳେ ପଡ଼ିଯାଇଥିଲେ ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ରାୟ ବାହାଦୁର ହେମମାଳୀଙ୍କ ଠାରୁ ତ୍ରିରଙ୍ଗା ପତାକା ଛଡ଼ା ନେଇ ଫିଙ୍ଗି ଦେବାରୁ, ହେମମାଳୀ ଦର୍ପିତ କଣ୍ଠରେ କହିଥିଲେ, ଯେଉଁ ପତାକା ପାଇଁ ଅରୁ ପ୍ରାଣ ଦେଇଛି, ସେ ପତାକା ଯୁଗେ ଯୁଗେ ଉନ୍ନତ ହୋଇ ରହିବ । ଆବେଗ ଓ ଉତ୍ତେଜନାରେ ସେ ଏତିକି କହି ମୂର୍ଚ୍ଛିତା ହୋଇ ତଳେ ପଡ଼ି ଯାଇଥିଲେ ।

୨୫. ସାରା ରାତି ସୋମନାଥ କ'ଣ କରୁଥିଲେ ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ସାରା ରାତି ସୋମନାଥ ଶୋଇନଥିଲେ । ବରଂ ସେ ଅତି ସତର୍କ ପ୍ରହରୀ ପରି ୟୁନିୟନ ଜାକ୍ ପତାକା ପାଖରେ ଚେଇଁ ବସିଥିଲେ ।

୨୬. 'ବ୍ରିଟିଶର ଗୋଲାମ ପାଇଁ ସ୍ଥାନ ନାହିଁ ଏଠି'- ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । ରାୟବାହାଦୁର ୟୁନିୟନ ଜାକ ପତାକାକୁ ସାରାରାତି ଜଗି ରହିଥିଲେ । ସକାଳୁ ବିଜୟ ଆସି ଏହାର ବିରୁଦ୍ଧାଚରଣ କରିଥିଲା । ରାୟବାହାଦୁରଙ୍କ ହାତରୁ ପତାକାକୁ ଝାମ୍ପିନେଇ ବିଜୟ କହିଥିଲା, 'ଏ ଦେଶ ଆମର ବ୍ରିଟିଶର ଗୋଲାମ ପାଇଁ ସ୍ଥାନ ନାହିଁ ଏଠି ।'

୨୭. ସୋମନାଥଙ୍କ ମୁଣ୍ଡ ଓ ନାକ ଫାଟିଯିବାର କାରଣ କ'ଣ ଥିଲା ?

ଉ.: ପଠିତ 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ବର୍ଣ୍ଣନା କରିଛନ୍ତି । 'ୟୁନିୟନ ଜାକ୍' ପତାକାକୁ ନେଇ ରାୟବାହାଦୁର ଓ ତାଙ୍କ ନାତି ବିଜୟଙ୍କ ମଧ୍ୟରେ, ଦ୍ୱନ୍ଦ୍ୱ ହୋଇଥିଲା । ପତାକାଟିକୁ ଛଡ଼ାଇବାକୁ ଯାଇ ବିଜୟ ସୋମନାଥଙ୍କୁ ଠେଲି ଦେଇଥିଲା ଓ ସୋମନାଥ ଗଡ଼ିପଡ଼ି ତଳଚଟାଣରେ ପଡ଼ିବାରୁ ତାଙ୍କ ମୁଣ୍ଡ ଓ ନାକ ଫାଟି ଯାଇଥିଲା ।

୨୮. ସୋମନାଥ କ୍ଷୀଣ କଣ୍ଠରେ ବିଜୟକୁ କ'ଣ କହିଥିଲେ ?

ଉ.: 'ପତାକା ଉତ୍ତୋଳନ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହା ଉଲ୍ଲେଖ କରିଛନ୍ତି । ସୋମନାଥ ସିଡ଼ିରୁ ପଡ଼ିଗଲା ପରେ ତାଙ୍କର ମୁଣ୍ଡ ଓ ନାକ ଫାଟିଯାଇ ରକ୍ତର ବାହାରିଥିଲା । ବିଜୟ ଅପରାଧୀ ପରି, ଜେଜେ ବୋଲି ଡାକିବାରୁ ସୋମନାଥ କ୍ଷୀଣ କଣ୍ଠରେ କହିଥିଲେ, 'ତୋତେ ଆଶୀର୍ବାଦ କରୁଛି ଏବଂ ମୁଁ ଏଥର ଶାନ୍ତିରେ ମରିପାରିବି । ଏହି ପତାକା ପାଇଁ କେତେ ରାଜ୍ୟ ଯାଇଛି ଓ ରକ୍ତପାତ ହୋଇଛି । ମୁଁ ମଧ୍ୟ ମୋ ପୁଅକୁ ମାରିଛି ଓ ତୁ ବୁଢ଼ା ଜେଜେକୁ ଆଘାତ କରିଛୁ । ମାତ୍ର ଏ ପତାକା ଖଣ୍ଡେ ରଙ୍ଗୀନ କନା ମାତ୍ର । ତଥାପି ତୋ ପତାକାର ଜୟ ହେଉ ।'

**(ଡ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

**୧. 'ପତାକା ଉତ୍ତୋଳନ' ଗଳ୍ପରୁ ରାୟ ବାହାଦୁରଙ୍କ ଚରିତ୍ର ଚିତ୍ରଣ କର ।**

ଉ.: କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି ଜଣେ ଯଶସ୍ୱୀ ଚରିତ୍ର ଚିତ୍ରଣକାରୀ ଭାବରେ ସୁପରିଚିତ । ସେ ତାଙ୍କର ଗଳ୍ପରେ ବିଭିନ୍ନ ଶ୍ରେଣୀର ଚରିତ୍ର ସଂଯୋଜିତ କରି, ଗଳ୍ପକୁ ସୁଖପାଠ୍ୟ କରାଇଥାନ୍ତି । ଆଲୋଚ୍ୟ ଗଳ୍ପ 'ପତାକା ଉତ୍ତୋଳନ'ରେ ସେ ରାୟ ବାହାଦୁର ସୋମନାଥ ମହାପାତ୍ରଙ୍କ ଚରିତ୍ର ମାଧ୍ୟମରେ ଜଣେ ଦେଶଦ୍ରୋହୀ, କ୍ଷମତାଲିପ୍ସୁ, ସ୍ୱାର୍ଥପର ମଣିଷର ମାନସିକତାକୁ ମନୋଜ୍ଞ ଭାବରେ ଦେଖାଇଛନ୍ତି ।

ସୋମନାଥ ମହାପାତ୍ର ଜଣେ ସାଧାରଣ ଅସ୍ଥାୟୀ ପୋଲିସ କର୍ମଚାରୀ ଭାବରେ ଚାକିରି ଜୀବନ ଆରମ୍ଭ କରିଥିଲେ । ମାତ୍ର ଇଂରେଜମାନଙ୍କର ଗୋଲାମୀ କରି ନିଜ ଦେଶବାସୀ ଏପରିକି ନିଜପୁତ୍ରକୁ ବଳି ଦେଇ, ଇନ୍ସପେକ୍ଟର ପଦବୀକୁ ଉନ୍ନୀତ ହୋଇଥିଲେ । ଗାଳ୍ପିକ ମହାନ୍ତି ସୋମନାଥଙ୍କ ଚରିତ୍ର ମାଧ୍ୟମରେ ବ୍ରିଟିଶ ଶାସକର ପଦଲେହାନକାରୀ ସ୍ୱାର୍ଥସର୍ବସ୍ୱ କର୍ମଚାରୀଙ୍କ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି ।

ରାୟବାହାଦୁର ଭାବରେ ସୋମନାଥ ବ୍ରିଟିଶ ଶାସକଙ୍କର ଗୋଲାମଗିରି କରି ଅବସର ନେଇଛନ୍ତି । ମାତ୍ର ମାନସିକ ସ୍ତରରେ ଇଂରେଜ ଶାସନ ଓ ଇଂରେଜ ପତାକା ପ୍ରତି ତାଙ୍କର ରହିଛି ଅନୁଗତ୍ୟ । ଫଳରେ ଦେଶ ସ୍ୱାଧୀନତା ଦିବସର ଉତ୍ସବ ପାଳନ କରୁଥିଲାବେଳେ, ଏହା ତାଙ୍କ ପାଇଁ ଅସହ୍ୟ ମନେ ହୋଇଛି । ସତ୍ୟାଗ୍ରହୀମାନଙ୍କୁ ଦମନ କରିବାକୁ ଯାଇ ସେ କିପରି ତାଙ୍କର ପୁତ୍ରକୁ ଗୁଳି କରିଛନ୍ତି, ତାହାକୁ ସ୍ମରଣ କରିଛନ୍ତି । ପୁତ୍ରକୁ ଗୁଳି କରିବା ପରେ ସେ ଇଂରେଜମାନଙ୍କ ନିକଟରେ ନିଜର ପାରିବା ପଣକୁ

ପ୍ରମାଣ କରିଛନ୍ତି । ପୁତ୍ରର ମୃତ୍ୟୁ ପରେ ପୁତ୍ରବଧୂ ଅପର୍ଣ୍ଣାର କରୁଣ କ୍ରନ୍ଦନ ତାଙ୍କ ମନରେ ସେତେଟା ପ୍ରଭାବ ପକାଇ ନାହିଁ । ବରଂ ଅର୍ଥ ଓ କ୍ଷମତାର ଅଧିକାରୀ ହୋଇ, ପାରିବାରିକ ଦୁଃଖ ଅଶାନ୍ତିକୁ ସେ ଭୁଲିଯାଇଛନ୍ତି ।

ସ୍ୱାଧୀନତା ଉତ୍ସବ ଦିନ ସେ ପତ୍ନୀ ହେମମାଳୀଙ୍କୁ, ତ୍ରିରଙ୍ଗା ପତାକା ଉଡ଼ାଇବାକୁ ଦେଇ ନାହାନ୍ତି । ବରଂ ତ୍ରିରଙ୍ଗା ସ୍ଥାନରେ, ୟୁନିୟନ ଜାକ ପତାକା ଉଡ଼ାଇବାକୁ ଚାହିଁଛନ୍ତି । ଏହି ପତାକାପାଇଁ ସେ ନାତି ବିଜୟ ସହିତ ଯୁକ୍ତି କରିଛନ୍ତି । ପରିଣତିରେ ନାତିଠାରୁ ଠେଲା ଖାଇ, ସିଡ଼ି ତଳକୁ ପଡ଼ିଯାଇଛନ୍ତି । ମାତ୍ର ଜୀବନର ଶେଷ ସମୟରେ ସେ ନିଜର ଭୁଲ୍ ବୁଝିପାରିଛନ୍ତି । ନାତି ବିଜୟକୁ ଆଶୀର୍ବାଦ କରିଛନ୍ତି । ଥରିଲା କଣ୍ଠରେ କହିଛନ୍ତି, ପତାକାଟା ସାଧାରଣ କନା ଖଣ୍ଡେ, ଏହାର ରଙ୍ଗ ମଧ୍ୟ ଉଡ଼ିଯାଇ ପାରେ, କିନ୍ତୁ ଏଥିପାଇଁ କେତେ ଦେଶ ଓ କେତେ ଜୀବନ ଯାଇଛି ।

ଗାଳ୍ପିକ ରାୟବାହାଦୁର ସୋମନାଥଙ୍କ ମାଧ୍ୟରେ ଜଣେ ଦେଶଦ୍ରୋହୀ ଓ ସ୍ୱାର୍ଥ ସର୍ବସ୍ୱ ମଣିଷକୁ ଦେଖାଇ ନାହାନ୍ତି, ବରଂ ତାହାଙ୍କୁ ଜଣେ ଅସଫଳ ସଂସାରୀ ଭାବରେ ଚିତ୍ରଣ କରିଛନ୍ତି । ସେ ନିଜର ପତ୍ନୀ ହେମମାଳୀଙ୍କୁ ଯେଉଁଭଳି ଅପମାନିତ କରିଛନ୍ତି ଓ ପୁତ୍ରବଧୂ ଅପର୍ଣ୍ଣାର ଦୁଃଖକୁ ଯେପରି ଭୁଲିଛନ୍ତି, ତାହା ତାଙ୍କର ଅବିବେକତାର ପରିଚୟ ଦେଇଥାଏ ।

ଗଳ୍ପଟିରେ ଗାଳ୍ପିକ ନାୟକଙ୍କୁ ଖଳନାୟକ ଭାବରେ ଚିତ୍ରଣ କରିଛନ୍ତି ।

୨. "ତଥାପି ତୋର ପତାକାର ଜୟ ହେଉ" ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି, ବିଶ୍ଳେଷଣ କର ।

ଉ.: ଆଲୋଚ୍ୟ ପ୍ରସଙ୍ଗଟି କଥାକାର ସୁରେନ୍ଦ୍ର ମହାନ୍ତିଙ୍କ 'ପତାକା ଉତ୍ତୋଳନ' ଗଳ୍ପର ଶେଷପର୍ଯ୍ୟାୟରେ ଉଲ୍ଲେଖ କରାଯାଇଛି । ଗଳ୍ପଟିରେ କଥାକାର ସ୍ୱାଧୀନତା ଲାଭ କରିବାର ପୂର୍ବରାତ୍ରି ଅର୍ଥାତ୍ ଅଗଷ୍ଟ ୧୪ ତାରିଖ, ୧୯୪୭ ଏବଂ ତା' ପରଦିନ ସକାଳର ସମୟସୀମାକୁ ନେଇ କଥାବସ୍ତୁର ପରିକଳ୍ପନା କରିଛନ୍ତି । ତଥାପି ଏଥିରେ ଗୋଟିଏ ପରିବାରର ତିନି ପୀଢ଼ି ବା ତିନିପର୍ଯ୍ୟାୟ ଚରିତ୍ରର ସୂଚନା ଦିଆଯାଇଛି । ଅତୀତ ଚରିତ୍ର ରାୟବାହାଦୁର ସୋମନାଥ ମହାପାତ୍ର, ଯେ କି ଗୋଟାପଣେ ଦେହରେ ମନରେ ଇଂରେଜମାନଙ୍କ ନିକଟରେ ଚାକରିକରି ନିଜର ନିଜତ୍ୱକୁ ହରାଇଛନ୍ତି । ସେ ଦେହରେ ଭାରତୀୟ ହେଲେ ବି, ମନରେ ଇଂରେଜମାନଙ୍କ ନିକଟରେ ସମର୍ପିତ । ଇଂରେଜମାନଙ୍କ ପାଇଁ କାମ କରି, ସେଥିରେ ସେ ଲାଭ କରିଛନ୍ତି, ଆତ୍ମସନ୍ତୋଷ । ଦ୍ୱିତୀୟ ପୀଢ଼ି, ଯେ କି ସୋମନାଥଙ୍କ ପୁତ୍ର ଅରୁଣ, ଚିନ୍ତାଧାରାରେ ବାପାଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସେ ଦେଶ ପାଇଁ, ସ୍ୱାଧୀନତା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଛି । ଦେଶପାଇଁ ପତ୍ନୀ ପରିବାର ଏବଂ ନିଜର ସୁଖକୁ ବିସ୍ମୃତ ହୋଇଛି । ଶେଷରେ ସେହି ଦେଶପାଇଁ ବାପାଙ୍କ ଗୁଳିରେ ଜୀବନ ଦେଇଛି ସିନା କୌଣସି ସମୟରେ ସାଲିସ୍ ମନୋବୃତ୍ତି ପ୍ରତିପୋଷଣ କରିନାହିଁ । ଶେଷ ପୀଢ଼ି ବିଜୟ, ଯେ କି ସୋମନାଥଙ୍କ ନାତି । ସେ ବାପା ବିଜୟଙ୍କ ପରି ଜେଜେଙ୍କ ଅତ୍ୟାଚାରକୁ ମୁଣ୍ଡପାତି ସହି ନାହିଁ । ବରଂ ନିଜର ଅଧିକାର ପାଇଁ, ସ୍ୱାଧୀନ ଭାରତର ଯୁବକ ଭାବରେ ସଂଗ୍ରାମ କରି ନିଜର ଅଧିକାର ଛଡ଼ାଇ ନେବାକୁ ଚେଷ୍ଟା କରିଛି ।

ସୋମନାଥ ମହାପାତ୍ରଙ୍କୁ ସ୍ୱାଧୀନତାର ଉତ୍ସବ ଅସହ୍ୟ ମନେ ହୋଇଛି । ତେଣୁ ସେ ପତ୍ନୀ ହେମମାଳିଙ୍କ ଠାରୁ ତ୍ରିରଙ୍ଗା ପତାକା ଛଡ଼ାଇନେଇ, ତା ସ୍ଥାନରେ ୟୁନିୟନ୍ ଜାକ୍ ପତାକା ଉଡ଼ାଇ ଦେଇଛନ୍ତି । ସେହି ପତାକାକୁ ସେ ରାତିସାରା ଜାଗିଛନ୍ତି, ଜାଗ୍ରତ ପ୍ରହରୀ ପରି । କାରଣ ପରିବାର ଅପେକ୍ଷା ସେ ଏହି ପତାକାର ମର୍ଯ୍ୟାଦାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ଅପରପକ୍ଷରେ ସାରାରାତି ସ୍ୱାଧୀନତା ଉତ୍ସବରେ ମାତିଛି ନାତି ବିଜୟ । ସକାଳକୁ ବିଜୟ ଘରକୁ ଫେରି ଦେଖିଛି, ୟୁନିୟନ ଜାକ୍ ପତାକାକୁ । ସେ ଜେଜେଙ୍କ ସହତ ପ୍ରତିବାଦ କରି ୟୁନିୟନ ଜାକ୍ ପତାକାକୁ ଛଡ଼ାଇ ନେଇଛି । ଦୃଢ଼ ସ୍ୱରରେ କହିଛି, ଆମ ଦେଶରେ ଏ ପତାକା ଉଡ଼ିପାରିବ ନାହିଁ । ସୋମନାଥ

ହିଂସ୍ରଭାବରେ ବିଜୟଠାରୁ ପତାକାଟିକୁ ଛଡ଼ାଇ ନେବାକୁ ଚେଷ୍ଟା କରିଛନ୍ତି । ବିଜୟ ଦୁଇ ହାତରେ ଜେଜେ ସୋମନାଥଙ୍କୁ ଠେଲି ଦେଇଛି । ସୋମନାଥ ସିଡ଼ିତଳକୁ ପଡ଼ିଛନ୍ତି । ମୁଣ୍ଡରୁ ଓ ନାକରୁ ରକ୍ତ ଝରିଛି । ବିଜୟ ଅପରାଧୀ ପରି ଜେଜେଙ୍କୁ ଡାକିବାରୁ, ଜେଜେ ତାଙ୍କୁ ଆଶୀର୍ବାଦ କରିଛନ୍ତି । ନିଜର ଭୁଲ୍ ପାଇଁ ଅନୁତାପ କରି କହିଛନ୍ତି, ଏହି ପତାକା ଖଣ୍ଡେ ରଙ୍ଗୀନ କପଡ଼ା । ମାତ୍ର ଏହାପାଇଁ ମୁଁ ମୋ ପୁଅକୁ ମାରିଛି ଏବଂ ଆଜି ତୁ ତୋ ଜେଜେଙ୍କୁ ଆଘାତ କରିଛୁ । ତଥାପି 'ତୋ ପତାକା' ଅର୍ଥାତ୍ ତ୍ରିରଙ୍ଗା ପତାକାର ଜୟ ହେଉ । ସୋମନାଥଙ୍କ ଏଭଳି ବକ୍ତବ୍ୟର କଥାକାର ନିଜର ଜାତୀୟତା ଭାବକୁ ପରିପ୍ରକାଶ କରିଛନ୍ତି ।

**୩. 'ପତାକା ଉତ୍ତୋଳନ' ଗଳ୍ପର ନାମକରଣ ସାର୍ଥକତା ପ୍ରତିପାଦନ କର ।**

ଉ.: ସାହିତ୍ୟରେ ନାମକରଣ ଏକ ସ୍ୱତନ୍ତ୍ର ପର୍ଯ୍ୟାୟ, ଯେଉଁଥିରେ ସମଗ୍ର ସୃଷ୍ଟି ସେହି ନାମକରଣରୁ ହିଁ ଆକଳନ କରିହୁଏ । କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି 'ପତାକା ଉତ୍ତୋଳନ' ନାମକରଣ କରି ଗଳ୍ପର ସାମଗ୍ରିକ ରୂପକୁ ଅତି ମନୋଜ୍ଞ ଭାବରେ ପରିପ୍ରକାଶ କରିଛନ୍ତି ।

ଗଳ୍ପଟି ଗାଳ୍ପିକ ୧୯୪୭ ମସିହା ଅଗଷ୍ଟ ମାସର ରଚନା କରିଛନ୍ତି, ଯେଉଁ ସମୟରେ କି ଭାରତବର୍ଷରୁ ୟୁନିୟନ ଜାକ୍ ପତାକା ବଦଳରେ ସବୁଆଡ଼େ ତ୍ରିରଙ୍ଗା ପତାକା ଉଡ଼ିଛି । ଏହି ତ୍ରିରଙ୍ଗା ପତାକାକୁ ଦେଶରେ ଉଡ଼ାଇବାପାଇଁ କେତେ ସ୍ୱାଧୀନତା ସଂଗ୍ରାମୀ ଜୀବନ ଦେଇଛନ୍ତି । କେତେ ପରିବାର ଉଚ୍ଛନ୍ନ ହୋଇଛି । ଆଉ ସୋମନାଥ ମହାପାତ୍ର ଭଳି, ସ୍ୱାର୍ଥଲିପ୍ସୁ ଇଂରେଜ ଶାସନର କର୍ମଚାରୀମାନେ ଦେଶର ଅଗଣିତ ନରନାରୀଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଛନ୍ତି । ଏପରିକି ନିଜର ପ୍ରତିଷ୍ଠା ପାଇଁ ନିଜ ରକ୍ତର ଆବେଦନକୁ ମଧ୍ୟ ତୁଚ୍ଛ କରିଦେଇଛନ୍ତି । ୟୁନିୟନ ଜାକ୍ ପତାକାର ବିଲୟ ଏବଂ ତ୍ରିରଙ୍ଗା ପତାକାର ବିଜୟକୁ ଗଳ୍ପରେ ସ୍ଥାନିତ କରାଯାଇଥିବାରୁ ଗଳ୍ପଟିର ଏପରି ନାମକରଣ କରାଯାଇଛି ।

ସ୍ୱାଧୀନତା ଆସିବାର ପୂର୍ବଦିନ ରାତିରୁ ସାରା ଭାରତବର୍ଷରେ ପାଳନ କରାଯାଇଛି ସ୍ୱାଧୀନତାର ଉତ୍ସବ । ମାତ୍ର ଯେଉଁମାନେ ଦୀର୍ଘଦିନ ଧରି ଇଂରେଜମାନଙ୍କ ଅଧୀନରେ ଚାକିରି କରିଆସିଛନ୍ତି, ସେମାନଙ୍କ ପକ୍ଷରେ ତାହା ହୋଇଛି ଅସହ୍ୟ । କଥାକାର ସୋମନାଥ ଚରିତ୍ର ମାଧ୍ୟମରେ ଏହା ଦେଖାଇଛନ୍ତି । କାରଣ ବାହାରେ ସ୍ୱାଧୀନତା ଉତ୍ସବ ପାଳନ ହେଉଥିଲା ବେଳେ, ସେ ଘରଭିତରେ ଅତୀତର ସ୍ମୃତିକୁ ଦେଖିଛନ୍ତି । ଘର ଭିତରେ ପତ୍ନୀ ହେମମାଳୀର ଜାତୀୟପତାକା ଉତ୍ତୋଳନକୁ ସେ ସହ୍ୟ କରିପାରି ନାହାନ୍ତି । ସେ ଜୋରକରି ତ୍ରିରଙ୍ଗା ପତାକା ସ୍ଥାନରେ ୟୁନିୟନ ଜାକ୍ ପତାକା ଉଡ଼ାଇଛନ୍ତି । କାଳେ ହେମମାଳା ତାଙ୍କ ପତାକାକୁ ଉଠାଇଦେବେ, ସେଥିପାଇଁ ସେ ରାତିସାରା ଜାଗ୍ରତ ହୋଇ ରହିଛନ୍ତି ।

ସୋମନାଥଙ୍କ ନାତି ବିଜୟ ରାତିସାରା ସ୍ୱାଧୀନତା ଉତ୍ସବରେ ମାତିରହି, ସକାଳକୁ ଘରକୁ ଫେରି ଦେଖିଛି, ୟୁନିୟନ ଜାକ୍ ପତାକାକୁ । ଜେଜେ ଓ ନାତିଙ୍କ ମଧ୍ୟରେ ଏଥିପାଇଁ ଯୁକ୍ତିତର୍କ ଲାଗିଛି । ଶେଷରେ ୟୁନିୟନ ଜାକ୍ ପତାକାକୁ ବିଜୟ ଠାରୁ ଆଣିବା ପାଇଁ ସୋମନାଥ ହିଂସ୍ରଭାବରେ ଚେଷ୍ଟା କଲା ବେଳେ, ବିଜୟ ତାଙ୍କୁ ଦୁଇ ହାତରେ ଠେଲି ଦେଇଛି । ଫଳରେ ସୋମନାଥ ସିଡ଼ିତଳକୁ ଖସିପଡ଼ି ରକ୍ତାକ୍ତ ହୋଇଛନ୍ତି । ଜୀବନର ଶେଷ ସମୟରେ ସୋମନାଥ ସିଡ଼ିତଳକୁ ଖସିପଡ଼ି ରକ୍ତାକ୍ତ ହୋଇଛନ୍ତି । ଜୀବନର ଶେଷ ସମୟରେ ସୋମନାଥ ନିଜର ଭୁଲ ବୁଝିପାରିଛନ୍ତି । ସେ ଅନୁତାପ କରି ବିଜୟକୁ ଆଶୀର୍ବାଦ କରିଛନ୍ତି । ସେ ସ୍ୱୀକାର କରିଛନ୍ତି ପତାକା ସାଧାରଣ ରଙ୍ଗୀନ୍ କନାଖଣ୍ଡେ, ଯାହାର ବି ରଙ୍ଗ ଛାଡ଼ି ଯାଇପାରେ । ମାତ୍ର ଏହି ପତାକା ପାଇଁ କେତେ ଜୀବନ ଓ ଦେଶ ନଷ୍ଟ ହୋଇଛି । ୟୁନିୟନ୍ ଜାକ୍ ଓ ତ୍ରିରଙ୍ଗା ପତାକା ମଧ୍ୟରେ କେବଳ ରଙ୍ଗଗତ ଫରକ୍ ନାହିଁ, ବରଂ ରହିଛି ଜାତିଗତ ଫରକ୍ । ଗଳ୍ପଟିର କଥାବସ୍ତୁରେ ରହିଛି, ପତାକା ଉତ୍ତୋଳନର ପ୍ରସଙ୍ଗ ଏବଂ ସ୍ୱାଧୀନତା ସଂଗ୍ରାମର ସୂଚନା ।

ଉପରୋକ୍ତ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଜଣାଯାଏ, ଗଳ୍ପଟିର ନାମକରଣର ସାର୍ଥକତା ରହିଛି ।

❖❖❖

# ରୂପ ନାରାୟଣ ସାହା

**ଅଖିଳ ମୋହନ ପଟ୍ଟନାୟକ**

**(କ) ଗାଳ୍ପିକ ପରିଚିତ :**

ଓଡ଼ିଆ ଗଳ୍ପ ସାହିତ୍ୟର ଅନନ୍ୟ ପ୍ରତିଭା, କଥାକାର ଅଖିଳ ମୋହନ ପଟ୍ଟନାୟକ । ଜୀବନର ସଂଘର୍ଷମୟ ବାସ୍ତବତାକୁ ସେ ତାଙ୍କର ଗଳ୍ପରେ ଧରି ରଖିଛନ୍ତି । ଉଚ୍ଚକୋଟୀର କଳ୍ପନାବିଳାସ ସହ ଉପଯୁକ୍ତ ମିଥ୍ର ସଂଯୋଜନା ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଗଳ୍ପର ପ୍ରଧାନ ବିଶେଷତ୍ୱ । ସେ ତାଙ୍କର କାହାଣୀ ଧର୍ମୀ ଗଳ୍ପରେ ମଣିଷର ରହସ୍ୟମୟ ସ୍ଥିତିକୁ ଦେଖାଇବାକୁ ଚେଷ୍ଟା କରିଛନ୍ତି । ତେଣୁ ସେ କହିଛନ୍ତି, 'ମଣିଷ ଏକ ଚିରରହସ୍ୟମୟ ଶେଷହୀନ ଗ୍ରନ୍ଥ' । ପୁଣି ସେ ସ୍ୱୀକାର କରିଛନ୍ତି, "ମୁଁ ଗଭୀର ଭାବେ ବିଶ୍ୱାସ କରେ ଯେ ଜଣେ ଲୋକ ହତାଶ, ବ୍ୟର୍ଥ ନ ହେଲେ ବଡ଼ ଲେଖକ ହୋଇପାର ନାହିଁ ।" ସୁତରାଂ ଏହା ସ୍ପଷ୍ଟହୁଏ ଯେ, ଅଖିଳମୋହନଙ୍କ ବ୍ୟକ୍ତିଗତ ଜୀବନର ନୈରାଶ୍ୟ ବୋଧହିଁ ତାଙ୍କର ଗଳ୍ପ ରଚନାର ପ୍ରଧାନ ରହସ୍ୟ ।

କଥାକାର ଭାବରେ ଅଖିଳ ମୋହନଙ୍କ ସୃଷ୍ଟି ସୀମିତ, ମାତ୍ର ସେହି ସୀମିତ ସୃଷ୍ଟିରେ ସିଦ୍ଧି ପ୍ରଚୁର । ବର୍ଣ୍ଣନାର ସାବଲୀଳତା ଓ ବୌଦ୍ଧିକ ପ୍ରଲେପରେ ତାଙ୍କ ଗଳ୍ପଗୁଡ଼ିକ ସୁଖପାଠ୍ୟ । ତାଙ୍କର ଗଳ୍ପ ସଂକଳନଗୁଡ଼ିକ ହେଉଛି, 'ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର' 'ଓ ଅନ୍ଧଗଳି', 'ନଦୀର ନାମ ଗଣତନ୍ତ୍ର', 'ପ୍ରଥମ ଓ ଶେଷ' । ଅନ୍ୟ ଦେଶ ନାମରେ ଏକ ଭ୍ରମଣକାହାଣୀ ତାଙ୍କ ପ୍ରତିଭାର ସ୍ୱାକ୍ଷର ବହନ କରିଛି । 'ଓ ଅନ୍ଧଗଳି' ପୁସ୍ତକ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଛନ୍ତି । ଭୁବନେଶ୍ୱରରୁ ପ୍ରକାଶିତ 'ସମାବେଶ' ପତ୍ରିକାର ସେ ଥିଲେ ସମ୍ପାଦକ ।

ତାଙ୍କର ଆବିର୍ଭାବ ହୁଏ ୧୮.୧୨.୧୯୨୭ ମସିହାରେ ଏବଂ ତିରୋଧାନ ହୁଏ ତା ୨୯.୧୨.୧୯୮୨ ମସିହାରେ ।

**(ଖ) ଗଳ୍ପ ସମ୍ପର୍କରେ :**

'ରୂପନାରାୟଣ ସାହା' ଗଳ୍ପଟି ଗାଳ୍ପିକଙ୍କ ପ୍ରଥମ ଗଳ୍ପସଂକଳନ 'ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର' ଗଳ୍ପର ଅନ୍ୟତମ ଗଳ୍ପ । ଗଳ୍ପଟିକୁ ଗାଳ୍ପିକ ଅନ୍ୟାନ୍ୟ ଗଳ୍ପ ଭଳି ପ୍ରଥମ ପୁରୁଷ ଭାବରେ ପ୍ରକାଶ କରିଛନ୍ତି । ଗଳ୍ପନାୟକ ଅଶୋକ ସନ୍ଧ୍ୟା ସମୟରେ ବୁଲିଯାଇଛନ୍ତି ବନାରସ ସହରକୁ । ସନ୍ଧ୍ୟାର ପ୍ରାକ୍ ପର୍ଯ୍ୟାୟରେ ସେ ବନାରସ ସହରକୁ ଯେତିକି ଦେଖି ବିଭୋର ହୋଇଛନ୍ତି, ସେତିକି ମନେପକାଇଛନ୍ତି ଅତୀତ ଦିନକୁ । ବନାରସର ରାଜପଥ, କାଶୀବିଶ୍ୱନାଥ ମନ୍ଦିର, ଡାଲ୍ ମଣ୍ଡିର ହତଶ୍ରୀ ସଭ୍ୟତା, ଗଙ୍ଗା ନଦୀର ନିତ୍ୟ ନୂତନ ଦୃଶ୍ୟ ତାଙ୍କ ମନକୁ ଗଭୀର ଭାବେ ଆଲୋଡ଼ିତ କରିଛି । ପିଲାଦିନେ ସେ ଗଙ୍ଗାନଦୀରେ ରାମନଗରରୁ ଫେରୁଥିବା କଥାକୁ ସେ ଭଲ ଭାବରେ ମନେ ପକାଇଛନ୍ତି । ସେହି ଅବସରରେ ତାଙ୍କର ମନେ ପଡ଼ିଛି, ପାଞ୍ଚଟଙ୍କା ଦରମାର ଟ୍ୟୁସନ୍ ମାଷ୍ଟରଙ୍କ କଥା । ତାଙ୍କ ଘରକୁ ଯାଇ ସେ ଦେଖିଛନ୍ତି, ମାଷ୍ଟରଜୀଙ୍କ ଦୟନୀୟ ପରିସ୍ଥିତିକୁ । ମାଷ୍ଟରଜୀ ରିକ୍ସା ଚାଳକ ଭାବରେ

ଜୀବନ ବିତାଉଥିବାରୁ ସେ ଗଭୀର ଆଘାତ ପାଇଛନ୍ତି । ସେ ଶିକ୍ଷାବିଭାଗ ସର୍ବୋଚ୍ଚ ଅଧିକାରୀ ହୋଇ ମଧ୍ୟ ନିଜର ପରିଚୟ ଦେଇପାରି ନାହାଁନ୍ତି ବରଂ ନିଜକୁ ଦୋଷୀ ମନେକରିଛନ୍ତି ।

ଗଳ୍ପଟିରେ ଆମର ଶିକ୍ଷାବ୍ୟବସ୍ଥା ଓ ଶିକ୍ଷକଙ୍କ ଜୀବନର ଦୁଃଖଦ ପରିସ୍ଥିତିକୁ ନିଚ୍ଛକ ଭାବେ ଉପସ୍ଥାପନ କରାଯାଇଛି ।

## ପ୍ରଶ୍ନାବଳୀ

**କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧. 'ରୂପନାରାୟଣ ସାହା' ଗଳ୍ପଟି କେଉଁ ସମୟର କଥା କହିଛି ?

(ଗୁଡ୍‌ଫ୍ରାଇଡ଼େ ଛୁଟି, କ୍ରିସ୍ମାସ ଛୁଟି, ନିଉଇୟର ଛୁଟି, ଏକ୍‌ସମାସ ଛୁଟି)

ଉ.: କ୍ରିସ୍ମାସ ଛୁଟି ।

୨. 'ଭାରତ ଭୂମିର ଅସଂଖ୍ୟ ପୁଣ୍ୟ କାଙ୍ଗାଳ ଜନତାର ଚିର ଇପ୍‌ସିତ ସ୍ଥାନ ବୋଲି କାହାକୁ କୁହାଯାଇଛି ?

(ତିରୁପତି, ବୃନ୍ଦାବନ, ମଥୁରା, ବନାରସ୍)

ଉ.: ବନାରସ୍ ।

୩. ବନାରସରେ କେଉଁ ମନ୍ଦିର ଅବସ୍ଥିତ ?

(ସୋମନାଥ, କେଦାରନାଥ, କାଶୀବିଶ୍ୱନାଥ, ବଦ୍ରିନାଥ)

ଉ.: କାଶୀବିଶ୍ୱନାଥ ।

୪. ହତଶ୍ରୀ ସଭ୍ୟତାର ଡଷ୍ଟବିନ୍ ବୋଲି କାହାକୁ କୁହାଯାଇଛି ?

(ଡାଲ୍‌ମଣ୍ଡି, ରାନ୍‌ନଗର, ସଦର୍‌ବଜାର, ଗୋଧୂଳିଆ)

ଉ.: ଡାଲ୍‌ମଣ୍ଡି ।

୫. ଗୋଧୂଳି ଓ ଗଙ୍ଗାଜୀ- ଉଭୟଙ୍କୁ କ'ଣ ବୋଲି କୁହାଯାଇଛି ?

(ମାନମୟୀ, ପ୍ରେମମୟୀ, ରହସ୍ୟମୟୀ, ଭାବମୟୀ)

ଉ.: ରହସ୍ୟମୟୀ ।

୬. ଗଙ୍ଗାର କେଉଁ ରଙ୍ଗର ପାଣି ଲାଲେ-ଲାଲ୍ ଲାଗୁଥିଲା ?

(ପେସ୍ତା, ଗହମ, ବାଜରା, ବାଦାମ୍)

ଉ.: ଗହମ ।

୭. ନୌକାର ପାଲ କେତେ ଫଣା ବାସୁକୀ ପରି ନଇଁଯାଇ ଉପରକୁ ଉଠିଯାଏ ବୋଲି କୁହାଯାଇଛି ?

(ସପ୍ତ ଫଣା, ଶତ ଫଣା, ସହସ୍ର ଫଣା, ସହସ୍ରାଧିକ ଫଣା)

ଉ.: ସହସ୍ର ଫଣା ।

୮. ଅଶୋକଙ୍କ ବାପା ବନାରସରେ କି ଚାକିରି କରିଥିଲେ ?

(ପୋଲିସ ଅଫିସର, ମିଲିଟାରୀ ମେଜର, ପ୍ରଫେସର, ମିଲିଟାରୀ ଡାକ୍ତର)

ଉ.: ମିଲିଟାରୀ ଡାକ୍ତର ।

୯. କାହାର ଅଦୃଶ୍ୟ ଇଙ୍ଗିତରେ ନୌକା ଘାଟରେ ଲାଗିଥିଲା ?

(ମାଝିର, କର୍ପୋରେସନର, ପୋଲିସଷ୍ଟେସନର, ମାଜିଷ୍ଟ୍ରେଟଙ୍କର)

ଉ.: କର୍ପୋରେସନର ।

୧୦. କିଏ ଇଂରାଜୀ ଭାଷାରେ ବିରକ୍ତି ପ୍ରକଟ କରି କହିଥିଲେ- 'ଇଡ଼ିୟଟ୍ସ' ?

(ବାପା, ବଡ଼ଭାଇ, ଦାଦା, ମାଆ)

ଉ.: ବଡ଼ଭାଇ ।

୧୧. ରାମନଗର ଦେଖିସାରି ଗଙ୍ଗାପାର ହେଉଥିବା ବେଳେ ଅଶୋକଙ୍କ ବୟସ କେତେ ଥିଲେ ?

(ବାର, ଏଗାର, ଦଶ, ଆଠ)

ଉ.: ଦଶ ।

୧୨. ଅଶୋକର ପିଠି ଉପରେ ମାଷ୍ଟରଜୀଙ୍କ ବଡ଼ପାପୁଲି କିପରି କମ୍ପି ଉଠିଥିଲା ?

(ଦେବଦାରୁପତ୍ର ପରି, ବରପତ୍ର ପରି, କଦଳୀପତ୍ର ପରି, ଅଶ୍ୱତ୍ଥ ପତ୍ର ପରି)

ଉ.: ଅଶ୍ୱତ୍ଥ ପତ୍ର ପରି ।

୧୩. ମାଷ୍ଟରଜୀ କେତେଟଙ୍କା ଦରମାରେ ଅଶୋକର ଟ୍ୟୁସନମାଷ୍ଟର ଥିଲେ ?

(ପାଞ୍ଚଟଙ୍କା, ଛଅଟଙ୍କା, ସାତଟଙ୍କା, ଦଶଟଙ୍କା)

ଉ.: ପାଞ୍ଚଟଙ୍କା ।

୧୪. ମାଷ୍ଟରଜୀଙ୍କ ପ୍ରତିଟି ତନ୍ତ୍ରୀ, ପ୍ରତିଟି ରେଣୁକୁ ଉଜ୍ଜୀବିତ କରି କିଏ ନିଜକୁ ପ୍ରକାଶ କରୁଥିଲା ?

(ବିବେକ, ବିଚାର, ଜ୍ଞାନ, ସତ୍ୟ)

ଉ.: ସତ୍ୟ ।

୧୫. ମନ୍ନୁ ଦାନ୍ତ ଦେଖାଇଲେ ମାଷ୍ଟରଜୀ ଡରି ଅସ୍ଥିର ହୋଇଥାନ୍ତି ।

(ପିକଚଞ୍ଚୁ ପରି, ଚିଲଚଞ୍ଚୁ ପରି, କାକଚଞ୍ଚୁ ପରି, ଶୁକଚଞ୍ଚୁ ପରି)

ଉ.: ଶୁକଚଞ୍ଚୁ ପରି ।

୧୬. ଅଶୋକଙ୍କର ଡାକନାମ କ'ଣ ଥିଲା ?

(ମନ୍ନୁ, ମୁନ୍ନା, ଚିନ୍ନା, କାହ୍ନା)

ଉ.: ମୁନ୍ନା ।

୧୭. କାହାର ନାମ ମନ୍ନୁ ଦିଆଯାଇଥିଲା ?

(କୁକୁର ଛୁଆର, ବଣି ଛୁଆର, ପାତି ମାଙ୍କଡ଼ ଛୁଆର, ପୋଷା ବିଲେଇ ଛୁଆର)

ଉ.: ପାତି ମାଙ୍କଡ଼ ଛୁଆର ।

୧୮. ମାତାଜୀଙ୍କ ହାତ ତିଆରି କେଉଁ ଖାଦ୍ୟ ଥରେ ଯେ ଖାଇଛି ସେ ଜୀବନସାରା ଭୁଲି ପାରିବନି ବୋଲି କୁହାଯାଇଛି ?

(ପକୁଡ଼ି, ଉପମା, ସନ୍ଦେଶ, ହାଲୁଆ)

ଉ.: ହାଲୁଆ ।

୧୯. ଉତ୍ତର ଭାରତ ବ୍ୟାପୀ ପ୍ରାଥମିକ ଶିକ୍ଷକ ଧର୍ମଘଟରେ ମାଷ୍ଟରଜୀ କ'ଣ ଥିଲେ ?

(ବିଦ୍ରୋହୀ, ସମର୍ଥକ, ପୁରୋଧା, ପଳାତକ)

ଉ.: ପୁରୋଧା ।

୨୦. ଧର୍ମଘଟ ବେଳେ ମାଷ୍ଟରଜୀଙ୍କ ଦରମା କେତେ ଥିଲା ?

(ପନ୍ଦର ଟଙ୍କା, ତେର ଟଙ୍କା, ଏଗାର ଟଙ୍କା, ଦଶ ଟଙ୍କା)

ଉ.: ତେର ଟଙ୍କା ।

୨୧. ମାଷ୍ଟରଜୀଙ୍କୁ କେଉଁ ରୋଗ ହୋଇଥିଲା ବୋଲି ଡାକ୍ତର କହିଥିଲେ ?

(ପ୍ଲୁରେସି, ଡିସେଣ୍ଟ୍ରି, ଡାଏବେଟିକ୍, ନିମୋନିଆ)

ଉ.: ପ୍ଲୁରେସି ।

୨୨. ମାଷ୍ଟରଜୀଙ୍କ ପୁଅର ନାମ କ'ଣ ଥିଲା ?

(ରାମଗୋପାଳ, ରାମଦୁଲାଳ, ରାମସରନ୍, ରାମମନୋହର)

ଉ.: ରାମସରନ୍ ।

୨୩. ମାଷ୍ଟରଜୀଙ୍କ ସ୍ତ୍ରୀ ନାମ କ'ଣ ଥିଲା ?

(ରୂପା, ସୁନା ହୀରା, ପଦ୍ମା)

ଉ.: ରୂପା ।

୨୪. ମାଷ୍ଟରଜୀ ତାଙ୍କ କାହାଣୀରେ କେଉଁ ସିଂହ କଥା କହୁଥିଲେ ?

(ଚେକୋସ୍ଲୋଭିଆର, ଆଲେକ୍‌ଜାଣ୍ଡ୍ରିଆର, ଆଣ୍ଡ୍ରୋସିଲିସ୍‌ର, କାଲିଫର୍ଣ୍ଣିଆର)

ଉ.: ଆଣ୍ଡ୍ରୋସିଲିସ୍‌ର ।

୨୫. କାହାର ଭୀରୁ ସଂକୁଚିତ ବିବେକ ନେଇ ଅଶୋକ ରାସ୍ତାରେ ଚାଲିଥିଲେ ?

(ହତ୍ୟାକାରୀର, ପ୍ରଶାସକର, ବିଶ୍ୱାସଘାତକର, ଅବିବେକୀର)

ଉ.: ହତ୍ୟାକାରୀର ।

୨୬. ଏ ଜାତିକୁ କ'ଣ ନୂଆକରି ଦେବାକୁ ମାଷ୍ଟରଜୀ କହୁଥିବା ପରି ଅଶୋକର ମନେ ହୋଇଛି ?

(ପ୍ରାଥମିକ ଶିକ୍ଷା, ଉପଯୁକ୍ତ ଶିକ୍ଷା, ନୈତିକ ଶିକ୍ଷା, ମାଧ୍ୟମିକ ଶିକ୍ଷା)

ଉ.: ପ୍ରାଥମିକ ଶିକ୍ଷା ।

୨୭. ଏ ଜାତି ଧୀରେ ଧୀରେ କାହା କୁଣ୍ଡଳିର ଶୀତ-ଶଯ୍ୟାରୁ ଚଞ୍ଚଳହୋଇ ଉଠିବ ବୋଲି କୁହାଯାଇଛି ?

(ଗୋଖର, ଅଜଗର, ଅହିରାଜ, ଶଙ୍ଖଚୂଡ଼)

ଉ.: ଅହିରାଜ ।

(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧. ବନାରସ ରାସ୍ତାରେ ଲୋକଙ୍କ ଧାଡ଼ି କେଉଁପରି ଲାଗୁଥିଲା ବୋଲି କୁହାଯାଇଛି ?

ଉ.: ବନାରସ ରାସ୍ତାରେ ଲୋକଙ୍କ ଧାଡ଼ି ଜମାଟ ବାନ୍ଧି ଯାଇଥିବା ବରଫ ପରି ଲାଗୁଥିଲା ବୋଲି କୁହାଯାଇଛି ।

୨. ରୂପ-ପିୟାସୀ ନାଗରିକଙ୍କ ତୀର୍ଥ କିଏ ?

ଉ.: ରୂପ-ପିୟାସୀ ନାଗରିକଙ୍କ ତୀର୍ଥ ଡାଲମଣ୍ଡି ।

୩. ଗଙ୍ଗାର ଲାଲେ-ଲାଲ୍ ପାଣି ମୁକ୍ତକେଶୀ ଦ୍ରୌପଦୀଙ୍କ କେଉଁ ଦୃଶ୍ୟ ପରି ମନେହୋଇଛି ?

ଉ.: ଗଙ୍ଗାର ଲାଲେ-ଲାଲ୍ ପାଣି ମୁକ୍ତକେଶୀ ଦ୍ରୌପଦୀଙ୍କ ବେଣୀ ବନ୍ଧନ ଦୃଶ୍ୟ ପରି ମନେହୋଇଛି ।

୪. ବହୁ ଯାତ୍ରୀବାହୀ ନୌକା କେଉଁପରି ଗଙ୍ଗାର ଏ କୂଳରୁ ସେ କୂଳକୁ ଯାତାୟତ କରୁଥିବାର କୁହାଯାଇଛି ?

ଉ.: ବହୁ ଯାତ୍ରୀବାହୀ ନୌକା ଉଜ୍ଜ୍ୱଳ ଚକ୍ରବାଳର ପଟ୍ଟଭୂମିରେ ସିଲହୁଟ ଛବି ପରି ଗଙ୍ଗାର ଏ କୂଳରୁ ସେ କୂଳକୁ ଯାତାୟତ କରୁଥିବାର କୁହାଯାଇଛି ।

୫. ହରିଶ୍ଚନ୍ଦ୍ରଘାଟ ପରେ ନୌକା କେଉଁ ଘାଟରେ ପହଞ୍ଚିବ ବୋଲି କୁହାଯାଇଛି ?

ଉ.: ହରିଶ୍ଚନ୍ଦ୍ରଘାଟ ପରେ ଦଶାଶ୍ୱମେଧ ଘାଟରେ ନୌକା ପହଞ୍ଚିବ ବୋଲି କୁହାଯାଇଛି ।

୬. ମାଝିର ଭାଷା କେଉଁସବୁ ଭାଷାର ମିଶାମିଶି ଭାଷା ଥିଲା ?

ଉ.: ମାଝିର ଭାଷା ହିନ୍ଦୀ, ମୈଥିଳୀ ଓ ଭୋଜପୁରୀ ଭାଷାର ମିଶାମିଶି ଭାଷା ଥିଲା ।

୭. ହର୍ ଆଦ୍‌ମିକୋ କେତେ ଟ୍ୟାକ୍‌ସ ଲାଗିବ ବୋଲି ମାଝି କହିଛି ।

ଉ.: ହର୍ ଆଦ୍‌ମିକୋ ଏକ୍ ଏକ୍ ରୁପିୟା ଟ୍ୟାକ୍‌ସ ଲାଗିବ ବୋଲି ମାଝି କହିଛି ।

୮. ସୁବିଧାବାଦୀ ସାନ ଭଉଣୀ ଖନେଇ ଖନେଇ କ'ଣ କହିଥିଲା ?

ଉ.: ସୁବିଧାବାଦୀ ସାନ ଭଉଣୀ ଖନେଇ ଖନେଇ ଭାଇର ଆଉ ପ୍ୟାଣ୍ଟ କିଣା ହେବନାହିଁ କହିଥିଲା ।

୯. ଜେଜେମା'ଙ୍କର କେଉଁ ଆଦେଶ ପିଲାଦିନେ ଅଶୋକ ଅମାନ୍ୟ କରିଥିଲା ?

ଉ.: ଜେଜେମା'ଙ୍କର ଅଫିମ ଆଣିବା ଆଦେଶକୁ ପିଲାଦିନେ ଅଶୋକ ଅମାନ୍ୟ କରିଥିଲା ।

୧୦. ଆର୍ଦ୍ର, ବାଷ୍ପାକୁଳ କଣ୍ଠରେ କ'ଣ ମିଶି ମାଷ୍ଟରଜୀଙ୍କ କଣ୍ଠସ୍ୱର ଅଦ୍‌ଭୁତ ଶୁଣାଯାଉଥିଲା ?

ଉ.: ଆର୍ଦ୍ର, ବାଷ୍ପାକୁଳ କଣ୍ଠରେ କ୍ରୋଧର ଉତ୍ତେଜନା ମିଶି ମାଷ୍ଟରଜୀଙ୍କ କଣ୍ଠସ୍ୱର ଅଦ୍‌ଭୁତ ଶୁଣାଯାଉଥିଲା ।

୧୧. ଗତାୟୁ ଗୋଧୂଳିର ସେଇ ଲଗ୍ନରେ ଅଶୋକ ପ୍ରଥମଥର ପାଇଁ କ'ଣ ଅନୁଭବ କରିଥିଲେ ?

ଉ.: ଅଶୋକ ଗତାୟୁ ଗୋଧୂଳିର ସେଇ ଲଗ୍ନରେ ମାଷ୍ଟର ଜୀଙ୍କର ସମଗ୍ର ସତ୍ତାକୁ ଅନୁଭବ କରିଥିଲେ ।

୧୨. ଡୁହାଇ ଡୁହାଇ କେଉଁକଥା ଅଶୋକଙ୍କ ମନ ଭିତରେ ଉତୁରି ପଡୁଥିଲା ?

ଉ.: ଶୈଶବର ଡୁହାଇ ଡୁହାଇ ସ୍ମୃତି ଅଶୋକଙ୍କ ମନ ଭିତରେ ଉତୁରି ପଡୁଥିଲା ।

୧୩. ମାଷ୍ଟରଜୀଙ୍କ ଦୁଇଟି ଶିଷ୍ୟଙ୍କ ନାମ କ'ଣ ଥିଲା ?

ଉ.: ମାଷ୍ଟରଜୀଙ୍କ ଦୁଇଟି ଶିଷ୍ୟଙ୍କ ନାମ - ମୁନ୍ନା ଏବଂ ମନ୍ନୁ ।

୧୪. ମାଷ୍ଟରଜୀ କେତେବେଳେ ଡରି ଅସ୍ଥିର ହୋଇଥା'ନ୍ତି ?

ଉ.: ମାଷ୍ଟରଜୀ କେତେବେଳେ ଡରି ଅସ୍ଥିର ହୋଇଥା'ନ୍ତି ?

୧୫. କେଉଁ ପୋଷାକରେ ମାଷ୍ଟରଜୀ ତାଙ୍କୁ ଚିହ୍ନି ପାରିବେନି ବୋଲି ଅଶୋକ ଆଶଙ୍କା କରିଥିଲେ ?

ଉ.: ସୁଟ୍ ଓ ଟାଇର ପୋଷାକରେ ମାଷ୍ଟରଜୀ ତାଙ୍କୁ ଚିହ୍ନି ପାରିବେନି ବୋଲି ଅଶୋକ ଆଶଙ୍କା କରିଥିଲେ ।

୧୬. ମାଷ୍ଟରଜୀଙ୍କୁ ଚଟ୍‌କରି ଚିହ୍ନିନେବା ପରେ ଅଶୋକ ପ୍ରଥମ କ'ଣ କରିବେ ବୋଲି କହିଛନ୍ତି ?

ଉ.: ମାଷ୍ଟରଜୀଙ୍କୁ ଚଟ୍‌କରି ଚିହ୍ନିନେବା ପରେ ଅଶୋକ ପ୍ରଥମେ ତାଙ୍କର ପାଦଧୂଳି ନେବେ ବୋଲି ଅଶୋକ କହିଛନ୍ତି ।

୧୭. ପୋଷ୍ଟ ଅଫିସର ସାମ୍ନାରେ ଦୁଇଟି ରାସ୍ତା ଦୁଇଆଡ଼କୁ କିପରି ବାଙ୍କିଯାଇଛି ବୋଲି କୁହାଯାଇଛି ?

ଉ.: ପୋଷ୍ଟ ଅଫିସର ସାମ୍ନାରେ ଦୁଇଟି ରାସ୍ତା ଦୁଇଆଡ଼କୁ ଯୂପକାଷ୍ଠ ପରି ବାଙ୍କିଯାଇଛି ବୋଲି କୁହାଯାଇଛି ।

୧୮. ପିଣ୍ଡା ଉପରେ ଗପ ଜମେଇଥିବା କେଇଜଣଙ୍କୁ ଅଶୋକ କ'ଣ ପଚାରିଥିଲେ ?

ଉ.: ପିଣ୍ଡା ଉପରେ ଗପ ଜମେଇଥିବା କେଇଜଣଙ୍କୁ ଅଶୋକ- "କହିପାରିବେ, ରୂପ ନାରାୟଣଜୀ କେଉଁଠି ରହନ୍ତି' ବୋଲି ପଚାରିଥିଲେ ।

୧୯. 'ରୂପନାରାୟଣକି ସୋନେକା ଦୁକାନ୍' କେଉଁଠି ଥିଲା ବୋଲି କୁହାଯାଇଛି ?

ଉ.: 'ରୂପନାରାୟଣକି ସୋନେକା ଦୁକାନ୍' ଗୋଧୂଳିଆ ପର ଥିଲା ବୋଲି କୁହାଯାଇଛି ।

୨୦. କେଉଁ ଆଖିର ଏକ୍‌ସରେ ଦେଇ ରିକ୍‌ସାବାଲା ଅଶୋକଙ୍କ ଅଭ୍ୟନ୍ତରକୁ ଦେଖିବାକୁ ଚେଷ୍ଟା କରୁଥିଲା ?

ଉ.: ରିକ୍ସାବାଲା ତା'ର ପଚଲ ଲଗା ପେଚୁଆ ଆଖିର ଏକ୍‌ସରେ ଦେଇ ଅଶୋକଙ୍କ ଅଭ୍ୟନ୍ତରକୁ ଦେଖିବାକୁ ଚେଷ୍ଟା କରୁଥିଲା ।

୨୧. ମନୁଷ୍ୟ କଥା କହିବା ଅପେକ୍ଷା କେଉଁଥିରେ ଯଥେଷ୍ଟ ବେଶି ପ୍ରକାଶ କରିପାରେ ?

ଉ.: ମନୁଷ୍ୟ କଥା କହିବା ଅପେକ୍ଷା ନିରବରେ ତାଠାରୁ ଯଥେଷ୍ଟ ବେଶି ପ୍ରକାଶ କରିପାରେ ।

୨୨. କେଉଁଥିରେ ତାଙ୍କର ଗୋଟାଏ ବଡ଼ ସମାଧାନ ହୋଇଯାଇଛି ବୋଲି ମାଷ୍ଟରଜୀ ଅଶୋକଙ୍କୁ କହିଥିଲେ ?

ଉ.: ସ୍ତ୍ରୀଙ୍କ ମୃତ୍ୟୁରେ ତାଙ୍କର ଗୋଟିଏ ବଡ଼ ସମାଧାନ ହୋଇଯାଇଛି ବୋଲି ମାଷ୍ଟରଜୀ ଅଶୋକଙ୍କୁ କହିଥିଲେ ।

୨୩. ଝାଙ୍କ କାଶରେ ମାଷ୍ଟରଜୀଙ୍କର କ'ଣ ଦୋହଲି ଯାଉଥିଲା ?

ଉ.: ଝାଙ୍କ କାଶରେ ମାଷ୍ଟରଜୀଙ୍କର ଦୀପ୍ତ କଙ୍କାଳଗୁଡ଼ିକ ଦୋହଲି ଯାଉଥିଲା ।

୨୪. ବଡ଼ ପିଲାଦିନୁ 'ରାମସରନ୍' ଉପରେ କ'ଣ ପଡ଼ିଗଲା ବୋଲି କୁହାଯାଇଛି ?

ଉ.: ବଡ଼ ପିଲାଦିନୁ 'ରାମସରନ୍' ଉପରେ ଅନେକ ଦାୟିତ୍ୱ ପଡ଼ିଗଲା ବୋଲି କୁହାଯାଇଛି ।

୨୫. କାହାର ଆକାଶ ଉପରେ ଅନ୍ଧାର ଜମି ଆସିଛି ବୋଲି କୁହାଯାଇଛି ?

ଉ.: ବନାରସର ବଜାର ଆକାଶ ଉପରେ ଅନ୍ଧାର ଜମି ଆସିଛି ବୋଲି କୁହାଯାଇଛି ।

୨୬. କେଉଁଥିରେ ମାଷ୍ଟରଜୀଙ୍କର ଅସାଧାରଣ ଦକ୍ଷତା ଥିଲା ?

ଉ.: କାହାଣୀ କହିବାରେ ମାଷ୍ଟରଜୀଙ୍କର ଅସାଧାରଣ ଦକ୍ଷତା ଥିଲା ।

୨୭. କାହାଣୀର ପ୍ରତ୍ୟେକଟି ଚରିତ୍ରକୁ ମାଷ୍ଟରଜୀ କ'ଣ କରି ପାରୁଥିଲେ ?

ଉ.: କାହାଣୀର ପ୍ରତ୍ୟେକଟି ଚରିତ୍ରକୁ ମାଷ୍ଟରଜୀ ଜୀବନ୍ତକରି ତୋଳିଧରି ପାରୁଥିଲେ ।

୨୮. ଏଇ ବିଶ୍ୱର ବିରାଟ ବହି ଉପରେ କାହାଙ୍କ ହୃତ୍‌ପଦ୍ମର ସ୍ପନ୍ଦନ ଅଶୋକ ଶୁଣିପାରିଛନ୍ତି ?

ଉ.: ଏଇ ବିଶ୍ୱର ବିରାଟ ବହି ଉପରେ ବହୁ ବିଚିତ୍ର ମନୁଷ୍ୟ ନାୟକ ନାୟିକାର ହୃତ୍‌ପଦ୍ମର ସ୍ପନ୍ଦନ ଅଶୋକ ଶୁଣିପାରିଛନ୍ତି ।

୨୯. କର୍ପୋରେସନ କର୍ମଚାରୀ କ'ଣ କରୁଥିବାର କୁହାଯାଇଛି ?

ଉ.: କର୍ପୋରେସନ କର୍ମଚାରୀ ଲାଇଟ ପୋଷ୍ଟ ଦେହରେ ଶିଢ଼ିଆଉ ଜେଇ ଆଲୁଅ ଜାଳିବାକୁ ଉପରକୁ ଉଠୁଛି ।

୩୦. ପଳାପଳା କରି କିରାସିନି ମାପି ଦେଉଥିବା ବୃଦ୍ଧାଟିର ବୟସ କେତେ ଥିଲା ?

ଉ.: ପଳାପଳା କରି କିରାସିନି ମାପି ଦେଉଥିବା ବୃଦ୍ଧାଙ୍କର ବୟସ ୭୦ ଉପରେ ।

୩୧. "କୈସାଇ ହୁଆ ଦିମାକ ବିଗଡ଼୍ ଗେ"– କାହାକୁ ଲକ୍ଷ୍ୟ କରି ଏହା କୁହାଯାଇଛି ?

ଉ.: ମାଷ୍ଟରଜୀଙ୍କ ମା'ଙ୍କୁ ଲକ୍ଷ୍ୟ କରି ଏହା କୁହାଯାଇଛି ।

୩୨. କ୍ୟାଣ୍ଟନମେଣ୍ଟ ରୋଡ୍‌ର କେଉଁ ରାସ୍ତାରେ ଅଶୋକ ଧୀରେ ଧୀରେ ପାଦ ଗଣି ଗଣି ଚାଲୁଥିଲେ ?

ଉ.: କ୍ୟାଣ୍ଟନମେଣ୍ଟ ରୋଡ୍‌ର ମସୃଣ ମ୍ୟାକାଡ଼ାମାଇଜଡ୍ ରାସ୍ତାରେ ଅଶୋକ ଧୀରେ ଧୀରେ ପାଦ ଗଣି ଗଣି ଚାଲୁଥିଲେ ।

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧. କାଶୀ ବିଶ୍ୱନାଥ ମନ୍ଦିରର ରାସ୍ତା ସମ୍ପର୍କରେ କ'ଣ ବର୍ଣ୍ଣନା କରାଯାଇଛି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । କାଶୀବିଶ୍ୱନାଥ ମନ୍ଦିରର ରାସ୍ତା ନାତି ପ୍ରଶସ୍ତ, ଅଳ୍ପ ଆଗରେ ଦୀର୍ଘ ସଂକୀର୍ଣ୍ଣ ଉପ ପଥର ବର୍ଣ୍ଣନା କରାଯାଇଛି ।

୨. ଡାଲ୍‌ମଣ୍ଡିର ସନ୍ଧ୍ୟା ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ନାୟିକାର ଆଖିର ବର୍ଚ୍ଛାରେ ଡାଲମଣ୍ଡିରେ ସନ୍ଧ୍ୟା ଆସେ ।

୩. କେଉଁ ଆଖି ନେଇ ଅଶୋକ ଆଉଥରେ ଗଙ୍ଗା-ଗୋଧୂଳିର କରୁଣ ଏକାକିକା ଦେଖୁଥିଲେ ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ଅଶୋକ କୈଶୋରର କୌତୂହଳୀ ଆଖିଦେଇ ଆଉଥରେ ଗଙ୍ଗା ଗୋଧୂଳିର କରୁଣ ଏକାକିକା ଦେଖୁଥିଲେ ।

୪. ଉଜ୍ଜ୍ୱଳ ଚକ୍ରବାଳର ପଟ୍ଟଭୂମିରେ ଯାତ୍ରୀବାହୀ ନୌକାଗୁଡ଼ିକ ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ଉଜ୍ଜ୍ୱଳ ଚକ୍ରବାଳର ପଟ୍ଟଭୂମିରେ ସିଲହୁଟ ଛବି ପରି ନୌକା ଏ କୂଳରୁ ସେ କୂଳକୁ ଯାଉଥିବା ସମ୍ପର୍କରେ ବର୍ଣ୍ଣନା କରାଯାଇଛି ।

୫. ଅଶୋକଙ୍କ ପୁରାତନ ଅନୁଭୂତିର ରୋମନ୍ଥନ କିପରି ଅନୁଭୂତ ହେଉଥିଲା ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ଅନୁଭୂତିର ସମୁଦ୍ର ମନ୍ଥନରେ ଅଶୋକଙ୍କ ପୁରାତନର ସ୍ମୃତି ବୁଦ୍‌ବୁଦ୍ ଭଳି ଭାସି ଉଠୁଥିଲା ।

୬. ପବନର ପ୍ରତିକୂଳରେ ମାଝି କ'ଣ କରୁଥିଲା ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ପବନର ପ୍ରତିକୂଳରେ ମାଝି ଆହୁଲା ମାରୁଥିଲା ।

୭. କର୍ପୋରେସନର ଅଦୃଶ୍ୟ ଇଙ୍ଗିତରେ କ'ଣ ହୋଇଥିଲା ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । କର୍ପୋରେସନର ଅଦୃଶ୍ୟ ଇଙ୍ଗିତରେ ବାଧ୍ୟ ଶିଶୁ ଭଳି ନୌକା ଘାଟରେ ଲାଗିଲା ।

୮. ରାମ୍‌ନଗରର ଜଲିଟ୍ରିପ୍‌ଟାକୁ କିପରି କିଣିବାକୁ ହେଲା ବୋଲି କୁହାଯାଇଛି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ଯୁଦ୍ଧ ସମୟର କଳା ବଜାର ପଇସାରେ ରାମ୍‌ନଗରର ଜଲିଟ୍ରିପ୍‌ଟାକୁ କିଣିବାକୁ ହେଲା ବୋଲି କୁହାଯାଇଛି ।

୯. ବାପା କ'ଣ ଆରମ୍ଭ କରି ଦେଇଥିଲେ ବୋଲି କୁହଯାଇଛି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ବାପା ଆରମ୍ଭ କରିଦେଲେ ସବୁ ବଡ଼ ମଣିଷଙ୍କ ସାଙ୍ଗରେ ତୁ ବି ଜଣେ ବଡ଼ ମଣିଷ ହୋଇଗଲୁଣି ।

୧୦. ସାନଭଉଣୀର କରୁଣ ମିନତି ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ସାନଭଉଣୀର ଶିକାର ଆଚାର ଚୋରି କରିବାର କରୁଣ ମିନତି ସମ୍ପର୍କରେ କୁହାଯାଇଛି ।

୧୧. ଅଶୋକଙ୍କ ସମ୍ପର୍କରେ ଜେଜେ ମା'ଙ୍କ ଟିପ୍‌ପଣୀ କ'ଣ ଥିଲା ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ଜେଜେମା' ଅଶୋକ ସମ୍ପର୍କରେ ଟିପ୍ପଣୀ କରି କହିଲେ- ଅଶୋକ ଡବଡବି ଓ ଅଫିମ ପାଇଁ ବଜାର ଯିବା ଆଦେଶକୁ ସେ ଅମାନ୍ୟ କରେ ।

୧୨. ଆପଣମାନେ ଯେ କ'ଣ କଲେ କହି ମାଷ୍ଟରଜୀ କ'ଣ କହିଛନ୍ତି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ଆପଣମାନେ ଯେ କ'ଣ କଲେ – କ'ଣ ଭୁଲ କରିଛି ଅଶୋକ । ସତ କହିଛି ଏଇ ତ ବୋଲି ମାଷ୍ଟରଜୀ କହିଛନ୍ତି ।

୧୩. ଅକାଳ-ପ୍ରୌଢ଼, ଚିନ୍ତାଜୀର୍ଣ୍ଣ ଦରିଦ୍ର ଶିକ୍ଷକଟି କେଉଁ ପଦକୁ ଉତ୍ତୀର୍ଣ୍ଣ ହୋଇଯାଇଥିଲେ ବୋଲି କୁହାଯାଇଛି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ଅକାଳ-ପ୍ରୌଢ଼, ଚିନ୍ତାଜୀର୍ଣ୍ଣ ଦରିଦ୍ର ଶିକ୍ଷକଟି ମୁରବୀ ପଦକୁ ଉତ୍ତୀର୍ଣ୍ଣ ହୋଇଯାଇଥିଲେ ବୋଲି କୁହାଯାଇଛି ।

୧୪. ମୁନ୍ନା ଓ ମନୁ ଭିତରେ କ'ଣ ପାର୍ଥକ୍ୟ ଥିଲା ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ମୁନ୍ନା ଓ ମନୁ ମଧ୍ୟରେ ପାର୍ଥକ୍ୟ- ମୁନ୍ନା ନିଜେ ଅଶୋକ, ମନୁ ଅଶୋକଙ୍କ ପୋଷା ପାଠି ମାଙ୍କଡ଼ ।

୧୫. ମନୁ ଦାନ୍ତ ଦେଖେଇ ଖେଙ୍କି ଦେଲେ ମାଷ୍ଟରଜୀ କ'ଣ କୁହନ୍ତି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ମନୁ ଦାନ୍ତ ଦେଖେଇ ଖେଙ୍କି ଦେଲେ ମାଷ୍ଟରଜୀ କହନ୍ତି- "ସମ୍ହାଲକେ ମୁନ୍ନା ସମହାଲକେ - ଚେନ୍ ପକଡ଼ତା ରହେ - ଅଗର ଛୁଟଯାଏ ତୋ ।

୧୬. ମାଷ୍ଟରଜୀ କପଟ ଭର୍ତ୍ସନା କରି ମନୁକୁ କ'ଣ କହିଥା'ନ୍ତି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ମାଷ୍ଟରଜୀ କପଟ ଭର୍ତ୍ସନା କରି କହନ୍ତି- "କରତା ଯାଓ ଜି"

୧୭. ପଢ଼ିସାରିଲା ବେଳକୁ ମାତାଜୀ କ'ଣ କରିଥା'ନ୍ତି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ପଢ଼ିସାରିଲା ବେଳକୁ ମାତାଜୀ ହାତରେ ପିଜୁଳି, ଆମ୍ବ [illegible] ହାଲୁଆ ଧରି ପହଞ୍ଚିଥାନ୍ତି ।

୧୮. ପିଣ୍ଡା ଉପରେ ଲୋକଙ୍କୁ ଅଶୋକ କ'ଣ ପଚାରିଥିଲେ ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ପିଣ୍ଡା ଉପରେ ବସିଥିବା ଲୋକଙ୍କୁ ଅଶୋକ ରୂପନାରାୟଣଜୀ କେଉଁଠି ରହନ୍ତି ବୋଲି ପଚାରିଥିଲେ ।

୧୯. ପିଣ୍ଡା ଉପରର ଲୋକଙ୍କ ମଧ୍ୟରୁ ଜଣେ ଅଶୋକଙ୍କ ପ୍ରଶ୍ନର କି ଉତ୍ତର ଦେଇଥିଲା ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ପିଣ୍ଡାରେ ବସିଥିବା ଲୋକମାନଙ୍କ ମଧ୍ୟରୁ ଜଣେ ଉତ୍ତର ଦେଲା- "ଗଲତ କି ଏ ହେଙ୍ଗେ ଆପ୍ ବାବୁଜୀ, ଏକ ରୂପ ନାରାୟଣ କି ସୋନେକା ଦୁକାନ ହୋଗା ମେରେ ଖିଆଲ ପର ଗୋଧୁଳି ପର ।

୨୦. ଅଶୋକ ଆଗ୍ରହରେ ବୁଝାଇ ପିଣ୍ଡା ଉପରର ଲୋକମାନଙ୍କୁ କ'ଣ କହିଥିଲେ ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ଅଶୋକ ପିଣ୍ଡା ଉପରେ ଥିବା ଲୋକମାନଙ୍କୁ ବୁଝାଇ କହିଲେ- "ମୁଁ ଅଳକାର ପାଇଁ ଆସନି - ଛୋଟ ଛୋଟ ପିଲାଙ୍କୁ ପଢ଼ାନ୍ତି - ଏଇଠି କୋଉଠି ଥାଆନ୍ତି ମାଷ୍ଟରଜୀ - ରୂପନାରାୟଣ !"

୨୧. ରିକ୍ସାବାଲାଟା ତା'ର କୋଟରଗତ ପେଙ୍କୁଆ ପେଙ୍କୁଆ ଆଖିରେ କ'ଣ ଦେଖିବାକୁ ଚେଷ୍ଟା କରୁଥିଲା ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ରିକ୍ସାବାଲାଟା ତା କୋଟରଗତ ପେଙ୍କୁଆ ପେଙ୍କୁଆ ଆଖିରେ ଅଭ୍ୟନ୍ତରକୁ ଦେଖିବାକୁ ଚେଷ୍ଟା କରୁଥିଲା ।

୨୨. ମାଷ୍ଟରଜୀଙ୍କ ପାଦଧୂଳି ନେବାକୁ ଅଶୋକ ହାତ ବଢ଼ାଇଲା ପରେ ମାଷ୍ଟରଜୀ କ'ଣ କହିଥିଲେ ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ମାଷ୍ଟରଜୀ କହିଥିଲେ- ଦୀର୍ଘଜୀବୀ ହୁଅ ତୁ ଅଶୋକ - ମନେଥିଲା ତୋର ଏଇ ବୁଢ଼ା ରୂପନାରାୟଣର କଥା ।

୨୩. ମାଷ୍ଟରଜୀଙ୍କ ସେଇ ପୁରୁଣା ପିଣ୍ଡାରେ ଅଶୋକ କାହିଁକି ମୂକ ହୋଇ ବସିଥିଲେ ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ମାଷ୍ଟରଜୀଙ୍କ ଆଜିର ଅବସ୍ଥା ସମ୍ପର୍କରେ ଉଚିତ ଅନୁଚିତ କଥା ଭାବି ଅଶୋକ ତାଙ୍କ ପୁରୁଣା ପିଣ୍ଡା ଉପରେ ମୂକ ହୋଇ ବସିଥିଲେ ।

୨୪. କେଉଁ କଥାରେ ମାଷ୍ଟରଜୀଙ୍କର ଗୋଟାଏ ବଡ଼ ସମାଧାନ ହୋଇଯାଇଥିଲା ବୋଲି ସେ କହିଛନ୍ତି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ମାଷ୍ଟରଜୀ ବର୍ଷକ ପରେ ଜେଲରୁ ଫେରି ଦେଖନ୍ତି ସ୍ତ୍ରୀ ମରିଯାଇଛି, ଗୋଟାଏ ବଡ଼ ସମାଧାନ ହୋଇଯାଇଥିଲା ବୋଲି ସେ କହିଛନ୍ତି ।

୨୫. କିଏ ସାମ୍ନାର ରିକ୍ସାକୁ ଦେଖି ଅଟକି ଯାଇଥିଲେ ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ସନ୍ଧ୍ୟା ଭ୍ରମଣ ଦୃଶ୍ୟ ସାରି ଫେରୁଥିବା ଦମ୍ପତି ସାମ୍ନାର ରିକ୍ସାକୁ ଦେଖି ଅଟକି ଯାଇଥିଲେ ।

୨୬. କାହାଣୀ-ଦକ୍ଷ ମାଷ୍ଟରଜୀଙ୍କ ଆତ୍ମକାହାଣୀର ସ୍ୱରୂପ କିପରି ଥିଲା ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । କାହାଣୀ-ଦକ୍ଷ ମାଷ୍ଟରଜୀ ତାଙ୍କ ଆତ୍ମକାହାଣୀର ଚରିତ୍ରମାନଙ୍କୁ ଜୀବନ୍ତ କରି ତୋଳି ଧରିଥିଲେ ।

୨୭. ମାତାଜୀଙ୍କ ପାଦଧୂଳି ନେଇ ଅଶୋକ ସେଥିରୁ କେଉଁ ଗନ୍ଧ ଆଘ୍ରାଣ କରିପାରୁଥିଲେ ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ମାତାଜୀଙ୍କ ପାଦଧୂଳି ନେଇ ପାଖରେ ବସିଥିବା ଅଶୋକ ହାଲୁଆର ଗନ୍ଧକୁ ଆଘ୍ରାଣ କରିପାରୁଥିଲେ ।

୨୮. ମାତାଜୀଙ୍କର ଅବସ୍ଥା ଶେଷବେଳକୁ କ'ଣ ହୋଇଯାଇଥିଲା ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ଶେଷ ଅବସ୍ଥା ବେଳକୁ ମାତାଜୀଙ୍କ ଦିମାକ୍ ବିଗିଡ଼ି ଯାଇଥିଲା ।

୨୯. ମାତାଜୀଙ୍କର କେଉଁ କଥାରେ ମାଷ୍ଟରଜୀ ସଙ୍କୁଚିତ ହୋଇଯାଉଥିଲେ ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ମାତାଜୀଙ୍କ "କ୍ୟା ତୁମ୍ହାରା ଦିମାକ୍ ବିଗଡ୍ ନେହିଁ ଗୟା ରୂପନାରାୟଣ – ବଚ୍ଚାକା ଦାଣ୍ଡତା ହେ ତୁମ୍ ।" କଥାରେ ମାଷ୍ଟରଜୀ ସଙ୍କୁଚିତ ହୋଇଯାଉଥିଲେ ।

୩୦. ମାଷ୍ଟରଜୀ ଅଶୋକଙ୍କ ହାତରେ ଖଣ୍ଡେ କାଗଜ ବଢ଼େଇ ଦେଇ ତାଙ୍କୁ କ'ଣ କହିଥିଲେ ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ମାଷ୍ଟରଜୀ ଅଶୋକଙ୍କ ହାତରେ ଖଣ୍ଡେ କାଗଜ ବଢ଼େଇ ଦେଇ କହିଲେ- "ୟେ ରହା ହମାରା ଠାହାଁକା ପତା – କଭି କଭି ୟାଦ୍ ଆୟାଏ ତୋ ଚିଠି ଲିଖେ ହଁ ।

୩୧. ମାଷ୍ଟରଜୀଙ୍କ କଥା ଅଶୋକଙ୍କର କେଉଁଠି ବୁହାଇ ବୁହାଇ ମନେପଡୁଥିଲା ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । କ୍ୟାଣ୍ଟିନମେଣ୍ଟ ରୋଡ୍‌ର ମସୃଣ ମ୍ୟାକାଡ଼ାମାଇଜଡ୍ ରାସ୍ତା ଉପରେ ଧୀରେ ପାଦ ଗଣି ଚାଲୁଥିଲା ବେଳେ ମାଷ୍ଟରଜୀଙ୍କ କଥା ଅଶୋକଙ୍କର ମନେ ପଡୁଥିଲା ।

୩୨. କେଉଁ କଥା ଇଚ୍ଛାକରି ବି ବିଶ୍ୱାସ କରିବାକୁ ଚାହାଁନ୍ତି ନାହିଁ ବୋଲି ଅଶୋକ କହିଛନ୍ତି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ଜରାଜୀର୍ଣ୍ଣ, ଦରିଦ୍ର, ରିକ୍ସାବାଲାଟି ବିଦ୍ୟାଦାତା ରୂପନାରାୟଣ, ଇଚ୍ଛା କରି ବି ବିଶ୍ୱାସ କରିବାକୁ ଚାହାନ୍ତି ନାହିଁ ବୋଲି ଅଶୋକ କହିଛି ।

୩୩. କ'ଣ କରି ଏ ଜାତି ମାଷ୍ଟରଜୀଙ୍କ ଚାଟଶାଳୀକୁ ଫେରିଆସିବ ବୋଲି କୁହାଯାଇଛି ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ଗୋଟିଏ ଲମ୍ବା ଚାବୁକ୍‌ଧରି ଖୁବ୍ ଜୋର୍‌ରେ ପିଟିଲେ ଅଚେତନ ଜାତିର ଚେତନା ଫେରିଆସିବ ଓ ବାଧ ଶିଶୁ ପରି ସିଲଟ ଧରି ସେମାନେ ମାଷ୍ଟରଜୀଙ୍କ ଚାଟଶାଳୀକୁ ଫେରିଆସିବେ ବୋଲି କୁହାଯାଇଛି ।

୩୪. ବାଧ ଶିଶୁପରି ମାଷ୍ଟରଜୀଙ୍କ ଚାଟଶାଳୀକୁ ଏ ଜାତି ଫେରି ଆସିଲେ ସେଦିନ ମାଷ୍ଟରଜୀ କ'ଣ କରିବେ ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ଜାତି ମାଷ୍ଟରଜୀଙ୍କ ଚାଟଶାଳୀକୁ ଫେରି ଆସିଲେ ମାଷ୍ଟରଜୀ କହିବେ "ମୁଁ ତୁମମାନଙ୍କୁ କ୍ଷମା କରିଛି – ଯାଅ ତମମାନଙ୍କର ବିଦ୍ୟା ସମାପ୍ତ ।

୩୫. ମଇଳା କାଗଜ ଗୁଡ଼ାଟିକୁ ଖୋଲି ଅଶୋକ ସେଥିରେ କ'ଣ ଲେଖାଥିବାର ଦେଖିଥିଲେ ?

ଉ.: ବିଷୟ ରୂପନାରାୟଣ ସାହା, ଲେଖକ- ଅଖିଳମୋହନ ପଟ୍ଟନାୟକ । ମଇଳା କାଗଜ ଗୁଡ଼ାଟିକୁ ଖୋଲି ଅଶୋକ ଦେଖିଲେ ସେଥିରେ ଲେଖାଥିଲା – ରୂପନାରାୟଣସାହା, ସଦରବଜାର, କାଣ୍ଟିନମେଣ୍ଟ ରୋଡ୍, ବନାରସ ।

**(ଘ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ ।**

୧. ବନାରସର ରାସ୍ତା ସମ୍ପର୍କରେ କ'ଣ ବର୍ଣ୍ଣନା କରାଯାଇଛି ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ବନାରସ ରାସ୍ତା ଉପରେ ଲୋକଙ୍କର ଅସମ୍ଭବ ଭିଡ଼ ରହିଥିଲା । ରାସ୍ତାରେ ଶିଆର ଶିଆର ହୋଇ ଲୋକର ଧାଡ଼ି ଯେମିତି ବରଫ ପରି ଜମାଟ

ବାନ୍ଧିଯାଇଛି ଜମାଟବନ୍ଧା ବରଫର ସ୍ତୂପ ସୂର୍ଯ୍ୟକିରଣରେ ପ୍ରସରିଗଲା ପରି ସେହି ଜମା ହୋଇଥିବା ଲୋକମାନେ ପୁନଶ୍ଚ ସବୁଆଡ଼େ ପ୍ରସାରିତ ହୋଇଯାଉଛନ୍ତି ।

୨. ଡାଲମଣ୍ଡିକୁ ହତଶ୍ରୀ ସଭ୍ୟତାର ଡଷ୍ଟବିନ୍ ବୋଲି କାହିଁକି କୁହାଯାଉଛି ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ଡାଲମଣ୍ଡିକୁ ହତଶ୍ରୀ ସଭ୍ୟତାର ଡଷ୍ଟବିନ୍ ବୋଲି କୁହାଯାଇଛି, କାରଣ ଏଠାରେ ରହିଥା'ନ୍ତି ସହସ୍ରାଧିକ ବାରାଙ୍ଗନା । ଲକ୍ଷ ଲକ୍ଷ ରୂପ ପିପାସୀ ନାଗରିକ ଡାଲମଣ୍ଡିରେ ନିଜର ରୂପତୃଷ୍ଣା ମେଣ୍ଟାଇଥାନ୍ତି ।

୩. ବନାରସ କାହିଁକି ସନ୍ଧ୍ୟା ହୁଏନା ବୋଲି କୁହାଯାଉଛି ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ବନାରସରେ ସନ୍ଧ୍ୟାରେ ଅନେକ ଲୋକ ଆନନ୍ଦ ସନ୍ଧାନ କରିବାକୁ ବାହାରେ ବୁଲାବୁଲି କରୁଥାନ୍ତି । ଲୋକଙ୍କ କୋଳାହଳ ସାଙ୍ଗକୁ ବିଦ୍ୟୁତ ଆଲୋକର ଛଟାକୁ ଦେଖି ବନାରସରେ ସନ୍ଧ୍ୟା ହୁଏନା ବୋଲି ଲେଖକ କହିଛନ୍ତି ।

୪. ଗଙ୍ଗାର କେଉଁ ଦୃଶ୍ୟ ମୁକ୍ତକେଶୀ ଦ୍ରୌପଦୀର ବେଣିବନ୍ଧନ ପରି ମନେହୋଇଛି ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ଅସ୍ତଗାମୀ ସୂର୍ଯ୍ୟଙ୍କର ଲାଲ୍‌କିରଣ, ଗଙ୍ଗାର ଜଳ ଉପରେ ପଡ଼ି ଲାଲେଲାଲ୍ ଦେଖାଦେଇଛି । ସେହି ଦୃଶ୍ୟକୁ ଦେଖି ଗାଳ୍ପିକ କହିଛନ୍ତି, ମୁକ୍ତକେଶୀ ଦ୍ରୌପଦୀର ଯେପରି ବେଣୀ ବନ୍ଧନ ହୋଇଛି ।

୫. ବେଣୀବନ୍ଧନର ଲଗ୍ନ ଅତିକ୍ରମ କରିବାର ଦୃଶ୍ୟକୁ କିପରି ବର୍ଣ୍ଣନା କରାଯାଇଛି ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ବେଣୀବନ୍ଧନର ଲଗ୍ନ ଅତିକ୍ରମ କଲାପରେ, କ୍ରମଶଃ ସନ୍ଧ୍ୟାର କାଳିମା ଗଙ୍ଗାର ଅସଂଖ୍ୟ ଢେଉରେ ନିଜର ସତ୍ତା ପ୍ରକାଶ କରୁଥିଲା । ତାହାକୁ ଦେଖିଲେ ଜଣାଯାଉଥିଲା, ସତେଯେପରି ଗଙ୍ଗାମାତା ତନ୍ଦ୍ରାତୁରା ଶେଷ ସନ୍ଧ୍ୟାକୁ କୋଳେଇ ନଚେଇ ନଚେଇ ଶୁଆଉ ପକାଉଛି, ରାତ୍ରିର ଗଭୀର ନିଦ୍ରାରେ ।

୬. 'ସର୍ବନାଶ ! କାହାରି ମୁହଁରେ ଭାଷା ନାହିଁ' – ଏହାର ପ୍ରସଙ୍ଗଟି କ'ଣ ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ମାଝିଟି ସମସ୍ତଙ୍କୁ ସତର୍କ କରିଦେଇଥିଲା, ରାମନଗର ନାମ ନକହିବାକୁ । ମାତ୍ର ନିଶୁଆ ଲୋକଟି ଚିତ୍କାର କରି କେଉଁଆଡ଼େ ଯାଇଥିଲ ବୋଲି ପଚାରିବାରୁ ଅଶୋକ ବଡ଼ପାଟିରେ କହିଥିଲା– 'ରାମନଗର ଗୟେଥେ ହାମ୍‌ଲୋଗ୍' । ସର୍ବନାଶ ହୋଇଗଲା କାହାରି ମୁହଁରେ ଭାଷା ନ ଥିଲା । କାରଣ ଏହାଦ୍ୱାରା ସମସ୍ତଙ୍କୁ ଟ୍ୟାକସ୍ ଦେବାକୁ ପଡ଼ିବ ।

୭. କେଉଁ ମୁହୂର୍ତ୍ତକୁ ତା'ର ବିପନ୍ନ ମୁହୂର୍ତ୍ତ ବୋଲି ଅଶୋକ କହିଛି ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ଅଶୋକ ରାମନଗର ଯିବା କଥା କହିଦେବାରୁ ତାଙ୍କର ବାପାଙ୍କୁ ଟ୍ୟାକ୍ସ ପଡ଼ିଥିଲା । ଅଶୋକର ଭୁଲ ପାଇଁ ସାରା ପରିବାର ତାକୁ ପଦେ ପଦେ

କହିଥିଲେ । ଆଉ ଯେଉଁମାନେ କିଛି କହିନଥିଲେ, ସେମାନେ ମଧ୍ୟ ପରିବାରର କଥାକୁ ସମର୍ଥନ କରିଥିଲେ । ସେହି ମୁହୂର୍ତ୍ତକୁ ତା'ର ବିପନ୍ନ ମୁହୂର୍ତ୍ତ ବୋଲି ଅଶୋକ କହିଛି ।

୮. ମାଷ୍ଟର ଜୀ କିପରି ଅଶୋକର ମଦତ୍ କରିଥିଲେ ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ସାରା ପରିବାରର ପଦେ ପଦେ କଥା ଶୁଣି, ଅଶୋକ ଆଖିରେ ଲୁହ ଟଳମଳ ହୋଇଥିଲା । ଏହି ସମୟରେ ମାଷ୍ଟରଜୀ ଅଶୋକ ଆଡ଼କୁ ଅନାଇ ମୁଣ୍ଡ ହଲାଇ ବ୍ୟସ୍ତ ନ ହେବାକୁ କହିଥିଲେ । ଅଶୋକ ତାଙ୍କ କୋଳରେ ମୁଣ୍ଡରଖି କାନ୍ଦିବାରୁ ସେ ପିଠି ଥାପୁଡ଼ାଇ ନ କାନ୍ଦିବାକୁ କହିଥିଲେ ।

୯. ମାଷ୍ଟରଜୀଙ୍କ ସମଗ୍ର ସତ୍ତାରେ ଅଶୋକ ପ୍ରଥମଥର ପାଇଁ କ'ଣ ଅନୁଭବ କରିଥିଲେ ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ମାଷ୍ଟରଜୀ ଥିଲେ ପାଞ୍ଚଶହ ଟଙ୍କାର ଜଣେ ସାମାନ୍ୟ ଟ୍ୟୁସନ୍ ମାଷ୍ଟର । ମାତ୍ର ଅଶୋକକୁ ସାହାଯ୍ୟ କରିବାକୁ ଯାଇ, ମାଷ୍ଟରଜୀ ସାରା ପରିବାରକୁ ସମାଲୋଚନା କରିଥିଲେ । ମାଷ୍ଟରଜୀଙ୍କ ଭିତରେ ଯେ ଗୋଟିଏ ବିଚାରକ ଓ ଆଦେଶ ଦେବାର ଭାବ ରହିଛି, ତାହା ତାଙ୍କର ସମସ୍ତ ସତ୍ତାରେ ଅଶୋକ ପ୍ରଥମଥର ପାଇଁ ଅନୁଭବ କରିଥିଲେ ।

୧୦. ମାଷ୍ଟରଜୀଙ୍କ ଶାରୀରିକ ଗଠନ କିପରି ଥିଲା ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ମାଷ୍ଟରଜୀ ଥିଲେ ଉଜ୍ଜ୍ୱଳ ଗୌର ବର୍ଣ୍ଣର । ଈଷତ୍ ଦୀର୍ଘ ମୁହଁ ଉପରେ ଉନ୍ନତ ଶୁକଚଞ୍ଚୁ ପରି ନାଶିକା । ବଡ଼ ବଡ଼ ଦୁଇଟି କାନ ଉପରେ ବିପର୍ଯ୍ୟସ୍ତ ବାଳ ଲମ୍ବ ଆସିଥିଲା କେରା କେରା ହୋଇ । ସାମାନ୍ୟ ଭିତରକୁ ପଶି ପଶି ଯାଇଥିଲା, ଦୁଇଟି ବୁଦ୍ଧିଦୀପ୍ତ ଆଖି ।

୧୧. କେଉଁ ଘଟଣାରେ ମାଷ୍ଟରଜୀ ଡରି ଅସ୍ଥିର ହୋଇଯାଇଥିଲେ ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ଅଶୋକ ଓରଫ ମୁନ୍ନା, ତା'ର ପୋଷା ପାତିମାଙ୍କଡ଼ ମନ୍ନୁକୁ ଧରି ମାଷ୍ଟରଜୀଙ୍କ ପାଖକୁ ପାଠ ପଢ଼ିବାକୁ ଯାଉଥିଲା । ପାଠ ପଢ଼ା ସମୟରେ ଅଶୋକ ଦାନ୍ତ ଦେଖାଇଲେ, ମାଷ୍ଟରଜୀ ତା'କୁ ଡରାନ୍ତି । ମାତ୍ର ପାତିମାଙ୍କଡ଼ ମନ୍ନୁ ଦାନ୍ତ ଦେଖାଇଲେ ମାଷ୍ଟରଜୀ ଡରି ଅସ୍ଥିର ହୋଇଯାଉଥିଲେ ।

୧୨. ନାଲି କିରାସିନିର ଲଣ୍ଠନ ଆଲୁଅରେ ମାଷ୍ଟରଜୀ କ'ଣ କରୁଥିବେ ବୋଲି ଅଶୋକ କଳ୍ପନା କରିଛନ୍ତି ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ନାଲି କିରାସିନିର ଲଣ୍ଠନ ଆଲୁଅରେ ମାଷ୍ଟରଜୀ ପିଣ୍ଡା ଉପରେ ବସି ରହିଥିବେ, ଆଉ ତାଙ୍କୁ ଘେରି ରହିଥିବେ ଅନେକ ପଠନରତ ଶିଶୁ, ଏହାକୁ ଅଶୋକ କଳ୍ପନା କରିଛନ୍ତି ।

୧୩. ପ୍ରତ୍ୟେକ ଶିକ୍ଷକ କେଉଁ ଦିନକୁ ଅପେକ୍ଷା କରି ରହିଥାଏ ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ପ୍ରତ୍ୟେକ ଶିକ୍ଷକ ସେହିଦିନକୁ ଅପେକ୍ଷା କରି ରହିଥାଏ, କେଉଁଦିନ ଜାତିର ଶ୍ରେଷ୍ଠ ସନ୍ତାନ ଆସି ତା'ର ବାଲ୍ୟଗୁରୁ ପାଦତଳେ ମଥାନତ କରି ତା'ର କୃତଜ୍ଞତା ଜଣାଇବ । ଏତିକି ତା'ର ଗର୍ବ । ଚିର ନିର୍ଯାତିତ ଶିକ୍ଷକ ଗୋଷ୍ଠୀର ଏତିକି ମାତ୍ର କ୍ଷତିପୂରଣ ।

୧୪. ମାଷ୍ଟରଜୀ ଆଉ କିଛି ନ କହି ପାରିବାର ଦୃଶ୍ୟଟି କିପରି ଥିଲା ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ମାଷ୍ଟରଜୀ ଅଶୋକଙ୍କୁ ଦେଖି ଦେଲା ପରେ ଭାବବିଭୋର ହୋଇ ଯାଇଥିଲେ । ସେ କିଛି କହିପାରି ନଥିଲେ, ବରଂ ଆନନ୍ଦର ଅଶ୍ରୁ ତାଙ୍କ କଣ୍ଠରୁଦ୍ଧ କରି ଦେଉଥିଲା । ଅଶୋକ ଅନୁଭବ କରିଥିଲେ ମନୁଷ୍ୟ କଥା କହିବା ଅପେକ୍ଷା ନୀରବରେ ତା'ଠାରୁ ଅଧିକ ପ୍ରକାଶ କରିପାରେ ।

୧୫. ମାଷ୍ଟରଜୀ ସେ ମୁହୂର୍ତ୍ତରେ ପୃଥିବୀର ସବୁଠାରୁ ସୁଖୀ ମଣିଷ ବୋଲି କାହିଁକି ଯେ କେହି କହିଥାନ୍ତା ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ବହୁଦିନ ପରେ ମାଷ୍ଟରଜୀ ଅଶୋକଙ୍କୁ ଦେଖିଲା ପରେ ଆନନ୍ଦିତ ହୋଇଥିଲେ । ତାଙ୍କୁ ସେ ତାଙ୍କର କ୍ଷୁଦ୍ର ଘରେ ବୁଲାଇ ଆଣିଥିଲେ । ସେହି ଅବସରରେ କଥା କଥାକେ ପ୍ରଶଂସା, ଗର୍ବ ଆଉ ଆନନ୍ଦରେ ଅସ୍ଥିର ହୋଇଯାଉଥିଲେ । ସେହି ମୁହୂର୍ତ୍ତରେ ମାଷ୍ଟରଜୀ ପୃଥିବୀର ସବୁଠାରୁ ସୁଖୀ ମଣିଷ ବୋଲି ଲେଖକ ପ୍ରକାଶ କରିଛନ୍ତି ।

୧୬. ଏ ଜାତିକୁ ଜାଗ୍ରତ କରିବାକୁ ହେବ ବୋଲି ଅଶୋକ ମାଷ୍ଟରଜୀଙ୍କୁ କାହିଁକି କହିଛନ୍ତି ?

ଉ.: 'ରୂପନାରାୟଣ ସାହା' ଗଳ୍ପର ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ ଏହା ଉଲ୍ଲେଖ କରିଛନ୍ତି । ଅଶୋକ ମନେ ମନେ କହିଛନ୍ତି, ଏ ଜାତି ଆଜି କ୍ଷମତା ମଦପିଇ ବେହେସ ହୋଇଛି ମାଷ୍ଟରଜୀ । ଏମାନେ କୌଣସି ସମୟରେ ଆପଣଙ୍କର କରୁଣ ନିବେଦନ ଶୁଣି ନାହାନ୍ତି । ଆଜି ଆଉ ନୁହେଁ, ଏ ଜାତିକୁ ଜାଗ୍ରତ କରିବାକୁ ହେବ ।

**(ଡ) ଦୀର୍ଘ ପ୍ରଶ୍ନୋତ୍ତର :**

**୧. ପଠିତ ଗଳ୍ପରୁ ମାଷ୍ଟରଜୀଙ୍କ ଜୀବନର କ୍ଷୁଦ୍ର ଇତିହାସ ସମ୍ପର୍କରେ ସୂଚନା ଦିଅ ।**

ଉ.: 'ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ, 'ରୂପନାରାୟଣ ସାହା' ଗଳ୍ପରେ ଶିକ୍ଷକ ଜୀବନର କରୁଣ ଗାଥାକୁ ଅତି ମର୍ମସ୍ପର୍ଶୀ ଭାବରେ ପ୍ରକାଶ କରିଛନ୍ତି । ଗଳ୍ପର ମୁଖ୍ୟ ଚରିତ୍ର ହେଉଛନ୍ତି ମାଷ୍ଟରଜୀ ଯାହାଙ୍କ ନାମ ରୂପନାରାୟଣ ସାହା । ଆମ ସମାଜରେ ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକମାନଙ୍କର ଦୟନୀୟ ଜୀବନକୁ ଯଥାର୍ଥ ଭାବରେ ମାଷ୍ଟରଜୀଙ୍କ ମାଧ୍ୟମରେ ଦେଖାଇ ଦିଆଯାଇଛି ।

ଗଳ୍ପପୁରୁଷ ଅଶୋକ କ୍ରିସମାସ ଛୁଟିରେ ବୁଲିଯାଇଥିଲେ ବନାରସ । ସେହି ବୁଲିବା ଅବସରରେ ମନେପକାଉଥିଲେ ଶୈଶବର ସ୍ମୃତିକୁ । ସେ ଦେଖିଥିଲେ ବନାରସର ରାଜପଥ, କାଶୀ ବିଶ୍ୱନାଥ ମନ୍ଦିର, ଡାଲ୍ ମଣ୍ଡିର ହତଶ୍ରୀ ସଭ୍ୟତା, ଗଙ୍ଗାନଦୀର ସନ୍ଧ୍ୟା ଓ ରାତ୍ରିର ଦୃଶ୍ୟକୁ । ସେ ଦୃଶ୍ୟକୁ ଦେଖିବା ଅବସରରେ ମନେପକାଇଛନ୍ତି ଶୈଶବର ମାଷ୍ଟରଜୀ ରୂପନାରାୟଣ ସାହାଙ୍କ କଥା ବନାରସରେ ଥିବାରୁ ତାଙ୍କ ମନରେ ସଂକ୍ରମିତ ହୋଇଛି, ପିଲାଦିନର ଶିକ୍ଷକ ବା ମାଷ୍ଟରଜୀଙ୍କୁ ଦେଖିବାର ଇଚ୍ଛା ।

ଅତୀତର ବାଟକୁ ମନେ ପକାଇ ପକାଇ ଅଶୋକ ରିକ୍ସାରେ ବସି ଯାଇଛନ୍ତି ମାଷ୍ଟରଜୀଙ୍କୁ ଦେଖା କରିବା ପାଇଁ । ସେ ପହଞ୍ଚିଛନ୍ତି ମାଷ୍ଟରଜୀଙ୍କ ଘର ପାଖରେ । ସେ ଜାଣି ପାରିଛନ୍ତି, ତାଙ୍କୁ ରିକ୍ସାରେ ବସାଇ ଆଣିଥିବା ରିକ୍ସା ବାଲାଟି ହେଉଛି ତାଙ୍କ ଅଭିଳଷିତ ମାଷ୍ଟରଜୀ । ଉଭୟଙ୍କର ସାକ୍ଷାତ ହୋଇଛି । ଉଭୟେ ଭାବ ବିମୁଗ୍ଧ ଭାବରେ ପରସ୍ପରକୁ ଆପଣେଇ ନେଇଛନ୍ତି ମାଷ୍ଟରଜୀ ନିଜ ଜୀବନର କରୁଣ ଇତିହାସକୁ ପ୍ରିୟ ଛାତ୍ର ଅଶୋକ ଆଗରେ ବଖାଣି ବସିଛନ୍ତି । ପିଲାଦିନେ କାହାଣୀ କହି ଛାତ୍ରମାନଙ୍କ ମନ ମୋହି ନେଉଥିବା, ମାଷ୍ଟରଜୀ ନିଜେ କାହାଣୀର ଚରିତ୍ର ପାଲଟି ଯାଇଛନ୍ତି ।

ମାଷ୍ଟରଜୀ ନିମ୍ନପ୍ରାଥମିକ ଶିକ୍ଷକ ଧର୍ମଘଟରେ ହୋଇଥିଲେ ମୁଖ୍ୟ ପୁରୋଧ । କରୁଣ କଣ୍ଠରେ ମାଷ୍ଟରଜୀ କହିଥିଲେ- "ଆମର ଧର୍ମଘଟ କରି ସରକାର ଗଠନ କରିବାର ଇଚ୍ଛା ନଥିଲା ବରଂ ୧୩ ଟଙ୍କା ଦରମାରେ ଆମେ ଚଳିପାରୁନଥିଲୁ ।" ମାତ୍ର ସରକାର ଷଡ଼ଯନ୍ତ୍ର କରି ତାଙ୍କୁ ରାଷ୍ଟ୍ରଦ୍ରୋହୀ ଭାବରେ ଜେଲ୍ ପଠାଇ ଦେଇଥିଲା । ବର୍ଷକ ପରେ ଫେରି ସେ ଦେଖିଲେ ସ୍ତ୍ରୀ ତାଙ୍କର ପରପାରିକି ଚାଲିଯାଇଛି । ସ୍ତ୍ରୀର ମରିଯିବା କଥାକୁ ଦୁଃଖ ହତାଶାରେ କହିଛନ୍ତି "ଗୋଟାଏ ବଡ଼ ସମାଧାନ ହୋଇଯାଇଛି" । ପରିବାର ଚଳାଇବାକୁ ଯାଇ ସ୍ତ୍ରୀ ଗହଣା ବିକି ଓ କିଛି କରଜ ଟଙ୍କାରେ ରିକ୍ସା ଖଣ୍ଡେ କରିଛନ୍ତି । ମାଷ୍ଟରଜୀରୁ ସେ ପାଲଟି ଯାଇଛନ୍ତି ରିକ୍ସାବାଲା ଭାବରେ । କଥା କହୁ କହୁ ସେ ଆଖିରୁ ଲୁହ ପୋଛିଲେ । ଝାଙ୍କ କାଶ ଉଠିବାରୁ ସେ ସମ୍ପର୍କରେ କହିଲେ- ଡାକ୍ତର ଦେଖାଇବାରୁ ସେ ଜାଣିଲେ ତାଙ୍କର ପ୍ଲୁରେସି ହୋଇଛି । ମାତ୍ର ଚିକିତ୍ସା କରିବାକୁ ତାଙ୍କ ନିକଟରେ ପଇସା ନାହିଁ । ବାର ତେରବର୍ଷର ପୁଅ ତାଙ୍କର ରିକ୍ସା ଚଳାଇ ବାପାଙ୍କୁ ସାହାଯ୍ୟ କରୁଛି । ଆଡ଼ପାଗଳୀ ମା' ତାଙ୍କର କିରାସିନୀ ବିକ୍ରିକରି ବଞ୍ଚିବାର ସମ୍ବଳ ସଂଗ୍ରହ କରୁଛି । ମାଷ୍ଟରଜୀଙ୍କ ପରିପୂର୍ଣ୍ଣ ସଂସାର ଯେପରି ସମୟ ଅନୁସାରେ ଏକ ଦୟନୀୟ ପରିସ୍ଥିତିରେ ପହଞ୍ଚି ଯାଇଛି ।

ବାସ୍ତବରେ କଥାକାର ମାଷ୍ଟରଜୀଙ୍କ ଜୀବନର କରୁଣ ଇତିହାସକୁ ଅତ୍ୟନ୍ତ ହୃଦୟସ୍ପର୍ଶୀ ଭାବରେ ପ୍ରକାଶ କରିଛନ୍ତି ।

**୨. ମାଷ୍ଟରଜୀଙ୍କ ଠାରୁ ବିଦାୟ ନେବାପରେ ଅଶୋକଙ୍କ ମନରେ ଯେଉଁସବୁ ପ୍ରତିକ୍ରିୟା ଦେଖାଦେଇଛି, ସେଗୁଡ଼ିକର ବିଶ୍ଳେଷଣ କର ।**

ଉ.: ଜୀବନର ସଂଘର୍ଷମୟ ବାସ୍ତବତାକୁ ମନୋଜ୍ଞ ଭାବରେ ପରିପ୍ରକାଶ କରୁଥିବା କଥାଶିଳ୍ପୀ ଅଖିଳ ମୋହନ ପଟ୍ଟନାୟକ । ସେ ଅଶୋକ ଚରିତ୍ରର ଚିନ୍ତାଧାରା ମାଧ୍ୟମରେ ଆମ ସମାଜର ତ୍ରୁଟିପୂର୍ଣ୍ଣ ଶିକ୍ଷାବ୍ୟବସ୍ଥା ଓ ଶିକ୍ଷକମାନଙ୍କର ଆର୍ଥିକ ସ୍ଥିତିକୁ ଯଥାର୍ଥ ଭାବରେ ପ୍ରକାଶ କରିବାକୁ ଚେଷ୍ଟା କରୁଛନ୍ତି । ଅଶୋକ ଯାଇଥିଲେ ତାଙ୍କ ପିଲାଦିନର ମାଷ୍ଟରଜୀଙ୍କୁ ଦେଖା କରିବା ପାଇଁ । ମାଷ୍ଟରଜୀଙ୍କ ଠାରୁ ତାଙ୍କ ଜୀବନର କରୁଣ ଇତିହାସ ଶୁଣି ସାରିଲା ପରେ, ତାଙ୍କ ମାନସପଟରେ ଯେଉଁ ଭାବ ଦେଇଛି, କଥାଶିଳ୍ପୀ ତାହାକୁ ସ୍ୱାଭାବିକ ଭାବେ ଉପସ୍ଥାପନ କରିଛନ୍ତି ।

ଅଶୋକ ଗୁରୁଙ୍କୁ ପ୍ରଣାମ କରି ଫେରିଛନ୍ତି ହୋଟେଲକୁ । କ୍ୟାଣ୍ଟନମେଣ୍ଟ ରୋଡ଼ର ମସୃଣ ମ୍ୟାକାଡ଼ା ମାଇଜଡ଼ ରାସ୍ତାରେ ଚାଲୁଥିବା ସମୟରେ ସେ ଚିନ୍ତା କରିଛନ୍ତି, ତାଙ୍କ ପ୍ରିୟ ମାଷ୍ଟରଜୀଙ୍କ କଥା । ସେ ବିଶ୍ୱାସ କରିପାରୁ ନାହାନ୍ତି, ଦରିଦ୍ର, ରୋଗିଣା ରିକ୍ସାବାଲା ହେଉଛନ୍ତି, ତାଙ୍କ କୈଶୋର ଜୀବନର ଶିକ୍ଷାଦାତା ରୂପ ନାରାୟଣ । ମାଷ୍ଟରଜୀଙ୍କ ଜୀବନର କରୁଣ ଇତିହାସ ଶୁଣୁଥିଲା ବେଳେ, ସେ ନିଜର ପଦବୀର ପରିଚୟ ଦେବାକୁ ଇଚ୍ଛା କରିନଥିଲେ । ସେ ନିଜକୁ ଗୋପନ ରଖିଲେ ମଧ୍ୟ ତାଙ୍କ କାନ ପାଖରେ କେହି ଯେପରି ଫିସ୍ ଫିସ୍ କହିଯାଉଛି, "ଏ ଦୋଷ ତୋର ଏକା ନୁହେଁରେ ଅଶୋକ – ଏ ମୂର୍ଖତା ଏଇ ସମଗ୍ର ଅନ୍ଧ ଜାତିର ।" ଶିକ୍ଷକମାନେ ପରିଶ୍ରମ କରି ଏ ଦେଶର ଭବିଷ୍ୟତ ଗଢ଼ନ୍ତି, ଶିଖାଦିଅନ୍ତି । ମାତ୍ର ତାଙ୍କ ବଞ୍ଚିବା ପାଇଁ କେହି ଚିନ୍ତା କରନ୍ତି ନାହିଁ । ତେଣୁ ଏ ଜାତିର ଶୈଶବ ଏବେ ମଧ୍ୟ ବାକି ରହିଗଲା ଭଳି ମନେହୋଇଛି । ଏ ଜାତିକୁ ପୁଣିଥରେ ନୂଆକରି ପ୍ରାଥମିକ ଶିକ୍ଷା ଦେବାକୁ ହେବ ବୋଲି ଯେପରି ମାଷ୍ଟରଜୀ କହିଚାଲିଛନ୍ତି । ତେଣୁ ସହାନୁଭୂତିଶୀଳ ହୋଇ ଅଶୋକ ପ୍ରଶ୍ନ କରିଛନ୍ତି- "କିନ୍ତୁ ରୂପନାରାୟଣ ତମେ ନା ଏ ଜାତିର ଜନକ ? ତୁମେଇତ ମଣିଷ କରିବ ଏ ଜାତିକୁ ? ଶିଥିଳତା କାହିଁକି ଆଜି ? ତମର ସେ ଲମ୍ବା ବେତଟା ଅନେକ ଛୋଟ ମାଷ୍ଟରଜୀ । ସେଟାକୁ ଫିଙ୍ଗି ଦେଇ ତା ବଦଳରେ ଗୋଟାଏ ଖୁବ୍ ଲମ୍ବା ଚାବୁକ୍ ଧର ।" ମାତ୍ର ମାଷ୍ଟରଜୀ ଜୀବନକାଳ ଭିତରେ କାହାକୁ ଏଭଳି ଶାସନ କରିନାହାନ୍ତି । ଅତି ସ୍ନେହପ୍ରବଣ ଭାବର ମାଷ୍ଟରଜୀଙ୍କୁ ଉଦ୍ଦେଶ୍ୟରେ ଅଶୋକ ଚିନ୍ତା କରିଛନ୍ତି- "ନାଁ ଆପଣ ବୁଝିପାରିବେ ନାହିଁ ମାଷ୍ଟରଜୀ – ଏ ମଦ୍ୟପ ଜାତି ଯେ ଆଜି କ୍ଷମତାର ମଦପିଇ ବେହୋସ ହୋଇପଡ଼ିଛି ।

ଏମାନେ କ'ଣ ଟିକିଏ ଶୁଣିଛନ୍ତି, ଆପଣମାନଙ୍କର ଏତେଦିନର କରୁଣ ନିବେଦନ । ଆଜି ଆଉ ନୁହେଁ - ଏ ଜାତିକୁ ଜାଗ୍ରତ କରିବାକୁ ପଡ଼ିବ ।"

ବର୍ତ୍ତମାନର ସମାଜରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କ ପ୍ରତି ରୂପନାରାୟଣ ସାହା ମାଧ୍ୟମରେ, ଅଶୋକ ସହାନୁଭୂତିଶୀଳ ଓ ପ୍ରତିକ୍ରିୟାଶୀଳ ଭାବ ପ୍ରକାଶ କରିଛନ୍ତି ।

**୩. ପଠିତ ଗଳ୍ପକୁ ଆଧାର କରି ମାଷ୍ଟରଜୀଙ୍କ ଚରିତ୍ର ଚିତ୍ରଣ କର ।**

ଉ.: କଥାଶିଳ୍ପୀ ଅଖିଳମୋହନ ପଟ୍ଟନାୟକଙ୍କ 'ରୂପନାରାୟଣ ସାହା' ଗଳ୍ପରେ, ରୂପନାରାୟଣ ଯାହାକୁ ସେ ମାଷ୍ଟରଜୀ ଭାବରେ ପରିଚିତ କରିଛନ୍ତି, ତାହାଙ୍କୁ ଏକ ନିମ୍ନବେତନଭୋଗୀ ଶିକ୍ଷକ ଭାବେ ଚିତ୍ରଣ କରି, ଶିକ୍ଷକ ସମାଜ ପ୍ରତି ଏକ ସମ୍ବେଦନଶୀଳ ଭାବ ପରିପ୍ରକାଶ କରିଛନ୍ତି । ରୂପନାରାୟଣଙ୍କର ପରିଚୟ ହେଉଛି, ସେ ଅଶୋକଙ୍କ କିଶୋର ଜୀବନର ଶିକ୍ଷାଦାତା । ଅଶୋକଙ୍କର ଚିନ୍ତାଧାରା ଓ ସ୍ମୃତି ରୋମନ୍ଥନ ମାଧ୍ୟମରେ ମାଷ୍ଟରଜୀଙ୍କ ସାମଗ୍ରିକ ଜୀବନକୁ ଆକଳନ କରାଯାଇପାରେ ।

ମାଷ୍ଟରଜୀ ବା ଶିକ୍ଷକ ପରିଶ୍ରମ କରି, ଦେଶର ଭବିଷ୍ୟତ ଗଠନ କରନ୍ତି, ମାତ୍ର ପରିଣତିରେ ସେମାନଙ୍କୁ ଉପଯୁକ୍ତ ମୂଲ୍ୟ ମିଳେ ନାହିଁ କିମ୍ବା ମଣିଷ ହିସାବରେ ସରକାରୀ ସ୍ତରରେ ତାଙ୍କର ମୂଲ୍ୟାୟନ କରାଯାଏ ନାହିଁ । କଥାକାର ମାଷ୍ଟରଜୀଙ୍କ ଚରିତ୍ର ମାଧ୍ୟମରେ ଏହାକୁ ସୂଚାଇ ଅଛନ୍ତି ।

ମାଷ୍ଟରଜୀ ଥିଲେ ସଚ୍ଚା ମଣିଷ । ପିଲାର ମନସ୍ତତ୍ତ୍ୱ ବୁଝି ସେ କେବଳ ପାଠ ପଢ଼ାନ୍ତି ନାହିଁ କିମ୍ବା କାହାଣୀ କହନ୍ତି ନାହିଁ, ଦରକାର ପଡ଼ିଲେ ମାନସିକ ସ୍ତରରେ ପିଲାର ସୁରକ୍ଷା ଦିଅନ୍ତି । କିଶୋର ବୟସର ଛାତ୍ରକୁ ଯେତେବେଳେ ସାରା ପରିବାର ଆକଟ ଓ ଆକ୍ଷେପ କରିବା ପାଇଁ ଚାହିଁଛନ୍ତି, ସେତେବେଳେ ମାଷ୍ଟରଜୀ ତା'କୁ କୋଳେଇ ନେଇଛନ୍ତି, ଆଶ୍ୱାସନା ଦେଇ କଥା କହିଛନ୍ତି । ସେ ପାଞ୍ଚଟଙ୍କା ବେତନର ଟ୍ୟୁସନ୍ ମାଷ୍ଟର ହେଲେ ମଧ୍ୟ ସେହି ପରିପ୍ରେକ୍ଷୀରେ ନିଜର ଗୁରୁତ୍ୱ ଦେଖାଇଛନ୍ତି ।

ମାଷ୍ଟରଜୀ ପିଲାକୁ ସ୍ନେହ ଦେଇ ପାଠ ପଢ଼ାନ୍ତି । ଅଶୋକ ପୋଷା ମାଙ୍କଡ଼କୁ ନେଇ ପାଠ ପଢ଼ିବାକୁ ଗଲେ କିମ୍ବା କୌଣସି ଦୁଷ୍ଟାମୀ କଲେ, ସେ କଠୋର ଭାବପ୍ରକାଶ ନକରି ବୁଝାଇଲା ଭଳି କଥା କହନ୍ତି । ପୁନଶ୍ଚ ମାଷ୍ଟରଜୀଙ୍କର ତାଙ୍କ ମା'ଙ୍କ ପ୍ରତି ଥିଲା ଯଥେଷ୍ଟ ସମ୍ମାନବୋଧ । କୌଣସି ପିଲାକୁ ଆକଟ କଲାବେଳେ ଯଦି ମାତାଜୀ ସେଥିରେ ହସ୍ତକ୍ଷେପ କରୁଥିଲେ, ତା'ହେଲେ ସେ ଚୁପ୍ ରହିଯାଆନ୍ତି ।

ମାଷ୍ଟରଜୀ ଧନରେ ଦରିଦ୍ର ହେଲେ ବି ମନରେ ଥିଲେ ଦାମ୍ଭିକ ଓ ଉଦାର । ସେ ସମଗ୍ର ଶିକ୍ଷକଙ୍କ ପାଇଁ ଧର୍ମଘଟ କରି ଦୋଷୀ ସାବ୍ୟସ୍ତ ହେଲେ ବି ସେଥିପାଇଁ ଶୋଚନା କରିନାହାନ୍ତି । ବରଂ ଜେଲ୍‌ରେ ବର୍ଷେ ରହି ଫେରିଲା ପରେ, ପତ୍ନୀ ମୃତ୍ୟୁକୁ ସେ ସହଜରେ ଗ୍ରହଣ କରିନେଇଛନ୍ତି । ବଞ୍ଚିବାପାଇଁ ଓ ପରିବାର ଚଳାଇବା ପାଇଁ ସେ ରିକ୍‌ସା ଚଳାଇଛନ୍ତି । ଏତେ ଦୁଃଖରେ ରହିଲେ ବି ଅଶୋକଙ୍କୁ ଚିହ୍ନିଲା ପରେ, ଶିକ୍ଷକର ମନ ଓ ହୃଦୟ ନେଇ ସେ ବିଭୋର ହୋଇପଡ଼ିଛନ୍ତି ।

ବିଭିନ୍ନ ଦୃଷ୍ଟିକୋଣରୁ ଦେଖିଲେ କଥାକାର ମାଷ୍ଟରଜୀଙ୍କୁ ଏକ ଆଦର୍ଶ ମଣିଷ ଭାବରେ ଚିତ୍ରଣ କରିଛନ୍ତି ।

❖❖❖

# ଆକାଶ କଇଁଛ

ମନୋଜ ଦାସ

**(କ) ଗାଳ୍ପିକ ପରିଚିତି :**

ଓଡ଼ିଆ କଥା ସାହିତ୍ୟର ଜଣେ ଅଗ୍ରଗଣ୍ୟ କଥାଶିଳ୍ପି ମନୋଜ ଦାସ । ସ୍ୱତନ୍ତ୍ର ପ୍ରତିଭାଧାରୀ ଶ୍ରୀଯୁକ୍ତ ଦାସଙ୍କ ଖ୍ୟାତି ଜାତୀୟ ସ୍ତରରେ ବେଶ୍ ପରିଚିତ । ସେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଗଳ୍ପ-ଉପନ୍ୟାସ ରଚନା କରି ନିଜକୁ ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରତିଷ୍ଠିତ କରିଛନ୍ତି । ଗଳ୍ପଗୁଡ଼ିକ ସୁଖପାଠ୍ୟ ଓ କାହାଣୀଧର୍ମୀ ହୋଇଥିଲେ ବି ଏଥିରେ ରହିଥାଏ ଅପୂର୍ବ ବ୍ୟଞ୍ଜନା । ମଣିଷ ବାହାରକୁ ଯାହା ଦେଖେଇ ହୁଏ, ବାସ୍ତବରେ ସେ ତାହା ନୁହେଁ । ତାହାକୁ ସ୍ୱୀକାର କରି ସେ ନିଜସ୍ୱ ଗଳ୍ପ ସମ୍ବନ୍ଧରେ କହିଛନ୍ତି "ମଣିଷର ଅସହାୟତାକୁ ଚିତ୍ରଣ କରି ମୁଁ ତା' ପାଇଁ ଅନ୍ୟଠାରୁ ସହାନୁଭୂତି ଆକର୍ଷଣ କରିବାକୁ ଚାହେଁ । ରାଜନୈତିକ ଓ ସାମାଜିକ ଜୀବନରେ କେହି କ୍ଷମତା ଅଥବା ଅନ୍ୟ କେହି ଧର୍ମର ମୁଖାଧରି ପ୍ରତିଷ୍ଠିତ ହୋଇଥା'ନ୍ତି, କିନ୍ତୁ ଏଇ ମୁଖାତଳେ ଥିବା ତା'ର ପ୍ରକୃତ ଅସହାୟ ଅବସ୍ଥା କଥା ଭାବି ମୁଁ ଅଭିଭୂତ ହୁଏ ଏବଂ ଜଣେ ଜୀବନ ଶିଳ୍ପୀ ଭାବରେ ଯେତେବେଳେ ମୁଁ ତା'ର ମୁଖା ଖୋଲେ, ମୁଖର ଆକୃତି ଗଳ୍ପରେ ରୂପ ଦିଏ, ତାହା କିଛି ପରିମାଣରେ ତୀର୍ଯ୍ୟକ ବ୍ୟଙ୍ଗରେ ପରିଣତ ହୁଏ ।"

ଗାଳ୍ପିକ ଦାସ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ନିଜ ସୃଷ୍ଟିର ସଫଳତା ପ୍ରମାଣ କରିଛନ୍ତି । ସେ କବିତା, ଗଳ୍ପ ଉପନ୍ୟାସ, ସାହିତ୍ୟ ସମାଲୋଚନା, ଭ୍ରମଣ ସାହିତ୍ୟ ରଚନା କରି ନିଜ ସାରସ୍ୱତ ସାଧନାର ପରାକାଷ୍ଠା ଦେଖାଇଛନ୍ତି । ତାଙ୍କ ଦ୍ୱାରା ରଚିତ ପୁସ୍ତକ ଗୁଡ଼ିକ ହେଉଛି, 'ମନୋଜ ଦାସ କଥା ଓ କାହାଣୀ', 'ଲକ୍ଷ୍ମୀର ଅଭିସାର', 'ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ', 'ବିଷକନ୍ୟାର କାହାଣୀ', 'ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ', 'ଶେଷ ବସନ୍ତର ଚିଠି', 'ଆରଣ୍ୟକ', 'ସମୁଦ୍ରର କ୍ଷୁଧା', 'ନନ୍ଦାବତୀରମାଛି', 'ପଦଧ୍ୱନି', 'ଜୀବନର ସ୍ୱାଦ', 'ସରଳ ରାମାୟଣ', 'ଦୂର ଦୂରାନ୍ତର' । ଏବେ ମଧ ତାଙ୍କର ଲେଖନୀ ସାଧନାରତ ।

ଶ୍ରୀଯୁକ୍ତ ଦାସ ବାଲେଶ୍ୱର ଜିଲ୍ଲାର ଶଙ୍ଖାରୀ ଗାଁରେ ୧୯୩୦ରେ ଜନ୍ମଗ୍ରହଣ କରିଥିଲେ । ଇଂରାଜୀ ସାହିତ୍ୟର ଅଧ୍ୟାପକ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରି, ପରେ ପଣ୍ଡିଚେରୀରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ସହିତ ସଂଯୁକ୍ତ ହୋଇଥିଲେ । ସେ ନିଜର ଗଳ୍ପ ସୃଷ୍ଟି ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରାନ୍ତୀୟ ସାରଳା ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଛନ୍ତି ।

**ଗଳ୍ପ ସମ୍ପର୍କରେ :**

'ଆକାଶ କଇଁଛ' ଗଳ୍ପଟି ମନୋଜ ଦାସଙ୍କ 'ପ୍ରାପ୍ତ ବୟସ୍କର ପଞ୍ଚତନ୍ତ୍ର' ଗଳ୍ପର ଅନ୍ୟତମ ଗଳ୍ପ । ଏହି ଗଳ୍ପଟିର ମୂଳସରା ପ୍ରାଚୀନ ହେଲେ ହେଁ, ଏଥିରେ ଚରିତ୍ରମାନଙ୍କୁ ଭିନ୍ନ ଭାବରେ ପ୍ରକାଶ କରାଯାଇଛି । ମୋଟ ଉପରେ କହିବାକୁ ଗଲେ, ମାନବେତର ଚରିତ୍ର ମାଧ୍ୟମରେ ଗାଳ୍ପିକ ସ୍ପଷ୍ଟ କରାଇଛନ୍ତି, ଯିଏ ନିଜର ଶକ୍ତି ଓ ସାମର୍ଥ୍ୟକୁ ନବୁଝି, ଅଧିକ କିଛି ଆଶା କରେ, ସେ ନିଶ୍ଚୟ ବିପଦର

ସମ୍ମୁଖୀନ ହେବ । କମ୍ବୁଗ୍ରୀବ କଇଁଛଟିଏ ହେଲେ ବି ପକ୍ଷୀମାନଙ୍କ ଭଳି ଉଡ଼ିବା ପାଇଁ ଇଚ୍ଛା କରିଛି । ବନ୍ଧୁ ଭାବରେ ବିକଟ ଓ ସଙ୍କଟ ନାମକ ହଂସଙ୍କ ସାହାଯ୍ୟରେ ନିଜର ସ୍ଥିତିକୁ ବଡ଼କରି ଦେଖାଇବାକୁ ଚାହିଁଛି । ହଂସଦ୍ୱୟ କଚ୍ଛପକୁ ସତର୍କ କରାଇଥିଲେ ବି, ଯେଉଁ ସ୍ଥାନରେ ପାଟି ନ ଖୋଲିବା କଥା କିମ୍ବା କିଛି ନ କହିବା କଥା, ସେପରି ସ୍ଥାନରେ ପାଟି ଖୋଲି ଅନ୍ୟକୁ ଆକ୍ଷେପ କରିବାକୁ ଚାହିଁଛି । ଫଳରେ ନିଜର ଅଦୂରଦର୍ଶିତା ପାଇଁ ସେ ବିପଦରେ ପଡ଼ିଛି । ପୁନଶ୍ଚ କଇଁଛଟି ତଳେ ପଡ଼ିଗଲାପରେ, କଇଁଛ ମାଂସକୁ ଖାଇବା ପାଇଁ ସମସ୍ତଙ୍କ ମନରେ ଯେଉଁଳି ଲାଳସା ଜାଗ୍ରତ ହୋଇଛି, ତାହାକୁ କଥାକାର ଅତି ମନୋଜ୍ଞ ଭାବରେ ପରିପ୍ରକାଶ କରିଛନ୍ତି ।

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧. ସରୋବରରେ ରହୁଥିବା କଚ୍ଛପଟିର ନାମ କ'ଣ ଥିଲା ?

(ଚିତ୍ରଗ୍ରୀବ, କମ୍ବୁଗ୍ରୀବ, ମଣିଗ୍ରୀବ, ଶଙ୍ଖଗ୍ରୀବ)

ଉ.: କମ୍ବୁଗ୍ରୀବ ।

୨. କମ୍ବୁଗ୍ରୀବ କ'ଣ ଥିବାରୁ ତା' ପରିବେଶ ତାକୁ ସନ୍ତୁଷ୍ଟ କରିପାରୁ ନଥିଲା ?

(ଉଚ୍ଚାଭିଳାଷୀ, ଉଚ୍ଚାକାଙ୍କ୍ଷୀ, କଳ୍ପନାଶ୍ରୟୀ, ଭାବପ୍ରବଣ)

ଉ.: ଉଚ୍ଚାଭିଳାଷୀ ।

୩. କଚ୍ଛପଟି କୂଳକୁ ଉଠିଯାଇ କେଉଁଥିରେ ବିଚରଣ କରୁଥାଏ ?

(ଶିଶିର ବିନ୍ଦୁରେ, ଘାସଫୁଲରେ, ମୃଦୁସମୀରଣରେ, ସବୁଜ ଉପତ୍ୟକାରେ)

ଉ.: ମୃଦୁସମୀରଣରେ ।

୪. କଚ୍ଛପଟି ଆଖିବୁଜି କେଉଁଠି ଉଜ୍ଜ୍ୱଳ ଅଜବ ଦୃଶ୍ୟ ଦେଖେ ?

(ବିମୁଗ୍ଧ କଳ୍ପଲୋକରେ, ବର୍ଷଣମୁଖର ସନ୍ଧ୍ୟାରେ, ସ୍ୱଚ୍ଛ ସରୋବରରେ, ସାତରଙ୍ଗୀ ଇନ୍ଦ୍ରଧନୁରେ)

ଉ.: ବିମୁଗ୍ଧ କଳ୍ପଲୋକରେ ।

୫. କେତେବେଳେ ଦୁଇଗୋଟି ହଂସ ସରୋବରରେ ଉପନୀତ ହେଉଥିଲେ ?

(ଶୀତଋତୁ, ଶରତଋତୁ, ବସନ୍ତଋତୁ, ବର୍ଷାଋତୁ)

ଉ.: ବର୍ଷାଋତୁ ।

୬. ଖଣ୍ଡିଏ କାଠିର ଦୁଇ ପ୍ରାନ୍ତକୁ କିଏ କାମୁଡ଼ି ଧରିଥିଲେ ?

(ବିକଟ ଓ କମ୍ବୁଗ୍ରୀବ, କମ୍ବୁଗ୍ରୀବ ଓ ସଙ୍କଟ, ବିକଟ ଓ ସଙ୍କଟ, ମଣିଗ୍ରୀବ ଓ ବିକଟ)

ଉ.: ବିକଟ ଓ ସଙ୍କଟ ।

୭. 'ପରୀକ୍ଷା ସଫଳ' ବୋଲି କିଏ କହିଥିଲା ?

(ସଙ୍କଟ, ବିକଟ, କମ୍ବୁଗ୍ରୀବ, ଚିତ୍ରଗ୍ରୀବ)

ଉ.: ବିକଟ ।

୮. ଶୂନ୍ୟରେ ଥିବା ଯାଏ ମୁହଁ ନଖୋଲିବାକୁ କିଏ କମ୍ବୁଗ୍ରୀବକୁ ଚେତେଇ ଦେଇଥିଲା ?

(ସଙ୍କଟ, ବିକଟ, ମର୍କଟ, ସୁଗ୍ରୀବ)

ଉ.: ସଙ୍କଟ ।

୯. ଆକାଶର ଭବିଷ୍ୟତ ଅନ୍ଧକାର ବୋଲି କିଏ ଭବିଷ୍ୟବାଣୀ କରିଥିଲା ?

(ଚିଲ, ବଗ, କାଉ, ବକ)

ଉ.: କାଉ ।

୧୦. ହଂସମାନେ ବିଶ୍ୱାସଘାତକ ବୋଲି କିଏ କହିଛି ?

(ବତାସୀ, ଘରଚଟିଆ, ଚିଲ, ବକ)

ଉ.: ବକ ।

୧୧. କେଉଁ ଶବ୍ଦଟିକୁ କମ୍ବୁଗ୍ରୀବ ଗଳାଧଃକରଣ କରିଦେଇଥିଲା ?

(ଆଃ, ବୁଦ୍ଧୁ, ବୋକା, ମୂର୍ଖ)

ଉ.: ବୁଦ୍ଧୁ ।

୧୨. ରାଜା ଉଡ଼ନ୍ତା କଚ୍ଛପଟିକୁ ଦେଖି କ'ଣ କହିଥିଲେ ?

(ଆଶ୍ଚର୍ଯ୍ୟ, ଅଦ୍‌ଭୂତ, ବିଚିତ୍ର, ଅସାଧାରଣ)

ଉ.: ବିଚିତ୍ର ।

୧୩. ତାଙ୍କ ରାଜ୍ୟରେ କିଏ ଉଡ଼ିଯିବାର ଦେଖାଯାଏ ବୋଲି ବିଦେଶୀ ରାଜଦୂତ କହିଥିଲେ ?

(ଠେକୁଆ, ଶିଆଳ, ଘୁଷୁରି, ମଇଁଷି)

ଉ.: ଘୁଷୁରି ।

୧୪. ବିଦେଶୀ ରାଜଦୂତଙ୍କ ରାଜ୍ୟରେ କେଉଁଭଳି ବୃହଦାକାର ବିହଙ୍ଗମାନେ ଅଛନ୍ତି ବୋଲି ସେ କହିଥିଲେ ?

(ମଇଁଷି, ଗଣ୍ଡା, ଜଳହସ୍ତୀ, ଜିରାଫ)

ଉ.: ମଇଁଷି ।

୧୫. କେତେ ବର୍ଷରେ ଥରେ ଶୂନ୍ୟରୁ କଚ୍ଛପ ବୃଷ୍ଟିହୁଏ ବୋଲି କୁହାଯାଇଛି ?

(ଶହେ, ଲକ୍ଷେ, ଅଯୁତ, ସହସ୍ର)

ଉ.: ସହସ୍ର ।

୧୬. କଚ୍ଛପମାଂସ କାହାର ଅଯୋଗ୍ୟ ବୋଲି ମହାପଣ୍ଡିତେ କହିଥିଲେ ?

(ଦେବ ମଣୋହି, ରାଜ ମଣୋହି, ସାଧାରଣ ମଣୋହି, ଜନ ମଣୋହି)

ଉ.: ରାଜ ମଣୋହି ।

୧୭. କାହା ଆଡ଼କୁ ଦୃଷ୍ଟିପାତ କରି ରାଜାଙ୍କର ଗୋଟିଏ ଚକ୍ଷୁ ଝଟକି ଉଠିଥିଲା ?

(ବିହଙ୍ଗ, ହଂସ, କଚ୍ଛପ, ମଇଁଷି)

ଉ.: କଚ୍ଛପ ।

୧୮. ସେନାପତି କେଉଁ ରୋଗରୁ ମୁକ୍ତି ପାଇବା ପାଇଁ ଫାଳେ କଚ୍ଛପ ମାଂସ ଖାଇବାକୁ କହିଥିଲେ ?

(ଶ୍ୱାସ, ଆମାଶୟ, ନିମୋନିଆ, ଗଣ୍ଠିବାତ)

ଉ.: ଗଣ୍ଠିବାତ ।

୧୯. ଶୂନ୍ୟରୁ ଖସିଲାବେଳେ କଚ୍ଛପଟି କେଉଁ ଶବ୍ଦ ଉଚ୍ଚାରଣ କରିଥିଲା ?

(ଗର୍ବୀ, ପଙ୍ଗୁ, ବୁଦ୍ଧୁ, ଲୋଭୀ)

ଉ.: ବୁଦ୍ଧୁ ।

୨୦. କେଉଁ ବ୍ୟାଧିରୁ ସେ ମୁକ୍ତ ହେବା ଜରୁରୀ ବୋଲି ରାଜା କହିଥିଲେ ?

(ଅହଂକାରୀ, ଲୋଭୀ, ପୃଥୁଳକାୟ, ବୁଦ୍ଧୁ)

ଉ.: ବୁଦ୍ଧୁ ।

୨୧. ରାଜାଙ୍କ କୋଳରେ ପାଚକର ସହକାରୀ କ'ଣ ବିଛାଇ ଦେଇଥିଲା ?

(ଚିତ୍ରିତ ସତରଞ୍ଜି, ମନ୍ତ୍ରୀଙ୍କ ପଗଡ଼ି, ରାଜାଙ୍କ ଉତ୍ତରୀୟ, ମଖମଲ ଚାଦର)

ଉ.: ମନ୍ତ୍ରୀଙ୍କ ପଗଡ଼ି ।

୨୨. ରାଜାଙ୍କ ଧମକ କେଉଁଭଳି ସଭାସଦ୍‌ମାନଙ୍କ କୋହ - କାନ୍ଦଣାକୁ ନିସ୍ତବ୍ଧ କରିଦେଇଥିଲା ?

(ବୁଲ୍‌ଡୋଜର, ଟ୍ରାକ୍ଟର, ଶଗଡ଼, ମଟରଗାଡ଼ି)

ଉ.: ବୁଲ୍‌ଡୋଜର ।

୨୩. ତାଙ୍କ ରାଜ୍ୟର ମଇଁଷି ଆକାରର ବିହଙ୍ଗରୁ କେତେ ନେଇଆସିବାକୁ ରାଜା, ବିଦେଶୀ ରାଜଦୂତଙ୍କୁ ନିର୍ଦ୍ଦେଶ ଦେଇଥିଲେ ?

(ଚାରୋଟି, ହଳେ, ଗୋଟିଏ, ପାଞ୍ଚଟି)

ଉ.: ହଳେ ।

୨୪. ମହତକାର୍ଯ୍ୟ ବୋଲି ରାଜା କେଉଁ କାର୍ଯ୍ୟକୁ ଇଙ୍ଗିତ କରିଛନ୍ତି ?

(ଶିକାର, ବୈଦେଶିକ ସମ୍ପର୍କ, ରାଜୋତ୍ସବ, ଯୁଦ୍ଧ)

ଉ.: ଯୁଦ୍ଧ ।

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧. କମ୍ବୁଗ୍ରୀବକୁ କେଉଁ ପରିବେଶ ସନ୍ତୁଷ୍ଟ କରି ପାରୁଥିନଥିଲା ?

ଉ.: କମ୍ବୁଗ୍ରୀବକୁ ସରୋବରର ସ୍ୱଚ୍ଛତା ଓ ଉପତ୍ୟକାର ସବୁଜତା ସନ୍ତୁଷ୍ଟ କରି ପାରୁଥିନଥିଲା ।

୨. କଚ୍ଛପଟି କାହିଁକି ନିଜ ଭାଗ୍ୟକୁ ଧିକ୍‌କାର ଦେଇଥାଏ ?

ଉ.: କଚ୍ଛପଟି ବିହଙ୍ଗଟିଏ ନହୋଇ କଚ୍ଛପ ହୋଇଥିବାରୁ ନିଜ ଭାଗ୍ୟକୁ ଧିକ୍‌କାର କରିଥାଏ ।

୩. କେଉଁମାନଙ୍କ ମଧ୍ୟରେ ତର୍କସଭା ହେବାର କମ୍ବୁଗ୍ରୀବ ଦେଖି ପାରୁଥିଲା ?

ଉ.: ନର ଓ ବାନରଙ୍କ ମଧ୍ୟରେ ତର୍କସଭା ହେବାର କମ୍ବୁଗ୍ରୀବ ଦେଖି ପାରୁଥିଲା ।

୪. କେଉଁଠିକୁ ଯିବା ମାର୍ଗରେ ଦୁଇଗୋଟି ହଂସ ସରୋବରଟିରେ ସପ୍ତାହେ ବିଶ୍ରାମ ନେଉଥିଲେ ?

ଉ.: ପର୍ବତଶ୍ରେଣୀ ସେପାରିସ୍ଥ ଏକ ବୃହତ୍ତର ସରୋବରକୁ ଯିବା ମାର୍ଗରେ ଦୁଇଗୋଟି ହଂସ ସରୋବରଟିରେ ସପ୍ତାହେ ବିଶ୍ରାମ ନେଉଥିଲେ ।

୫. ହଂସଯୁଗଳ କେଉଁ ସମ୍ପର୍କରେ ଅବହିତ ଥିଲେ ?

ଉ.: ହଂସଯୁଗଳ କଚ୍ଛପର ଅନୁସନ୍ଧିତ୍ସା ସମ୍ପର୍କରେ ଅବହିତ ଥିଲେ ।

୬. ଅର୍ଦ୍ଧକୋଶ ଅତିକ୍ରମ କଲାପରେ ହଂସ-ଯୁଗଳ ଓ କଚ୍ଛପ କେଉଁଠି ଅବତରଣ କରିଥିଲେ ?

ଉ.: ଅର୍ଦ୍ଧକୋଶ ଅତିକ୍ରମ କଲାପରେ ହଂସ-ଯୁଗଳ ଓ କଚ୍ଛପ ଏକ ଅନୁଚ୍ଚ ପାହାଡ଼ ଉପରେ ଅବତରଣ କରିଥିଲେ ।

୭. ମୃଦୁହାସ୍ୟ ସହକାରେ ବିକଟ କ'ଣ ବ୍ୟକ୍ତ କରିଥିଲା ?

ଉ.: ମୃଦୁହାସ୍ୟ ସହକାରେ ବିକଟ ପରୀକ୍ଷା ସଫଳ ବୋଲି ବ୍ୟକ୍ତ କରିଥିଲା ।

୮. କଚ୍ଛପ ଉତ୍କଣ୍ଠିତ ଭାବରେ କ'ଣ ପ୍ରଶ୍ନ କରିଥିଲା ?

ଉ.: ଶୂନ୍ୟରେ ଥିବାଯାଏ ମୁହଁ ଖୋଲିବ ନାହିଁ, ଏତିକିମାତ୍ର କରିବା ପାଇଁ ଅବତରଣ କରିବା ଦରକାର ଥିଲା ବୋଲି କଚ୍ଛପ ଉତ୍କଣ୍ଠିତ ଭାବରେ ପ୍ରଶ୍ନ କରିଥିଲା ।

୯. କମ୍ବୁଗ୍ରୀବ କିପରି ଚତୁର୍ଦ୍ଦିଗ ନିରୀକ୍ଷଣ କରିଲାଗିଥିଲା ?

ଉ.: କମ୍ବୁଗ୍ରୀବ ବିସ୍ମୟ ଓ ପୁଲକରେ ଚତୁର୍ଦ୍ଦିଗ ନିରୀକ୍ଷଣ କରିଲାଗିଥିଲା ।

୧୦. କଚ୍ଛପ ଗଦ୍‌ଗଦ୍ କଣ୍ଠରେ କ'ଣ କହିଥିଲା ?

ଉ.: କଚ୍ଛପ ଗଦ୍‌ଗଦ୍ କଣ୍ଠରେ "ଇତିହାସରେ ପ୍ରଥମ କଚ୍ଛପ - ମହାକାଶଚାରୀ ଭାବରେ ମୋ ନାମ ଅମର ରହିବ" ବୋଲି କହିଥିଲା ।

୧୧. ଆକାଶର ଅକଳ୍ପନୀୟ ଦୃଶ୍ୟ ଦେଖି କେଉଁପକ୍ଷୀ ବିମୂଢ଼ ପାଲଟି ଯାଇଥିଲେ ?

ଉ.: ଆକାଶର ଅକଳ୍ପନୀୟ ଦୃଶ୍ୟ ଦେଖି ଘରଚଟିଆ ଓ ବତାସୀ ଭଳି ସାଧାରଣ ପକ୍ଷୀମାନେ ବିମୂଢ଼ ପାଲଟି ଯାଇଥିଲେ ।

୧୨. କେଉଁମାନଙ୍କୁ ସମ୍ଭ୍ରାନ୍ତ ପକ୍ଷୀ ବୋଲି କୁହାଯାଇଛି ?

ଉ.: ପାରା ଓ ଚିଲଙ୍କୁ ସମ୍ଭ୍ରାନ୍ତ ପକ୍ଷୀ ବୋଲି କୁହାଯାଇଛି ।

୧୩. ନିରାଶାବାଦୀ ପକ୍ଷୀ ଭାବେ କିଏ ଜଣାଶୁଣା ?

ଉ.: ନିରାଶାବାଦୀ ପକ୍ଷୀ ଭାବେ କାଉ ଜଣାଶୁଣା ।

୧୪. 'ବକ'ଟିଏ କ'ଣ ମନ୍ତବ୍ୟ ଦେଇଥିଲା ?

ଉ.: ହଂସମାନେ ଯୁଗେ ଯୁଗେ ବିଶ୍ୱାସ ଘାତକ ବୋଲି 'ବକ'ଟିଏ ମନ୍ତବ୍ୟ ଦେଇଥିଲା ।

୧୫. ଆକାଶମାର୍ଗୀୟ ଅଭିନବ ଘଟଣାଟି ପ୍ରଥମେ କାହାର ଦୃଷ୍ଟିଗୋଚର ହୋଇଥିଲା ?

ଉ.: ଆକାଶମାର୍ଗୀୟ ଅଭିନବ ଘଟଣାଟି ପ୍ରଥମେ କେତେଜଣ ଗାଈଆଳ ଟୋକାମାନଙ୍କର ଦୃଷ୍ଟିଗୋଚର ହୋଇଥିଲା ।

୧୬. ଟୋକାମାନେ କେଉଁଠାରେ ଅଟକି ଯିବାକୁ ବାଧ ହୋଇଥିଲେ ?

ଉ.: ଟୋକାମାନେ ନଦୀତୀର ଯାଏ ଆସି ଅଟକି ଯିବାକୁ ବାଧ ହୋଇଥିଲେ ।

୧୭. ହଂସମାନେ ବେଶି ଉପରକୁ ଉଠି ପାରୁ ନ ଥିଲେ କାହିଁକି ?

ଉ.: କମ୍ବୁଗ୍ରୀବର ଓଜନ ଯୋଗୁ ହଂସମାନେ ବେଶି ଉପରକୁ ଉଠି ପାରୁ ନ ଥିଲେ ।

୧୮. ବୃଦ୍ଧଜଣକ କାହାସହ ନୌକାରେ ଫେରୁଥିଲେ ?

ଉ.: ବୃଦ୍ଧଜଣକ ତରୁଣୀ ଭାର୍ଯ୍ୟା ସହ ନୌକାରେ ଫେରୁଥିଲେ ।

୧୯. ବୃଦ୍ଧଜଣକ ମୁକୁଟ ସହ ଉଠି ଠିଆ ହେଲାବେଳେ କ'ଣ ଘଟିଥିଲା ?

ଉ.: ବୃଦ୍ଧଜଣକ ମୁକୁଟ ସହ ଉଠି ଠିଆ ହେଲାବେଳେ ଭାରସାମ୍ୟ ହରାଇ ପଡ଼ିଗଲେ ।

୨୦. 'ବୁଢ଼ୁ' ବୋଲି କହି ଆସୁଥିବା କମ୍ବୁଗ୍ରୀବ ତା'ର ଉଦ୍‌ଗତ ଶବ୍ଦଟିକୁ କ'ଣ କଲା ?

ଉ.: 'ବୁଢ଼ୁ' ବୋଲି କହି ଆସୁଥିବା କମ୍ବୁଗ୍ରୀବ ତା'ର ଉଦ୍‌ଗତ ଶବ୍ଦଟିକୁ ଗଳାଧଃକରଣ କରିଦେଲା ।

୨୧. ତାଙ୍କ ରାଜ୍ୟରେ ଘୁଷୁରି ଉଡ଼ାଇନେବା କେଉଁମାନଙ୍କର ସଉକ୍ ବୋଲି ବିଦେଶୀ ରାଜଦୂତ କହିଥିଲେ ?

ଉ.: ତାଙ୍କ ରାଜ୍ୟରେ ଘୁଷୁରି ଉଡ଼ାଇନେବା ମଇଁଷି ଭଳି ବୃହଦାକାର ବିହଙ୍ଗମାନଙ୍କର ସଉକ୍ ବୋଲି ବିଦେଶୀ ରାଜଦୂତ କହିଥିଲେ ।

୨୨. ସଭାସଦ୍‌ବର୍ଗ କାହିଁକି ଶଙ୍କି ଯାଇଥିଲେ ?

ଉ.: ଉଦ୍‌ଗତ ଭାବାବେଗକୁ ସମ୍ଭାଳି ନପାରି କମ୍ବୁଗ୍ରୀବ ତଳେ ପଡ଼ିଯିବାର ଶବ୍ଦରେ ସଭାସଦ୍‌ବର୍ଗ ଶଙ୍କି ଯାଇଥିଲେ ।

୨୩. ରାଜା, ମହାପଣ୍ଡିତଙ୍କୁ କ'ଣ ପ୍ରଶ୍ନ କରିଥିଲେ ?

ଉ.: ରାଜା, ମହାପଣ୍ଡିତଙ୍କୁ ପ୍ରଶ୍ନ କରିଥିଲେ, 'ଆପଣ ଏଇଟିର ପତନ ସମ୍ପର୍କରେ ଭବିଷ୍ୟବାଣୀ କରିନଥିଲେ କାହିଁକି ?'

୨୪. 'କଚ୍ଛପ ଆଡ଼କୁ ଦୃଷ୍ଟିପାତ କରିବାରୁ ରାଜାଙ୍କର କ'ଣ ହୋଇଥିଲା ?

ଉ.: କଚ୍ଛପ ଆଡ଼କୁ ଦୃଷ୍ଟିପାତ କରିବାରୁ ରାଜାଙ୍କର ଗୋଟିଏ ଚକ୍ଷୁ ଝଟକି ଉଠିଥିଲା ।

୨୫. କଚ୍ଛପ କାହାକୁ ମିଳିବ ବୋଲି ରାଜା କହିଥିଲେ ?

ଉ.: ଯାହାର ସର୍ବାଧିକ ପ୍ରୟୋଜନ କଚ୍ଛପ ତାହାକୁ ମିଳିବ ବୋଲି ରାଜା କହିଥିଲେ ।

୨୬. ଗମ୍ଭୀର ମୌନତା ଭିତରେ ସଭାସଦ୍‌ବର୍ଗ କ'ଣ କରିଥିଲେ ?

ଉ.: ଗମ୍ଭୀର ମୌନତା ଭିତରେ ସଭାସଦ୍‌ବର୍ଗ ପରସ୍ପର ପ୍ରତି ଘନ ଘନ ଦୃକ୍‌ପାତ କରିଥିଲେ ।

୨୭. ରାଜା ହଠାତ୍ କାନ୍ଦିଉଠି କ'ଣ କହିଥିଲେ ?

ଉ.: ରାଜା ହଠାତ୍ କାନ୍ଦିଉଠି କହିଥିଲେ, 'ବାକି ରହିଲି ମୁଁ – ଅର୍ଥାତ୍ ମୁଁ ହିଁ ବୁଢ଼ା ।'

୨୮. ସଭାସଦ୍‌ବର୍ଗଙ୍କ କାନ୍ଦ ଅବ୍ୟାହତ ଥାଉ ଥାଉ ରାଜା କ'ଣ କହିଥିଲେ ?

ଉ.: ସଭାସଦ୍‌ବର୍ଗଙ୍କ କାନ୍ଦ ଅବ୍ୟାହତ ଥାଉ ଥାଉ ରାଜା କହିଲେ, ରାଜା ବୁଢ଼ା ହେଲେ ଚଳିବ ନାହିଁ ଏବଂ ଦରକାର ହେଲେ ରାଜପରିବାର ପବିତ୍ର ପରମ୍ପରା ଭଙ୍ଗକରି ରାଜା କଚ୍ଛପ ମାଂସ ଖାଇ ବୁଢ଼ା ବ୍ୟାଧିରୁ ମୁକ୍ତ ହେବେ ।

୨୯. ରାଜାଙ୍କ ଧମକ ସଭାସଦ୍‌ମାନଙ୍କର କ'ଣ କରିଥିଲା ?

ଉ.: ରାଜାଙ୍କ ଧମକ ସଭାସଦ୍‌ମାନଙ୍କର କୋହ କାନ୍ଦଣାକୁ ବନ୍ଦ କରିଦେଇଥିଲା ।

୩୦. ସେନାପତି ଗଣ୍ଠିବାତ ଭୋଗିବାର କାରଣ କ'ଣ ବୋଲି ରାଜା କହିଛନ୍ତି ?

ଉ.: ଯୁଦ୍ଧ ଅଭାବରୁ ସେନାପତି ଗଣ୍ଠିବାତ ଭୋଗ କରୁଛନ୍ତି ବୋଲି ରାଜା କହିଛନ୍ତି ।

(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।

୧. ସମୟ ସମୟରେ କମ୍ବୁଗ୍ରୀବ କୂଳକୁ ଉଠିଯାଇ କ'ଣ କରେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ସମୟ ସମୟରେ କମ୍ବୁଗ୍ରୀବ କୂଳକୁ ଉଠିଯାଇ ମୃଦୁସମୀରଣରେ ବିଚରଣ କରେ ।

୨. ହଂସଯୁଗଳ କଚ୍ଛପର ମନୋରଞ୍ଜନ ପାଇଁ କ'ଣ କରୁଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ହଂସଯୁଗଳ କଚ୍ଛପର ମନୋରଞ୍ଜନ ପାଇଁ ଦୂରଦୂରାନ୍ତରର କାହାଣୀ ଶୁଣାଉଥିଲେ ।

୩. ବିକଟ ସଙ୍କଟ କିପରି କମ୍ବୁଗ୍ରୀବକୁ ଧରି ଶୂନ୍ୟକୁ ଉଠିଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ବିକଟ ସଙ୍କଟ ଖଣ୍ଡିଏ ବାଡ଼ିର ଦୁଇ ପ୍ରାନ୍ତରକୁ କାମୁଡ଼ି ଧରିଥିଲା ବେଳେ, କାଠିର ମଧ୍ୟଭାଗକୁ କାମୁଡ଼ି ଧରିଥିଲା କମ୍ବୁଗ୍ରୀବ ଏବଂ ତା'ପରେ ସେମାନେ ଉଡ଼ି ଶୂନ୍ୟକୁ ଉଠିଥିଲେ ।

୪. କମ୍ବୁଗ୍ରୀବକୁ ସଙ୍କଟ କ'ଣ ଚେତାଇ ଦେଇଥିଲା ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । କମ୍ବୁଗ୍ରୀବକୁ ସଙ୍କଟ ଶୂନ୍ୟରେ ଥିବାଯାଏ ମୁହଁ ଖୋଲିବ ନାହିଁ ବୋଲି ଚେତାଇ ଦେଇଥିଲା ।

୫. ହଂସମାନେ କଚ୍ଛପଟିର ଶୋଚନୀୟ ଅବସ୍ଥା କଥା ମନେପକାଇ ଦେଲେ ମଧ୍ୟ କମ୍ବୁଗ୍ରୀବ କ'ଣ କରୁଥିଲା ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ହଂସମାନେ କଚ୍ଛପଟିର ଶୋଚନୀୟ ଅବସ୍ଥା କଥା ମନେପକାଇ ଦେଲେ ମଧ୍ୟ କମ୍ବୁଗ୍ରୀବ ବିସ୍ମୟ ଓ ପୁଲକରେ ଚତୁର୍ଦ୍ଦିଗ ନିରୀକ୍ଷଣ କରି ଲାଗିଥିଲା ।

୬. ହଂସମାନେ କିପରି ଉର୍ଦ୍ଧ୍ୱକୁ ଉଠିଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ହଂସମାନେ ଅପେକ୍ଷାକୃତ ଅଧିକ ସ୍ୱାଚ୍ଛନ୍ଦ୍ୟ ଓ ଆତ୍ମବିଶ୍ୱାସ ସହକାରେ ଉର୍ଦ୍ଧ୍ୱକୁ ଉଠିଥିଲେ ।

୭. କଚ୍ଛପଦ୍ୱାରା ଏ ଆକାଶ-ବିଜୟ ସମ୍ପର୍କରେ 'କାଉ' କ'ଣ କହିଥିଲା ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । କଚ୍ଛପଦ୍ୱାରା ଏ ଆକାଶ-ବିଜୟ ସମ୍ପର୍କରେ କାଉ କହିଥିଲା, ଆକାଶର ଭବିଷ୍ୟତ ଅନ୍ଧକାର ବୋଲି ମୁଁ ଯେଉଁ ଭବିଷ୍ୟବାଣୀ କରିଆସିଥିଲି ଏହା ସେହି ଅବଶ୍ୟମ୍ଭାବୀ ପରିଣତିର ଆରମ୍ଭ ମାତ୍ର ।

୮. କେଉଁକଥା କେଉଁଠି ଗାଈଆଳଟୋକାଙ୍କ ଦୃଷ୍ଟିଗୋଚର ହୋଇଥିଲା ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ଆକାଶ ମାର୍ଗୀୟ ସେ ଅଭିନବ ଘଟଣା ପର୍ବତ ସେପାରି ପ୍ରାନ୍ତରର ଗାଈଆଳଟୋକାଙ୍କ ଦୃଷ୍ଟିଗୋଚର ହୋଇଥିଲା ।

୯. ଟୋକାମାନେ ଅଟକି ଯିବାକୁ ବାଧ୍ୟ ହେବାରୁ କଚ୍ଛପଟି କ'ଣ ଅନୁଭବ କରିଥିଲା ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ନଦୀତୀର ଯାଏ ଯାଇ ଯେତେବେଳେ ଟୋକାମାନେ ଅଟକି ଯିବାକୁ ବାଧ୍ୟ ହୋଇଥିଲେ, ସେତେବେଳେ କଚ୍ଛପଟି ସ୍ୱୟଂ ହାତତାଳି ଦେବାର ପ୍ରେରଣା ଅନୁଭବ କରିଥିଲା ।

୧୦. ଅସ୍ତମାନ ସୂର୍ଯ୍ୟର ରଶ୍ମିଜାଳ ସମ୍ପର୍କରେ ଆସି ହଂସ ଓ କଚ୍ଛପଙ୍କର କ'ଣ ହୋଇଥିଲା ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ଅସ୍ତଗାମୀ ସୂର୍ଯ୍ୟଙ୍କର ରଶ୍ମିଜାଳ ହଂସଦ୍ୱୟଙ୍କ ଚଞ୍ଚଳପକ୍ଷ ଓ କଚ୍ଛପର ମସୃଣ ପୃଷ୍ଠ ଦେଶରେ ସୁନାରଧୂଳି ମଖାଇ ଦେବାଭଳି ଅନୁଭୂତ ହୋଇଥିଲା ।

୧୧. କେଉଁ କଥାରେ କଚ୍ଛପ କୌଣସି ପ୍ରକାର ନିଜକୁ ସମ୍ଭାଳି ନେଇଥିଲା ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । "ଆଃ ମୁଁ ଉଡ୍ଡୀୟମାନ ! ହଠାତ୍ ଏତକ ବଡ଼ ଘଟିରେ କହିବାକୁ ଉଦ୍ୟତ ହୋଇ କଚ୍ଛପ କୌଣସି ପ୍ରକାର ନିଜକୁ ସମ୍ଭାଳି ନେଇଥିଲା ।

୧୨. ବିଦେଶୀ ରାଜଦୂତଙ୍କ ରାଜ୍ୟରେ ଘୁଷୁରି ଉଡ଼ିବାର କଥା ଶୁଣି ରାଜା ତାଙ୍କୁ କ'ଣ କହିଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ବିଦେଶୀ ରାଜଦୂତଙ୍କ ରାଜ୍ୟରେ ଘୁଷୁରି ଉଡ଼ିବାର କଥା ଶୁଣି ରାଜା ତାଙ୍କୁ କହିଥିଲେ, ଘୁଷୁରିମାନଙ୍କୁ କିଏ ଉଡ଼ାଇ ନିଏ କିମ୍ବା ତାଙ୍କର ପର ଅଛି ଅଥବା ତମ ରାଜାଙ୍କର ଲାଞ୍ଜ ଅଛି ।

୧୩. କମ୍ବୁଗ୍ରୀବ କିପରି ନଅର ଛାତ ଉପରେ ପଡ଼ିଯାଇଥିଲା ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । କମ୍ବୁଗ୍ରୀବ ଚକ୍ରବତ୍ ବୁଲି ବୁଲି ଆସି ସଶବ୍ଦେ ଛାତ ଉପରେ ପଡ଼ିଯାଇଥିଲା ।

୧୪. ଦରବାରର ପ୍ରଧାନ ବିଶେଷଜ୍ଞ-ଭୋଜନ ପ୍ରେମୀ କ'ଣ କହିଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ଦରବାରର ପ୍ରଧାନ ବିଶେଷଜ୍ଞ-ଭୋଜନ ପ୍ରେମୀ 'ଏଇଟି ଦୁର୍ଲଭ ଧରଣର ସୁସ୍ୱାଦୁ କଇଁଛ' ବୋଲି କହିଥିଲେ ।

୧୫. ଦରବାରର କବିରାଜ ଜ୍ୟୋତିଷୀ କଚ୍ଛପମାଂସ ସମ୍ପର୍କରେ କ'ଣ କହିଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ଦରବାରର କବିରାଜ ଜ୍ୟୋତିଷୀ କଚ୍ଛପମାଂସ ସମ୍ପର୍କରେ କହିଥିଲେ, ସହସ୍ର ବର୍ଷରେ ଶୂନ୍ୟରୁ କଚ୍ଛପ ବୃଷ୍ଟି ହୋଇଥାଏ ଏବଂ ସେ କଚ୍ଛପ ମାଂସ ସହସ୍ର ଧରଣର ରୋଗବ୍ୟାଧି ଓ ଦୋଷ ଦୁର୍ବଳତାର ପ୍ରତିଷେଧକ ହୋଇଥାଏ ।

୧୬. ରାଜାଙ୍କ ପ୍ରଶ୍ନରେ ମହାପଣ୍ଡିତେ କି ଉତ୍ତର ଦେଇଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ରାଜାଙ୍କ ପ୍ରଶ୍ନରେ ମହାପଣ୍ଡିତେ ଉତ୍ତର ଦେଇ କହିଥିଲେ, ଯେହେତୁ କଚ୍ଛପ ମାଂସ ରାଜମଣୋହିର ଅଯୋଗ୍ୟ । ତେଣୁ ଏ ଘଟଣାକୁ ମୁଁ ଉଲ୍ଲେଖଯୋଗ୍ୟ ବୋଲି ବିଚାରି ନ ଥିଲି ।

୧୭. କ'ଣ କହି ରାଜା ମୁଖ୍ୟପାଚକଙ୍କୁ କଚ୍ଛପଟିକୁ ରାନ୍ଧିବାକୁ ନିର୍ଦ୍ଦେଶ ଦେଇଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । 'ଯେହେତୁ ଏହି ମାଂସ ବହୁ ରୋଗ ଓ ଦୋଷ ଦୁର୍ବଳତାର ମହୌଷଧି, ଏହାକୁ ରନ୍ଧନ କରି ପୀଡ଼ିତମାନଙ୍କୁ ଦେବାର ବ୍ୟବସ୍ଥା କରିବା' କହି ରାଜା ମୁଖ୍ୟପାଚକଙ୍କୁ କଚ୍ଛପଟିକୁ ରାନ୍ଧିବାକୁ ନିର୍ଦ୍ଦେଶ ଦେଇଥିଲେ ।

୧୮. କଚ୍ଛପ ମାଂସ ଖାଇବା ସମ୍ପର୍କରେ ସେନାପତି କ'ଣ କହିଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ଅଧିକ ଦକ୍ଷତା ସହିତ ରାଜସେବା କରିବା ନିମନ୍ତେ ଗଣ୍ଠିବାତରୁ ସହଜ ମୁକ୍ତି ପାଇବା ପାଇଁ କଚ୍ଛପ ମାଂସ ଫାଳେ ଖାଇବା ଆବଶ୍ୟକ ବୋଲି ସେନାପତି କହିଥିଲେ ।

୧୯. ମନ୍ତ୍ରୀ ଓ ସଭାସଦ୍‌ବର୍ଗ କେଉଁ ବିଷୟରେ ଆଗ୍ରହୀ ହୋଇଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ମନ୍ତ୍ରୀ ଓ ସଭାସଦ୍‌ବର୍ଗ ଅଧିକ ଦକ୍ଷ ରାଜସେବା ନିମନ୍ତେ କଚ୍ଛପର କିୟଦଂଶମାନ ଭକ୍ଷଣ କରି କୌଣସି ନା କୌଣସି ରୋଗରୁ ମୁକ୍ତି ପାଇଁ ଆଗ୍ରହୀ ଥିଲେ ।

୨୦. କଚ୍ଛପ ମାଂସ ସମ୍ପର୍କରେ ବିଦେଶୀ ରାଜଦୂତ କ'ଣ ଘୋଷଣା କରିଥିଲେ ?.

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । କଚ୍ଛପ ମାଂସ ସମ୍ପର୍କରେ ବିଦେଶୀ ରାଜଦୂତ ଘୋଷଣା କରିଥିଲେ, ଆମ ଦୁଇ ମହାନ୍ ଦେଶ ମଧ୍ୟରେ ମୈତ୍ରୀ ଗାଢ଼ତର କରିବାର ଆବଶ୍ୟକତା ଦୃଷ୍ଟିରୁ ସେ କିଞ୍ଚିତ କଚ୍ଛପ ମାଂସ ଭକ୍ଷଣ କରିବାକୁ ପ୍ରସ୍ତୁତ ।

୨୧. ବିଦେଶୀ ରାଜଦୂତ ରାଜାଙ୍କ କେଉଁ ବକ୍ତବ୍ୟ ପ୍ରତି ସମର୍ଥନ ଜଣାଇଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ରାଜା କହିଥିଲେ, ଆମର ସମ୍ମାନୀତ ଅତିଥି ବିଦେଶୀ ରାଜଦୂତ ମହୋଦୟ ତାଙ୍କର କୂଟନୈତିକ ବୈଶିଷ୍ଟ୍ୟ ଦୃଷ୍ଟିରୁ ବୁଦ୍ଧୁ ପଦବାଚ୍ୟ ନୁହଁନ୍ତି ଏବଂ ରାଜାଙ୍କର ଏହି ବକ୍ତବ୍ୟକୁ ରାଜଦୂତ ସମର୍ଥନ ଜଣାଇଥିଲେ ।

୨୨. ମନ୍ତ୍ରୀବର୍ଗଙ୍କ ସମ୍ପର୍କରେ ରାଜା କ'ଣ ମନ୍ତବ୍ୟ ଦେଇଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ମନ୍ତ୍ରୀବର୍ଗଙ୍କ ସମ୍ପର୍କରେ ରାଜା ମନ୍ତବ୍ୟ ଦେଇ କହିଥିଲେ, ଆମ ମନ୍ତ୍ରୀମାନେ ହୁଏତ ମନ୍ତ୍ରୀ ନ ହେଲେ ବୁଦ୍ଧୁ, ଏକାଧାରରେ ଉଭୟ ହୋଇ ନପାରନ୍ତି ।

୨୩. ସମସ୍ତ ସଭାସଦ୍ କାହିଁକି କାନ୍ଦି ଉଠିଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ରାଜା କାନ୍ଦି ଉଠି କହିଲେ, 'ବାକି ରହିଲି ମୁଁ ଅର୍ଥାତ୍ ମୁଁ ହିଁ ବୁଦ୍ଧୁ' ଏବଂ ରାଜାଙ୍କ କାନ୍ଦ ଦେଖି ସମସ୍ତ ସଭାସଦ୍ କାନ୍ଦି ଉଠିଥିଲେ ।

୨୪. ଦୀର୍ଘକାଳ ହେବ ତାଙ୍କ ରାଜ୍ୟରେ କ'ଣ ହୋଇଛି ବୋଲି ରାଜା କହିଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ଦୀର୍ଘକାଳ ହେବ ତାଙ୍କ ରାଜ୍ୟରେ କୌଣସି ମହତ୍ କାର୍ଯ୍ୟ ଅର୍ଥାତ୍ ଯୁଦ୍ଧ ହୋଇନାହିଁ, ଫଳରେ ସୈନ୍ୟମାନେ ମୋଟେଇ ଯାଇଛନ୍ତି ଏବଂ ସେନାପତି ଗଣ୍ଠିବାତ ଭୋଗ କରୁଛନ୍ତି ।

(ଘ) ସଂକ୍ଷିପ୍ତ ପ୍ରଶ୍ନୋତ୍ତର

୧. ଦିଗନ୍ତ ପ୍ରତି ଦୃଷ୍ଟିପାତ କରି କମ୍ବୁଗ୍ରୀବ କ'ଣ ଭାବୁଥିଲା ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ଦିଗନ୍ତ ପ୍ରତି ଦୃଷ୍ଟିପାତ କରି କମ୍ବୁଗ୍ରୀବ ଭାବୁଥିଲା, ଦୂରର ପର୍ବତ ଶ୍ରେଣୀ ସେପାରିସ୍ଥ ସରୋବରମାନ ଅଧିକ ସ୍ବଚ୍ଛତର ଓ ଉପତ୍ୟକାମାନ ସବୁଜତର ହୋଇଥିବ । ସେ ବିହଙ୍ଗଟିଏ ନ ହୋଇ କଚ୍ଛପଟିଏ ହୋଇଥିବାରୁ, ନିଜ ଭାଗ୍ୟକୁ ଧିକ୍କାର କରୁଥିଲା ।

୨. କମ୍ବୁଗ୍ରୀବର ଦୂରାନ୍ତରର ଅଜଣାକୁ ଜାଣିବାର ପିପାସା ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । କମ୍ବୁଗ୍ରୀବ ଅନେକ ସମୟରେ କୂଳକୁ ଉଠିଯାଇ ମୃଦୁସମୀରଣରେ ବିଚରଣ କରେ, ଲତା ପତ୍ର ଦେହର ଶିଶିରବିନ୍ଦୁକୁ ଚାଟିଦିଏ ଓ ଘାସଫୁଲକୁ ଚୋବାଇଦିଏ । ମାତ୍ର ଏଥିରେ ଦୂରାନ୍ତରର ଅଜଣା ପିପାସା ବଢ଼େ ସିନା, କମେ ନାହିଁ ।

୩. ବିମୁଗ୍ଧ କଳ୍ପନା ଲୋକରେ କମ୍ବୁଗ୍ରୀବ କ'ଣ ଦେଖିଥାଏ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ବିମୁଗ୍ଧ କଳ୍ପଲୋକରେ କମ୍ବୁଗ୍ରୀବ ଦେଖେ, ଗୀତ ବୋଲୁଥିବା ଗଛଲତା, ମେଘମାଳା ଭିତରୁ ସିଧାସଳଖ ଝରି ଆସୁଥିବା ସାତରଙ୍ଗୀ ନଦୀ, ପ୍ରଶସ୍ତ ସଦନରେ ଏକତ୍ରିତ ନର ଓ ବାନରବର୍ଗ ମଧ୍ୟରେ ଲାଙ୍ଗୁଳର ଉପଯୋଗିତା ସମ୍ପର୍କରେ ତର୍କ ସଭା ।

୪. ବର୍ଷାଋତୁ ହେଲେ କମ୍ବୁଗ୍ରୀବ କାହାର ଆଗମନକୁ ଅପେକ୍ଷା କରିଥାଏ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ବର୍ଷାଋତୁ ହେଲେ କମ୍ବୁଗ୍ରୀବ, ବିକଟ ଓ ସଙ୍କଟ ନାମକ ଦୁଇଗୋଟି ହଂସଙ୍କ ଆଗମନକୁ ଅପେକ୍ଷା କରିଥାଏ ।

୫. କେଉଁ ପରୀକ୍ଷାମୂଳକ ପଦକ୍ଷେପ ନେବା ସମ୍ପର୍କରେ ହଂସଯୁଗଳ ରାଜି ହୋଇଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । କଚ୍ଛପଟିକୁ ପର୍ବତଶ୍ରେଣୀ ସେପାରିସ୍ଥ ସରୋବରକୁ ନେବାପାଇଁ ହଂସଦ୍ୱୟ ଚାହିଁଥିଲେ ମାତ୍ର ପ୍ରଥମ ଅର୍ଦ୍ଧକୋଶ ପଥଯାଏ ଏକ ପରୀକ୍ଷାମୂଳକ ପଦକ୍ଷେପ ନେବା ସମ୍ପର୍କରେ, ସେମାନେ ରାଜି ହୋଇଥିଲେ ।

୬. ମହାକାଶରେ କଚ୍ଛପ ଉଡ଼ିଚାଲିଥିବାର ଦେଖି ପକ୍ଷୀମାନେ କି କି ପ୍ରତିକ୍ରିୟା ପ୍ରକାଶ କରିଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ମହାକାଶରେ କଚ୍ଛପ ଉଡ଼ି ଚାଲିଥିବାର ଦେଖି ଘରଚଟିଆ ଓ ବତାସୀ ଭଳି ସାଧାରଣ ପକ୍ଷୀ ବିମୂଢ଼ ହୋଇଥିଲେ । ମାତ୍ର ପାରା ଓ ଚିଲ ଭବିଷ୍ୟତ ଅନ୍ଧାର ହେବ । ବକ କହିଲା, ହଂସମାନେ ଯୁଗେ ଯୁଗେ ବିଶ୍ୱାସ ଘାତକ । ପକ୍ଷୀମାନେ ନିଜ ମନମୁତାବକ ପ୍ରତିକ୍ରିୟା ପ୍ରକାଶ କରିଥିଲେ ।

୭. ହଂସମାନେ କମ୍ବୁଗ୍ରୀବକୁ କେଉଁ କଥା ମନେପକାଇ ଦେଇଥିଲେ ଓ କାହିଁକି ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ହଂସମାନେ ପରୀକ୍ଷାମୂଳକ ଭାବେ, କମ୍ବୁଗ୍ରୀବକୁ ଅର୍ଦ୍ଧକୋଶ ପର୍ଯ୍ୟନ୍ତ ଉଡ଼ାଇ ନେଇ ଏକ ଅନୁଚ୍ଚ ପାହାଡ଼ ଉପରେ ଅବତରଣ କଲେ । ପରୀକ୍ଷା ସଫଳ ହେଲେ ବି, ପୁଣିଥରେ ଉଡ଼ାଇ ନେବା ପୂର୍ବରୁ, ଶୂନ୍ୟରେ ଥିବା ଯାଏ ମୁହଁ ନ ଖୋଲିବା ପାଇଁ ହଂସମାନେ କହିଥିଲେ । କାରଣ ମୁହଁ ଖୋଲିଲେ ଅବସ୍ଥା ଶୋଚନୀୟ ହେବ ବୋଲି ସତର୍କ କରାଇଥିଲେ ।

୮. ଆକାଶ ମାର୍ଗୀୟ ଅଭିନବ ଘଟଣାଟିକୁ ଦେଖି ଦେଖି ଗାଉଆଲ ଟୋକାମାନେ କ'ଣ କରିଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ଆକାଶମାର୍ଗୀୟ ଅଭିନବ ଘଟଣା ଦେଖି ଗାଉଆଲ ଟୋକାମାନେ ଯଥାଶକ୍ତି ହାତ ତାଳି ଦେଇ କଚ୍ଛପବାହୀ ହଂସମାନଙ୍କ ସହ ତାଳ ରଖି ଦୌଡ଼ିଲେ । ନଦୀତୀର ଯାଏ ଦୌଡ଼ି ଦୌଡ଼ି ଆସି, ସେଠାରେ ସେମାନେ ଅଟକି ଯାଇଥିଲେ ।

୯. ନୌକାରେ ଫେରୁଥିବା ବୃଦ୍ଧ ଓ ତରୁଣୀ ଭାର୍ଯ୍ୟାଙ୍କ ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ନୌକାରେ ବୃଦ୍ଧ ଓ ତରୁଣୀ ଭାର୍ଯ୍ୟା ଫେରୁଥିଲା ବେଳେ, ଆକାଶରେ ହଂସ, କଚ୍ଛପ ଉଡ଼ାଇ ନେଉଥିବା ଘଟଣାଟିକୁ କନ୍ୟାଟି ଦେଖିଥିଲା । ନିଜ ସ୍ୱାମୀଙ୍କୁ ସେ କୋମଳ କହୁଣୀରେ ସ୍ପର୍ଶ କରି, ମୋତେ ସେଇଟି ଆଣିଦିଅ ବୋଲି କହିଥିଲା । ସ୍ତ୍ରୀ କଥାନୁସାରେ ବୃଦ୍ଧ ଠିଆ ହୋଇପଡ଼ିଥିଲେ ଏବଂ ଭାରସାମ୍ୟ ହରାଇ ପୁଣି ପଡ଼ିଯାଇଥିଲେ ।

୧୦. ଆକାଶରେ ଏକ ଅପୂର୍ବ ଦୃଶ୍ୟର ଖବର ପାଇ ରାଜା କ'ଣ କରିଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ଆକାଶରେ ଏକ ଅପୂର୍ବ ଦୃଶ୍ୟର ଖବର ପାଇ ରାଜା ତାଙ୍କର ସମଗ୍ର ଦରବାରକୁ ଛାତ ଉପରକୁ ଉଠାଇନେଲେ । ଦରବାରରେ ମଧ୍ୟ ଥିଲେ ବିଦେଶୀ ରାଜଦୂତ । ଆକାଶରେ କଇଁଛକୁ ହଂସଦ୍ୱୟ ଉଡ଼ାଇ ନେଉଥିବାର ଦୃଶ୍ୟ ଦେଖି ରାଜା କହିଥିଲେ, 'ବିଚିତ୍ର' ।

୧୧. କମ୍ବୁଗ୍ରୀବର ସଶବ୍ଦ ପତନ ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ନିଜର ଭାବାବେଗକୁ ସମ୍ଭାଳି ନପାରି କମ୍ବୁଗ୍ରୀବ 'ବୁଦ୍ଧୁ' ବୋଲି କହିବାରୁ ଚକ୍ରପରି ବୁଲି ବୁଲି ସେ ଆସି ସଶବ୍ଦେ ପଡ଼ିଲା ନଅର ଛାତରେ । ସଭାସଦ୍ ଶଙ୍କି ଯାଇଥିଲେ ।

ହଂସମାନେ ବାଡ଼ିଖଣ୍ଡିକ ପକାଇ ଦେଇ କିଛି ସମୟ ଆଉ ରବ ଛାଡ଼ି ନଅର ଉପରେ ଉଡ଼ି ଉଡ଼ି ପାର୍ଶ୍ୱବର୍ତ୍ତୀ ଗଛରେ ବସିପଡ଼ିଲେ ।

୧୨. କବିରାଜ ଜ୍ୟୋତିଷୀ କ'ଣ ଘୋଷଣା କରିଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । କଇଁଛଟି ଉପରୁ ପଡ଼ିବାରୁ କବିରାଜ ଜ୍ୟୋତିଷ ନିଜର ବଡ଼ପଣ ଦେଖାଇ ଘୋଷଣା କଲେ- "ସହସ୍ର ବର୍ଷରେ ଥରେ ଯାଇ ଶୂନ୍ୟରୁ କଚ୍ଛପ ବୃଷ୍ଟି ହୁଏ । ଆଉ ସେ କଚ୍ଛପ ମାଂସ ସହସ୍ର ଧରଣର ରୋଗବ୍ୟାଧି ଓ ଦୋଷ ଦୁର୍ବଳତାର ପ୍ରତିଷେଧକ ହୋଇଥାଏ ।"

୧୩. ରାଜା କେଉଁ କଥାରେ ବିସ୍ମୟ ପ୍ରକାଶ କରିଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । କଇଁଛଟି ଆକାଶରୁ ଖସିଲା ବେଳେ 'ବୁଦ୍ଧୁ' କହିଥିଲା । କିନ୍ତୁ ଏହା କାହାକୁ ଲକ୍ଷ୍ୟକରି ଏଭଳି ସମ୍ବୋଧନ କରିଥାଇପାରେ । ଆମ ଭିତରେ ବୁଦ୍ଧୁ କିଏ ? ଏକଥାରେ ରାଜା ବିସ୍ମୟ ପ୍ରକାଶ କରିଥିଲେ ।

୧୪. ରାଜାଙ୍କ କେଉଁ ବକ୍ତବ୍ୟ ପ୍ରତି ବିଦେଶୀ ରାଜଦୂତ ସମର୍ଥନ ଜଣାଇଥିଲେ ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ରାଜାଙ୍କ ବକ୍ତବ୍ୟ ଥିଲା, "ଆମ ସମ୍ମାନୀତ ଅତିଥି ବିଦେଶୀ ରାଜଦୂତ ମହୋଦୟ କୂଟନୈତିକ ବୈଶିଷ୍ଟ୍ୟ ଦୃଷ୍ଟିରୁ ବୁଦ୍ଧୁ ପଦବାଚ୍ୟ ନୁହଁନ୍ତି ।" ରାଜାଙ୍କର ଏଭଳି ବକ୍ତବ୍ୟ ପ୍ରତି ବିଦେଶୀ ରାଜଦୂତ ମୁଣ୍ଡହଲାଇ ସମର୍ଥନ ଜଣାଇଥିଲେ ।

୧୫. "ଯୁଦ୍ଧଟିଏ ଅଭାବରୁ ଏ ଦୁର୍ଦ୍ଦଶା ସିନା"- ଏହା କାହିଁକି କୁହାଯାଇଛି ?

ଉ.: 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ ଏହା ଉଲ୍ଲେଖ କରିଛନ୍ତି । ରାଜା ବିଦେଶୀ ରାଜ୍ୟ ସହିତ ଯୁଦ୍ଧ କରିବାର ଯୋଜନା କରି କହିଛନ୍ତି, ଦୀର୍ଘକାଳ ହେବ ଆମ୍ଭେ କୌଣସି ମହତ୍ କାର୍ଯ୍ୟରେ ହାତ ଦେଇନାହୁଁ । ଫଳରେ ଆମର ସୈନ୍ୟମାନେ ମୋଟେଇ ଯାଉଛନ୍ତି, ସେନାପତି ଗଣ୍ଠିବାତ ଭୋଗ କରୁଛନ୍ତି । ଏସବୁ କେବଳ ହୋଇଛି ଯୁଦ୍ଧ ଅଭାବରୁ । ଯୁଦ୍ଧ ହେଲେ ସମସ୍ତେ ଶାରୀରିକ ବ୍ୟବସ୍ଥା ଠିକ୍ ରହିବ ।

(ଢ) ଦୀର୍ଘ ପ୍ରଶ୍ନୋତ୍ତର :

୧. ଆକାଶ ମାର୍ଗୀୟ ଅଭିନବ ଘଟଣା ଦେଖି ମଣିଷଙ୍କ ଭିତରୁ କିଏ କିପରି ପ୍ରତିକ୍ରିୟା ପ୍ରକାଶ କରିଥିଲେ ବର୍ଣ୍ଣନା କର ।

ଉ.: ଆଲୋଚ୍ୟ ପ୍ରସଙ୍ଗଟି କଥାକାର ମନୋଜ ଦାସଙ୍କ 'ଆକାଶ କଇଁଛ' ଗଳ୍ପରେ ସଂଯୋଜିତ କରାଯାଇଛି । କଥାକାର ଦାସ ସମାଜ ଜୀବନର ବିଭିନ୍ନ ଚିତ୍ର ଓ ଚରିତ୍ରକୁ ବର୍ଣ୍ଣନା କରି, କାହାଣୀକୁ ସୁଖପାଠ୍ୟ କରାଇଥାନ୍ତି । ପୁନଶ୍ଚ ସେଥିରେ ସେ ବ୍ୟଙ୍ଗାତ୍ମକ ଭାବକୁ ସୂଚିତ କରି, ପାଠକ ମନରେ ହାସ୍ୟଭାବକୁ ସୃଷ୍ଟି କରାଇଥାନ୍ତି । ଆଲୋଚ୍ୟ ପ୍ରସଙ୍ଗକୁ ଆକଳନ କଲେ, କଥାକାରଙ୍କ ଅନୁରୂପ ଦୃଷ୍ଟିଭଙ୍ଗୀର ପରିଚୟ ମିଳିଥାଏ ।

ବିକଟ ଓ ସଙ୍କଟ ନାମକ ହଂସ ଦ୍ୱୟ ଗଭୀର ଆତ୍ମବିଶ୍ୱାସର ସହିତ କମ୍ବୁଗ୍ରୀବ ନାମକ କଇଁଛକୁ ଆକାଶରେ ଉଡ଼ାଇ ଉଡ଼ାଇ ନେଇଛନ୍ତି । ସେହି ଦୃଶ୍ୟକୁ ଦେଖିଛନ୍ତି ଭୂଭାଗର ମଣିଷମାନେ । ଏଭଳି ଅଭିନବ ଘଟଣା ତାଙ୍କ ମନରେ କୌତୂହଳ ସୃଷ୍ଟି କରିଛି । ପ୍ରଥମେ ଗାଈଆଳ ଟୋକା ଏଭଳି ଦୃଶ୍ୟ ଦେଖିଛନ୍ତି । ସେମାନେ ଉତ୍‌ଫୁଲ୍ଲିତ ହୋଇ, କଇଁଛଟିକୁ କିପରି ପାଇବେ, ସେଥିପାଇଁ ହାତତାଳି ଦେଇ ଦଉଡ଼ିଛନ୍ତି । ଦୌଡ଼ି ଦୌଡ଼ି ନଦୀତୀର ଯାଏ ଗଲାପରେ ସେମାନେ ବାଧ୍ୟ ହୋଇ ଅଟକି ଯାଇଛନ୍ତି । ତାଙ୍କର ଆଶା ସଫଳ ହୋଇନାହିଁ । କଚ୍ଛପଟିର ଓଜନ ହେତୁ ହଂସଦ୍ୱୟ ଅଧିକ ଉପରକୁ ଉଠିପାରୁନଥାନ୍ତି । ନଦୀବକ୍ଷରେ ସେମାନେ ଉଡ଼ିଯାଉଥିବା ସମୟରେ, ନୌକାରେ ଜଣେ ବୃଦ୍ଧ ତରୁଣୀ ଭାର୍ଯ୍ୟାକୁ ସାଙ୍ଗରେ ନେଇ ଫେରୁଥିଲେ । କନ୍ୟାଟି ଏହି ଦୃଶ୍ୟ ଦେଖି, ସ୍ୱାମୀକୁ ତାହାର କୋମଳ କହୁଣୀରେ ପ୍ରଥମ ସ୍ୱାଦ ଚଖାଇ, 'ମୋତେ ସେଇଟି ଆଣିଦିଅ' ବୋଲି କହିଥିଲେ । ତରୁଣୀ ଭାର୍ଯ୍ୟାର କଥାକୁ ବୃଦ୍ଧ ସ୍ୱାମୀ ଏଡ଼ିପାରି ନ ଥିଲେ । ସେ ଭାର୍ଯ୍ୟାର ଅନୁରୋଧ ପାଇଁ, ଅସାମର୍ଥ୍ୟ ସତ୍ତ୍ୱେ ଠିଆ ହୋଇପଡ଼ିଥିଲେ, କିନ୍ତୁ ନିଜର ଭାରସାମ୍ୟ ରକ୍ଷା ନକରି ପଡ଼ିଯାଇଥିଲେ ।

ରାଜନବର ଦେଇ କଇଁଛଟିକୁ ହଂସମାନେ ଉଡ଼ାଇ ନେଲା ବେଳେ, ସେହି ଅପୂର୍ବ ଦୃଶ୍ୟ ଦେଖିବା ପାଇଁ ରାଜା ଓ ବିଦେଶୀ ରାଜଦୂତ ସହିତ ସମଗ୍ର ଦରବାର ଛାତ ଉପରେ ଉପସ୍ଥିତ ଥିଲେ ।

ଆକାଶ ମାର୍ଗୀୟ ଅଭିନବ ଘଟଣାକୁ ଦେଖି ମଣିଷମାନଙ୍କ ଭିତରେ କିପରି କୌତୂହଳ ଓ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା, ତାହାକୁ ଅତି ମନୋଜ୍ଞ ଭାବରେ କଥାକାର ପ୍ରକାଶ କରିଛନ୍ତି ।

**୨. କଚ୍ଛପ ମାଂସ ଭକ୍ଷଣ କରିବାକୁ କିଏ କିପରି ଆଗ୍ରହ ପ୍ରକାଶ କରିଥିଲେ – ଦର୍ଶାଅ ।**

ଉ.: ଖାଦ୍ୟ ସହିତ ମଣିଷ କାହିଁକି ସମଗ୍ର ଜୀବଜଗତର ରହିଥାଏ ଅହେତୁକ ଆବେଦନ । ମାତ୍ର ମଣିଷ ମନରେ ଖାଦ୍ୟ ପାଇଁ ଇଚ୍ଛା ଥିଲେ ବି ସେ ପରିସ୍ଥିତି ଓ ପରିବେଶକୁ ନେଇ ତାହା ପ୍ରକାଶ କରିପାରେ ନାହିଁ । ଯାହାଫଳରେ ଖାଦ୍ୟଟିକୁ ପାଇବା ପାଇଁ ପ୍ରକାରାନ୍ତରେ ମନ ଭାବକୁ ସୂଚିତ କରିଥାଏ । କଥାକାର ମନୋଜ ଦାସ, 'ଆକାଶ କଇଁଛ' ଗଳ୍ପରେ ମଣିଷ ମନର ଏହି ଭାବକୁ ଅତି ମନୋଜ୍ଞ ଓ ବ୍ୟଙ୍ଗାତ୍ମକ ଭାବେ ପ୍ରକାଶ କରି, ଗଳ୍ପର ସ୍ୱାଭାବିକତା ରକ୍ଷା କରିଛନ୍ତି । ଆକାଶରୁ ଖସିଥିବା ସୁଦୃଶ୍ୟ କଇଁଛକୁ ଦେଖି ରାଜା ସମେତ ସମସ୍ତ ଦରବାରୀ ମଣିଷଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଛି, ମାତ୍ର ନିଜର ମନୋଭାବକୁ କେହି ଖୋଲା ଖୋଲି ପ୍ରକାଶ କରିପାରି ନାହାନ୍ତି ।

କଚ୍ଛପଟିକୁ ଦେଖିବାପରେ ପ୍ରଧାନ ବିଶେଷଜ୍ଞ ଭୋଜନପ୍ରେମୀ କହିଲେ, "ଏଇଟି ଦୁର୍ଲଭ ଧରଣର ସୁସ୍ୱାଦୁ କଚ୍ଛପ । କଚ୍ଛପ ମାଂସ ରାଜକୀୟ ଖାଦ୍ୟ ତାଲିକାର ବହିର୍ଭୂତ ହୋଇନଥିଲେ ଏହା ରାଜଭୋଗର ମର୍ଯ୍ୟାଦା ପାଇବାକୁ ହକ୍‌ଦାର ଥିଲା ।" ବିଶେଷଜ୍ଞ - ଅଭିମତ ପରେ କବିରାଜ ଜ୍ୟୋତିଷୀ ନିଜର ବାହାଦୁରୀ ଦେଖାଇ କହିଥିଲେ, "ସହସ୍ର ବର୍ଷରେ ଥରେ ଯାଇ କଚ୍ଛପ ବୃଷ୍ଟି ହୁଏ । ଆଉ ସେ କଚ୍ଛପ ମାଂସ ସହସ୍ର ଧରଣର ରୋଗବ୍ୟାଧି ଓ ଦୋଷ ଦୁର୍ବଳତାର ପ୍ରତିଷେଧକ ହୋଇଥାଏ ।" ସ୍ୱୟଂ ରାଜା କଚ୍ଛପଟିକୁ ଦେଖିବାପରେ, ତାଙ୍କ ଆଖି ଲାଳସାରେ ଝଲସି ଯାଇଥିଲା । ନିଜର ମନର ଭାବକୁ ଗୋପନ ରଖି ସେ କହିଥିଲେ, "ଏହା ଯେ ସ୍ଥଳେ ବହୁରୋଗ ଓ ଦୋଷ ଦୁର୍ବଳତାର ମହୌଷଧି, ଏହାକୁ ରନ୍ଧନ କରି ପୀଡ଼ିତମାନଙ୍କୁ ଦେବାର ବ୍ୟବସ୍ଥା କରିବା ।" ରାଜା ଏଭଳି କଥା କହି ମୁଖ୍ୟ ପାଚକକୁ ତାହାକୁ ରନ୍ଧନ କରିବାକୁ ନିର୍ଦ୍ଦେଶ ଦେଇଥିବଲେ । ସେନାପତିଙ୍କ ମନରେ ମଧ କଚ୍ଛପ ମାଂସ ଖାଇବା ପାଇଁ ଆଗ୍ରହ ରହିଥିଲା । ମାତ୍ର ସେ ନିଜର ମନୋଭାବକୁ ସିଧା ସିଧି

ପ୍ରକାଶ କରି କହିଥିଲେ, ଛାର କଚ୍ଛପ ମାଂସ ଖାଇବାପାଇଁ ସେ ପସନ୍ଦ କରନ୍ତି ନାହିଁ, ଏଇଟିରୁ ବରଂ ପାଳେ ଖାଇବେ । ଅଧିକ ଦକ୍ଷତାର ସହିତ ରାଜସେବା କରିବା ନିମନ୍ତେ କଚ୍ଛପ ମାଂସର ଆବଶ୍ୟକତା ରହିଛି, ଯେହେତୁ ସେ ଏହି ମାଂସ ଖାଇବାଦ୍ୱାରା ଗଣ୍ଠିବାତରୁ ମୁକ୍ତି ପାଇବେ । ସେନାପତିଙ୍କ ବକ୍ତବ୍ୟ ଶୁଣି ସାରିଲା ପରେ, ସମସ୍ତ ମନ୍ତ୍ରୀ ଓ ସଭାସଦ୍ ବର୍ଗ କହିଲେ, ଅଧିକ ଦକ୍ଷ ରାଜସେବା ନିମନ୍ତେ କଚ୍ଛପର କିୟଦଂଶମାନ ଭକ୍ଷଣକରି କୌଣସି ନା କୌଣସି ରୋଗରୁ ମୁକ୍ତି ପାଇଁ ସେମାନେ ଆଗ୍ରହୀ । ସମସ୍ତଙ୍କ କଥା ଶୁଣି ସାରିବା ପରେ ବିଦେଶୀ ରୋଗରୁ ମୁକ୍ତିପାଇଁ ସେମାନେ ଆଗ୍ରହୀ । ସମସ୍ତଙ୍କ କଥା ଶୁଣି ସାରିବା ପରେ ବିଦେଶୀ ରାଜଦୂତ କହିଲେ, "ଆମ ଦୁଇ ମହାନ୍ ଦେଶ ମଧ୍ୟରେ ମୈତ୍ରୀ ଗାଢ଼ତର କରିବାର ଆବଶ୍ୟକତା ଦୃଷ୍ଟିରୁ ମୁଁ ମଧ କିଞ୍ଚିତ କଚ୍ଛପ ମାଂସ ଭକ୍ଷଣ ପାଇଁ ପ୍ରସ୍ତୁତ ।"

ଉପରୋକ୍ତ ବକ୍ତବ୍ୟରୁ ସ୍ପଷ୍ଟ ସୂଚିତ ହୁଏ ଯେ, ସମସ୍ତଙ୍କ ମନରେ କଚ୍ଛପମାଂସ ଭକ୍ଷଣ କରିବାକୁ ଆଗ୍ରହ ଥିଲେ ମଧ, କେହି ସିଧାସିଧି ମନୋଭାବକୁ ବ୍ୟକ୍ତ କରିନାହାନ୍ତି ।

ଘ. "ବୁଦ୍ଧୁ ସ୍ୱୟଂ ମାନିନଗଲେ ଆମ୍ଭକୁ ବାତିଲ ରୀତି ଦ୍ୱାରା ଆବିଷ୍କାର କରିବାକୁ ହେବ; ଉକ୍ତିଟିର ତାତ୍ପର୍ଯ୍ୟ ଦର୍ଶାଅ ।

ଉ.: ଆଲୋଚ୍ୟ ପ୍ରସଙ୍ଗଟି 'ଆକାଶ କଇଁଛ' ଗଳ୍ପରେ ଗାଳ୍ପିକ ମନୋଜ ଦାସ, ରାଜାଙ୍କ ଚାତୁର୍ଯ୍ୟ ଉକ୍ତିଟିକୁ ଏଥିରେ ପ୍ରକାଶ କରିଛନ୍ତି । କଥାଶିଳ୍ପୀ ଶ୍ରୀଯୁକ୍ତ ଦାସ ହାସ୍ୟ ଓ ବ୍ୟଙ୍ଗ ମାଧ୍ୟମରେ ସମାଜର ଦୋଷ ଦୁର୍ବଳତାକୁ ପ୍ରକାରାନ୍ତରେ ପରିପ୍ରକାଶ କରନ୍ତି । ମଣିଷ ମନର ଦୁର୍ବଳତା ଓ ଗୋପନ ରହସ୍ୟକୁ ସେ ଖୋଲାଖୋଲି ଉଲ୍ଲେଖ କରିବାକୁ ଚାହିଁଥାନ୍ତି । ରାଜାଙ୍କ ମନରେ କଇଁଛ ମାଂସ ଖାଇବା ପାଇଁ ରହିଛି ଯଥେଷ୍ଟ ଲାଳସା, ମାତ୍ର ସମସ୍ତ ରାଜପରିଷଦଙ୍କ ମନରେ ଅନୁରୂପ ଭାବ ରହିଥିବାର ଅନୁଭବ କଲା ପରେ, ସେ ଅତି ଚତୁରତାର ସହିତ ଏଭଳି ଉକ୍ତି ପ୍ରକାଶ କରିଛନ୍ତି ।

ଆକାଶରୁ କଇଁଛଟି ଖସିପଡ଼ିବା ପରେ, ରାଜା ଓ ସମସ୍ତ ପରିଷଦଙ୍କ ମନରେ କଇଁଛ ମାଂସ ଖାଇବା ପାଇଁ ଦେଖାଦେଇଛି ଆଗ୍ରହ । କିନ୍ତୁ ନିଜ ମନର ଭାବକୁ ସେମାନେ ଗୋପନ ରଖି, କେବଳ ଅସୁସ୍ଥତାର ଆଳ ଦେଖାଇ କଇଁଛ ମାଂସରେ ଭାଗୀଦାର ହେବାକୁ ଚାହିଁଛନ୍ତି । ଶେଷରେ ରାଜା କହିଛନ୍ତି, ଯାହାର କଇଁଛ ମାଂସ ସର୍ବାଧିକ ପ୍ରୟୋଜନ, ତାହାକୁ ହିଁ କଇଁଛ ମାଂସ ମିଳିବ । କିନ୍ତୁ କଇଁଛଟି ଶୂନ୍ୟରୁ ଖସିଲା ବେଳେ ଯାହା କହିଥିଲା, ତାହାକୁ ରାଜା ବୃହରମ କର୍ଣ୍ଣସମ୍ବଳିତ ସଭାସଦ୍‌ଙ୍କ ମାଧ୍ୟମରେ ଜାଣିଛନ୍ତି । ଜୀବଟି ଉପରୁ ଖସୁଥିଲା ବେଳେ 'ବୁଦ୍ଧୁ' ଶବ୍ଦଟି ଉଚ୍ଚାରଣ କରିଥିଲା ବୋଲି, ସମସ୍ତେ ଅନୁଭବ କରିଛନ୍ତି ।

କାହା ଉଦ୍ଦେଶ୍ୟରେ କଇଁଟି 'ବୁଦ୍ଧୁ' ଶବ୍ଦ ଉଚ୍ଚାରଣ କରିଥିଲା, ରାଜା ତାହା ଜାଣିବାକୁ ଚାହିଁଛନ୍ତି । ମାତ୍ର କେହି ନିଜକୁ 'ବୁଦ୍ଧୁ' ମନେ କରି ପରସ୍ପର ପରସ୍ପରକୁ ଅନାଇଛନ୍ତି । ଶେଷରେ ରାଜା ସଭାସଦ୍‌ଙ୍କ ଉଦ୍ଦେଶ୍ୟରେ କହିଥିଲେ "ବୁଦ୍ଧୁ ସ୍ୱୟଂ ମାନି ନଗଲେ, ଆମ୍ଭକୁ ବାତିଲ୍ ରୀତି ଦ୍ୱାରା ଆବିଷ୍କାର କରିବାକୁ ହେବ ।" ରାଜା ଜଣକ ପରେ ଜଣକୁ ବୁଦ୍ଧୁ ସମ୍ପର୍କରେ ପ୍ରଶ୍ନ କଲେ ବି, କେହି ନିଜକୁ ବୁଦ୍ଧୁ ବୋଲି ସ୍ୱୀକାର କରିନଥିଲେ ।

ରାଜା ପ୍ରଥମେ ବିଦେଶୀ ରାଜାଦୂତଙ୍କୁ ଉଦ୍ଦେଶ୍ୟରେ କହିଲେ "ରାଜଦୂତ ମହୋଦୟ ତାଙ୍କ କୂଟନୈତିକ ବୈଶିଷ୍ଟ୍ୟ ଦୃଷ୍ଟିରୁ ବୁଦ୍ଧୁ ପଦବାଚ୍ୟ ହୋଇ ନପାରନ୍ତି ।" ରାଜଦୂତ ମୁଣ୍ଡ ହଲାଇ ରାଜାଙ୍କ କଥାକୁ ସମର୍ଥନ କଣାଇଲେ । ରାଜା ମନ୍ତ୍ରୀମାନଙ୍କ

ଉଦ୍ଦେଶ୍ୟରେ କହିଲେ, 'ଆମ ମନ୍ତ୍ରୀମାନେ କେବଳ ମନ୍ତ୍ରୀ, ସେମାନେ ବୁଦ୍ଧୁ ହୋଇନପାରନ୍ତି ।' ମନ୍ତ୍ରୀମାନେ ସ୍ମିତହାସ କରି ଏଭଳି ଉକ୍ତିକୁ ସ୍ୱୀକାର କଲେ । ସେନାପତିଙ୍କ ସମ୍ପର୍କରେ ରାଜା କହିଲେ- "ଆମ ସେନାପତି ଯିଏକି ସର୍ବ ସମକ୍ଷରେ, ଏପରିକି ଜଣେ ବିଦେଶୀ ଦୂତଙ୍କ ଉପସ୍ଥିତ ସତ୍ତ୍ୱେ, ନିଜ ଗଣ୍ଠିବାତର ରହସ୍ୟ ପ୍ରକାଶ କରିଦେଲେ, ସେ କେବେ ବୁଦ୍ଧୁ ନୁହଁନ୍ତି" । ରାଜାଙ୍କ କଥାଶୁଣି ସେନାପତି ବିକଳ ହୋଇ ଚାହିଁ ରହିଲେ ।

ଏପରି ବାତିଲ ରୀତି ଦ୍ୱାରା ସମସ୍ତେ ବାତିଲ ହେଲା ପରେ, କେବଳ ରହିଲେ ରାଜା । ତେଣୁ ରାଜା ଦୀର୍ଘଶ୍ୱାସ ପକାଇ କାନ୍ଦି ଉଠିଥିଲେ ।

ରାଜାଙ୍କର ବାତିଲ୍ ରୀତିର ଉକ୍ତି ବେଶ୍ ଚମତ୍କାର ହୋଇପାରିଛି ।

❖❖❖

# ଚତୁର୍ଥ ଏକକ

## (କ) ଗଦ୍ୟାଂଶ

୧. ଅବବୋଧ ପରୀକ୍ଷଣ :

(୨) ପ୍ରଶ୍ନ ସାହିତ୍ୟ ଜ୍ୟୋତି (ଦ୍ୱାଦଶ ଶ୍ରେଣୀ)ରେ ରହିଛି - ପୃ.୨୭୨-୨୭୩ ।

୨. ସମ୍ଭାବ୍ୟ ଉତ୍ତର :

(କ) ଏ ନମ୍ବର ବିଶିଷ୍ଟ ପ୍ରଶ୍ନ : ଗୋଟିଏ ବାକ୍ୟରେ ଉତ୍ତର ଦେବାକୁ ହେବ ।

୧. ମନୁଷ୍ୟର ସଙ୍କୁଚିତ ଅବସ୍ଥା ଆସିଗଲେ କ'ଣ ହୁଏ ?

ଉ.: ମନୁଷ୍ୟର ସଙ୍କୁଚିତ ଅବସ୍ଥା ଆସିଗଲେ, ସେ ସହଜରେ ସେହି ଅବସ୍ଥାରୁ ଆଉ ମୁକୁଳି ପାରେ ନାହିଁ ।

୨. ମନୁଷ୍ୟତ୍ୱର ଶ୍ରେଷ୍ଠ ନିଦର୍ଶନ କେଉଁଥିରେ ନଥାଏ ?

ଉ.: ମନୁଷ୍ୟତ୍ୱର ଶ୍ରେଷ୍ଠ ନିଦର୍ଶନ ସେଥିରେ ରହିନଥାଏ, ଯେଉଁଥିରେ ସେ ନିଜତ୍ୱ ରକ୍ଷା ନକରି ଏକ ଧାରାବାହିକ କର୍ମପନ୍ଥାରେ ଜୀବନ ବିତାଇଥାଏ ।

୩. କେଉଁ ଗୃହସ୍ଥର ସଂସାରରେ ଉପଯୁକ୍ତ ସ୍ଥାନ ନାହିଁ ?

ଉ.: ଯେଉଁ ଗୃହସ୍ଥ ନିଜକୁ ଛୋଟ ମନେକରି, ଅର୍ଥ କିମ୍ବା କ୍ଷମତା ପ୍ରଭାବକୁ ଭୟକରି ନିଜର ଶକ୍ତି ବିକଶିତ କରେ ନାହିଁ, ସେହି ଗୃହସ୍ଥର ସଂସାରରେ ଉପଯୁକ୍ତ ସ୍ଥାନ ନାହିଁ ।

୪. ଗୃହସ୍ଥର ପ୍ରଧାନ ଧର୍ମ କ'ଣ ?

ଉ.: ଗୃହସ୍ଥର ପ୍ରଧାନ ଧର୍ମ ହେଉଛି, ସଂସାର କ୍ଷେତ୍ରରେ ନିଷ୍ଠାର ସହିତ କର୍ତ୍ତବ୍ୟ ପାଳନ ।

(ଖ) ଦୁଇ ନମ୍ବର ବିଶିଷ୍ଟ ପ୍ରଶ୍ନ : ଦୁଇଟି ବାକ୍ୟରେ ଉତ୍ତର ଲେଖ ।

୧. ଆଜି କେଉଁ ଶିକ୍ଷାର ପ୍ରଚଳନ ନାହିଁ ?

ଉ.: ପୂର୍ବ କାଳରେ ଆମ ଦେଶରେ ଗୃହସ୍ଥର ଆଚରଣ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଉଥିଲା । ମାତ୍ର ବର୍ତ୍ତମାନ ସେଭଳି ଶିକ୍ଷାର ପ୍ରଚଳନ କରାଯାଉ ନାହିଁ ।

୨. ଗୃହସ୍ଥଙ୍କୁ ନିଜତ୍ୱର ପରିଚୟ କେତେବେଳେ ମିଳେ ?

ଉ.: ପ୍ରତ୍ୟେକ ଗୃହସ୍ଥ ନିଜର ପାରିବାରିକ ପରିସ୍ଥିତିରେ ଥାଇ ମଧ୍ୟ, ନିଜର ଇଚ୍ଛାନୁସାରେ ଅନୁକୂଳ ଅବସ୍ଥାକୁ ଲକ୍ଷ୍ୟକରି ନିଜର ଶକ୍ତି ପ୍ରୟୋଗ କରିପାରେ । ସେହି ଶକ୍ତି ପ୍ରୟୋଗ ଦ୍ୱାରା ଯେଉଁ ବିକାଶ ଜନ୍ମ ନେଇଥାଏ, ସେଥିରୁ ଗୃହସ୍ଥଙ୍କୁ ନିଜତ୍ୱର ଯଥେଷ୍ଟ ପରିଚୟ ମିଳିଥାଏ ।

୩. କେଉଁମାନଙ୍କୁ ପ୍ରକୃତ ଗୃହସ୍ଥ ବୋଲି କୁହାଯାଇ ନପାରେ ?

ଉ.: ସଂସାରରେ ଅନେକ ଗୃହସ୍ଥ ରହିଛନ୍ତି, ଯେଉଁମାନେ କି କେବଳ ଗୋଟିଏ ଗଡ୍ଡଳିକା ପ୍ରବାହରେ ଭାସିଯାଇଥାନ୍ତି । ସେଭଳି ପ୍ରଭାବରେ ପ୍ରଭାବିତ ଗୃହସ୍ଥମାନଙ୍କୁ ପ୍ରକୃତ ଗୃହସ୍ଥ ବୋଲି କୁହାଯାଇ ନପାରେ ।

## (୩) ପ୍ରଶ୍ନ ସାହିତ୍ୟ ଜ୍ୟୋତି ବହି (ଦ୍ୱାଦଶ ଭାଗ)ରେ ରହିଛି - ପୃ.:୨୭୪-୨୭୬

**ସମ୍ଭାବ୍ୟ ଉତ୍ତର:**

(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନ : ଗୋଟିଏ ବାକ୍ୟରେ ଉତ୍ତର ଦେବାକୁ ହେବ ।

୧. ସାଧନା ଅନେକ ପରିମାଣରେ କାହା ଉପରେ ନିର୍ଭର କରେ ?

ଉ.: ସାଧନା ଅନେକ ପରିମାଣରେ ସୁଦୃଢ଼ ଭିତ୍ତି ଓ ବେଷ୍ଟନୀ ଉପରେ ନିର୍ଭର କରେ ।

୨. ସାଧାରଣ ମନୁଷ୍ୟ କ'ଣ ପାଇଲେ ଆନନ୍ଦ ଅନୁଭବ କରେ ?

ଉ.: ଯେହେତୁ ମନୁଷ୍ୟ ସବୁବେଳେ ଅନୁକୂଳ ଅବସ୍ଥାକୁ ଲକ୍ଷ୍ୟ କରିଥାଏ, ତେଣୁ ସେ ନିଜର ଇଚ୍ଛାନୁଯାୟୀ ବେଷ୍ଟନୀଟିଏ ପାଇଲେ ଆନନ୍ଦ ଅନୁଭବ କରିଥାଏ ।

୩. ବେଗବତୀ ନଦୀର ପ୍ରବଳ ପ୍ରବାହ କେଉଁଠାରେ ବିରାଟ ସମାନତା ସୃଷ୍ଟି କରେ ?

ଉ.: ବେଗବତୀ ନଦୀର ପ୍ରବଳ ପ୍ରବାହ ଅନନ୍ତସାଗର ମିଳନରେ ହିଁ ସମାନତା ସୃଷ୍ଟି କରେ ।

୪. କାଳର ପ୍ରଭାବ ସଙ୍ଗେ କେଉଁମାନଙ୍କ ପ୍ରେରଣା ମିଶି ନୂତନତା ସୃଷ୍ଟି କରେ ?

ଉ.: କାଳର ପ୍ରଭାବ ସଙ୍ଗେ ମନୀଷୀମାନଙ୍କ ପ୍ରେରଣା ମିଶି ନୂତନତା ସୃଷ୍ଟି କରେ ।

(ଖ) ଦୁଇନମ୍ବର ବିଶିଷ୍ଟ ପ୍ରଶ୍ନ : ଦୁଇଟି ବାକ୍ୟରେ ଉତ୍ତର ଲେଖ ।

୧. ସାଂସାରିକ କାର୍ଯ୍ୟ ସମ୍ପାଦନରେ ମହତ୍ ଲୋକର କାର୍ଯ୍ୟ ସହଜରେ ଅନୁସୃତ ହୋଇ ନପାରିବାର କାରଣ କ'ଣ ?

ଉ.: ସାଂସାରିକ କାର୍ଯ୍ୟ ସମ୍ପାଦନରେ ମହତ୍ ଲୋକଙ୍କ ଚିନ୍ତାଧାରା ନୂତନତା ପରିପ୍ରକାଶ କରେ, ଯାହାକି ସାଧାରଣ ସାଂସାରିକ ଜୀବନର ବିରୋଧୀ ହୋଇଥାଏ । ଏହି ବିରୁଦ୍ଧ ଚିନ୍ତାଧାରା ସାଧାରଣ ସଂସାରୀର ବୋଧଗମ୍ୟ ନହେବାରୁ, ମହତ୍ ଲୋକଙ୍କର କାର୍ଯ୍ୟ ସହଜରେ ଅନୁସୃତ ହୋଇନଥାଏ ।

୨. କାହାକୁ ସାଧାରଣତଃ ଆମ୍ଭେମାନେ ଯୁଗୋଚିତ ପରିବର୍ତ୍ତନ ଆଖ୍ୟା ଦେଇଥାଉ ?

ଉ.: କାଳର ପ୍ରଭାବ ସଙ୍ଗେ ମନୀଷୀମାନଙ୍କର ପ୍ରେରଣା ମିଶି ଗୋଟିଏ ନୂତନତ୍ୱ ସୃଷ୍ଟି କରିଥାଏ । ଏହି ନୂତନତ୍ୱକୁ ସାଧାରଣତଃ ଆମ୍ଭେମାନେ ଯୁଗୋଚିତ ପରିବର୍ତ୍ତନ ଆଖ୍ୟା ଦେଇଥାଉ ।

୩. ଜୀବନର ଗତିରେ ଗୋଟିଏ ବିପ୍ଳବ ଆଣିବା ପାଇଁ କେଉଁମାନଙ୍କ ସାଧନା ନିୟୋଜିତ ହୁଏ ?

ଉ.: ଯେଉଁମାନେ ସାଧନାର ବେଷ୍ଟନୀରୁ ମୁକ୍ତ ହୋଇ, ସାଧନା ବଳରେ ପରିବର୍ତ୍ତନର ସୂତ୍ରପାତ କରନ୍ତି, ସେମାନେ ନିଜର ଅନ୍ତର୍ନିହିତ ସ୍ୱାଧୀନ ଭାବକୁ ପ୍ରକାଶ କରିବାକୁ ଯଥେଷ୍ଟ ସୁବିଧା ପାଇଥାନ୍ତି । ଜୀବନ ଗତିରେ ଗୋଟିଏ ବିପ୍ଳବ ଆଣିବା ପାଇଁ ସେହିମାନଙ୍କ ସାଧନା ନିୟୋଜିତ ହୋଇଥାଏ ।

## (୪) ପ୍ରଶ୍ନ ସାହିତ୍ୟ ଜ୍ୟୋତି ବହି (ଦ୍ୱାଦଶ ଶ୍ରେଣୀ)ରେ ରହିଛି - ପୃ.:୨୬୭-୨୬୮

**ସମ୍ଭାବ୍ୟ ଉତ୍ତର:**

(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନ : ଗୋଟିଏ ବାକ୍ୟରେ ଉତ୍ତର ଦେବାକୁ ହେବ ।

୧. କେଉଁ ମହାନ୍ ଓ ପ୍ରଶଂସାଯୋଗ୍ୟ ସମ୍ରାଟଙ୍କ କଥା ଆଲୋଚନା କରାଯାଇଛି ?

ଉ.: ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ନାତି ସମ୍ରାଟ ଅଶୋକ ମହାନ୍ ଓ ପ୍ରଶଂସାଯୋଗ୍ୟ ଥିବାରୁ, ତାଙ୍କ କଥା ଆଲୋଚନା କରାଯାଇଛି ।

୨. ଚନ୍ଦ୍ରଗୁପ୍ତଙ୍କ ପରେ କିଏ ମୌର୍ଯ୍ୟ ବଂଶର ରାଜା ଥିଲେ ?

ଉ.: ଚନ୍ଦ୍ରଗୁପ୍ତଙ୍କ ପରେ, ତାଙ୍କ ପୁତ୍ର ବିନ୍ଦୁସାର ମୌର୍ଯ୍ୟ ବଂଶର ରାଜା ଥିଲେ ।

୩. ବିହାରର ପୁରାତନ ସ୍ମୃତିରୁ କ'ଣ ଜଣାପଡ଼େ ?

ଉ.: ମୌର୍ଯ୍ୟ ବଂଶ ଆରମ୍ଭ ପୂର୍ବରୁ ବିହାରରେ ଏକପ୍ରକାର କାଚ ତିଆରି ହେଉଥିଲା ବୋଲି, ପୁରାତନ ସ୍ମୃତିରୁ ଜଣାପଡ଼େ।

୪. ଅଶୋକ ତାଙ୍କ ରାଜତ୍ୱର କେଉଁ ବର୍ଷରେ କଳିଙ୍ଗ ବିଜୟ ଆରମ୍ଭ କରିଥିଲେ ?

ଉ.: ଅଶୋକ ତାଙ୍କ ରାଜତ୍ୱର ନବମ ବର୍ଷରେ କଳିଙ୍ଗ ବିଜୟ ଆରମ୍ଭ କରିଥିଲେ ?

(ଖ) ଦୁଇ ନମ୍ବର ବିଶିଷ୍ଟ ପ୍ରଶ୍ନ : ଦୁଇଟି ବାକ୍ୟରେ ଉତ୍ତର ଲେଖ।

୧. ୱେଲସ୍ ତାଙ୍କ ଇତିହାସ ପୁସ୍ତକରେ ଅଶୋକଙ୍କ ସମ୍ବନ୍ଧରେ କ'ଣ ଲେଖିଛନ୍ତି ?

ଉ.: ୱେଲସ୍‌ଙ୍କ ତାଙ୍କ ଇତିହାସ ପୁସ୍ତକରେ, ମହାରାଜାଧିରାଜ ସମ୍ରାଟ ନାମରେ ହଜାର ହଜାର ରାଜାଙ୍କ ନାମ ରହିଅଛି। ସେହି ରାଜମାନଙ୍କ ମଧ୍ୟରେ ଅଶୋକ ଶ୍ରେଷ୍ଠ ଏବଂ ତାଙ୍କ ନାମ ଉଜ୍ଜ୍ୱଳ ନକ୍ଷତ୍ର ପରି ଦେଖାଯାଏ ବୋଲି ସେ ଲେଖିଛନ୍ତି।

୨. ବିନ୍ଦୁସାରଙ୍କ ରାଜତ୍ୱ କିପରି ଥିଲା ?

ଉ.: ବିନ୍ଦୁସାରଙ୍କ ରାଜତ୍ୱ ଥିଲା ଶାନ୍ତିପୂର୍ଣ୍ଣ ଓ ସେ ୨୫ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ସେ ବାହାର ରାଜ୍ୟ ସହିତ ସୁସମ୍ପର୍କ ରଖିବା ସହିତ ବେପାର ବାଣିଜ୍ୟ କରୁଥିଲେ।

୩. ଅଶୋକଙ୍କ ସାମ୍ରାଜ୍ୟ କେଉଁଠାରୁ କେଉଁ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ?

ଉ.: ଅଶୋକଙ୍କ ସାମ୍ରାଜ୍ୟ ସମଗ୍ର ଉତ୍ତର, ମଧ୍ୟଭାରତ ଏବଂ ଏସିଆ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ତଥାପି ସେ ଦକ୍ଷିଣପୂର୍ବ ଓ ଦକ୍ଷିଣରେ ଥିବା ଅବଶିଷ୍ଟ ଅଞ୍ଚଳକୁ ନିଜ ସାମ୍ରାଜ୍ୟ ସହିତ ମିଶାଇବାକୁ ଚାହୁଁଥିଲେ।

(୫) ପ୍ରଶ୍ନ ସାହିତ୍ୟ ଜ୍ୟୋତି ବହି (ଦ୍ୱାଦଶ ଶ୍ରେଣୀ)ରେ ରହିଛି - ପୃ.: ୨୭୯-୨୮୦

ସମ୍ଭାବ୍ୟ ଉତ୍ତର:

(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନ : ଗୋଟିଏ ବାକ୍ୟରେ ଉତ୍ତର ଦେବାକୁ ହେବ।

୧. ବିଶ୍ୱାସ ପରି ଅବିଶ୍ୱାସ କେଉଁ ମନର ଏକ ସହଜାତ ଲକ୍ଷଣ ?

ଉ.: ବିଶ୍ୱାସ ପରି ଅବିଶ୍ୱାସ ସଂକଳ୍ପ ବିକଳ୍ପାତ୍ମକ ମନର ଏକ ସହଜାତ ଲକ୍ଷଣ।

୨. କାହା ପାଇଁ ବିଶ୍ୱାସ ଓ ଅବିଶ୍ୱାସ ସମପର୍ଯ୍ୟାୟଭୁକ୍ତ ?

ଉ.: ଯେଉଁ ବ୍ୟକ୍ତି ଦ୍ୱନ୍ଦ୍ୱାତୀତ ଓ ସ୍ଥିତପ୍ରଜ୍ଞ, ସେହି ବ୍ୟକ୍ତି ପାଇଁ ବିଶ୍ୱାସ ଓ ଅବିଶ୍ୱାସ ସମପର୍ଯ୍ୟାୟଭୁକ୍ତ।

୩. କାହା ଉପରେ ହସ୍ତକ୍ଷେପ ହେଲେ ମଣିଷ ଉତ୍‌କ୍ଷିପ୍ତ ହୋଇଉଠେ ?

ଉ.: ଧର୍ମ, ନୈତିକତା, ସାମାଜିକତା, ଶିକ୍ଷା, ସଂସ୍କୃତି ଓ ରାଜନୀତି ଉପରେ ହସ୍ତକ୍ଷେପ ହେଲେ ମଣିଷ ଉତ୍‌କ୍ଷିପ୍ତ ହୋଇଉଠେ ।

୪. ମନର ଦୁଇଟି ସ୍ୱାଧୀନ ଅବଲମ୍ବନ କ'ଣ ?

ଉ.: ମନର ଦୁଇଟି ସ୍ୱାଧୀନ ଅବଲମ୍ବନ ହେଉଛି ତର୍କ ଏବଂ ବିଶ୍ୱାସ ।

(ଖ) ଦୁଇ ନମ୍ବର ବିଶିଷ୍ଟ ପ୍ରଶ୍ନ : ଦୁଇଟି ବାକ୍ୟରେ ଉତ୍ତର ଲେଖ ।

୧. ବିଶ୍ୱାସ ଓ ଅବିଶ୍ୱାସ ପରସ୍ପର କିପରି ସମ୍ବନ୍ଧିତ ?

ଉ.: ଅବିଶ୍ୱାସୀ ମନରେ ବିଶ୍ୱାସ ରହିଥାଏ, ଯେହେତୁ ଅବିଶ୍ୱାସୀ ନିଜକୁ ଏବଂ ନିଜର ସଂଶୟାତ୍ମକ ମନକୁ ସ୍ୱୀକାର କରିଥାଏ ଏବଂ ସ୍ୱୀକୃତି ଦେଇଥାଏ । ସୁତରାଂ ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟ ନିଗୂଢ଼ ସମ୍ପର୍କ ରହିଛି ।

୨. ମାନବ ଜାତିର ପ୍ରାରମ୍ଭରୁ ଅଦ୍ୟାବଧି ସାଧାରଣ ମନୁଷ୍ୟ କିପରି ବଞ୍ଚିପାରିଛି ?

ଉ.: ସ୍ଥିତପ୍ରଜ୍ଞ ପାଇଁ ବିଶ୍ୱାସ ଓ ଅବିଶ୍ୱାସ ସମପର୍ଯ୍ୟାୟଭୁକ୍ତ ହୋଇଥିବାରୁ, ସେ କୌଣସିଟିରେ ବିଚଳିତ ହୁଏ ନାହିଁ । ସ୍ଥିତପ୍ରଜ୍ଞ ନହେଲେ ବି ନିଜନିଜର ବିଶ୍ୱାସ ଅବିଶ୍ୱାସର ଦ୍ୱନ୍ଦ୍ୱକୁ ଆଶ୍ରୟ କରି ମାନବ ଜାତିର ପ୍ରାରମ୍ଭରୁ ଅଦ୍ୟାବଧି ସାଧାରଣ ମନୁଷ୍ୟ ବଞ୍ଚି ଆସିଛି ।

୩. କେଉଁ ଦୁଇଟି ସଂଘର୍ଷ ମଧ୍ୟରେ ମୌଳିକ ପାର୍ଥକ୍ୟ ନାହିଁ ?

ଉ.: ସିରିଆ ଏବଂ ବେବିଲୋନ୍ ବିଭିନ୍ନ ଦେବାଶ୍ରିତ ଧର୍ମବିଶ୍ୱାସୀଙ୍କ ପରି ଦୁଇଟା ନୀତି ଓ ବିଶ୍ୱାସର ସଂଘର୍ଷ ହେବାରେ ନୂତନତା ନାହିଁ । ମାତ୍ର ଭଲଭାବରେ ଦେଖିଲେ ଜଣାଯାଏ ନୀତି ଓ ବିଶ୍ୱାସ ସଂଘର୍ଷ ମଧ୍ୟରେ ମୌଳିକ ପାର୍ଥକ୍ୟ ନାହିଁ ।

(୬) ପ୍ରଶ୍ନ ସାହିତ୍ୟ ଜ୍ୟୋତି ବହି (ଦ୍ୱାଦଶ ଶ୍ରେଣୀ)ରେ ରହିଛି - ପୃ.: ୨୮୧-୨୮୩

ସମ୍ଭାବ୍ୟ ଉତ୍ତର:

(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନ : ଗୋଟିଏ ବାକ୍ୟରେ ଉତ୍ତର ଦିଅ ।

୧. ଦକ୍ଷିଣ ମେକ୍ସିକୋର ଜଙ୍ଗଲରୁ ମିଳୁଥିବା ଖାଦ୍ୟଶସ୍ୟର ଜାତୀୟ କଲମିର ଫଳ କ'ଣ ହେଲା ?

ଉ.: ଦକ୍ଷିଣ ମେକ୍ସିକୋର ଜଙ୍ଗଲରୁ ମିଳୁଥିବା ଖାଦ୍ୟଶସ୍ୟର ଜାତୀୟ କଲମି କୌଶଳ ପ୍ରୟୋଗ କରିବାରୁ, ସେଥିରୁ ଉତ୍କୃଷ୍ଟ ବିହନ ପ୍ରସ୍ତୁତ ହେଲା, ଯାହାଦ୍ୱାରା ଫସଲ ପରିମାଣ ବୃଦ୍ଧି ପାଇଲା ଏବଂ ଉଦ୍ଭିଦର ଜଣାଶୁଣା ଭାଇରସମାନଙ୍କ ସଂକ୍ରମଣରୁ ରକ୍ଷା ମିଳିଲା ।

୨. ଆସନ୍ନ ସଙ୍କଟ କବଳରୁ ରକ୍ଷା ପାଇବା ପାଇଁ କେଉଁ ଦୁଇପକ୍ଷର ସହଯୋଗିତା ଆବଶ୍ୟକ ?

ଉ.: ଆସନ୍ନ ସଙ୍କଟ କବଳରୁ ରକ୍ଷା ପାଇବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଓ ସେଣ୍ଟ୍ରାଲ ଆମେରିକାର ସହଯୋଗିତା ଆବଶ୍ୟକ ।

୩. ପରିସଂସ୍ଥୀୟ ଅଧୋଗତି ପାଇଁ ଆମ ଦେଶରେ କ'ଣ ହୋଇଯାଇଛି ?

ଉ.: ପରିସଂସ୍ଥୀୟ ଅଧୋଗତି ପାଇଁ ଆମ ଦେଶରେ ପ୍ରାଣୀ ଓ ଉଦ୍ଭିଦ ନିଶ୍ଚିହ୍ନ ହୋଇଯାଇଛନ୍ତି ।

୪. ଆମେ ଭାରତର ଭବିଷ୍ୟତ ପ୍ରଗତି ପଥକୁ କିପରି ଅବରୁଦ୍ଧ କରୁଛୁ ?

ଉ.: ଆମେ ଜଙ୍ଗଲାଞ୍ଚଳରେ ରହିଥିବା ଉତ୍କୃଷ୍ଟ 'ଜିନି ପୁଲ' ବା 'ଜିନ୍ ଭଣ୍ଡାର'କୁ ନଷ୍ଟକରିବା ଦ୍ୱାରା ଭାରତର ଭବିଷ୍ୟତ ପ୍ରଗତି ପଥକୁ ଅବରୁଦ୍ଧ କରୁଛୁ ।

(ଖ) ଦୁଇ ନମ୍ବର ବିଶିଷ୍ଟ ପ୍ରଶ୍ନ : ଦୁଇଟି ବାକ୍ୟରେ ଉତ୍ତର ଲେଖ ।

୧. ସେଣ୍ଟ୍ରାଲ ଆମେରିକାର ସୁବିସ୍ତୃତ ଜଙ୍ଗଲାଞ୍ଚଳ ବିଲୁପ୍ତ ହେଲେ ମାନବ ଜାତିର କିପରି କ୍ଷତି ହେବ ?

ଉ.: ସେଣ୍ଟ୍ରାଲ ଆମେରିକାର ସୁବିସ୍ତୃତ ଜଙ୍ଗଲାଞ୍ଚଳ ବିଲୁପ୍ତ ହେଲେ ମାନବ ଜାତିର ବିପୁଳ କ୍ଷତି ହେବ । ଜଙ୍ଗଲାଞ୍ଚଳ ବିଲୁପ୍ତ ଦ୍ୱାରା, ସମୃଦ୍ଧ ଜୈବିକ ଅନୁବଂଶିକ ଉତ୍ସ ନଷ୍ଟ ହୋଇଯିବ ଏବଂ କୃଷି, ଶିଳ୍ପ, ଚିକିତ୍ସା ବିଜ୍ଞାନର ସମୃଦ୍ଧି ହୋଇପାରିବ ନାହିଁ ।

୨. ଆସନ୍ନ ସଙ୍କଟ କବଳରୁ ରକ୍ଷା ପାଇବା ପାଇଁ କେଉଁ ଦୁଇପକ୍ଷର ସହଯୋଗିତା ଆବଶ୍ୟକ ?

ଉ.: ଆସନ୍ନ ସଙ୍କଟ କବଳରୁ ରକ୍ଷା ପାଇବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଓ ସେଣ୍ଟ୍ରାଲ ଆମେରିକାର ସହଯୋଗିତା ଆବଶ୍ୟକ ।

୩. ପରିସଂସ୍ଥୀୟ ଅଧୋଗତି ପାଇଁ ଆମ ଦେଶରେ କ'ଣ ହୋଇଯାଇଛି ?

ଉ.: ପରିସଂସ୍ଥୀୟ ଅଧୋଗତି ପାଇଁ ଆମ ଦେଶରେ ପ୍ରାଣୀ ଓ ଉଦ୍ଭିଦ ନିଶ୍ଚିହ୍ନ ହୋଇଯାଇଛନ୍ତି ।

୪. ଆମେ ଭାରତର ଭବିଷ୍ୟତ ପ୍ରଗତିପଥକୁ କିପରି ଅବରୁଦ୍ଧ କରୁଛୁ ?

ଉ.: ଆମେ ଜଙ୍ଗଲାଞ୍ଚଳରେ ରହିଥିବା ଉତ୍କୃଷ୍ଟ 'ଜିନିପୁଲ' ବା 'ଜିନ୍ ଭଣ୍ଡାର'କୁ ନଷ୍ଟ କରିବା ଦ୍ୱାରା, ଭାରତର ଭବିଷ୍ୟତ ପ୍ରଗତିପଥକୁ ଅବରୁଦ୍ଧ କରୁଛୁ ।

(ଖ) ଦୁଇ ନମ୍ବର ବିଶିଷ୍ଟ ପ୍ରଶ୍ନ : ଦୁଇଟି ବାକ୍ୟରେ ଉତ୍ତର ଲେଖ ।

୧. ସେଣ୍ଟ୍ରାଲ ଆମେରିକାର ସୁବିସ୍ତୃତ ଜଙ୍ଗଲାଞ୍ଚଳ ବିଲୁପ୍ତ ହେଲେ ସମଗ୍ର ମାନବ ଜାତିର ବିପୁଳ କ୍ଷତି ହେବ । ଜଙ୍ଗଲାଞ୍ଚଳ ବିଲୁପ୍ତ ଦ୍ୱାରା, ସମୃଦ୍ଧ ଜୈବିକ ଅନୁବଂଶିକ ଉତ୍ସ ନଷ୍ଟ ହୋଇଯିବ ଏବଂ କୃଷି, ଶିଳ୍ପ, ଚିକିତ୍ସା ବିଜ୍ଞାନର ସମୃଦ୍ଧି ହୋଇପାରିବ ନାହିଁ ।

୨. କୋଷ୍ଟାରିକାର ଜଙ୍ଗଲ ଅଞ୍ଚଳରେ କ'ଣ ମିଳିବାର ସମ୍ଭାବନା ଅଛି ?

ଉ.: କୋଷ୍ଟାରିକାର ଜଙ୍ଗଲ ଅଞ୍ଚଳରେ ୨୫୦୦ ପ୍ରକାର ଉଦ୍ଭିଦ ମିଳିବାର ସମ୍ଭାବନା ଅଛି ।

୩. କାହାର ପ୍ରାୟୋଗିକ ବିନିଯୋଗବଳରେ ମନୁଷ୍ୟ ନିଜର ଚାହିଦା ପୂରଣ କରିପାରିବ ?

ଉ.: ବିଗତ ଦୁଇ ଦଶନ୍ଧି ମଧ୍ୟରେ ଆଣବିକ ଜୀବବିଜ୍ଞାନ, ଅନୁବଂଶିକୀ ଓ ଅନୁବଂଶିକ ଅଭିଯାନ୍ତ୍ରିକ କ୍ଷେତ୍ରରେ ତ୍ୱରାନ୍ୱିତ ସମୃଦ୍ଧି ସାଧିତ ହେଉଛି । ଫଳସ୍ୱରୂପ ଭବିଷ୍ୟତରେ 'ଜିନ୍ ପୁଲ୍'ର ଯଥାର୍ଥ ପ୍ରାୟୋଗିକ ବିନିଯୋଗବଳରେ ମନୁଷ୍ୟ ନିଜର ଚାହିଦା ପୂରଣ କରିପାରିବ ।

### (୭) ପ୍ରଶ୍ନ ସାହିତ୍ୟ ଜ୍ୟୋତି ବହି ଦ୍ୱାଦଶ ଶ୍ରେଣୀରେ ରହିଛି – ପୃ.: ୨୮୪-୨୮୫

(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନ : ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

୧. କେଉଁ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦ୍ୱାରା ଆମ ଦେଶରେ ଉତ୍ପାଦନର ମାତ୍ରା ବଢ଼ିଛି ?

ଉ.: ବିଜ୍ଞାନ ସମ୍ମତ ପ୍ରଗତିଶୀଳ ପଦକ୍ଷେପ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଦ୍ୱାରା ଆମ ଦେଶରେ ଉତ୍ପାଦନର ମାତ୍ରା ବଢ଼ିଛି ।

୨. ଦୀର୍ଘ ମିଆଦୀ ସୂତ୍ରରେ ଶସ୍ୟ କ୍ଷେତ୍ରର ସୁରକ୍ଷା ପାଇଁ କିପରି ପଦକ୍ଷେପ ନେବାକୁ ହେବ ?

ଉ.: ଦୀର୍ଘ ମିଆଦୀ ସୂତ୍ରରେ ଶସ୍ୟ କ୍ଷେତ୍ରର ସୁରକ୍ଷା ପାଇଁ ଅତ୍ୟାଧୁନିକ ବିଜ୍ଞାନାଶ୍ରୟୀ ପଦକ୍ଷେପଗୁଡ଼ିକୁ ଗ୍ରହଣ କରିବାକୁ ପଡ଼ିବ ।

୩. କୃତ୍ରିମ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଫଳରେ କ'ଣ ହେଉଛି ?

ଉ.: କୃତ୍ରିମ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଫଳରେ ଭୂପୃଷ୍ଠର ବିରଳ ମୃତ୍ତିକାସ୍ତର ଅନୁଦ୍ଧରଣୀୟ ମାର୍ଗରେ ଦୂଷିତ ହେଉଛି ।

୪. କେଉଁ କାରଖାନାଗୁଡ଼ିକରେ ସମୃଦ୍ଧି ସାଧନା ଦିଗରେ ବର୍ତ୍ତମାନ ବ୍ୟାପକ ଆଲୋଚନା ଚାଲିଛି ?

ଉ.: ଜୈବିକ ସାରଗୁଡ଼ିକର ଉତ୍ପାଦନ ନିମିତ୍ତ ବ୍ୟାକ୍ଟେରିଆ ପୋଷଣରୂପୀ କାରଖାନାଗୁଡ଼ିକରେ ସମୃଦ୍ଧି ସାଧନା ଦିଗରେ ବର୍ତ୍ତମାନ ବ୍ୟାପକ ଆଲୋଚନା ଚାଲିଛି ।

(ଖ) ଦୁଇ ନମ୍ବର ବିଶିଷ୍ଟ ପ୍ରଶ୍ନ : ଦୁଇଟି ବାକ୍ୟରେ ଉତ୍ତର ଲେଖ ।

୧. ଭାରତ ବର୍ଷ ଖାଦ୍ୟ ଚାହିଦା ପୂରଣରେ କିପରି ସ୍ୱାବଲମ୍ବୀ ହୋଇପାରିଛି ?

ଉ.: ଖାଦ୍ୟ ଦ୍ରବ୍ୟର ଅଭିବୃଦ୍ଧି ନିମିତ୍ତ ଉତ୍ପାଦନ କ୍ଷେତ୍ରରେ ଭାରତବର୍ଷ ବିଜ୍ଞାନ ସମ୍ମତ ପ୍ରଗତିଶୀଳ ଭୂମିକା ନେଇଛି । ଯାହାଫଳରେ ଭାରତ ବର୍ଷ ଖାଦ୍ୟ ଚାହିଦା ପୂରଣରେ ସ୍ୱାବଲମ୍ବୀ ହୋଇପାରିଛି ।

୨. କ୍ରମବର୍ଦ୍ଧମାନ ଜନସାଧାରଣଙ୍କୁ ଖାଦ୍ୟ ଯୋଗାଇବା ପାଇଁ କେଉଁ ଅବସ୍ଥା ବେଶ୍ ସମୟ ଉପଯୋଗୀ ?

ଉ.: କ୍ରମବର୍ଦ୍ଧମାନ ଜନସାଧାରଣଙ୍କୁ ଖାଦ୍ୟ ଯୋଗାଇବା ପାଇଁ କେତେକେ ପଦ୍ଧତି ବେଶ୍ ସମୟ ଉପଯୋଗୀ । କୃଷିର ଅଭିବୃଦ୍ଧି ପାଇଁ ଟ୍ରାକ୍ଟରରେ ହଳକରିବା, ଉନ୍ନତ ବିହନ ବ୍ୟବହାର କରିବା, ଅଜୈବ ରାସାୟନିକ ସାର ବ୍ୟବହାର କରିବା, କୀଟନାଶକ ବ୍ୟବହାର ସହିତ ଉପଯୁକ୍ତ ପରିମାଣରେ ଜଳ ଯୋଗାଇବାକୁ ହେବ ।

୩. କେଉଁ ଗବେଷଣା ପ୍ରସୂତ ଅବଦାନ ଫଳରେ ଜମିକୁ ଉର୍ବର ରଖାଯାଇ ପାରିବ ?

ଉ.: କେତେକ ଗବେଷଣା ପ୍ରସୂତ ଅବଦାନ ଫଳରେ ଜମିକୁ ଉର୍ବର ରଖାଯାଇ ପାରିବ । ସେଗୁଡ଼ିକ ମଧ୍ୟରୁ ଆଣବିକ ଜୀବବିଜ୍ଞାନ ଓ ଅନୁବଂଶିକ ଅଭିଯାନ୍ତ୍ରିକ ଆଧାରିତ ଗବେଷଣା ପ୍ରସୂତ ଅବଦାନଗୁଡ଼ିକ ପ୍ରୟୋଗ କରିବାକୁ ହେବ ।

❖❖❖

# (ଖ) ପଦ୍ୟାଂଶ

## ସାହିତ୍ୟ ଜ୍ୟୋତି, ଦ୍ୱାଦଶ ଶ୍ରେଣୀ

### କବିତାଂଶ -୨

ପ୍ରଶ୍ନାବଳୀ - ପ୍ରଶ୍ନର ମୂଲ୍ୟ ଏକ ନମ୍ବର । ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

ସମ୍ଭାବ୍ୟ ଉତ୍ତର :

୧. ସଂସାର ମଧ୍ୟରେ ବସିଥିବା ହାଟକୁ କବି କିପରି ଦେଖିଛନ୍ତି ?

ଉ.: ସଂସାର ମଧ୍ୟରେ ବସିଥିବା ହାଟରେ ଲୋକ ଗହଳିରେ ବାଟ ମିଳୁନଥିବା କବି ଦେଖିଛନ୍ତି ।

୨. ଗହକିଙ୍କ ମନ ଭୁଲାଇବା ପାଇଁ ହାଟୁଆମାନେ କ'ଣ କରିଛନ୍ତି ?

ଉ.: ଗହକିଙ୍କ ମନ ଭୁଲାଇବା ପାଇଁ ହାଟୁଆମାନେ ଦୋକାନର ବହୁ ପ୍ରକାର ଯତ୍ନ ନେଇଛନ୍ତି ।

୩. ଲୋକେ ଦଳକୁ ଦଳ କେଉଁଠିକି ଧାଇଁଛନ୍ତି ବୋଲି କବି କହିଛନ୍ତି ?

ଉ.: ଲୋକେ ଦଳକୁ ଦଳ ହାଟର ପ୍ରଥମ ଦୋକାନ ନ୍ୟାୟ ବିଚାର କିଣିବା ପାଇଁ ଧାଇଁଛନ୍ତି ।

୪. ବିଣାକାଠି ହାତରେ ଧରି ଦୋକାନୀ କେଉଁ ପରି ବସିଛନ୍ତି ?

ଉ.: ବିଣାକାଠି ହାତରେ ଧରି ଦୋକାନୀ ଯମରାଜାଙ୍କ ପରି ବସିଛନ୍ତି ।

୫. ପ୍ରଥମ ଦୋକାନରେ କେଉଁ ମାଲ୍ ମିଳେ ବୋଲି କୁହାଯାଇଛି ?

ଉ.: ପ୍ରଥମ ଦୋକାନରେ ନ୍ୟାୟ ବିଚାର ମାଲ୍ ମିଳେ ବୋଲି କୁହାଯାଇଛି ।

### କବିତାଂଶ-୩

ପ୍ରଶ୍ନାବଳୀ :

ପ୍ରଶ୍ନର ମୂଲ୍ୟ ଏକ ନମ୍ବର । ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

ସମ୍ଭାବ୍ୟ ଉତ୍ତର :

୧. ପାରା ଯୋଡ଼ିକୁ କ'ଣ ଖାଇବାକୁ ପିଇବାକୁ କବି କହିଛନ୍ତି ?

ଉ.: ପାରା ଯୋଡ଼ିକୁ ନଡ଼ିଆ-ରସ ଖାଇବାକୁ ପିଇବାକୁ କବି କହିଛନ୍ତି ।

୨. ମାଳି ଘର ଖଟୁଲି କେଉଁଥିରେ ତିଆରି ?

ଉ.: ବାଉଁଶ ପାତିଆରେ ମାଳି ଘର ଖଟୁଲି ତିଆରି ।

୩. ପାରା ଯୋଡ଼ିକ କେଉଁ ସମୟରେ ଉଡ଼ିଯାଉଥିଲେ ?

ଉ.: ପାରାଯୋଡ଼ିକ ଡାଆଣିଆ ଖରାପଡ଼ି ବେଳବୁଡ଼ି ଯାଉଥିବା ସମୟରେ ଉଡ଼ିଯାଉଥିଲେ ।

୪. କେଉଁ ଦାଣ୍ଡ ଯିବା ପାଇଁ ଶୁଆ ଶାରୀକୁ କହିଛି ?

ଉ.: ବଡ଼ ଦାଣ୍ଡ ଯିବା ପାଇଁ ଶୁଆ ଶାରୀକୁ କହିଛି ।

୫. ଗୋବର ଲଣ୍ଡିକୁ କ'ଣ କରିବା ପାଇଁ କବି କହିଛନ୍ତି ?

ଉ.: ଗୋବର ଲଣ୍ଡିକୁ ନେଇ ଲିପାପୋଛା କରି ମଙ୍ଗଳା ପୂଜିବାକୁ କବି କହିଛନ୍ତି ।

## କବିତାଂଶ-୪

ପ୍ରଶ୍ନର ମୂଲ୍ୟ ଏକ ନମ୍ବର । ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

ସମ୍ଭାବ୍ୟ ଉତ୍ତର :

୧. ନୀରବରେ କ'ଣ ପ୍ରସାରିତ ହୋଇଥାଏ ?

ଉ.: ନୀରବରେ ଦିବ୍ୟ ଜ୍ୟୋତିଧାରା ପ୍ରସାରିତ ହୋଇଥାଏ ।

୨. ନୀରବରେ କିଏ ବଢ଼ିଥାଏ ?

ଉ.: ନୀରବରେ ଭୂଭାଗରେ ତରୁଲତା, ମହୀଧର ବଢ଼ିଥାଏ ।

୩. କାଳ-ପାରାବାର ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: କାଳ-ପାରାବାର ସମୟସ୍ରୋତରେ ନୀରବରେ ଅନନ୍ତ ଗର୍ଭରେ ମିଶିଥାଏ ।

୪. ନୀରବରେ ପ୍ରେମିକର ନେତ୍ର ଓ ସରସୀର ବକ୍ଷରେ କ'ଣ ଘଟିଥାଏ ?

ଉ.: ପ୍ରେମିକର ନେତ୍ର ନୀରବରେ ଅଶ୍ରୁ ଜଳଜଳ ହୋଇଥାଏ ଓ ସରସୀ ବକ୍ଷରେ ଶତଦଳ ହସୁଥାଏ ।

୫. ନିରାଶ ହୃଦୟରେ ନୀରବରେ କ'ଣ ଘଟିଥାଏ ?

ଉ.: ନିରାଶ ହୃଦୟରେ ନୀରବରେ ଦୀର୍ଘଶ୍ୱାସ ଘଟିଥାଏ ।

## କବିତାଂଶ-୫

ପ୍ରଶ୍ନର ମୂଲ୍ୟ ଏକ ନମ୍ବର । ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

ସମ୍ଭାବ୍ୟ ଉତ୍ତର :

୧. କେଉଁ ବିଷୟରେ ଥିବା ବ୍ୟାଖ୍ୟାକୁ କବି ଶୁଣିଛନ୍ତି ?

ଉ.: ଧର୍ମ ବିଷୟରେ ଥିବା ବ୍ୟାଖ୍ୟାକୁ କବି ଶୁଣିଛନ୍ତି ।

୨. ଶାସ୍ତ୍ର ଭିତରେ କବି କ'ଣ ଦେଖିଛନ୍ତି ?

ଉ.: ଶାସ୍ତ୍ର ଭିତରେ କବି ଜଡ଼ ଅକ୍ଷରରେ କିଛି ନିୟମ କାନୁନ୍ ଲେଖାହୋଇଥିବା ଦେଖିଛନ୍ତି ।

୩. କବି କେଉଁଠାରେ ଧର୍ମ ଦେଖିବା ପାଇଁ ହାତ ବଢ଼ାଇଛନ୍ତି ?

ଉ.: କବି ନଗର ଓ ଜନପଦ ମାନଙ୍କରେ ଧର୍ମ ଦେଖିବା ପାଇଁ ହାତ ବଢ଼ାଇଛନ୍ତି ।

୪. ଦେଉଳ ଓ ଗୀର୍ଜାରେ କବି କେଉଁ ଧର୍ମ ଦେଖିଛନ୍ତି ?

ଉ.: ଦେଉଳ୍ ଓ ଗୀର୍ଜାରେ କବି ଧର୍ମର ଅଲଗା ଅଲଗା ଦେଖିଛନ୍ତି ।

୫. ଧର୍ମଗୁରୁ କେଉଁ କଥା କହିଛନ୍ତି ଓ ସେଠାରେ ଲକ୍ଷ୍ୟ କ'ଣ ଅଛି ?

ଉ.: ଧର୍ମଗୁରୁ ଜୀବହତ୍ୟା ନକରିବା ପାଇଁ କହିଛନ୍ତି ଓ ସେଠାରେ ସବୁକିଛି ମୁଣ୍ଡପାତି ସହିନେବା ଓ ଧର୍ମର ସୀମାରେଖାକୁ ନ ଡେଇଁବାର ଭାବ ଲକ୍ଷ୍ୟ କରାଯାଇଛି ।

## କବିତାଂଶ-୬

ପ୍ରଶ୍ନର ମୂଲ୍ୟ ଏକ ନମ୍ବର । ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

ସମ୍ଭାବ୍ୟ ଉତ୍ତର :

୧. ଉତ୍କଳରେ କେଉଁକଥା କବି ଜାଣି ନ ଥିଲେ ବୋଲି କହିଛନ୍ତି ?

ଉ.: ଉତ୍କଳରେ ରହିଥିବା ଅପୂର୍ବ ରୂପର ଲୀଳା ଖେଳାକୁ କବି ଜାଣି ନ ଥିଲେ ବୋଲି କହିଛନ୍ତି ।

୨. କବିଙ୍କର ଚକ୍ଷୁ କେଉଁ କଥାରେ ଅନ୍ଧ ହୋଇଛି ?

ଉ.: କବିଙ୍କର ଚକ୍ଷୁ ଜ୍ୟୋତ୍ସ୍ନାର ବିମୁଗ୍ଧ ଭାବରେ ମୁଦି ହୋଇଯାଇଛି, ଯାହାକୁ ସେ ଅନ୍ଧ ହୋଇଛି ବୋଲି କହିଛନ୍ତି ।

୩. ଦୂର ଦିଗଚକ୍ରକୁ ଲାଗି କ'ଣ ବ୍ୟାପୀ ରହିଛି ?

ଉ.: ଦୂର ଦିଗଚକ୍ରକୁ ଲାଗି ଜ୍ୟୋତ୍ସ୍ନା ବା ଚନ୍ଦ୍ରକିରଣ ବ୍ୟାପୀ ରହିଛି ।

୪. ପ୍ରକୃତି କିପରି ମଧୁରତର ମନେ ହୋଇଛି ?

ଉ.: ପ୍ରକୃତି ଜ୍ୟୋସ୍ନାର ସ୍ପର୍ଶ ପାଇ ମଧୁରତର ମନେ ହୋଇଛି ।

୫. ନଭ ସୀମନ୍ତିନୀ ଦଳ କେଉଁଥିରେ ମୁଖମଣ୍ଡଳ ଦେଖିବେ ବୋଲି କୁହାଯାଇଛି ?

ଉ.: ନଭ ସୀମନ୍ତିନୀ ଦଳ, ଚନ୍ଦ୍ରିକାର ସ୍ପର୍ଶ ପାଇ ମହାନଦୀ ଜଳ ରୂପୀ ମୁକୁରରେ ମୁଖମଣ୍ଡଳ ଦେଖିବେ ବୋଲି କୁହାଯାଇଛି ।

## କବିତାଂଶ-୭

ପ୍ରଶ୍ନର ମୂଲ୍ୟ ଏକ ନମ୍ବର । ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

ସମ୍ଭାବ୍ୟ ଉତ୍ତର :

୧. ପୁସ୍ତକ କ'ଣ ଡାକି କହିଥାଏ ?

ଉ.: ପୁସ୍ତକ ପାଠକମାନଙ୍କୁ ଡାକି, ଲେଖନୀର ମୂଲ୍ୟାୟନ କରିବାକୁ କହିଥାଏ ଅର୍ଥାତ୍ ପୁସ୍ତକର ଲେଖା ଉପରେ ଗୁରୁତ୍ୱ ଦେବାକୁ କହୁଥାଏ ।

୨. ଭାଷା ତୁଳନାରେ କେଉଁ କଥା ମିଳୁନାହିଁ ବୋଲି କବି କହିଛନ୍ତି ?

ଉ.: ଭାଷା ତୁଳନାରେ ବା ଭାଷା ସହିତ ଛନ୍ଦ ମିଳୁନାହିଁ ବୋଲି କବି କହିଛନ୍ତି ।

୩. ସଭ୍ୟତା ଆଜି କିପରି ଚାଲିଛି ?

ଉ.: ସଭ୍ୟତା ଆଜି ମଲାଟ ବା ପୋଷାକ ଉପରେ ଗୁରୁତ୍ୱ ଦେଇ ଚାଲିଛି ।

୪. ସନ୍ଥ ଜନ ବିଷୟରେ କବି କେଉଁ ମତ ଦେଇଛନ୍ତି ?

ଉ.: ସନ୍ଥ ଜନମାନେ କେବଳ ଦେଖାଇ ହେଲା ଭଳି ବେଶ ଓ ଭୂଷଣ ଉପରେ ପ୍ରାଧାନ୍ୟ ଦେଇଛନ୍ତି, ମାତ୍ର ସେମାନଙ୍କ ଦିବ୍ୟ ଭାବ ନାହିଁ ।

୫. ନକଲି-ଯତି କହିଲେ କ'ଣ ବୁଝ ?

ଉ.: ଯେଉଁମାନେ ଯତି ବା ଋଷି ଭଳି ନିଜକୁ ସଜାଇଥାନ୍ତି, ମାତ୍ର ସେମାନେ ଯତି ନୁହଁନ୍ତି, ସେମାନଙ୍କୁ କବି ନକଲି ଯତି ବୋଲି ବୁଝାଇଛନ୍ତି ।

## କବିତାଂଶ-୮

ପ୍ରଶ୍ନର ମୂଲ୍ୟ ଏକ ନମ୍ବର । ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

ସମ୍ଭାବ୍ୟ ଉତ୍ତର :

୧. ଆକାଶ ପବନ କବିଙ୍କ କାନରେ କେଉଁ କଥା କହିଛନ୍ତି ?

ଉ.: ଆକାଶ ପବନ କବିଙ୍କ କାନରେ, ଭଗବାନ କେଉଁଠାରେ ଅଛି ବୋଲି ପ୍ରଶ୍ନରେ ନାହିଁ ନାହିଁ ବୋଲି କହିଛନ୍ତି ।

୨. ବେନି ଆଖିରେ କବି କ'ଣ ଦେଖିଛନ୍ତି ?

ଉ.: ବେନି ଆଖିରେ କବି ଦୀନ ଓ ନିରିମାଖିଙ୍କୁ ଦେଖିଛନ୍ତି, ଯେଉଁମାନେ କି ଅନ୍ନ ବିନା ବିକଳ ହେଉଛନ୍ତି ।

୩. ଚାରିଆଡ଼େ କବି କ'ଣ ଦେଖିଛନ୍ତି ବୋଲି କହିଛନ୍ତି ?

ଉ.: ଚାରିଆଡ଼େ କବି ଧନୀର ଶୋଷଣ ଓ ଧର୍ମ ନାମରେ ସବୁପ୍ରକାର କଷଣ ଦେଖିଛନ୍ତି ବୋଲି କହିଛନ୍ତି ।

୪. ଧନୀର ଶାସ୍ତ୍ରରେ କ'ଣ କୁହାଯାଇଛି ?

ଉ.: ଧନୀର ଶାସ୍ତ୍ରରେ କୁହାଯାଇଛି, ପୂର୍ବ ଜନ୍ମର ସୁକର୍ମ ହେତୁ, ଏ ଜନ୍ମରେ ଧନୀ ହୋଇଛନ୍ତି ଏବଂ ଦେବତା ଠାରୁ ରାଜା ଶହେଗୁଣ ବଡ଼ ।

୫. ଧନୀର ଶୋଷଣ ବିଷୟରେ କ'ଣ କୁହାଯାଇଛି ?

ଉ.: ଯେହେତୁ ଧନୀମାନେ ଦେବତା ଅଂଶରୁ ଜନ୍ମ ନେଇଛନ୍ତି, ସେଥିପାଇଁ ସେମାନଙ୍କର ଶୋଷଣ ଶୋଷଣ ନୁହେଁ ବୋଲି କୁହାଯାଇଛି ।

## କବିତାଂଶ-୯

ପ୍ରଶ୍ନର ମୂଲ୍ୟ ଏକ ନମ୍ବର । ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

ସମ୍ଭାବ୍ୟ ଉତ୍ତର :

୧. ସୁପ୍ତ ବନାନୀ ସମ୍ପର୍କରେ କ'ଣ କୁହାଯାଇଛି ?

ଉ.: ଶୀତଳ ସମୀରର ସ୍ପର୍ଶପାଇ ସୁପ୍ତବନାନୀ ଧୀରେ କଡ଼ ଲେଉଟାଇଲା ଭଳି ମନେ ହୋଇଛି ।

୨. ଛନ୍ଦକ କିପରି ବୁଦ୍ଧଙ୍କ ଚରଣ ଧରି ଉଭା ହୋଇଥିଲା ବୋଲି କବି କହିଛନ୍ତି ?

ଉ.: ଦୁର୍ଗମ ସ୍ରୋତ ସମ୍ମୁଖରେ ଏକ ସାଧାରଣ ପଥରବନ୍ଧ ପରି ଛନ୍ଦକ ବୁଦ୍ଧଙ୍କ ଚରଣ ଧରି ଉଭା ହୋଇଥିଲା ବୋଲି କବି କହିଛନ୍ତି ।

୩. ଛନ୍ଦକ ବୁଦ୍ଧଙ୍କୁ କ'ଣ କହିଛନ୍ତି ?

ଉ.: ଛନ୍ଦକ ବୁଦ୍ଧଙ୍କୁ କହିଛି, 'ରାତ୍ରିର ଘନ ଅନ୍ଧକାରରେ ଏକୁଟିଆ, ରାଜ୍ୟର ପ୍ରଜାକୁଳ ଓ ସୁନାର ରାଜମୁକୁଟ ଛାଡ଼ି ଦୁର୍ଗମ ପଥରେ ଯାଅ ନାହିଁ।'

୪. କିଏ ବନ୍ଧୁର ଗିରି ପଦରେ ଉଜାଣି ରଚନା କରେ ନାହିଁ ?

ଉ.: ଅମ୍ବୁଧି କୋଳରେ ମିଶିଯିବା ପାଇଁ କଳକଲ୍ଲୋଳିତ ଭାବରେ ଧାଇଁ ଚାଲିଥିବା ତଟିନୀ ବନ୍ଧୁର ଗିରି ପଦରେ ଗିରିପଦରେ ଉଜାଣି ରଚନା କରେ ନାହିଁ।

୫. ବୁଦ୍ଧ ସ୍ମିତ ହସ ହସି କ'ଣ କହିଥିଲେ ?

ଉ.: ସଂସାରକୁ ଫେରିଯିବା ଆଉ ସମ୍ଭବ ନୁହେଁ ଏବଂ ସେଭଳି କଥା ନକହିବା ପାଇଁ ବୁଦ୍ଧ ସ୍ମିତ ହସହସି କହିଥିଲେ।

## କବିତାଂଶ-୧୦

ପ୍ରଶ୍ନର ମୂଲ୍ୟ ଏକ ନମ୍ବର। ଗୋଟିଏ ବାକ୍ୟରେ ଉତ୍ତର ଲେଖ।

**ସମ୍ଭାବ୍ୟ ଉତ୍ତର :**

୧. ହଳଦୀ ବସନ୍ତକୁ ଦେଖିଲେ କବିଙ୍କୁ କ'ଣ ଲାଗେ ?

ଉ.: ହଳଦୀ ବସନ୍ତକୁ ଦେଖିଲେ କବିଙ୍କୁ ଲାଗେ, ସତେଯେପରି ସବୁ ସୁନ୍ଦର ଜୀବନଙ୍କ ମଧ୍ୟରେ, ସେ ହେଉଛି ଏକ ନମ୍ବର।

୨. ହଳଦୀ ବସନ୍ତର କେଉଁ କଥା ଥରେ ଶୁଣିଲେ ଆଉ ରହିହୁଏ ନାହିଁ ?

ଉ.: ହଳଦୀ ବସନ୍ତର କଅଁଳ ଛୁଆର କାନ୍ଦ କିମ୍ବା ନୂଆବୋହୂର ଚୁପି ଚୁପି କଥା ଭଳି ରାବ ଥରେ ଶୁଣିଲେ ଆଉ ରହିହୁଏ ନାହିଁ।

୩. କେବେ ହଳଦୀବସନ୍ତ ହେବାକୁ କବିଙ୍କର ମନ ହୋଇଛି ?

ଉ.: ଏ ଜନ୍ମରେ ନ ହେଲେ ବି ଆରଜନ୍ମରେ ହଳଦୀବସନ୍ତ ହେବାକୁ କବିଙ୍କର ମନ ହୋଇଛି।

୪. କ'ଣ କରି ଗଛର ଅନ୍ଧାର ଭିତରେ କବି ଲୁଚିଯିବାକୁ ଚାହିଁଛନ୍ତି ?

ଉ.: ସୂର୍ଯ୍ୟଙ୍କୁ ଆହୁରି ସୂର୍ଯ୍ୟ କରି କରି ଗଛର ଅନ୍ଧାର ଭିତରେ କବି ଲୁଚିଯିବାକୁ ଚାହିଁଛନ୍ତି।

୫. କାହିଁକି ଜଣେ ତା ବସିବା ଥାନରୁ ଉଠିଆସନ୍ତା ବୋଲି କବି କହିଛନ୍ତି ?

ଉ.: ହଳଦୀ ବସନ୍ତର ଆକର୍ଷଣୀୟ ରୂପ ଦେଖିବାକୁ, ଜଣେ ତା ବସିବା ଥାନରୁ ଉଠିଆସନ୍ତା ବୋଲି କବି କହିଛନ୍ତି।

# ୨. ସର୍ଜନାତ୍ମକ ରଚନା

## ଯେ ପକ୍ଷୀ ଉଡ଼େ ଯେତେଦୂର

ଷୋଡ଼ଶ ଶତାବ୍ଦୀର ବୈଷ୍ଣବ କବି ଶ୍ରୀମଦ୍ ପରାବତରେ ଲେଖିଛନ୍ତି-

"ଯେ ପକ୍ଷୀ ଉଡ଼େ ଯେତେ ଦୂର

ସେ ଜାଣେ ତହିଁର ବେଭାର ।"

ଆକ୍ଷରିକ ଭାବରେ ବିଚାର କଲେ ପକ୍ଷୀ ଆକାଶରେ ଉଡ଼ିଲା ବେଳେ ନିମ୍ନସ୍ଥ ଭୂଭାଗକୁ ଲକ୍ଷ୍ୟ କରିଥାଏ । ସେ ଯେତେ ଯେତେ ଉପରକୁ ଉଡ଼ି ଉଡ଼ି ଯାଏ, ଭୂଭାଗର ସୀମା ତା'ର ଦୃଷ୍ଟିରେ ସେତେ ବିସ୍ତୃତ ହୋଇଥାଏ । ଭୂଭାଗର ପରିବ୍ୟାପ୍ତ ଇଲାକା ସମ୍ପର୍କରେ ସେ ସେତେ ସେତେ ଅଧିକ ଜାଣିବାର ସୁଯୋଗ ପାଏ । ବିଶେଷ ଭାବରେ ଏହାର ଅର୍ଥ ହେଉଛି, ଯେଉଁ ବ୍ୟକ୍ତି ସଂକୀର୍ଣ୍ଣମନା ଓ ସ୍ୱାର୍ଥ ସର୍ବସ୍ୱ ଚିନ୍ତାଧାରାରେ ବୁଡ଼ି ରହିଥାଏ, ସେ ଜୀବନର ପ୍ରକୃତ ମୂଲ୍ୟକୁ ଆକଳନ କରିପାରେ ନାହିଁ । ସମଗ୍ର ବିଶ୍ୱ ଯେ ଉଦାର ମନା ବ୍ୟକ୍ତିଙ୍କ ପାଇଁ ବିକଶିତ ହେଉଛି, ତାହା ସେ ଅନୁମାନ କରିପାରେ ନାହିଁ । କେବଳ ବ୍ୟକ୍ତିଗତ ଉନ୍ନତିକୁ ଲକ୍ଷ୍ୟ ରଖି, ସେ ନିଜ ଜୀବନକୁ ବିତାଇ ଦେଇଥାଏ । ତାହା ମାଧ୍ୟମରେ ଯେ ଈଶ୍ୱର ଅନେକ କର୍ମ କରିବାର, ସମାଜକୁ ବିକଶିତ କରିବାର ଶକ୍ତି ଦେଇଛନ୍ତି, ତାହା ସେ ବୁଝିପାରେ ନାହିଁ । ଅପରପକ୍ଷରେ ଯେଉଁମାନେ ଉଦାରମନା, ସେମାନେ ତାଙ୍କର ଜୀବନକୁ ଈଶ୍ୱରଙ୍କ ଅବଦାନ ବୋଲି ବିଚାରିଥାନ୍ତି । ସେମାନେ ଜାଣିଥାନ୍ତି ସ୍ୱାର୍ଥପରତା ଓ ସଂକୀର୍ଣ୍ଣତା ମଣିଷକୁ ସମାଜ ଆଖିରେ ବହୁତଳକୁ ନେଇଯାଏ । ସେମାନଙ୍କ ଉଦାରଭାବନା, ସେମାନଙ୍କୁ ଊର୍ଦ୍ଧ୍ୱଗାମୀ କରାଏ ଏବଂ ମଣିଷର ଛୋଟ ଛୋଟ ଭୁଲକୁ ସେମାନେ ଦେଖିପାରନ୍ତି ନାହିଁ । ଯଦିବା ମଣିଷର ଭୁଲକୁ ଦେଖନ୍ତି, ତାହାକୁ ଉଦାର ଭାବରେ ଗ୍ରହଣ କରିନିଅନ୍ତି । ବିଦ୍ୟା ଅଧ୍ୟୟନ, ଗବେଷଣା, ଈଶ୍ୱର ଅନୁରାଗୀ ଭାବ, ବିଭିନ୍ନ ସ୍ଥାନ ଭ୍ରମଣ ଦ୍ୱାରା ମଣିଷର ସଂକୀର୍ଣ୍ଣତା ବହୁପରିମାଣରେ ଦୂର ହୋଇଥାଏ । ଅନ୍ୟ ଭାବରେ ପ୍ରକାଶ କଲେ ଖୋଲା ଆଖିରେ ଦୁନିଆର ବିସ୍ତୃତ ଦିଗନ୍ତ ଆଡ଼େ ଅନାଇବାକୁ ହିଁ ଆମକୁ ଚେତାଇ ଦିଆଯାଇଯାଇଛି ।

## ମାଙ୍କଡ଼ ହାତରେ ଶାଳଗ୍ରାମ

ଓଡ଼ିଆ ଭାଷାରେ ଏହି ରୂଢ଼ିର ଅର୍ଥ 'ଅଯୋଗ୍ୟ ଲୋକ ହାତରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେବା' । ଏଠାରେ ଅଯୋଗ୍ୟ, ଅନଭିଜ୍ଞ, ଅପରିଣାମ ଦର୍ଶୀ ବ୍ୟକ୍ତିଙ୍କୁ ହୀନ ବୁଦ୍ଧି ମାଙ୍କଡ଼ ସହିତ ତୁଳନା କରାଯାଇଛି । ମାଙ୍କଡ଼ କୌଣସି ସମୟରେ ଭବିଷ୍ୟତକୁ ଚିନ୍ତାକରେ ନାହିଁ, ସଜଡ଼ା ଯାଇଥିବା ବଗିଚା ଓ ଫଳପୁଷ୍ପ ମାଙ୍କଡ଼ ଦ୍ୱାରା ହିଁ ନଷ୍ଟ ହୋଇଥାଏ । ଅନେକ ସେଥିପାଇଁ ବିରକ୍ତି ପ୍ରକାଶ କରି 'ମାଙ୍କଡ଼ ବୁଦ୍ଧି' ବୋଲି କହିଥାନ୍ତି । ସେହିପରି ଶାଳଗ୍ରାମ ହେଉଛି ବିଷ୍ଣୁରୂପୀ ଗୋଲାକାର ଚିକ୍କଣ ପଥର । ଯାହାକୁ ଘରେ ରଖି ଭକ୍ତିର ସହିତ ପୂଜା କରାଯାଏ । ପ୍ରାୟ ପ୍ରତ୍ୟେକ କୁଳୀନ ବ୍ରାହ୍ମଣ ଘରେ ଶାଳଗ୍ରାମ ରହିଥାଏ ଏବଂ ସେହି ଶାଳଗ୍ରାମକୁ ଗୃହସ୍ଥ ପୂଜା କରିଥାଏ । ଏପରିକି ଶାଳଗ୍ରାମ ପୂଜାବିନା ଗୃହସ୍ଥ ସାମାନ୍ୟ ଜଳ ମଧ୍ୟ ଗ୍ରହଣ କରିନଥାଏ । ପୁନଶ୍ଚ ସେହି ଶାଳଗ୍ରାମକୁ କେବେ ମଧ୍ୟ ଅପୂଜା ରଖାଯାଏ ନାହିଁ । ଶାଳଗ୍ରାମ ମହତ୍ତ୍ୱ ଆମ ସଂସ୍କୃତିରେ ଅତି ଗୁରୁତ୍ୱପୂର୍ଣ୍ଣ । ମାତ୍ର ସେହି ବିଷ୍ଣୁରୂପୀ ପଥର ଶାଳଗ୍ରାମକୁ ଯଦି

ମାଙ୍କଡ଼ ଭଳି ହୀନବୁଦ୍ଧି ସମ୍ପନ୍ନ ବ୍ୟକ୍ତିକୁ ଦିଆଯାଏ, ତାହେଲେ ସେହି ପଥରର ମହତ୍ତ୍ୱକୁ ସେ କେବେବି ବୁଝିପାରିବ ନାହିଁ। ସାଧାରଣ ପଥର ଭାବି ଅବହେଳା କରିବ କିମ୍ବା ଓଜନିଆ ପଥର ଭାବି ସାଧାରଣ କାମରେ ଲଗାଇ ଦେବ।

ଉପରୋକ୍ତ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଆମେ ଅନେକ ସମୟରେ ଅଯୋଗ୍ୟ ବ୍ୟକ୍ତି ହାତରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥାଉ। ଦାୟିତ୍ୱ ଦେଲା ପୂର୍ବରୁ, ସେହି ବ୍ୟକ୍ତିଟି ସେହି କାମର ଗୁରୁତ୍ୱ ବା ମହତ୍ତ୍ୱ ବୁଝି କାମ କରିବ, ସେଭଳି ଚିନ୍ତା ଆମେ କରିନଥାଉ। ଯାହା ଫଳରେ କାମର ବିପରୀତ ପରିଣତି ହୋଇଥାଏ। ଅନ୍ୟଭାବରେ ପ୍ରକାଶ କଲେ ପରିସ୍ଥିତି ଓ ପରିବେଶକୁ ବିଚାର ନକରି ଦାୟିତ୍ୱପୂର୍ଣ୍ଣ କାମକୁ ଯଦି ଅଯୋଗ୍ୟ ବ୍ୟକ୍ତି ହାତରେ ନ୍ୟସ୍ତ କରାଯାଏ, ତା' ହେଲେ ସେ ନିଶ୍ଚୟ କାମକୁ ଓଲଟା କରିବ। କାରଣ ଯେହେତୁ ସେ ଅନଭିଜ୍ଞ ବା ବୁଦ୍ଧିହୀନ, ସେଥିପାଇଁ କାମର ମହତ୍ତ୍ୱ ସମ୍ପର୍କରେ ସେ ବିଚାର କରିବ ନାହିଁ। ସେଭଳି ଲୋକ ଦ୍ୱାରା କାମରେ ସଫଳତା ମିଳିବ ନାହିଁ। ସୁତରାଂ କୌଣସି ଲୋକ ଉପରେ କାର୍ଯ୍ୟ ବା କାର୍ଯ୍ୟର ଭାର ନ୍ୟସ୍ତ କରିବା ପୂର୍ବରୁ ତାହାର ଅଭିଜ୍ଞତା ଓ ପାରିଲାପଣିଆ ସମ୍ବନ୍ଧରେ ବିଚାରକରିବା ଉଚିତ। ସେଭଳି ନକଲେ, 'ମାଙ୍କଡ଼ ହାତରେ ଶାଳଗ୍ରାମ ଦେଇଭଳି', ପରେ ପସ୍ତାଇବାକୁ ପଡ଼ିବ।

## ଅଣ୍ଟିଛୁରି ତଣ୍ଟିକାଟେ

ଓଡ଼ିଆ ଭାଷାରେ ଏହା ଏକ ଦୁଃଖାତ୍ମକ ରୂଢ଼ି। କାରଣ ନିଜର ଲୋକ ଯଦି ଶତ୍ରୁତା ଆଚରଣ କରନ୍ତି କିମ୍ବା ଶତ୍ରୁ ରୂପରେ ଠିଆ ହୋଇ ବିପଦ ସୃଷ୍ଟି କରନ୍ତି, ସେପରି ମଣିଷଟି ଦୁଃଖ ଓ ହତାଶାରେ କହିଥାଏ, ଅଣ୍ଟିଛୁରି ତଣ୍ଟି କାଟିଲେ ସେଥିରୁ ମୁକ୍ତି ମିଳିବା ଅସମ୍ଭବ। ସାଧାରଣତଃ ଲୋକମାନେ ନିଜର ନିରାପତ୍ତା ପାଇଁ କିମ୍ବା ନିହାତି ଦରକାର ବେଳେ ବ୍ୟବହାର ପାଇଁ ଅଣ୍ଟିରେ ବା ଅଣ୍ଟାରେ ଛୁରୀ ଖୋସିଥାଏ। କିନ୍ତୁ ମଣିଷ ଏଭଳି ଅସୁବିଧା ପରିସ୍ଥିତିରେ ପଡ଼େ, ଯେଉଁ ସମୟରେ ଅଣ୍ଟାର ଛୁରୀ ତଣ୍ଟିରେ ଲାଗିଗଲା ଭଳି ପରିସ୍ଥିତି ହୁଏ ବା ନିଜର ଛୁରୀରେ ନିଜେ କ୍ଷତାକ୍ତ ହୁଏ।

ମଣିଷ ନିଜର ନିରାପତ୍ତା ପାଇଁ ପରିବାର ଗଢ଼େ, ତା'ର ପୂର୍ଣ୍ଣ ପ୍ରାଣରେ ବିଶ୍ୱାସ ଥାଏ, ଯେ ତା'ର ଅସୁବିଧା ସମୟରେ ତାକୁ ସାହାଯ୍ୟ କରିବ ବା ବିପଦରେ ସହାୟକ ହେବ। ସେହିପରି ମଣିଷ ସମାଜକୁ, ଦେଶକୁ, ଜାତିକୁ ନିଜର ନିରାପତ୍ତାକାରୀ ଭାବରେ ଗ୍ରହଣ କରିଥାଏ। ମାତ୍ର ଅନେକ ସମୟରେ ସ୍ୱାର୍ଥ ସର୍ବସ୍ୱ ହୋଇ ଖଳ ପ୍ରକୃତିର ଲୋକଟି, ପରିବାରର ବିରୁଦ୍ଧାଚରଣ କରେ। ରକ୍ତର ଆବେଦନ ସଂକୀର୍ଣ୍ଣ ସ୍ୱାର୍ଥ ନିକଟରେ ବଳି ପଡ଼ିଯାଏ। ସେ ସମୟରେ ବ୍ୟକ୍ତିଟି ପର ଆପଣାର ଭେଦ ଭାବକୁ ଭୁଲିଯାଏ। ବରଂ ନିଜ ପାଇଁ ସେ ଅନେକ କିଛି ବିଶ୍ୱାସ ଘାତକ କାମ କରିବସେ। ଯାହା ଫଳରେ ସବୁଦିନ ବିଶ୍ୱାସରେ ରହିଥାଏ ବା ମଣିଷଟି ଅସହାୟ ହୋଇଯାଏ, ତା' ବିଶ୍ୱାସରେ ବିଷ ମିଶିଯାଏ। ଦୀର୍ଘଦିନ ଧରି ଭାବି ଆସିଥିବା ଭାବନା ତା'ର ଭୁଲ୍ ହୋଇଯାଏ। ତା'ର ଅଣ୍ଟିର ଛୁରୀ ତଣ୍ଟି କାଟିଦିଏ।

ପୁରାଣ ଓ ଇତିହାସ ପୃଷ୍ଠାଠାରୁ ଏଯାବତ୍ ଦେଖିଲେ ଜଣାଯାଏ ପରିବାରକୁ, ସମାଜକୁ ବା ସଂଗଠନକୁ ସ୍ୱାର୍ଥପର ମଣିଷମାନେ ବିପଦରେ ପକାଇଥାନ୍ତି। ସେହି ଅବିଶ୍ୱାସୀ ମଣିଷଟି ପାଇଁ ରାଜବଂଶ ଲୋପ ହୁଏ, ସମାଜ ଉଚ୍ଛନ୍ନ ହୁଏ ଏବଂ ସଙ୍ଗଠନ ବହୁଧା ବିଭକ୍ତ ହୋଇଥାଏ। ଆମେ ଏହାକୁ ବୁଝିଲେ ବା ଜାଣିଲେ ମଧ୍ୟ, ଏଥିରୁ ମୁକ୍ତି ମିଳିବା ଅସମ୍ଭବ।

'ଅଣ୍ଟିଛୁରୀ ତଣ୍ଟି କାଟିବା' ଭଳି ସମାର୍ଥ ବୋଧକ ରୂଢ଼ି ହେଉଛି 'ଘର ଜିଙ୍କି କୁମ୍ଭୀର'।

## ତିଳକୁ ତାଳ କରିବା

ଆମ ସମାଜରେ ଏହା ଏକ ବହୁ ପ୍ରଚଳିତ ରୂଢ଼ି । ଏହାର ଅର୍ଥ ଛୋଟ କଥାକୁ ବଡ଼ କରି କହିବା । ତିଳ ଗୋଟିଏ କ୍ଷୁଦ୍ର ତୈଳ ଶସ୍ୟ, ଯାହାକି କାହାରି ଦୃଷ୍ଟିରେ ପଡ଼େ ନାହିଁ । ମାତ୍ର ସେହି ତିଳକୁ ଯଦି ତାଳ ଭାବରେ ବର୍ଣ୍ଣନା କରାଯାଏ, ଯାହାକି ତିଳ ତୁଳନାରେ ଯଥେଷ୍ଟ ବଡ଼ କରି କୁହାଯାଏ, ତାହେଲେ ତାହା ସମସ୍ତଙ୍କ ନଜରକୁ ଆସିଥାଏ ବା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥାଏ ।

ସମାଜରେ ଅନେକ ଖଳ ପ୍ରକୃତିର ଲୋକ ରହିଥାନ୍ତି, ସେମାନେ ସାଧାରଣ କଥାକୁ ଅସାଧାରଣ ଭାବରେ ବର୍ଣ୍ଣନା କରି, ଜଟିଳ ପରିସ୍ଥିତି ସୃଷ୍ଟି କରିଥାନ୍ତି । ମଣିଷର ବ୍ୟକ୍ତିଗତ ଜୀବନରେ ହେଉ, ପାରିବାରିକ ଜୀବନରେ ହେଉ ବା ସାମାଜିକ ଜୀବନରେ ହେଉ ଛୋଟ ମୋଟ ଭୁଲ୍ ହୋଇଥାଏ । ସେଭଳି ଭୁଲକୁ ଆମେ ଉଦାରତାର ସହିତ ବିଚାର କଲେ, ସମସ୍ୟା ସମାଧାନ ହୋଇଥାଏ କିମ୍ବା ସାମାନ୍ୟ ସୂଚନାରେ ମଣିଷ ସୁଧୁରି ଯାଇଥାଏ । ମାତ୍ର ମନ୍ଦ ସ୍ୱଭାବର ବ୍ୟକ୍ତିମାନେ ଆକ୍ରୋଶ ରଖି ବା ଶତ୍ରୁତା ଆଚରଣ କଲାଭଳି ଛୋଟ ବା ସାମାନ୍ୟ କଥାକୁ ଅସାମାନ୍ୟ ଭାବରେ, ରଙ୍ଗ ରୂପ ଦେଇ ଏଭଳି କରନ୍ତି, ଯାହାକି ଛୋଟ ଭୁଲ୍ ବଡ଼ ଭୁଲ ହୋଇ ଦେଖାଦେଇଥାଏ । ମାତ୍ର ସାଧାରଣ ତ୍ରୁଟି ବା ଛୋଟ ଭୁଲକୁ ଯଦି ଆମେ ଅତି ସାଧାରଣ ଭାବରେ ବିଚାର କରିବା, ଆମ ଜୀବନରେ ସମସ୍ୟା ଆସିବ ମାତ୍ର ତାହା ବଡ଼ ରୂପ ନେବା ପୂର୍ବରୁ ବା କାୟା ବିସ୍ତାର କଲା ପୂର୍ବରୁ, ତାହାକୁ ତିଳ ବା ସାମାନ୍ୟ ମନେ କଲେ, ସମସ୍ୟା ସମାଧାନ ହୋଇଯିବ ।

ପରିବାରରେ ପିଲାମାନେ ଭୁଲ୍ କରନ୍ତି, ନୂଆ ପରିବେଶରେ ରହିଲେ ଅଜାଣତରେ ଭୁଲ୍ ହୋଇଯାଏ, ଅଶିକ୍ଷିତ ବା ସାଧାରଣ ବର୍ଗର ମଣିଷମାନେ ସମାଧାନର ସୂତ୍ର ଜାଣିପାରନ୍ତି ନାହିଁ, ମାତ୍ର ପରିବାରରେ ଯେଉଁମାନେ ବଡ଼ ବା ମୁରବୀ ଶ୍ରେଣୀୟ, ବହୁ ପରିବାରରେ ଯେଉଁମାନେ ବଡ଼ ବା ମୁରବୀ ଶ୍ରେଣୀୟ, ବହୁ ପରିଚିତ ପରିବେଶ ସହିତ ଚଳି ଆସିଥିବା ମଣିଷ ବା ଉଚ୍ଚବର୍ଗର ମଣିଷଙ୍କ ମନରେ ଉଦାର ଭାବ ରହିଲେ ତିଳ ତାଳ ହୁଏ ନାହିଁ, ବରଂ ସମସ୍ୟା ହୋଇଯାଏ ।

ଆଳଙ୍କାରିକ ଦୃଷ୍ଟିରୁ 'ତଳ'ରେ 'ଇ'କାର ଦିଆଯାଇ 'ତିଳ' ଏବଂ 'ଆ'କାର ଦଆଯାଇ 'ତାଳ' ହୋଇଛି, ମାତ୍ର ତିଳକୁ କେତେବେଳେ ତାଳ ବୋଲି ଭାବିବା ଉଚିତ ନୁହେଁ, ଏଭଳି କଲେ ଆମେ ଜୀବନରେ ସମସ୍ୟା ସୂତ୍ରରେ ବାନ୍ଧି ହୋଇ ପଡ଼ିବା । ସମାଧାନର ସୂତ୍ର ଆମ ପାଇଁ ଅପହଞ୍ଚ ହୋଇଯିବ ।

## ଚାଲି ନ ଜାଣି ବାଟର ଦୋଷ

'ଚାଲି ନ ଜାଣି ବାଟର ଦୋଷ'ର ସମାର୍ଥ ବୋଧକ ରୂଢ଼ି ହେଉଛି 'କାଟି ନଜାଣି କୁରାଢ଼ି ଖରାପ' ବା 'ନାଚି ନ ଜାଣି ଅଗଣା ଖରାପ' । କୌଣସି ବ୍ୟକ୍ତି ନିଜେ ଠିକ୍ ରୂପେ କାମ କରିବାର କୌଶଳ ନଜାଣି, ବ୍ୟବହାର କରୁଥିବା ଉପକରଣ ଉପରେ ଦୋଷାରୋପ କରି, ନିଜେ ଦୋଷମୁକ୍ତ ହେବାକୁ ଚେଷ୍ଟାକରେ, ତାହେଲେ ସେପରି କ୍ଷେତ୍ରରେ ଏପରି ରୂଢ଼ି ବ୍ୟବହାର କରାଯାଇଥାଏ ।

ସାଧାରଣ ଭାବେ ମଣିଷ ସ୍ୱାଭିମାନୀ । ଛୋଟ ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ କେହି ନିଜର ଦୋଷ ବା ଦୁର୍ବଳତାକୁ ସ୍ୱୀକାର କରିବାକୁ ଚାହାନ୍ତି ନାହିଁ । ମାନସିକ ସ୍ତରରେ ନିଜର ଭୁଲକୁ ଜାଣିପାରିଲେ ମଧ୍ୟ ନିଜର ବଡ଼ପଣକୁ ଜାହିର କରିବା ପାଇଁ କିମ୍ବା ନିଜର ଦୁର୍ବଳତାକୁ ଲୁଚାଇ ଦେବାପାଇଁ ସେମାନେ ଅନ୍ୟ ଉପରେ ଦୋଷାରୋପ କରିଥାନ୍ତି । ଯେପରି ଲୋକଟି ଠିକ୍ ରୂପେ କୌଣସି ରାସ୍ତାରେ ଚାଲିପାରୁ ନାହିଁ, ସେତେବେଳେ ସେ ନିଜର ଅସାମର୍ଥ୍ୟକୁ ସ୍ୱୀକାର କରେ ନାହିଁ, ବରଂ ରାସ୍ତାର ପରିବେଶ ଓ

ପରିସ୍ଥିତି ଉପରେ ଦୋଷାରୋପ କରିଥାଏ । ବାଟ ଖରାପ ଥିବାରୁ ସେ ଠିକ୍ ରୂପେ ଚାଲିପାରୁ ନାହିଁ ବୋଲି କହିଥାଏ । କାରଣ ସେହି ବାଟଦେଇ ଅନେକ ଲୋକ ଚାଲିଯାଉଛନ୍ତି, କାହାର କିଛି ଅସୁବିଧା ହୁଏ ନାହିଁ । ସେହିପରି କାଟି ନପାରୁଥିବା ଓ ନାଚିନଜାଣି ପାରୁଥିବା ବ୍ୟକ୍ତି, ନିଜେ କାଟି ଜାଣେ ନାହିଁ କିମ୍ବା ନାଚି ଜାଣେ ନାହିଁ, ସେଭଳି ଅଭିମତକୁ ଗ୍ରହଣ କରେ ନାହିଁ । କୁରାଢ଼ି ଖରାପଥିବାରୁ ପ୍ରକୃତରେ କାଠ ସେ କାଟିପାରିଲା ନାହିଁ କିମ୍ବା ଅଗଣା ନାଚିବା ପାଇଁ ଯୋଗ୍ୟ ସ୍ଥାନ ନ ଥିବାରୁ ସେ ନାଚି ପାରିଲା ନାହିଁ ବୋଲି ସଫେଇ ଦେଇ, ନିଜର ଦୋଷକୁ ଘୋଡ଼େଇ ଥାଏ ।

ଆମ ସମାଜରେ ଅନେକ ଲୋକ ଅଛନ୍ତି, ପ୍ରକୃତରେ ନିଜର କର୍ମପ୍ରବଣତାକୁ ସେମାନେ ସମୀକ୍ଷା କରନ୍ତି ନାହିଁ । କ'ଣ ପାଇଁ ସେମାନେ ସମୀକ୍ଷା କରନ୍ତି ନାହିଁ । କ'ଣ ପାଇଁ ସେମାନେ କର୍ମ କରିବାରେ ଅସଫଳ ହେଉଛନ୍ତି, ସେଥିପାଇଁ ନିଜର ଦୁର୍ବଳତା ସମ୍ପର୍କରେ ଜାଣିବାକୁ ଚାହାନ୍ତି ନାହିଁ । ବରଂ ସେମାନେ ଅନ୍ୟ ଉପରେ ଦୋଷାରୋପ କରି ନିଜକୁ ସୁରକ୍ଷିତ କରି ରଖିବାକୁ ଚାହାନ୍ତି । ସେମାନେ ନିଜକୁ ବା ନିକଟ ଜିନିଷକୁ ବିଚାର ନ କରି ଅନ୍ୟ ଉପରେ ଦୋଷାରୋପ କରିଥାନ୍ତି । ସେଥିପାଇଁ କୁହାଯାଇଛି, ମଣିଷ ଯେତେଦିନ ପର୍ଯ୍ୟନ୍ତ ନିଜର ଓକିଲ ହୋଇ ରହିଥିବ, ସେତେଦିନ ପର୍ଯ୍ୟନ୍ତ ସେ ନିଜର ସଫେଇ ଦେଇ, ସୁଧୁରିଯିବାର ବାଟକୁ ଭୁଲିଯାଇଥିବ, ଯେଉଁଦିନ ସେ ନିଜର ଜଜ୍ ବା ବିଚାରକ ହେବ, ତାହେଲେ ସେ ନିଶ୍ଚୟ ସୁଧୁରିଯିବ ଏବଂ କର୍ମ କରିବାର କୌଶଳ ଶିକ୍ଷା କରିବ ।

❖❖❖

# ପଞ୍ଚମ ଏକକ

## (କ) ଦରଖାସ୍ତ ଓ ପତ୍ର ଲିଖନ

ବ୍ୟବସାୟିକ ପତ୍ର :

କେତେ ଉପକରଣ ଯୋଗାଣ ପାଇଁ ଏକ ନିବିଦା (କୋଟେସନ) ପ୍ରେରଣ କର ।

ଉ- ପ୍ରେରକ :

ଜଗଦମ୍ବା ଭେରାଇଟି ଷ୍ଟୋର

ନୂଆବଜାର, ପାରାଦ୍ୱୀପ

ପ୍ରାପ୍ତି : ପାରାଦ୍ୱୀପ ମହାବିଦ୍ୟାଳୟ, ଅଧକ୍ଷଙ୍କ କାର୍ଯ୍ୟାଳୟ, ପାରାଦ୍ୱୀପ

ବିଷୟ : ମହାବିଦ୍ୟାଳୟ କାର୍ଯ୍ୟାଳୟ ନିମନ୍ତେ ବିଭିନ୍ନ ଉପକରଣ ଯୋଗାଣ ସମ୍ବନ୍ଧରେ ।

ମହାଶୟ,

ଆପଣଙ୍କ ବିଜ୍ଞପ୍ତି ନଂ ୧୦୯, ତା ୧୨.୯.୧୭ ଅନୁସାରେ ଆମର ବ୍ୟବସାୟିକ ସଂସ୍ଥା ଆପଣଙ୍କ ଅନୁଷ୍ଠାନକୁ ବିଜ୍ଞପ୍ତିରେ ପ୍ରକାଶ ପାଇଥିବା ଆଫିସିକ ସାମଗ୍ରୀମାନ ଅନ୍ୟାନ୍ୟ ବିତରକ ସଂସ୍ଥାଠାରୁ ସୁଲଭ ମୂଲ୍ୟରେ ଯୋଗାଇ ଦେବାକୁ ଆଗ୍ରହ ପ୍ରକାଶ କରୁଛି । ଆମେ ପ୍ରତିଶ୍ରୁତି ଦେଉଛୁ ଯେ, ଜଗଦମ୍ବା ଭେରାଇଟି ଷ୍ଟୋର ନୂତନ ହୋଇ ଖୋଲା ହୋଇଥିଲେ ମଧ୍ୟ, ବର୍ତ୍ତମାନ ନକଲି ବଜାର କାରିବାରଠାରୁ ଏହା ସମ୍ପୂର୍ଣ୍ଣ ମୁକ୍ତ । ଆମ୍ଭେ ଗୁଣାତ୍ମକ ସାମଗ୍ରୀ ଯଥାର୍ଥ ସର୍ତ୍ତ ଓ ମୂଲ୍ୟରେ ଯୋଗାଇ ଦେବୁ । ଜିନିଷଗୁଡ଼ିକ ଆପଣଙ୍କ ଠାରୁ ନିର୍ଦ୍ଦେଶନାମା ପାଇବାର ପାଞ୍ଚଦିନ ମଧ୍ୟରେ ଆପଣଙ୍କ ଭଣ୍ଡାର ରକ୍ଷକଙ୍କ ନିକଟରେ ପହଞ୍ଚିବ । ଏହି ମର୍ମରେ ଆପଣଙ୍କ ବିଜ୍ଞପ୍ତି ଅନୁସାରେ ଏକ ବିତରକ ସର୍ତ୍ତ ଚିଠି ଓ ନମୁନା ଏଥି ସହିତ ପ୍ରେରଣ କଲୁ ।

ଆପଣଙ୍କ ଉପରେ ଯଥେଷ୍ଟ ଆଶା ଓ ଭରସା ରଖୁଛୁ ଯେ, ଆମ ଭେରାଇଟି ଷ୍ଟୋରରୁ ସାମଗ୍ରୀ ଯୋଗାଣ କରିବାର ସୁବିଧା ପ୍ରଦାନ କରି ଆମକୁ ସହଯୋଗ କରିବା ହେବେ ।

ବିଶ୍ୱସ୍ତ ହରିହର ସାହୁ

ଆପଣଙ୍କର

୧୭.୦୯.୨୦୧୭

ଜଗଦମ୍ବା ଭେରାଇଟି ଷ୍ଟୋର

ବିତରକ

ନୂଆବଜାର, ପାରାଦ୍ୱୀପ

## ବିତରଣ ସାମଗ୍ରୀ ସୂଚୀ ଓ ମୂଲ୍ୟ ରୂପରେଖ

| | | | | |
|---|---|---|---|---|
| ୧. | ଜେବ୍ରା ଜେରକ୍ସ ପେପର | ପ୍ୟାକେଟ | : | ୩୦୦ ଟଙ୍କା (ନମୁନା ପ୍ରଦତ୍ତ) |
| ୨. | ରୋଲିଂ ପେନ | ରିମ୍ | : | ୩୫୦ ଟଙ୍କା (ନମୁନା ପ୍ରଦତ୍ତ) |
| ୩. | ଲିଙ୍କ ଡଟ୍‌ପେନ୍ | ଡଜନ୍ | : | ୭୦ ଟଙ୍କା (ନମୁନା ପ୍ରଦତ୍ତ) |
| ୪. | ଜେବ୍ରା ଆଲପିନ୍ | ୧ ଡବା | : | ୧୫ ଟଙ୍କା (ନମୁନା ପ୍ରଦତ୍ତ) |
| ୫. | ପାର୍କର୍ ପେନ୍‌ଷ୍ଟାଣ୍ଡ | ୧ ପିସ୍ | : | ୨୫୦ ଟଙ୍କା (ନମୁନା ପ୍ରଦତ୍ତ) |
| ୬. | ଲିଙ୍କ ରିଫ୍ (କଳା/ନୀଳ/ନାଲି) | ପ୍ରତି ଡଜନ୍ | : | ୩୦ ଟଙ୍କା (ନମୁନା ପ୍ରଦତ୍ତ) |
| ୭. | କ୍ୟାମେଲ୍ ଅଠା | ୨୫୦ ଗ୍ରାମ୍ ବୋତଲ | : | ୨୫ ଟଙ୍କା (ନମୁନା ପ୍ରଦତ୍ତ) |
| ୮. | କ୍ୟାମେଲ୍ ପେନ୍‌ସିଲ୍ | ୧ ଡଜନ୍ | : | ୫୦ ଟଙ୍କା (ନମୁନା ପ୍ରଦତ୍ତ) |
| ୯. | ଅଫିସ୍ ପ୍ୟାଡ୍ | ୧୦୦ ପୃ | : | ୨୫ ଟଙ୍କା (ନମୁନା ପ୍ରଦତ୍ତ) |
| ୧୦. | କଭର ଫାଇଲ | ୨ଟି | : | ୨୦ ଟଙ୍କା (ନମୁନା ପ୍ରଦତ୍ତ) |

# ବ୍ୟକ୍ତିଗତ ପତ୍ର

ମାତୃ ବିୟୋଗ ଘଟିଥିବା ଜନୈକ ବନ୍ଧୁଙ୍କ ନିକଟକୁ ଏକ ସାନ୍ତ୍ୱନାମୂଳକ ପତ୍ର ଲେଖ ।

ଶହୀଦନଗର, ଭୁବନେଶ୍ୱର

ପ୍ରିୟ ଶ୍ରୀକାନ୍ତ,

ତା୨୦.୦୮.୨୦୧୭

ମୋର ଶୁଭେଚ୍ଛା ଜାଣିବୁ । ମଉସା ଓ ଅନ୍ୟ ଗୁରୁଜନଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଓ ସାନମାନଙ୍କୁ ମୋର ସ୍ନେହ ଜଣାଇଦେବୁ । ମୁଁ ଗତକାଲି ଟେଲିଫୋନ୍ ଯୋଗେ ତୁମ ମା'ଙ୍କର ଅକାଳ ବିୟୋଗ ସମ୍ପର୍କରେ ଜାଣିବାକୁ ପାଇଲି । ଏ ଖବର ପାଇବା ପରେ ମୁଁ ଓ ଆମର ପରିବାର ଦୁଃଖରେ ମର୍ମାହତ ହୋଇପଡ଼ିଲେ । ମୁଁ ବିଶ୍ୱାସ କରିପାରିଲି ନାହିଁ ଯେ, ସବୁବେଳେ ଚଳଚଞ୍ଚଳ ଓ କର୍ମପ୍ରବଣ ମଣିଷଟି କିପରି ପରପାରିକୁ ଚାଲିଗଲେ । ବାସ୍ତବରେ ଆମକୁ ଧରି ନେବାକୁ ପଡ଼ିବ, ଜନ୍ମ ଓ ମୃତ୍ୟୁ କାହାରି ହାତରେ ନାହିଁ । ମୃତ୍ୟୁ ଭଳି ସ୍ଥିର ସତ୍ୟକୁ କେହି ଏଡ଼େଇ ଦେଇ ପାରିବେ ନାହିଁ । ସବୁଠାରୁ ଦୁଃଖ ଲାଗୁଛି, ମାଉସୀଙ୍କ ଅନୁପସ୍ଥିତି ମଉସା କିପରି ଚଳିବେ । ତେଣୁ ଏହି ପରିସ୍ଥିତିରେ ତୁମକୁ ସର୍ବଦା ମଉସାଙ୍କ ମାନସିକତା ଉପରେ ନଜର ରଖିବାକୁ ପଡ଼ିବ ।

ମାଉସୀ ଥିଲେ ସ୍ନେହୀ ଓ ଧର୍ମପରାୟଣା । ମୁଁ ଯେତେଥର ଯାଇଛି, ତାଙ୍କର ସ୍ନେହୀ ସ୍ୱଭାବ ମୋତେ ବିଭୋର କରିଦିଏ । ଠିକ୍ ସମୟରେ ମୋ ପାଇଁ, ସବୁ ସଜାଡ଼ି ରଖିଥାନ୍ତି । ପୂଜାପାର୍ବଣରେ ମୁଁ ତୁମ ଘରକୁ ଗଲେ, ସେ ଖୁବ୍ ଆନନ୍ଦିତ ହୁଅନ୍ତି । ସେ କେବଳ ଖାଇବା ପାଇଁ ଯୋଗାଡ଼ କରନ୍ତି ନାହିଁ, ମୋର ଭବିଷ୍ୟତକୁ ନେଇ ସୁପରାମର୍ଶ ଦିଅନ୍ତି । ମାଉସୀଙ୍କ ଖବର ଶୁଣିଲା ପରେ, ମୋର ବାପା ଓ ବୋଉ ତୁମ ଘରକୁ ଯିବାକୁ ଯୋଜନା

କରିଛନ୍ତି । ତୋର ଏଭଳି ଦୁଃଖ ସମୟରେ, ତୋତେ ଧୈର୍ଯ୍ୟ ଧରିବାକୁ ପଡ଼ିବ । କାରଣ ବଡ଼ପୁଅ ହିସାବରେ ତୋତେ ସବୁ କ୍ରିୟାକର୍ମ କରିବାକୁ ହେବ । ମାଉସୀଙ୍କୁ ଶୁଦ୍ଧିକ୍ରିୟାରେ ମୁଁ ନିଶ୍ଚୟ ଯୋଗଦାନ କରିବି । ଆଉ ସବୁ ସାକ୍ଷାତରେ ।

। ଇତି ।

ତୁମର ପ୍ରିୟ ବନ୍ଧୁ

ସୁମନ୍ତ

<u>ଠିକଣା</u>

ପ୍ରେରକ :

ସୁମନ୍ତ ସାମନ୍ତରାୟ

(+୨ ବାଣିଜ୍ୟ), ମହର୍ଷି କଲେଜ

ଭୁବନେଶ୍ୱର, ଖୋର୍ଦ୍ଧା

ପ୍ରାପକ :

ଶ୍ରୀକାନ୍ତ ମହାନ୍ତି

(+୨ ବାଣିଜ୍ୟ), କୁଜଙ୍ଗ କଲେଜ

କୁଜଙ୍ଗ, ଜଗତ୍‌ସିଂହପୁର

# ବୃତ୍ତି ନିମିତ୍ତ

ନିଜର ଆତ୍ମବିବରଣୀ ସଂଯୋଗକରି ନିଯୁକ୍ତି ପାଇଁ, କୌଣସି ସଂସ୍ଥାକୁ ଆବେଦନ ପତ୍ରଟିଏ ଲେଖ ।

ଉ.: ସମ୍ମାନୀୟ ପାରାଦ୍ୱୀପ ବନ୍ଦର ସଞ୍ଚାଳକ, ପାରାଦ୍ୱୀପ, ଜଗତସିଂହପୁର ।

ମହାଶୟ,

ସମ୍ମାନର ସହିତ ଲିଖିତ ଆବେଦନ କରୁଛି ମୁଁ ତା୧୮.୦୮.୨୦୧୭ରିଖ ଦୈନିକ ଓଡ଼ିଆ ସମ୍ବାଦ ପତ୍ରରେ ଜାଣିବାକୁ ପାଇଲି, ଆପଣଙ୍କ କାର୍ଯ୍ୟାଳୟରେ ପାଞ୍ଚଗୋଟି କିରାଣୀ ପଦବୀ ଖାଲି ରହିଛି ଏବଂ ଏହି ପଦବୀ ପାଇଁ ମୁଁ ଆପଣଙ୍କ ନିକଟରେ ଆବେଦନ କରୁଛି । ଉକ୍ତ ପଦବୀ ପାଇଁ ଯେଉଁ ଯୋଗ୍ୟତା ନିର୍ଦ୍ଧାରଣ କରାଯାଇଛି, ସେ ସବୁ ଯୋଗ୍ୟତା ମୋର ରହିଛି । ମୋର ଯୋଗ୍ୟତା ଓ ଚାକିରି ଅଭିଜ୍ଞତାକୁ ବିଚାର କରି, ଆପଣ ମୋତେ ନିଯୁକ୍ତିର ସୁଯୋଗ ଦେଲେ, ମୁଁ ଆପଣଙ୍କ ନିକଟରେ କୃତଜ୍ଞ ରହିବ ।

ଧନ୍ୟବାଦର ସହିତ

ଆପଣଙ୍କର ବିଶ୍ୱସ୍ତ

ସରୋଜ ସାମଲ

ସା/ପୋ : କୁଜଙ୍ଗ, ଜଗତସିଂହପୁର

# ଆତ୍ମବିବରଣୀ

ନାମ : ସରୋଜ ସାମଲ

ପିତାଙ୍କ ନାମ : ସୂର୍ଯ୍ୟକାନ୍ତ ସାମଲ

ଯୋଗ୍ୟତା : ସ୍ନାତକ (କଳା), କମ୍ପ୍ୟୁଟର - ପିଜିଡିସିଏ

ଅଭିଜ୍ଞତା : ଉତ୍କଳ ବିଶ୍ୱବିଦ୍ୟାଳୟରେ କିରାଣୀ ଭାବରେ ତିନିବର୍ଷର ଅଭିଜ୍ଞତା ।

ସ୍ଥାୟୀ ଯୋଗାଯୋଗ ଠିକଣା : ସା/ପୋ - ରଘୁନାଥପୁର, କଟକ

ସଂଯୋଗ ପ୍ରମାଣ ପତ୍ର - (କ) ଏଚ୍.ଏସ୍.ସି. ସାର୍ଟିଫିକେଟ୍ (ଏକକିତା ନକଲ)

(ଖ) +୨ ବିଜ୍ଞାନ ସାର୍ଟିଫିକେଟ (ଏକକିତା ନକଲ)

(ଗ) +୩ ସ୍ନାତକ କଳା ସାର୍ଟିଫିକେଟ (ଏକକିତା ନକଲ)

(ଘ) କମ୍ପ୍ୟୁଟର ଶିକ୍ଷାପ୍ରମାଣ ପତ୍ର (ଏକକିତା ନକଲ)

(ଙ) ଅଭିଜ୍ଞତାର ପ୍ରମାଣ ପତ୍ର (ଏକକିତା ନକଲ)

ମୁଁ ଏତଦ୍ୱାରା ଘୋଷଣା କରୁଛି ଯେ ଆବେଦନ ପତ୍ରର ସମସ୍ତ ତଥ୍ୟ ସହିତ ଯେଉଁ ବିବରଣୀ ମୁଁ ସଂଯୁକ୍ତ କରିଛି ଏହା ମୋର ନିଜସ୍ୱ ଓ ସତ୍ୟ ଅଟେ ।

ସ୍ଥାନ : ରଘୁନାଥ ପୁର ସରୋଜ ସାମଲ

ତା୨୨.୦୮.୨୦୧୭

# ସରକାରୀ କାର୍ଯ୍ୟାଳୟ ସମ୍ବନ୍ଧୀୟ

ତୁମ ଅଞ୍ଚଳରେ ମଶା ଉପଦ୍ରବର ନିରାକରଣ ପାଇଁ, ସେଠାକାର ମେଡ଼ିକାଲ ଅଫିସରଙ୍କୁ ଦରଖାସ୍ତ ଲେଖ ।

ସମ୍ମାନନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ମହାକାଳପଡ଼ା, କେନ୍ଦ୍ରାପଡ଼ା

ବିଷୟ : ମଶା ଉପଦ୍ରବରୁ ରକ୍ଷା ପାଇଁ ନିହିତ ପଦକ୍ଷେପ ନେବାକୁ ପ୍ରାର୍ଥନା ।

ମହାଶୟ,

ନିବେଦନର କାରଣ ଏହିକି ଯେ ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀଗଣ ଗ୍ରାମ- ମଙ୍ଗରାଜପୁର, ପୋ- ଏରସମାର ଅଧିବାସୀ ଅଟୁ । ଆମ୍ଭ ଗ୍ରାମର ଲୋକ ସଂଖ୍ୟା ପ୍ରାୟ ୨୦୦୦ରୁ ଅଧିକ । ଏଠାକାର ପ୍ରାୟ ୯୧% ଲୋକ କୃଷିଜୀବୀ । ଆମ୍ଭ ଗ୍ରାମରେ ମଶାଙ୍କର ଉପଦ୍ରବ ଏତେ ପରିମାଣରେ ବଢ଼ିଯାଇଛି, ଯେ ସନ୍ଧ୍ୟା ହେଲେ ସମସ୍ତେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି । ସୂର୍ଯ୍ୟ ଅସ୍ତ ହେବା ପରେ ପରେ ମଶାମାନଙ୍କ ଦାଉରୁ ରକ୍ଷା ପାଇବା ପାଇଁ, ସମସ୍ତେ ବାଧ ହୋଇ

ମଶାରି ଭିତରେ ରହୁଛନ୍ତି । ପିଲାମାନଙ୍କର ପାଠ ପଢ଼ାରେ ବହୁତ ଅସୁବିଧା ହେଉଛି । ମଶାଙ୍କ ଦୌରାତ୍ମ୍ୟ ଯୋଗୁ ମେଲେରିଆ, ବ୍ରେନ୍ ମେଲେରିଆ, ଫାଇଲେରିଆ, ଡେଙ୍ଗୁ ରୋଗୀଙ୍କର ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏପରିକି ପ୍ରତିଘରେ ମଶାକାମୁଡ଼ା ଜନିତ ରୋଗରେ କେହି କେହି ଶିକାର ହୋଇ, କଷ୍ଟ ଭୋଗୁଛନ୍ତି ।

ବିନୀତ ପ୍ରାର୍ଥନା କରୁ କି ଆମ୍ଭମାନଙ୍କର ଆବେଦନକୁ ଗମ୍ଭୀରତା ସହକାରେ ବିଚାର କରି, ରୋଗନିୟନ୍ତ୍ରଣ ଓ ମଶା ବଂଶ ରୋକିବା ପାଇଁ ଦୃଢ଼ ଓ ସ୍ଥାୟୀ କଲେ ଆମେ ଆପଣଙ୍କ ନିକଟରେ ଚିର କୃତଜ୍ଞ ରହିବୁ ।

। ଇତି ।

ଚଣ୍ଡିଆପଲ୍ଲୀ

ତା୧୪.୦୮.୨୦୧୭

ଆପଣଙ୍କର ବିଶ୍ୱସ୍ତ

ଚଣ୍ଡିଆପଲ୍ଲୀ ଗ୍ରାମବାସୀ ବୃନ୍ଦ

ଦେବୀପ୍ରସନ୍ନ ଦାସ

ନରହରି ମହାରଣା

ଧଡ଼ି ସାମଲ

କୃପାସିନ୍ଧୁ ମଲ୍ଲିକ

ରାଧୁ ବାରିକ

ଭୀମ ସାହୁ

ରାଘବ ମୁକୁଲି

ଖଗେଶ୍ୱର ମିଶ୍ର

# ସାମୟିକ ଛୁଟି ନିମିତ୍ତ ଆବେଦନ ପତ୍ର

ଉ.: ମାନନୀୟ ଶ୍ରୀଯୁକ୍ତ ପ୍ରଧାନ ଶିକ୍ଷକ, ବନବିହାରୀ ଉଚ୍ଚ ବିଦ୍ୟାଳୟ, ନିମାପଡ଼ା

ବିଷୟ : ଦୁଇଦିନ ପାଇଁ ସାମୟିକ ଛୁଟି ମଞ୍ଜୁର କରିବାପାଇଁ ଆବେଦନ

ମହାଶୟ,

ସମ୍ମାନର ସହିତ ଜଣାଉ ଅଛି କି, ମୋର ଆଣ୍ଠୁରେ ଯନ୍ତ୍ରଣା ହେଉଥିବାରୁ ମୁଁ ଚଳପ୍ରଚଳ ହେବାରେ କଷ୍ଟ ଅନୁଭବ କରୁଛି । ଆସନ୍ତା କାଲି ଡାକ୍ତରଙ୍କ ପାଖକୁ ଯିବାପାଇଁ ଯୋଜନା କରୁଛି । ଆସନ୍ତା କାଲି ଡାକ୍ତରଙ୍କ ପାଖକୁ ଯିବାପାଇଁ ଯୋଜନା ରହିଛି । ତେଣୁ ବିଦ୍ୟାଳୟକୁ ଯିବା ମୋ ପକ୍ଷରେ ସମ୍ଭବ ହେବ ନାହିଁ । ଏଥିନିମିତ୍ତ ତା ୧୧.୦୮.୧୭ ଓ ତା ୧୨.୦୮.୧୭ ଦୁଇଦିନ ସାମୟିକ ଛୁଟି ମଞ୍ଜୁର ପାଇଁ ମୁଁ ଆପଣଙ୍କୁ ଅନୁରୋଧ କରୁଅଛି ।

ଆପଣଙ୍କ ଅନୁଗ୍ରହ କରି ଉପରୋକ୍ତ ଦୁଇଦିନ ଛୁଟି ମଞ୍ଜୁର କଲେ, ମୁଁ କୃତଜ୍ଞ ରହିବି ।

। ଇତି ।

ନିମାପଡ଼ା
ତା୦୯.୦୮.୧୭
(ଶନିବାର)

ଆପଣଙ୍କର ବିଶ୍ୱସ୍ତ
ରାଧାମାଧବ ରଥ
ସହକାରୀ ଶିକ୍ଷକ
ବନବିହାରୀ ଉଚ୍ଚବିଦ୍ୟାଳୟ

# ସମ୍ପାଦକଙ୍କୁ ପତ୍ର

## ସାଂସ୍କୃତିକ ପୀଠସ୍ଥଳୀ ପୁରୀର ସୁରକ୍ଷା

ସମ୍ପାଦକ, ସମ୍ବାଦ
ସମ୍ବାଦ କାର୍ଯ୍ୟାଳୟ, ନୟାପଲ୍ଲୀ
ଭୁବନେଶ୍ୱର-୩

ତା ୧୪.୦୯.୨୦୧୭

ମହାଶୟ,

ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର ଭାବରେ ପୁରୀର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ପୁରୀ ଶ୍ରୀଜଗନ୍ନାଥ ଧାମ ହୋଇଥିବାରୁ, ଏଠାରେ ବାରମାସରେ ତେର ପର୍ବ ପାଳିତ ହୁଏ, ଯାହାକି ଧାର୍ମିକ ଦୃଷ୍ଟିରୁ ସମସ୍ତଙ୍କୁ ଆକର୍ଷିତ କରିଥାଏ । ପୁନଶ୍ଚ ସୁନ୍ଦର ବେଳାଭୂମି ରହିଥିବାରୁ, ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଆସି ଏଠାରେ ଛୁଟି କଟାଇଥାନ୍ତି । ପ୍ରାକୃତିକ ଦୃଶ୍ୟ ଓ ଧର୍ମୀୟ ଭାବନା ନେଇ ପୁରୀ ସାଂସ୍କୃତିକ ପୀଠସ୍ଥଳୀ ଭାବରେ ପରିଚିତ ହୋଇଛି ।

ପୁରୀର ଏତେ ସୁନାମ ରହିଥିଲେ ମଧ୍ୟ, ଦୁର୍ବଳ ସୁରକ୍ଷା ବ୍ୟବସ୍ଥାର ସୁଯୋଗ ନେଇ କେତେକ ଅସାମାଜିକ ବ୍ୟକ୍ତି ପର୍ଯ୍ୟଟକମାନଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ଶ୍ରୀମନ୍ଦିରରେ ଭକ୍ତମାନେ କେତେକ ଅସାମାଜିକ ବ୍ୟକ୍ତିମାନଙ୍କ ଦ୍ୱାରା ଲଜ୍ଜାକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ପୁରୀରେ ଏହିଭଳି ଘଟଣା ବଢ଼ିବାରେ ଲାଗିଲେ, ବିଶ୍ୱସ୍ତରରେ ପୁରୀର ଯେଉଁ ସୁନାମ ରହିଛି, ତାହା ନିଶ୍ଚୟ କମିଯିବ ଏଥିରେ ସନ୍ଦେହ ନାହିଁ । ବିଶେଷକରି ଓଡ଼ିଆମାନେ, ଏଥିପାଇଁ ନିନ୍ଦିତ ହେବେ ।

ପୁରୀ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ବିଶେଷକରି ଶ୍ରୀମନ୍ଦିର ପରିସର, ବଡ଼ଦାଣ୍ଡ, ଶ୍ରୀମନ୍ଦିରରୁ ସମୁଦ୍ର ବେଳାଭୂମିକୁ ଯିବା ରାସ୍ତାଗୁଡ଼ିକରେ ପ୍ରଶାସନର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେଲେ, ପୁରୀର ପର୍ଯ୍ୟଟନସ୍ଥଳୀର ମାନ ସୁରକ୍ଷିତ ହେବ । ନଚେତ୍ ପର୍ଯ୍ୟଟକମାନଙ୍କର ପ୍ରଶାସନ ଉପରୁ ଆସ୍ଥା ବିଶ୍ୱାସ ତୁଟିଯିବ । ସରକାରୀ ସ୍ତରରେ ପୁରୀର ସୁରକ୍ଷା ବ୍ୟବସ୍ଥାକୁ ଯଥାର୍ଥ ଭାବେ ପାଳନ କଲେ, ଏହି ସାଂସ୍କୃତିକ କ୍ଷେତ୍ରର ସୁନାମ ବଜାୟ ରହିବ ।

ଆପଣଙ୍କର ବିଶ୍ୱସ୍ତ
ଯଦୁମଣି ମଙ୍ଗରାଜ
ଅବକାଶଲେନ, ପୁରୀ

# (ଖ) ସଂକ୍ଷିପ୍ତ କରଣ

## ଅନୁଚ୍ଛେଦ-୨

(ଅନୁଚ୍ଛେଦଟି 'ସାହିତ୍ୟ ଜ୍ୟୋତି' ପୁସ୍ତକରୁ ପଢ଼ିବାକୁ ହେବ)

**ସମ୍ଭାବ୍ୟ ଉତ୍ତର :**

ଉ.: ଆଜିର ଏ ସଙ୍କଟ ଯୁଗରେ ସମସ୍ତେ ସଙ୍କଟର ସ୍ୱରୂପ ନିର୍ଣ୍ଣୟ କରିବାକୁ ଯାଇ, ନିଜ ନିଜର ଅଭିମତ ଦେଇଥାନ୍ତି । ଫଳରେ କାହାରି ସହିତ କାହାରି ମତର ମେଳ ଖାଏ ନାହିଁ ଓ ନିପାଡ଼ିତ । ଗ୍ରୀକ୍ ଦେଶର Bed of Procrezestes ଗଳ୍ପରେ, ପ୍ରୋକାସ୍‌ଟିସ୍ ନାମଧେୟ ବ୍ୟକ୍ତି ବିଶେଷ ନମ୍ର, ଦରଦୀ ଓ ଅତିଥି ପରାୟଣ ବୋଲି ଜଣାପଡ଼ନ୍ତି । ସେ ସର୍ବଦା ପଥକ୍ଲାନ୍ତ ବ୍ୟକ୍ତିଙ୍କୁ ଖାଦ୍ୟପେୟ ଦେଇ, ସୁନ୍ଦର ବିଛଣାରେ ଶୁଆଇଥାନ୍ତି । ମାତ୍ର ସେହି ଦମ୍ପତି ଅତିଥିଙ୍କୁ ବିଛଣା ଆକାରର କରିବା ପାଇଁ ଟଣାଟଣି ଓ କଟାକଟି କରିଥାନ୍ତି । ଫଳରେ ତାଙ୍କର ଆତିଥ୍ୟରୁ କେହି ଜୀବନଧରି ଫେରନ୍ତି ନାହିଁ । ଅନୁରୂପ ଭାବେ ବର୍ତ୍ତମାନର ସଙ୍କଟର ସ୍ୱରୂପ ନିରୂପିତ କରୁଥିବା ବ୍ୟକ୍ତିର ମତରେ କିଛିଟା ସତ୍ୟତା ରହିଥିଲେ ବି, ନିଜର ମତକୁ ଉତ୍କୃଷ୍ଟ ବୋଲି ପ୍ରମାଣିତ କରିଥାନ୍ତି । ପ୍ରତ୍ୟେକ ଘଟଣା-ଦୁର୍ଘଟଣାର ସ୍ୱମତାନୁସାରୀ ବ୍ୟାଖ୍ୟା ନିମନ୍ତେ ସେ ଅତିରଞ୍ଜିତ କରିବାକୁ ଏବଂ ସାବ୍ୟସ୍ତ ହୋଇନଥିବା ଅଂଶକୁ ବାଦ୍‌ଦେବାକୁ ପଛାନ୍ତି ନାହିଁ । ଫଳରେ ପ୍ରକୃତ ସତ୍ୟ ବିକୃତ ହୋଇ ମିଥ୍ୟା ରୂପ ଧାରଣ କରେ ।

ଶୀର୍ଷକ- ସଙ୍କଟ ନିରାକରଣର ଅପଚେଷ୍ଟା ଓ ପରିଣତି ।

## ଅନୁଚ୍ଛେଦ-୩

(ଅନୁଚ୍ଛେଦଟି 'ସାହିତ୍ୟ ଜ୍ୟୋତି' ପୁସ୍ତକରୁ ପଢ଼ିବାକୁ ହେବ)

**ସମ୍ଭାବ୍ୟ ଉତ୍ତର :**

ମଣିଷର ପ୍ରକୃତି ଏପରି ଯେ, ସେ ବିନା କାରଣରେ କଳିଆ କରିବସେ । କଳିଆ କରିବା ପାଇଁ ସେ ବାହାନା ଖୋଜେ । ସାହିତ୍ୟ କ୍ଷେତ୍ରରେ ଗଦ୍ୟ ବଡ଼ କି ପଦ୍ୟ ବଡ଼, ଗଳ୍ପ ଭଲ କି ଉପନ୍ୟାସ ଭଲ, ଏହାକୁ ତୁଳନା କରି ସେ କଳିଆ ଆରମ୍ଭ କରେ । ମାତ୍ର ଏଭଳି ତୁଳନା ସାର୍ବଜନୀନ ନୁହେଁ, ଏଥିରେ ରହିଥାଏ ବ୍ୟକ୍ତିଗତ ରୁଚିବୋଧ । ଏଭଳି ତୁଳନାରେ ଅନ୍ଧ କାନ ଅପେକ୍ଷା ଆଖିକୁ, ବଧିର ବଧିରତା ଅପେକ୍ଷା ଅନ୍ଧତ୍ୱ ଶ୍ରେୟସ୍କର ମନେକରିବା ନିତାନ୍ତ ଅମୂଳକ । ସାହିତ୍ୟ କ୍ଷେତ୍ରରେ ଗଳ୍ପ ଓ କବିତାର ସ୍ୱତନ୍ତ୍ର ଭୂମିକା ରହିଛି । ଉଭୟଙ୍କର କ୍ଷେତ୍ର ସମ୍ପୂର୍ଣ୍ଣ ଭିନ୍ନ । ଏଥିରୁ ଯେକୌଣସି ଗୋଟିକର ଅଭାବରେ ସାହିତ୍ୟର ଅଙ୍ଗହାନୀ ହୋଇଥାଏ । ସାହିତ୍ୟର ଯେକୌଣସି ଦୁଇ ବିଭାଗ ମଧ୍ୟରେ ତୁଳନା କରି କିଏ ବଡ଼, କିଏ ସାନ ବୋଲି କହିବା ବ୍ୟକ୍ତିଗତ ଦୃଷ୍ଟିଭଙ୍ଗୀ । ଏଭଳି ତୁଳନା ଭିତ୍ତିହୀନ । ସୁତରାଂ କାହାକୁ ମୁଖ୍ୟ ଓ ଗୌଣ ନକରି, ଗୋଟିଏ ବିଭାଗର ସ୍ୱାତନ୍ତ୍ର୍ୟ ପରିସ୍ଫୁଟନ କରାଯାଇପାରେ ।

ଶୀର୍ଷକ- ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରେ ତୁଳନା ।

## ଅନୁଚ୍ଛେଦ-୪

(ଅନୁଚ୍ଛେଦଟି 'ସାହିତ୍ୟ ଜ୍ୟୋତି' ପୁସ୍ତକରୁ ପଢ଼ିବାକୁ ହେବ)

**ସମ୍ଭାବ୍ୟ ଉତ୍ତର :**

ରାଜା ଜଣକ ଗୁଣୀ ଓ ସୁଶାସକ, ହେଲେବି ତାଙ୍କର ଦୁର୍ବଳତା ଥିଲା, ନିଜର ଦର୍ଶନ ଓ ତତ୍ତ୍ୱଜ୍ଞାନକୁ ସେ ଏକମାତ୍ର ସତ୍ୟ ବୋଲି ଧରି ନେଇଥିଲେ । ତାଙ୍କ ପାଖରେ ଖବର ପହଞ୍ଚିଲା, ଦୂର ପ୍ରାନ୍ତରେ ବାସ କରୁଥିବା ସନ୍ୟାସୀଙ୍କର ଭାଗବାନଙ୍କ ସମ୍ପର୍କରେ ଅଭିମତ ସମ୍ପୂର୍ଣ୍ଣ ଭିନ୍ନ । ଅତିଷ୍ଠ ରାଜା, ସନ୍ୟାସୀଙ୍କୁ ରାଜସଭାକୁ ଡକାଇ ଏ ସମ୍ପର୍କରେ କୈଫିୟତ ମାଗିଲେ । ସନ୍ୟାସୀ ଉତ୍ତର ଦେବା ପୂର୍ବରୁ, ରାଜା ଓ ତାଙ୍କ ଚାରିମନ୍ତ୍ରୀଙ୍କ ଠାରୁ ଏକ ସାଧାରଣ ପ୍ରଶ୍ନର ଉତ୍ତର ଜାଣିବାକୁ ଚାହିଁଲେ । ରାଜାଙ୍କ ଅନୁମତି ନେଇ, ସେ ପାଞ୍ଚଖଣ୍ଡି କାଗଜରେ ପ୍ରଶ୍ନ ଲେଖି, ତଳେ ଉତ୍ତର ଲେଖିବାକୁ ସମସ୍ତଙ୍କୁ କହିଲେ । ପ୍ରଶ୍ନଟି ଥିଲା- ମାଟି କ'ଣ ? ସମସ୍ତେ ଉତ୍ତର ଲେଖିଲା ପରେ ଜଣା ପଡ଼ିଲା, ଉତ୍ତରଗୁଡ଼ିକ ଭିନ୍ନ ଥିଲେ ମଧ୍ୟ, ପ୍ରତ୍ୟେକଟି ଠିକ୍ ଥିଲା । ଶେଷରେ ସନ୍ନ୍ୟାସୀ ବୁଝାଇ ଦେଲେ, "ମାଟି କ'ଣ ?" ଭଳି ସାମାନ୍ୟ ପ୍ରଶ୍ନର ଉତ୍ତର ଭିନ୍ନ ହେଲା ଭଳି, ଭଗବାନ୍ କ'ଣ ଭଳି ସାମାନ୍ୟ ପ୍ରଶ୍ନର ଉତ୍ତର ଭିନ୍ନ ହେଲା ଭଳି, ଭଗବାନ୍ କ'ଣ ଭଳି ପରମ ପ୍ରଶ୍ନର ଉତ୍ତର ଭିନ୍ନ ହେବା ସ୍ୱାଭାବିକ । ତେଣୁ ଉଭୟଙ୍କ ମତ ଭିନ୍ନ ହେଲେ ବି, କେହି ଅସତ୍ୟ ନୁହେଁ ।

ଶୀର୍ଷକ- ଭିନ୍ନତା ଅର୍ଥ ଅସତ୍ୟ ନୁହେଁ ।

## ଅନୁଚ୍ଛେଦ-୫

(ଅନୁଚ୍ଛେଦଟି 'ସାହିତ୍ୟ ଜ୍ୟୋତି' ପୁସ୍ତକରୁ ପଢ଼ିବାକୁ ହେବ)

**ସମ୍ଭାବ୍ୟ ଉତ୍ତର :**

ଠାକୁର କୋଇଲି ବୈକୁଣ୍ଠରେ ମହାବିଶ୍ରାମ ନେଲାପରେ ଅଣସର ଘରେ ରହନ୍ତି । ଅଶୌଚ ସମୟ ହୋଇଥିବାରୁ ତେର ଦିନ ଧରି ବିଗ୍ରହମାନଙ୍କର ନୀତି ହୁଏ ନାହିଁ । ଆମେ ଯେଉଁ ଠାକୁରଙ୍କୁ ଦେଖୁ ତାହା ନୂତନ ଦାରୁରେ ନିର୍ମିତ ଅସ୍ଥି ସଦୃଶ ମୂର୍ତ୍ତି । ଅଶୌଚ ସମୟ ସରିଯିବା ପରେ ଦାରୁ ବିଗ୍ରହଙ୍କ ବ୍ରହ୍ମକୋଠରୀରେ ବ୍ରହ୍ମପୋଟଳ ରଖି ନ୍ୟାସ ଦାରୁ ଦେଇ କୋଠରୀକୁ ବନ୍ଦ କରାଯାଏ । ମାଦଳ ପାଞ୍ଜି ଅନୁସାରେ ଠାକୁରଙ୍କ ବିଗ୍ରହର ପୂର୍ଣ୍ଣ ରୂପାୟନ ବେଳେ, ମାନବ ଶରୀରର ସପ୍ତଧାତୁ ପରି ସାତୋଟି ଆବରଣ ଦିଆଯାଏ । ଦାରୁଙ୍କ ଦେହରେ ବୋଳାଯାଉଥିବା ସୁଗନ୍ଧିତ ତେଲ ଅସ୍ଥି ଭିତରେ ରସ ସଦୃଶ ଏବଂ ବନ୍ଧା ଯାଉଥିବା ଲାଲ୍ ପାଟଡ଼ୋର ଶିରା ପ୍ରଶିରା ସଦୃଶ । ଚନ୍ଦନ, କସ୍ତୁରୀ ଓ ଝୁଣାର ବହଳିଆ ପ୍ରଲେପ ଶରୀର ମାଂସ ସଦୃଶ ବିଗ୍ରହଙ୍କ ରୂପାକୃତି ପ୍ରକାଶ କରେ । କେତେ ପରସ୍ତ ଯେଉଁ କନା ପ୍ରଲେପ ଉପରେ ଭିଡ଼ାଯାଏ, ତାହା ଶରୀରର ଚର୍ମ ସଦୃଶ । ଶେଷ ସ୍ତରରେ ଅରୁଆ ଚାଉଳର ବିଶେଷ ପ୍ରଲେପ ଦିଆଯିବା, ଶରୀରର ଶୁକ୍ର ଭାବେ ବିବେଚନା କରାଯାଏ । ଏହାପରେ ଚିତ୍ରକାରମାନେ ପ୍ରାକୃତିକ ରଙ୍ଗରେ ଶ୍ରୀବିଗ୍ରହଙ୍କୁ ରଙ୍ଗାନ୍ତି । ଆଷାଢ଼ ଶୁକ୍ଳପକ୍ଷର ପ୍ରଥମ ଦିନ ବ୍ରାହ୍ମଣମାନେ ଶ୍ରୀ ବିଗ୍ରହର ନେତ୍ର ପିତୁଳାକୁ ଆଙ୍କନ୍ତି । ପରେ ଶ୍ରୀବିଗ୍ରହଙ୍କୁ ଶୁଦ୍ଧପୂତ କରାଇ ସର୍ବସାଧାରଣ ନିମନ୍ତେ ଦର୍ଶନ କରା ହୋଇଥାଏ ଓ ଶୁକ୍ଳ ଦ୍ୱିତୀୟାଦିନ ମହାପ୍ରଭୁଙ୍କ ଘୋଷଯାତ୍ରା କରନ୍ତି ।

ଶୀର୍ଷକ- 'ନବକଳେବର ବିଧି'

# (ଗ) ବ୍ୟାକରଣ

(୧) ରୂଢ଼ିକୁ ବାକ୍ୟରେ ପ୍ରୟୋଗ :

୧. ରୂଢ଼ି ପ୍ରୟୋଗ କହିଲେ କ'ଣ ବୁଝାଯାଏ ?

ଉ.: ଆଭିଧାନିକ ଅର୍ଥ ବା ମୌଳିକ ଅର୍ଥକୁ ନବୁଝାଇ, ଅନ୍ୟ ପ୍ରୟୋଜନୀୟ ଅର୍ଥ ବା ସ୍ୱତନ୍ତ୍ର ଅର୍ଥରେ ପଦଗୁଡ଼ିକ ବାକ୍ୟରେ ବ୍ୟବସ୍ଥିତ ହେଲେ ତାହାକୁ ରୂଢ଼ି କୁହାଯାଏ । ମନର ଭାବକୁ ଚମତ୍କାର ଭାବରେ ବା ସରସ ସୁନ୍ଦର କରି ପ୍ରକାଶ କରିବା ପାଇଁ ରୂଢ଼ି ପ୍ରୟୋଗ କରାଯାଇଥାଏ ।

୨. ନିମ୍ନଲିଖିତ ଅର୍ଥ ପ୍ରକାଶ କରୁଥିବା ରୂଢ଼ିମାନ ଉଲ୍ଲେଖ କରି ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

ଅନ୍ୟ ଉପରେ ଦୋଷ ଲଦିବା (ଅଠ ବୋଳିବା) ଦୁଷ୍ଟ ଲୋକମାନେ ଭୁଲ୍ କାମ କରି ଅନ୍ୟ ମୁଣ୍ଡରେ ଅଠା ବୋଳିଥାନ୍ତି ।

ମୂର୍ଖ ନିକଟରେ ଜ୍ଞାନ ଚର୍ଚ୍ଚା କରିବା (କାଲ ଆଗରେ ମୁଲା ଚୋବାଇବା) ଅଜ୍ଞାନ ବ୍ୟକ୍ତିକୁ ବିଜ୍ଞାନର ଜଟିଳ ତତ୍ତ୍ୱ ବୁଝାଇବା, କାଲ ଆଗରେ ମୂଳା ଚୋବାଇଲା ପରି ।

ଅନୁମାନ କରି କାର୍ଯ୍ୟ କରିବା (ଅନ୍ଧାରରେ ବାଡ଼ି ବୁଲାଇବା)

ଘଟଣାର ମୂଳସୂତ୍ର ନଜାଣି ଅନ୍ଧାରରେ ବାଡ଼ି ବୁଲାଇଲେ କିଛି ଲାଭ ନାହିଁ ।

ଅସମ୍ଭବ ସମ୍ଭବ ହେବା - (ଉଷୁନା ଧାନ ଗଜା ହେବା) - ହରି ଭଳି ଅଳସୁଆ ପିଲା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କରିବା, ଉଷୁନା ଧାନ ଗଜା ହେଲା ଭଳି ।

ବୃଥା ପରିଶ୍ରମ (କୁହୁଡ଼ିରେ ପହଁରିବା) - କୃପଣ ଲୋକକୁ ବୁଝାଇ ଚାନ୍ଦା ପାଇବା ଆଶା କଲେ, କୁହୁଡ଼ିରେ ପହଁରିବା ସହ ସମାନ ।

ଜୀବିକାରେ ବାଧା ଦେବା - (ଖାଇବା ପତରରେ ଧୂଳି ଦେବା) - ଲୋକଙ୍କୁ ଶାସନ କର, ମାତ୍ର କାହାରି ପାଇବା ପତରରେ ଧୂଳି ଦିଅ ନାହିଁ ।

ଧୈର୍ଯ୍ୟ ଧରିବା - (ଛାତିକୁ ପଥର କରିବା) - ପୋଷିଲା ପୁଅ ମଲାପରେ, ବାପା ମାଁ' ଛାତିକୁ ପଥର କରି ବଞ୍ଚିଛନ୍ତି ।

ବୃଥା ଦୋଷ ଦେଖାଇବା - (ଢିରାରୁ ଶିରା କାଢ଼ିବା) - ଘରଭଙ୍ଗା ଲୋକମାନେ ସବୁବେଳେ ଢିରାରୁ ଶିରା କାଢ଼ିଥାନ୍ତି ।

ଦୁର୍ବଳକୁ ମାରି ସବଳକୁ ସାହାଯ୍ୟ କରିବା (ଝିଙ୍କିକା ମାରି ବଣି ପୋଷିବା)

ଆଜିକାଲି ସରକାରୀ ଲୋକମାନେ ଝିଙ୍କିକା ମାରି ବଣି ପୋଷୁଛନ୍ତି ।

ଶକ୍ତିଶାଳୀ ଲୋକ ବିରୁଦ୍ଧରେ ବାହାରିବା - (ବିରାଡ଼ି ବେକରେ ଘଣ୍ଟି ବାନ୍ଧିବା) - ପ୍ରଭାବଶାଳୀ ନେତାଙ୍କ ଭୁଲ୍ ସମସ୍ତେ, କେହି କିଛି କହନ୍ତି ନାହିଁ, ବିରାଡ଼ି ବେକରେ ଘଣ୍ଟା କିଏ ବାନ୍ଧିବ ।

ବିନା ଖର୍ଚ୍ଚରେ ଲାଭ ଉଠାଇବା - (ମାଛ ତେଲ ମାଛରେ ଭାଜିବା) - ମାଧବ କାହାକୁ ଗୋଟିଏ ହେଲେ ପଇସା ଦିଅନ୍ତି ନାହିଁ, ବରଂ ସବୁବେଳେ ମାଛ ତେଲରେ ମାଛ ଭାଜନ୍ତି ।

ଅସହାୟର ସହାୟ - (ଅନ୍ଧର ଲଉଡ଼ି) - ମାତା ଯଶୋଦାଙ୍କର କୃଷ୍ଣ ଥିଲେ ଅନ୍ଧର ଲଉଡ଼ି ।

ମୂଲ୍ୟହୀନ କଥା - (ଅଲଣା କଥା) - ରାସ୍ତା କଡ଼ରେ ଠିଆ ହୋଇ ସାଙ୍ଗଙ୍କ ସହିତ ଅଲଣା କଥା ହେବାରେ କୌଣସି ମୂଲ୍ୟ ନାହିଁ ।

ଜନ୍ମରୁ ସିଆଣିଆ - (ଓଳିଆରୁ ପଡ଼ି ଗଜା) - ଛୋଟ ପିଲାଟି ଯେଉଁଳି କାମ କରୁଛି, ସେଥିରୁ ଜାଣି ହେଉଛି, ସେ ଓଳିଆରୁ ପଡ଼ି ଗଜା ।

ଛଳନା ପୂର୍ଣ୍ଣ ଆଚରଣ - (କୁମ୍ଭୀର କାନ୍ଦଣା) - ନେତାମାନଙ୍କର କୁମ୍ଭୀର କାନ୍ଦଣାରେ କେହି ଭୁଲିଯିବା ଉଚିତ ନୁହେଁ ।

ଅତି ସୁନ୍ଦର - (ଗୋଟିଏ ଚାଉଳରେ ଗଢ଼ା) - ରାଧିକାକୁ ଦେଖି କେହି ବାରିପାରିବେ ନାହିଁ, ସେ ଗୋଟିଏ ଚାଉଳରେ ଗଢ଼ା ।

ଚିକିନିଖି ପରୀକ୍ଷା - (ଛୁଞ୍ଚି ମାଛି ପରୀକ୍ଷା) ଛୁଞ୍ଚିମାଛି ପରୀକ୍ଷା ପରୀକ୍ଷା କଲେ, ସଂସାର ଚଳିବ ନାହିଁ ।

ଆନନ୍ଦର ମୂଳର - (ଜପାମାଳି) - କେଳେ ନୀତିକୁ ଜପାମାଳି କରିଛନ୍ତି ।

କ୍ଷୀଣ ଆଶ୍ରୟ - (ବାଆକୁ ବତା) - ବନ୍ୟା ସମୟରେ ସରକାରୀ ସାହାଯ୍ୟ, ବାଆକୁ ବତା ପରି ।

ଅସମର୍ଥ ବ୍ୟକ୍ତି ହାତରେ ଦାୟିତ୍ୱ ଅର୍ପଣ - (ମାଙ୍କଡ଼ ହାତରେ ଶାଳଗ୍ରାମ) - ଦୁଷ୍ଟରାମ ହାତରେ ପୂଜା ଦାୟିତ୍ୱ ଦେବା, ମାଙ୍କଡ଼ ହାତରେ ଶାଳଗ୍ରାମ ସଦୃଶ ।

୩. 'କ'ସ୍ତମ୍ଭରେ ବିଭିନ୍ନ ରୂଢ଼ି ଓ 'ଖ'ସ୍ତମ୍ଭରେ ବିଭିନ୍ନ ରୂଢ଼ିର ଅର୍ଥ ପ୍ରଦାନ କରାଯାଇଛି ।

ପ୍ରଶ୍ନ-

| 'କ'ସ୍ତମ୍ଭ | 'ଖ'ସ୍ତମ୍ଭ |
|---|---|
| କଟା ଘାରେ ଚୂନ ଦେବା | ଅଯୋଗ୍ୟ ଲୋକ ହାତରେ |
| ହାଟ ମଧ୍ୟେ ବ୍ରହ୍ମଜ୍ଞାନ | ଛୋଟ କଥାକୁ ବଡ଼ କରିବା |
| ଇନ୍ଦ୍ର ଚନ୍ଦ୍ର ନମାନିବା | ଅନ୍ୟ ଉପରେ ଦାୟିତ୍ୱ ଲଦି ଦେଇ ଖସିଯିବା |
| ଆଖି କିଆରିରେ ପଶିବା | ଗର୍ବରେ ସମସ୍ତଙ୍କୁ ବେଖାତିର କରିବା |
| ଛାତିକୁ ପଥର କରିବା | ଯନ୍ତ୍ରଣା ଉପରେ ଯନ୍ତ୍ରଣା ଦେବା |
| ଛେଳି ଗୋଡ଼ରେ ଧାନ ମଳିବା | ଧୈର୍ଯ୍ୟ ଧରିବା |
| ତିଳକୁ ତାଳ କରିବା | ଅନୁପଯୁକ୍ତ ହାତରେ ଜ୍ଞାନ ଚର୍ଚ୍ଚା କରିବା |
| ପରମୁଣ୍ଡରେ ନଡ଼ିଆ ବାଡ଼େଇବା | ଲକ୍ଷ୍ୟ ସ୍ଥିର କରି ନ ପାରିବା |

ଉତ୍ତର : କଟା ଘା'ରେ ଚୂନ ଦେବା

ହାଟ ମଧ୍ୟେ ବ୍ରହ୍ମଜ୍ଞାନ

ଇନ୍ଦ୍ର ଚନ୍ଦ୍ର ନମାନିବା

ଆଖି କିଆରିରେ ବସିବା

ଛାତିକୁ ପଥର କରିବା

ଢେଙ୍କିକୁ ଗୋଡ଼ରେ ଧାନ ମିଳିବା

ତିଳକୁ ତାଳ କରିବା

ପରମୁଣ୍ଡରେ ନଡ଼ିଆ ବାଡ଼େଇବା

ଯନ୍ତ୍ରଣା ଉପରେ ଯନ୍ତ୍ରଣା ଦେବା

ଅନୁପଯୁକ୍ତ ସ୍ଥାନରେ ଜ୍ଞାନ ଚର୍ଚ୍ଚା କରିବା

ଗର୍ବରେ ସମସ୍ତଙ୍କୁ ବେଖାତିର କରିବା

ଲକ୍ଷ୍ୟ ସ୍ଥିର କରି ନ ପାରିବା

ଧୈର୍ଯ୍ୟ ଧରିବା

ଅଯୋଗ୍ୟ ଲୋକହାତରେ କାମ କରାଇବା

ଛୋଟ କଥାକୁ ବଡ଼ କରିବା

ଅନ୍ୟ ଉପରେ ଦାୟିତ୍ୱ ଲଦି ଦେଇ ଖସିଯିବା ।

# ୨. ଏକ ପଦୀକରଣ

ଅନୁଶୀଳନୀ :

୧. ପଢ଼ିବାର ଇଚ୍ଛା - ପିପଠିଷା

ଲାଭ କରିବାକୁ ଇଚ୍ଛା - ଲିପ୍ସା

ଜୟ କରିବାର ଇଚ୍ଛା - ଜିଗୀଷା

ଜାଣିବାର ଇଚ୍ଛା - ଜିଜ୍ଞାସା

ପାଇବାର ଇଚ୍ଛା - ପ୍ରେପ୍ସା

ଭୋଜନର ଇଚ୍ଛା - ବୁଭୁକ୍ଷା

ମୁକ୍ତି ପାଇବାର ଇଚ୍ଛା - ମୁମୁକ୍ଷା

ଯିବାର ଇଚ୍ଛା - ଜିଗ ମିଷା

ମିଳିମିଶି ରହିବାର ଇଚ୍ଛା - ମୀମାଂସା

ବ୍ୟାପୀ ରହିବାର ଇଚ୍ଛା - ବୀପ୍ସା

ସହିବାର ଇଚ୍ଛା - ତିତିକ୍ଷା

ଶୁଣିବାର ଇଚ୍ଛା - ଶୁଶ୍ରୂଷା

ସୃଷ୍ଟି କରିବାର ଇଚ୍ଛା - ସିସୃକ୍ଷା

ପଢ଼ିବାର ଇଚ୍ଛା - ପିପଠିଷା

ତ୍ୟାଗ କରିବାର ଇଚ୍ଛା - ତିତ୍ୟକ୍ଷା/ଜିହାସା

ଶୋଇବାର ଇଚ୍ଛା - ଶିଶୟିଷା ।

୨. ଏକ ପଦରେ ପ୍ରକାଶ କର :

ବିଶ୍ରବାଙ୍କ ପୁତ୍ର – ବୈଶ୍ରବଣ

ସୁମିତ୍ରାଙ୍କ ପୁତ୍ର – ସୌମିତ୍ର

ଭଗିନୀର ପୁତ୍ର – ଭାଗିନେୟ

ପାଣ୍ଡୁଙ୍କର ପୁତ୍ର – ପାଣ୍ଡବ

ଦନୁଙ୍କର ପୁତ୍ର – ଦାନବ

ମୃତଣ୍ଡଙ୍କ ପୁତ୍ର – ମାର୍ତ୍ତଣ୍ଡ

କୁନ୍ତୀଙ୍କର ପୁତ୍ର – କୌନ୍ତେୟ

ଦଶରଥଙ୍କ ପୁତ୍ର – ଦାଶରଥି

ଧନଅଛି ଯାହାର ପୁତ୍ର – ଧନବାନ୍ / ଧନବନ୍ତ

ଅଶ୍ରୁଅଛି ଯାହାର ପୁତ୍ର – ଅଶ୍ରୁଳ

ଗଣ୍ଡି ଅଛି ଯାହାର ପୁତ୍ର – ଗଣ୍ଡିଆ

ମୃତ ହୋଇଛି ପତି ଯାହାର – ମୃତଦାର

ସ୍ମରଣର ଯୋଗ୍ୟ – ସ୍ମରଣୀୟ

ବିଘ୍ନର ଅଭାବ – ନିର୍ବିଘ୍ନ

ଜଳରୁ ଜାତ – ଜଳଜ

ମୂଳରୁ ଚୂଳ ପର୍ଯ୍ୟନ୍ତ – ଆମୂଳ ଚୂଳ

ରୂପର ଯୋଗ୍ୟ – ଅନୁରୂପ

ଚାରିଛକ ମିଶିଛି ଯେଉଁଠି – ଚଉଛକି

ନଈର ମଝି – ମଝି ନଈ

ସମାନ ଗୋତ୍ର ଯାହାର – ସଗୋତ୍ର

ଭୟର ଅଭାବ – ନିର୍ଭୟ

ଜଳ ସମ୍ବନ୍ଧୀୟ – ଜଳୀୟ

ଲୋକ ସମ୍ବନ୍ଧୀୟ – ଲୌକିକ

ଚଇତରେ ଜାତ – ଚଇତି / ଚଇତାଳି

ଖରାରେ କାମ କରେ ଯିଏ – ଖରାଟିଆ

ସମ୍ମାନର ଯୋଗ୍ୟ – ସମ୍ମାନନୀୟ

ଆନନ୍ଦର ଅଭାବ – ନିରାନନ୍ଦ

୩. ଏକ ପଦରେ ପ୍ରକାଶ କର ।

ନିଜକୁ ପଣ୍ଡିତ ମନେ କରେ ଯେ – ପଣ୍ଡିତ ମନ୍ୟ

ଚାରିଭୁଜ ଯାହାର – ଚତୁର୍ଭୁଜ

ସତ୍ୟ କହିବାର ଅଭ୍ୟାସ ଯାହାର – ସତ୍ୟବାଦୀ

ମାନସକୁ ଅତିକ୍ରମ କରି – ଅତି ମାନସ

ଦିନକୁ ଦିନ – ପ୍ରତିଦିନ

ଜଣକୁ ଜଣ – ପ୍ରତିଜଣ

ନାହିଁ ଜ୍ଞାନ ଯାହାର – ଅଜ୍ଞାନ

ନାହିଁ ଅର୍ଥ ଯାହାର – ନିରର୍ଥକ

ନାହିଁ ଦୋଷ ଯାହାର – ନିର୍ଦ୍ଦୋଷ

ଅନ୍ୟ ଆଡ଼େ ମନ ଯାହାର – ଅନ୍ୟମନସ୍କ

ପ୍ରତିଷ୍ଠା ଲାଭ କରିଛନ୍ତି ଯେ – ଲବ୍ଧ ପ୍ରତିଷ୍ଠ

ଗଣିତ ଶାସ୍ତ୍ରରେ ନିପୁଣ – ଗାଣିତିକ / ଗଣିତଜ୍ଞ

କର୍ତ୍ତବ୍ୟ ସ୍ଥିର କରିପାରୁ ନାହିଁ ଯେ – କିଂକର୍ତ୍ତବ୍ୟବିମୂଢ଼

ନାହିଁ ପୁତ୍ର ଯାହାର – ଅପୁତ୍ରକ

ସୂର୍ଯ୍ୟଙ୍କର ଉପାସକ – ସୌର

ତିନିଫଳର ସମାହାର – ତ୍ରିଫଳା

ଯହିଁରେ କର ଦେବାକୁ ପଡ଼େ ନାହିଁ – ନିଷ୍କର

ବିଷ୍ଣୁଙ୍କର ଉପାସକ – ବୈଷ୍ଣବ ।

# ୩. ସମୋଚ୍ଚାରିତ ଭିନ୍ନାର୍ଥ ବୋଧକ ଶବ୍ଦ :

୧. ନିମ୍ନରେ ପ୍ରଦତ୍ତ ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ ।

ଅଣୀ - ସଂଖ୍ୟାବିଶେଷ

ଅସି - ଖଣ୍ଡା / ଖଡ୍ଗ

ଚିର - ସବୁଦିନ / ଗାଛର ଚିଙ୍କ

ଚୀର - ଛିଣ୍ଡା ବସ୍ତ୍ର

କେଶର - ପୁଷ୍ପ ମଧ୍ୟସ୍ଥ କେଶ ସଦୃଶ ଅଂଶ

କେସର - ସିଂହ ବା ଘୋଡ଼ାର ବେକରେ ଥିବା କେଶଗୁଚ୍ଛ

ସର - ପୋଖରୀ / ଦୁଧ ସର

ଶର - ଧନୁଶର

ସୂଚୀ - ଛୁଞ୍ଚି

ଶୁଚି - ପବିତ୍ର

ଅଂଶ - ଭାଗ

ଅଂସ - କାନ୍ଧ

ଚୂଲ - ଚିତାନଳ

ଚୁଲ - ଏକ ଜାତୀୟ ଫୁଲ

କୁଳ - ବଂଶ

କୂଳ - ନଦୀତଟ

ଦ୍ୱିପ - ହାତୀ

ଦ୍ୱୀପ - ଚାରିପଟେ ଜଳଭାଗ ଥିବା ସ୍ଥଳ ଭାଗ

ଶିଳ - ପଥର ଖଣ୍ଡ

ଶୀଳ - ସ୍ୱଭାବ

ଜବ - ବେଗ

ଯବ - ଯବଧାନ

ଜାତ - ଜନ୍ମ ହୋଇଥିବା

ଯାତ - ଯାତ୍ରା / ଉତ୍ସବ

ବଧ - ହତ୍ୟା

ବନ୍ଧ - ବନ୍ଧା

ଚୂଡ଼ା - ଏକ ପ୍ରକାର ଖାଦ୍ୟ (ଧାନରୁ ତିଆରି)

ଚୂଡ଼ା-ମନ୍ଦିରର ଅଗ୍ରଭାଗ ।

ନିତି - ପ୍ରତିଦିନ

ନୀତି - ନିୟମ

ସ୍କନ୍ଦ - କାର୍ତ୍ତିକେୟ

ସ୍କନ୍ଧ - କାନ୍ଧ

ଅଶନ - ଭୋଜନ

ଅସନ - କ୍ଷେପଣ

ତରଣି - ସୂର୍ଯ୍ୟ

ତରଣୀ - ନୌକା

ସ୍ରବଣ - ଝରିବା

ଶ୍ରବଣ - ଶୁଣିବା

ଗୋଲକ - ଗୋଲାକାର ବସ୍ତୁ

ଗୋଲୋକ - ସ୍ୱର୍ଗପୁର

ସ୍ୱାକ୍ଷର - ଦସ୍ତଖତ

ସାକ୍ଷର - ଲେଖିପଢ଼ି ଜାଣିଥିବା ବ୍ୟକ୍ତି

ଶମନ - ଯମ

ସମନ - ଆଦେଶ ପତ୍ର

ପରିଖା - ଗଡ଼ଖାଇ

ପରୀକ୍ଷା - ଦକ୍ଷତା ମାପିବା / ଉତ୍ତମ ରୂପେ ଦେଖିବା

ପ୍ରକାର - ଧରଣର

ପ୍ରକାର - ଜାତି / ଶ୍ରେଣୀ

ପାବନି - ପବନ ପୁତ୍ର / ହନୁମାନ

ପାବନୀ - ପବିତ୍ରକାରିଣୀ

ଅବଦାନ - ମହତ୍ କାମ

ଅବଧାନ - ମନଯୋଗ

ପରିଚ୍ଛେଦ - ଅଧ୍ୟାୟ

ପରିଚ୍ଛଦ - ପୋଷାକ

ଅବହିତ - ନିବିଷ୍ଟ / ମନଯୋଗ

ଅବିହିତ - ଅନୁଚିତ / ଅକରଣୀୟ

ବିଷ - ଜହର

ବିସ - ପଦ୍ମନାଡ଼

ସର୍ଗ-ଅଧ୍ୟାୟ

ସ୍ୱର୍ଗ - ଦେବଲୋକ

ଆଭାସ - ସୂଚନା / ଇଙ୍ଗିତ

ଆଭାଷ - ଭାଷଣ

ସଙ୍କର - ବିଭିନ୍ନ ଜାତିର ମିଶ୍ରଣରେ ଜାତପ୍ରାଣୀ ବା ଉଦ୍ଭିଦ୍

ଶଙ୍କର - ଶିବ

ସୁକର - ସହଜ

ଶୂକର - ଘୁଷୁରି

ଚରିତ୍ର - ନୈତିକ ସ୍ୱଭାବ

ଚରିତ - କଥା / ବିଷୟ

ପ୍ରସାଦ - ଭୋଗ / କୃପା

ପ୍ରାସାଦ - କୋଠାଘର

ନିବାର - ବାରଣ

ନୀବାର - ତୃଣଧାନ୍ୟ ବିଶେଷ

ଅଳିକ - ଲଲାଟ ଦେଶ

ଅଳୀକ - ମିଥ୍ୟା

ବଲ୍ଲବ - ପାଚକ / ରୋଷେୟା

ବଲ୍ଲଭ - ସ୍ୱାମୀ / ପ୍ରିୟ

ଉପାଦାନ - ଉପକରଣ

ଉପାଧାନ - ତକିଆ

ଆବରଣ - ଘୋଡ଼ଣୀ

ଆଭରଣ - ଭୂଷଣ ।

# ୪. ବିପରୀତ ଅର୍ଥବୋଧକ ଶବ୍ଦ :

୧. ନିମ୍ନଲିଖିତ ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।

| ଶବ୍ଦ | ବିପରୀତ ଶବ୍ଦ | ଶବ୍ଦ | ବିପରୀତ ଶବ୍ଦ |
|---|---|---|---|
| ପ୍ରାଚୀନ - | ନବୀନ | ବାସ୍ତବ - | ଅବାସ୍ତବ |
| ଯୁକ୍ତ - | ବିଯୁକ୍ତ | ଅସଲ - | ନକଲ |
| ଅଧମ - | ଉତ୍ତମ | ଅଳସ - | ନିରଳସ |
| ଅଭିଶାପ - | ଆଶୀର୍ବାଦ | ଅନୁରାଗ - | ବିରାଗ |
| ଅନୁଲୋମ - | ପ୍ରତିଲୋମ | ଆକର୍ଷଣ - | ବିକର୍ଷଣ |
| ଆଧୁନିକ - | ପ୍ରାଚୀନ | ଆବାହନ - | ବିସର୍ଜନ |
| ଆରୋହଣ - | ଅବତରଣ | ଉତ୍କର୍ଷ - | ଅପକର୍ଷ |
| ଐହିକ - | ପାରିତ୍ରିକ | କର୍ତ୍ତବ୍ୟ - | ଅକର୍ତ୍ତବ୍ୟ |
| ଚେତନ - | ଅଚେତନ | ପୁରୋହିତ - | ଯଜମାନ |
| ମହାଜନ - | ଖାତକ | କୃତଜ୍ଞ - | ଅକୃତଜ୍ଞ |
| ସଂକୋଚନ - | ପ୍ରସାରଣ | ସ୍ୱାଧୀନ - | ପରାଧୀନ |
| ଲୌକିକ - | ଅଲୌକିକ | ଶୋଚନୀୟ | ଅଶୋଚନୀୟ |
| ଦୋଷୀ - | ନିର୍ଦ୍ଦୋଷ | ଦୂରଦର୍ଶୀ - | ଅଦୂରଦର୍ଶୀ |
| ସାକ୍ଷର - | ନିରକ୍ଷର | ଉଦାର - | ଅନୁଦାର |
| ନିରପେକ୍ଷ - | ସାପେକ୍ଷ | ପ୍ରବୃତ୍ତି - | ନିବୃତ୍ତି |

| | |
|---|---|
| ପୁରସ୍କାର - ତିରସ୍କାର | ଚମଡ୍ରା - ମସ୍କା |
| ପ୍ରାକୃତିକ - କୃତ୍ରିମ | ବ୍ୟବହିତ - ଅବ୍ୟବହିତ |
| ଲୋଭୀ - ନିର୍ଲୋଭ | ସୁନ୍ଦର - ଅସୁନ୍ଦର / କୁତ୍ସିତ |
| କ୍ଷମଣୀୟ - ଅକ୍ଷମଣୀୟ | କ୍ଷୁଦ୍ର - ବୃହତ୍ |
| ସ୍ୱକୀୟା - ପରକୀୟା | ଲାଭ - କ୍ଷତି |
| ସାକାର - ନିରାକାର | ମୂକ - ବାଚାଳ |
| କ୍ଷଣସ୍ଥାୟୀ - ଦୀର୍ଘସ୍ଥାୟୀ | ଭୀମ - କାନ୍ତ |
| ଭକ୍ଷକ - ରକ୍ଷକ | ସଫଳ - ବିଫଳ |
| ଭାବ - ଅଭାବ | ମଫସଲିଆ - ସହରିଆ |
| ବ୍ୟବହିତ - ଅବ୍ୟବହିତ | ପ୍ରତୀତୀ - ପ୍ରୀତୀ |
| ମହଙ୍ଗା - ଶସ୍ତା | ବନ୍ଧନ - ମୁକ୍ତ |
| ଉଆଁସ - ପୁନିଅଁ | ବିକ୍ରେତା - କ୍ରେତା |
| ବାୟା - ମୁତ୍ତରି | ରୋଗୀ - ନିରୋଗ |
| ନିଯୋଗ - ବିଯୋଗ | ସାମୟିକ - ଚିରନ୍ତନ |
| ଲବ - ହର | ସାମରିକ - ବେସାମରିକ |

# ୫. ଭ୍ରମ ସଂଶୋଧନ :

୧. ନିମ୍ନ ପ୍ରଦତ୍ତ ଅଶୁଦ୍ଧ ଶବ୍ଦଗୁଡ଼ିକର ଶୁଦ୍ଧ ରୂପ ଲେଖ ।

| ଅଶୁଦ୍ଧ ଶବ୍ଦ | ଶୁଦ୍ଧ ରୂପ | ଅଶୁଦ୍ଧ ଶବ୍ଦ | ଶୁଦ୍ଧ ରୂପ |
|---|---|---|---|
| ସ୍ମରଣୀୟ - | ସ୍ମରଣୀୟ | ଭୌଗୋଳିକ - | ଭୌଗଳିକ |
| ନମାସ୍କାର - | ନମସ୍କାର | ଦାରିଦ୍ର୍ୟତା - | ଦାରିଦ୍ର୍ୟ / ଦରିଦ୍ରତା |
| ଦିବାରାତ୍ରି - | ଦିବାରାତ୍ର | ସ୍ମରଣିୟ - | ସ୍ମରଣୀୟ |
| ଆମଦାନୀ - | ଆମଦାନି | ଅପରାହ୍ନ - | ଅପରାହ୍ନ |
| ମନୋନିତ - | ମନୋନୀତ | ହୃଷିକେସ - | ହୃଷୀକେଶ |

୨. ନିମ୍ନପ୍ରଦତ୍ତ ଶବ୍ଦଗୁଡ଼ିକରୁ କେଉଁଗୁଡ଼ିକ ଶୁଦ୍ଧ ଶବ୍ଦ, ଚିହ୍ନାଅ ।

ଆବିଷ୍କାର, ପର୍ବପର୍ବାଣୀ, ମଧ୍ୟରାତ୍ର, ଦାୟିତ୍ୱ, ଜୀବାଣୁ, ସ୍ୱଭାବିକ, ସ୍ୱୀକାର, ସରିସୃପ

ଉ.: ଆବିଷ୍କାର, ମଧ୍ୟରାତ୍ର, ଦାୟିତ୍ୱ, ଜୀବାଣୁ, ସ୍ୱୀକାର ।

୩. ନିମ୍ନପ୍ରଦତ୍ତ ଶବ୍ଦଗୁଡ଼ିକ ମଧ୍ୟରୁ ଅଶୁଦ୍ଧ ଶବ୍ଦଗୁଡ଼ିକୁ ପୃଥକ ଭାବରେ ବାଛି ଲେଖ ।

ପରିଚ୍ଛଦ, ତପସ୍ୱିନୀ, ପୁଷ୍ପାଞ୍ଜଳି, ପାବନୀ, ପାଚେରୀ, ପରିଚ୍ଛେଦ, ବିଶ୍ୱଜନିତ, ଅଭିଶେକ, ମଧ୍ୟରାତ୍ରି, ପାତିବ୍ରଣ, ନିର୍ଦ୍ଦୋଷୀ, ମହାରାଜ ।

ଉ.: ପାଚେରୀ, ବିଶ୍ୱଜନିନ, ଅଭିଷେକ, ମଧ୍ୟରାତ୍ରି, ପାତିବ୍ରତା, ନିର୍ଦ୍ଦୋଷୀ, ମହାରାଜା ।

**Copy right reserved by**
**COUNCIL OF HIGHER SECONDARY EDUCATION**
ODISHA, BHUBANESWAR

*Printed at :*
**ODISHA STATE BUREAU OF TEXTBOOK PREPARATION & PRODUCTION**
Pustak Bhawan, BHUBANESWAR